# ଧରିତ୍ରୀ
DHARITRI



ସମ୍ବଲପୁର, ବୁଧବାର, ଜୁନ୍ ୫/୨୦୧୯ (୨୦ ପୃଷ୍ଠା) | Sambalpur, Wednesday, June 5 / 2019 | ★★

୧୫ଶ ଭାଗ ୧୬୮ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୫/-




## କୋଣ୍ଟା ସେମିଫାଇନାଲରେ

ଦୀର୍ଘ ୩୭ ବର୍ଷ ବ୍ୟବଧାନରେ ଜୋହାନା କୋଣ୍ଟା ବ୍ରିଟିଶ ମହିଳା ଖେଳାଳି ଭାବେ ଫ୍ରେଞ୍ଚ ଓପନ ଟେନିସ ସେମିଫାଇନାଲରେ ପ୍ରବେଶ କରିଛନ୍ତି।

୨୦ | ୦୯

## 'ସୂର୍ଯ୍ୟବଂଶୀ'ରେ ଅକ୍ଷୟ କୁମାରଙ୍କ ଷ୍ଟଣ୍ଟ୍

ବଲିଉଡ୍ ଷ୍ଟାର ଅକ୍ଷୟ କୁମାର ବର୍ତ୍ତମାନ ଥାଇଲାଣ୍ଡର ରାଜଧାନୀ ବ୍ୟାଙ୍କକ୍‌ରେ 'ସୂର୍ଯ୍ୟବଂଶୀ'ରେ ଷ୍ଟଣ୍ଟ୍ ଶୁଟିଂରେ ବ୍ୟସ୍ତ ।



# ଘାତକ ହେଉଛି ସହରାଞ୍ଚଳ ପ୍ରଦୂଷଣ

- ଉଦ୍‌ବେଗ ପ୍ରକାଶ କଲେ ଏନ୍‌ଜିଟି
- ଦୀର୍ଘ ମିଆଦୀ ଯୋଜନା କରିବାକୁ ନିର୍ଦ୍ଦେଶ
- ପ୍ରଦୂଷଣ ବଳୟରେ ୬ ସହର
- ଭୁବନେଶ୍ୱର ଆଗରେ
- ରୋକିବାକୁ ପ୍ରସ୍ତୁତ ହେଲା ଆକ୍ସନ ପ୍ଲାନ

ଭୁବନେଶ୍ୱର, ୪।୬(ବ୍ୟୁରୋ)

ବଡ଼ ବଡ଼ ସହରରେ ଏବେ ନିଃଶ୍ୱାସ ପ୍ରଶ୍ୱାସ ନେବା ପ୍ରାଣଘାତକ ହେଲାଣି। ସହରାଞ୍ଚଳରେ ଆଉ ବିଶୁଦ୍ଧ ବାୟୁ ଟିକେ ମିଳିବ ନାହିଁ। ହୁ ହୁ ହୋଇ ବୃଦ୍ଧି ପାଉଥିବା ମୋଟର ଯାନ ବ୍ୟବହାର ଶ୍ୱାସ ରୁନ୍ଧି ଦେଲାଭଳି ପରିସ୍ଥିତି ସୃଷ୍ଟି କଲାଣି। ନିକଟରେ ରାଜଧାନୀ ଦିଲ୍ଲୀରେ ଅତ୍ୟଧିକ ବାୟୁ ପ୍ରଦୂଷଣକୁ ନେଇ ସମଗ୍ର ଦେଶରେ ଚର୍ଚ୍ଚା ହୋଇଥିଲା। କେବଳ ଦିଲ୍ଲୀ ନୁହେଁ ଦେଶର ୧୦୨ଟି ସହର ପ୍ରଦୂଷଣର ବିଷାକ୍ତ ବଳୟ ମଧ୍ୟକୁ ଚାଲି ଯାଇଛି। ଓଡ଼ିଶାର କେତେକ ସହର ମଧ୍ୟ ଏଥିରୁ ବାଦ ପଡ଼ି ନାହାନ୍ତି। ଯାନବାହନ, ଶିଳ୍ପାଞ୍ଚଳ, କଠିନ ବର୍ଜ୍ୟବସ୍ତୁ ପୋଡ଼ିବା ପରେ ସେଥିରୁ ନିର୍ଗତ ଧୂଆଁ ଯୋଗୁ ସହରାଞ୍ଚଳରେ ପ୍ରଦୂଷଣ ମାତ୍ରା ବୃଦ୍ଧି ପାଉଛି। ରାଜ୍ୟର ଭୁବନେଶ୍ୱର ସମେତ କଟକ, ଅନୁଗୋଳ, ତାଳଚେର, ବାଲେଶ୍ୱର ଏବଂ ରାଉରକେଲା ଆଦି ୬ଟି ସହର ପ୍ରଦୂଷଣ ଜ୍ୱାଳାରେ ଛଟ ପଟ ହେଉଛି। ସେଣ୍ଟର ଫର ସାଇନ୍ସ ଆଣ୍ଡ ଏନଭାଇରନ୍‌ମେଣ୍ଟ ଦ୍ୱାରା କରାଯାଇଥିବା ସର୍ଭେରୁ ଏଭଳି ତଥ୍ୟ ପଦାକୁ ଆସିଛି।

ସମଗ୍ର ଦେଶରେ ସହରାଞ୍ଚଳର ପରିବେଶକୁ ନେଇ ଜାତୀୟ ଗ୍ରୀନ୍



ଟ୍ରିବ୍ୟୁନାଲ(ଏନ୍‌ଜିଟି) ଉଦ୍‌ବେଗ ପ୍ରକାଶ କରିଛନ୍ତି। ରାଜ୍ୟ ସରକାର କିମ୍ବା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼(ଏସ୍‌ପିସିବି) ଏ ଦିଗରେ ଆବଶ୍ୟକୀୟ ପଦକ୍ଷେପ ନେଉ ନ ଥିବାରୁ ଗୋଟିଏ ପରେ ଗୋଟିଏ ସହର ପ୍ରଦୂଷଣ ବଳୟ ଭିତରକୁ ଚାଲି ଯାଉଛି। ସାଧାରଣତଃ ବାୟୁରେ ୧୦ମାଇକ୍ରନରୁ କମ୍ ଧୂଳିକଣା ଓ ପ୍ରଦୂଷିତ ଦ୍ରବ୍ୟ ରହିବା କଥା। ମାତ୍ର ଏହି ସହରାଞ୍ଚଳଗୁଡ଼ିକରେ ଯଥେଷ୍ଟ ଅଧିକ ରହିଛି। ମିଳିଥିବା ସୂଚନାନୁଯାୟୀ ଭୁବନେଶ୍ୱରରେ ବାୟୁ ପ୍ରଦୂଷଣ ହାର ୩୬ ପ୍ରତିଶତ ଅଧିକ

☞ପୃଷ୍ଠା–୧୪

## ଅଙ୍ଗାରକାମ୍ଳଠାରୁ ୩୪ ଗୁଣ ଖରାପ ପ୍ରଭାବ ପକାଇଛି ମିଥେନ

କଟକ ଅଫିସ,୪।୬

ପ୍ରାକୃତିକ ବିବର୍ତ୍ତନ ଓ ପରିବେଶ ଅସନ୍ତୁଳନ ଏବେ ଜୀବଜଗତ ପ୍ରତି ଭୟଙ୍କର ବିପଦକୁ ଆମନ୍ତ୍ରଣ କରୁଛି। ସମ୍ପ୍ରତି ଫନୀକୁ ଦେଖିଲେ ଏହି ବାତ୍ୟା ଅନେକ ବାଲି ଓ ବାଲିକଣା ବୋହି ଆଣିଛି। ଏହି ବାଲିକଣାରେ ଅଙ୍ଗାରକାମ୍ଳ, ମିଥେନ ଭଳି ମାରାତ୍ମକ ପଦାର୍ଥ ଭରି ରହିଛି, ଯାହା ଜୀବଜଗତ ପାଇଁ ଅଭୂତ କ୍ଷତି ପହଞ୍ଚାଉଛି ବୋଲି ପରିବେଶ ବିଜ୍ଞାନୀମାନେ ଆକଳନ କରିଛନ୍ତି। ଜାତୀୟ ଧାନ ଗବେଷଣା କେନ୍ଦ୍ରର ପ୍ରାକ୍ତନ ପ୍ରଧାନ ବୈଜ୍ଞାନିକ ଡ. ସଂଗ୍ରାମ କେଶରୀ ନାୟକ କୁହନ୍ତି, ସମ୍ପ୍ରତି ବିଶ୍ୱରେ ୯୨ ପ୍ରତିଶତ ଲୋକ ସୁସ୍ଥ ବାୟୁ ପାଇବାରୁ ବଞ୍ଚିତ ହେଉଛନ୍ତି। ଏପରିକି ବାୟୁ ପ୍ରଦୂଷଣକୁ ରୋକିବା ପାଇଁ ବିଶ୍ୱ ଅର୍ଥନୀତିକୁ ପ୍ରତିବର୍ଷ ୫ ଟ୍ରିଲିୟନ ଟଙ୍କା ଖର୍ଚ୍ଚ କରିବାକୁ ପଡୁଛି। ଗୃହପାଳିତ ପଶୁ ଯଥା ଛେଳି, ମେଣ୍ଢା, ଗାଈ ଓ ମଇଁଷି ଆଦି ପ୍ରାଣୀ ଖାଦ୍ୟ ପାଚନକ୍ରିୟା ସମୟରେ ସେଥିରୁ ମିଥେନ ନିର୍ଗତ ହୋଇଥାଏ। ଏହାବାଦ ଧାନକ୍ଷେତରୁ ମଧ୍ୟ ମିଥେନ ବାହାରୁଥିବାବେଳେ ତାହା ସବୁଜ ବଳୟ

### ବିଷ ବଳୟରେ ବାୟୁମଣ୍ଡଳ

- ଫନୀ ଦ୍ୱାରା ପ୍ରଦୂଷିତ ହୋଇଛି ବାୟୁମଣ୍ଡଳ
- ବିଶ୍ୱର ୯୨% ଲୋକ ସୁସ୍ଥ ବାୟୁ ପାଇବାରୁ ବଞ୍ଚିତ
- ବାୟୁ ପ୍ରଦୂଷଣ ରୋକିବାକୁ ପ୍ରତିବର୍ଷ ୫ ଟ୍ରିଲିୟନ ଟଙ୍କା ଖର୍ଚ୍ଚ ହେଉଛି

ଜରିଆରେ ପରିବେଶକୁ ପ୍ରଭାବିତ କରୁଛି। ଗତ ୧୦୦ ବର୍ଷ ମଧ୍ୟରେ ଅଙ୍ଗାରକାମ୍ଳଠାରୁ ମିଥେନ ୩୪ ଗୁଣ ଭୟଙ୍କର ଖରାପ ପ୍ରଭାବ ବାୟୁମଣ୍ଡଳ ଉପରେ ପକାଇଛି। ସମ୍ପ୍ରତି ସମଗ୍ର ବିଶ୍ୱର ୧୯୩ ଦେଶ ମଧ୍ୟରୁ ୧୬୬ ଦେଶ ସହରାଞ୍ଚଳ ଆବର୍ଜନା ଓ ଶସ୍ୟ କ୍ଷେତକୁ ପୋଡୁଛନ୍ତି। ଫଳରେ ଏଥିରୁ ମିଥେନ ନିର୍ଗତ ହୋଇ ବାୟୁମଣ୍ଡଳକୁ ପ୍ରଦୂଷିତ କରୁଛି। ଏହିସବୁ ଆବର୍ଜନା କିମ୍ବା ଧାନ କ୍ଷେତ (ନଡ଼ା)କୁ ପୋଡ଼ିବା ଅନୁଚିତ।

☞ପୃଷ୍ଠା–୧୪

■ ବଦଳିବ ଜମ୍ମୁ-କଶ୍ମୀର ନିର୍ବାଚନୀ ମାନଚିତ୍ର

## ସୀମା ପୁନଃ ନିର୍ଦ୍ଧାରଣ ପାଇଁ ଶାହଙ୍କ ମନ୍ତ୍ରଣା

### କେନ୍ଦ୍ରର ଯୋଜନା




- ସ୍ୱରାଷ୍ଟ୍ରମନ୍ତ୍ରୀ- ରାଜ୍ୟପାଳଙ୍କ ରୁଦ୍ଧଦ୍ୱାର ବୈଠକ
- ଜମ୍ମୁ ଅଞ୍ଚଳକୁ ମିଳିବ ଅଧିକ ପ୍ରତିନିଧିତ୍ୱ
- ହିନ୍ଦୁ ମୁଖ୍ୟମନ୍ତ୍ରୀ ନିଯୁକ୍ତି ପାଇଁ ପରିଷ୍କାର ହେବ ପଥ

ନୂଆଦିଲ୍ଲୀ, ୪।୬ (ଆଇଏଏନ୍‌ଏସ୍)

ରାଷ୍ଟ୍ରପତି ଶାସନ ଅଧୀନରେ ଥିବା ଜମ୍ମୁ-କଶ୍ମୀରରେ ଆରମ୍ଭ ହୋଇଛି କେନ୍ଦ୍ରର ଦ୍ୱିତୀୟ ପାଳି ମୋଦି ସରକାରଙ୍କ ନୂଆ ପ୍ରୟୋଗ। ଉପତ୍ୟକାର ପୁନଃ ସୀମା ନିର୍ଦ୍ଧାରଣ ଲାଗି ଚାଲିଛି ମନ୍ତ୍ରଣା। ଗଢ଼ାହେବ ନୂଆ ଡିଲିମିଟେଶନ୍ କମିଶନ। ଜମ୍ମୁକୁ ମିଳିବ ଅଧିକ ପ୍ରତିନିଧିତ୍ୱ ଓ ରାଜ୍ୟରେ ହିନ୍ଦୁ ମୁଖ୍ୟମନ୍ତ୍ରୀ ନିଯୁକ୍ତି ପାଇଁ ପରିଷ୍କାର ହେବ ପଥ। ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହ, ଜମ୍ମୁ-କଶ୍ମୀର ରାଜ୍ୟପାଳ ସତ୍ୟପାଲ ସିଂ ଏବଂ ଗୋଇନ୍ଦା ବ୍ୟୁରୋ (ଆଇବି) ମୁଖ୍ୟ ରାଜୀବ ଜୈନ ଏଥିଲାଗି ବିଚାରବିମର୍ଶ କରିଥିବା ଜଣାପଡ଼ିଛି।

ନୂଆଦିଲ୍ଲୀରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ଏକ ରୁଦ୍ଧଦ୍ୱାର ବୈଠକ ଅନୁଷ୍ଠିତ ହୋଇଛି। ଜମ୍ମୁ ଅଞ୍ଚଳରୁ ଜମ୍ମୁ-କଶ୍ମୀର ବିଧାନସଭାରେ ଅଧିକ ପ୍ରତିନିଧିତ୍ୱ ପାଇଁ ଏଥିରେ ବିଚାର କରାଯାଇଛି। ରାଜ୍ୟରେ ପୁନଃ ସୀମା ନିର୍ଦ୍ଧାରଣ ପାଇଁ ପୂର୍ବରୁ ରହିଥିବା କଟକଣାକୁ

☞ପୃଷ୍ଠା–୧୪

### ଆଜିର ସମ୍ପାଦକୀୟ

ଭୁଶୁଣ୍ଡିଲା ମେଣ୍ଟ

### ଆଜିର ମନ୍ତବ୍ୟ

" ଜେଡିୟୁ ଅଧ୍ୟକ୍ଷ ନୀତୀଶ କୁମାର ବିରୋଧୀ ମହାମେଣ୍ଟକୁ ଫେରିଲେ କିଛି ଆପତ୍ତି ନାହିଁ।
-ରାବ୍ରୀ ଦେବୀ, ବିହାରର ପୂର୍ବତନ ମୁଖ୍ୟମନ୍ତ୍ରୀ


AIMS COLLEGE SAMBALPUR
FULLY RESIDENTIAL +2 & +3 Sc. COLLEGE
For e-admission: College Code- 28085307
(JHARSUGUDA HIGHWAY) PARDHIAPALI, SAMBALPUR



For Admission please Contact: 7873006705, 7873006725, 7978326206, 7873006711, 7381026700
E-mail: aims.sambalpur@gmail.com
website: www.aimscollegesambalpur.com

"Hurry Up" Admission Open
AIT
ASHA INSTITUTE OF TECHNOLOGY
100% Results
This course is approved by govt. of Odisha
B.Ed
10th +2 Arts Science Commerce
BA, BSc., B.Com. M.Com., MA, MSC, BSW, MSW, DCA, PGDCA
Failed & Discontinued students don't worry continue your studies
Contact:- 9178713912, 9178713934
Franchise Contact:- 9439820889
Address- Panchayat College Road, Near Naka Chowk, Bargarh


NECC NATIONAL EGG CO-ORDINATION COMMITTEE 04.06.2019 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 104 | 163 | 173 |
| CTC | 104 | 163 | 173 |
| DKL | 102 | 161 | 171 |
| BDK | 102 | 161 | 171 |
| BLS | 102 | 161 | 171 |
| ANG | 102 | 161 | 171 |

*Conditions Apply

Eggs Retail Price- 39/-Dozen
Issued in the Interest of Consumers


CHSE 2019 ଟପ୍ପର ତାଲିକାରେ ଜୁପିଟରର ଛାତ୍ରଛାତ୍ରୀ

ଓଡିଶାର୍ ପ୍ରାୟ ୧୩୦୦ ସ୍କୁଲରୁ ମାତ୍ର ୨୯ଟି ସ୍କୁଲରେ ପରୀକ୍ଷାଫଳ ଶତ-ପ୍ରତିଶତ ହୋଇଛି। ସେହି ୨୯ଟି ସ୍କୁଲ୍ ଭିତରେ ଜୁପିଟରର୍ ୨ଟି ଅନ୍ତର୍ଭୁକ୍ତ ।
୯୦% ରୁ ଅଧିକ ରଖିଥିବା ୬୦ ଜଣଙ୍କ ମଧ୍ୟରେ ଜୁପିଟରର ଅଛନ୍ତି ୪ ଜଣ।

ଅଂଶୁମାନ କର ଓଡିଶାର ତୃତୀୟ ସ୍ଥାନ (ପ୍ରଥମ ହୋଇଥିବା ଛାତ୍ର ଠାରୁ ମାତ୍ର ୨ ମାର୍କ କମ୍)



557 ANSHUMAN KAR | 551 NEHA AGRAWAL | 541 IPSITA DASH | 540 SOUMYAKANTA MAHARANA

୫୦୦ ରୁ ଅଧିକ ରଖିଥିବା ଛାତ୍ରଛାତ୍ରୀ

SK AFROZ ALAM QUADRI(372MA043)MUSTAFAPUR, DHAMNAGAR, BHADRAK-532, RISHABDEB BARIK(372MA028)ANANDPUR, KEONJHAR-530, RASHMITA GHOSH(332MZ002)JALESWAR, BALASORE-529, PRANJAL KUMAR PANDA(372MA004)KULLADA, GANJAM-529, PRABIN BAWALI(372MA040)PULIMETLA, MALKANGIRI-526, HIMANSHU SAHU(372MA126)DEOGAON, POLOSARA, GANJAM-523, ARATI PATRO(332MZ036)BRAHAMPUR, GANJAM-521, ABHILIPSA PARIDA(332MZ147)KORAPUT, KORAPUT-520, SOUMYA PRIYADARSHINI(332MZ008)MUNIGUDA, RAYAGADA-520, JYOTIREKHA MAHARANA(332MZ029)SAKHIGOPAL, PURI-519, PRATYASHA MOHANTY(332MZ013) J. S. PUR, -519, SWAPNA RANI MALLICK(372MA355)JAJPUR, JAJPUR-518, SHILPITA DAS(332MZ202)CUTTACK, CUTTACK-516, SHAKTI UPASANA SAHOO(332MZ066)GOPINATHPUR, CUTTACK-516, JYOTIRADITYA DASH(372MA008)MADHYAKHANDI, KENDRAPARA-514, SHUBHRA JYOTI SAHOO(332MZ019)BHUBANESWAR, BBSR-513, ARIJIT PANDA(372MA016)NANDIPUR SASAN, JAJPUR-512, AKANKSHYA SAHOO(332MZ204)AUL, KENDRAPARA-510, SWAYAN SAFALYA SAHOO(372MA009)ERASAMA, JAGATSINGHPUR-510, SIBASISH MOHAPATRA(372MA041)RUDHUNGA, BALASORE-510, BISWARANJAN PATRA(372MA017)BARAGADIA, JAJPUR-510, PRAJNA PARAMITA BISWAL(332MZ053)BHUBANESWAR, BBSR-509, AKANKSHYA PRIYADARSHINI(332MZ201)BALUGAON, KHURDA-509, ROJALIN PRATIHARI(332MZ017)BHUBANESWAR, BBSR-509, SUDIP CHOUDHURY(372MA021)MARSHAGHAI, KENDRAPARA-509, SHREYAN SOUNDARYA MOHAPATRA(372MA121)KAMALANGA, DHENKANAL-509, TANMAYA KUMAR SAHOO(372MA007)BADMAL, BOLANGIR-508, KUMAR SANGRAM KESHARI(372MA172)MANSINGHPUR, TANGI, KHURDA-508, LUCKY RANJAN GOUDIA(372MA100)SIRJAPALI, KESINGA, KALAHANDI-507, MONALI MONALISHA SAHOO(332MZ106)BHUBANESWAR, BBSR-505, ANKITA MISHRA(372MA290)KORAPUT -504, MIMANSA MOHANTY(332MZ003)BONAI GARH, SUNDARGARH-504, NANDINI ROUT(370MZ010)KUJANGA, J. S. PUR-504, ABHIPSA SAHOO(332MZ051)PURI, PURI-503, RASHMIREKHA SAHOO(372MA190)PARADIP, J. S. PUR-503, OUM PRASAD KAR(372MA089)BAUNSHAGADIA, ODAGAON, NAYAGARH-503, GANESWAR GADTIA(372MA084)RUPRA, KESINGA, KALAHANDI-502, ANKIT GHADAI(372MA022)SIRTOL, NUAPADA-502, SNEHASHISA SUBUDHIRATNA(372MA259)RAMPUR, BALUGAON, KHURDA-502, SAMBIT KUMAR OJHA(372MA030)BALIPAL, GHASIPURA, KEONJHAR-501

2017, 2018



SONALI DASH
Neet ୨୦୧୭ ରେ ସାରା ଓଡିଶାରେ ୩ୟ ତଥା ଝିଅ ମାନଙ୍କ ମଧ୍ୟରେ ପ୍ରଥମ (university college of Medical science, New delhi ରେ ଅଧୁନା ଶିକ୍ଷାରତ)



540/600 SAMBID ANAND BHARADWAJ | 548/600 DEBIDUTTA MOHAPATRA | 545/600 MANAS RANJAN DASH | 545/600 ARIJIT PARIDA | 542/600 ASHLESHA RATH

ଜୁପିଟର ଛାତ୍ରଛାତ୍ରୀ କେବଳ କାଉନ୍‌ସିଲ୍ ପରୀକ୍ଷା ନୁହେଁ, ବିଭିନ୍ନ ପ୍ରବେଶିକା ପରୀକ୍ଷାରେ ମଧ ବର୍ଷ ବର୍ଷ ଧରି ଉତ୍କର୍ଷତା ପ୍ରତିପାଦନ କରି ଚାଲିଛନ୍ତି। ଫଳ ସ୍ୱରୂପ ଆମର ଅନେକ ପୁରାତନ ଛାତ୍ରଛାତ୍ରୀ ବିଭିନ୍ନ ମର୍ଯ୍ୟାଦାଜନକ ପଦ ପଦବୀରେ ଅବସ୍ଥାପିତ। ଅନେକ ଶିକ୍ଷାର୍ଥୀ ବର୍ତ୍ତମାନ ବିଭିନ୍ନ ପ୍ରତିଷ୍ଠିତ ମେଡିକାଲ୍ ଓ ଇଂଜିନିୟର କଲେଜରେ ଶିକ୍ଷାରତ। ସେମାନଙ୍କ ମଧ୍ୟରୁ କିଛି ଜଣ ହେଲେ



BIKRAM MEHER SCB, CUTTACK | KOUSIK SUVASATWA SCB, CUTTACK | MOHIT KU. DWIBEDI SCB, CUTTACK | ABHISHEK SATAPATHY SCB, CUTTACK | IPSITA MOHAPATRA SCB, CUTTACK

and Many more...

JUPITER GROUP OF INSTITUTIONS

JUPITER HIGHER SECONDARY SCHOOL
Tested & Trusted since 2002
ସତର ବର୍ଷର ଅଭିଜ୍ଞତା ଓ ଉତ୍କର୍ଷତା . . .

+୨ ବିଜ୍ଞାନ ସହ +୨ ବାଣିଜ୍ୟ ମଧ ଉପଲବ୍ଧ
୨୦୧୭ ଓ ୨୦୧୮ ରେ ଏଠାରୁ ଦୁଇଟି ବ୍ୟାଚ +୨ କମର୍ସ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇ ସାରିଛନ୍ତି। ୨୦୧୯ ରେ ମଧ +୨ ବାଣିଜ୍ୟର ଫଳାଫଳ ଭଲ ହେବ ବୋଲି ଆମେ ଦୃଢ଼ ଆଶାବାଦୀ

JUPITER DEGREE COLLEGE
(Affiliated to UTKAL UNIVERSITY, Bhubaneswar)
+3 SCIENCE COMMERCE ARTS Hons.
PHYSICS, CHEMISTRY, MATHEMATICS, BOTANY, ZOOLOGY, COMMERCE, POL. SCIENCE, SOCIOLOGY & PSYCHOLOGY
9437230748
7749948473
8280052008

+2 SCIENCE | +2 COMMERCE | +3 SCIENCE | +3 COMMERCE | CBSE SCHOOL

CITY CAMPUS
N/5-533, IRC VILLAGE, NAYAPALLI, BHUBANESWAR-15
Mob : 9439489157 / 9439489158

MAIN CAMPUS
NEAR OLD TOLL PLAZA, N.H.-16 GANGAPADA, KHURDA, BHUBANESWAR
Mob : 7381259886 / 9437727428

mail us at : jsc@jupiter.ac.in | Visit us at : www.jupiter.ac.in

Enquiry (Toll FREE Number) - 1800-5-729-730

ଜୁପିଟର ବିଷୟରେ ଅଧିକ ଜାଣିବା ପାଇଁ ଦେଖନ୍ତୁ :
NEWS18 1:45 PM - 2:00 PM | Odisha TV 2:45 PM - 3:00 PM | NEWS WORLD ଓଡ଼ିଶା 3:45 PM - 4:00 PM | ପ୍ରାର୍ଥନା 3:15 PM - 3:30 PM

# !!! ADMISSION OPEN !!!

## We are Proud of our Toppers



**ISHITA** 95% 12th CBSE Board Exam. - 2019



**AKANKHYA** 96% 10th CBSE Board Exam. - 2019



**SASHANKA** 539 +2 CHSE BOARD Exam. - 2019

## TSG Gurukul *The Best Residential School*

- Excellent faculties • Tutorial • IIT-JEE(M & A), NEET (Medical), CPT & Clat Coaching in collaboration with national organisation of repute.
- Special care for weaker students • State-of-the-art infrastructure & spreaded over in 5 acres of land. • Separate hostel for Boys & Girls • Doting care-takers for teen agers. • In-house medical facilities
- Veg & Non-veg food. • Homely atmosphere & 24 × 7 Security
- Moral teaching, Spoken English, Personality development.
- The entire campus is under CC TV Surveillance.
- Dance, Music, Gym, Yoga, various sports, Horse riding and life skill programmes etc.

### ADMISSION — Exclusive offer for Meritorious Students

| | | |
|---|---|---|
| XI (Sc. & Com.) | CBSE/ICSE 10th 96%- & above | Rs. 1,20,000/- |
| +2 (Sc. & Com.) | BSE 10th 86% & above | Rs. 1,00,000/- |
| +3 (Sc. & Com.) | CHSE +2 Sc. 76% & above | Rs. 1,00,000/- |
| | CHSE +2 Com. 66% & above | Rs. 1,00,000/- |

(Which includes annually Hostel, Fooding + School Fee + Tution + Integrated Coaching Fees)

## Sai Saburi Nursing & Health Science College



Puranpadhan, Balakati, BBSR



**The Paramedics Programme are collaborated with Sai Saburi Hospital Pvt. Ltd.**

**A 100-Beded Multi-speciality Hospital**

## TSG gurukul REGULAR PROGRAMME

**CBSE affiliated**

LKG to XII(Sc. & Com.)

*(With integrated Medical, Engineering / CPT, CLAT Coaching)*

**CHSE affiliated**

Std. 6th to +2 (Sc. & Com.)

*(With integrated Medical, Engineering / CPT, CLAT Coaching)*

**Utkal University affiliated**

+3 Sc. & Com. (Hons.)

**B.Sc. Nursing** - 50 Seats

**BPT (Physiotherapy)** - 40 Seats

### 2019-20 upcoming Paramedic Programme

**Graduate Programme :**

- B.Sc. Optometry
- B.Sc. Medical Lab Technology
- B.Sc. Medical Imaging Technology
- B.Sc. in Emergency Medicine
- B.Sc. in Anesthesia Technology

Eligibility : +2 Science

**Certificate Course :**

- Ophthalmic Assistant
- Surgical Assistant
- OT Technicians, Neuro Technician
- ECG Technicians, EEG Technicians
- EMG Technicians, Ward Technician
- First Aid & Other Certificate Courses

Eligibility : 10th Pass



## TSG GROUP OF INSTITUTIONS

Campus : 444, Gothapatna, Malipada, Khandagiri, Bhubaneswar, E.mail ID : tsggurukul@gmail.com,

Website : netsgurukul.com, Contact : 9438782020 / 9040090653 / 9777441650/8249316216

Town Bus No. - 30 in frequently coming from Railway Station-Via-Fire Station - Via-Sum Hospital to our TSG Gurukul Campus



**FREE CRASH COURSE For Best Result**

କୌଣସି କାରଣରୁ ଦଶମ କିମ୍ବା ଦ୍ୱାଦଶ ପରୀକ୍ଷାରୁ ବଞ୍ଚିତ/ଅକୃତକାର୍ଯ୍ୟ ହୋଇଛନ୍ତି କି ?

## JOIN & APPEAR - 2019-20

**International Educational Board Certificates Approved by Ministry of HRD, Govt. of India.**

**For 9th, 10th, 11th & 12th(Sc./Com./Arts)**

at par with CBSE/All State Boards equivalent

Final Exam. in month of March - 2020 / on demand. Exam. June - 2020

City Office : Plot No. 116-A, Surya Nagar, Near Governor house, Near NEXA Show room, Bhubaneswar, Ph. No. : 9438782020 / 9040090653

## EXAMINATION NOTICE For the Session - 2018 - 19

## NORTHWEST ACCREDITATION COMMISSION(NWAC), USA

### JUNE - 2019 on Demand Exam. Schedule

**THEORY EXAMINATION SCHEDULE FOR GRADE 10(SECONDARY) : SESSION 2018-19**

| DAY & DATE | SUBJECT CODE | SUB. NAME |
|---|---|---|
| 7th June 2019 | (PE1003) | Phy. Edu. |
| 8th June 2019 | (EN1001) | English |
| 10th June 2019 | (ES1002) | (Env. Studies) |
| 11th June 2019 | (SC1005) | Science |
| 12th June 2019 | (SS1006) | Social Science |
| 13th June 2019 | (ME1004) | Mathematics |
| 14th June 2019 | | All Regional Languages |

Exam. time : 10.30AM – 01.30PM

**PRACTICAL & VIVA EXAMINATION SCHEDULE**

| | | |
|---|---|---|
| 9th June 2019 | (PPE1003) | Physical Education |
| | (PSC1005) | Science |

Exam. time : 10.30AM – 01.30PM

**THEORY EXAMINATION SCHEDULE FOR HIGH SCHOOL DIPLOMA(SR. SECONDARY) : SESSION 2018-19 (SCIENCE)**

| DAY & DATE | SUBJECT CODE | SUBJECT NAME |
|---|---|---|
| 7th June 2019 | (ES1202) | Envi. Studies |
| | (EN1201) | English |
| 8th June 2019 | (PE1203) | Phy. Education |
| | | All Regional Languages |
| 10th June 2019 | (PH1204) | Physics |
| 11th June 2019 | (CH1205) | Chemistry |
| 12th June 2019 | (BI1206) | Biology |
| 13th June 2019 | (ME1207) | Mathematics |
| 14th June 2019 | (CS1214) | Comp. Science |

**THEORY EXAMINATION SCHEDULE FOR HIGH SCHOOL DIPLOMA(SR. SECONDARY) : SESSION 2018-19 (COMMERCE)**

| DAY & DATE | SUBJECT CODE | SUBJECT NAME |
|---|---|---|
| 7th June 2019 | (ES1202) | Envi. Studies |
| | (EN1201) | English |
| 8th June 2019 | (PE1203) | Phy. Education |
| | | All Regional Languages |
| 10th June 2019 | (EC1208) | Economics |
| 11th June 2019 | (BS1209) | B. Studies |
| 12th June 2019 | (BS1210) | Accountancy |
| 13th June 2019 | (ME1207) | Mathematics |
| 14th June 2019 | (CS1214) | Comp. Science |

Exam. time : 10.30AM – 01.30PM, 02.00PM - 05.00 PM

**PRACTICAL & VIVA EXAMINATION SCHEDULE : 9th June 2019(Sunday)**

PE1003 - Physical Education, PPH1204 - Physics, PBI1206 - Biology, PCH1205 - Chemistry, PCS1214 - Computer Science, PHS1215 - Home Science



ସ୍ୱାଧୀନତା ଓ ଉଚ୍ଛୃଙ୍ଖଳତା ଏକାର୍ଥ ବାଚକ ଶବ୍ଦ ନୁହେଁ।

- ଜନ୍ ମିଲଟନ






# ପ୍ରତି ମାସ ୭ ତାରିଖ ପୂର୍ବରୁ ମୁଖ୍ୟମନ୍ତ୍ରୀଙ୍କୁ କାମର ହିସାବ ଦେବେ ମନ୍ତ୍ରୀ

**ଭୁବନେଶ୍ୱର, ୪।୬(ବ୍ୟୁରୋ)**

- ଦଳୀୟ ଇସ୍ତାହାରରେ ଥିବା ପ୍ରତିଶ୍ରୁତିକୁ ପ୍ରାଥମିକତା
- ମନ୍ତ୍ରିମଣ୍ଡଳ ଗଠନର ବର୍ଷେ ପରେ ଦେବେ ୩୬୫ଦିନ କାମର ହିସାବ

ମନ୍ତ୍ରୀମାନେ ଦଳୀୟ ଇସ୍ତାହାରର ପ୍ରସ୍ତାବଗୁଡ଼ିକୁ ସରକାରଙ୍କ କାର୍ଯ୍ୟକ୍ରମ ଭାବେ କାର୍ଯ୍ୟକାରୀ କରିବା ଦିଗରେ ପଦକ୍ଷେପ ଗ୍ରହଣ କରିବେ। ସେହି କ୍ଷେତ୍ରରେ ମନ୍ତ୍ରୀମାନେ କ'ଣ ପଦକ୍ଷେପ ନେଲେ ସେନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ପ୍ରତ୍ୟେକ ମାସର ୭ ତାରିଖ ପୂର୍ବରୁ ରିପୋର୍ଟ ପ୍ରଦାନ କରିବେ। ଏନେଇ ମୁଖ୍ୟମନ୍ତ୍ରୀ ସମସ୍ତ ବିଭାଗର ମନ୍ତ୍ରୀମାନଙ୍କୁ ମଙ୍ଗଳବାର ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ଜୁଲାଇ ୭ତାରିଖ ମଧ୍ୟରେ ମନ୍ତ୍ରୀମାନେ ନିଜର ପ୍ରଥମ ରିପୋର୍ଟ ପ୍ରଦାନ କରିବା ଲାଗି କୁହାଯାଇଛି। ଗତ ୨୯ ତାରିଖରେ ନବୀନ ପଟ୍ଟନାୟକଙ୍କ ୫ମ ପାଳିର ସରକାର ଦାୟିତ୍ୱ ଗ୍ରହଣ କରିଥିଲେ। ଏହାପରେ ସେହିଦିନ ମନ୍ତ୍ରିମଣ୍ଡଳର ପ୍ରଥମ ବୈଠକ ବସିଥିଲା। ବୈଠକରେ ଦଳୀୟ ଇସ୍ତାହାରର ପ୍ରସ୍ତାବଗୁଡ଼ିକରେ ଯାହା ଲୋକଙ୍କୁ ପ୍ରତିଶ୍ରୁତି ଦିଆଯାଇଥିଲା ସରକାରଙ୍କ ପ୍ରମୁଖ କାର୍ଯ୍ୟକ୍ରମ ଭାବେ ଗ୍ରହଣ କରାଯାଇଥିଲା। ସେତେବେଳେ ମନ୍ତ୍ରୀମାନଙ୍କୁ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ, ସରକାର ଗଠନର ଠିକ୍ ବର୍ଷେ ପରେ ଅର୍ଥାତ୍ ୨୦୨୦ମେ ୨୯ତାରିଖରେ ଲୋକଙ୍କୁ ଦେଇଥିବା ପ୍ରତିଶ୍ରୁତି କେତେ ପାଳନ କରାଯାଇଛି ତା'ର ହିସାବ ଦିଆଯିବ। ମନ୍ତ୍ରୀ ପରିଷଦ ସଦସ୍ୟମାନେ ଏହି ପ୍ରତିଶ୍ରୁତିର ସଫଳ ରୂପାୟନ ପାଇଁ ଶ୍ରେଷ୍ଠ ଉଦ୍ୟମ କରନ୍ତୁ। ଗତିଶୀଳ ପ୍ରଶାସନିକ ମଡେଲ ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ରାଜ୍ୟରୁ ଗରିବୀ ଦୂର କରିବା, ମହିଳାଙ୍କ ବିକାଶ, ଅଭିବୃଦ୍ଧିରେ ସମାନ ଭାଗୀଦାରି, ଦୁର୍ବଳ ଶ୍ରେଣୀ ଲୋକଙ୍କ ବିକାଶ ଏବଂ ଯୁବକମାନଙ୍କ ସ୍ୱପ୍ନର ସଫଳ ରୂପାୟନ ଜରିଆରେ ଏକ ସଶକ୍ତ ଓଡ଼ିଶା ଗଠନ ଦିଗରେ ଗୁରୁତ୍ୱାରୋପ କରିଥିଲେ।

■ ବାଲୁଙ୍କେଶ୍ୱର ବାବାଙ୍କ ବିବାହ

# ଦେବଦେବୀଙ୍କୁ ନିଉତା ଦେଲେ ନୃସିଂହ ମହାପ୍ରଭୁ

**ସମ୍ବଲପୁର, ୪।୬ (ବ୍ୟୁରୋ)**

ପ୍ରସିଦ୍ଧ ସମ୍ବଲପୁର ଶୀତଳ ଷଷ୍ଠୀ ଯାତ୍ରା ଅବସରରେ ନନ୍ଦପଡାର ଶ୍ରୀଶ୍ରୀ ବମ୍‌ବରାଡ ବାଲୁଙ୍କେଶ୍ୱର ବାବା ଓ ମାତା ପାର୍ବତୀଙ୍କ ଲୌକିକ ବିବାହ ପାଇଁ ଚଳିତ ମାସ ୭ ତାରିଖ ଲଗ୍ନ ଧାର୍ଯ୍ୟ ହୋଇଛି। ସୋମବାର ମଧ ରାତିରେ ପତରପେଡ଼ିଁ ବା ନିର୍ବନ୍ଧ ନୀତି ଶେଷ ହୋଇଛି। ଦେବ ବିବାହରେ ଦେବୀଦେବ ସାମିଲ ହେବାକୁ ମଙ୍ଗଳବାର ରାତିରେ ନୃସିଂହ ନିଉତା (ଦେବ ନିମନ୍ତ୍ରଣ) ସମ୍ପନ୍ନ ହୋଇଛି। ବରପିତା ରାମଚରଣ ମିଶ୍ର ସ୍ୱତନ୍ତ୍ର ପୂଜାର୍ଚ୍ଚନା ଓ ମହାଆଳତୀ କରିଥିଲେ। ହୁଳହୁଳି, ଘଣ୍ଟ ବାଦ୍ୟ, ଶଙ୍ଖ ନାଦ ଓ ଝାଞ୍ଜ ନୃତ୍ୟ ତାଳରେ ମହାପ୍ରଭୁ ନୃସିଂହ ସୁସଜ୍ଜିତ ବିମାନରେ ଉପବିଷ୍ଟ ହୋଇ ସହର ପରିକ୍ରମା କରିଥିଲେ। ରୌପ୍ୟ ଓ ସ୍ୱର୍ଣ୍ଣ ଅଳଙ୍କାରରେ ଭୂଷିତ ହୋଇ ଭକ୍ତଙ୍କ କାନ୍ଧରେ ବାଲୁଙ୍କେଶ୍ୱର ମନ୍ଦିର ପରିସରସ୍ଥ ପଞ୍ଚବକ୍ତ୍ର ଓ ହନୁମାନଙ୍କୁ ପ୍ରଥମେ ନିଉତା ଦିଆଯାଇଥିଲା। ଏହାପରେ ନୃସିଂହ ମହାପ୍ରଭୁ ସୁସଜ୍ଜିତ ବିମାନରେ ନନ୍ଦପଡାର ଯଜ୍ଞବରାହ, ବ୍ରହ୍ମପୁରାର ଜଗନ୍ନାଥ, ଶ୍ରୀଶ୍ରୀ ଲୋକନାଥ ବାବା, ଦକ୍ଷିଣେଶ୍ୱର ହନୁମାନ, ଭୈରବୀ, କୋଶଳେଶ୍ୱର ମନ୍ଦିର, ମାରୱାଡ଼ିପଡା ରାମ, ମହାଦେବ, ହାଟପଡା ସତ୍ୟବାଦୀ, ଦଲେଇପଡା ମଦନମୋହନ, ଭାଗବତ ମନ୍ଦିର, ଲିଆଖାଇ, ବାଟମଙ୍ଗଳା, ଗୁପ୍ତେଶ୍ୱର, ମ୍ୟୁନିସିପାଲିଟି ଛକ ହନୁମାନ ମନ୍ଦିର, ପୀରବାବା ଛକ ଭୁବନେଶ୍ୱରୀ ମନ୍ଦିର, ବୈଦ୍ୟନାଥ ଛକ ହନୁମାନ ଓ କାଣ୍ଟ ଦୁର୍ଗା, କଂସାରୀପଡା ରାଧାକୃଷ୍ଣ, ମହାନ୍ତିପଡା ଦଧିବାମନ ମନ୍ଦିରରେ ପହଞ୍ଚି ବାଲୁଙ୍କେଶ୍ୱର ବାବା ଓ ମାତା ପାର୍ବତୀଙ୍କ ବିବାହ ଉତ୍ସବରେ ଯୋଗଦେବାକୁ ଦେବ ନିମନ୍ତ୍ରଣ (ଗୁଆଗୁଣ୍ଡା) ଦେଇଥିଲେ। ଦେବୀଦେବଙ୍କୁ ନାରିକେଳ, ଗୁଆ, ହଳଦୀ, ମିଠାଇ ଏବଂ ନୂଆବସ୍ତ୍ର ଅର୍ପଣ କରି ନିଉତା ଦିଆଯାଇଥିଲା। ବୁଧବାର ସକାଳେ ଇଷ୍ଟଦେବୀ ସମଲେଶ୍ୱରୀ, ପାଟଣେଶ୍ୱରୀ, ବାଲିବନ୍ଧା ସୋମନାଥ ବାବା, ଗୋପାଳଜୀ ମଠ, ଦୁର୍ଗାପାଲି ଗୁଡେଶ୍ୱର ମହାଦେବଙ୍କ ସମେତ ସହରର ସମସ୍ତ ଦେବାଦେବୀଙ୍କୁ ନନ୍ଦପଡା ଶୀତଳଷଷ୍ଠୀ ଯାତ୍ରା କମିଟି କର୍ମକର୍ତ୍ତା ଦେବ ନିମନ୍ତ୍ରଣ କରିବା କାର୍ଯ୍ୟକ୍ରମ ରହିଛି। ଅବିନାଶ ମିଶ୍ର, ଅରୁଣକାନ୍ତି ମିଶ୍ର, ଅନୁଭବ ମିଶ୍ର ନୃସିଂହ ମହାପ୍ରଭୁଙ୍କୁ ସଜାଇଥିଲେ। ରାତି ୭ଟାରୁ ୯ଟା ପର୍ଯ୍ୟନ୍ତ ଠାକୁରଙ୍କୁ ଭକ୍ତମାନେ ସଜାଇଥିଲେ। ପଣ୍ଡିତ ଶଶାଙ୍କ ଶେଖର ମିଶ୍ର ମନ୍ତ୍ର ଉଚ୍ଚାରଣ କରିଥିଲେ। ଯାତ୍ରା କମିଟି କର୍ମକର୍ତ୍ତା ପୂଜାର୍ଚ୍ଚନା ଓ ମହା ଆଳତୀରେ ସାମିଲ ଥିଲେ। ନନ୍ଦପଡା ଯାତ୍ରା କମିଟି ସଂଯୋଜକ ଫଣିଭୂଷଣ ମିଶ୍ର, ଅମୂଲ୍ୟ କୁମାର ମିଶ୍ର, ସଭାପତି ସମୀର ରଞ୍ଜନ ବାବୁ ପ୍ରମୁଖ ଶୋଭାଯାତ୍ରା ପରିଚାଳନା କରିଥିଲେ।



ସମ୍ବଲପୁର ନନ୍ଦପଡାର ନୃସିଂହ ମହାପ୍ରଭୁ ମଙ୍ଗଳବାର ରାତିରେ ଦେବଦେବୀଙ୍କୁ ନିଉତା ଦେବାପାଇଁ ଭକ୍ତଙ୍କ କାନ୍ଧରେ ବାହାରୁଛନ୍ତି।

# ହାସ୍ୟ ଅଭିନେତା ସଲିଲ ମିତ୍ରଙ୍କ ପରଲୋକ

■ କରଞ୍ଜିଆରେ ଶେଷକୃତ୍ୟ ସମ୍ପନ୍ନ

**ଭୁବନେଶ୍ୱର ବ୍ୟୁରୋ/ବାରିପଦା ଅଫିସ, ୪।୬**

ଜଣାଶୁଣା ହାସ୍ୟ ଅଭିନେତା ସଲିଲ ମିତ୍ରଙ୍କ ସୋମବାର ରାତି ୧୨ଟା୧୫ ମିନିଟରେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ଗତ ମେ ୧୨ରେ ସଲିଲ ମୟୂରଭଞ୍ଜର କରଞ୍ଜିଆ ଯାଉଥିବାବେଳେ କେନ୍ଦୁଝର ଜିଲା ଘଟଗାଁ କଲେଜ ଛକ ନିକଟରେ କାର୍ ଦୁର୍ଘଟଣାରେ ଗୁରୁତର ହୋଇଥିଲେ। ଦୁର୍ଘଟଣାରେ ତାଙ୍କ ଛାତି ଓ ଗୋଡ଼ରେ ଗଭୀର ଆଘାତ ଲାଗିଥିଲା। ପ୍ରଥମେ ତାଙ୍କୁ ଘଟଗାଁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ପରେ ତାଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଥିଲା। ସେବେଠାରୁ ସେ ଚିକିତ୍ସାଧୀନ ଥିଲେ। ତାଙ୍କର ସ୍ତ୍ରୀ ଓ ୨ଝିଅ ଅଛନ୍ତି। ସେ ଟେଲିଭିଜନ ଓ ଚଳଚ୍ଚିତ୍ର ଜଗତରେ ଜଣେ ଲୋକପ୍ରିୟ ହାସ୍ୟ ଅଭିନେତାଭାବେ ସୁନାମ ଅର୍ଜନ କରିଥିଲେ। ନାଟକରୁ ଅଭିନୟ ଜୀବନ ଆରମ୍ଭ କରିଥିବା ଏହି ବିଶିଷ୍ଟ କଳାକାର ୫୦ରୁ ଊର୍ଦ୍ଧ୍ୱ ଚଳଚ୍ଚିତ୍ରରେ ଅଭିନୟ କରିଛନ୍ତି। ତାଙ୍କ ଅଭିନୀତ ପ୍ରଥମ ଓଡ଼ିଆ ଚଳଚ୍ଚିତ୍ର ହେଉଛି 'ଶାସ୍ତି'। ୧୯୯୯ରେ ଓଡ଼ିଆ ଚଳଚ୍ଚିତ୍ର 'ପୁଅ ଭାଙ୍ଗି ଦେଲା ସୁନା ସଂସାର', ୨୦୦୫ରେ ଅର୍ଜୁନ, ୨୦୧୦ରେ ଶୁଭ ବିବାହ, ୨୦୧୧ରେ ହୀରୋ, ବାଲୁଙ୍ଗା ଟୋକା, ୨୦୧୨ରେ କେବେ ତମେ ନାହଁ କେବେ ମୁଁ ନାହିଁ, ତୁ ମୋ ଆରମ୍ଭ ତୁ ମୋ ଶେଷ, ୨୦୧୪ରେ ଗଜ୍ଞା ଲଢ଼େଇ, ୨୦୧୫ରେ ଗପ ହେଲେ ବି ସତ ଓ ୨୦୧୭ରେ ସିଷ୍ଟର ଶ୍ରୀଦେବୀରେ ଅଭିନୟ କରିଥିଲେ। ଫିଲ୍ମ 'ଲଭ ଷ୍ଟେଶନ'ରେ ତାଙ୍କ ଅଭିନୟ ସର୍ବାଧିକ ଆଦୃତ ହୋଇଥିଲା। ଏଥିସହିତ ସେ ଅନେକ ଓଡ଼ିଆ ଧାରାବାହିକ, ଭଜନ ଓ ଆଧୁନିକ ଆଲ୍‌ବମ ଗୀତରେ ଅଭିନୟର ଯାଦୁ ଦେଖାଇଥିଲେ। ତରଙ୍ଗ ଚ୍ୟାନେଲରେ ପ୍ରସାରିତ କମେଡି ଧାରାବାହିକ 'ଫୁଲ୍ ଗଡ଼ବଡ଼'ରେ ଅଭିନୟ କରି ଦର୍ଶକଙ୍କ ହୃଦୟ ଜିଣି ପାରିଥିଲେ। ପ୍ରସ୍ତୁତି ପଥରେ ଥିବା ଓଡ଼ିଆ ଚଳଚ୍ଚିତ୍ର 'ମାଲ୍ ମହୁ ଜୀବନ ମାଟି'ରେ ସେ ଅଭିନୟ କରୁଥିଲେ। ତାଙ୍କ ବିୟୋଗରେ ଓଡ଼ିଆ ଫିଲ୍ମ ଦୁନିଆର ବହୁ ବିଶିଷ୍ଟ ବ୍ୟକ୍ତି ଶୋକ ପ୍ରକାଶ କରିଛନ୍ତି। ରିୟଲ ଜୀବନରେ ସେ ଜଣେ ଅତ୍ୟନ୍ତ ସାଧାସିଧା, ମିଷ୍ଟଭାଷୀ ଓ ପରୋପକାରୀ ଭାବେ ବେଶ୍ ଜଣାଶୁଣା ଥିଲେ। ମଙ୍ଗଳବାର ତାଙ୍କ ମରଶରୀରକୁ କରଞ୍ଜିଆ ଅଣାଯାଇଥିଲା। ସହର ପରିକ୍ରମା ପରେ ମରଶରୀରକୁ ୱାର୍ଡ ନଂ ୬ ସ୍ଥିତ ତାଙ୍କ ବାସଭବନକୁ ନିଆଯାଇଥିଲା। ସେଠାରେ କରଞ୍ଜିଆ ବିଧାୟକ ବାସନ୍ତୀ ହେମ୍ବ୍ରମଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶେଷ ଦର୍ଶନ କରିଥିଲେ। ପରେ ନଟସାହୁ ପୋଖରୀ ନିକଟରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ତାଙ୍କ ମଝିଆ ଭାଇ ସତ୍ୟନ ମିତ୍ର ମୁଖାଗ୍ନି ଦେଇଥିଲେ।



# କମୁଛି ତାତି, କାଳବୈଶାଖୀ ଆଶଙ୍କା

**ଭୁବନେଶ୍ୱର, ୪।୬(ବ୍ୟୁରୋ)**

ସାରା ରାଜ୍ୟରେ ତାପମାତ୍ରା କମିବାରେ ଲାଗିଛି। କେତେକ ସ୍ଥାନରେ ବର୍ଷା ହେବାରୁ ଲୋକଙ୍କୁ ତାତିରୁ ତ୍ରାହି ମିଳିଛି। ମଙ୍ଗଳବାର ସମ୍ବଲପୁର ୪୦.୧, ସୁନ୍ଦରଗଡ଼ ଓ ଝାରସୁଗୁଡ଼ା ୪୦, ଅନୁଗୋଳ ଓ ହୀରାକୁଦ ୩୯.୭ ଓ ଟିଟିଲାଗଡ଼ରେ ସର୍ବାଧିକ ତାପମାତ୍ରା ୩୯.୪ ଡିଗ୍ରୀ ରେକର୍ଡ କରାଯାଇଛି। ଅନ୍ୟପକ୍ଷରେ ମୌସୁମୀକୁ ନେଇ ଉତ୍କଣ୍ଠା ବଢ଼ିବାରେ ଲାଗିଛି। କେବେ ଆସିବ ମୌସୁମୀ ବାୟୁ ସମସ୍ତେ ଅପେକ୍ଷା କରି ରହିଛନ୍ତି। ଏପରିସ୍ଥଳେ ରାଜ୍ୟର ବିଭିନ୍ନ ସ୍ଥାନରେ କାଳବୈଶାଖୀ ହେବ ବୋଲି ଭୁବନେଶ୍ୱର ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି। କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଗଜପତି, ଗଞ୍ଜାମ, କନ୍ଧମାଳ ଓ ନୟାଗଡ଼ ଜିଲାରେ କାଳବୈଶାଖୀ ସତର୍କ ସୂଚନା ଜାରି କରାଯାଇଛି। ସେସବୁ ଜିଲାରେ ୩୦ରୁ ୪୦ କିମି ବେଗରେ ପବନ ବହିବା ସହିତ ବଜ୍ରପାତ ଆଶଙ୍କା ରହିଛି। ତେଣୁ ଏହି ସମୟରେ ବାହାରକୁ ନ ଯିବା ପାଇଁ ପରାମର୍ଶ ଦିଆଯାଇଛି। କିଛିଦିନ ହେବ ରାଜ୍ୟର ବିଭିନ୍ନ ସହରରେ ବର୍ଷା ହେଉଛି। ଅନ୍ୟ ଜିଲାରେ ପାଗ ଶୁଖିଲା ରହିବ ବୋଲି ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି।

# ସର୍ଭିସ ବନ୍ଧୁକରୁ ଗୁଳି ଫୁଟାଇ ଯବାନଙ୍କ ଆତ୍ମହତ୍ୟା

**ସମ୍ବଲପୁର, ୪।୬ (ବ୍ୟୁରୋ)**

ସମ୍ବଲପୁର ଯୁଯୁମୁରା ଥାନା ପରିସରରେ ଥିବା ସିଆରପିଏଫ କ୍ୟାମ୍ପରେ ବୁଟ୍ଟା ସିଂ (୨୭)ନାମକ ଜଣେ ଯବାନ ମଙ୍ଗଳବାର ନିଜ ସର୍ଭିସ ବନ୍ଧୁକରୁ ଗୁଳି ଫୁଟାଇ ଆତ୍ମହତ୍ୟା କରିଛନ୍ତି। ତାଙ୍କ ଘର ପଞ୍ଜାବ ସହରର ମନସା ଥାନା ଅଧୀନ ଆଲୁପୁର ଗ୍ରାମରେ। ଯୁଯୁମୁରା ପୋଲିସ ତାଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ଯୁଯୁମୁରା ମେଡିକାଲକୁ ନେଇ ପ୍ରାଥମିକ ଚିକିତ୍ସା କରାଇଥିଲେ। ପରେ ଅବସ୍ଥା ଗୁରୁତର ଥିବାରୁ ବୁର୍ଲା ମେଡିକାଲ ନିଆଯାଇଥିଲା। ହେଲେ ସେଠାରେ ଡାକ୍ତର ବୁଟ୍ଟାଙ୍କୁ ମୃତ ଘୋଷଣ କରିଥିଲେ। ତେବେ କେଉଁ କାରଣରୁ ସେ ଆତ୍ମହତ୍ୟା କରିଛନ୍ତି ପୋଲିସ ତାହାର କାରଣ ଜାଣିବାକୁ ତଦନ୍ତ ଆରମ୍ଭ କରିଛି। ଘଟଣା ସ୍ଥଳରୁ ଯୁଯୁମୁରା ପୋଲିସ ୩ଟି ଖୋକା, ବନ୍ଧୁକ (ଇନସାସ୍) ଓ ଏକ ମୋବାଇଲ ଫୋନ ଜବତ କରିଛି। ସେ ଛୁଟି ପାଇଁ ହେଉ କି ଉଚ୍ଚ ଅଧିକାରୀଙ୍କ ଚାପ ଯୋଗୁ ଆତ୍ମହତ୍ୟା କରିଥାଇ ପାରନ୍ତି ବୋଲି ଚର୍ଚ୍ଚା ହେଉଛି। ଏ ସମ୍ପର୍କରେ ଏସ୍‌ପି ସଞ୍ଜୀବ ଅରୋରା କହିଛନ୍ତି, ପ୍ରାଥମିକ ତଦନ୍ତରୁ ଏହା ଆତ୍ମହତ୍ୟା ବୋଲି ସ୍ପଷ୍ଟ ହୋଇଛି। ହେଲେ କେଉଁ କାରଣରୁ ଏପରି ଘଟିଛି ସେ ଦିଗରେ ତଦନ୍ତ କରିଯିବ। ସୂଚନାଯୋଗ୍ୟ, ମଙ୍ଗଳବାର ଅପରାହ୍ନ ପ୍ରାୟ ଗୋଟାଏରେ ସିଆରପିଏଫ କ୍ୟାମ୍ପ ପରିସରରେ ଥିବା ବ୍ୟାୟାମଶାଳାକୁ ବୁଟ୍ଟା ଯାଇଥିଲେ। ଏହି ସମୟରେ ୩ ରାଉଣ୍ଡ ଗୁଳି ଫୁଟିବା ଶବ୍ଦ ହୋଇଥିଲା। ନିକଟସ୍ଥ ଯୁଯୁମୁରା ଥାନା ପୋଲିସ ଓ ସିଆରପିଏଫ ଯବାନମାନେ ଘଟଣା ସ୍ଥଳକୁ ଦୌଡି ଥିଲେ। ସେମାନେ ଗୁରୁତର ଅବସ୍ଥାରେ ବୁଟ୍ଟାଙ୍କୁ ଦେଖିବାକୁ ପାଇଥିଲେ। ତାଙ୍କ ମୁଣ୍ଡରେ ୩ଟି ଗୁଳି ବାଜିବା ସହ ରକ୍ତ ଜୁଡୁବୁଡୁ ଅବସ୍ଥାରେ ସେ ପଡିଥିଲେ। ସଙ୍ଗେ ସଙ୍ଗେ ପୋଲିସ ଗାଡିରେ ତାଙ୍କୁ ଯୁଯୁମୁରା ମେଡିକାଲକୁ ନିଆଯାଇଥିଲା। ପରେ ବୁର୍ଲା ଡାକ୍ତରଖାନାକୁ ନିଆ ଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତଦେହ ବ୍ୟବଚ୍ଛେଦ ପାଇଁ ଫ୍ରିଜରରେ ରଖାଯାଇଛି। ଘଟଣା ସମ୍ପର୍କରେ ପରିବାର ବର୍ଗଙ୍କୁ ଖବର ଦିଆଯାଇଛି। ସେମାନେ ପହଞ୍ଚିବା ପରେ ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ପୋଲିସ କହିଛି। ସୂଚନାଯୋଗ୍ୟ, ଆଜି ବୁର୍ଲା ନିକଟକୁ ଯବାନମାନଙ୍କ ସହ ସେ ଫାୟରିଂ ପାଇଁ ପ୍ରାକ୍ଟିସ କରିବାକୁ ଯାଇଥିଲେ।

**୨୦୧୯-୨୦ ବଜେଟ**

# ମତାମତ ଲୋଡ଼ିଲା ଅର୍ଥବିଭାଗ

**ଭୁବନେଶ୍ୱର, ୪।୬(ବ୍ୟୁରୋ)**

- ସମ୍ବଳ ଆମ ପାଇଁ ଚାଲେଞ୍ଜ ହେବ: ଅର୍ଥମନ୍ତ୍ରୀ
- ଖଣି ରାଜସ୍ୱ ବଢ଼ିଛି
- ଜୁନ୍ ୪ରୁ ୧୫ ସୁଦ୍ଧା ମତାମତ ଦେବାକୁ ଆହ୍ୱାନ

୨୦୧୯-୨୦ ଆର୍ଥିକ ବର୍ଷ ଲାଗି ବଜେଟ ପ୍ରସ୍ତୁତ କାର୍ଯ୍ୟ ଆରମ୍ଭ ହୋଇଛି। ଏ ନେଇ ଅର୍ଥ ବିଭାଗ ପକ୍ଷରୁ ଜନସାଧାରଣଙ୍କଠାରୁ ମତାମତ ସଂଗ୍ରହ କରିବାକୁ ନିଷ୍ପତ୍ତି ନିଆଯାଇଛି। ଜନସାଧାରଣଙ୍କ ମତ ଆଧାରରେ ବଜେଟ୍‌ର ରୂପରେଖ ପ୍ରସ୍ତୁତ ହେବ ବୋଲି ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ କହିଛନ୍ତି। ସେ କହିଛନ୍ତି ଯେ, ଅର୍ଥ ବିଭାଗ ଜନସାଧାରଣ, ବିଭିନ୍ନ ସଂଗଠନ, ସ୍ୱେଚ୍ଛାସେବୀ ସଂସ୍ଥା, ପୂର୍ବତନ ଅର୍ଥମନ୍ତ୍ରୀ, ଅର୍ଥ ବିଶେଷଜ୍ଞଙ୍କଠାରୁ ମତାମତ ନେଇ ବଜେଟ୍ ପ୍ରସ୍ତୁତ କରି ଆସୁଛନ୍ତି। ଏଥିରେ ଜନସାଧାରଣଙ୍କର ସହଭାଗିତା ରହୁଛି। ଜୁନ ୪ଠାରୁ ୧୫ ତାରିଖ ମଧ୍ୟରେ ମତାମତ ଦେବାଲାଗି ଅର୍ଥବିଭାଗ ପକ୍ଷରୁ ଆହ୍ୱାନ କରାଯାଇଛି। ଅର୍ଥବିଭାଗର ଏକ ସ୍ୱତନ୍ତ୍ର ୱେବ୍ ପୋର୍ଟାଲ- budget.odisha.gov.in, E-mail: odisha.budget@gov.in ମାଧ୍ୟମରେ ମତାମତ ସଂଗ୍ରହ କରାଯିବ। ଏହାଛଡ଼ା (+୯୧)୯୪୩୮୧୬୧୧୧୧ ନମ୍ବରକୁ ଏସ୍‌ଏମ୍‌ଏସ୍ ଏବଂ ହ୍ୱାଟସ୍‌ଆପ୍ ମାଧ୍ୟମରେ ମତାମତ ପଠାଇବାକୁ ମନ୍ତ୍ରୀ ସୂଚନା ଦେଇଛନ୍ତି।

ଚଳିତବର୍ଷ ସାଧାରଣ ନିର୍ବାଚନ ଥିବାରୁ ରାଜ୍ୟ ସରକାର ଗତ ମାର୍ଚ୍ଚରେ ୪ମାସିଆ କାମଚଳା ବଜେଟ୍ ବିଧାନସଭାରେ ଅନୁମୋଦନ କରିଥିଲେ। ଆସନ୍ତା ଜୁଲାଇ ୩୧ ସୁଦ୍ଧା ଏହାର ଅବଧି ଶେଷ ହେଉଛି। ଏହି ସମୟ ପୂର୍ବରୁ ୨୦୧୯-୨୦କୁ ପୂର୍ଣ୍ଣାଙ୍ଗ ବଜେଟ ପ୍ରସ୍ତୁତ କରାଯିବ ବୋଲି ଅର୍ଥ ସଚିବ ଅଶୋକ ମୀନା କହିଛନ୍ତି। ଗତ ମେ ୩ରେ ବାତ୍ୟା 'ଫନୀ' କଟକ, ପୁରୀ ଓ ଖୋର୍ଦ୍ଧା ଜିଲାରେ ବ୍ୟାପକ କ୍ଷତି ଘଟାଇଛି। ଏଥିପାଇଁ ମଧ୍ୟ ଆସନ୍ତା ବଜେଟ୍‌ରେ ବ୍ୟୟ କରିବାକୁ ପଡ଼ିବ। ରାଜକୋଷ ଉପରେ ଏହାର ଅତିରିକ୍ତ ଭାର ପଡ଼ିବ। ୨୦୧୮-୧୯ରେ ମୋଟ୍ ଘରୋଇ ଉତ୍ପାଦ(ଜିଏସ୍‌ଡିପି) ୮.୩୫ ପ୍ରତିଶତ ରହିଛି। ଗତ ୫ ବର୍ଷ ମଧ୍ୟରେ ରାଜ୍ୟ ସରକାର ୨୬ହଜାର କୋଟି ଟଙ୍କାର କେନ୍ଦ୍ରୀୟ ଅନୁଦାନ ହରାଇଛନ୍ତି। ଖର୍ଚ୍ଚ ତୁଲାଇବା ସହ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରିବା ନେଇ ଯଥେଷ୍ଟ ସମ୍ବଳର ଆବଶ୍ୟକତା ରହିଛି। ସେଥିପାଇଁ ରାଜ୍ୟ ସରକାର ନିଜସ୍ୱ ଆୟ ବୃଦ୍ଧି କରିବା ପାଇଁ ଉଦ୍ୟମ କରୁଛନ୍ତି। ତେବେ ଅତିରିକ୍ତ ଟିକସ ଲଗାଇବା ପାଇଁ କୌଣସି ନିଷ୍ପତ୍ତି ନିଆଯାଇନାହିଁ। ଖଣି ରାଜସ୍ୱ ଆଶାନୁରୂପ ହୋଇଛି। ଗତ ଏପ୍ରିଲ୍‌ରୁ ଜୁନ୍ ୪ ଯାଏ ଖଣିରୁ ୧୯୯୩ କୋଟି ଟଙ୍କାର ରାଜସ୍ୱ ଆଦାୟ ହୋଇଛି। ଋଣ ଭାର ଅଧିକ ନାହିଁ। ଖର୍ଚ୍ଚ କମାଇବା ଯୋଗୁ ୨୦୧୯ ମାର୍ଚ୍ଚ ସୁଦ୍ଧା ରାଜ୍ୟର ଋଣଭାର ୯୨ହଜାର କୋଟି ଟଙ୍କା ପରିବର୍ତ୍ତେ ୮୭ ହଜାର କୋଟିରେ ରହିଛି। ବଜେଟ୍ ନିୟମ ଅନୁଯାୟୀ ମୋଟ୍ ଘରୋଇ ଉତ୍ପାଦର ୨୫ ପ୍ରତିଶତ ଋଣ ଆକାରରେ ଅଣାଯାଇପାରିବ। ଓଡ଼ିଶା ଏହାଠାରୁ ଯଥେଷ୍ଟ ତଳେ ରହିଛି। ରାଜ୍ୟ ସରକାର ପକ୍ଷରୁ ଜିଏସ୍‌ଡିପିର ୧୮ ପ୍ରତିଶତ ଋଣ କରାଯାଇଛି। ଗତବର୍ଷ ବଜେଟ୍‌ର ଶତପ୍ରତିଶତ ଖର୍ଚ୍ଚ କରାଯାଇଛି ବୋଲି ସଚିବ କହିଛନ୍ତି।

# ବ୍ରହ୍ମୋସ କ୍ଷେପଣାସ୍ତ୍ରର ସଫଳ ପରୀକ୍ଷଣ

**ବାଲେଶ୍ୱର ଅଫିସ, ୪।୬**



ବ୍ରହ୍ମୋସ ମିଜାଇଲ୍‌ର ସଫଳ ପରୀକ୍ଷଣ।

ବାଲେଶ୍ୱର ଚାନ୍ଦିପୁରସ୍ଥିତ ସମନ୍ୱିତ ପରୀକ୍ଷଣ କେନ୍ଦ୍ର (ଆଇଟିଆର)ର ୩ ନମ୍ବର ଲଞ୍ଚ ପ୍ୟାଡ୍‌ରୁ ମଙ୍ଗଳବାର ପୂର୍ବାହ୍ନ ୧୦ଟା ୩୦ମିନିଟ ସୁପରସୋନିକ କ୍ରୁଜ କ୍ଷେପଣାସ୍ତ୍ର ବ୍ରହ୍ମୋସ୍‌ର ବ୍ୟବହାରିକ ପରୀକ୍ଷଣ କରାଯାଇଥିଲା। ଏହି ପରୀକ୍ଷଣ ସଫଳ ହୋଇଥିବା ଆଇଟିଆର ପକ୍ଷରୁ ସୂଚନା ଦିଆଯାଇଛି। ଭାରତ ଓ ରୁଷିଆର ମିଳିତ ସହଯୋଗକ୍ରମେ ଭୂପୃଷ୍ଠରୁ ଭୂପୃଷ୍ଠକୁ ନିକ୍ଷେପ କରାଯାଇପାରୁଥିବା ଏହି କ୍ଷେପଣାସ୍ତ୍ର ଜଳ, ସ୍ଥଳ ଓ ଆକାଶମାର୍ଗରେ ଶତ୍ରୁପକ୍ଷର କ୍ଷେପଣାସ୍ତ୍ର ସମେତ ଜାହାଜ ଓ ରକେଟ୍‌କୁ ଧ୍ୱଂସ କରିବା କ୍ଷମତା ରଖିଛି। ଏହାକୁ କ୍ଷେପଣାସ୍ତ୍ର ବିଧ୍ୱଂସୀ କ୍ଷେପଣାସ୍ତ୍ର(ଆଣ୍ଟି ବାଲାଷ୍ଟିକ ମିଶାଇଲ) କୁହାଯାଇଥାଏ। ଚାନ୍ଦିପୁର କ୍ଷେପଣାସ୍ତ୍ର ଘାଟିରେ ବ୍ରହ୍ମୋସ୍‌ର ସଫଳ ପରୀକ୍ଷଣ ପରେ ପ୍ରତିରକ୍ଷା ବିଭାଗ ପକ୍ଷରୁ ସମସ୍ତ ବିଶେଷଜ୍ଞ ଓ ବୈଜ୍ଞାନିକଙ୍କୁ ଅଭିନନ୍ଦନ ଜ୍ଞାପନ କରାଯାଇ ଏହା ଭାରତର ପ୍ରତିରକ୍ଷା ବ୍ୟବସ୍ଥାକୁ ଅଧିକ ଶକ୍ତିଶାଳୀ କରିବ ବୋଲି କୁହାଯାଇଛି। ବ୍ରହ୍ମୋସ କ୍ଷେପଣାସ୍ତ୍ରର ଲକ୍ଷ୍ୟଭେଦ କ୍ଷମତା ପ୍ରାୟ ୪୫୦ କି.ମି.। ଏହା ଅଢ଼େଇ ହଜାରରୁ ୩ହଜାର କେଜି ପର୍ଯ୍ୟନ୍ତ ଉଭୟ ଅଣୁ ଓ ପରମାଣୁ ଯୁଦ୍ଧାସ୍ତ୍ର ପରିବହନ କରିବା କ୍ଷମତା ରଖିଛି। ଏହାର ଲମ୍ବ ୮.୪ ମିଟର ଏବଂ ଓସାର .୬ ମିଟର। ଗତ ୨୦୦୬ ନଭେମ୍ବର ୨୨ ତାରିଖରେ ଏହାର ପ୍ରଥମ ସଫଳ ପରୀକ୍ଷଣ ହୋଇଥିଲା। ପରେ ଏହାକୁ ଭାରତୀୟ ସେନାବାହିନୀରେ ସାମିଲ୍ କରାଯାଇଥିଲା। ଗତ ୨୦୧୮ ମେ' ୨୧ ତାରିଖରେ ଏହାର ପ୍ରଥମ ବ୍ୟବହାରିକ ପରୀକ୍ଷଣ ହୋଇଥିଲା।












ସୁଖ ସମୟ ଉପସ୍ଥିତ ହେଲେ ଯେପରି ଦୁଃଖ ଆପେ ଆପେ ଦୂର ହୋଇଯାଏ, ସେହିପରି ହୃଦୟରେ କୃଷ୍ଣପ୍ରେମ ଜାଗ୍ରତ ହୋଇଲେ ବିଷୟବସନା ମନୁଷ୍ୟଠାରୁ ଛାଡ଼ି ପଳାଏ।
- ଶ୍ରୀଚୈତନ୍ୟ ଦେବ

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................

ବୟସ:...................................

ଜନ୍ମ ତାରିଖ: ..............................



ସୋହମ୍
ପରିବାରବର୍ଗ



ଆଦିତ୍ୟ
ପରିବାରବର୍ଗ



କାଜଲ୍
ପରିବାରବର୍ଗ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

### ସହରାଞ୍ଚଳ ପାନୀୟଜଳ ପ୍ରକଳ୍ପ ସମୀକ୍ଷା

# ଡିସେମ୍ବର ସୁଦ୍ଧା ୮ ଲକ୍ଷ ପୌରାଞ୍ଚଳ ପରିବାରକୁ ବିଶୁଦ୍ଧ ଜଳ

**ଭୁବନେଶ୍ୱର, ୪।୬(ବ୍ୟୁରୋ)**

ଆସନ୍ତା ଡିସେମ୍ବର ଶେଷ ସୁଦ୍ଧା ରାଜ୍ୟର ୧୧୪ ପୌରାଞ୍ଚଳର ୮ ଲକ୍ଷରୁ ଊର୍ଦ୍ଧ୍ୱ ଘରକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦିଆଯିବ। ଏଥିରେ ୭୦ଲକ୍ଷରୁ ଅଧିକ ଲୋକ ଉପକୃତ ହେବେ ବୋଲି ପଞ୍ଚାୟତିରାଜ, ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନା କହିଛନ୍ତି। ନୂତନ ଦାୟିତ୍ୱ ଗ୍ରହଣ କରିବା ପରେ ମନ୍ତ୍ରୀ ଜେନା ମଙ୍ଗଳବାର ସହରାଞ୍ଚଳ ପାନୀୟ ଜଳ ପ୍ରକଳ୍ପ ସମ୍ପର୍କରେ ସମୀକ୍ଷା କରିଛନ୍ତି। ସମୀକ୍ଷାରୁ ମିଳିଥିବା ସୂଚନାନୁସାରେ, ସହରାଞ୍ଚଳରେ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ନିମନ୍ତେ ୭୯୩ ପ୍ରକଳ୍ପ ହାତକୁ ନିଆଯାଇଥିବାବେଳେ ୬୪୨ଟି ସମ୍ପୂର୍ଣ୍ଣ ହୋଇଛି। ବାକି ପ୍ରକଳ୍ପଗୁଡ଼ିକ ଖୁବ୍‌ଶୀଘ୍ର ସମ୍ପୂର୍ଣ୍ଣ ହେବାକୁ ଯାଉଛି। ଯୋଗାଇ ଦିଆଯାଉଥିବା ପାଣିର ଗୁଣବତ୍ତା ପରୀକ୍ଷା କରିବା ନିମନ୍ତେ ପିପିପି ମୋଡ଼ରେ ୯ଟି ପରୀକ୍ଷାଗାର ସ୍ଥାପନ କରାଯାଇଛି। ୨୦୧୩ରେ ପ୍ରସ୍ତୁତ ଓଡ଼ିଶା ରାଜ୍ୟ ସହରାଞ୍ଚଳ ପାନୀୟ ଜଳ ନୀତି ଅନୁଯାୟୀ, ୨୦୨୬ ସୁଦ୍ଧା ଏହି ଲକ୍ଷ୍ୟଧାର୍ଯ୍ୟ ପୂରଣ ହେବାର ଥିଲା। ହେଲେ ବିଭାଗ ତରଫରୁ ଯୁଦ୍ଧକାଳୀନ ଭିତ୍ତିରେ ଉଦ୍ୟମ କରାଯାଇ ୨୦୧୯ ଡିସେମ୍ବର ସୁଦ୍ଧା ଏହା ପୂରଣ ହେବାକୁ ଯାଉଛି। ପ୍ରାକୃତିକ ବିପର୍ଯ୍ୟୟ ହେଉ କିମ୍ବା କୌଣସି କାରଣରୁ ପାନୀୟଜଳ ପ୍ରକଳ୍ପକୁ ବିଦ୍ୟୁତ ସରବରାହ ବ୍ୟାହତ ହେଉଥିବାରୁ ନିରବଚ୍ଛିନ୍ନ ପାନୀୟ ଜଳ ଯୋଗାଣ ବଜାୟ ରଖିବା ପାଇଁ ପ୍ରାୟ ୧୫୦ କୋଟି ଟଙ୍କା ବ୍ୟୟ ଅଟକଳରେ ଜେନେରେଟର ବ୍ୟବସ୍ଥା କରାଯିବ। ବର୍ତ୍ତମାନ ସହରାଚଞ୍ଚଳରେ ଯୋଗାଇ ଦିଆଯାଉଥିବା ପାନୀୟ ଜଳ ଯୋଗାଣ ବ୍ୟବସ୍ଥାର ଉନ୍ନତିକରଣ ନିମନ୍ତେ ମଧ୍ୟ ପଦକ୍ଷେପ ଗ୍ରହଣ କରାଯାଉଥିବା ସୂଚନା ମିଳିଛି। ସଚିବାଳୟରେ ଅନୁଷ୍ଠିତ ଉକ୍ତ ବୈଠକରେ ଗୃହ ନିର୍ମାଣ ଓ ନଗରଉନ୍ନୟନ ବିଭାଗ ପ୍ରମୁଖ ସଚିବ ଜି.ମାଥିଭାଥନନ୍‌ଙ୍କ ସମେତ ବିଭାଗୀୟ ପଦାଧିକାରୀମାନେ ଉପସ୍ଥିତ ଥିଲେ।

### ମାଓବାଦୀ ମୁକାବିଲା ପାଇଁ ସମୀକ୍ଷା ବୈଠକ

# ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ନିଷ୍ପତ୍ତି

**ଭବାନୀପାଟଣା, ୪।୬(ଡି.ଏନ.ଏ.)**




ଭବାନୀପଟଣାସ୍ଥିତ ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମିଳନୀ ଗୃହରେ ମାଓବାଦୀ ମୁକାବିଲା ପାଇଁ ସମୀକ୍ଷା ଚାଲିଛି।

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମିଳନୀ ଗୃହରେ ମଙ୍ଗଳବାର ମାଓବାଦୀ ମୁକାବିଲା ପାଇଁ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। କଳାହାଣ୍ଡି, ରାୟଗଡା, କନ୍ଧମାଳ ଓ ନବରଙ୍ଗପୁର ଜିଲାରେ ମାଓବାଦୀଙ୍କ କାର୍ଯ୍ୟକଳାପ ବୃଦ୍ଧି ପାଉଥିବା ଯୋଗୁ ଏହାର ମୁକାବିଲା ପାଇଁ ଏହି ସମୀକ୍ଷା ବୈଠକରେ ଆଲୋଚନା କରାଯାଇଛି। ଅତିରିକ୍ତ ପୋଲିସ ମହାନିର୍ଦ୍ଦେଶକ (ଅପରେଶନ୍) ଆର୍‌ପି କୋଚେ, କଳାହାଣ୍ଡି ଦକ୍ଷିଣ-ପଶ୍ଚିମାଞ୍ଚଳ ଡିଆଜି ହିମାଂଶୁ ଲାଲ, ରାୟଗଡା, କନ୍ଧମାଳ, ନବରଙ୍ଗପୁର ଜିଲାର ଏସ୍‌ପିମାନେ ବୈଠକରେ ଯୋଗଦେଇଥିଲେ। ଏଥିସହିତ ସିଆରପିଏଫ୍, କମାଣ୍ଡାଣ୍ଟ ମଧ୍ୟ ଯୋଗଦେଇଥିଲେ। ମାଓବାଦୀଙ୍କ ଗତିବିଧି ଉପରେ ଆଲୋଚନା କରାଯିବା ସହ ସେମାନଙ୍କ କାର୍ଯ୍ୟକଳାପ ଉପରେ ତୀକ୍ଷ୍ଣ ଦୃଷ୍ଟି ରଖିବା ସହ ମାଓବାଦୀ ଦମନ ପାଇଁ ଆଲୋଚନା ହୋଇଥିଲା। ଏହି ସବୁ ଜିଲାରେ ମାଓବାଦୀଙ୍କ କାର୍ଯ୍ୟକଳାପ ବୃଦ୍ଧି ପାଉଥିବା ସହ ସେମାନେ ବିକାଶମୂଳକ କାର୍ଯ୍ୟ କରାଇ ନ ଦେବା ପରିତାପର ବିଷୟ। ମାଓବାଦୀମାନେ ନିଜର ସ୍ଥିତି ଜାହିର କରିବା ପାଇଁ ଯାନବାହନ ପୋଡ଼ି, ପ୍ରଜାକୋର୍ଟ ଭଳି କାର୍ଯ୍ୟ କରୁଛନ୍ତି। ଏହିସବୁ ଜିଲାରେ ମାଓବାଦୀଙ୍କ ଦମନ ପାଇଁ ନିଷ୍ପତ୍ତି ନେଇ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ବୈଠକରେ ଆଲୋଚନା କରାଯାଇଛି। ବୈଠକରେ କଳାହାଣ୍ଡି ଏସ୍‌ପି ବି. ଗଙ୍ଗାଧରଙ୍କ ସମେତ ରାୟଗଡା ଏସ୍‌ପି ଶ୍ରବଣ ବିବେକ ଏମ୍, ନବରଙ୍ଗପୁର ଏସ୍‌ପି କୁଶଲକର ନୀତିନ ଡି, ବାଲିଗୁଡା ଏସଡିପିଓ ବିନିତ୍ ଅଗ୍ରୱାଲ ଏବଂ ସିଆରପିଏଫ୍ କମାଣ୍ଡାଣ୍ଟ ପ୍ରମୁଖ ଯୋଗଦେଇଥିଲେ।

### ଜୁଲାଇ ୪ରେ ରଥଯାତ୍ରା

# ଅପରାହ୍ନ ୪ଟାରେ ରଥଟଣା



ବୈଠକରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ, ଜିଲାପାଳ ଏବଂ ଅନ୍ୟମାନେ।

**ପୁରୀ ଅଫିସ, ୪।୬**

## ସକାଳ ସାଢେ ୯ଟାରେ ପହଣ୍ଡି

### ନୀତି ସବ୍‌କମିଟି ବୈଠକରେ ଆଲୋଚନା

ଆସନ୍ତା ଜୁଲାଇ ୪ତାରିଖରେ ମହାପ୍ରଭୁଙ୍କ ପ୍ରସିଦ୍ଧ ରଥଯାତ୍ରା। ଏହାକୁ ସୁରୁଖୁରୁରେ ସମ୍ପନ୍ନ କରିବା ଲାଗି ଚଳିତବର୍ଷ ଶ୍ରୀମନ୍ଦିର ପ୍ରଶାସନ ସଅଳ ନୀତି ନିର୍ଘଣ୍ଟ କରିଛି। ପ୍ରାତଃ ୬ଟାରେ ମଙ୍ଗଳ ଆଳତି କରାଯାଇ ଠାକୁରଙ୍କ ଅନ୍ୟାନ୍ୟ ନୀତି ଚାଲିବ । ସକାଳ ୯ଟାରେ ରଥ ପ୍ରତିଷ୍ଠା, ୯ଟା ୧୫ରେ ମଙ୍ଗଳାର୍ପଣ ହୋଇ ସାଢେ ୯ଟାରେ ପହଣ୍ଡି ଆରମ୍ଭ ହେବ। ମଧ୍ୟାହ୍ନ ସାଢେ ୧୨ଟା ସୁଦ୍ଧା ପହଣ୍ଡି ସରି ରଥ ଉପରକୁ ମଦନମୋହନ ବିଜେ ହେବେ। ଏହାପରେ ଚିତାଲାଗି ନୀତି ଓ ଠାକୁରଙ୍କ ବେଶ ସମ୍ପନ୍ନ ହେବ। ଅପରାହ୍ନ ୨ଟାରୁ ୩ଟା ମଧ୍ୟରେ ଗଜପତି ମହାରାଜା ତିନିରଥରେ ଛେରାପହଁରା କରିବେ। ୩ଟାରୁ ୪ଟା ମଧ୍ୟରେ ଚାରମାଳ ଫିଟା ହୋଇ ଘୋଡ଼ା, ସାରଥୀ ଲାଗିବ। ଅପରାହ୍ନ ୪ଟାରେ ରଥଟଣା ଆରମ୍ଭ ହେବ। ମଙ୍ଗଳବାର ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ଅନୁଷ୍ଠିତ ନୀତି ସବ୍ କମିଟି ବୈଠକରେ ଏ ସଂକ୍ରାନ୍ତରେ ଆଲୋଚନା କରାଯାଇଛି। ଆସନ୍ତା ୯ତାରିଖ ଛତିଶା ନିଯୋଗ ବୈଠକରେ ଏହି ନୀତି ଚୂଡ଼ାନ୍ତ ହେବ। ୧୧ତାରିଖ ପରିଚାଳନା କମିଟି ବୈଠକରେ ଏହାକୁ ଅନୁମୋଦନ କରାଯିବ ବୋଲି ଜଣାପଡ଼ିଛି। ଆବଶ୍ୟକ ପଡ଼ିଲେ ଛତିଶା ନିଯୋଗ ଓ ପରିଚାଳନା କମିଟି ଏଥିରେ ପରିବର୍ତ୍ତନ କରିପାରିବେ ବୋଲି କୁହାଯାଇଛି।

ନୀତି ସବ୍ କମିଟି ବୈଠକରେ ରାଜେନ୍ଦ୍ରାଭିଷେକଠାରୁ ନିଳାଦ୍ରୀବିଜେ ପର୍ଯ୍ୟନ୍ତ ନୀତି ଉପରେ ଆଲୋଚନା କରାଯାଇଥିଲା। ଆସନ୍ତା ୧୨ରେ ରାଜେନ୍ଦ୍ରାଭିଷେକ, ୧୩ରେ ରୁକ୍ମିଣୀ ହରଣ ଏକାଦଶୀ, ୧୪ରେ ଚମ୍ପକ ଦ୍ୱାଦଶୀ, ୧୫ରେ ଦଇତାପତି ପ୍ରବେଶ, ୧୬ରେ ସେନାପଟା ଲାଗି ଏବଂ ୧୭ରେ ସ୍ନାନଯାତ୍ରା ଓ ହାତୀବେଶ ନୀତିକୁ ନେଇ ଆଲୋଚନା ହୋଇଥିଲା। ସ୍ନାନଯାତ୍ରା ପାଇଁ ଭୋର ସାଢେ ୫ଟାରୁ ପହଣ୍ଡି ଆରମ୍ଭ ହୋଇ ସାଢେ ୭ଟାରେ ସରିବ। ଠାକୁର ସ୍ନାନମଣ୍ଡପରେ ବିଜେ କରିବା ପରେ ସକାଳ ସାଢେ ୯ଟାରେ ଅଧରପୋଛା ନୀତି ହେବ। ମଧ୍ୟାହ୍ନ ୧୨ଟାରୁ ଅପରାହ୍ନ ୨ଟା ମଧ୍ୟରେ ଜଳବିଜେ, ପୂଜା ଓ ସ୍ନାନ, ଅପରାହ୍ନ ସାଢେ ୩ଟାରେ ଛେରା ପହଁରା ସରିବା ପରେ ୪ଟାରୁ ହାତୀବେଶ ଆରମ୍ଭ ହେବ। ରାତି ସାଢେ ୧୦ଟା ପର୍ଯ୍ୟନ୍ତ ଭକ୍ତ ଏହି ବେଶ ଦର୍ଶନ କରିପାରିବେ। ଏହାପରେ ବାହୁଡ଼ା ପହଣ୍ଡି ଆରମ୍ଭ ହୋଇ ରାତି ସାଢେ ୧ଟାରେ ସରିବ।

ସେହିପରି ଜୁନ୍ ୨୮ରେ ଚକାବିଜେ, ୨୯ରେ ଶ୍ରୀମନ୍ଦିରରେ ଖଳିଲାଗି, ୩୦ରେ ଶ୍ରୀନଅରକୁ ରାଜପ୍ରସାଦ ବିଜେ, ଜୁଲାଇ ୧ରେ ଶ୍ରୀମନ୍ଦିରରେ ଘଣାଲାଗି ଓ ବନକଲାଗି, ୨ରେ ନବଯୌବନ ଦର୍ଶନ ଓ ନେତ୍ରୋତ୍ସବ, ୩ରେ ଉଭାଯାତ୍ରା, ୪ରେ ଗୁଣ୍ଡିଚା ଯାତ୍ରା, ୮ରେ ହେରାପଞ୍ଚମୀ, ୧୧ରେ ସନ୍ଧ୍ୟା ଦର୍ଶନ, ୧୨ରେ ବାହୁଡ଼ା ଯାତ୍ରା ଓ ହରିଶୟନ ଏକାଦଶୀ, ୧୩ ତାରିଖରେ ସୁନାବେଶ ଓ ଗରୁଡ଼ ଶୟନ, ୧୪ରେ ରଥ ଉପରେ ଶ୍ରୀବିଗ୍ରହଙ୍କ ଅଧରପଣା ଓ ୧୫ ତାରିଖରେ ନୀଳାଦ୍ରିବିଜେ ଅନୁଷ୍ଠିତ ହେବ। ଏହିସବୁ ନୀତି ବିଷୟରେ ସବ୍ କମିଟି ବୈଠକରେ ଆଲୋଚନା କରାଯାଇଛି। ବୈଠକରେ ମୁଖ୍ୟ ପ୍ରଶାସକ ପ୍ରଦୀପ୍ତ ମହାପାତ୍ର ଅଧ୍ୟକ୍ଷତା କରିଥିବାବେଳେ ଜିଲାପାଳ ତଥା ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ବଲୱନ୍ତ ସିଂ, ଏସ୍‌ପି ଉମାଶଙ୍କର ଦାଶ, ନୀତି ପ୍ରଶାସକ ବିଶ୍ୱଜିତ ବିଶ୍ୱାଳ, ସବ୍ କମିଟି ସଦସ୍ୟ ମାଧବ ପୂଜାପଣ୍ଡା, ରାମଚନ୍ଦ୍ର ଦାସମହାପାତ୍ର, ଅନନ୍ତ ତିଆଡ଼ି ପ୍ରମୁଖ ଉପସ୍ଥିତ ଥିଲେ।

**କିଛି ତଥ୍ୟ**

୨୦୧୮-୧୯ ଆର୍ଥିକ ବର୍ଷରେ ଦେଶରୁ ଆଭୂଷଣ ଓ ରତ୍ନପଥର ରପ୍ତାନି ୫.୩% ହ୍ରାସ ଘଟି ୩୦.୯୬ ବିଲିୟନ ଡଲାରରେ ପହଞ୍ଚିଛି।
**-ଗହଣା ରପ୍ତାନି ପ୍ରୋତ୍ସାହନ ପରିଷଦ**

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜିର ଚନ୍ଦ୍ର ତିନୋଟିଗ୍ରହ ମଧ୍ୟରେ ଭାଗ୍ୟସ୍ଥାନକୁ ଅବଲୋକନ କରି ନୂଆ ନୂଆ କାମର ରୂପରେଖ ପ୍ରସ୍ତୁତ କରାଇପାରନ୍ତି। ଦୀର୍ଘଦିନରୁ ଆପଣ ଯାହା ଆଶା କରୁଥିଲେ ଆଜି ତାହା ସହଜ ଓ ସୁବିଧାରେ ପାଇଯିବେ। କଳା, ସାହିତ୍ୟ, ସଙ୍ଗୀତ, ବୃତ୍ତି, ବାଣିଜ୍ୟ ପାଇଁ ଦିନଟି ଭଲ। କିନ୍ତୁ ପ୍ରତ୍ୟେକ କ୍ଷେତ୍ରରେ ପ୍ରତିଯୋଗିତାମୂଳକ ମନୋଭାବ ଉପୁଜିପାରେ।

**ବୃଷ** ସ୍ୱଗୃହୀ ଶୁକ୍ର ଚତୁର୍ଥାଧିପ ରବିଙ୍କ ଦ୍ୱାରା ପ୍ରଭାବିତ ହୋଇ କୌଣସି ବିଶିଷ୍ଟବ୍ୟକ୍ତିଙ୍କ କଥାରେ ପରିଚାଳିତ ହୋଇପାରନ୍ତି। ଏଣେ ପାରିବାରିକ ସମସ୍ୟା ବାରମ୍ବାର ମନରେ ଚିନ୍ତା କରି ମନଟା ଭଲ ରହିବ ନାହିଁ। କେତେକ କ୍ଷେତ୍ରରେ ଶେଷ ସମୟରେ ନିଷ୍ପତ୍ତି ବଦଳାଇ ପାରନ୍ତି। ଅବଶ୍ୟ ଶିଳ୍ପ, ବାଣିଜ୍ୟ ଓ ବ୍ୟବସାୟ କ୍ଷେତ୍ରରେ ଶୁଭଫଳ ପାଇବେ।

**ମିଥୁନ** ଏକାଧିକ ରାଶିରେ ଅବସ୍ଥାନ କରି ମାନସିକ ବିକ୍ଷିପ୍ତତା ମଧ୍ୟରେ ଅଭିଳଷିତ କାର୍ଯ୍ୟରେ ସିଦ୍ଧିଲାଭ କରାଇବେ। ତଥାପି ସାମୟିକ ଭାବରେ ଦୈହିକ ଦୁର୍ବଳତା କର୍ମକ୍ଷେତ୍ରକୁ ସାମାନ୍ୟ ମନ୍ଥର କରିପାରେ। ଆର୍ଥିକ ପରିସ୍ଥିତି ଭଲ ରହିବ। ପଡୋଶୀଙ୍କଠାରୁ କୌଶଳରେ କାର୍ଯ୍ୟ ହାସଲ କରିନେବେ। ନିର୍ମାଣାଧୀନ ଅସମ୍ପୂର୍ଣ୍ଣ କାର୍ଯ୍ୟ କିଛି ଅଂଶରେ ବଢିଚାଲିବ।

**କର୍କଟ** ଦ୍ୱାଦଶସ୍ଥ ଗ୍ରହମାନେ ଆପଣଙ୍କୁ ବାରମ୍ବାର ସ୍ଥାନ ପରିବର୍ତ୍ତନ କରାଇ କର୍ମ ପରିସରକୁ ବ୍ୟାପକ କରିପାରନ୍ତି। ଅବଶ୍ୟ ଆପଣ ପ୍ରତ୍ୟେକ କ୍ଷେତ୍ରରେ ନିଜକୁ ଆଡଜଷ୍ଟ କରି ଚଳି ପାରିବା ହେତୁ କିଛି ଅସୁବିଧା ହେବନାହିଁ। ବ୍ୟବସାୟ ଓ ବାଣିଜ୍ୟରେ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ। ପରିସ୍ଥିତିରେ ପଡି କେତେକ କାମ ଇଚ୍ଛା ନ ଥିଲେ ମଧ୍ୟ କରିବାକୁ ବାଧ୍ୟ ହୋଇପାରନ୍ତି।

**ସିଂହ** ଏକାଦଶସ୍ଥ ଗ୍ରହମାନେ ଆପଣଙ୍କ ଆଶା ଓ ଅଭିଳାଷକୁ ପୂରଣ କରିବାରେ ସମର୍ଥ ହେବେ। ଏକ ଭିନ୍ନ ପରିସ୍ଥିତିରେ ନିକଟ ସମ୍ପର୍କୀୟମାନଙ୍କ ସାହାଯ୍ୟ ଲାଭ କରି ଅଟକି ରହିଥିବା କାମଟିକୁ ସମ୍ପନ୍ନ କରିବେ। କାମଗୁଡିକ ସୁବିଧାରେ ସମ୍ପନ୍ନ ହେବାର ସମ୍ଭାବନା ରହିଛି। ଅର୍ଥ ଲାଭ ସାଙ୍ଗକୁ ଶାରୀରିକ ସୁସ୍ଥତା ଏବଂ ପ୍ରତିଯୋଗିତାରେ ସଫଳତା ଯୋଗୁ ମନ ଖୁସି ରହିବ।

**କନ୍ୟା** ଗ୍ରହ ପ୍ରଭାବରୁ ପ୍ରଭାବଶାଳୀ କର୍ମକ୍ଷେତ୍ର ଯୋଗୁ ରହିଆସିଥିବା ସମସ୍ୟା ସମାଧାନ ହୋଇଯିବ ଓ ମାନସିକ ଦ୍ୱନ୍ଦ୍ୱର ଅବସାନ ଘଟିବ। ଅପୂରଣୀୟ ଆଶା ମନକୁ ବାରମ୍ବାର ସାମୟିକ ଆଲୋଡ଼ନ କରିବା କାରଣରୁ ସାମୟିକ ଅଶାନ୍ତ ରହିବେ। ଆମଦାନୀ କାରବାର କ୍ଷେତ୍ରରେ ବ୍ୟବସାୟିକ ସ୍ଥିତି ସୁଦୃଢ଼ ରହିବ ଓ ଲାଭବାନ ମଧ୍ୟ ହେବେ।

**ତୁଳା** ଅଷ୍ଟମସ୍ଥ ସ୍ୱଗୃହୀ ଶୁକ୍ର ଶାରୀରିକ ଦୁର୍ବଳତା ସାଙ୍ଗକୁ ସାମୟିକ ଅଭାବବୋଧଜନିତ ଚିନ୍ତିତ ରହିପାରନ୍ତି। ପଦସ୍ଥ ବ୍ୟକ୍ତି ବିଶେଷମାନଙ୍କ ନିକଟରୁ ଆନୁଷ୍ଠାନିକ କାମରେ ପ୍ରେରଣା ମିଳିବ। ଶିଳ୍ପ, ବାଣିଜ୍ୟ, ରାଜନୀତି ସ୍ତରରେ କିଛିଟା ବ୍ୟତିକ୍ରମ ପରିଲକ୍ଷିତ ହୋଇପାରେ। ପଡ଼ୋଶୀଙ୍କ ସହାୟତା ଲାଭ କରି ମାନସିକ ଅସୁସ୍ଥିକୁ ଦୂରେଇବାର ଚେଷ୍ଟା କରିପାରନ୍ତି।

**ବିଛା** ସ୍ୱାସ୍ଥ୍ୟରେ ଉନ୍ନତି, ନୂତନ କର୍ମାରମ୍ଭ,ପ୍ଲଟିଙ୍ଗ କାରବାରରେ ଅଗ୍ରଗତି, ବିବାଦୀୟ ଘଟଣାରେ ବିଜୟ ଲାଭରୁ ମନ ଏକପ୍ରକାର ଖୁସି ରହିବ। ଅଷ୍ଟମସ୍ଥ ଗ୍ରହ ବିଭିନ୍ନ ଦିଗରୁ ଅର୍ଥାଗମର ଯୋଜନାକୁ ସାକାର କରାଇପାରନ୍ତି। କ୍ରୀଡ଼ା, କଳା ସାହିତ୍ୟ, ସଙ୍ଗୀତ ଓ ଚଳଚ୍ଚିତ୍ରରେ ସମସ୍ୟା ଆପଣାଛାଏଁ ସମାଧାନ ହୋଇଯିବ।

**ଧନୁ** ବୃହସ୍ପତିଙ୍କ ଶୁଭଦୃଷ୍ଟିରୁ ଆପଣଙ୍କ ଉନ୍ନତ ଚିନ୍ତାଧାରା ସନ୍ତାନଙ୍କ ସମସ୍ୟା, ଉଚ୍ଚଶିକ୍ଷା ଓ ବିଦେଶଯାତ୍ରାର ସୁଯୋଗ ପାଇପାରନ୍ତି। ପ୍ରତିଯୋଗିତା, କ୍ରୀଡ଼ା, ଗବେଷଣା, ଲେଖାପଢ଼ା ତଥା ବ୍ୟବସାୟ, ପରିବହନ, ବ୍ୟବସାୟ ଓ ବାଣିଜ୍ୟ ମଧ୍ୟ ମାନ୍ଦା ହେବ ନାହିଁ। କର୍ମକ୍ଷେତ୍ରରେ ସହକର୍ମୀଙ୍କ ଠାରୁ ଭୁଲ୍ ଖବର ପାଇ ବିବ୍ରତ ହୋଇପାରନ୍ତି।

**ମକର** ବ୍ୟୟଭାବ ପ୍ରତି ଗ୍ରହମାନଙ୍କ ଦୃଷ୍ଟି ଫଳରେ ଆଜିର ପ୍ରତ୍ୟୁଷ ଯାତ୍ରାରେ ସଫଳତା ମିଳିବ ଓ ଯେଉଁ କାମରେ ବାହାରିଛନ୍ତି ସେଥିରେ ନିଶ୍ଚିତ କୃତକାର୍ଯ୍ୟ ହେବେ । ମାଲିମକଦ୍ଦମା, ବ୍ୟବସାୟ, ପରିବହନ ପାଇଁ ବିଶେଷ ଅସୁବିଧା ହେବ ନାହିଁ। କୌଣସି ଗୁରୁତ୍ୱପୂର୍ଣ୍ଣ ବିଷୟାଲୋଚନା ପରିପ୍ରେକ୍ଷୀରେ ନିକଟ ସମ୍ପର୍କୀୟମାନେ ଆପଣଙ୍କ ପରାମର୍ଶ ଲୋଡ଼ିପାରନ୍ତି।

**କୁମ୍ଭ** ଗ୍ରହସ୍ଥିତିର ସାମ୍ୟତା ଆପଣଙ୍କ ଦିନଚର୍ଯ୍ୟା ସକାଶେ ଶୁଭଙ୍କରୀ ହେବ। ଯାହା ଚାହୁଁଛନ୍ତି ସେହି ଅନୁସାରେ କାମ କରିଚାଲିଲେ ଅଭିଳାଷ ନିଶ୍ଚିତ ପୂରଣ ହୋଇପାରିବ। ଗୃହସୀମାଜନିତ ବିବାଦ, କଚେରି ମାମଲା କ୍ଷେତ୍ରରେ ଆଶାଜନକ ଫଳ ପାଇବେ। ଆର୍ଥିକ ଉନ୍ନତି ଘଟିବ କିଛି ବ୍ୟବସାୟ, ବାଣିଜ୍ୟ ଓ ପରିବହନରୁ ମଧ୍ୟ ଲାଭ ପାଇପାରିବେ।

**ମୀନ** ସ୍ୱାସ୍ଥ୍ୟ ଭଲ ରହିବା ସହ ନୂତନ କର୍ମାରମ୍ଭ, ନିଯୁକ୍ତି ଖବର, ବନ୍ଧୁଙ୍କ ନିମନ୍ତ୍ରଣରେ ଯାତ୍ରା ଭଳି ଶୁଭସୂଚକ କେତେକ କାର୍ଯ୍ୟ କରିବେ। ମାନସିକ ଅସ୍ଥିରତା ଲାଗି ରହିଲେ ମଧ୍ୟ ଯେଉଁ କାମରେ ହାତ ଦେବେ, ସେଥିରେ ଅବଶ୍ୟ ସଫଳତା ପାଇବେ। କଳା, ସାହିତ୍ୟ, ସଙ୍ଗୀତ ଓ ଚଳଚ୍ଚିତ୍ର କ୍ଷେତ୍ରରେ ଆଶାତୀତ ସଫଳତା ହାସଲ କରିବେ।

ଆଜି ଜ୍ୟେଷ୍ଠ ଶୁକ୍ଳ ଦ୍ୱିତୀୟା ଯୁକ୍ତ ତୃତୀୟା ବୁଧବାର, ଜୁନ୍ ୫ ତାରିଖ, ବିଶ୍ୱ ପରିବେଶ ଦିବସ,ଇଦ୍-ଉଲ୍-ଫିତର୍, ରାଶି ନକ୍ଷତ୍ର-ଆରଦ୍ରା/ମିଥୁନ, ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, କନ୍ୟା ରାଶିର ଘାତ ଚନ୍ଦ୍ର, କର୍କଟରାଶିର ଘାତବାର, ଦିବା ଘ୬।୪୭ମି. ଗତେ ଘ୮।୨୪ମି. ମଧ୍ୟେ, ଘ୨।୫୫ମି. ଗତେ ଘ୪।୩୨ମି. ମଧ୍ୟେ ଅମୃତବେଳା। ଦିବା ଘ୬।୪୭ମି. ମଧ୍ୟେ ଘ୧୦।୦୧ମି.ଗତେ, ଘ୧୧।୩୮ମି. ମଧ୍ୟେ ଘ୪।୩୨ମି. ଗତେ, ଘ୬।୨୦ମି. ମଧ୍ୟେ ମାହେନ୍ଦ୍ର ବେଳା।

### ଏସ୍‌ସିବିରେ ସଫଳ ଅସ୍ତ୍ରୋପଚାର

# ମହିଳାଙ୍କ ମଳଦ୍ୱାରରୁ ବାହାରିଲା ବୋତଲ ମୁହଁ

**କଟକ ଅଫିସ, ୪।୬**-ଚୁଲିରେ ରୋଷେଇ କରୁଥିବା ବେଳେ ଚୁଲି ଭିତରେ ହଠାତ୍ ବିସ୍ଫୋରଣ ହୋଇଥିଲା। କୌଣସି ପ୍ରକାରେ ଚୁଲି ଭିତରେ ଏକ କାଚ ବୋତଲ ରହି ଯାଇଥିଲା। ଚୁଲିରେ ଜାଳ ସଂଯୋଗ ପରେ ବୋତଲଟି ଫାଟିଥିଲା। ବୋତଲର ଅଗ୍ରଭାଗ ରୋଷେଇ କରୁଥିବା ମହିଳାଙ୍କ ମଳଦ୍ୱାର ଭିତରେ ପଶି ଯାଇଥିଲା। ସେ ରକ୍ତାକ୍ତ ହୋଇ ଯନ୍ତ୍ରଣାରେ ଛଟପଟ ହେଉଥିଲେ। ପରିବାର ଲୋକେ ଚିକିତ୍ସା ନିମନ୍ତେ ତାଙ୍କୁ ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ବୋତଲ ପଶିଥିବା ଜାଗାକୁ ଡାକ୍ତର ସିଲେଇ କରିବା ସହିତ ଡ୍ରେସିଂ କରି ଛାଡ଼ି ଦେଇଥିଲେ। ଘା ସୁଖି ଯାଇଥିଲା। ମାତ୍ର କିଛିଦିନ ପରେ ପୁନର୍ବାର ବୋତଲ ମୁହଁ ପଶିଥିବା ଜାଗାଟି ଯନ୍ତ୍ରଣା ଦେବା ସହିତ ସେଠାରୁ ପୁଜରକ୍ତ ବାହାରିଥିଲା। ପରିବାର ଲୋକେ ସମ୍ପୃକ୍ତ ମହିଳାଙ୍କୁ ୩ ଦିନ ତଳେ ଏସ୍‌ସିବି ମେଡିକାଲକୁ ଆଣିଥିଲେ। ମେଡିକାଲର ସର୍ଜରୀ ବିଭାଗରେ ସମ୍ପୃକ୍ତ ମହିଳାଙ୍କୁ ଭର୍ତ୍ତି କରାଯାଇଥିଲା। ବିଭାଗୀୟ ସହଯୋଗୀ ପ୍ରଫେସର ଡାକ୍ତର ଶ୍ରୀକାନ୍ତ ପଣ୍ଡା ବିଭିନ୍ନ ପରୀକ୍ଷା ନିରୀକ୍ଷା କରିବା ପରେ ମହିଳାଙ୍କ ମଳଦ୍ୱାର ଭିତରେ ଏକ କାଚବୋତଲ ମୁହଁ ଥିବା ଜାଣିବାକୁ ପାଇଥିଲେ। ଏହା ପରେ ଅପରେଶନ ପାଇଁ ଡାକ୍ତର ପଣ୍ଡା ପ୍ରସ୍ତୁତି ଆରମ୍ଭ କରିଥିଲେ। ଡାକ୍ତର ପଣ୍ଡାଙ୍କ ସହିତ ଡାକ୍ତର ରାଜେଶ ଦୋରା ଓ ଡାକ୍ତର ଟିଓ ପାଣିଗ୍ରାହୀଙ୍କୁ ନେଇ ଏକ ୮ ଜଣିଆ ଡାକ୍ତରୀ ଟିମ୍ ଗଠିତ ହୋଇଥିଲା। ମଙ୍ଗଳବାର ସମ୍ପୃକ୍ତ ମହିଳାଙ୍କ ଅପରେଶନ କରାଯାଇଥିଲା। ୨ ଘଣ୍ଟାର ଅପରେଶନ ପରେ ମହିଳାଙ୍କ ମଳଦ୍ୱାରରେ ଅଢେଇ ଇଞ୍ଚ ଗୋଲେଇର କାଚବୋତଲ ମୁହଁଟି ବାହାର କରାଯାଇଥିଲା। ମହିଳା ଜଣକ ସମ୍ପୂର୍ଣ୍ଣ ସୁସ୍ଥ ଥିବା ଡାକ୍ତର ପଣ୍ଡା ସୂଚନା ଦେଇଛନ୍ତି। ସମ୍ପୃକ୍ତ ମହିଳାଙ୍କ ଘର ବାଲେଶ୍ୱର ଜିଲା ଔପଦା ଅଞ୍ଚଳରେ। ଗତ ନଭେମ୍ବର ମାସରେ ସେ ରୋଷେଇ କରୁଥିବା ବେଳେ ଏହି ଅଘଟଣଟି ଘଟିଥିଲା।


# classifieds Everyday 0674-2580101, 2549302




**BRIDE WANTED**

Divorcee groom Engineer 39, CA 42, JE 43 (caste-no-bar) 7873374269. D-66479

Bhubaneswar ସ୍ଥିତ, 7lacs/yr income ଚାକିରିଆ, 31 ବୟସ୍କ ବ୍ରାହ୍ମଣ ପୁଅଙ୍କ ପାଇଁ ଯେକୌଣସି ଜାତିର ଝିଅ ଦରକାର। 7381460017. D-12826

ବ୍ରାହ୍ମଣ ପୁଅ ପାଇଁ ଝିଅ ଆବଶ୍ୟକ। ବୟସ-32, ଦରମା- 27,000 ଯେକୌଣସି ଜାତିର ଝିଅ ଦରକାର: 9777166101. D-12808

**GROOM WANTED**

Gudia କନ୍ୟା 27yrs, 166cm, ରାଶି ୨୨/୧୦ B.Tech (IT) not working, Bhubaneswar, call: 7008425091. D-64969

ଗଉଡ଼ ଜାତିର କନ୍ୟା 5'3" ବୟସ-28, BA, PGDCA ପାଇଁ ବରପାତ୍ର ଆବଶ୍ୟକ। ଯୋଗାଯୋଗ: 9178696646, 8847825195. D-64065

33 ବୟସ୍କା, ଛାଡ଼ପତ୍ର ହୋଇଥିବା ଖଣ୍ଡାୟତ ଚାକିରିଆ ଝିଅଙ୍କ ପାଇଁ ଯେକୌଣସି ଜାତିର ବିବାହିତ/ ଅବିବାହିତ ପୁଅ ଦରକାର: 7381460017. D-12779

Beautiful divorcee Brahmin girl 1987, 5'5" MBA. settled Bhubaneswar. "SUNASANSAR" 9937512659. D-12828

Teli girl 1988 5'3" B.Tech, serving TCS, Bangalore. "SUNASANSAR" 9937512659. D-12829




Get electronics & grocery product of 40% discount. Call: 07478268108. D-12792

**AFFIDAVIT**

By the virtue of the affidavit sworn in before the Executive Magistrate, Karanjia on 03.06.19 the date of birth of sri Devi Prasad Dash, S/o Shree Abani Kanta Dash, At -Badapatna, P.O, P.S-Swampatna, Dist-Keonjhar, Odisha, is 21.02.2003 as per his birth certificate and aadhaar card but erroneously 21.02.2002 has been mentioned in his board (ICSE) certificate. Hence, this declaration is made for necessary correction in his certificate and for all purposes in future. D-12837




**SALE**

BDA commercial ଜାଗା ପିତାପଲ୍ଲୀ ଛକ NH-16ରେ 550/-ରେ ମିଳୁଛି 7789999921. D-66383

ଭୁବନେଶ୍ୱର Tamando କେନ୍ଦ୍ରିୟ ବିହାର କଲୋନୀରେ 30' ରାସ୍ତା ଥାଇ plot କିଣନ୍ତୁ। 9348767829. D-66400

ଭୁବନେଶ୍ୱର AIIMS medical ନିକଟରେ Govt. roadକୁ ଲାଗି BDA approval yellow zone gharabari plot 1499/-. 9777553622. D-66394

**Triplex & Duplex at Ranga Bazar. Near BJEM English Medium School-II. Price start@45lakhs. Call: 9040046767, 9040007267.** D-12764

ପାଠକଙ୍କ ପାଇଁ ସୂଚନା: କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




Bhubaneswar ଯେକୌଣସି ମାର୍କେଟ ଅଞ୍ଚଳରେ ମିଲ୍କ ପାର୍ଲର ଲାଗି 150-200 sqft ମଧ୍ୟରେ ଖାଲି ଦୋକାନ ଘର ଭଡ଼ାରେ ଆବଶ୍ୟକ। ଯୋଗାଯୋଗ: 9437581042, 9439839132. D-12799

Now Matrimonial ads. only on Wednesday & Sunday Book 1 Get 1 FREE




Full body massage with refreshment at your own home step- 7873336383. D-12825

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ବିବାହ ଶୁଭେଚ୍ଛା ଟ୩୧୫/- (ଫଟୋ ସହ) ଏବଂ ଟ୨୦୦/- (ବିନା ଫଟୋ)ରେ। ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୫ସେମି. (W) ହେବା ଆବଶ୍ୟକ।



ଇହ ଜନ୍ମରେ ଯେତେଦୂର ସାଧନ କରାଯାଇଥାଏ, ତାହା ପରଜନ୍ମରେ ସଂସ୍କାର ଭାବରେ ପରିଣତ ହୋଇ ଉନ୍ନତିର ମାର୍ଗ ଉନ୍ମୁକ୍ତ କରିଦିଏ।

-ଗୀତା



## ସଂକ୍ଷେପରେ

### ବିଚାରାଧୀନ କଏଦୀ ମୃତ
### ୨୦୧୬ରେ ପୋଲିସ କରିଥିଲା ଏନ୍‌କାଉଣ୍ଟର

**ବ୍ରହ୍ମପୁର ଅଫିସ,୪।୬:** ବ୍ରହ୍ମପୁର ଏମ୍‌କେସିଜି ମେଡିକାଲରେ ଚିକିତ୍ସାଧୀନ ଥିବା ଜଣେ ବିଚାରାଧୀନ କଏଦୀଙ୍କର ମଙ୍ଗଳବାର ମୃତ୍ୟୁ ଘଟିଛି। ମୃତକ ହେଲେ ଆସିକା ଥାନା ପାକଲାପଲି ଗ୍ରାମର ଚକା ଓରଫ ଚକାନୟନ ନାହାକ (୨୫)। ମୃତଦେହ ପୋଲିସ ଜବତ କରି ଏକ ଅପମୃତ୍ୟୁ ମାମଲା (ନଂ.୨୯୧/୧୯)ରୁଜୁ କରିଛି। ଚକାଙ୍କ ଖାଦ୍ୟନଳୀରେ ସମସ୍ୟା ଥିଲା। ଗତ ୩୦ ତାରିଖରେ ତାଙ୍କୁ ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ୧ରେ ଚକାଙ୍କ ଅସ୍ତ୍ରୋପଚାର କରାଯାଇଥିଲା। ମଙ୍ଗଳବାର ତାଙ୍କର ମୃତ୍ୟୁ ଘଟିଛି।
ଆସିକା ଝଗଡେଇରେ କାଠ ବ୍ୟବସାୟୀ ସୁନୀଲ ସାବତଙ୍କୁ ହତ୍ୟା ପାଇଁ ୨୦୧୬ ମେ ୨୦ରେ ଦୁର୍ଦ୍ଧାନ୍ତ ଚକା ଷଡ଼ଯନ୍ତ୍ର କରୁଥିବା ବେଳେ ପୋଲିସ ସହ ମୁହାଁମୁହିଁ ହୋଇଥିଲା। ସେହି ସମୟରେ ଆସିକା ପୋଲିସ ଏନ୍‌କାଉଣ୍ଟର କରିଥିଲା। ଚକାଙ୍କଠାରୁ ପୋଲିସ ବନ୍ଧୁକ, ଗୁଳି ଜବତ କରିଥିଲା। ପରେ ତାଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରିଥିଲା। ପରବର୍ତ୍ତୀ ସମୟରେ ସେ ଜାମିନ ପାଇଥିଲେ। ଚକା ମାର୍ଚ୍ଚ ୧୯ରେ ଏକ ଡକାୟତି ଯୋଜନା ବେଳେ ଗିରଫ ହୋଇ ଜିଆର କେସ୍ ନଂ.୧୦୭/୧୯ରେ ସୋରଡା ଉପ କାରାଗାରରେ ବିଚାରାଧୀନ କଏଦୀ ଭାବେ ଥିଲେ। ତାଙ୍କ ଖାଦ୍ୟନଳୀରେ ସମସ୍ୟା ହେବାରୁ ସୋରଡା ଉପକାରଗରରେ ଚିକିତ୍ସା କରାଯାଇଥିଲା। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ ଏମ୍‌କେସିଜି ମେଡିକାଲ ସ୍ଥାନାନ୍ତର କରାଯାଇ ଶଲ୍ୟ ଚିକିତ୍ସା ବିଭାଗରେ ଭର୍ତ୍ତି କରାଯାଇଥିଲା। ପରେ ତାଙ୍କର ମୃତ୍ୟୁ ଘଟିଥିଲା। ମେଡିକାଲରୁ ସହକାରୀ ଜିଲାପାଳ ପ୍ରଦୀପ କୁମାର ମହାରଣା ମାଜିଷ୍ଟ୍ରେଟ, ଚକାଙ୍କ ପରିବାର ସଦସ୍ୟ ଓ ପୋଲିସ ଉପସ୍ଥିତିରେ ମୃତଦେହ ପଞ୍ଚନାମା କରାଯାଇଥିଲା ବୋଲି ମେଡିକାଲ ଫାଣ୍ଡି ଅଧିକାରୀ ଜନ୍ମେଜୟ ମଲ୍ଲିକ ସୂଚନା ଦେଇଛନ୍ତି।

# ଆୟୁଷ୍ମାନ ଯୋଜନା: ଆଭିମୁଖ୍ୟ ପରିବର୍ତ୍ତନ କରିପାରନ୍ତି ରାଜ୍ୟ ସରକାର

## ଏନ୍‌ଏଚ୍‌ଏ-ମୁଖ୍ୟ ଶାସନ ସଚିବଙ୍କ ଆଲୋଚନା

ଭୁବନେଶ୍ୱର,୪।୬(ବ୍ୟୁରୋ) ଭାରତ ସରକାରଙ୍କ ଆୟୁଷ୍ମାନ ଯୋଜନାକୁ ନେଇ ରାଜ୍ୟ ସରକାର ନିଜ ପୂର୍ବ ଆଭିମୁଖ୍ୟ ବଦଳାଇବା ଆରମ୍ଭ କରିଛନ୍ତି। ରାଜ୍ୟ ସରକାର ନିଜସ୍ୱ ଯୋଜନା ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା(ବିଏସ୍‌କେୱାଇ) ସହ ସଂଯୋଗୀକରଣ ପାଇଁ ପ୍ରାଥମିକ ଆଲୋଚନା ହୋଇଛି। ହେଲେ କୌଣସି ଚୂଡାନ୍ତ ନିଷ୍ପତ୍ତି ନିଆଯାଇ ନାହିଁ। ଆୟୁଷ୍ମାନ ଯୋଜନାର କାର୍ଯ୍ୟନିର୍ବାହୀ ଅଧିକାରୀ(ସିଇଓ) ଇନ୍ଦୁଭୂଷଣ ଏବଂ କେନ୍ଦ୍ରୀୟ ଟିମ୍ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀଙ୍କ ସହ ସଚିବାଳୟରେ ମଙ୍ଗଳବାର ଏ ସଂକ୍ରାନ୍ତରେ ଆଲୋଚନା କରିଛନ୍ତି। ରାଜ୍ୟ ପକ୍ଷରୁ ବିଏସ୍‌କେୱାଇର ସବିଶେଷ ବିବରଣୀ ରଖାଯିବା ସହ କେନ୍ଦ୍ରୀୟ ଯୋଜନା ଲାଗୁ କରିବା ପୂର୍ବରୁ କେତେକ ସର୍ତ୍ତ ରଖାଯାଇଛି। ଅନ୍ୟପଟେ ରାଜ୍ୟ ସହ ଆଲୋଚନାକୁ ସକାରାତ୍ମକ କହିବା ସହିତ ଦୁଇଟି ଯୋଜନାର ମିଶ୍ରଣ ନେଇ ଇନ୍ଦୁଭୂଷଣ ଦୃଢ଼ ଆଶା ପୋଷଣ କରିଛନ୍ତି।

ଆୟୁଷ୍ମାନ ଯୋଜନା ଓ ବିଏସ୍‌କେୱାଇ ଉଭୟ ବହୁମୁଖୀ ପ୍ରାଥମିକ ସ୍ୱାସ୍ଥ୍ୟ ସେବାର ଅଙ୍ଗ। ରାଜ୍ୟରେ ପ୍ରଦାନ କରାଯାଉଥିବା ସାର୍ବଜନୀନ ସ୍ୱାସ୍ଥ୍ୟ ସେବାରୁ ବଞ୍ଚିତ ଜନସାଧାରଣଙ୍କ ପାଇଁ ଜାତୀୟ ସ୍ୱାସ୍ଥ୍ୟ ସଂସ୍ଥା(ଏନ୍‌ଏଚ୍‌ଏ) ଆୟୁଷ୍ମାନ ଯୋଜନା ଲାଗୁ କରିବା ନେଇ ବିଚାର କରୁ ବୋଲି ମୁଖ୍ୟ ଶାସନ ସଚିବ ପାଢ଼ୀ ଗତ ମେ ୩୧ରେ ସିଇଓ ଇନ୍ଦୁଭୂଷଣଙ୍କୁ ଚିଠି ଲେଖି ଜଣାଇଥିଲେ। ଏହା ପୂର୍ବରୁ କେନ୍ଦ୍ର ପକ୍ଷରୁ ମଧ୍ୟ ଯୋଜନା ଲାଗି ନିଷ୍ପତ୍ତି ନେବା ପାଇଁ ରାଜ୍ୟକୁ ଅନୁରୋଧ କରାଯାଇଥିଲା। ତେଣୁ ରାଜ୍ୟ ସରକାର କେତେକ କ୍ଷେତ୍ରରେ ଆୟୁଷ୍ମାନ ଯୋଜନା ଲାଗୁ ନେଇ ସମ୍ମତ ପ୍ରକାଶ କରିପାରନ୍ତି ବୋଲି ଚିଠିରେ ସଙ୍କେତ ଦିଆଯାଇଥିଲା। ରାଜ୍ୟ ପ୍ରଥମେ ଏହି ଯୋଜନାକୁ ଲାଗୁ କରିବା ନେଇ ଅସହମତି ପ୍ରକାଶ କରୁଥିଲା। ହେଲେ ଏବେ ନିଜର ଆଭିମୁଖ୍ୟ କୋହଳ କରିଥିବାରୁ ଏନ୍‌ଏଚ୍‌ଏ ତୁରନ୍ତ ଆଲୋଚନା ପାଇଁ ଓଡ଼ିଶା ଗସ୍ତ କରିଛି। କେନ୍ଦ୍ରୀୟ ଟିମ୍ ସହ ଆଲୋଚନା ପରେ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀ କହିଛନ୍ତି ଯେ, ରାଜ୍ୟରେ ବିଏସ୍‌କେୱାଇ ଯୋଜନା ଜାରି ରହିଛି। ଏହା ଏକ ଫଳପ୍ରଦ ଯୋଜନା। କେନ୍ଦ୍ରୀୟ ଟିମ୍ କେତେକ ପରିବର୍ତ୍ତନ ଓ ନୂଆ ସର୍ତ୍ତ ଆୟୁଷ୍ମାନ ଯୋଜନା ଲାଗୁ ନେଇ ପ୍ରସ୍ତାବ ରଖିଛନ୍ତି। ରାଜ୍ୟ ପକ୍ଷରୁ ନିଜସ୍ୱ ଯୋଜନା ବିଷୟରେ ସିଇଓଙ୍କୁ ଅବଗତ କରାଯାଇଛି। ଏଯାଏ କୌଣସି ନିଷ୍ପତ୍ତି ହୋଇନାହିଁ, ଆଲୋଚନା ପ୍ରାଥମିକ ସ୍ତରରେ ରହିଛି। ପୂର୍ଣ୍ଣ ସହମତି ନେଇ ଆହୁରି ଦୁଇରୁ ତିନି ପର୍ଯ୍ୟାୟ ଆଲୋଚନାର ଆବଶ୍ୟକତା ଥିବା ମୁଖ୍ୟ ଶାସନ ସଚିବ କହିଛନ୍ତି। ସେହିପରି ଆୟୁଷ୍ମାନ ସିଇଓ ଇନ୍ଦୁଭୂଷଣ କହିଛନ୍ତି ଯେ, ଆୟୁଷ୍ମାନ ଯୋଜନା ଦେଶବ୍ୟାପୀ ଏକ ଫଳପ୍ରଦ ଯୋଜନା। ଏହା ଦ୍ୱାରା ଓଡ଼ିଶା ଲାଭବାନ ହୋଇ ପାରିବ। ଏହା ଜାତୀୟସ୍ତରୀୟ ଯୋଜନା ହୋଇଥିବାରୁ ଦେଶର ସାଧାରଣ ନାଗରିକ ସବୁ ସ୍ଥାନରେ ଏହାର ସୁଫଳ ପାଇପାରିବ। ଓଡ଼ିଶାରେ ଏକ ଭଲ ସ୍ୱାସ୍ଥ୍ୟ ଯୋଜନା ଜାରି ରହିଛି। ଏହି ଯୋଜନା ସହ କେନ୍ଦ୍ରୀୟ ଯୋଜନାର ଏକତ୍ରୀକରଣ ନେଇ ପଦକ୍ଷେପ ନିଆଯାଉଛି। ପ୍ରାରମ୍ଭିକ ଆଲୋଚନା ସକାରାତ୍ମକ ରହିଛି। ତେଣୁ ରାଜ୍ୟ ସରକାର ରାଜି ହୋଇଯାଇପାରନ୍ତି ବୋଲି ଇନ୍ଦୁଭୂଷଣ କହିଛନ୍ତି।



ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ ସହ ଆୟୁଷ୍ମାନ ଭାରତ ଯୋଜନାର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଇନ୍ଦୁଭୂଷଣ ଆଲୋଚନା କରୁଛନ୍ତି।

## ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଭେଟିଲେ ଇନ୍ଦୁଭୂଷଣ

ଭୁବନେଶ୍ୱର, ୪।୬(ବ୍ୟୁରୋ) କେନ୍ଦ୍ର ସରକାରଙ୍କ 'ଆୟୁଷ୍ମାନ ଭାରତ' ଯୋଜନାର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଇନ୍ଦୁ ଭୂଷଣଙ୍କ ନେତୃତ୍ୱରେ ୫ଜଣିଆ ପ୍ରତିନିଧି ଦଳ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବ କିଶୋର ଦାସଙ୍କ ସହିତ ଆଲୋଚନା କରିଛନ୍ତି। ସଚିବାଳୟଠାରେ ଅନୁଷ୍ଠିତ ବୈଠକରେ ରାଜ୍ୟ ସରକାର କାର୍ଯ୍ୟକାରୀ କରିଥିବା ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଓ କେନ୍ଦ୍ର ସରକାରଙ୍କ ଆୟୁଷ୍ମାନ ଭାରତ ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା।

ଆଲୋଚନା ପରେ ମନ୍ତ୍ରୀ କହିଛନ୍ତି, ଆମ ରାଜ୍ୟରେ କାର୍ଯ୍ୟକାରୀ ହେଉଥିବା ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଦେଶର ସବୁଠାରୁ ଭଲ ଯୋଜନା। ଆୟୁଷ୍ମାନ ଭାରତ ଯୋଜନା ସଂକ୍ରାନ୍ତରେ କେନ୍ଦ୍ରୀୟ ପ୍ରତିନିଧି ଦଳ ସହ ପ୍ରାଥମିକ ପର୍ଯ୍ୟାୟ ଆଲୋଚନା ହେଲା। ସେମାନେ ବିଧିବଦ୍ଧ ଭାବେ ପ୍ରସ୍ତାବ ଦେବାପରେ ଆମେ ତାହାରି ତର୍ଜମା କରିବୁ। ଆମ ରାଜ୍ୟ ଯଦି ବିଶେଷ ଭାବେ ଉପକୃତ ହୋଇପାରିବ ବୋଲି ଅନୁଭବ କରିବୁ, ତାହା ହେଲେ ବିଚାର କରାଯାଇପାରେ। ସେ କହିଲେ, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ୭୦ ଲକ୍ଷ ପରିବାର ଉପକୃତ ହେଉଛନ୍ତି। ୨୦୧୮ ଡିସେମ୍ବର ମାସରୁ ବନ୍ଦ ହୋଇଯାଇଥିବା କେନ୍ଦ୍ର ସରକାରଙ୍କ ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ବୀମା ଯୋଜନାର ୪୪ ଲକ୍ଷ ହିତାଧିକାରୀ ମଧ୍ୟ ଏଥିରେ ଅନ୍ତର୍ଭୁକ୍ତ ହୋଇଛନ୍ତି। ରାଜ୍ୟ ଓ ରାଜ୍ୟ ବାହାରର ୨୧୮ ଘରୋଇ ଡାକ୍ତରଖାନାରେ ମଧ୍ୟ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ଚିକିତ୍ସା ସେବା ଉପଲବ୍ଧ କରାଯାଇଛି। ଏହି ଆଲୋଚନା ସମୟରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ କମିଶନର ତଥା ଶାସନ ସଚିବ ଡା. ପ୍ରମୋଦ କୁମାର ମେହେର୍ଦ୍ଦା, କେନ୍ଦ୍ରର ଅନ୍ୟାନ୍ୟ ବିଭାଗୀୟ ପଦାଧିକାରୀ ଉପସ୍ଥିତ ଥିଲେ।

# ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ଅପରାଜିତା

ଭୁବନେଶ୍ୱର, ୪।୬(ବ୍ୟୁରୋ)

ଭୁବନେଶ୍ୱର ଭାଜପା ଏମ୍‌ପି ଅପରାଜିତା ଷଡଙ୍ଗୀ ପୁଣିଥରେ ନୂଆ ଅନ୍ଦାଜରେ କାର୍ଯ୍ୟ ଆରମ୍ଭ କରିଛନ୍ତି। ନିର୍ବାଚନ ପୂର୍ବରୁ ନିଜ ଲୋକ ସଭା ନିର୍ବାଚନମଣ୍ଡଳିର ତୃଣମୂଳସ୍ତରକୁ ଯାଇ ଲୋକମାନଙ୍କୁ ବିଭିନ୍ନ ପ୍ରତିଶ୍ରୁତି ଦେଇଥିଲେ। ଅନ୍ୟପଟେ ଲୋକମାନେ ମଧ ଅପରାଜିତଙ୍କ ଉପରେ ଆସ୍ଥା ପ୍ରକଟ କରି ତାଙ୍କୁ ବିଜୟୀ କରିଥିଲେ। ବର୍ତ୍ତମାନ ଅପରାଜିତା ଲୋକମାନଙ୍କୁ ଦେଇଥିବା ପ୍ରତିଶ୍ରୁତି ପୂରଣ କରିବା ଲାଗି ଗୋଟିଏ ପାଦ ଆଗକୁ ବଢ଼ାଇଛନ୍ତି। ମଙ୍ଗଳବାର ସେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସଚିବାଳୟଠାରେ ସାକ୍ଷାତ କରି ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିଛନ୍ତି। ଭୁବନେଶ୍ୱର ସଂସଦୀୟ କ୍ଷେତ୍ରର ଉନ୍ନତି ପାଇଁ ରାଜ୍ୟ ସରକାରଙ୍କ ଯାହା ଆବଶ୍ୟକ ପଡିବ କେନ୍ଦ୍ର ସରକାରଙ୍କ ପକ୍ଷରୁ ଏମ୍‌ପିଭାବେ ସମସ୍ତ ସହଯୋଗ କରିବେ ବୋଲି ସେ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇଛନ୍ତି। ସେହିପରି ଲୋକମାନଙ୍କୁ ସମସ୍ୟା ଦୂର କରିବା ସକାଶେ ରାଜ୍ୟ ସରକାର ମଧ ସବୁ ପ୍ରକାର ସାହାଯ୍ୟ କରିବାକୁ ଅପରାଜିତା ମୁଖ୍ୟମନ୍ତ୍ରୀଙ୍କ ସହଯୋଗ କାମନା କରିଛନ୍ତି। ଅପରାଜିତା ରାଜ୍ୟ ସରକାରଙ୍କୁ ସମାଲୋଚନା କରି ଆନ୍ଦୋଳନ, ଖବରଦାତା ସମ୍ମିଳନୀ ଡାକି ସମୟ ନଷ୍ଟ କରିବା ମୁଡ୍‌ରେ ନ ଥିବା ଆଲୋଚନା ହେଉଛି। ଦଳୀୟ ନେତାମାନେ ଅପରାଜିତା ଏବଂ ମୁଖ୍ୟମନ୍ତ୍ରୀଙ୍କ ଭେଟଘାଟକୁ ଏତେଟା ଗ୍ରହଣ କରୁ ନ ଥିବା ଶୁଣିବାକୁ ମିଳୁଛି। ତଥାପି ସେସବୁ ଦିଗରେ ଚିନ୍ତା ନ କରି ନିଜ ପ୍ରଥମ ରାଜନୈତିକ ସଫଳତା ପରେ ବର୍ତ୍ତମାନ ସେ ଭିନ୍ନ ଅନ୍ଦାଜରେ କାର୍ଯ୍ୟ ଆରମ୍ଭ କରିଛନ୍ତି। ନିର୍ବାଚନ ପରେ ଦିଲ୍ଲୀରୁ ଫେରି ଅପରାଜିତା ପ୍ରଥମ ଥର ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରିଛନ୍ତି। ସେ କହିଛନ୍ତି, ମୁଖ୍ୟମନ୍ତ୍ରୀଙ୍କ ସହ ଏକ ସୌଜନ୍ୟମୂଳକ ସାକ୍ଷାତ ଥିଲା। ନିର୍ବାଚନରେ ଜିତିବା ପରେ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ନ ଥିଲି। ତାଙ୍କୁ ଭେଟି ଅଭିନନ୍ଦନ ଜଣାଇଲି। ମୁଖ୍ୟମନ୍ତ୍ରୀଙ୍କ ସହ ସୁନ୍ଦର ଏବଂ ସାକାରତ୍ମକ ଆଲୋଚନା ହୋଇଛି। ଏମ୍‌ପି ଭାବେ ଯାହା ସହଯୋଗ ଦରକାର ପଡିବ କରିବି ବୋଲି କହିଛି। ବିକାଶର ଦଳ ନ ଥାଏ, ପରସ୍ପର ସହ ମିଶି କାର୍ଯ୍ୟ କରିବୁ ବୋଲି ଅପରାଜିତା କହିଛନ୍ତି।



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଆଲୋଚନା କରୁଛନ୍ତି।

## ଓଡ଼ିଆ ଆଇଏଫ୍‌ଏସ୍ ଅଫିସର ତ୍ରିନିଦାଦ୍, ଟବାଗୋରେ ଭାରତର ରାଷ୍ଟ୍ରଦୂତ

ନୂଆଦିଲ୍ଲୀ,୪।୬



ଭାରତୀୟ ବୈଦେଶିକ ସେବା (ଆଇଏଫ୍‌ଏସ୍)ର ବରିଷ୍ଠ ଅଧିକାରୀ ତଥା ଓଡ଼ିଆ ଅଫିସର ଅରୁଣ ସାହୁ ତ୍ରିନିଦାଦ୍, ଟବାଗୋରେ ଭାରତର ରାଷ୍ଟ୍ରଦୂତଭାବେ ମଙ୍ଗଳବାର ନିଯୁକ୍ତି ପାଇଛନ୍ତି। ଜଣେ ବରିଷ୍ଠ କୂଟନୀତିଜ୍ଞ, ଲେଖକ ଓ କଥାକାରଭାବେ ପରିଚିତ ୧୯୯୬ ବ୍ୟାଚ୍ ଆଇଏଫ୍‌ଏସ୍ ଅଫିସର ସାହୁ ଏବେ କାନାଡ଼ାରେ ଭାରତର ଡେପୁଟି ହାଇକମିଶନର ଭାବେ କାର୍ଯ୍ୟ କରୁଛନ୍ତି। ପୂର୍ବରୁ ସେ ବହିର୍ବ୍ୟାପାର ମନ୍ତ୍ରଣାଳୟର ଯୁଗ୍ମ ସଚିବ ଓ ଆଇସିସିଆର୍‌ର ଉପମହାନିର୍ଦ୍ଦେଶକ ଭାବେ କାର୍ଯ୍ୟ କରିଛନ୍ତି। ଜଣେ କୂଟନୀତିଜ୍ଞ ଭାବେ ବେଜିଂ, ଲଣ୍ଡନ ଓ ତେହେରାନ୍‌ରେ ସେ ଭାରତୀୟ ଦୂତାବାସରେ କାର୍ଯ୍ୟ କରିଛନ୍ତି। ପ୍ରଖ୍ୟାତ ଓଡ଼ିଆ କବି ବନମାଳୀ ସାହୁ ଓ ସରୋଜିନୀ ସାହୁଙ୍କ ପରିବାରରେ ଜନ୍ମଗ୍ରହଣ କରିଥିବା ଅରୁଣ ଦେବଗଡ଼ ଜିଲାର ପ୍ରଥମ ସର୍ବଭାରତୀୟ ସେବା ଅଧିକାରୀ। ଜଣେ ଭଲ ଲେଖକଭାବେ ମଧ ତାଙ୍କର ସ୍ୱତନ୍ତ୍ର ପରିଚୟ ରହିଛି। 'ଆକାଶର ଲୁହ', 'ଚିରା ମଲାଟ'ଭଳି ତାଙ୍କର ଅନେକ କ୍ଷୁଦ୍ର ଗଳ୍ପ ଓଡ଼ିଆ ପାଠକଙ୍କ ମନ ଛୁଇଁପାରିଛି। ମୁଁ ଯେଉଁଠି ଥାଏନା କାହିଁକି ଓଡ଼ିଶା ଓ ଓଡ଼ିଶାର ଲୋକ ମୋ ହୃଦୟରେ ରହିଥିବେ ବୋଲି ସେ କହିଛନ୍ତି।

## ପିଏମ୍ କିଷାନ ଯୋଜନା ସହାୟତା

# ଭୂମିହୀନ ବାଦ୍, ୮ଲକ୍ଷ ଧନୀ ଚାଷୀଙ୍କୁ ମିଳିବ ଫାଇଦା

ନୂଆଦିଲ୍ଲୀ,୪।୬

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦ୍ୱିତୀୟଥର କ୍ଷମତାକୁ ଫେରିବା ଦିନରେ କ୍ୟାବିନେଟ ବୈଠକରେ କେତେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଲେ। ଚାଷୀକୂଳଙ୍କୁ ଫାଇଦା ଦେବାକୁ ଯାଇ ପିଏମ୍ କିଷାନ ଯୋଜନାରେ ସମସ୍ତ ଚାଷୀଙ୍କୁ ସାମିଲ କରାଯିବାକୁ ନିଷ୍ପତ୍ତି ନିଆଗଲା। ଫଳରେ ଦେଶର ପ୍ରାୟ ୧୪.୫ କୋଟି ଚାଷୀ ଏହାଦ୍ୱାରା ଉପକୃତ ହେବେ। କିନ୍ତୁ ମୋଦି ସରକାର ଭୂମିହୀନ ଏବଂ ଭାଗଚାଷୀଙ୍କୁ ଏହି ଯୋଜନାରୁ ବାଦ୍ ଦେଲେ। ଏକ ଆକଳନରୁ ଜଣାପଡିଛି ଯେ, ପ୍ରଧାନମନ୍ତ୍ରୀଙ୍କ ନିଷ୍ପତ୍ତି ଯୋଗୁ ୧୦ ହେକ୍ଟର(ପ୍ରାୟ ୨୫ ଏକର) ଚାଷ ଜମି ଥିବା କୃଷକଙ୍କୁ ଫାଇଦା ମିଳିବାକୁ ଯାଉଛି। ଏମାନଙ୍କୁ ସାଧାରଣତଃ ଧନୀ ଚାଷୀ କୁହାଯାଉଛି। କିନ୍ତୁ ପ୍ରଶ୍ନ ଉଠୁଛି ଭୂମିହୀନ ଓ ଭାଗଚାଷୀ ଉକ୍ତ ଯୋଜନାରୁ ବାଦ୍ ପଡିଥିବା ବେଳେ ଧନୀ ଚାଷୀଙ୍କୁ କ'ଣ ପାଇଁ ଫାଇଦା ଦିଆଯାଉଛି। ସରକାରଙ୍କ ନିଷ୍ପତ୍ତିକୁ ନେଇ ବିଭିନ୍ନ ମହଲରେ ଏବେ ପ୍ରଶ୍ନ ଉଠିବା ଆରମ୍ଭ ହେଲାଣି।

ଏକ ବିଶ୍ଳେଷଣରୁ ଜଣାପଡିଛି ଯେ, ଦେଶର ମୋଟ ଚାଷୀଙ୍କ ମଧ୍ୟରୁ ଧନୀ ଚାଷୀଙ୍କ ସଂଖ୍ୟା ପ୍ରାୟ ୦.୬%। ରାଜସ୍ଥାନ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ପଞ୍ଜାବ,କର୍ଣାଟକ, ହରିୟାଣା ଏବଂ ଗୁଜରାଟରେ ସେମାନଙ୍କ ସଂଖ୍ୟା ବେଶ୍ ବାରି ହୋଇପଡେ। ରାଜ୍ୟୱାରୀ ଡାଟା ବିଶ୍ଳେଷଣରୁ ଜଣାପଡେ ଯେ, ପଞ୍ଜାବରେ ମୋଟ ଚାଷୀଙ୍କ ସଂଖ୍ୟା ମଧ୍ୟରୁ ପ୍ରାୟ ୫.୩% ଧନୀକ ଶ୍ରେଣୀର। ସେହିଭଳି ରାଜସ୍ଥାନରେ ଏହା ୪.୭%, ହରିୟାଣାରେ ୨.୫% ଧନୀ ଚାଷୀ ରହିଛନ୍ତି। ଅନ୍ୟ ରାଜ୍ୟରେ ଏଭଳି ଚାଷୀଙ୍କ ସଂଖ୍ୟା ୧ ପ୍ରତିଶତରୁ କମ୍। ଭୂମିର ଉର୍ବରତା ଶକ୍ତି, ଜଳସେଚନର ବ୍ୟବସ୍ଥା ଆଦିକୁ ଧ୍ୟାନରେ ରଖି ଉତ୍ପାଦକତାକୁ ହିସାବକୁ ନେଲେ ରାଜସ୍ଥାନକୁ ପଞ୍ଜାବ ଓ ହରିୟାଣା ସହ ତୁଳନା କରାଯାଇପାରିବ ନାହିଁ। କିନ୍ତୁ କମ୍ ପାଣି ଥିବା ରାଜ୍ୟଗୁଡ଼ିକ ମଧ୍ୟରେ ଏହି ରାଜ୍ୟର ଧନୀ ଚାଷୀଙ୍କ ସଂଖ୍ୟା ଚକିତ କଲା ଭଳି ଚିତ୍ର ଉପସ୍ଥାପନ କରୁଛି। ଦେଶର ମୋଟ ୮.୩ ଲକ୍ଷ ଧନୀ ଚାଷୀଙ୍କ ମଧ୍ୟରୁ କେବଳ ୪୩ ପ୍ରତିଶତ ଅର୍ଥାତ୍ ୩.୬ ଲକ୍ଷ କେବଳ ରାଜସ୍ଥାନରେ ରହିଛନ୍ତି। ଏହି ରାଜ୍ୟ ସହିତ ଶୀର୍ଷ ୧୨ ରାଜ୍ୟରେ ଦେଶର ମୋଟ ୯୩% ଧନୀ କୃଷକ ରହିଛନ୍ତି। ଅନ୍ୟପକ୍ଷରେ ଗୋଆ, ସିକିମ ଓ ଦିଲ୍ଲୀ ସହିତ ୧୩ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ବଡ଼ ଚାଷୀଙ୍କ ସଂଖ୍ୟା ଅତ୍ୟନ୍ତ ନଗଣ୍ୟ ବା ନଥିବାଭଳି। ତେଲେଙ୍ଗାନାରେ ୯ ହଜାର, ଆସାମ ଓ ଓଡ଼ିଶାରେ ୪ ହଜାର ଲେଖାଏ ଧନୀ ଚାଷୀ ରହିଛନ୍ତି। ବିହାର ଓ ହିମାଚଳ ପ୍ରଦେଶରେ ଏମାନଙ୍କ ସଂଖ୍ୟା ୩ ହଜାର ଲେଖାଏ। କେରଳରେ ୨ହଜାର ଓ ଉତ୍ତରାଖଣ୍ଡ, ପଶ୍ଚିମବଙ୍ଗ ଓ ଜମ୍ମୁ-କଶ୍ମୀରରେ ୧ ହଜାର ଲେଖାଏ ଧନୀ ଚାଷୀ ରହିଛନ୍ତି, ଯାହାଙ୍କ ନିକଟରେ ୨୫ ଏକର ଅଥବା ଏହାଠାରୁ ଅଧିକ ଚାଷ ଜମି ରହିଛି। ୨୦୧୫-୧୬ ଏଗ୍ରିକଲ୍‌ଚର ସେନ୍‌ସସ୍‌ରୁ ଏହି ତଥ୍ୟ ନିଆଯାଇଛି, ଯାହା କି ପିଏମ୍ କିଷାନ ଯୋଜନା ଲାଗି ଡାଟାବେସ୍ ରୂପରେ ଗ୍ରହଣ କରାଯାଇଛି।

କେନ୍ଦ୍ର ସରକାର ଶୁକ୍ରବାର ପିଏମ୍ କିଷାନ ଯୋଜନାକୁ ବିସ୍ତାର କଲା ବେଳେ ସର୍ବାଧିକ ୨ ହେକ୍ଟର ଜମି ସୀମାକୁ ହଟାଇ ଦେଇଛନ୍ତି। ଏହାଯୋଗୁ ଦେଶର ସମସ୍ତ ୧୪.୫ କୋଟି ଚାଷୀ ଉପକୃତ ହେବାକୁ ଯାଉଛନ୍ତି। ସେମାନଙ୍କୁ ୩ଟି କିସ୍ତିରେ ବାର୍ଷିକ ୬ ହଜାର ଟଙ୍କା ମିଳିବ। ତେବେ ଏହି ଯୋଜନାର ଲାଭ ଭୂମିହୀନ ଓ ଭାଗଚାଷୀଙ୍କୁ ମିଳିବ ନାହିଁ। ଯୋଜନାର ବିସ୍ତାର ଦ୍ୱାରା ଅତିରିକ୍ତ ୨ କୋଟି ଚାଷୀଙ୍କୁ ଲାଭ ମିଳିବ, ଯେଉଁଥିରେ ୮ ଲକ୍ଷ ଧନୀ ଚାଷୀ ରହିଛନ୍ତି। ତେବେ ପ୍ରଶ୍ନ ଉଠୁଛି, ଦେଶରେ କେତେ ସଂଖ୍ୟାରେ ଭୂମିହୀନ ଓ ଭାଗଚାଷୀ ରହିଛନ୍ତି, ତା'ର ଡାଟା ସରକାର ଉଲ୍ଲେଖ କରୁନାହାନ୍ତି। କିନ୍ତୁ ବାସ୍ତବ କ୍ଷେତ୍ରରେ ସେମାନଙ୍କ ସଂଖ୍ୟା ହିଁ ଅଧିକ। ଦେଶରେ ଅର୍ଦ୍ଧାଧିକ ଫସଲ ସେମାନଙ୍କ ଦ୍ୱାରା ହିଁ ଉତ୍ପାଦିତ ହୋଇଥାଏ। ଅଥଚ ସରକାର ସେମାନଙ୍କୁ ଉକ୍ତ ଯୋଜନାରୁ ବାଦ୍ ଦେବା ନ୍ୟାୟୋଚିତ କି ବୋଲି ପ୍ରଶ୍ନ ଉଠିବାରେ ଲାଗିଛି।





### ରିକଭରୀ ଅଫିସରଙ୍କ ଅଦାଲତ
### ଋଣ ଅସୁଲି ପ୍ରାଧିକରଣ
ପ୍ଲଟ୍ ନଂ. ସି-୭୧, ସେକ୍ଟର-୭, ସିଡ଼ିଏ, କଟକ-୧୪, ଓଡ଼ିଶା
**ସମ୍ପତ୍ତି ନିଲାମ ବିଜ୍ଞପ୍ତି**
ଆର.ପି. ନଂ. ୧୨୨/୨୦୧୨/କଟକ
(୨୦୧୧ର ଓଏ ନଂ. ୨୦୭ ରୁ ଉଦ୍ଧୃତ)

**ପଞ୍ଜାବ ନ୍ୟାଶନାଲ୍ ବ୍ୟାଙ୍କ, ଷ୍ଟେସନ୍ ସ୍କୋୟାର ଶାଖା,** ୧୧୧ଏ, ଷ୍ଟେସନ୍ ସ୍କୋୟାର, ଭୁବନେଶ୍ୱର, ଜିଲ୍ଲା:ଖୋର୍ଦ୍ଧା .......ସାର୍ଟିଫିକେଟ୍‌ଧାରୀ ବ୍ୟାଙ୍କ

ବନାମ

**ମେସର୍ସ କଲ୍ୟାଣୀ ବାୟୋଟେକ୍ ଏବଂ ଅନ୍ୟମାନେ** .......ସାର୍ଟିଫିକେଟ୍ ଋଣଗ୍ରହୀତାମାନେ

ନିମ୍ନ ସ୍ୱାକ୍ଷରକାରୀଙ୍କ ଦ୍ୱାରା ବ୍ୟାଙ୍କର ଥିବା ବକେୟା ଦେୟ ଆଦାୟ ପାଇଁ ନିମ୍ନ ବର୍ଣ୍ଣିତ ତାରିଖ ଓ ସମୟରେ, ଅନ୍‌ଲାଇନ୍ ଇ-ନିଲାମ ଜରିଆରେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିଗୁଡ଼ିକୁ **''ଯେଉଁଠାରେ ଯେପରି ଅଛି''** ଭିତ୍ତିରେ କ୍ରୟ କରିବା ନିମନ୍ତେ ଇଚ୍ଛୁକ ନିଲାମଧାରୀଙ୍କ ପକ୍ଷରୁ ଜଡମୁଦଦିଆ ଲଫାପାରେ/ଅନ୍‌ଲାଇନ୍ ମାଧ୍ୟମରେ ପ୍ରସ୍ତାବ ସହିତ ଅମାନତ ରାଶି **ତା.୦୮.୦୭.୨୦୧୯ରିଖ ଅପରାହ୍ନ ୫.୦୦ ଘଟିକା** ସୁଦ୍ଧା ନିମ୍ନ ସ୍ୱାକ୍ଷରକାରୀଙ୍କ ଠାରେ ଦାଖଲ କରିବା ପାଇଁ ଆହ୍ୱାନ କରାଯାଉଅଛି।

**ସମ୍ପତ୍ତିର ବିବରଣୀ**

| ସମ୍ପତ୍ତିର ବିଶେଷ ବିବରଣୀ | ସଂରକ୍ଷିତ ମୂଲ୍ୟ | ଅମାନତ ଜମା | ପ୍ରାରମ୍ଭିକ ବିଡ୍ ସହିତ ଅମାନତ ଜମା ଦାଖଲ କରିବାର ତାରିଖ ଏବଂ ସମୟ | ୧) ଅନ୍‌ଲାଇନ ନିଲାମର ତାରିଖ ଏବଂ ସମୟ ୨) ବିଡ୍ ବୃଦ୍ଧି ରାଶି |
|---|---|---|---|---|
| **ସମ୍ପତ୍ତିର ସାରଣୀ:** **ସାରଣୀ-ଖ** **ଶ୍ରୀମତୀ ସୁଷମା ମହାପାତ୍ରଙ୍କ** ନାମରେ ଥିବା ସମ୍ପତ୍ତି ଯାହାର ମୌଜା: କଲ୍ୟାଣୀସିଂହପୁର, ତହସିଲ: ଟାଙ୍ଗିଚୌଦ୍ୱାର ନଂ. ୫୭, ଏସ୍‌ଆରଓ: ଜଗତପୁର, ଥାନା: ଚୌଦ୍ୱାର ନଂ. ୪୦, ଖାତା ନଂ.: ୩୧, ପ୍ଲଟ୍ ନଂ.: ୮୬/୧୩୮, କ୍ଷେତ୍ର: ଏକର୦.୧୨୦ ଡିସିମିଲି, ଏହାର ଚତୁଃପାର୍ଶ୍ୱରେ- ଉତ୍ତର: ସରକାରୀ ପ୍ଲଟ୍, ପୂର୍ବ: ସରକାରୀ ପ୍ଲଟ୍, ଦକ୍ଷିଣ: ରାସ୍ତା, ପଶ୍ଚିମ: ପ୍ଲଟ୍ ନଂ. ୮ | ଟ.୨୪,୦୦,୦୦୦/- (ଚବିଶ ଲକ୍ଷ ଟଙ୍କା ମାତ୍ର) | ଟ.୧,୨୦,୦୦୦/- (ଏକ ଲକ୍ଷ କୋଡିଏ ହଜାର ଟଙ୍କା ମାତ୍ର) | ୦୮.୦୭.୨୦୧୯ ଅପରାହ୍ନ ୫ ଘଟିକା ପର୍ଯ୍ୟନ୍ତ | ୧) ୧୦.୦୭.୨୦୧୯ ମଧ୍ୟାହ୍ନ ୧୨.୦୦ ଘଟିକା ରୁ ଅପରାହ୍ନ ୧.୦୦ ଘଟିକା ମଧ୍ୟରେ ଏବଂ ଆବଶ୍ୟକ ହେଲେ ୫(ପାଞ୍ଚ) ମିନିଟ୍ ବର୍ଦ୍ଧିତ ସମୟ ସହିତ ୨)ଟ.୫୦,୦୦୦/- (ପଚାଶ ହଜାର ଟଙ୍କା ମାତ୍ର) |
| **ସାରଣୀ-ଗ** **ଶ୍ୟାମସୁନ୍ଦର ଖୁଣ୍ଟିଆ, ରବିନ୍ଦ୍ର ଖୁଣ୍ଟିଆ ଏବଂ ପଦ୍ମନାଭ ଖୁଣ୍ଟିଆଙ୍କ** ନାମରେ ଥିବା ସମ୍ପତ୍ତି ଯାହାର ମୌଜା: କଟକ ସହର, ୟୁନିଟ୍ ନଂ. ୨୧, ରାଣୀହାଟ (ଶଗଡିଆ ସାହି), ଥାନା: ମଙ୍ଗଳାବାଗ, ତହସିଲ: କଟକ ସଦର ନଂ. ୨୨୧, ଏସ୍‌ଆରଓ: କଟକ ସଦର, ଥାନା ନଂ. ୬, ଜିଲ୍ଲା: କଟକ, ଖାତା ନଂ.: ୩୫୧, ପ୍ଲଟ୍ ନଂ.: ୪୨୪, କ୍ଷେତ୍ର: ଏକର୦.୦୭୪ଡିସିମିଲି, ଏହାର ଚତୁଃପାର୍ଶ୍ୱରେ- ଉତ୍ତର: ରାସ୍ତା, ଦକ୍ଷିଣ: ଶ୍ରୀକାନ୍ତ ରାଉତରାୟ, ପୂର୍ବ: ବଙ୍ଗାଳୀ ସାହି ଏବଂ ଅନ୍ୟମାନେ, ପଶ୍ଚିମ: ନୃସିଂହ ଚରଣ ଖୁଣ୍ଟିଆ | ଟ.୪୦,୫୩,୦୦୦/- (ଚାଳିଶ ଲକ୍ଷ ତେପନ ହଜାର ଟଙ୍କା ମାତ୍ର) | ଟ.୨,୦୨,୬୫୦/- (ଦୁଇ ଲକ୍ଷ ଦୁଇ ହଜାର ଛଅ ଶହ ପଚାଶ ଟଙ୍କା ମାତ୍ର) | | |

କଥିତ ସ୍ଥାବର ସମ୍ପତ୍ତି ଋଣ ଅସୁଲି ଅଧିକାରୀ/ନିଯୁକ୍ତ ଅଧିକାରୀଙ୍କ ଦ୍ୱାରା ବିକ୍ରୟର ନିୟମ ଓ ସର୍ତ୍ତାବଳୀ ଅନୁଯାୟୀ ବିକ୍ରି କରାଯିବ, ଯାହାର ଏକ ନକଲ support.drt@nexttenders.com ଏବଂ http://tenders.gov.in କିମ୍ବା ତା.୦୮.୦୭.୨୦୧୯ରିଖ ପର୍ଯ୍ୟନ୍ତ **ଶାଖା ପ୍ରବନ୍ଧକ, ପଞ୍ଜାବ ନ୍ୟାଶନାଲ୍ ବ୍ୟାଙ୍କ, ଷ୍ଟେସନ୍ ସ୍କୋୟାର ଶାଖା,୧୧୧ଏ, ଷ୍ଟେସନ୍ ସ୍କୋୟାର, ଭୁବନେଶ୍ୱର, ଜିଲ୍ଲା:ଖୋର୍ଦ୍ଧାଙ୍କ** ଠାରେ ଯେ କୌଣସି କାର୍ଯ୍ୟ ଦିବସରେ ଉପଲବ୍ଧ ହେବ। ଇଚ୍ଛୁକ ନିଲାମଧାରୀମାନେ ପ୍ରସ୍ତାବ ସହ ଅମାନତ ରାଶି **"THE RECOVERY OFFICER, Debts Recovery Tribunal, Cuttack"**ଙ୍କ ନାମରେ ଓ **କଟକ**ଠାରେ ପଇଠ ହୋଇଥିବା ପେ ଅର୍ଡର/ଡିମାଣ୍ଡ ଡ୍ରାଫ୍ଟ ଜରିଆରେ ଜମା କରିପାରିବେ କିମ୍ବା "The Recovery Officer, DRT, Cuttack"ଙ୍କ ସପକ୍ଷରେ **RP No.: 122/2012/CTC"** ଆକାଉଣ୍ଟ ନଂ.: **୧୦୮୬୧୭୦୫୪୭୩, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, କଟକ ମୁଖ୍ୟ ଶାଖା, ଶାଖା କୋଡ୍ : 00059, IFSC Code : SBIN0000059** ସପକ୍ଷରେ RTGS/NEFT ମାଧ୍ୟମରେ ଟ୍ରାନ୍ସଫର କରିପାରିବେ। ଇଚ୍ଛୁକ କ୍ରେତାମାନେ ନିଜସ୍ୱ ଖର୍ଚ୍ଚରେ ସମ୍ପତ୍ତିର ତନଖି ଯେ କୌଣସି କାର୍ଯ୍ୟଦିବସରେ **ତା.୦୮.୦୭.୨୦୧୯ରିଖ** ପର୍ଯ୍ୟନ୍ତ **ପୂର୍ବାହ୍ନ ୧୦.୦୦ ଘଟିକା ରୁ ଅପରାହ୍ନ ୫.୦୦ ଘଟିକା** ମଧ୍ୟରେ କରିପାରିବେ।

ନିମ୍ନଲିଖିତ କାଗଜାତ୍ ସହିତ ପ୍ରସ୍ତାବ ଗୁଡ଼ିକ ଅନ୍‌ଲାଇନ ଇ-ମେଲ ଆଇଡ଼ି: **ro1drtctak-dfs@nic.in** ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ଭାବେ **ତା.୦୮.୦୭.୨୦୧୯ରିଖ ଅପରାହ୍ନ ୫.୦୦ ଘଟିକା** ପୂର୍ବରୁ ଦାଖଲ କରିବା ଉଚିତ୍: **(କ) ସଠିକ୍ ଭାବେ ପୂରଣ କରାଯାଇଥିବା ଘୋଷଣାନାମା, (ଖ) ସଠିକ୍ ଭାବେ ପୂରଣ କରାଯାଇଥିବା ଅନ୍‌ଲାଇନ ଇ-ନିଲାମ ବିଡ୍ ଫର୍ମ, (ଗ) ଅମାନତ ଜମା ଦାଖଲ ପ୍ରମାଣ ପତ୍ର, (ଘ) ଗୋଟିଏ ଫଟୋଗ୍ରାଫ, (ଙ) ଠିକଣା ପ୍ରମାଣପତ୍ର, (ଚ) ବାସସ୍ଥାନ ପ୍ରମାଣପତ୍ର ଏବଂ (ଛ) ପାନ୍ କାର୍ଡର ଏକ ନକଲ।**

**ସଂରକ୍ଷିତ ମୂଲ୍ୟରୁ କମ ଏବଂ ଅମାନତ ରାଶି ବିନା ଦିଆଯାଇଥିବା ପ୍ରସ୍ତାବକୁ ନାକଚ କରାଯିବ। ନିଲାମଧାରୀମାନଙ୍କୁ ଫଟୋ ପରିଚୟପତ୍ର, ଠିକଣା ପ୍ରମାଣ ପତ୍ର ଏବଂ ଗୋଟିଏ ଫଟୋ ଅପଲୋଡ କରିବାକୁ ଅନୁରୋଧ।**

ମାନ୍ୟବର ଋଣ ଅସୁଲି ଅଧିକାରୀଙ୍କ ଦସ୍ତଖତ ଏବଂ ମୋହର ସହ କଟକଠାରେ **ତା.୧୫.୦୫.୨୦୧୯ରିଖରେ** ଆଦିଷ୍ଟ। **ସ୍ୱା/-(ଆର.ପି. ପଟ୍ଟନାୟକ)**
**ଋଣ ଅସୁଲି ଅଧିକାରୀ**


## ମୃତ୍ୟୁଞ୍ଜୟ ମହାପାତ୍ର ଆଇଏମ୍‌ଡି ମୁଖ୍ୟ

ନୂଆଦିଲ୍ଲୀ,୪।୬



ସୁପ୍ରସିଦ୍ଧ ବୈଜ୍ଞାନିକ ମୃତ୍ୟୁଞ୍ଜୟ ମହାପାତ୍ରଙ୍କୁ ମଙ୍ଗଳବାର ଭାରତୀୟ ପାଣିପାଗ ବିଭାଗ(ଆଇଏମ୍‌ଡି) ର ମୁଖ୍ୟ (ମହାନିର୍ଦ୍ଦେଶକ) ଭାବେ ନିଯୁକ୍ତି ମିଳିଛି। ଏନେଇ କାର୍ମିକ ମନ୍ତ୍ରଣାଳୟ ପକ୍ଷରୁ ନିର୍ଦ୍ଦେଶ ଜାରି କରାଯାଇଛି। ସେ ୫ ବର୍ଷ ଲାଗି ଏହି ଗୁରୁଦାୟିତ୍ୱରେ ରହିବେ। ଆସନ୍ତା ଅଗଷ୍ଟ ୧ କିମ୍ବା ତା'ପରେ ସେ ପଦଭାର ଗ୍ରହଣ କରିବେ ବୋଲି ଜଣାପଡ଼ିଛି। ଏବେ ସେ ଏହି ବିଭାଗର ଏଡିଜି ଭାବେ କାର୍ଯ୍ୟ କରୁଛନ୍ତି। ଦେଶରେ ଜଳବାୟୁ ଓ ପାଣିପାଗ ସମ୍ପର୍କିତ ପୂର୍ବାନୁମାନ ଲାଗି ଭାରତୀୟ ପାଣିପାଗ ବିଭାଗର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଆସିଛି। ଏହାବ୍ୟତୀତ ମହାବାତ୍ୟା, ଧୂଳିଝଡ଼, ପ୍ରବଳ ବର୍ଷା ଓ ବରଫପାତ, ଥଣ୍ଡା, ଗ୍ରୀଷ୍ମପ୍ରବାହ ସମ୍ପର୍କରେ ଏହି ବିଭାଗ ସତର୍କତା ଜାରି କରିଥାଏ।

## ■ପର୍ଶୁରାମ ପ୍ରଧାନ ହତ୍ୟା ମାମଲା
## ଫେରାର ୨ ଅଭିଯୁକ୍ତଙ୍କ କୋର୍ଟରେ ଆତ୍ମସମର୍ପଣ

**ନାକଟିଦେଉଳ/ରେଢ଼ାଖୋଲ,୪।୬ (ଡି.ଏନ୍.ଏ.):** ସମ୍ବଲପୁର ଜିଲା ନାକଟିଦେଉଳ ଥାନା ଅନ୍ତର୍ଗତ ସାଲେଭଟା ପଞ୍ଚାୟତର ପୂର୍ବତନ ସରପଞ୍ଚ ତଥା ଚେମେର୍ଡ଼ା ଗ୍ରାମର ସୂଚନା ଅଧିକାର କର୍ମୀ ପର୍ଶୁରାମ ପ୍ରଧାନଙ୍କ ହତ୍ୟା ଘଟଣାରେ ସମୁଦାୟ ୬ଜଣ ଅଭିଯୁକ୍ତଙ୍କ ମଧ୍ୟରୁ ଫେରାର ଥିବା ଅନ୍ୟ ଦୁଇ ଜଣ ରତିଶ ଧଳ ଏବଂ ରାକେଶ ଧଳ ମଙ୍ଗଳବାର କୋର୍ଟରେ ଆତ୍ମସମର୍ପଣ କରିଛନ୍ତି। ରତିଶ ଏବଂ ରାକେଶ ଜାମିନ ପାଇଁ ହାଇକୋର୍ଟରେ ଆବେଦନ କରିଥିଲେ। ତଳକୋର୍ଟରେ ଆତ୍ମସମର୍ପଣ କରି ଜାମିନ ପାଇଁ ଆବଦେନ କରିବାକୁ ହାଇକୋର୍ଟ ସେମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଣୁ ଏହି ଦୁଇ ଜଣ ମଙ୍ଗଳବାର ରେଢ଼ାଖୋଲ ଏସଡ଼ିଜେଏମଙ୍କ କୋର୍ଟରେ ଆତ୍ମସମର୍ପଣ କରିଛନ୍ତି। ତେବେ ସେମାନଙ୍କର ଜାମିନ ଆବେଦନ ନାମଞ୍ଜୁର ହୋଇଥିଲା। ଜିଲା କୋର୍ଟରୁ ମଧ ଜାମିନ ନାମଞ୍ଜୁର ହେବାରୁ ଶେଷରେ ସେମାନଙ୍କୁ ଜେଲ ଯିବାକୁ ପଡିଛି। ସୂଚନାଯୋଗ୍ୟ, ଗତ ବର୍ଷ ଅଗଷ୍ଟ ୨୭ ତାରିଖ ସନ୍ଧ୍ୟାରେ ପର୍ଶୁରାମ ବାଇକରେ ଘରକୁ ଫେରୁଥିଲାବେଳେ ପଳସାବୁରୀ ଗ୍ରାମ ନିକଟରେ ତାଙ୍କୁ ହତ୍ୟା କରାଯାଇଥିଲା। ପର୍ଶୁରାମଙ୍କ ପୁଅ ଥାନାରେ ଏତଲା ଦେଇଥିଲେ। ଘଟଣା ଦିନ ରାତିରେ ପୋଲିସ ୨ ଜଣଙ୍କୁ ଗିରଫ କରିଥିଲା।


**Sambalpur University**
**Institute of Information Technology**
**ADMISSION: 2019-20**
Estt.-2010 Advt. No.: 618/SUIIT Dated: 04/06/2019

*Sambalpur University Institute of Information Technology (SUIIT) offers the following programmes for the session 2019-20 in self-sustaining mode:*

**M. Sc. (2 years):**
- Computer Science
- Electronics

**M. C. A. (3 years):**
- 50% seats through own entrance
- 50% seats on the basis of OJEE, 2019 rank (SUIIT doesn't participate in OJEE counseling, candidates are required to apply directly with their rank only)

**M. Phil (1 year):**
- Computer Science
- Electronics

**M. Tech (2 years):**
- Computer Science and Engineering
- Communication System Engineering
- Embedded Systems Design

SUIIT also offers B. Tech Engineering in CSE, ECE, EEE through OJEE Counseling. Candidates interested to study B. Tech at SUIIT are advised to refer www.ojee.nic.in / www.odishajee.com website for detail process.

FOR INFORMATION BROCHURE AND FOR APPLYING PG COURSES
Visit: www.suiit.ac.in

**IMPORTANT DATES**
Information Brochure and Application Form Available online / offline: 20th May, 2019
Last date for applying online: 17th June, 2019
Last date of Receiving Hard Copy of the Form: 19th June, 2019

Contact:
Dr. S. Jena – 8247679467, Dr. N. K. Barpanda – 9438074077, Mrs. S. Kar – 9439657668

Email: admin.office@suiit.ac.in/director@suii.ac.in Director, SUIIT

ପ୍ରତ୍ୟେକ ବ୍ୟକ୍ତି ଈଶ୍ୱରଙ୍କ ସଙ୍ଗେ ଏକ ସ୍ୱତନ୍ତ୍ର ଧାରାରେ ସଂପର୍କିତ ହୁଏ ଏବଂ ଏକ ସ୍ୱତନ୍ତ୍ର ଧାରାରେ ଈଶ୍ୱରଙ୍କୁ ପ୍ରକାଶ କରେ। ତୁମେ ଅନ୍ୟର ପନ୍ଥା ଗ୍ରହଣ କରିବା ଆବଶ୍ୟକ ନାହିଁ। ତୁମେ ତୁମ ବାଟରେ ଅନୁସରଣ କରି ଚାଲ। -ଶ୍ରୀମା



# ଭୁଶୁଡ଼ିଲା ମେଣ୍ଟ

ସାଧାରଣ ନିର୍ବାଚନରେ ଶୋଚନୀୟ ପରାଜୟବରଣ କରିଥିବା ରାଜନୈତିକ ଦଳଗୁଡ଼ିକ ବିଫଳତାର କାରଣ ଖୋଜିବାରେ ଲାଗିଛନ୍ତି। କେତେକ ଦଳର ତୁଙ୍ଗ ନେତା ଇସ୍ତଫା ଦେବା ବିଷୟ ଘୋଷଣା କରିଥିବା ବେଳେ ଆଉ କେତେ ଜଣ ନୈତିକ ଦୃଷ୍ଟିକୋଣରୁ ଦାୟିତ୍ୱରୁ ଓହରିଯାଇଥିବା ଦେଖିବାକୁ ମିଳିଛି। ଏବେ ଯେଉଁ ପ୍ରସଙ୍ଗ ଅଧିକ ଚର୍ଚ୍ଚିତ ହୋଇଛି ତାହା ହେଲା ଉତ୍ତରପ୍ରଦେଶରେ ବହୁଜନ ସମାଜପାର୍ଟି (ବିଏସ୍‌ପି) ଓ ସମାଜବାଦୀ ପାର୍ଟି (ଏସ୍‌ପି) ମଧ୍ୟରେ ହୋଇଥିବା ସମ୍ପର୍କ ଛିନ୍ନ ଘଟଣା। ବିଏସ୍‌ପି ସୁପ୍ରିମୋ ମାୟାବତୀ ଘୋଷଣା କରିଛନ୍ତି ଯେ, ଉତ୍ତରପ୍ରଦେଶରେ ଆଗକୁ ୧୧ ବିଧାନସଭା ଆସନ ପାଇଁ ହେବାକୁ ଥିବା ଉପ-ନିର୍ବାଚନରେ ଦଳ ଏକାକୀ ଲଢ଼ିବ। ଏଥିସହିତ ସେ ଏସ୍‌ପି ପ୍ରତି ସମବେଦନା ଜଣାଇବାକୁ ଯାଇ କହିଛନ୍ତି ଯେ, ବିଏସ୍‌ପି ଏକାକୀ ନିର୍ବାଚନ ଲଢ଼ିବାକୁ ମେଣ୍ଟ ମଧ୍ୟରେ ସ୍ଥାୟୀ ଭାବେ ଅପଡ଼ ସୃଷ୍ଟି ହେଲା ବୋଲି ଧରାଯିବା ଉଚିତ ନୁହେଁ, ବରଂ ଭବିଷ୍ୟତରେ ଅଖିଳେଶ ତାଙ୍କ ରାଜନୈତିକ ଲକ୍ଷ୍ୟରେ ସଫଳତା ପାଇଲେ ଦୁଇ ଦଳ ମିଳିମିଶି କାର୍ଯ୍ୟ କରିବେ। ମାୟାବତୀଙ୍କ ଏଭଳି ସ୍ପଷ୍ଟୀକରଣକୁ ରାଜନୈତିକ ବିଶ୍ଳେଷକମାନେ ଭିନ୍ନ ଦୃଷ୍ଟିରେ ଦେଖିବା ସ୍ୱାଭାବିକ। କୁହାଯାଉଛି ଉତ୍ତରପ୍ରଦେଶର ୮୦ ଲୋକ ସଭା ଆସନ ମଧ୍ୟରୁ ବିଏସ୍‌ପି ୧୦ ଓ ଏସ୍‌ପି ୫ ଆସନ ହାସଲ କରି ଘୋର ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲେ। ଯେହେତୁ ବିଏସ୍‌ପି ଅଧିକ ଆସନ ପାଇପାରିଛି, ଦାବି କରିଛି ଯେ ଏସ୍‌ପି ପାଖରେ ଯେଉଁ ଯାଦବ ଭୋଟ ଥିଲା ତାହା ଭାଜପା ଆଡ଼କୁ ଚାଲିଯାଇଛି। ଏଭଳି କହିବା ପଛରେ ଉଦ୍ଦେଶ୍ୟ ରହିଛି ଯେ ଏସ୍‌ପି ଯେତିକି ବି ଆସନ ପାଇଛି, ତାହା ବିଏସ୍‌ପିର ଦଳିତ ଭୋଟ ଯୋଗୁ ସମ୍ଭବ ହୋଇଛି। ଅନ୍ୟପକ୍ଷରେ ଏସ୍‌ପି ମୁଖ୍ୟ ଅଖିଳେଶ କହିଛନ୍ତି, ତାଙ୍କ ଦଳ ମଧ୍ୟ ଆଗାମୀ ବିଧାନସଭା ଉପନିର୍ବାଚନରେ ନିଜର ଶକ୍ତି ପ୍ରଦର୍ଶନ କରିବ। ଏତିକିରୁ ବୁଝାଯାଇପାରେ ଯେ ଉଭୟ ଦଳ ଭାଜପାକୁ ହରାଇବା ଲକ୍ଷ୍ୟ ରଖି ଯେଉଁ ମେଣ୍ଟ ଗଠନ କରିଥିଲେ, ଆଶାନୁରୂପ ସଫଳତା ନ ପାଇବାରୁ ଭିନ୍ନେ ହୋଇଯାଇଛନ୍ତି।

ନିର୍ବାଚନ ପୂର୍ବ ଓ ପରର ରାଜନୈତିକ ଦୃଶ୍ୟପଟ ଦେଖିଲେ ମାୟାବତୀ, ଅଖିଳେଶ, ତୃଣମୂଳ କଂଗ୍ରେସ ମୁଖ୍ୟ ମମତା ବାନାର୍ଜୀ ଏବଂ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କୁ ଜନସାଧାରଣ ଗ୍ରହଣ ନ କରିବା ପଛରେ ଅନେକ କାରଣ ରହିଛି। ଯେଉଁ ଗୋଟିଏ କାରଣ ସମସ୍ତଙ୍କ ପାଇଁ କାଳ ହୋଇଛି ବୋଲି ଆଲୋଚନା ହେଉଛି, ତାହା ହେଲା ପ୍ରତ୍ୟେକ ବିରୋଧୀ ନେତା କେବଳ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ବ୍ୟକ୍ତିଗତ ସ୍ତରରେ ଆକ୍ରମଣ କଲେ। ଏହା ପରିବର୍ତ୍ତେ ଯଦି ଭାଜପାକୁ ବିରୋଧ କରୁଥିବା ଦଳଗୁଡ଼ିକ ନିଜର ଅର୍ଥନୈତିକ, ସାମାଜିକ ଏବଂ ବହିର୍ବ୍ୟାପାର ସଂକ୍ରାନ୍ତ ନୀତିକୁ ଲୋକଙ୍କ ସମ୍ମୁଖରେ ରଖିଥାଆନ୍ତେ, ହୁଏତ ବାଲାକୋଟ ଏବଂ ଅନ୍ୟ କେତେକ ଅପ୍ରାସଙ୍ଗିକ ପ୍ରସଙ୍ଗ ପ୍ରତି ଜନସାଧାରଣ ଆକର୍ଷିତ ହୋଇ ନ ଥାଆନ୍ତେ। ଯେତେବେଳେ ସବୁ ବିରୋଧୀ ଏକାଠି ହୋଇ ଜଣଙ୍କୁ ଗାଳିଦେଲେ, ସେତେବେଳେ ଲୋକେ ଭାବିନେଇଥାଇପାରନ୍ତି ଯେ ଗାଳି ଖାଉଥିବା ଲୋକ ନିଶ୍ଚିତ ଶକ୍ତିଶାଳୀ ଅଛନ୍ତି ଏବଂ ତାଙ୍କୁ ସମର୍ଥନ କଲେ ସ୍ଥିର ସରକାର ମିଳିପାରିବ। ନିର୍ବାଚନ ଫଳ ବାହାରିବା ପରେ ଭାଜପା ସପକ୍ଷରେ ଜନମତ ଆସିଥିବାରୁ ବିରୋଧୀ ହତାଶ ହୋଇପଡ଼ିଛନ୍ତି। ବିରୋଧୀଙ୍କ ପକ୍ଷେ ବୁଦ୍ଧିମାନର କାର୍ଯ୍ୟ ହୋଇଥାଆନ୍ତା ଯଦି ସେମାନେ କେବଳ ବିରୋଧ କରିବା ନାମରେ ବିରୋଧ କରିବାର ଚିନ୍ତାଧାରାଠାରୁ ଓହରି ଯାଇଥାଆନ୍ତେ। ମୋଦିଙ୍କୁ ବ୍ୟକ୍ତିଗତ ଭାବେ ନାପସନ୍ଦ ନ କରି ତାଙ୍କ ସରକାରଙ୍କ ଭୁଲ୍‌ଭଟକା ଏବଂ କେତେକ ଅବାଞ୍ଛିତ ନୀତିକୁ ସକାରାତ୍ମକ ଶୈଳୀରେ ସମାଲୋଚନା କରିଥାଆନ୍ତେ, ତାହା ହେଲେ ଲୋକେ ହୁଏତ ବିରୋଧୀଙ୍କୁ ଗ୍ରହଣ କରିଥାଆନ୍ତେ। ଏଥିସହିତ କେନ୍ଦ୍ର ସରକାରଙ୍କ ଜନହିତକର ଯୋଜନା ବା କାର୍ଯ୍ୟକ୍ରମର ବାସ୍ତବତା ଉପଲବ୍ଧି କରି ସରକାରଙ୍କୁ ସହଯୋଗ କରିବାର ଚିନ୍ତାଧାରା ବିରୋଧୀଙ୍କ ମୁଣ୍ଡରେ ନ ଜୁଟିବାରୁ ସେମାନଙ୍କୁ ବିଫଳତା ଚାଖିବାକୁ ପଡ଼ିଲା ବୋଲି କୁହାଯାଉଛି। ଅବଶ୍ୟ ବିରୋଧୀ ଧରି ନେଇଥିଲେ ଯେ ମୋଦିଙ୍କ ବିମୁଦ୍ରୀକରଣ ଓ ଜିଏସ୍‌ଟି ପ୍ରଚଳନ ଭଳି କଠୋର ନିଷ୍ପତ୍ତି ଜନସାଧାରଣଙ୍କ ନିକଟରେ ସରକାରକୁ ନିନ୍ଦିତ କରିଥିବ ଏବଂ ତାହା ଭୋଟରେ ପ୍ରତିଫଳିତ ହେବ। କିନ୍ତୁ ସରକାର ବିରୋଧୀ ହାୱା ସରକାରଙ୍କ ସପକ୍ଷରେ ବୋହିଗଲା। ଏଭଳି ହେବା ପଛରେ ଆଉ ଯେଉଁ କାରଣଟି ମୁଖ୍ୟ ଭୂମିକା ଗ୍ରହଣ କରିଛି ବୋଲି ଅନ୍ଦାଜ ଲଗାଯାଉଛି, ତାହା ହେଲା ବିରୋଧୀଙ୍କ ମଧ୍ୟରେ ଏକତା ରହିଲା ନାହିଁ କି କେହି ଜଣେ ସର୍ବମାନ୍ୟ ନେତା ଭାବେ ସାଧାରଣରେ ପ୍ରଦର୍ଶିତ ହୋଇପାରିଲେ ନାହିଁ।

୨୦୧୯ ସାଧାରଣ ନିର୍ବାଚନ ଆଉ ଗୋଟିଏ ଶିକ୍ଷା ଦେଇଗଲା ଯେ, ଭୋଟରଙ୍କୁ କଳିବା ସହଜ ନୁହେଁ। ପୂର୍ବାପେକ୍ଷା ଏଥର ମତଦାତା ବୁଦ୍ଧି ଖଟାଇ ନେତା ବାଛିବାକୁ ପସନ୍ଦ କରିଛନ୍ତି। ଏଥିସହିତ ପାରମ୍ପରିକ ଗଣମାଧ୍ୟମଠାରୁ ସୋସିଆଲ ମିଡିଆକୁ ଭଲ ଭାବେ ଯିଏ ପରିଚାଳନା କରିପାରିଛନ୍ତି, ସେମାନଙ୍କ ଭାଗରେ ଅଧିକ ସଂଖ୍ୟା ପଡ଼ିଛି ବୋଲି କୁହାଯାଉଛି। ବ୍ରିଟିଶ ଐତିହାସିକ, ରାଜନେତା ତଥା ଲେଖକ ଜନ୍ ଏମ୍ରିଚ୍ ଏଡ୍‌ୱାର୍ଡ ଡାଲବର୍ଗ ଆକ୍ଟନଙ୍କ ମତରେ 'ପାୱାର ଟେନ୍‌ଡସ ଟୁ କରପ୍ଟ ଆଣ୍ଡ୍ ଆବସଲ୍ୟୁଟ ପାୱାର କରପ୍ଟସ ଆବସଲ୍ୟୁଟ୍‌ଲି'। ଅର୍ଥାତ୍ କ୍ଷମତା ଦୁର୍ନୀତି ଆଡ଼କୁ ଢଳିଥାଏ ଏବଂ ସମ୍ପୂର୍ଣ୍ଣ କ୍ଷମତା ଦୁର୍ନୀତିରେ ବୁଡ଼ିଯାଏ। ତେଣୁ ଆଜି ଯେଉଁମାନେ ନିରଙ୍କୁଶ କ୍ଷମତା ଉପଭୋଗ କରୁଛନ୍ତି, ସେମାନଙ୍କ କାର୍ଯ୍ୟଶୈଳୀ ଉପରେ ବିରୋଧୀ ତୀକ୍ଷ୍ଣ ନଜର ରଖିବା ଦରକାର। ଧୈର୍ଯ୍ୟ ଧରି ସରକାରଙ୍କ ଭୁଲ ବାଛି ତାହାକୁ ଲୋକଲୋଚନକୁ ଆଣିପାରିଲେ ବିରୋଧୀ ସଫଳତା ପାଇପାରନ୍ତି। 'ରୋଗ ବିକଳରେ ତାଟିଆ କାମୁଡିଲେ' ବ୍ୟାଧି କେବେ ବି ଉପଶମ ହୋଇପାରିବ ନାହିଁ। ରାଜନୈତିକ ବ୍ୟକ୍ତିମାନେ ସୁବିଧାବାଦ ରାଜନୀତିରୁ ଊର୍ଦ୍ଧ୍ୱକୁ ଉଠି ଜନସାଧାରଣଙ୍କ ବାସ୍ତବ ସମସ୍ୟା ବୁଝିଲେ ଲୋକେ ସେମାନଙ୍କୁ ଲୋଡ଼ିବେ।

# ବାୟୁ ପ୍ରଦୂଷଣର ବିଷମ ପରିଣତି



ଡ. ଦେବାନନ୍ଦ ବେଉରା

ପରିବେଶର ଅନ୍ୟତମ ଅଙ୍ଗ ବାୟୁମଣ୍ଡଳ ଏକ ନିର୍ଦ୍ଦିଷ୍ଟ ଉଚ୍ଚତା ମଧ୍ୟରେ ପୃଥିବୀକୁ ଘେରି ରହିଛି। ବିଭିନ୍ନ ବାଷ୍ପର ଆନୁପାତିକ ମିଶ୍ରଣର ପରିପ୍ରକାଶ ହେଉଛି ବାୟୁମଣ୍ଡଳ। ଜୀବର ବଞ୍ଚିବାରେ ସହାୟକ ବାୟୁମଣ୍ଡଳ କ୍ରମଶଃ ସଂହାରକ ସାଜୁଛି। ତା'ର କାରଣ ବାୟୁର ବିଶୁଦ୍ଧତା କମୁଛି ଓ ପ୍ରଦୂଷଣ ବଢୁଛି। ବାୟୁମଣ୍ଡଳରେ ବିଷାକ୍ତ ତଥା କ୍ଷତିକାରକ ଉପାଦାନର ମାତ୍ରା ବଢିଯିବା ଦ୍ୱାରା ଏହାର ମାନ କମୁଛି। ଫଳରେ ଏହା ବ୍ୟବହାର ଅନୁପଯୁକ୍ତ ହେବା ସହିତ ନାନା ରୋଗ ସୃଷ୍ଟି ଓ ସଂକ୍ରମଣର କାରକ ସାଜୁଛି। ମଣିଷ ସହିତ ଅନ୍ୟ ଜୀବଜନ୍ତୁ, ଗଛଲତା ଏଥିରେ ଆକ୍ରାନ୍ତ ହୋଇ ମୃତ୍ୟୁମୁଖରେ ପଡୁଛନ୍ତି। ବାୟୁ ପ୍ରଦୂଷଣ ଜଳବାୟୁ ପରିବର୍ତ୍ତନର କାରଣ। ପରିବେଶରେ ପ୍ରତିଟି ବାଷ୍ପର ପରିମାଣ ଓ ବିଶୁଦ୍ଧତା ବଜାୟ ରଖିବାରେ ଅନ୍ୟ ଜୀବଜନ୍ତୁ ଓ ଗଛଲତାଙ୍କର ଭୂମିକା ରହିଥିଲା ବେଳେ କେବଳ ମଣିଷ ଏହାକୁ ପ୍ରଦୂଷିତ କରିଚାଲିଛି। ବାୟୁ ପ୍ରଦୂଷଣ ଯୋଗୁ ବିଶ୍ୱରେ ବାର୍ଷିକ ପ୍ରାୟ ୪.୨ ନିୟୁତ ଲୋକ ଅକାଳରେ ମୃତ୍ୟୁବରଣ କରୁଛନ୍ତି। ପ୍ରଦୂଷିତ ବାୟୁର ପରିବ୍ୟାପ୍ତି ଏତେ ଅଧିକ ଯେ ପ୍ରାୟ ୯୧ ପ୍ରତିଶତ ଲୋକ ବିଶ୍ୱ ସ୍ୱାସ୍ଥ୍ୟ ସଂସ୍ଥା ଦ୍ୱାରା ସ୍ଥିରୀକୃତ ବାୟୁର ମାନଠାରୁ ନିମ୍ନମାନର ସ୍ଥାନରେ ବସବାସ କରିବାକୁ ବାଧ୍ୟ ହେଉଛନ୍ତି।

ବିଭିନ୍ନ ପ୍ରକାର ପରିବେଶୀୟ ପ୍ରଦୂଷଣ ସହିତ ବାୟୁ ପ୍ରଦୂଷଣ ବିଷୟରେ ଆଜିର ପିଢି ଭଲଭାବରେ ପରିଚିତ। ବିଦ୍ୟାଳୟର ପାଠ୍ୟଖସଡା ବା ବିଶ୍ୱବିଦ୍ୟାଳୟସ୍ତରୀୟ ଗବେଷଣା ହେଉ ବା ବର୍ଷତମାମ ପାଠଚକ୍ର, ଆଲୋଚନାଚକ୍ର କିମ୍ବା ସଚେତନତା ଶିବିର ସବୁଠି ପରିବେଶ, ପରିସଂସ୍ଥା ଓ ପ୍ରଦୂଷଣକୁ ନେଇ ଚର୍ଚ୍ଚା। ମାତ୍ର ବାସ୍ତବ କ୍ଷେତ୍ରରେ ତାହା ପ୍ରତିଫଳିତ ହେବା ପରି ମନେହୁଏନି। ନ ହେଲେ ଦିଲ୍ଲୀ, ବେଜିଂ ସମେତ ବିଶ୍ୱର ବଡବଡ ସହର ବାୟୁ ପ୍ରଦୂଷଣରେ ତ୍ରାହି ତ୍ରାହି ଡାକୁ ନ ଥାନ୍ତେ। ଆମେ ସଚେତନ ହୋଇଥିଲେ ମୁଣ୍ଡପିଛା ଦୁଇତିନିଟା ଗାଡି ଚଢୁ ନ ଥାନ୍ତେ, ଦିୱାଲିରେ ବାଣ ଫୁଟାଉ ନ ଥାନ୍ତେ କି ପଲିଥିନ ଜାଳି ପରିବେଷ୍ଟନୀକୁ ପରିଷ୍କାର ରଖିବାର ଅମୂଳକ କାର୍ଯ୍ୟ କରୁ ନ ଥାନ୍ତେ। ବାୟୁ ପ୍ରଦୂଷଣର କୁପ୍ରଭାବ ନା ହଠାତ୍ ପ୍ରତିଫଳିତ ହୁଏ ନା ବାୟୁର ମାନ ସବୁସ୍ଥାନରେ ସବୁବେଳେ ମପାଯାଏ। ଏହି ମର୍ମରେ ବାୟୁ ପ୍ରଦୂଷଣର ପରିଣତି ବିଷୟକ ସଚେତନତାକୁ ନେଇ ସାଧାରଣ ଜନତା ସହମତ ହୋଇପାରନ୍ତି ନାହିଁ। ସେଥିପାଇଁ ବାୟୁମଣ୍ଡଳକୁ ପ୍ରଦୂଷିତ କରୁଥିବା କାର୍ଯ୍ୟାବଳୀରୁ ବିରତ ରହିପାରନ୍ତି ନାହିଁ। ଯଦି ଭାରତର ରାଜଧାନୀ ଦିଲ୍ଲୀ କଥା ଦେଖିବା ଏହା ବିଶ୍ୱର ଷଷ୍ଠ ପ୍ରମୁଖ ପ୍ରଦୂଷିତ ମହାନଗରୀ ଭାବେ ପରିଗଣିତ। ୨୦୧୪ ମେ'ରେ ଡବ୍ଲ୍ୟୁଏଚ୍ଓ ଦିଲ୍ଲୀକୁ ବିଶ୍ୱର ସର୍ବାଧିକ ପ୍ରଦୂଷିତ ସହର ଭାବେ ଘୋଷଣା କରିଥିଲା। ଏଠାରେ ବର୍ଷକୁ ପ୍ରାୟ ଦଶ ହଜାର ଲୋକ ବାୟୁ ପ୍ରଦୂଷଣଜନିତ ରୋଗରେ ଅକାଳ ମୃତ୍ୟୁବରଣ କରିଥାନ୍ତି। ଏମିତି ଆମ ଦେଶରେ ଏକାଧିକ ମହାନଗରୀ, ସହର ତଥା ସ୍ଥାନ ଅଛି ଯେଉଁଠି ବାୟୁ ପ୍ରଦୂଷଣ ମାତ୍ରାର ଚିତ୍ର ସ୍ପଷ୍ଟ ହୁଏନାହିଁ କିମ୍ବା ଜନତା ସଚେତନ ନ ଥାନ୍ତି। ବିଶ୍ୱସ୍ତରରେ ମଧ୍ୟ ସେହି ସମାନ କଥା।

ଧୂଳି, ଧୂଆଁ, ଅତି ସୂକ୍ଷ୍ମକଣିକା ଏବଂ କିଛି ବିଷାକ୍ତ ବାଷ୍ପ ବାୟୁମଣ୍ଡଳକୁ ପ୍ରଦୂଷିତ କରିଥାନ୍ତି। ଏମାନଙ୍କ ଉତ୍ପତ୍ତିର ଉତ୍ସମାନ ହିଁ ବାୟୁ ପ୍ରଦୂଷଣକୁ ପ୍ରୋତ୍ସାହିତ କରିଥାନ୍ତି। ଶିଳ୍ପ, ଗାଡିମୋଟର, ଟ୍ରାଫିକ, ସଡକ ଧୂଳି, ଖଣିଖାଦାନ, ପରିବହନ ଇତ୍ୟାଦିରେ ବୃଦ୍ଧି ବାୟୁମଣ୍ଡଳର ମାନକୁ ନିମ୍ନକୁ ଟାଣିଚାଲିଛି। କଳକାରଖାନା, ଗାଡିମୋଟରରେ ଇନ୍ଧନ ଭାବେ ବ୍ୟବହୃତ କୋଇଲା, ପେଟ୍ରୋଲ, ଡିଜେଲ ଆଦି ଜୀବାଶ୍ମ ଜାଳେଣିରୁ ନିର୍ଗତ ସଲଫର ଡାଇଅକ୍ସାଇଡ, କାର୍ବନ ମନୋକ୍ସାଇଡ ତଥା ନାଇଟ୍ରୋଜେନ ଅକ୍ସାଇଡ ଦ୍ୱାରା ବାୟୁମଣ୍ଡଳ ବିଶେଷଭାବେ ପ୍ରଦୂଷିତ ହୋଇଥାଏ। ଆଧୁନିକ କୃଷି ପଦ୍ଧତିରେ ବ୍ୟବହୃତ ରାସାୟନିକ ସାର, ଔଷଧ, କୀଟନାଶକ ବହୁଳତା କାରଣରୁ ଆମୋନିଆ ଭଳି ବିପଦପୂର୍ଣ୍ଣ ଗ୍ୟାସ ପ୍ରଚୁରମାତ୍ରାରେ ବାୟୁମଣ୍ଡଳରେ ମିଶୁଛି। ଖଣି ଖନନ, ଖଣିଜ ପରିବହନ ସମୟରେ ପ୍ରଚୁରମାତ୍ରାରେ ଧୂଳି ଏବଂ ରାସାୟନିକ ପଦାର୍ଥ ବାୟୁରେ ମିଶି ଏହାକୁ ପ୍ରଦୂଷିତ କରୁଛି। ଜନସଂଖ୍ୟା ବୃଦ୍ଧିକୁ ତାଳଦେଇ ଗାଡିମୋଟର ସଂଖ୍ୟା ବଢିବାରେ ଲାଗିଛି। ସ୍ଥିତି ଏମିତି ହେଲାଣି ସହର ବଜାରରେ ସବୁବେଳେ ଲାଗିରହିଛି ଟ୍ରାଫିକ ଜାମ୍। ଅନେକ ସମୟ ଧରି ଷ୍ଟାର୍ଟରେ ଥାଇ ରାସ୍ତା ଉପରେ ଗାଡିମୋଟର ଛିଡା ହୋଇ ରହୁଛି କିମ୍ବା ଅତି ନିମ୍ନ ବେଗରେ ଗତି କରୁଛି, ଯାହା ଅଧିକ ବିଷାକ୍ତ ବାଷ୍ପ ଛାଡି ବାୟୁ ପ୍ରଦୂଷଣ କରୁଛି। ସେହିପରି କଚ୍ଚା ରାସ୍ତାରେ ପରିବହନ ପାଇଁ ଅଧିକ ମାତ୍ରାରେ ଧୂଳି ଉଡି ବାୟୁରେ ମିଶୁଛି। ଶସ୍ୟ ଅମଳ ପରେ କ୍ଷେତରେ ନଡା କିମ୍ବା ଡମ୍ପିଂୟାର୍ଡ ବା ଘରୋଇ ବର୍ଜ୍ୟବସ୍ତୁ ଜଳାଇବା ଦ୍ୱାରା ପ୍ରଚୁର ଧୂଆଁ ସହିତ ସୂକ୍ଷ୍ମକଣିକା ବାୟୁରେ ମିଶୁଛି। ଫଳରେ ବାୟୁମଣ୍ଡଳରେ ଭାସମାନ ସୂକ୍ଷ୍ମ କଣିକା (ଏସ୍‌ପିଏମ୍)ର ମାତ୍ରା ବଢି ବାୟୁ ପ୍ରଦୂଷିତ ହେଉଛି। ବାୟୁ ପ୍ରଦୂଷଣକାରୀ ଏ ଯେଉଁ କେତୋଟି ପ୍ରମୁଖ ଉତ୍ସ ଓ ଉପାଦାନ କଥା କୁହାଗଲା ତାହା ମୁଖ୍ୟତଃ ମଣିଷର କାର୍ଯ୍ୟକଳାପ ସହିତ ସଂଯୋଜିତ। ଯେଉଁଠି ମଣିଷର ଏସବୁ କାର୍ଯ୍ୟକଳାପକୁ ଉନ୍ନତି ଓ ଆଧୁନିକତାର ମାପକାଠି ବୋଲି ଧରି ନିଆଯାଉଛି ସେପରି ସ୍ଥଳେ ବାୟୁ ପ୍ରଦୂଷଣ କମିବ କେମିତି ? ବାୟୁ ପ୍ରଦୂଷଣ ନିଃଶ୍ୱାସପ୍ରଶ୍ୱାସ, ହୃତ୍‌ପିଣ୍ଡ ସମ୍ବନ୍ଧୀୟ ରୋଗ ସାଙ୍ଗକୁ କର୍କଟ ରୋଗ ଭଳି ଅନେକ ପ୍ରକାରର ଶାରୀରିକ ଜଟିଳତା ବୃଦ୍ଧି କରିବାରେ ଲାଗିଛି। ଜଳବାୟୁ ପରିବର୍ତ୍ତନ, ବିଶ୍ୱତାପନ, ଅମ୍ଳବୃଷ୍ଟି, ଓଜୋନ ସ୍ତର ଅବକ୍ଷୟ ଆଦି ପରିବେଶୀୟ ପ୍ରତିକୂଳ ପ୍ରଭାବ ସୃଷ୍ଟିରେ ମୁଖ୍ୟ ଭୂମିକା ଗ୍ରହଣ କରିଛି ବାୟୁ ପ୍ରଦୂଷଣ। ଏହାଦ୍ୱାରା ମଣିଷ ଯେ ଖାଲି ଭୋଗୁଛି ତାହା ନୁହେଁ, ପଶୁପକ୍ଷୀ, ଗଛଲତା କ୍ରମଶଃ ବିଲୁପ୍ତି ପଥରେ ଅଗ୍ରସର ହେଉଛନ୍ତି।

ବାୟୁ ପ୍ରଦୂଷଣ ପରି ସମସ୍ୟାର ସମାଧାନ ପନ୍ଥା ମଣିଷ ପାଖରେ ଅଛି ଏବଂ ଏହା ସମ୍ଭବ ମଧ୍ୟ। ଆମେ ଆମର ଚିନ୍ତାଧାରା, କାର୍ଯ୍ୟକଳାପ ଏବଂ ଜୀବନଶୈଳୀରେ ବଡ଼ଧରଣର ପରିବର୍ତ୍ତନ ଆଣିବାର ବେଳ ଆସିଛି। ବିଳାସମୟ ଜୀବନରେ ଶକ୍ତି, ଇନ୍ଧନ, ବୈଦ୍ୟୁତିକ ଉପକରଣର ବ୍ୟବହାରକୁ କମ୍ କରିବାକୁ ପଡିବ। ବ୍ୟକ୍ତିଗତ ଗାଡିମୋଟର ସଂଖ୍ୟା କମାଇ ସର୍ବସାଧାରଣ ପରିବହନ ବ୍ୟବସ୍ଥା ଆପଣେଇବାର ମାନସିକତା ଉଦ୍ରେକ କରିବାକୁ ପଡିବ। ତା'ହେଲେ ଜୀବାଶ୍ମ ଜାଳେଣି ଖର୍ଚ୍ଚ କମିବ, ଟ୍ରାଫିକ ସମସ୍ୟା ସମାଧାନ ହୋଇ ଧୂଳିଧୂଆଁରୁ ମୁକ୍ତି ମିଳିବ। ବିଜୁଳି ଶକ୍ତିର ସଂରକ୍ଷଣ ତଥା ଶୃଙ୍ଖଳିତ ବ୍ୟବହାର କରିପାରିଲେ ତାପଜ ବିଦ୍ୟୁତ୍ ଉତ୍ପାଦନ ପାଇଁ ପ୍ରଚୁର କୋଇଲା ଜଳି ଯେଉଁ ବାୟୁ ପ୍ରଦୂଷଣ ହେଉଛି ତାହା କମିପାରିବ। ଏହା ସହିତ କମ୍ ବିଜୁଳି ଖର୍ଚ୍ଚ କରୁଥିବା ବୈଦ୍ୟୁତିକ ଉପକରଣ ଏବଂ ବଲ୍‌ବ ବ୍ୟବହାରକୁ ଅଗ୍ରାଧିକାର ଦିଆଯିବା ଦରକାର। ତେବେ ଶକ୍ତି ସଞ୍ଚୟକାରୀ ରେଫ୍ରିଜରେଟର, ଏୟାରକଣ୍ଡିଶନର ମିଳୁଛି ବୋଲି ଗୋଟିଏ ଜାଗାରେ ଦୁଇ-ତିନୋଟି ବ୍ୟବହାର କରିବା କେତେ ଯୁକ୍ତିଯୁକ୍ତ ? ଯଥାସାଧ୍ୟ ଖୋଲା ଡ୍ରେନକୁ ଆବରଣଯୁକ୍ତ କରାଯିବା ଦରକାର, ଯେଉଁଥିରୁ ବାହାରୁଥିବା କଠିନ ଆବର୍ଜନା ସମୟକ୍ରମେ ଶୁଖି ଧୂଳି ଉଡାଇଥାଏ। ଘରୋଇ, ମ୍ୟୁନିସିପାଲ ଆବର୍ଜନା ସହିତ କୃଷିକ୍ଷେତ୍ରର ଶସ୍ୟ, ନଡାକାଠି ସବୁକୁ ନ ଜାଳି ଉପଯୁକ୍ତ ପ୍ରଣାଳୀରେ ଲ୍ୟାଣ୍ଡଫିଲ କରାଯାଇପାରେ। ଶୁଷ୍କ ଆବର୍ଜନା, ବାଲି, ଖଣିଜ ପଦାର୍ଥ ପରିବହନକୁ ଆବରଣଯୁକ୍ତ କଲେ ତଦ୍ଦ୍ୱାରା ହେଉଥିବା ବାୟୁ ପ୍ରଦୂଷଣ କମିଯିବ। ଖଣିଖାଦାନ, କଳକାରଖାନା ଅଞ୍ଚଳର କଚ୍ଚା ରାସ୍ତା ଉପରେ ନିୟମିତ ପାଣି ସିଞ୍ଚନ ବ୍ୟବସ୍ଥା ହେବା ଆବଶ୍ୟକ। ଏମିତି ଛୋଟବଡ ଅନେକ ଦିଗ ରହିଛି ଯାହାର ପ୍ରତିକାରାତ୍ମକ ଉପଚାର କରିପାରିଲେ ବାୟୁ ପ୍ରଦୂଷଣ ପରି ଜୀବନନାଶକ ସମସ୍ୟାକୁ ପ୍ରଶମିତ କରାଯାଇପାରିବ। ଏହି ଦିଗରେ ଜନସଚେତନତା ସୃଷ୍ଟି ପାଇଁ ୨୦୧୯ ମସିହା ବିଶ୍ୱ ପରିବେଶ ଦିବସରେ 'ବାୟୁ ପ୍ରଦୂଷଣ' ବିଷୟ ଉପରେ ଧ୍ୟାନ ଆକର୍ଷଣ କରାଯାଇଛି।

ଭୂତତ୍ତ୍ୱ ବିଭାଗ, ଉତ୍କଳ ବିଶ୍ୱବିଦ୍ୟାଳୟ,
ଭୁବନେଶ୍ୱର, ମୋ-୯୮୬୧୨୧୩୪୭୨

# ପାରିବେଶିକ ଅସନ୍ତୁଳନ



ସବ୍ୟସାଚୀ ଅମିତାଭ

ଜୁନ୍ ୫ ବିଶ୍ୱ ପରିବେଶ ଦିବସ। ବର୍ତ୍ତମାନ ସମୟରେ ଯେଉଁ ମାତ୍ରାରେ ପ୍ରକୃତି ବିଗିଡ଼ିବାରେ ଲାଗିଲାଣି, ତାହା ସମସ୍ତଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି। ଏବେକାର ଫନୀ ମହାବାତ୍ୟା ହେଉ ଅବା ୧୯୯୯ ସୁପର ସାଇକ୍ଲୋନ୍ କିମ୍ବା ଅତୀତର ସୁନାମି ବା ନେପାଳ ଭୂମିକମ୍ପ- ପାରିବେଶିକ ଅସନ୍ତୁଳନଜନିତ ଭୟାବହତାର ଏସବୁ ଜ୍ୱଳନ୍ତ ଉଦାହରଣ। ଆଗାମୀ ଦିନରେ ପ୍ରକୃତିର ଏହି କ୍ରୂରତା କିଭଳି ଆକାର ଧାରଣ କରିବ, ତାହା ଆମ କଳ୍ପନାର ବାହାରେ। ଜଙ୍ଗଲ ଧ୍ୱଂସ କାରଣରୁ ବିଶ୍ୱତାପନ ବଢ଼ି ବଢ଼ି ଚାଲିଛି, ଭୂତଳ ଜଳସ୍ତର ନିମ୍ନଗାମୀ ହେଉଛି, ମୃତ୍ତିକା କ୍ଷୟ ବଢ଼ିବା ସହ ବୃଷ୍ଟିପାତ କମୁଛି। ଏହାଫଳରେ ଉତ୍ପାଦନ ବ୍ୟାହତ ହେବା ସହ ପରିବେଶ ନଷ୍ଟ ହେଉଛି।

ବିଶ୍ୱତାପନ ଓ ଜଳବାୟୁ ପରିବର୍ତ୍ତନ କାରଣରୁ କେଉଁଠି ମରୁଭୂମିରେ ପତ୍ର କଅଁଳିଲାଣି ତ ଆଉ କେଉଁଠି ସବୁଜ ଅଞ୍ଚଳ ଲଣ୍ଡା ହୋଇଗଲାଣି। ନେଚର କ୍ଲାଇମେଟ୍ ଚେଞ୍ଜ୍ ପତ୍ରିକାର ତଥ୍ୟ ଅନୁସାରେ, ଉତ୍ତର-ପଶ୍ଚିମ ୟୁରେସୀୟ ତୁନ୍ଦ୍ରା ଅଞ୍ଚଳ (ଫିନ୍‌ଲାଣ୍ଡରୁ ପଶ୍ଚିମ ସାଇବେରିଆ ମଧ୍ୟରେ ପରିବ୍ୟାପ୍ତ)ରେ ଏବେ ବୁଦା ବୁଦା ଗଛ ଉଠିଲାଣି। ଜଳବାୟୁରେ ଏପରି ବିଷମତା ଦେଖାଯାଉଥିବାରୁ ଆମ ପାରିପାର୍ଶ୍ୱିକ ଅବସ୍ଥା କଦର୍ଯ୍ୟ ହେବାରେ ଲାଗିଛି। ଏହି କାରଣରୁ ଋତୁଚକ୍ରରେ ପରିବର୍ତ୍ତନ ଦେଖାଯାଉଛି। ୬ ଋତୁ ଆଜି ଆମ ପାଇଁ ସାତ ସପନ। ପୌଷ ଓ ମାଘର ହାଡ଼ଭଙ୍ଗା ଶୀତ କେବଳ ପିଲାଙ୍କ ବହିରେ ରହିଛି। ଶୀତଦିନେ ଗରମ ପୋଷାକ ଆଗଭଳି ଦରକାର ପଡୁନି। ଫାଲ୍‌ଗୁନ-ଚୈତ୍ରରେ ଆଉ କୋଇଲିର କୁହୁତାନ ବି ଶୁଭୁନି। ହେମନ୍ତ, ଶରତ ଋତୁ ବି ହଜିଗଲାଣି। କେବଳ ବଢ଼ିଚାଲିଛି ଗ୍ରୀଷ୍ମଋତୁର ଅବଧି। ବୈଶାଖ-ଜ୍ୟେଷ୍ଠ କଥା ଛାଡ଼ନ୍ତୁ, ବର୍ଷର ଅଧିକାଂଶ ସମୟରେ ଏବେ ମୁଣ୍ଡଫଟା ଖରା। ଆକାଶରୁ ଅଗ୍ନି ବର୍ଷୁଛି। ଆଷାଢ଼ ମାସରେ ଆସୁଥିବା ମୌସୁମୀ ବି ନିଖୋଜ ହୋଇସାରିଲାଣି। ଧାରା ଶ୍ରାବଣ କହିଲେ ଗୋଟିଏ ପୁରୁଣା ଓଡ଼ିଆ ସିନେମାକୁ ବୁଝୁଛନ୍ତି ଆଜିର ପିଲାମାନେ।

ବର୍ଷ ବର୍ଷ ଧରି ପ୍ରକୃତି ଉପରେ ଚାଲିଛି ଅତ୍ୟାଚାର। ଜନବିସ୍ଫୋରଣ, ଶିଳ୍ପ ଅଭିବୃଦ୍ଧି, ସଡ଼କ କୋଠାବାଡ଼ି ନିର୍ମାଣ ପାଇଁ ବେଧଡ଼କ ଭାବେ ଚାଲିଛି ଗଛକଟା। ଫଳରେ ବାୟୁମଣ୍ଡଳରୁ ଅମ୍ଳଜାନ କମି ବିଷାକ୍ତ ଅଙ୍ଗାରକାମ୍ଳ ପରିମାଣ ବଢ଼ିବାରେ ଲାଗିଛି। କଳକାରଖାନାରୁ ବାହାରୁଥିବା ଗ୍ୟାସ୍ ଓ ଅନ୍ୟ ରାସାୟନିକ ପ୍ରକ୍ରିୟା ଏବଂ ପ୍ରତିକ୍ରିୟାରୁ ପ୍ରଦୂଷିତ ହେବାରେ ଲାଗିଛି ବାୟୁ, ଜଳ ଓ ମୃତ୍ତିକା। ଚଳିତ ବର୍ଷ ବିଶ୍ୱ ପରିବେଶ ଦିବସର ଥିମ୍ ରହିଛି- 'ବିଟ୍ ଏୟାର ପଲ୍ୟୁଶନ'। ପୃଥିବୀର ତାପମାତ୍ରା ବୃଦ୍ଧିର ଅନ୍ୟ ଏକ ପ୍ରମୁଖ କାରଣ ହେଲା ବାୟୁ ପ୍ରଦୂଷଣ। ସ୍ଥିତି ଏପରି ଜାରି ରହିଲେ, ସେଦିନ ଆଉ ଡେରି ନାହିଁ ମେରୁ ନିକଟରେ ଜମାହୋଇ ଜଳବାୟୁକୁ ନିୟନ୍ତ୍ରଣ କରୁଥିବା ବରଫ ତରଳିଯିବ। ଏହାଦ୍ୱାରା ସମୁଦ୍ର ପତ୍ତନ ଆଉ ୧୫ରୁ ୨୦ ଫୁଟ ବଢ଼ିଯିବ। ୧୫ରୁ ୨୦ ଫୁଟ କଥା ଛାଡ଼ନ୍ତୁ, ମାତ୍ର ୪-୫ ଫୁଟ୍ ସମୁଦ୍ର ପତ୍ତନ ବଢ଼ିଲେ ସାରା ବିଶ୍ୱ ଜଳରେ ଲୀନ ହୋଇଯିବ।

ଆମ ରାଜ୍ୟରେ ପ୍ରଚଣ୍ଡ ଗରମ ଓ ଅଗ୍ନିବର୍ଷା ମଧ୍ୟ ପରିବେଶଗତ ବିଷମତାରୁ ଜନ୍ମ ନେଇଛି। ଉପକୂଳରେ ଯେଉଁ ହେନ୍ତାଳ ବଣ ଥିଲା, ତାହା ଏବେ ଲୋପ ପାଇସାରିଛି। ପରିବେଶ ସୁରକ୍ଷା ପାଇଁ ଆମର ପ୍ରଚେଷ୍ଟା ଅତୀତ ଦିନମାନଙ୍କରେ ସନ୍ତୋଷଜନକ ରହିନି। ଏବେ କିନ୍ତୁ ପରିବେଶ ପାଇଁ ଚିନ୍ତା କରିବାର ସମୟ ଆସିଗଲାଣି। ସୁସ୍ଥ ପରିବେଶ ରହିଲେ ଆମେ ରହିବା, ଏହା ବୁଝିବାକୁ ପଡ଼ିବ। ବନୀକରଣ, ବ୍ୟାପକ ବୃକ୍ଷ ରୋପଣ, ସାମୁଦ୍ରିକ ଉପକୂଳରେ ଲୁଣା ଜଙ୍ଗଲ ସୃଷ୍ଟି ଓ ପରିବେଶଗତ ପରିଚାଳନାକୁ ଗୁରୁତ୍ୱ ଦେବାକୁ ହେବ।

ଭୁବନେଶ୍ୱର, ମୋ-୯୪୩୮୨୯୬୫୧୯

## ଏଇ ଭାରତରେ

ମାଲିକଙ୍କ ଜୀବନ ବଞ୍ଚାଇବା ପାଇଁ ବାଘ ସହ ଲଢ଼ିଲା ପୋଷା କୁକୁର। ମଧ୍ୟପ୍ରଦେଶର ସେଓନି ଜିଲାରେ ଏଭଳି ଏକ ଘଟଣା ଘଟିଛି। ସ୍ଥାନୀୟ ଜାତୀୟ ଅଭୟାରଣ୍ୟ କୁରଇ ଜଙ୍ଗଲକୁ ପରଶ୍ୱନି ଗାଁର ପଞ୍ଚମ ନାମକ ଯୁବକ ଶୌଚ ହେବା ପାଇଁ ଯାଇଥିଲେ। ତାଙ୍କ ସହିତ ପୋଷା କୁକୁର ମଧ୍ୟ ଯାଇଥିଲା। ପଞ୍ଚମ ଗୋଟିଏ ଗଛରୁ ଡାଳ ଭାଙ୍ଗିବା କ୍ଷଣି ବାଘଟିଏ ବୁଦା ମଧ୍ୟରୁ ଡିଆଁମାରି ତାଙ୍କୁ ଆକ୍ରମଣ କରିଥିଲା। ସେ ଜୋର୍‌ରେ ଚିତ୍କାର କରିଥିଲେ। ପୋଷା କୁକୁରଟି ଭୟରେ ସେଠାରୁ ଚାଲି ନ ଯାଇ ଭୁକିବାକୁ ଲାଗିଲା। ବାଘଟି ଝମ୍ପିପଡି ପଞ୍ଚମଙ୍କ ଗଳାକୁ ଧରିବାକୁ ଉଦ୍ୟତ ହେବାବେଳେ କୁକୁର ଜୋର୍‌ରେ ଭୁକିବାକୁ ଲାଗିଲା। କୁକୁର ରଡିରେ ବାଘ ପଞ୍ଚମକୁ ଛାଡିଦେଇ ବୁଦା ଭିତରକୁ ଡିଆଁ ମାରିଲା। ପରେ ଖବରପାଇ ପଞ୍ଚମଙ୍କ ଭାଇ ଏବଂ ଗ୍ରାମବାସୀ ଆସି ତାଙ୍କୁ ଉଦ୍ଧାର କରିଥିଲେ। ତାଙ୍କୁ ବନ ବିଭାଗ ପକ୍ଷରୁ ଚିକିତ୍ସା ପାଇଁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ପଞ୍ଚମଙ୍କୁ ସ୍ଥାନୀୟ ଏକ ହସ୍ପିଟାଲ୍‌ରେ ପ୍ରାଥମିକ ଚିକିତ୍ସା ପରେ ଛାଡି ଦିଆଯାଇଛି। ଏବେ ସେ ସୁସ୍ଥ ଥିବା କୁହାଯାଉଛି।

## ଚିରନ୍ତନୀ

କେଉଁ ମାଟିତଳ ଶୁଖିଲା ବାଲି ରୋଧିଲା ଚାଲି
କେଉଁ ପାଷାଣ ସେ ରକତ ଲୋଡ଼ିଲା ହେବାକୁ ନାଲି।
କେଉଁଠାରୁ ଆଉ ନ ଚଳିଲା ପାଦ ରହିଲା ସ୍ଥିର
ହେ ମୋର ଦେଶର ପରମ ଯୋଦ୍ଧା ଯୁଧିଷ୍ଠିର !
ତୋଳରେ ସେ ମାଟି ମାଆର ତିଳକ ଲଗାଅ ପଳେ
ଦେଖ ଦେଖ ଆଜି କାହାର ରୁଧିର ପଡିଲା ତଳେ।
ପିଶାଚୀ ବସୁଧା କାହା ଲହୁ ଆଜି ପିଇଲା ବାଛି
ଗୁଣେ ତୀର ଯୋଖ ନବୀନ ଯୁଗର ସବ୍ୟସାଚୀ।
''ଯୁଦ୍ଧାୟ କୃତନିଶ୍ଚୟ, ଶୁଣ ଡାକ କେ ଦିଏ
ପ୍ରାଚୀନ ଗ୍ରନ୍ଥ ଛିଡ଼ିଗଲା ଏବେ ବିପ୍ଳବୀ ହେ !''
ବିଶ୍ୱ ବିରାଟ ବକ୍ଷଥଳରେ ବାଜିଲା ଗୁଳି
ଖସିଲା ଉଲ୍କା ଜଳିଉଠେ ମହା ଚିତାର ଚୁଲୀ।
ହିଂସାବିହୀନ ଶାନ୍ତ ଉପରେ ପଡିଲା ଦାଗ
ଦିଶେ ଦିଶେ ଆଜି ଚମକି ଉଠିଲା ରକ୍ତରାଗ !
ସମାନ ହେବାକୁ ସମାଜ ଏଣିକି ସହଜ ହେଲା
ରୁଧିରେ ବୋଳିଛ ହାତ ଯେହୁ ଆସ ହିନ୍ଦୁ ଚେଲା !
(ରକ୍ତ-ସ୍ରୋତ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

### ୫ ଜୁନ୍ ୧୯୯୪

- ଭାରତର ସ୍ୱଳ୍ପ ଦୂରଗାମୀ ପୃଥ୍ୱୀ କ୍ଷେପଣାସ୍ତ୍ରର ପରୀକ୍ଷାମୂଳକ ଉତ୍କ୍ଷେପଣ ଚାନ୍ଦିପୁର ଅନ୍ତରୀଣ ଘାଟିରୁ ସଫଳତାର ସହ କରାଯାଇଛି।
- ହିନ୍ଦୀ ଚଳଚ୍ଚିତ୍ର ଜଗତର ବିଶିଷ୍ଟ ଗୀତିକାର ମଜରୁହ ସୁଲତାନପୁରୀଙ୍କୁ ୧୯୯୩ ବର୍ଷର ସମ୍ମାନଜନକ ଦାଦା ସାହେବ ଫାଲ୍‌କେ ପୁରସ୍କାର ପ୍ରଦାନ ପାଇଁ ମନୋନୀତ କରାଯାଇଛି।
- ଫିଲିପାଇନ୍ସର ସୈନ୍ୟମାନେ ଜୋଲୋ ଦ୍ୱୀପପୁଞ୍ଜ ଉପରେ ଆକ୍ରମଣ କରି ୨୫ ଜଣ ମୁସଲିମ ମୌଳବାଦୀ ଗେରିଲାଙ୍କୁ ମାରି ଦେଇଛନ୍ତି।

## su | do | ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 6 | | | | | | | | 9 | | 0 | | E | | |
| | 0 | 8 | | 4 | | | | | | | 7 | 3 | A | |
| | | B | E | | | | | | | | | 7 | | |
| | D | 5 | | | | | C | | 8 | 1 | | | | |
| 7 | | | | B | | | | | 2 | 3 | A | | | |
| | 3 | | | 9 | B | | | | | D | | 5 | | |
| | 5 | 6 | D | | | | 8 | | | | | 4 | | |
| | | | | | | D | | A | C | 7 | 6 | B | | 8 |
| | E | | 5 | | | 9 | | 0 | B | | 8 | C | | |
| 8 | | | | 7 | | 1 | | | 3 | | | | | |
| | 7 | | 2 | | E | C | | D | | 4 | | | | A |
| | | | 9 | | 0 | 5 | | 7 | | | 1 | 8 | | |
| | | | | | D | 2 | 4 | | A | 5 | 0 | | | |
| | | | 4 | | | | 9 | 3 | D | | | | | |
| 5 | | E | 3 | | | B | 1 | | | 8 | 2 | | | 0 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 0 | 2 | B | E | C | 1 | 5 | 6 | 7 | 9 | D | 8 | 3 | 4 | A |
| 8 | 4 | 5 | A | 3 | 2 | D | B | E | 1 | 6 | C | 0 | 9 | 7 |
| 3 | C | 6 | 8 | 0 | 9 | 1 | 2 | A | B | 7 | 4 | 5 | E | D |
| E | 7 | 9 | 4 | 6 | D | C | 3 | 8 | 0 | 5 | A | B | 2 | 1 |
| 1 | A | D | 7 | B | 5 | 4 | 9 | 0 | 3 | 2 | E | 8 | C | 6 |
| 4 | 6 | E | 9 | 8 | 7 | 2 | C | 1 | A | 3 | 5 | D | 0 | B |
| A | D | 0 | B | E | C | 8 | 5 | 9 | 4 | 1 | 6 | 2 | 7 | 3 |
| 9 | 1 | 8 | 2 | A | 3 | B | 7 | 4 | C | 0 | D | 6 | 5 | E |
| 5 | 3 | 2 | D | 1 | 0 | E | A | 6 | 7 | 9 | B | 4 | 8 | C |
| C | B | 7 | 6 | 5 | 4 | 0 | D | 3 | E | 8 | 2 | A | 1 | 9 |
| D | 0 | 4 | 3 | 7 | B | 6 | E | 5 | 2 | C | 1 | 9 | A | 8 |
| 2 | 8 | A | 1 | 9 | 6 | 3 | 4 | B | 5 | E | 7 | C | D | 0 |
| 6 | E | 3 | C | 4 | 8 | 9 | 1 | 2 | D | A | 0 | 7 | B | 5 |
| B | 5 | 1 | 0 | D | A | 7 | 8 | C | 6 | 4 | 9 | E | 3 | 2 |
| 7 | 9 | C | 5 | 2 | E | A | 0 | D | 8 | B | 3 | 1 | 6 | 4 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଅବୈଧାନିକ ଆଚରଣ ପାଇଁ ପ୍ରତିବିଧାନ

ମହାଶୟ,

ବିଦ୍ୟାର୍ଥୀମାନେ ଅବୈଧାନିକ ଆଚରଣ ପାଇଁ ଶିକ୍ଷାନୁଷ୍ଠାନରୁ ବହିଷ୍କୃତ (ରଷ୍ଟିକେଟ୍) ହେଉଛନ୍ତି, ବୃତ୍ତିଧାରୀମାନେ ବୃତ୍ତିରୁ ବହିଷ୍କୃତ ବା ନିଲମ୍ବିତ ହେଉଛନ୍ତି। ଜନ ପ୍ରତିନିଧିମାନଙ୍କ ମନ୍ଦ ଆଚରଣ ପାଇଁ କ'ଣ ଦଣ୍ଡ ବ୍ୟବସ୍ଥା ଅଛି ? ଉଚ୍ଚ ସମ୍ମାନଯୁକ୍ତ ସ୍ତରରେ ରହି ବିଶୃଙ୍ଖଳିତ ଆଚରଣ ପାଇଁ କଟକଣା ନ ରହିଲେ ଏହି ପ୍ରବୃତ୍ତି ସାରା ରାଜ୍ୟ ବା ଦେଶକୁ ସଂକ୍ରମିତ ହୋଇଯିବ। ଗଣତନ୍ତ୍ର ବିଫଳ ହେବ। ତେଣୁ ପ୍ରତ୍ୟେକ ଜନପ୍ରତିନିଧିଙ୍କ ପାଇଁ ଗୁପ୍ତ ଚରିତ୍ର ପଞ୍ଜିକା ବ୍ୟବସ୍ଥା କରାଯାଉ। ଅବୈଧାନିକ ଆଚରଣ ପାଇଁ ଦୃଷ୍ଟାନ୍ତମୂଳକ ଦଣ୍ଡବ୍ୟବସ୍ଥା କରାଯାଉ। ଗଣତନ୍ତ୍ର ସୁରକ୍ଷିତ ରହୁ। ଆଗାମୀ ଦିନରେ ସଂସଦରେ ଏଭଳି ପ୍ରସ୍ତାବ ଆଗତପୂର୍ବକ ଆଇନ ପ୍ରଣୟନ କରାଯାଉ।

ଗନ୍ଧର୍ବ ଜେନା, ଡେଲାଙ୍ଗ, ପୁରୀ

### ଟ୍ରାଫିକ୍ ପୋଲିସ ମୁତୟନ ହେଉ

୫ ନମ୍ବର ଜାତୀୟ ରାଜପଥର ଗୋହିରା ଓ ମହୁରା ଛକରେ ବାରମ୍ବାର ଦୁର୍ଘଟଣା ଘଟୁଛି। ଗୋହିରା ଛକର ପୂର୍ବପାର୍ଶ୍ୱରେ ସି.ଭି. ରମଣ ଇଞ୍ଜିନିୟରିଂ କଲେଜ ଏବଂ ପଶ୍ଚିମପାର୍ଶ୍ୱରେ ଗୀତା ଇଞ୍ଜିନିୟରିଂ କଲେଜ। ତେଣୁ ରାସ୍ତା ଅତିକ୍ରମ କରି ଲୋକେ ଉଭୟ ପାର୍ଶ୍ୱକୁ ଅହରହ ଆତଯାତ କରୁଥାନ୍ତି। ସେହିପରି ମହୁରା ଛକର ପୂର୍ବପାର୍ଶ୍ୱରେ ଜାତୀୟ ରାଜପଥରୁ ଏକ ରାସ୍ତା ମହୁରା ନଅଁପୁଟ ଓ ସୀତାରାମ ବିହାର ଦେଇ ରେତଙ୍ଗ ରେଳ ଷ୍ଟେଶନକୁ ଯାଇଛି। ସେ ଛକରେ ଉଭୟ ପାର୍ଶ୍ୱକୁ ଲୋକ ଆତଯାତ କରିଥାନ୍ତି। ଏ ଦୁଇ ଛକରେ ଟ୍ରାଫିକ ନିୟନ୍ତ୍ରଣ ବ୍ୟବସ୍ଥା ନାହିଁ। ଫଳରେ ଭୁବନେଶ୍ୱରରୁ ଖୋର୍ଦ୍ଧା ଏବଂ ଖୋର୍ଦ୍ଧାରୁ ଭୁବନେଶ୍ୱର ଆଡ଼କୁ ଯାଉଥିବା ଗାଡ଼ିଗୁଡ଼ିକ କାହାରିକୁ ସହଜରେ ରାସ୍ତା ଅତିକ୍ରମ କରିବାକୁ ଦେଉନାହାନ୍ତି। ତେଣୁ ସରକାର ଏ ସ୍ଥାନମାନଙ୍କରେ ଜେବ୍ରା ଲାଇନ ଟାଣନ୍ତୁ ଏବଂ ଟ୍ରାଫିକ ପୋଲିସ ମୁତୟନ କରନ୍ତୁ ଅଥବା ଓଭରବ୍ରିଜ୍ ନିର୍ମାଣ କରି ଭୂତଳ ରାସ୍ତାର ବ୍ୟବସ୍ଥା କରନ୍ତୁ।

ଅକ୍ଷୟ ମହାନ୍ତି, ମହୁରା, ଖୋର୍ଦ୍ଧା

### ରିଲିଫ ଯୋଗାଣରେ ପାତରଅନ୍ତର

ବାତ୍ୟା ଫନୀ ପୁରୀ ଓ ଭୁବନେଶ୍ୱର ସହରରେ ରହୁଥିବା ବସ୍ତି ବାସିନ୍ଦାଙ୍କର ବହୁ କ୍ଷତି ଘଟାଇଛି। ବହୁ ଲୋକଙ୍କ ଘରର ଚାଳ, ଟାଇଲ ଓ ଆଜବେଷ୍ଟସ ଉଡିଯାଇଛି ବା ଗଛ ପଡି ଘର ଭାଙ୍ଗିଯାଇଛି। ସରକାର ରାଶନ କାର୍ଡ ଆଧାରରେ ଟଙ୍କା, ଚାଉଳ ଓ ତାର୍‌ପୋଲିନ ଯୋଗାଇ ଦେଇଛନ୍ତି। ସହରର ଅନେକ ବସ୍ତିବାସିନ୍ଦାଙ୍କର ନାନା କାରଣରୁ ରାଶନ କାର୍ଡ ହୋଇପାରିନାହିଁ। ଯଦି କ୍ଷତି ଘଟାଇବାରେ ଫନୀ ବାତ୍ୟା ଏହି ଲୋକମାନଙ୍କୁ ବାଛ ବିଚାର କରିନାହିଁ, ତେବେ ରିଲିଫ ଯୋଗାଣରେ ଏ ବାଛବିଚାର କାହିଁକି ?

ସୁଧାଂଶୁ ଶେଖର ମିଶ୍ର, ମାର୍ଫତ୍-ବେଲିନ ମିଶ୍ର, ବ୍ଲକ କଲୋନୀ, ଆଠଗଡ଼

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ସବୁଜିମା ଉଜାଡ଼ିଲା ଫନୀ, ଛାଡ଼ିଗଲା ଆହ୍ୱାନ

ବାତ୍ୟା 'ଫନୀ' ଚାଲି ଯାଇଛି ସତ, କିନ୍ତୁ 'ପରିବେଶ'କୁ ନେଇ ଚିନ୍ତା ବଢ଼ିଛି। ୧୯୯୯ ମହାବାତ୍ୟାରେ ଉପକୂଳ ଓଡ଼ିଶାରେ ଶହେବର୍ଷର ପୁରୁଣା ଗଛ ଭାଙ୍ଗି ନଷ୍ଟ ହୋଇଯାଇଥିଲା। ଗତ ୨୦ବର୍ଷରେ ଯାହାବି ନୂଆ ଗଛ ସୃଷ୍ଟି ହେଇଥିଲା ତାହା ବି 'ଫନୀ' ମାଡ଼ରେ ଉଜୁଡ଼ି ଗଲା। ଫଳରେ ଏବେଠୁ ପରିବେଶ ଜନିତ ସମସ୍ୟା ଆରମ୍ଭ ହୋଇଯାଇଥିବାବେଳେ ଆଗକୁ ଅନେକ ଚ୍ୟାଲେଞ୍ଜକୁ ସାମ୍ନା କରିବାକୁ ପଡ଼ିବ। ଏପରିସ୍ଥିତିରେ 'ଫନୀ'ର କ୍ଷତ ଆମ ପାଇଁ ବଡ଼ ଆହ୍ୱାନ ସୃଷ୍ଟି କରିଛି।

ମିଳିଥିବା ତଥ୍ୟ ଅନୁସାରେ, ନୂଆକରି ରୋପଣ କରାଯାଇଥିବା ଚାରା ଓ ୨୦ଟି ଜଙ୍ଗଲର ଭିତ୍ତିଭୂମି ସମେତ ବନ୍ୟପ୍ରାଣୀ ଡିଭିଜନର ବ୍ୟାପକ କ୍ଷୟକ୍ଷତି ହୋଇଛି। ଜଙ୍ଗଲ ଓ ଅଭୟାରଣ୍ୟ ଅଞ୍ଚଳରେ ୯ଲକ୍ଷ ଗଛ ଉପୁଡ଼ି ପଡ଼ିଛି। ଏସବୁର ମୂଲ୍ୟ ୨୭୦କୋଟି ଟଙ୍କା ହେବ ବୋଲି ଆକଳନ କରାଯାଇଛି। କେବଳ ଜଙ୍ଗଲ ଭିତରେ ନୁହେଁ, ବାହାର ଅଞ୍ଚଳରେ ୧୫୦ କୋଟି ମୂଲ୍ୟର ୫ଲକ୍ଷ ଗଛ ଉପୁଡ଼ିଯାଇଛି। ସେହିପରି ବନୀକରଣ ନିମନ୍ତେ ରହିଥିବା ୮ଲକ୍ଷ ଚାରା ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି, ଯାହାର ମୂଲ୍ୟ ୩୯କୋଟି ୫୦ଲକ୍ଷ ଟଙ୍କା ବୋଲି ଆକଳନ କରାଯାଇଛି। ରାଜ୍ୟ ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ମୋଟ କ୍ଷୟକ୍ଷତିର ପରିମାଣ ୫୩୭.୮୦କୋଟି ଟଙ୍କା ବୋଲି ଆକଳନ କରାଯାଇଛି।



## 'ବାୟୁ ପ୍ରଦୂଷଣ' ବଡ଼ ଚ୍ୟାଲେଞ୍ଜ

ଗଛ ବିନା ତାପମାତ୍ରା ବୃଦ୍ଧିକୁ ଅନୁଭବ କଲେଣି ବାତ୍ୟା ପ୍ରଭାବିତ ଅଞ୍ଚଳର ଲୋକେ। ବାତ୍ୟା ପରଠାରୁ ଲୋକେ ଗରମରେ ଛଟପଟ ହେଉଥିବାବେଳେ ମୁଣ୍ଡଗୁଞ୍ଜିବାକୁ ଗଛ ନାହିଁ। ଛାଇ ବି ସ୍ୱପ୍ନ ପାଲଟିଛି। ସେହିପରି ଗଛ ନ ଥିବାରୁ ବାୟୁ ପ୍ରଦୂଷଣ ମଧ୍ୟ ବୃଦ୍ଧି ପାଇବାରେ ଲାଗିଛି। ବାୟୁ ପ୍ରଦୂଷଣକୁ ଗଛ ରୋକିଥାଏ ବୋଲି ତାହା ସାଧାରଣ ଲୋକେ ସହଜରେ ଜାଣିପାରନ୍ତି ନାହିଁ। ତେଣୁ ଚଳିତ ବର୍ଷ ପରିବେଶ ଦିବସର ଥିମ୍ ଅଛି 'ବାୟୁ ପ୍ରଦୂଷଣ'। 'ଫନୀ' ଭଳି ବାତ୍ୟା ବାୟୁ ପ୍ରଦୂଷଣକୁ ଅନେକ ଗୁଣ ବଢ଼େଇ ଦେଇଥାଏ। ଏବେ ତାହାକୁ ଲୋକେ ଅଳ୍ପବହୁତେ ଅନୁଭବ କଲେଣି। ଗଛର ପତ୍ର ବାୟୁରୁ ଧୂଳିକଣା ଓ ବିଷାକ୍ତ ଗ୍ୟାସ୍‌କୁ ଟାଣିନେଇ ପରିବେଶକୁ ସ୍ୱଚ୍ଛ କରିଥାଏ। ଫଳରେ ରାସ୍ତାକଡ଼ରେ ରହିଥିବା ଗଛଗୁଡିକର ପତ୍ର ସମ୍ପୂର୍ଣ୍ଣ ସବୁଜ ଦେଖା ନ ଯାଇ ଈଷତ ଲାଲ ବା ଗେରୁଆ ରଙ୍ଗର ଦେଖାଯାଏ। କେତେ ସ୍ଥାନରେ ଈଷତ କଳା ବା ମାଟିଆ ରଙ୍ଗ ମଧ୍ୟ ଦେଖାଯାଏ। ଅନ୍ୟପକ୍ଷରେ ଜାତୀୟ ପ୍ରଦୂଷଣ ନିୟନ୍ତ୍ରଣ ବ୍ୟୁରୋ ଦ୍ୱାରା ନିର୍ଦ୍ଧାରିତ ବାୟୁ ପ୍ରଦୂଷଣମାନ ବଜାୟ ରଖିବାରେ ସାରା ଦେଶରେ ୧୨୦ଟି ସହର ବିଫଳ ହୋଇଛନ୍ତି। ଏଥିମଧ୍ୟରେ କଟକ, ଭୁବନେଶ୍ୱର, ବାଲେଶ୍ୱର, ଅନୁଗୋଳ, ରାଉରକେଲା ଓ ତାଳଚେର ଆଦି ୬ ସହର ରହିଛି। କଟକ, ଭୁବନେଶ୍ୱର ହେଉଛି ବାତ୍ୟା ପ୍ରଭାବିତ। ତେଣୁ ବାତ୍ୟାରେ ଗଛଗୁଡିକ ନଷ୍ଟ ହୋଇଯାଇଥିବାରୁ ଆଗକୁ 'ବାୟୁ ପ୍ରଦୂଷଣ' ବଡ଼ ଚ୍ୟାଲେଞ୍ଜ ସୃଷ୍ଟି କରିବ ବୋଲି ପରିବେଶବିତ୍‌ମାନେ କହିଛନ୍ତି।

## ଡବ୍ଲ୍ୟୁଏଚ୍‌ଓ ଷ୍ଟାଣ୍ଡାର୍ଡ ଉପରେ ଗୁରୁତ୍ୱ

ଜାତୀୟ ବ୍ୟାପକ ବାୟୁ ପ୍ରଦୂଷଣ ମାନକ ଅନୁଯାୟୀ, ବାୟୁରେ ଭାସମାନ କଣିକା ୧୦୦ରୁ ଉର୍ଦ୍ଧ୍ୱ ରହିଲେ ଏହାକୁ ଗୁରୁତର ବୋଲି ଗ୍ରହଣ କରାଯାଇଥାଏ। ଏଥିଯୋଗୁ ଫୁସ୍‌ଫୁସ୍ ଏବଂ ହୃଦ୍‌ଜନିତ ରୋଗ ହୋଇଥାଏ। ଓଡ଼ିଶା ପରିପ୍ରେକ୍ଷୀରେ ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲ ୨୦୧୮ ନଭେମ୍ବର ୧୦ରେ କହିଥିଲେ, ବାୟୁ ପ୍ରଦୂଷଣର ମୁଖ୍ୟ ଉତ୍ସଗୁଡ଼ିକ ହେଉଛି ଯାନବାହନରୁ ନିର୍ଗତ ଧୂଆଁ, ରାସ୍ତାରେ ଥିବା ଧୂଳିକଣା, କଳକାରଖାନାରୁ ସୃଷ୍ଟି ହେଉଥିବା ପ୍ରଦୂଷଣ, ନିର୍ମାଣ କାର୍ଯ୍ୟ ଓ ଭଙ୍ଗାରୁଜାରୁ ହେଉଥିବା ପ୍ରଦୂଷଣ। ଚିକାଗୋ ବିଶ୍ୱବିଦ୍ୟାଳୟର ଏୟାର କ୍ୱାଲିଟି ଲାଇଫ୍ ଇଣ୍ଡେକ୍ସ ଅନୁସାରେ, ଯଦି ରାଜ୍ୟ ସରକାର ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ(ଡବ୍ଲ୍ୟୁଏଚ୍‌ଓ)ର ଏୟାର କ୍ୱାଲିଟି ଷ୍ଟାଣ୍ଡାର୍ଡ ରଖନ୍ତେ, ତେବେ କଟକ ଓ ଭୁବନେଶ୍ୱରରେ ଲୋକମାନେ ୨. ୭ ବର୍ଷ ଅଧିକ ବଞ୍ଚିପାରନ୍ତେ।

## ୧୦ବର୍ଷ ପାଇଁ ପ୍ରସ୍ତୁତ ହେବାକୁ ପଡ଼ିବ: ପରିବେଶବିତ୍

ପରିବେଶବିତ୍ ଡ. ଜୟକୃଷ୍ଣ ପାଣିଗ୍ରାହୀ କହିଛନ୍ତି, ଗଛ ବାୟୁକୁ ବିଶୁଦ୍ଧ କରିଥାଏ। ଜଳବାୟୁର ଭାରସାମ୍ୟ ରକ୍ଷା କରିବା ସହିତ ତାପମାତ୍ରା ମଧ୍ୟ ନିୟନ୍ତ୍ରଣ କରିଥାଏ। ବର୍ତ୍ତମାନ 'ଫନୀ'ରେ ଯେତିକି ଗଛ ନଷ୍ଟ ହୋଇଛି ସେସବୁ ଫେରିବା ପାଇଁ ଅତିକମ୍‌ରେ ୧୦ବର୍ଷ ଲାଗିଯିବ। ତେଣୁ ବିଭିନ୍ନ ପ୍ରକାରର ଅସୁବିଧା ସାମ୍ନା କରିବାକୁ ପଡ଼ିବ। ସହରୀକରଣ ଓ ଶିଳ୍ପାୟନ ବାୟୁ ପ୍ରଦୂଷଣର ଅନ୍ୟତମ ପ୍ରମୁଖ କାରଣ। ଏଥିଯୋଗୁ ବିଶ୍ୱରେ ବିଭିନ୍ନ ରୋଗରେ ୭ନିୟୁତ ଲୋକଙ୍କ ମୃତ୍ୟୁ ଘଟୁଛି। ସେଥିମଧ୍ୟରୁ ଭାରତରେ ଦେଢ଼ ନିୟୁତ ଲୋକଙ୍କର ମୃତ୍ୟୁ ହେଉଛି। ବିଶ୍ୱର ୫୦ପ୍ରତିଶତ ଲୋକ ସହରାଞ୍ଚଳରେ ବସବାସ କରୁଛନ୍ତି। ୨୦୫୦ରେ ୬୮ ପ୍ରତିଶତ ଲୋକ ସହରରେ ରହିବେ ବୋଲି ଆକଳନ କରାଯାଉଛି। ତେଣୁ ପ୍ରଦୂଷଣ ଉତ୍ସ ନିଶ୍ଚିତ ଭାବେ ବୃଦ୍ଧି ପାଇବ। ସେଥିପାଇଁ ଏ ଦିଗରେ ପୂର୍ବରୁ ପ୍ରସ୍ତୁତ ହେବା ଆବଶ୍ୟକ।

**–ଅସମାପିକା ସାହୁ,** ଭୁବନେଶ୍ୱର

# ବାୟୁ ପ୍ରଦୂଷଣ ନିୟନ୍ତ୍ରଣ

ଜୀବଜଗତ ବଞ୍ଚିବା ପାଇଁ ବାୟୁ ଏକ ଅପରିହାର୍ଯ୍ୟ ଉପାଦାନ। ଏଥିରେ ଥିବା ଅମ୍ଳଜାନ ଆମ ରକ୍ତରେ ଥିବା ହିମୋଗ୍ଲୋବିନ୍ କଣିକା ସହିତ ଯୁକ୍ତ ହୋଇ ଅକ୍ସିହିମୋଗ୍ଲୋବିନ୍ ପ୍ରସ୍ତୁତ କରେ। ତାହା ରକ୍ତସ୍ରୋତ ସହିତ ଶରୀରର ବିଭିନ୍ନ ଅଂଶକୁ ଅମ୍ଳଜାନ ଯୋଗାଇଥାଏ। ଏହା ଖାଦ୍ୟକୁ ଜାରଣ କରି ଶକ୍ତି ଉତ୍ପନ୍ନ କରେ। ଏହି ସ୍ୱୟଂକ୍ରିୟ ଶାରୀରିକ ପ୍ରକ୍ରିୟା ନିରବଚ୍ଛିନ୍ନ ଭାବେ ଚାଲିଥାଏ। ନ ଖାଇ ଆମେ କିଛିଦିନ ବଞ୍ଚିଯିବା ମାତ୍ର ବାୟୁ ବିନା କିଛି କ୍ଷଣ ବି ବଞ୍ଚିବା ଅସମ୍ଭବ।

> ୧୯୭୨ ମସିହାରେ ଷ୍ଟକ୍‌ହୋମରେ ଅନୁଷ୍ଠିତ ଜାତିସଂଘ ସାଧାରଣ ସଭାରେ ନିଷ୍ପତ୍ତି ନିଆଯାଇଥିଲା ଯେ, ଜୁନ ୫ ତାରିଖକୁ ପରିବେଶ ଦିବସ ଭାବେ ସମଗ୍ର ବିଶ୍ୱରେ ପାଳନ କରାଯିବ। ସେହି ଅନୁସାରେ ୧୯୭୪ରୁ ଏହି ଦିବସ ପାଳିତ ହୋଇଆସୁଛି। ଚଳିତବର୍ଷ ଏହି ଦିବସ ଲାଗି ବିଷୟବସ୍ତୁ ରଖାଯାଇଛି 'ବାୟୁ ପ୍ରଦୂଷଣକୁ ପ୍ରତିହତ କରିବା'। ତେବେ ଏହି ଦିବସ ପାଳନର ଉଦ୍ଦେଶ୍ୟ ସମଗ୍ର ମାନବ ଜାତିର ସୁରକ୍ଷା ପାଇଁ ପରିବେଶକୁ ସନ୍ତୁଳିତ କରିବା ଏବଂ ଏଥି ସକାଶେ ସଚେତନତା ସୃଷ୍ଟି କରିବା।

ବାୟୁମଣ୍ଡଳ କମ୍ବଳ ଭଳି ପୃଥିବୀକୁ ଘୋଡ଼ାଇ ରଖିଛି। ସାଧାରଣତଃ ବାୟୁରେ କୌଣସି ଗ୍ୟାସୀୟ, କଠିନ ବା ଜଳୀୟ ପଦାର୍ଥ ନିର୍ଦ୍ଧାରିତ ମାତ୍ରାଠାରୁ ଅଧିକ ରହି ପ୍ରଦୂଷଣ କରନ୍ତି। ସେଗୁଡିକୁ ବାୟୁ ପ୍ରଦୂଷକ କୁହାଯାଏ। ବାୟୁ ପ୍ରଦୂଷକଗୁଡିକୁ ଦୁଇଭାଗରେ ବିଭକ୍ତ କରାଯାଏ, ଯଥା ପ୍ରାଥମିକ ଓ ଦ୍ୱିତୀୟକ। ନାଇଟ୍ରିକ ଅକ୍ସାଇଡ୍, କାର୍ବନ ମନୋକ୍ସାଇଡ୍, ଅଙ୍ଗାରକାମ୍ଳ, ସଲଫରଡାଇଅକ୍ସାଇଡ୍, ହାଇଡ୍ରୋଜେନ୍ ଆଦି ଗ୍ୟାସ୍ ପ୍ରାଥମିକ ଶ୍ରେଣୀର ଏବଂ ଏହି ପ୍ରାଥମିକ ପ୍ରଦୂଷକଗୁଡ଼ିକ ବାୟୁମଣ୍ଡଳରେ ପ୍ରବେଶ କରି ବିଭିନ୍ନ ରାସାୟନିକ ପ୍ରକ୍ରିୟାରେ ଦ୍ୱିତୀୟ ଶ୍ରେଣୀର ପ୍ରଦୂଷକ ନିର୍ଗତ କରିଥାଆନ୍ତି। ନାଇଟ୍ରୋଜେନ୍ ଡାଇଅକ୍ସାଇଡ୍ ପ୍ରଭୃତି ପ୍ରଥମ ଗୋଷ୍ଠୀ ସହ ଦ୍ୱିତୀୟ ଶ୍ରେଣୀର ପ୍ରଦୂଷକ ସଂଯୁକ୍ତ ହୋଇ ଫଟୋକେମିକାଲ, ସ୍ମଗ୍, ଅମ୍ଳ କଣିକା ଆଦି ସୃଷ୍ଟି କରିଥାନ୍ତି। ଏହି ବାୟୁ ପ୍ରଦୂଷକ ଜୀବଜଗତକୁ ଯଥେଷ୍ଟ ପ୍ରଭାବିତ କରିଥାଏ। ବିଶେଷତଃ ୧୦ ମାଇକ୍ରନ୍‌ରୁ କମ୍ ଆକାର କଣିକା ଆମ ଶ୍ୱାସନଳୀରେ ପ୍ରବେଶ କରି ଆଜ୍‌ମା, ବ୍ରୋଙ୍କାଇଟିସ୍ ଇତ୍ୟାଦି ରୋଗ ଏବଂ ଫୁସ୍‌ଫୁସ୍‌ର ବାୟୁ ପରିବହନ ପଦ୍ଧତିରେ ଜମାହୋଇ ବିଭିନ୍ନ ଶ୍ୱାସଜନିତ ରୋଗ ସୃଷ୍ଟି କରିଥାଏ।

ପ୍ରକୃତିରେ ବାୟୁ ପ୍ରଦୂଷଣକୁ ନିୟନ୍ତ୍ରଣ କରିବା ସମ୍ଭବପର ନୁହେଁ। ବାୟୁ ପ୍ରଦୂଷଣ ଉତ୍ସରୁ ପ୍ରଦୂଷକକୁ ନିୟନ୍ତ୍ରଣ କରିବା ସର୍ବୋତ୍କୃଷ୍ଟ ଉପାୟ। ଶିଳ୍ପସଂସ୍ଥାଗୁଡ଼ିକରୁ ନିର୍ଗତ ପ୍ରଦୂଷକଗୁଡିକୁ ନିୟନ୍ତ୍ରଣ କରିବାକୁ ହେଲେ ଶିଳ୍ପ ପ୍ରତିଷ୍ଠା ପୂର୍ବରୁ ପାରିବେଶିକ ପ୍ରଭାବ ଆକଳନ କରିବା ଆବଶ୍ୟକ। କାରଖାନା ପରିସରରେ ଉଡୁଥିବା ଧୂଳିକୁ ନିୟନ୍ତ୍ରଣ କରିବା, ଆବଶ୍ୟକ କାରିଗରି କୌଶଳ ବ୍ୟବହାର, ପ୍ରଦୂଷଣ ନିୟନ୍ତ୍ରଣ ଯନ୍ତ୍ରପାତିର ପ୍ରୟୋଗ, ଶିଳ୍ପକେନ୍ଦ୍ରରେ ଉଚ୍ଚ ଚିମିନୀ ଲଗାଇବା ପ୍ରତି ଦୃଷ୍ଟିଦେବାକୁ ପଡ଼ିବ। ସୌରଚୁଲିର ବ୍ୟବହାର, ଚତୁଃପାର୍ଶ୍ୱରେ ଇତସ୍ତତଃଭାବେ ପରିତ୍ୟକ୍ତ ଅଳିଆ, ଆବର୍ଜନା, ପ୍ଲାଷ୍ଟିକ, ପଲିଥିନ, ଥର୍ମୋକୁଲ୍‌ର ପୁନଃଚକ୍ରଣ କରି କେତେକାଂଶରେ ପ୍ରଦୂଷଣକୁ ପ୍ରତିହତ କରିପାରିବା। ବାୟୁ ପ୍ରଦୂଷଣକୁ ନିୟନ୍ତ୍ରଣ କରିବା ପାଇଁ ଭାରତ ସରକାର ବାୟୁ ପ୍ରଦୂଷଣ ନିରାକରଣ ଓ ନିବାରଣ ଆଇନ ୧୯୮୧ ପ୍ରଣୟନ କରିଛନ୍ତି। ବିଭିନ୍ନ ସହରରୁ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଦ୍ୱାରା ମୋବାଇଲରେ ନମୁନା ସଂଗ୍ରହ କରି ପରୀକ୍ଷା କରାଯାଉଛି। ବିଭିନ୍ନ ଶିଳ୍ପସଂସ୍ଥାରୁ ନିର୍ଗତ ବିଷାକ୍ତ ବାୟୁରେ ପ୍ରଦୂଷକର ପରିମାଣ ପାରିପାର୍ଶ୍ୱିକ ବାୟୁର ଗୁଣବତ୍ତା ଜାଣିବା ପାଇଁ ଅନ୍‌ଲାଇନ୍ ମନିଟରିଂର ବ୍ୟବସ୍ଥା କରାଯାଇଛି। ବାୟୁ ପ୍ରଦୂଷଣ ଆଇନ ପାଳନରେ ଅବହେଳା କଲେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଆଇନ ଅନୁଯାୟୀ ଅଦାଲତରେ କେସ୍ ଦାଏର କରୁଛନ୍ତି। ସେହିଭଳି ବୋର୍ଡ ତରଫରୁ ପ୍ରଦତ୍ତ କୌଣସି ନିର୍ଦ୍ଦେଶ ବିରୋଧରେ ଅଭିଯୋଗ ଥିଲେ ତା'ର ଶୁଣାଣି ପାଇଁ ରାଜ୍ୟ ସରକାର ଏକ ଶୀର୍ଷ ଅଥରିଟି ଗଠନ କରିଛନ୍ତି।

ବାୟୁ ପ୍ରଦୂଷଣ ଏକ ସାର୍ବଜନୀନ ସମସ୍ୟା। ଅମ୍ଳବର୍ଷା, ଓଜୋନ ଗର୍ତ୍ତ, ସବୁଜଗୃହ ବାଷ୍ପ ଯୋଗୁ ହେଉଥିବା ବିଶ୍ୱତାପନ ବୃଦ୍ଧି, ଜଳ, ମୃତ୍ତିକା ଓ ବାୟୁର ପରିବର୍ତ୍ତନ ଜୀବଜଗତର ଶାରୀରିକ ପ୍ରକ୍ରିୟା ଓ ଜିନୀୟ ବ୍ୟବସ୍ଥାରେ ଅସନ୍ତୁଳନ ସୃଷ୍ଟି କରିବା ସହ ଏହି ପ୍ରକ୍ରିୟା ଅନ୍ୟାନ୍ୟ ମଣ୍ଡଳକୁ ମଧ୍ୟ ପ୍ରଭାବିତ କରୁଛି। ପରିବେଶର ସୁରକ୍ଷା ଓ ଉନ୍ନୟନ ପ୍ରତ୍ୟେକ ନାଗରିକର ମୌଳିକ ଦାୟିତ୍ୱ ଓ କର୍ତ୍ତବ୍ୟ। ବାୟୁ ପ୍ରଦୂଷଣ ହ୍ରାସ ପାଇଁ ଯୁଦ୍ଧକାଳୀନଭିତ୍ତିରେ କେତେକ ଅଗ୍ରାଧିକାରମୂଳକ ପଦକ୍ଷେପ ଯଥା ସଚେତନତା ସୃଷ୍ଟି, ଶିକ୍ଷାନୁଷ୍ଠାନ, ଚିକିତ୍ସାଳୟ, ଜରାଶ୍ରମ ନିକଟରେ 'ନୋ କାର ଆଇଡ୍‌ଲିଙ୍ଗ ଜୋନ୍' ପ୍ରତିଷ୍ଠା, ସର୍ବସାଧାରଣ ଯାନ ଓ ସାଇକେଲରେ ଯିବା, ମିଥେନ୍ ଗ୍ୟାସ୍ ଯାହା ଅଙ୍ଗାରକାମ୍ଳ ଅପେକ୍ଷା ୨୧ ଗୁଣ ଅଧିକ ଅନିଷ୍ଟକାରୀ ତାହାର ଉତ୍ସକୁ ନିୟନ୍ତ୍ରଣ କରିବା, କମ୍ପୋଷ୍ଟ ଓ ପୁନଃବିନିଯୋଗ ବ୍ୟବସ୍ଥା ଦ୍ୱାରା ପରିତ୍ୟକ୍ତ ପ୍ଲାଷ୍ଟିକ୍ ସମେତ ଅଳିଆ-ଆବର୍ଜନାର ସୁବିନିଯୋଗ କରିବା, ଶିଳ୍ପାନୁଷ୍ଠାନରୁ ନିର୍ଗତ ବାୟୁ ପ୍ରଦୂଷକର ପରିମାଣକୁ ଉତ୍ସରୁ ହ୍ରାସ କରିବା, ଡିଜେଲ ଓ ପେଟ୍ରୋଲ ଭଳି ଜୀବାଶ୍ମ ଜାଳେଣି ବ୍ୟବହାର ନ କରି ହାଇବ୍ରିଡ ଓ ଇଲେକ୍ଟ୍ରିକ୍ ଯାନ ବ୍ୟବହାର କରିବା, ନବୀକରଣଯୋଗ୍ୟ ଶକ୍ତି ବ୍ୟବସ୍ଥାକୁ ତ୍ୱରାନ୍ୱିତ କରିବା, ଆଞ୍ଚଳିକ, ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ ବାୟୁ ପ୍ରଦୂଷଣରେ ନିର୍ଦ୍ଦିଷ୍ଟ ବାୟୁ ପ୍ରଦୂଷଣ ପାଇଁ ଆକ୍ସନ୍ ପ୍ଲାନ ତିଆରି କରିବା, ଯାହାକି ପ୍ରତ୍ୟେକ ବର୍ଷ ବିଶ୍ୱସ୍ତରରେ ପ୍ରଦୂଷଣ କ୍ଷୟକ୍ଷତିର ୫ ବିଲିୟନ ଡଲାର ସଞ୍ଚିତ ହୋଇପାରିବ।



ମିଳିତ ଜାତିସଂଘ ବିବରଣୀ ଅନୁଯାୟୀ ପ୍ରତି ୫ ବର୍ଷରେ ବିଶ୍ୱର ଉତ୍ତାପ ୧ ଡିଗ୍ରୀ ସେଲସିୟସ୍ ବୃଦ୍ଧି ପାଉଛି। ସୁତରାଂ ପ୍ରତ୍ୟେକ ଲୋକ ୫ଟି ଲେଖାଏ ବୃକ୍ଷରୋପଣ କରି ଆମ ଭବିଷ୍ୟତ ବଂଶଧରଙ୍କ ପାଇଁ ଏକ ସୁନ୍ଦର ନିରାମୟ ସବୁଜ ପୃଥିବୀ ସୃଷ୍ଟି କରିପାରିବା।

**–ଡ. ଆଶୁତୋଷ ଦେବତା,** ମୋ– ୯୯୩୮୯୩୨୬୭୧

# ଏବେଠୁ ସଜାଗ ହେବାକୁ ପଡ଼ିବ

ବାୟୁମଣ୍ଡଳରେ ଅଙ୍ଗାରକାମ୍ଳ ବାଷ୍ପର ଅହେତୁକ ବୃଦ୍ଧି ଓ ତତ୍‌ଜନିତ ଜାଗତିକ ଉଷ୍ଣତା ଏବଂ ଜଳବାୟୁ ପରିବର୍ତ୍ତନ ସମଗ୍ର ବିଶ୍ୱବାସୀଙ୍କୁ ଆତଙ୍କିତ କରିଛି। ବାୟୁମଣ୍ଡଳରେ ଅଙ୍ଗାରକାମ୍ଳ ବାଷ୍ପର ନିରାପଦ ସୀମା ୩୫୦ ପିପିଏମ୍ ମଧ୍ୟରେ ରହିବା ଜରୁରୀ, ମାତ୍ର ଆମେ ଏହାକୁ ଅତିକ୍ରମ କରିସାରିଛେ ଏବଂ ବର୍ତ୍ତମାନ ଆମ ବାୟୁମଣ୍ଡଳରେ ପ୍ରାୟ ୪୦୦ ପିପିଏମ୍ ପର୍ଯ୍ୟନ୍ତ ଅଙ୍ଗାରକାମ୍ଳ ବାଷ୍ପ ରହିଛି। ୨୦୦୧ ମସିହା ପରେ ଏହି ବାଷ୍ପର ମାତ୍ରା ଅସ୍ୱାଭାବିକ ଭାବେ ବୃଦ୍ଧି ପାଇଛି। ପରିସଂଖ୍ୟାନରୁ ଜଣାଯାଏ ଯେ ୨୧୦୦ ସୁଦ୍ଧା ଏହି ବାଷ୍ପର ମାତ୍ରା କ୍ରମାନ୍ୱୟ ଭାବେ ବୃଦ୍ଧି ପାଇ ଦ୍ୱିଗୁଣିତ ହୋଇଯାଇପାରେ। ପରିଣାମ ସ୍ୱରୂପ ପୃଥିବୀ ପୃଷ୍ଠର ଆଭ୍ୟନ୍ତରୀଣ ତାପମାତ୍ରାରେ ୩-୫° ସେଲସିୟସ ବୃଦ୍ଧି ଘଟିବ। କାଳକ୍ରମେ ପୃଥିବୀ, ଶୁକ୍ର ଗ୍ରହରେ ପରିଣତ ହେବାର ସମ୍ଭାବନାକୁ ମଧ୍ୟ ଏଡ଼ାଇ ଦିଆଯାଇ ନ ପାରେ। ଅଙ୍ଗାରକାମ୍ଳ ବାଷ୍ପର ପରିମାଣ ପୃଥିବୀ ପୃଷ୍ଠର ବାୟୁମଣ୍ଡଳରେ ୦.୦୪ ପ୍ରତିଶତ ହୋଇଥିବାବେଳେ ଶୁକ୍ର ଗ୍ରହରେ ୯୬.୪ ପ୍ରତିଶତ ଅଟେ। ପୃଥିବୀର ଏହି ଶୁକ୍ର ଦଶା ପାଇଁ ଦାୟୀ ମନୁଷ୍ୟ। ସାଧାରଣତଃ ଜଙ୍ଗଲ ଏବଂ ସାଗରଜଳ ୫୦ ପ୍ରତିଶତରୁ ଅଧିକ ଅଙ୍ଗାରକାମ୍ଳ ବାଷ୍ପ ଶୋଷି ନେଇଥାଏ। ଗବେଷଣାରୁ ଜଣାଯାଏ ଯେ ୨୦୦୦ ରୁ ୨୦୦୭ ମସିହା ମଧ୍ୟରେ ସାଗରର ଏହି କ୍ଷମତା ହ୍ରାସ ପାଇଛି। ଏଣେ ଜଙ୍ଗଲ କାଟି ଶିଳ୍ପାୟନ ଓ ସହରୀକରଣ ବ୍ୟାପି ଚାଲିଛି। ଫଳରେ ଦିନକୁ ଦିନ ବାୟୁମଣ୍ଡଳରେ ଅଙ୍ଗାରକାମ୍ଳ ବାଷ୍ପ ମାତ୍ରା ବଢିଚାଲିଛି। ଏହି ପରିପ୍ରେକ୍ଷୀରେ ଅଙ୍ଗାରକାମ୍ଳ ବାଷ୍ପ ନିର୍ଗମନ ହ୍ରାସ ପାଇଁ ଜାତିସଂଘ ଦ୍ୱାରା ଗଠିତ ଆନ୍ତଃ ସରକାରୀ ଜଳବାୟୁ ପରିବର୍ତ୍ତନ କମିଟି (ଆଇପିସିସି) ପ୍ରସ୍ତାବ ଦେଇଛି। ତେଣୁ ପାରମ୍ପରିକ ଜୀବାଶ୍ମ ଇନ୍ଧନର ବିକଳ୍ପ ଭାବେ ଅଣପାରମ୍ପରିକ ଇନ୍ଧନ ଯଥା ସୌରଶକ୍ତି, ଆଣବିକ ଶକ୍ତି, ପବନଶକ୍ତି, ତରଙ୍ଗ ଶକ୍ତି, ଜୈବଇନ୍ଧନ ବା ବାୟୋଡିଜେଲ ଇତ୍ୟାଦି ବ୍ୟବହାର ପାଇଁ ଗୁରୁତ୍ୱ ଦିଆଯାଉଛି।

ସୂଚନାଯୋଗ୍ୟ, ଏଲ୍‌ନିନୋର ପ୍ରଭାବ ଓଡ଼ିଶା ଉପରେ ପରିଲକ୍ଷିତ ହେଉଛି। ୧୯୯୭-୯୮ ଏଲ୍‌ନିନୋର ପ୍ରଭାବରେ ଆମ ରାଜ୍ୟରେ ୧୯୯୮ ମସିହାରେ ଅଂଶୁଘାତ ଓ ୧୯୯୯ ମସିହାରେ ଭୟଙ୍କର ମହାବାତ୍ୟା ଘଟିଥିଲା। ୨୦୧୪-୧୬ ଏଲ୍‌ନିନୋ ସମୟରେ ଆମ ରାଜ୍ୟରେ ହୁଦ୍‌ହୁଦ୍ ବାତ୍ୟା ୨୦୧୪ ମସିହାରେ ହୋଇଥିଲା। ସେହିପରି ୨୦୧୯ ଏଲ୍‌ନିନୋ ମଧ୍ୟବର୍ତ୍ତୀ ପର୍ଯ୍ୟାୟରେ ଥିବାବେଳେ ଆମ ରାଜ୍ୟରେ ଗତ ମାସରେ ଦେଖାଦେଲା ମହାବାତ୍ୟା 'ଫନୀ'। ଏଥିରେ ବୃକ୍ଷରାଜି ଧ୍ୱସ୍ତବିଧ୍ୱସ୍ତ ହୋଇଯାଇଛି। ପ୍ରବଳ ତାତି ସହିତ କାଳବୈଶାଖୀ ମଧ୍ୟ ଚାଲିଛି। ଏଥିଯୋଗୁ ମୌସୁମୀ ପ୍ରଭାବିତ ହେବା ସହ ମରୁଡ଼ିର ଆଶଙ୍କା ଦେଖାଦେଇପାରେ। ତେଣୁ ଏଥିପ୍ରତି ଆମକୁ ସଜାଗ ରହିବାକୁ ହେବ। ଏଲ୍‌ନିନୋ ସାଧାରଣତଃ ଦକ୍ଷିଣ ଆମେରିକାର ପଶ୍ଚିମ ତଟ ଓ ପେରୁ ଦେଶ ନିକଟ ପ୍ରଶାନ୍ତ ମହାସାଗରରେ କିଛି ବର୍ଷ ବ୍ୟବଧାନରେ ଅନୁଭୂତ ହୋଇଥାଏ। ଏହାଦ୍ୱାରା ସମୁଦ୍ରରେ ଏକ ଉତ୍ତପ୍ତ ଜଳଧାରା ପ୍ରବାହିତ ହୋଇଥାଏ। ଏହା ପବନର ଦିଗ, ଜଳବାୟୁ ଓ ପାଣିପାଗକୁ ଗଭୀର ଭାବେ ପ୍ରଭାବିତ କରିଥାଏ।

**–ଡ. ମାନସ ରଞ୍ଜନ ସେନାପତି**
ମୋ: ୯୪୩୭୨୩୭୭୯୭



**ନବୀନ ପଟ୍ଟନାୟକ**
ମୁଖ୍ୟମନ୍ତ୍ରୀ, ଓଡ଼ିଶା

सत्यमेव जयते

## ବିଶ୍ୱ ପରିବେଶ ଦିବସ ୨୦୧୯ ଉପଲକ୍ଷେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା

ପ୍ରତିବର୍ଷ ଜୁନ୍ ୫ ତାରିଖକୁ ବିଶ୍ୱ ପରିବେଶ ଦିବସ ରୂପେ ପାଳନ କରାଯାଉଅଛି । ଚଳିତ ବର୍ଷ ପାଇଁ ବିଶ୍ୱ ପରିବେଶ ଦିବସର ପ୍ରସଙ୍ଗ ହେଉଛି **"BEAT AIR POLLUTION"** ବା **"ବାୟୁ ପ୍ରଦୂଷଣକୁ ପ୍ରତିହତ କରିବା"** ।

ସମଗ୍ର ପୃଥିବୀପୃଷ୍ଠକୁ ବାୟୁମଣ୍ଡଳ ଏକ ଚାଦର ପରି ଘୋଡାଇ ରଖିଛି । ଜୀବର ଅସ୍ତିତ୍ୱକୁ ବଞ୍ଚେଇ ରଖିଛି । ମହାଶୂନ୍ୟର ପ୍ରତିକୂଳ ପରିବେଶରୁ ପୃଥିବୀକୁ ରକ୍ଷା କରୁଅଛି । ବାୟୁ କେତେଗୁଡ଼ିଏ ଗ୍ୟାସ୍, ଜଳୀୟ ବାଷ୍ପ ଏବଂ ନିର୍ଜୀବ କଣିକାକୁ ନେଇ ଗଠିତ । ଶ୍ୱାସକ୍ରିୟା ସମୟରେ ବାୟୁ ଆମର ଫୁସ୍‌ଫୁସ୍ ଭିତରକୁ ପ୍ରବେଶ କରେ । ସଂପ୍ରତି ବାୟୁରେ ପ୍ରଦୂଷକ ଦ୍ରବ୍ୟର ପରିମାର ବୃଦ୍ଧି ଯୋଗୁଁ ଶ୍ୱାସକ୍ରିୟା ପାଇଁ ନିର୍ମଳ ବାୟୁ ପାଇବା କଷ୍ଟକର ହୋଇପଡ଼ିଛି । ସାଧାରଣ ଭାବେ ବାୟୁରେ ମିଶୁଥିବା ବର୍ଜ୍ୟବସ୍ତୁଗୁଡ଼ିକ ବାୟୁର ସ୍ୱୟଂକ୍ରିୟ ପ୍ରକ୍ରିୟା ଦ୍ୱାରା ଆପେ ଆପେ ନିଷ୍କାସିତ ହୁଏ । ଫଳରେ ବାୟୁ ଆପେ ଆପେ ନିର୍ମଳ ହୁଏ । କିନ୍ତୁ ଏବେ ପ୍ରଦୂଷକ ଦ୍ରବ୍ୟ ଅଧିକ ପରିମାଣରେ ଜମା ହେବା ଫଳରେ ବାୟୁର ଆତ୍ମ ବିଶୋଧନ ପ୍ରକ୍ରିୟା ବାଧାପ୍ରାପ୍ତ ହେଉଅଛି । ଫଳସ୍ୱରୂପ ଜୀବଜଗତ ବାୟୁଜନିତ ପ୍ରଦୂଷଣ ଦ୍ୱାରା ପ୍ରଭାବିତ ହେଉଛି ।

ବାୟୁ ପ୍ରଦୂଷଣର କୌଣସି ନିର୍ଦ୍ଦିଷ୍ଟ ଭୌଗଳିକ ସୀମାରେଖା ନାହିଁ । ବାୟୁ ପ୍ରଦୂଷଣ ଉତ୍ସରୁ ପ୍ରଦୂଷକଗୁଡ଼ିକୁ ନିୟନ୍ତ୍ରଣ କରିବା ସର୍ବୋତ୍କୃଷ୍ଟ ଉପାୟ । ଆମ୍ଭେମାନେ ନିଜ ନିଜ ସ୍ତରରେ ଜୀବନଶୈଳୀର ପରିବର୍ତ୍ତନ କରି ବାୟୁ ପ୍ରଦୂଷଣର ମାତ୍ରାକୁ କମାଇବା ଆବଶ୍ୟକ । ଓଡିଶାରେ ଇକୋ-କ୍ଲବର ଛାତ୍ର-ଛାତ୍ରୀମାନେ ବାୟୁ ପ୍ରଦୂଷଣର ଭୟାବହତା ବିଷୟରେ ଜନସଚେତନତା ସୃଷ୍ଟି କରୁଥିବା ଆନନ୍ଦର କଥା ।

ମଣିଷ ତା'ର ସୁଖ ପାଇଁ ପ୍ରକୃତିର କ୍ଷତି ନ କରିବା ଉଚିତ୍ । ପ୍ରାକୃତିକ ସଂପଦ ଓ ପରିବେଶର ସନ୍ତୁଳନ ପାଇଁ ଅଧିକ ଯତ୍ନବାନ ହୋଇ ସଂକଳ୍ପବଦ୍ଧ ଭାବରେ ଆମକୁ କାର୍ଯ୍ୟ କରିବାକୁ ପଡ଼ିବ । ବିଶ୍ୱ ପରିବେଶ ଦିବସ ଅବସରରେ ଆମ ରାଜ୍ୟର ଜନସାଧାରଣଙ୍କୁ ମୋର ଶୁଭେଚ୍ଛା ଜଣାଇବା ସହିତ ସବୁଜ, ସୁନ୍ଦର ତଥା ସୁସ୍ଥ ପରିବେଶ ଗଠନ ଦିଗରେ ସମସ୍ତଙ୍କର ସହଯୋଗ କାମନା କରୁଛି ।

(ନବୀନ ପଟ୍ଟନାୟକ)



**ଶ୍ରୀ ବିକ୍ରମ କେଶରୀ ଆରୁଖ**
ମନ୍ତ୍ରୀ
ଜଙ୍ଗଲ ଓ ପରିବେଶ, ସଂସଦୀୟ ବ୍ୟାପାର
ଓଡ଼ିଶା

## ବିଶ୍ୱ ପରିବେଶ ଦିବସ-୨୦୧୯ ପାଳନ ଉପଲକ୍ଷେ ମାନ୍ୟବର ଜଙ୍ଗଲ ଓ ପରିବେଶ ମନ୍ତ୍ରୀଙ୍କ ବାର୍ତ୍ତା

୧୯୭୨ ମସିହା ଜୁନ ୫ ତାରିଖ ଷ୍ଟକ୍‌ହୋମ୍‌ଠାରେ ମିଳିତ ଜାତିସଂଘର ମାନବ ପରିବେଶ ସମ୍ପର୍କିତ ସମ୍ମିଳନୀ ପ୍ରଥମେ ଆହୂତ ହୋଇଥିଲା । ୧୯୭୩ ମସିହା ଜୁନ ୫ ତାରିଖରୁ ପ୍ରତିବର୍ଷ ଏହି ଦିନ ନିରବଚ୍ଛିନ୍ନ ଭାବେ ବିଶ୍ୱ ପରିବେଶ ଦିବସ ରୂପେ ପାଳିତ ହୋଇଆସୁଅଛି । ଚଳିତ ବର୍ଷ ପାଇଁ ବିଶ୍ୱ ପରିବେଶ ଦିବସର ବିଷୟବସ୍ତୁ ହେଉଛି **"Together we can, Beat Air Pollution"**- "ସମ୍ମିଳିତ ହେଲେ ବାୟୁ ପ୍ରଦୂଷଣକୁ ପ୍ରତିହତ କରିବା ପାଇଁ ଆମେ ସମର୍ଥ" ।

ଜୀବଜଗତ ବଞ୍ଚିବା ପାଇଁ ବାୟୁ ଏକ ଅପରିହାର୍ଯ୍ୟ ଉପାଦାନ । ମାତ୍ର ଜନସଂଖ୍ୟା ବୃଦ୍ଧି ଯୋଗୁଁ ବ୍ୟାପକ ଜଙ୍ଗଲକ୍ଷୟ, କଳକାରଖାନା, ଯାନବାହନଗୁଡିକର ସଂଖ୍ୟା ବୃଦ୍ଧି, ଅଙ୍ଗାରକାମ୍ଳ, ଯବକ୍ଷାରଜାନ, ମିଥେନ ଆଦିର ପରିମାଣ ବୃଦ୍ଧି ବାୟୁକୁ ପ୍ରଦୂଷିତ କରିବା ସହ ପରିବେଶ ଓ ଜଳବାୟୁକୁ ଧ୍ୱଂସାଭିମୁଖୀ କରିଛି । ପରିବେଶ ଓ ଜଳବାୟୁ ପରିବର୍ତ୍ତନ ଏବଂ ତାପମାନ ବୃଦ୍ଧି ସଂପ୍ରତି ସମଗ୍ର ବିଶ୍ୱ ନିମନ୍ତେ ଏକ ପ୍ରମୁଖ ସମସ୍ୟା ହୋଇଛି ।

ବାୟୁ ପ୍ରଦୂଷଣ ହ୍ରାସ ପାଇଁ ସଚେତନତା ସୃଷ୍ଟି, ଯାତ୍ରୀବାହୀ ବସ୍, ସାଇକେଲ ବା ଚାଲିବା ଅଭ୍ୟାସ କରି ଆବଶ୍ୟକତା ମେଣ୍ଟାଇବା, ପରିତ୍ୟକ୍ତ ପ୍ଲାଷ୍ଟିକ୍ ସମେତ ଅଳିଆ, ଆବର୍ଜନାର ସୁବିନିଯୋଗ କରିବା, ଶିଳ୍ପାନୁଷ୍ଠାନରୁ ନିର୍ଗତ ବାୟୁ ପ୍ରଦୂଷଣର ପରିମାଣକୁ ଉତ୍ସରୁ ହ୍ରାସ କରିବା, ନବୀକରଣୀୟ ଶକ୍ତି ବ୍ୟବସ୍ଥାକୁ ତ୍ୱରାନ୍ୱିତ କରିବା ଏକାନ୍ତ ଆବଶ୍ୟକ । ଏ ଦିଗରେ ଇକୋ-କ୍ଲବଗୁଡିକର ଭୂମିକା ଗୁରୁତ୍ୱପୂର୍ଣ୍ଣ ।

ଆଜି ବିଶ୍ୱ ପରିବେଶ ଦିବସ ଅବସରରେ ଆସନ୍ତୁ, ସମସ୍ତେ ବାୟୁ ପ୍ରଦୂଷଣକୁ ପ୍ରତିହତ କରିବା, ପରିବେଶ ସୁରକ୍ଷା ଓ ପ୍ରକୃତିର ସଂରକ୍ଷଣ ଦିଗରେ ଆମର ପ୍ରତିଶ୍ରୁତିବଦ୍ଧତାକୁ ସହୃଦୟତାରେ ପାଳନ କରିବା ।

(ବିକ୍ରମ କେଶରୀ ଆରୁଖ)



ଗଣତାନ୍ତ୍ରିକ ଉପାୟରେ ନିର୍ବାଚିତ ସରକାରଗୁଡ଼ିକର ପ୍ରଭୂତ କ୍ଷମତା ରହିଛି। କିନ୍ତୁ ତା'ର ଅପବ୍ୟବହାର କରାଯିବା ଅନୁଚିତ। ସରକାର କୌଣସି ସମୟରେ ଭୁଲ ବାଟକୁ ଗଲେ ସଂଘ ସକାରାତ୍ମକ ଅଭିମୁଖ୍ୟ ନେଇ ତାକୁ ଉପଦେଶ ଓ ପରାମର୍ଶ ଦେବ।

-ମୋହନ ଭାଗବତ, ଆର୍‌ଏସ୍‌ଏସ୍ ମୁଖ୍ୟ





ନୂଆଦିଲ୍ଲୀସ୍ଥିତ ଉଦ୍ୟୋଗ ଭବନରେ ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରୀ ନୀତିନ ଗଡ଼କରୀଙ୍କ ସହ ରାଷ୍ଟ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ମନ୍ତ୍ରଣାଳୟର ଦାୟିତ୍ୱ ଗ୍ରହଣ କରୁଛନ୍ତି।



ଇଦ୍-ଉଲ୍-ଫିତର୍ ଅବ୍ୟବହିତ ପୂର୍ବରୁ ବାରାଣସୀର ଏକ ଦୋକାନରେ କିଣାକିଣି କରୁଛନ୍ତି ମୁସଲିମ୍ ମହିଳା।



ଗୁଆହାଟୀର ବାରାଗାଉଁସ୍ଥିତ ଏକ ଅଳିଆ ଗଦାରେ ବ୍ୟବହାରଯୋଗ୍ୟ ସାମଗ୍ରୀ ସଂଗ୍ରହ କରୁଛନ୍ତି ଜଣେ ମହିଳା।

## ସଂକ୍ଷେପରେ

### ତିଆନେନ୍‌ମେନ୍ ସ୍କୋୟାର ହତ୍ୟାକାଣ୍ଡକୁ ପୂରିଲା ୩୦ବର୍ଷ

**ବେଜିଂ,୪।୬(ଏଏଫ୍‌ପି):** ଚାଇନାର ତିଆନେନ୍‌ମେନ୍ ସ୍କୋୟାର ହତ୍ୟାକାଣ୍ଡକୁ ୩୦ବର୍ଷ ପୂରଣ ହୋଇଛି। ଏଥିପାଇଁ ମଙ୍ଗଳବାର ଚାଇନାର ରାଜଧାନୀ ବେଜିଂଠାରେ ଏକ ବୃହତ୍ ସମାବେଶରେ ଦୀର୍ଘ ୩୦ବର୍ଷ ତଳର ଲୋମଟାଙ୍କୁରା ହତ୍ୟାକାଣ୍ଡକୁ ସ୍ମରଣ କରାଯିବା ସହିତ ମୃତବ୍ୟକ୍ତିଙ୍କ ଉଦ୍ଦେଶ୍ୟରେ କ୍ୟାଣ୍ଡେଲ ଶୋଭାଯାତ୍ରା କରାଯାଇଥିଲା। ବେଜିଂର କେନ୍ଦ୍ରସ୍ଥଳ ତିଆନେନ୍‌ମେନ୍ ସ୍କୋୟାରରେ ଯେଉଁ ସଂହାରଲୀଳା କରାଯାଇଥିଲା ତାହା ତିଆନେନ୍‌ମେନ୍ ସ୍କୋୟାର ହତ୍ୟାକାଣ୍ଡ ଭାବରେ କୁଖ୍ୟାତ। ସେହିଭଳି ହଂକଂରେ ହଜାର ହଜାର ଲୋକ କ୍ୟାଣ୍ଡେଲ ଶୋଭାଯାତ୍ରା କରିଥିଲେ।

### ବାୟୁସେନା ବିମାନର ତଲାସି ଜୋରଦାର



**ଇଟାନଗର/ନୂଆଦିଲ୍ଲୀ,୪।୬:** ଭାରତୀୟ ବାୟୁସେନା ବିମାନର ପତ୍ତା ଏପର୍ଯ୍ୟନ୍ତ ମିଳି ନ ଥିବାବେଳେ ସର୍ଚ୍ଚ ଅପରେଶନରେ ନୌସେନାକୁ ସାମିଲ କରାଯାଇଛି। ନୌସେନାର ଏକ ବିରାଟ ସାମୁଦ୍ରିକ ବିମାନକୁ ଏଥିରେ ସାମିଲ କରାଯାଇଛି। ସୋମବାର ଆସାମ୍‌ର ଜୋହରାଟ୍‌ରୁ ଯାଇଥିବା ଭାରତୀୟ ବାୟୁସେନାର ଏଏନ୍-୩୨ ପରିବହନ ବିମାନ ଅରୁଣାଚଳ ପ୍ରଦେଶରେ ନିଖୋଜ ହୋଇଯାଇଥିଲା। ଏଥିରେ ୧୩ ଜଣ ଥିଲେ। ୨୪ ଘଣ୍ଟା ହେବ ବିମାନ ଓ ହେଲିକପ୍ଟର ସହାୟତାରେ ଖୋଜାଖୋଜି ଚାଲିଥିବାବେଳେ ବିମାନଟିର ପତ୍ତା ମିଳିନାହିଁ।

### ଅମରନାଥ ଯାତ୍ରା ପରେ କଶ୍ମୀର ନିର୍ବାଚନ

**ନୂଆଦିଲ୍ଲୀ,୪।୬:** ଚଳିତ ବର୍ଷ ଶେଷସୁଦ୍ଧା ଜମ୍ମୁ-କଶ୍ମୀର ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବ ବୋଲି ଜଣାପଡ଼ିଛି। ରାଜ୍ୟରେ ଭାଜପା-ପିଡ଼ିପି ମେଣ୍ଟ ସରକାର ଭାଙ୍ଗିଯିବା ପରେ ଗତବର୍ଷ ଡିସେମ୍ବର ମାସରୁ ଏଠାରେ ରାଷ୍ଟ୍ରପତି ଶାସନ ଜାରି ରହିଛି। ବାର୍ଷିକ ଅମରନାଥ ଯାତ୍ରା ଅଗଷ୍ଟ ୧୫ରେ ଶେଷ ହେଉଥିବାବେଳେ ଏହାପରେ ନିର୍ବାଚନ କମିଶନ ନିର୍ବାଚନ ତାରିଖ ଘୋଷଣା କରିବେ ବୋଲି ଜଣାପଡ଼ିଛି। ସ୍ଥିତି ଓ ସୁରକ୍ଷାର ସମୀକ୍ଷା କରାଯିବା ପରେ ନିଷ୍ପତ୍ତି ଗ୍ରହଣ କରାଯିବ। ସମ୍ଭବତଃ ଅକ୍ଟୋବର କିମ୍ବା ନଭେମ୍ବର ମାସରେ ଏହି ନିର୍ବାଚନ ହୋଇପାରେ। ପ୍ରକାଶଥାଉ କି, ଅମରନାଥ ଯାତ୍ରାରେ ଆତଙ୍କବାଦୀ ଆକ୍ରମଣର ବିପଦଥିବାରୁ ବ୍ୟାପକ ସୁରକ୍ଷା କର୍ମୀଙ୍କୁ ସେଠାରେ ମୁତୟନ କରାଯାଇଛି।

### ଇତିହାସର ଆଇନାରେ

#### ଜୁନ୍ ୫ର ପ୍ରମୁଖ ଘଟଣା

୨୦୧୫ ଜୁନ୍ ୫ରେ ମାଲେସିଆର ରାନାଉ ଓ ସାବାହଠାରେ ୬.୦ ତୀବ୍ରତାର ଭୂମିକମ୍ପ ହୋଇଥିଲା ଏଥିଯୋଗୁ ମାଉଣ୍ଟ କିନାବାଲୁରେ ପର୍ବତାରୋହୀ ଏବଂ ଗାଇଡଙ୍କ ସମେତ ୧୮ଜଣଙ୍କ ମୃତ୍ୟୁ ଘଟିଥିଲା। ୧୯୭୫ ପରେ ମାଲେସିଆରେ ଏହାଥିଲା ବଡ ଧରଣର ଭୂକମ୍ପ।

୨୦୧୭ ଜୁନ୍ ୫ରେ ୬ଟି ଆରବୀୟ ରାଷ୍ଟ୍ର ବାହାରିନ୍, ଇଜିପ୍ଟ, ଲିବ୍ୟା, ସୌଦି ଆରବ, ୟେମେନ୍ ଏବଂ ୟୁନାଇଟେଡ ଆରବ ଏମିରେଟ୍ସ କାତାରଠାରୁ କୂଟନୈତିକ ସମ୍ପର୍କ ଛିନ୍ନ କରିଥିଲେ।

# ବଦଳୁଛି ମେଣ୍ଟ ରାଜନୀତି

**ନୂଆଦିଲ୍ଲୀ,୪।୬(ପି.ଟି./ଆଇଏଏନ୍‌ଏସ୍)**



ସାଧାରଣ ନିର୍ବାଚନରେ ଭାଜପାର ବିପୁଳ ବିଜୟ ଜାତୀୟ ରାଜନୈତିକ ଚିତ୍ରପଟକୁ ବଦଳାଇଦେଇଛି। ଏହାର ପ୍ରଭାବରେ ବିରୋଧୀଙ୍କ ମହାମେଣ୍ଟ ରାଜନୀତିରେ ପରବର୍ତ୍ତନ ଦେଖିବାକୁ ମିଳିଲାଣି। ଉତ୍ତରପ୍ରଦେଶର ୮୦ ଲୋକ ସଭା ଆସନରୁ ବହୁଜନ ସମାଜ ପାର୍ଟି (ବିଏସ୍‌ପି) ୧୦ ଏବଂ ସମାଜବାଦୀ ପାର୍ଟି (ଏସ୍‌ପି) ୫ ଆସନ ଦଖଲ କରିବା ପରେ ଦୁଇଦଳ ପରସ୍ପରକୁ ଗନ୍ଧେଇବା ଆରମ୍ଭ କଲେଣି। ବିଧାନସଭାର ୧୧ ଆସନ ପାଇଁ ହେବାକୁ ଥିବା ଉପନିର୍ବାଚନରେ ମହାମେଣ୍ଟ ପକ୍ଷରୁ ମିଳିତ ପ୍ରାର୍ଥୀ ଦିଆଯିବନାହିଁ। ଉଭୟ ଦଳ ନିଜ ନିଜ ପ୍ରାର୍ଥୀ ଦେବେ ବୋଲି ଘୋଷଣା କରାଯିବା ପରେ ମହାମେଣ୍ଟ ବସ୍ତୁତଃ ଭାଙ୍ଗିଯାଇଛି। ଏହାସହ ଦୁଇ ଦଳ ମଧ୍ୟରେ ଚାଲିଥିବା ୫ ମାସର ମଧୁଚନ୍ଦ୍ରିକାରେ ଭଙ୍ଗା ପଡ଼ିଛି। ଏତିକିବେଳେ ବିହାର ରାଜନୀତିରେ ମଧ୍ୟ ନୂଆ ସମୀକରଣର ଆଭାସ ମିଳିବା ଆରମ୍ଭ ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱିତୀୟ ପାଳି ରାଷ୍ଟ୍ରୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ସରକାରରେ ସଂଯୁକ୍ତ ଜନତା ଦଳ (ଜେଡିୟୁ)କୁ ଉପଯୁକ୍ତ ପ୍ରତିନିଧିତ୍ୱ ନ ମିଳିବା ପରେ ଦଳ ଅଧ୍ୟକ୍ଷ ନୀତୀଶ କୁମାରଙ୍କ ଆଭିମୁଖ୍ୟରେ ପରିବର୍ତ୍ତନ ଆସିଛି। ବିହାର ମୁଖ୍ୟମନ୍ତ୍ରୀ ନୀତୀଶ ନିକଟରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ବେଳେ ଭାଜପାରୁ ଜଣଙ୍କୁ ମଧ୍ୟ କ୍ୟାବିନେଟରେ ସାମିଲ ନ କରି ଗୈରିକ ଦଳକୁ କଡ଼ା ସନ୍ଦେଶ ଦେଇଛନ୍ତି। ଏହାସହ ବିରୋଧୀ ମହାମେଣ୍ଟର ସହଯୋଗୀ ଦଳଗୁଡ଼ିକ ପ୍ରତି ତାଙ୍କର ପରିବର୍ତ୍ତିତ ବ୍ୟବହାର ଭିନ୍ନ ସମୀକରଣର ସମ୍ଭାବନା ସୃଷ୍ଟି କରିଛି। ଏଭଳି ସମୟରେ ରାଷ୍ଟ୍ରୀୟ ଜନତା ଦଳ (ଆର୍‌ଜେଡି) ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ରାବ୍ରୀ ଦେବୀ ନୀତୀଶଙ୍କୁ ମହାମେଣ୍ଟରେ ଯୋଗଦେବା ପାଇଁ ନିମନ୍ତ୍ରଣ କରି ନରମ ଆଭିମୁଖ୍ୟ ଦେଖାଇଛନ୍ତି। ଆର୍‌ଜେଡିର ବରିଷ୍ଠ ନେତା ରଘୁବଂଶ ପ୍ରସାଦ ସିଂ କହିଛନ୍ତି, ଜେଡିୟୁ ସମେତ ଅଣଭାଜପା ଦଳଗୁଡ଼ିକ ଭାଜପା ବିରୋଧରେ ଏକାଠି ହେବା ଉଚିତ। ଜାତୀୟ ସ୍ତରରେ ବିକଳ୍ପ ପାଇଁ ଗୋଟିଏ ମଞ୍ଚ ଗଢ଼ାଯିବା ଦରକାର। ଏପରି କି ଛୋଟ ଦଳଗୁଡ଼ିକ ମଧ୍ୟ ମିଶି ଗୋଟିଏ ପାର୍ଟି ହୋଇ ଭାଜପାକୁ ମୁକାବିଲା କରିବା ଉଚିତ ବୋଲି ସେ ମତଦେଇଛନ୍ତି।

**■ନୀତୀଶଙ୍କ ଉପରେ ମହାମେଣ୍ଟ ନରମ**

**■ସମାଲୋଚନା କରି ଗିରିରାଜ ହଟହଟା**

ସେହିପରି ହିନ୍ଦୁସ୍ତାନୀ ଆୱାମ୍ ମୋର୍ଚ୍ଚା (ଏଚ୍‌ଏଏମ୍) ଅଧ୍ୟକ୍ଷ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ଜିତନ୍‌ରାମ ମାଞ୍ଝି ମଧ୍ୟ ନୀତୀଶଙ୍କ ଆଡ଼କୁ ଅଗ୍ରସର ହେଉଥିବା ଦେଖିବାକୁ ମିଳିଛି। ସୋମବାର ମାଞ୍ଝିଙ୍କ ଇଫ୍‌ତାର ପାର୍ଟିରେ ନୀତୀଶଙ୍କ ଉପସ୍ଥିତି ଓ ପରସ୍ପରକୁ ପ୍ରଶଂସା ଏହାର ସଙ୍କେତ ଦେଇଛି। ଜେଡିୟୁ ମୁଖ୍ୟ ୪ ବର୍ଷ ତଳେ ତାଙ୍କୁ ଦଳରୁ ବାହାର କରିବାକୁ ନେଇ ମତଭେଦ ରହିଛି। କିନ୍ତୁ ସେବେଠୁ ରାଜନୀତିରେ ଅନେକ ପାଣି ବହିଗଲାଣି ବୋଲି ମାଞ୍ଝି କହିଛନ୍ତି। ଇଫ୍‌ତାର ପାର୍ଟିରେ ଉଭୟଙ୍କ ଫଟୋ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ବିହାରର ବରିଷ୍ଠ ଭାଜପା ନେତା ତଥା କେନ୍ଦ୍ର ପ୍ରାଣୀ ସମ୍ପଦ ଓ ମତ୍ସ୍ୟ ପାଳନ ମନ୍ତ୍ରୀ ଗିରିରାଜ ସିଂ ନୀତୀଶଙ୍କ ଉଦ୍ଦେଶ୍ୟରେ ଟୁଇଟ୍ କରିଛନ୍ତି, କେତେ ସୁନ୍ଦର ହୋଇଥାନ୍ତା ଯଦି ସେ ଏତିକି ଆଗ୍ରହ ସହ ନବରାତ୍ରିର ଫଳାହାର ଆୟୋଜନ କରିଥାନ୍ତେ ଏବଂ ସୁନ୍ଦର ସୁନ୍ଦର ଫଟୋ ଆସିଥାନ୍ତା। ଧର୍ମ କର୍ମରେ ଆମେ କାହିଁକି ପଛରେ ପଡ଼ିଯାଉ ଏବଂ ଅନ୍ୟ ପାଇଁ ପ୍ରହସନରେ ଆଗେଇଯାଉ ବୋଲି ଗିରିରାଜ ପ୍ରଶ୍ନ କରିଛନ୍ତି। ଏହାକୁ ନେଇ ଲୋକ ଜନଶକ୍ତି ପାର୍ଟି (ଏଲ୍‌ଜେପି) ନେତା ଚିରାଗ ପାଶ୍ୱାନ ଓ ନୀତୀଶ ଗିରିରାଜଙ୍କ ଉପରେ ବର୍ଷିଛନ୍ତି। ସେପଟେ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ତଥା ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହ ମଧ୍ୟ ଗିରିରାଜଙ୍କୁ ଏପରି ନ କରିବାକୁ ଦାଗିଦ କରିଛନ୍ତି।



"ନୀତୀଶଙ୍କ ପାଇଁ ମହାମେଣ୍ଟ ଦ୍ୱାର ଖୋଲା
–ରାବ୍ରୀ ଦେବୀ, ଆର୍‌ଜେଡି ନେତା

## ■ ନିପା ଭାଇରସ୍ ଆତଙ୍କ

# କେରଳରେ ୬ଜଣିଆ କେନ୍ଦ୍ରୀୟ ଟିମ୍

**ନୂଆଦିଲ୍ଲୀ,୪।୬**





କେରଳରେ ନିପା ଭାଇରସ୍ ଆତଙ୍କ ଖେଳାଇଛି। ଜଣେ କଲେଜ୍ ଛାତ୍ର(୨୩) ମଙ୍ଗଳବାର ଏଥିରେ ଆକ୍ରାନ୍ତ ହୋଇଥିବା ସ୍ପଷ୍ଟ ହୋଇଛି। ୮୬ ଜଣଙ୍କୁ ନିରୀକ୍ଷଣ କରାଯାଉଥିବା ଜଣାପଡ଼ିଛି। ଗତବର୍ଷ ମେ ମାସରେ ଏହି ଜୀବନ ନାଶକାରୀ ଭାଇରସ୍ କେରଳରୁ ୧୭ ଜଣଙ୍କ ଜୀବନ ନେଇଥିଲା। ଗମ୍ଭୀରତାକୁ ଦୃଷ୍ଟିରେ ରଖି କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ହର୍ଷବର୍ଦ୍ଧନ ମଙ୍ଗଳବାର କେରଳର ସ୍ୱାସ୍ଥ୍ୟମନ୍ତ୍ରୀ କେ.କେ. ଶୈଳଜାଙ୍କ ସହ ଆଲୋଚନା କରିଛନ୍ତି। ସାମ୍ପ୍ରତିକ ସ୍ଥିତି ନେଇ କଥାବାର୍ତ୍ତା ହୋଇଥିବାବେଳେ କେନ୍ଦ୍ର ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦେବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି। କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି ଯେ, ୬ଜଣିଆ କେନ୍ଦ୍ରୀୟ ଟିମ୍ କେରଳ ପଠାଯାଇଛି। ସେଠାରେ ସେମାନେ ପରୀକ୍ଷା ନିରୀକ୍ଷା କରିବେ। ଏନେଇ ଏକ କଣ୍ଟ୍ରୋଲ ରୁମ୍ ଖୋଲାଯାଇଥିବା ସେ କହିଛନ୍ତି। ସରକାର ସବୁ ପଦକ୍ଷେପ ଗ୍ରହଣ କରୁଛନ୍ତି ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ହର୍ଷବର୍ଦ୍ଧନ ପ୍ରକାଶ କରିଛନ୍ତି। ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ଶୈଳଜା କହିଛନ୍ତି ଯେ, ଏର୍ନାକୁଲମ୍ ଜିଲାର ନିପା ପୀଡ଼ିତ କଲେଜ ଛାତ୍ର ଏବେ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିବାବେଳେ ଭଲ ଅଛନ୍ତି। ତେବେ କେତେକ ଜ୍ୱରରେ ପଡ଼ି ଅସୁସ୍ଥ ଥିବାବେଳେ ସେମାନଙ୍କ ପରୀକ୍ଷା ଚାଲିଥିବା ସେ ପ୍ରକାଶ କରିଛନ୍ତି। କେନ୍ଦ୍ରୀୟ ଟିମ୍‌ର ଚିକିତ୍ସା ସହ ସ୍ଥିତି ସମୀକ୍ଷା ଓ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ନିର୍ଭରଯୋଗ୍ୟ ସହଯୋଗ ମନୋଭାବ ପରିସ୍ଥିତି ଉନ୍ନତି ଆଣିବ ବୋଲି କୁହାଯାଉଛି।

# କଂଗ୍ରେସ ଛାଡ଼ିଲେ ରାଧାକ୍ରିଷ୍ଣ ପାଟିଲ



ରାଧାକ୍ରିଷ୍ଣ ଭିକେ ପାଟିଲ୍



ଅବଦୁଲ ସତ୍ତାର

**ମୁମ୍ବାଇ,୪।୬**

ମହାରାଷ୍ଟ୍ର କଂଗ୍ରେସରୁ ୨ ବରିଷ୍ଠ ନେତା ମଙ୍ଗଳବାର ଇସ୍ତଫା ଦେଇଛନ୍ତି। ସେମାନେ ହେଲେ ରାଧାକ୍ରିଷ୍ଣ ଭିକେ ପାଟିଲ୍ ଓ ଅବଦୁଲ ସତ୍ତାର। କିଛିମାସ ପରେ ରାଜ୍ୟରେ ବିଧାନସଭା ନିର୍ବାଚନ ହେବାକୁ ଥିବାବେଳେ କଂଗ୍ରେସ ପାଦ ତଳୁ ମାଟି ଖସିବାରେ ଲାଗିଛି। କଂଗ୍ରେସରୁ ଇସ୍ତଫା ଦେଇଥିବା ଏହି ଦୁଇ ନେତା ଭାଜପାରେ ମିଶିବେ ବୋଲି ଜଣାପଡ଼ିଛି। ଖାଲି ସେତିକି ନୁହେଁ, ପ୍ରାୟ ୧୦ ଜଣ କଂଗ୍ରେସ ବିଧାୟକ ଭାଜପା ସହ ସମ୍ପର୍କରେ ଅଛନ୍ତି ବୋଲି ଜଣାପଡ଼ିଛି।

ସାଧାରଣ ନିର୍ବାଚନରେ କଂଗ୍ରେସର ଶୋଚନୀୟ ପରାଜୟ ଲାଗି ଦୁର୍ବଳ ନେତୃତ୍ୱକୁ ଦାୟୀକରି ଦଳରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ମହାରାଷ୍ଟ୍ରରେ ଭାଜପା-ଶିବସେନା ମେଣ୍ଟର ବିପୁଳ ବିଜୟ ପ୍ରଦେଶ କଂଗ୍ରେସର ଦୁର୍ବଳତାକୁ ପଦାରେ ପକାଇଛି ବୋଲି ସତ୍ତାର ପ୍ରକାଶ କରିଛନ୍ତି। ବିଧାନସଭାରେ ବିରୋଧୀ ଦଳର ପୂର୍ବତନ ନେତା ଥିବା ଭିକେ ପାଟିଲ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନବିସ୍‌ଙ୍କୁ ସାକ୍ଷାତ କରିଥିବାବେଳେ ତାଙ୍କୁ ମନ୍ତ୍ରିମଣ୍ଡଳରେ ସ୍ଥାନ ମିଳିବ ବୋଲି ଜଣାପଡ଼ିଛି। ଭିକେ ପାଟିଲଙ୍କ ପୁଅ ସୁଜୟ ସାଧାରଣ ନିର୍ବାଚନ ପୂର୍ବରୁ କଂଗ୍ରେସ ଛାଡ଼ି ଭାଜପାରେ ସାମିଲ ହେବା ସହ ଦଳୀୟ ଟିକେଟ୍‌ରେ ଅହମ୍ମଦନଗର ଆସନରୁ ଲଢ଼ି ବିଜୟୀ ହୋଇଛନ୍ତି।

**ଭାଜପା ସହ ସମ୍ପର୍କରେ ୧୦ ବିଧାୟକ**

# ଏକାକୀ ଲଢ଼ିବୁ ଉପନିର୍ବାଚନ: ଅଖିଳେଶ

**ଲକ୍ଷ୍ନୌ,୪।୬:** ଆଗାମୀ ଦିନରେ ଉତ୍ତରପ୍ରଦେଶରେ ହେବାକୁ ଥିବା ୧୧ ବିଧାନସଭା ଉପନିର୍ବାଚନରେ ସମାଜବାଦୀ ପାର୍ଟି (ଏସ୍‌ପି) ଏକାକୀ ନିର୍ବାଚନ ଲଢ଼ିବାକୁ ପ୍ରସ୍ତୁତ ଅଛି ବୋଲି ଦଳର ନେତା ଅଖିଳେଶ ଯାଦବ କହିଛନ୍ତି। ଦଳର ନେତାମାନଙ୍କ ସହ ଆଲୋଚନା କରାଯାଇ ସମସ୍ତ ୧୧ଟି ଆସନରେ ପ୍ରାର୍ଥୀ ଦିଆଯିବ ବୋଲି ସେ ପ୍ରକାଶ କରିଛନ୍ତି। ସାଧାରଣ ନିର୍ବାଚନରେ ଏସ୍‌ପି-ବିଏସ୍‌ପି ମେଣ୍ଟ ବିଫଳ ହେବା ପରେ ବିଏସ୍‌ପି ଏକାକୀ ଉତ୍ତରପ୍ରଦେଶ ଉପନିର୍ବାଚନ ଲଢ଼ିବ ବୋଲି ଦଳର ସୁପ୍ରିମୋ ମାୟାବତୀ କହିଥିଲେ। ଏବେ ସବୁକିଛି ସ୍ପଷ୍ଟ ହୋଇଯାଇଛି। ମେଣ୍ଟ ଭାଙ୍ଗିବା ସହ ପରସ୍ପର ବିରୋଧରେ ପ୍ରାର୍ଥୀ ଦେବାକୁ ଏସ୍‌ପି, ବିଏସ୍‌ପି ପ୍ରସ୍ତୁତି ଚଳାଇଛନ୍ତି। ସାଧାରଣ ନିର୍ବାଚନରେ ଭାଜପାର ବାଜିମାତ୍ ସବୁକିଛି ଓଲଟପାଲଟ କରିପକାଇଛି। ପ୍ରକାଶଥାଉ କି, ନିର୍ବାଚନରେ ଏସ୍‌ପିର ଯାଦବ ସମାଜ ଭୋଟ୍ ମେଣ୍ଟକୁ ମିଳିବା ପରିବର୍ତ୍ତେ ଅନ୍ୟ ଆଡ଼କୁ ଚାଲିଯାଇଥିଲା। ଏମିତିକି, ଅଖିଳେଶଙ୍କ ସ୍ତ୍ରୀ ଡିମ୍ପଲ ମଧ୍ୟ ପରାଜୟବରଣ କରିଥିଲେ। ଏସ୍‌ପି-ବିଏସ୍‌ପି ମେଣ୍ଟ ଆଶାନୁରୂପ ସଫଳତା ପାଇ ନ ଥିଲା। ଫଳରେ ମେଣ୍ଟ ତିଷ୍ଠି ରହିବା ମାୟାବତୀଙ୍କ ଲାଗି ଅସହ୍ୟ ହୋଇଥିଲା।



**୫ ମାସ ପରେ ଏସ୍‌ପି- ବିଏସ୍‌ପି ବିଚ୍ଛେଦ**

## ଏନ୍‌ଆଇଏ ହାଜତରେ ୩ ବିଚ୍ଛିନ୍ନତାବାଦୀ ନେତା

**ନୂଆଦିଲ୍ଲୀ,୪।୬, (ଆଇଏଏନ୍‌ଏସ୍)** ଆତଙ୍କବାଦ ପାଇଁ ପାଣ୍ଠି ଯୋଗାଣ ମାମଲାରେ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) କଶ୍ମୀରୀ ବିଚ୍ଛିନ୍ନତାବାଦୀ ନେତା ସବିର ଶାହ, ଆସିୟା ଆନ୍ଦ୍ରବି ଓ ମସରତ୍ ଆଲାମ୍‌ଙ୍କୁ ମଙ୍ଗଳବାର ଗିରଫ କରିଛି। ଗିରଫ ପରେ ୩ ଜଣଙ୍କୁ ଦିଲ୍ଲୀର ଏକ କୋର୍ଟରେ ହାଜର କରିଛି। କୋର୍ଟ ସେମାନଙ୍କୁ ୧୦ ଦିନ ରିମାଣ୍ଡରେ ନେଇ ପଚରାଉଚରା କରିବାକୁ ଏନ୍‌ଆଇଏକୁ ଅନୁମତି ଦେଇଛନ୍ତି। ୨୦୦୮ ମୁମ୍ବାଇ ଆତଙ୍କବାଦୀ ଆକ୍ରମଣର ମାଷ୍ଟରମାଇଣ୍ଡ ତଥା ପାକିସ୍ତାନର ଜମାତ୍-ଉଦ୍-ଦାୱା (ଜେୟୁଡି) ମୁଖ୍ୟ ହାଫିଜ୍ ସୟିଦ୍‌ଙ୍କ ସହ ଏହି ମାମଲା ସମ୍ପର୍କିତ।



ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ–**ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଖିଲା ରହିବ।

**ସ୍ଥାନୀୟ ଅଞ୍ଚଳ–** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଆକାଶ ଆଂଶିକ ମେଘୁଆ ରହିବା ସହିତ ଅପରାହ୍ନରେ ବର୍ଷା ହେବା ସମ୍ଭାବନା ଅଛି। ବୁଧବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୭ ଡିଗ୍ରୀ ଏବଂ ସର୍ବନିମ୍ନ ୨୬ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ମଙ୍ଗଳବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୭.୨ | ୨୫.୬ |
| ଚାନ୍ଦବାଲି | ୩୮.୦ | ୨୭.୬ |
| କଟକ | ୩୬.୪ | ୨୪.୨ |
| ପାରାଦ୍ୱୀପ | ୩୨.୪ | ୨୮.୧ |
| ଭୁବନେଶ୍ୱର | ୩୭.୪ | ୨୫.୮ |
| ଗୋପାଳପୁର | ୩୨.୬ | ୨୫.୧ |
| ପୁରୀ | ୩୪.୦ | ୨୮.୦ |
| ଅନୁଗୋଳ | ୩୯.୭ | ୨୧.୬ |
| ବାରିପଦା | --- | ୨୨.୬ |
| ଝାରସୁଗୁଡ଼ା | ୪୦.୦ | ୨୬.୦ |
| କେନ୍ଦୁଝର | ୩୬.୨ | ୨୪.୦ |
| ସମ୍ବଲପୁର | ୪୦.୧ | ୨୫.୫ |
| ସୁନ୍ଦରଗଡ଼ | ୪୦.୦ | ୨୧.୦ |
| ହୀରାକୁଦ | ୩୯.୭ | ୨୫.୩ |
| ତାଳଚେର | ୩୯.୦ | ୨୬.୭ |
| ଭବାନୀପାଟଣା | ୩୮.୦ | ୨୩.୮ |
| ବଲାଙ୍ଗୀର | ୩୮.୪ | ୨୪.୫ |
| କୋରାପୁଟ | ୩୨.୨ | ୧୯.୦ |
| ଫୁଲବାଣୀ | ୩୮.୨ | ୨୦.୦ |
| ଟିଟିଲାଗଡ଼ | ୩୯.୪ | --- |
| ମାଲକାନଗିରି | ୩୮.୫ | ୨୦.୦ |
| ସୋନପୁର | ୩୯.୨ | ୨୦.୦ |
| ଦାରିଙ୍ଗିବାଡ଼ି | ୩୩.୦ | ୧୯.୦ |

ଡିଗ୍ରୀ ସେଲ୍‌ସିୟସ୍

# 'ସୂର୍ଯ୍ୟବଂଶୀ' ଶୁଟିଂରେ ବ୍ୟସ୍ତ ଅକ୍ଷୟ

**ମୁମ୍ବାଇ:** ବଲିଉଡ୍ ଷ୍ଟାର ଅକ୍ଷୟ କୁମାର ବର୍ତ୍ତମାନ ଥାଇଲାଣ୍ଡର ରାଜଧାନୀ ବ୍ୟାଙ୍କକ୍‌ରେ 'ସୂର୍ଯ୍ୟବଂଶୀ'ର ଶୁଟିଂ ପାଇଁ ବ୍ୟସ୍ତ ଅଛନ୍ତି। ସେ ନିଜେ ସେଠାରେ ଷ୍ଟଣ୍ଟ୍ ଶୋ କରୁଥିବାବେଳେ ଅତୀତର ଆବେଗପୂର୍ଣ୍ଣ ଅନୁଭୂତି ମନେପଡୁଛି ବୋଲି ପ୍ରକାଶ କରିଛନ୍ତି। ୫୧ବର୍ଷ ବୟସ୍କ ଅକ୍ଷୟ ଉକ୍ତ ଫିଲ୍ମରେ ଅଭିନୟ ପୂର୍ବରୁ କମ୍ବାଟ ସ୍ପୋର୍ଟ 'ମୁଏ ଥାଇ' ଶିକ୍ଷା କରିଥିଲେ। ବ୍ୟାଙ୍କକ୍ ଜନପଥରେ ସେ ନିଜେ ଷ୍ଟଣ୍ଟ୍ କରି ଯେଉଁ ଆନନ୍ଦ ପାଉଛନ୍ତି ତାହା ତାଙ୍କ ପାଇଁ ସ୍ୱତନ୍ତ୍ର ବୋଲି ସେ କହିଛନ୍ତି। ରୋହିତ ଶେଟ୍ଟିଙ୍କ ନିର୍ଦ୍ଦେଶିତ ସୂର୍ଯ୍ୟବଂଶୀ ହେଉଛି ଫିଲ୍ମ ନିର୍ମାତାଙ୍କ ପ୍ରଯୋଜନା ସଂସ୍ଥା କପ୍ ୟୁନିଭର୍ସର ଚତୁର୍ଥ ଫିଲ୍ମ। ପୂର୍ବରୁ ନିର୍ମାଣ ହୋଇଥିବା ଅନ୍ୟ ୩ଟି ଫିଲ୍ମ ହେଉଛି 'ସିଂଘମ୍', 'ସିଂଘମ୍ ରିଟର୍ନସ' ଏବଂ 'ଶିମ୍ବା'। ଉକ୍ତ ଫିଲ୍ମରେ ଅକ୍ଷୟଙ୍କ ସହ ପ୍ରମୁଖ ଭୂମିକାରେ ଅଭିନୟ କରୁଛନ୍ତି କ୍ୟାଟ୍ରିନା କୈଫ୍। ଉକ୍ତ ଫିଲ୍ମର ମିଳିତ ପ୍ରଯୋଜନା ଦାୟିତ୍ୱରେ ଅଛନ୍ତି ରୋହିତ ଶେଟ୍ଟି ପିକ୍ଚରେଜ୍ ସମେତ ଧର୍ମ ପ୍ରଡକ୍ସନ୍ସ ଏବଂ କେପ୍ ଅଫ୍ ଗୁଡ ଫିଲ୍ମସ।





" ଅନ୍ୟର ଅନିଷ୍ଟ ଚିନ୍ତା କଲେ ନିଜର କ୍ଷତି ହୁଏ, ସମୟ ସମୟରେ ପ୍ରାଣ ବି ଯାଇପାରେ।
- ବିନୋବା ଭାବେ



## ସଂକ୍ଷେପରେ

### ଲକ୍ଷ୍ମୀଡୁଙ୍ଗୁରିର ସୁରକ୍ଷା ଉପରେ ଆଲୋଚନା

**ସମ୍ବଲପୁର,୪।୬(ବ୍ୟୁରୋ):** ଲରପଙ୍କ ବନ ସଂରକ୍ଷଣ ସମିତିର ସଚେତନତା ସଭା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ସମିତି ସଭାପତି ବବନ ସିଂଙ୍କ ଅଧକ୍ଷତାରେ କାର୍ଯ୍ୟକ୍ରମ ହୋଇଥିଲା। ଲକ୍ଷ୍ମୀଡୁଙ୍ଗୁରିର ସୁରକ୍ଷା ଉପରେ ଆଲୋଚନା କରାଯାଇଥିଲା । ସେହିପରି ଏସିଆ ମହାଦେଶର ସର୍ବବୃହତ ଏହି ପ୍ରାକୃତିକ ସାଗୁଆନ ଜଙ୍ଗଲକୁ ଓଡିଶା ସରକାର ୨୦୦୧ ମସିହାରେ ଦ୍ୱିତୀୟ ନନ୍ଦନକାନ ପ୍ରତିଷ୍ଠା କରିବା ନେଇ ଘୋଷଣା କରିଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ରାଜ୍ୟ ସରକାର ତାଙ୍କ ଘୋଷଣାରୁ ଓହରି ଯାଇଥିଲେ । ଅପରପକ୍ଷେ ବନ ବିଭାଗ ମଧ ଏହି ପ୍ରାକୃତିକ ଜଙ୍ଗଲର ବିକାଶ ଲାଗି କୌଣସି ଆଖିଦୃଶିଆ ପଦକ୍ଷେପ ନେଉନାହିଁ। ଏଣୁ ଜଙ୍ଗଲ ତସ୍କରଙ୍କ ଲୋଲୁପ ଦୃଷ୍ଟି ପଡୁଛି । ତେଣୁ ଦିନକୁ ଦିନ ଜଙ୍ଗଲରୁ ଗଛ ଚୋରି ହେଉଥିବା ସଭାରେ ମତପ୍ରକାଶ ପାଇଛି।

### ଏମ୍‌ସିଏଲ୍ ଅଧିକାରୀଙ୍କ ମାତୃବିୟୋଗ

**ସମ୍ବଲପୁର, ୪।୬ (ବ୍ୟୁରୋ):** ମହାନଦୀ



କୋଇଲା କମ୍ପାନୀ (ଏମସିଏଲ)ରେ କାର୍ଯ୍ୟରତ ଅଧିକାରୀ ସରୋଜ କୁମାର ତ୍ରିପାଠୀଙ୍କ ମାତା ଯଶୋବନ୍ତୀ (ହାରାବତୀ-୮୪)ଙ୍କ ପରଲୋକ ହୋଇଯାଇଛି। ବରଗଡ ଶକ୍ତିନଗରସ୍ଥିତ ନିଜସ୍ୱ ବାସଭବନରେ ଗତ ୨ ତାରିଖ ରାତି ସାଢ଼େ ୯ଟାରେ ଯଶୋବନ୍ତୀଙ୍କ ପରଲୋକ ହୋଇଥିଲା। ସେ ଅଞ୍ଚଳର ଧର୍ମପରାୟଣ ମହିଳା ଭାବେ ସମସ୍ତଙ୍କ ପ୍ରିୟ ଥିଲେ । ତାଙ୍କ ପରଲୋକରେ ଅଞ୍ଚଳରେ ଶୋକ ପ୍ରକାଶ ପାଇଛି । ସେ ସ୍ୱର୍ଗତ ଲୋକନାଥ ତ୍ରିପାଠୀଙ୍କ ଧର୍ମପତ୍ନୀ ଥିଲେ । ତାଙ୍କ ମୃତ୍ୟୁ ଶଯ୍ୟା ନିକଟରେ ପୁଅ ସୁରେନ୍ଦ୍ର, ସରୋଜ, ସୁଶାନ୍ତ, ପୁତ୍ରବଧୂ କୁମାରୀ, ଝାନ୍ସି, ପ୍ରୀତି, ଝିଅ ସବିତା, ସଂଯୁକ୍ତା ଓ ସୁଜାତା, ଜ୍ୱାଇଁ ଗଗନ, ନାଭ ଓ କୃଷ୍ଣଙ୍କ ସମେତ ନାତି ନାତୁଣୀ ଉପସ୍ଥିତ ଥିଲେ ।

■ ଶୀତଳଷଷ୍ଠୀ ଯାତ୍ରା ପାଇଁ ଟ୍ରାଫିକ ବ୍ୟବସ୍ଥା

# ସହରରେ ଭାରିଯାନ ପ୍ରବେଶ କଟକଣା

**ସମ୍ବଲପୁର, ୪।୬ (ବ୍ୟୁରୋ)**

ସମ୍ବଲପୁରର ପ୍ରସିଦ୍ଧ ଶୀତଳ ଷଷ୍ଠୀଯାତ୍ରା ପାଇଁ ଜୁନ ୭ ତାରିଖ ସନ୍ଧ୍ୟା ୫ଟାରୁ ୯ ତାରିଖ ରାତି ୯ଟା ପର୍ଯ୍ୟନ୍ତ ସହରରେ ଗାଡି ଚଳାଚଳ କରିବା ପାଇଁ ରାସ୍ତାରେ ପରିବର୍ତ୍ତନ କରାଯାଇଛି । ସହରରେ ଟ୍ରାଫିକ ନିୟନ୍ତ୍ରଣ ପାଇଁ ଜିଲା ପୋଲିସ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଇଛି। ସମ୍ବଲପୁର ଟାଉନ୍ ମଧ୍ୟରେ ସମସ୍ତ ପ୍ରକାର ବସ୍, ଟ୍ରକ୍, ମିନିଟ୍ରକ, ଟ୍ରାକ୍ଟର ଆଦି ଚଳାଚଳ ବନ୍ଦ ରହିବ । ଉକ୍ତ ସମୟ ମଧ୍ୟରେ ସହର ମଧ୍ୟରେ ଯାତାୟାତ କରୁଥିବା ସମସ୍ତ ଟାଉନ୍ ବସ୍, ଅନ୍ୟାନ୍ୟ ବସ୍ ଓ ରାତ୍ରୀକାଳୀନ ବସ୍ ଗୁଡିକ ଅଇଁଠାପାଲି ଛକରୁ ସିନ୍ଦୂରପଙ୍କ, ଧନୁପାଲି ଦେଇ ଜେଲ ଛକ ପର୍ଯ୍ୟନ୍ତ ଆସି ପାସେଞ୍ଜର ନେଇ ପାରିବେ । ଅନ୍ୟପଟେ ଅଇଁଠାପାଲି ପଟୁ ଆସୁଥିବା କାର, ଜିପ, ଅଟୋ ରିକ୍ସା ଇତ୍ୟାଦି ଫାଟକ ପର୍ଯ୍ୟନ୍ତ ଆସି ପାରିବେ । ଧନୁପାଲି ପଟୁ ଆସୁଥିବା କାର, ଜିପ ଓ ଅଟୋରିକ୍ସା ଗୁଡିକ ଜେଲ ଛକ ପର୍ଯ୍ୟନ୍ତ ଆସିବ । କ୍ଷେତରାଜପୁର ପଟୁ ଆସୁଥିବା କାର, ଜିପ ଓ ଅଟୋରିକ୍ସା ଚେରୁଆପଡା ଛକ ପର୍ଯ୍ୟନ୍ତ ଆସ ରିଂ-ରୋଡ ପଟକୁ ଯାଇପାରିବ । ସେହି ସମୟରେ ରିକ୍ସାଗୁଡିକ, ଲକ୍ଷ୍ମୀଟକିଜ୍ ଛକ, ଗେଟିଟକିଜ୍ ଛକ ଓ ପେନସନ୍ ପଡା ଛକ, ପିରବାବା ଛକ ଓ ପେନସନପଡା ପଟୁ ଗୋଲବଜାର ଆଡକୁ ଯାଇପାରିବ ନାହିଁ । ଶେଭାଯାତ୍ରା ତଥା ଏହି ଯାତ୍ରା ସମୟରେ ଚର୍ଚ୍ଚ ଛକଠାରୁ ମୁଦିପଡା, କୁଞ୍ଜେଲପଡା, ବଡସଡକ, ସାନସଡକ, ଗେଟିରୋଡ, ମ୍ୟୁନିସିପାଲଟି ଛକରେ କୌଣସି ଯାନବାହନ ପାର୍କିଂ କରିବେ ନାହିଁ। ଜରୁରୀକାଳୀନ ଗାଡି ଯଥା ଆମ୍ବୁଲାନ୍ସ, ପାଣିଟାଙ୍କି, ପୋଲିସ ପାଟ୍ରୋଲିଂ ଗାଡି, ମାଜିଷ୍ଟ୍ରେଟ୍‌ଙ୍କ ଗାଡି, ଦମକଳ ଇତ୍ୟାଦି ଯିବା ଆସିବା କରିପାରିବ। ପୂର୍ବରୁ ଯାନବାହାନ ଗୁଡିକୁ ଦିଆଯାଇଥିବା ଅନୁମତି ପତ୍ର ସାମୟିକ ଭାବରେ ରଦ୍ଦ କରାଯାଇଛି। ଜରୁରୀକାଳୀନ ଗାଡି ବ୍ୟତୀତ ଅନ୍ୟ କୌଣସି ଗାଡି ଏସ୍‌ପିଙ୍କ ବିନା ଅନୁମତିରେ ଉକ୍ତ ସମୟ ମଧ୍ୟରେ ବଡସଡକ, ସାନସଡକ, ଗେଟି ଟକିଜ ରୋଡ, ଗୋଲବଜାର ଠାରୁ ଲକ୍ଷ୍ମୀ ଟକିଜ, ମ୍ୟୁନିସିପାଲଟି ରୋଡ ମାର୍ଗରେ ଚଳାଚଳ କରିପାରିବ ନାହିଁ।





ସମ୍ବଲପୁର ଖବରଦାତା ସମ୍ମିଳନୀରେ ସିଦ୍ଧାର୍ଥ ଦାସ ସୂଚନା ଦେଉଛନ୍ତି ।

## ସ୍ୱାସ୍ଥ୍ୟସେବାରେ ଉନ୍ନତି ଅଣାଯାଉ

**ସମ୍ବଲପୁର ୪ ।୬ (ବ୍ୟୁରୋ)**

ସମ୍ବଲପୁର ଜିଲାରେ ଅନେକ ସମସ୍ୟା ରହିଛି । ବିଜେଡି ପଞ୍ଚମ ଥର ପୁଣି ଥରେ ସରକାର ଗଠନ କରିଛି । ପଶ୍ଚିମ ଓଡିଶାର ବିଧାୟକମାନଙ୍କୁ ରାଜ୍ୟ କେବିନ୍ୟାଟରେ ଗୁରୁତ୍ୱପୂର୍ଣ୍ଣ ମନ୍ତ୍ରୀ ଭାବେ ଦାୟିତ୍ୱ ଦିଆଯାଇଛି । ଝାରସୁଗୁଡା ବିଧାୟକ ନବ କିଶୋର ଦାସ ସ୍ୱାସ୍ଥମନ୍ତ୍ରୀ ହୋଇଛନ୍ତି । ଏଣୁ ସ୍ୱୟଂଶାସିତ ଘୋଷଣା ହୋଇଥିବା ବୁର୍ଲା ଭିମ୍‌ସାରକୁ ସମ୍ପୂର୍ଣ୍ଣ କ୍ଷମତା ଦିଆଯାଉ। ସେଠାରେ ଖାଲି ପଡିଥିବା ପଦପଦବୀ ଶୀଘ୍ର ପୂରଣ କରାଯାଉ । ଏହା ସହ ଜିଲା ସଦର ଡାକ୍ତରଖାନା ଓ ଜନାର୍ଦ୍ଦନ ପୂଜାରୀ ମାତୃମଙ୍ଗଳ କେନ୍ଦ୍ରରେ ପଦପଦବୀ ପୂରଣ କରାଯାଉ। ଏକ ଖବରଦାତା ସମ୍ମିଳନୀରେ ବିଜେଡି ରାଜ୍ୟ ସମ୍ପାଦକ ସିଦ୍ଧାର୍ଥ ଦାସ କହିଛନ୍ତି। ଆଦିବାସୀ ବହୁଳ ଅଞ୍ଚଳରେ ଜଙ୍ଗଲଜାତ ଦ୍ରବ୍ୟ କିଣାବିକା ପାଇଁ ସ୍ୱତନ୍ତ୍ର ବଜାର ବ୍ୟବସ୍ଥା କରାଯାଉ। ବୁର୍ଲା, ହୀରାକୁଦ ତଥା ଅନ୍ୟ ସ୍ଥାନ ଗୁଡକିରେ ହାଉସିଂବୋର୍ଡ କଲୋନୀ ନିର୍ମାଣ କରାଯାଉ । ରେଙ୍ଗାଲିକୁ ଏନଏସି କରାଯାଉ। ମହାନଗର ନିଗମରେ ସାମିଲ ହୋଇଥିବା ୧୨ଟି ପଞ୍ଚାୟତବାସୀଙ୍କୁ କାଳିଆ ଯୋଜନାରେ ସାମିଲ କରାଯାଉ । ଜିଲାବ୍ୟାପି ହେଉଥିବା ବିଦ୍ୟୁତ ସମସ୍ୟା ଦିଗରେ ପଦକ୍ଷେପ ଗ୍ରହଣ କରାଯାଉ ବୋଲି ସେ ଦାବି କରିଥିଲେ।



ଜିଲାପାଳଙ୍କ କାର୍ଯ୍ୟାଳୟକୁ ଦାବିପତ୍ର ଦେବା ପାଇଁ ଆସିଥିବା ଗ୍ରାମବାସୀ ।

## ୩୦ କିଗ୍ରା ଗଞ୍ଜେଇ ଜବତ, ଜଣେ ଗିରଫ

**ବେଲପାହାଡ଼,୪।୬ (ଡି.ଏନ୍.ଏ.)**

ଝାରସୁଗୁଡ଼ା ଜିଲା ବେଲପାହାଡ଼ ଥାନା ପୋଲିସ ଗଞ୍ଜେଇ ଚୋରା ଚାଲାଣ ଅଭିଯୋଗରେ ଜଣେ ଯୁବକଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ସେ ହେଏ ଲୋକନାଥ ଓରଫ ଲୁଲୁ ସାହୁ। ତାଙ୍କ ଘର ଦେବଗଡ଼ ଜିଲା କୁଣ୍ଢେଇଗୋଲା ଥାନା ଅଧୀନ କଏରପାଲି ଗାଁରୋ ସୋମବାର ସନ୍ଧ୍ୟାରେ ପୋଲିସ ରେଲଷ୍ଟେଶନ ଛକ ନିକଟରେ ପୋଲିସ ପାଟ୍ରୋଲିଂ କରୁଥିବା ବେଳେ ସନ୍ଦେହ କରି ଲୁଲୁଙ୍କୁ ଯାଞ୍ଚ କରିଥିଲା । ଯାଞ୍ଚ ବେଳେ ପୋଲିସ ଅଧିକାରୀମାନେ ଲୁଲୁଙ୍କ ନିକଟରୁ ୨ଟି ଏୟାର ବ୍ୟାଗରୁ ୩୦ କିଗ୍ରା ଗଞ୍ଜେଇ ଜବତ କରିଥିଲେ। ଲୁଲୁ ଗଞ୍ଜେଇ ବିକ୍ରି ଉଦ୍ଦେଶ୍ୟରେ ଦେବଗଡ଼ରୁ ଆସି ଗାଡ଼ି ଅପେକ୍ଷାରେ ଷ୍ଟେଶନ ଛକ ନିକଟରେ ଛିଡ଼ା ହୋଇଥିଲେ। ଏନେଇ ବେଲପାହାଡ଼ ଥାନା ପୋଲିସ ଏକ ମାମଲା(ନଂ.୯୬/୨୦୧୯) ରଜୁକରିଲୁଲୁଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଥିବା ବେଲପାହାଡ଼ ଥାନା ଆଇଆଇସି ରଶ୍ମିତା ବେହେରା ପ୍ରକାଶ କରିଛନ୍ତି।



ଏମସିଏଲରେ ବିଶ୍ୱ ପରିବେଶ ଦିବସ ସାଇକେଲ ରାଲି ।

## ବିଶ୍ୱ ପରିବେଶ ଦିବସରେ ବିବିଧ ପ୍ରତିଯୋଗିତା

**ସମ୍ବଲପୁର, ୪।୬ (ବ୍ୟୁରୋ)**

ବିଶ୍ୱ ପରିବେଶ ଦିବସ ଉପଲକ୍ଷେ ମହାନଦୀ କୋଇଲା କମ୍ପାନୀ (ଏମସିଏଲ) ମୁଖ୍ୟାଳୟଠାରେ ବିବିଧ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଜାଗୃତୀ ମହିଳା ମଣ୍ଡଳ ତତ୍ତ୍ୱାବଧାନରେ ଚିତ୍ରକଳା, ପ୍ରବନ୍ଧଲିଖନ, ମନୋଏକ୍ସନ, ସାଇକେଲ ରାଲି ହୋଇଥିଲା। ମଙ୍ଗଳବାର ସଚେତନତା ପଦଯାତ୍ରା ଓ ପୋଷ୍ଟର ପ୍ରତିଯୋଗିତା କରାଯାଇଛି। କୃତୀମାନଙ୍କୁ ସ୍ୱତନ୍ତ୍ର ଉତ୍ସବରେ ପୁରସ୍କୃତ କରାଯିବ ବୋଲି ଏମସିଏଲ ପରିବେଶ ବିଭାଗ ମହାପ୍ରବନ୍ଧକ ନିରଜ କର୍ଲା ସୂଚିତ କରିଛନ୍ତି । ସି. ଜୟଦେବ, ମାନସ ସାମନ୍ତରାୟ, ଅନୀଲ କୁମାର ସ୍ୱାଇଁ, ସୁଶ୍ରୀ ଅଜସ୍ୱିନୀ ଏବଂ ଜାଗୃତୀ ମହିଳା ମଣ୍ଡଳ ସଭ୍ୟାମାନେ ସହଯୋଗ କରିଥିଲେ।

## ଜବରଦଖଲ ହଟୁନି, ରାସ୍ତାକାମ ଆଗଉନି

**ଦେବଗଡ଼, ୪।୬(ସ୍ୱ.ପ୍ର)**

**ବଡମାଣପୁର ଗ୍ରାମବାସୀ ଜିଲାପାଳଙ୍କ ଦ୍ୱାରସ୍ଥ**

ଦେବଗଡ଼ ଜିଲା ବାରକୋଟ ବ୍ଲକ୍ ଅଧୀନ ବଡମାଣପୁର ଗ୍ରାମରେ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ନିର୍ମାଣାଧୀନ ରାସ୍ତା କାମ ଆଗେଇ ପାରୁନାହିଁ। ଜବରଦଖଲ ସମସ୍ୟା ଯୋଗୁ ଏପରି ଅବସ୍ଥା ହୋଇଛି। ଜବରଦଖଲ ହଟାଇବା ଦାବିରେ ମଙ୍ଗଳବାର ପୁଣି ଥରେ ଗ୍ରାମବାସୀ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଅବିଳମ୍ବେ ଜବରଦଖଲ ସମସ୍ୟାର ସମାଧାନ ନ ହେଲେ ଗ୍ରାମବାସୀ ଆନ୍ଦୋଳନାତ୍ମକପନ୍ଥା ଆପଣାଇବେ ବୋଲି ଚେତାବନୀ ଦେଇଛନ୍ତି। ସୂଚନା ମୁତାବକ ପ୍ରଧାନମନ୍ତ୍ରୀ ସଡକ ଯୋଜନାରେ ଏବେ ବାରକୋଟ ବ୍ଲକ ମଧ୍ୟପୁର ପଞ୍ଚାୟତ ଗୟଳମରା ଗ୍ରାମସ୍ଥିତ ଆର୍‌ଡି ରୋଡ୍‌ରୁ ବଡମାଣପୁର ଦେଇ ଏକ ପ୍ରଶସ୍ତ ରାସ୍ତା ନିର୍ମାଣ ଚାଲିଛି । ତେବେ ବଡମାଣପୁର ଗାଁ ମଝିରେ ଯାଇଥିବା ଉକ୍ତ ସରକାରୀ ରାସ୍ତାରେ ଗ୍ରାମର ୩ଜଣ ବ୍ୟକ୍ତି ଜବରଦଖଲ କରି ପାଚେରି ନିର୍ମାଣ କରିଛନ୍ତି। ସମୂହ ସ୍ୱାର୍ଥ ଦୃଷ୍ଟିରୁ ଗ୍ରାମବାସୀ ସରକାରୀ ଜାଗା ଛାଡିଦେବାକୁ ବୁଝାଶୁଝା କରିଥିଲେ ହେଁ ସେମାନେ ରାଜି ହେଉନାହାନ୍ତି। ଏ ନେଇ ଗତ ମେ ୨୬ତାରିଖରେ ଗ୍ରାମବାସୀ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ । ଜିଲାପାଳଙ୍କ ଅନୁପସ୍ଥିତିରେ ଏଡିଏମ ଧରମ୍ ହାଁସଦାଙ୍କ ଦୃଷ୍ଟି ଆକର୍ଷଣ କରି ତୁରନ୍ତ ପଦକ୍ଷେପ ନେବାକୁ ନିବେଦନ କରିଥିଲେ। ତିନିଦିନ ମଧ୍ୟରେ ସମସ୍ୟାର ସମାଧାନ କରାଯିବାକୁ ପ୍ରଶାସନିକ ପ୍ରତିଶ୍ରୁତି ମିଳିଥିଲା। ହେଲେ ଇତିମଧ୍ୟରେ ୯ଦିନ ବିତିଯାଇଥିଲେ ସୁଦ୍ଧା କୌଣସି ପଦକ୍ଷେପ ନିଆ ନ ଯିବାରୁ ମଙ୍ଗଳବାର ଜିଲାପାଳ ସୁଧାଂଶୁ ମୋହନ ସାମଲଙ୍କୁ ଫେରାଦ ହୋଇଥିଲେ ଗ୍ରାମବାସୀ।



ଦାବିପତ୍ର ଦେବା ପାଇଁ ଆସିଥିବା କ୍ରୀଡାପ୍ରେମୀ ।

## ଜିଏସ୍‌ଟି ଉପରେ ଆଲୋଚନା

**ସମ୍ବଲପୁର, ୪।୬ (ବ୍ୟୁରୋ)**

ସମ୍ବଲପୁର ଟାକ୍ସ ବାର ସଂଘର ବୈଠକ ପାଞ୍ଚଗଛିଆ ନିକଟସ୍ଥ ହୋଟେଲ କେସି ପ୍ୟାଲେସ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ସଭାପତି ରାଜେନ୍ଦ୍ର କୁମାର ଜେନଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ହୋଇଥିଲା । ସମ୍ପାଦକ ବିଜୟ ବାନାର୍ଜୀ ସୂଚନା ପ୍ରଦାନ କରିଥିଲେ । ଜିଏସଟିର ସମସ୍ୟା ଉପରେ ଆଲୋଚନା କରାଯାଇଥିଲା ।





ସମ୍ବଲପୁର ଟାକ୍ସ ବାର ସଂଘର ବୈଠକରେ କର୍ମକର୍ତ୍ତାମାନେ।

■ ଜିଲା କ୍ରିକେଟ ସଂଘରେ ଅନିୟମିତତା

## ଜିଲାପାଳଙ୍କୁ ଦାବିପତ୍ର ଦେଲେ କ୍ରୀଡ଼ାପ୍ରେମୀ

**ଦେବଗଡ଼,୪।୬(ସ୍ୱ.ପ୍ର)**

ଲୋଧା କମିଟି ସୁପାରସ ଅନୁଯାୟୀ ନିର୍ବାଚନ କରିବା ଏବଂ ଜିଲା କ୍ରିକେଟ ସଂଘରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ କରି ମଙ୍ଗଳବାର ସ୍ଥାନୀୟ କ୍ରୀଡ଼ାପ୍ରେମୀ ଓ ଜନସାଧାରଣ ଜିଲାପାଳ ସୁଧାଂଶୁ ମୋହନ ସାମଲଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ରରେ ସେମାନେ ଉଲ୍ଲେଖ କରିଛନ୍ତି ଯେ, ଜିଲା କ୍ରିକେଟ ସଂଘରେ ଘୋର ଆର୍ଥିକ ଅନିୟମିତତା ହୋଇଛି। ବର୍ଷବର୍ଷ ଧରି କୌଣସି ପ୍ରକାର ନିର୍ବାଚନ କିମ୍ବା କର୍ମକର୍ତ୍ତା ଚୟନ କରାଯାଉନାହିଁ। ପୁନଶ୍ଚ ଜିଲାରେ କ୍ରିକେଟ ଖେଳର ଭିତ୍ତିଭୂମିର ବିକାଶ ଦିଗରେ ଉଦ୍ୟମ ହେଉନାହିଁ। ଏଣୁ ନୂତନ କମିଟି ଗଠନ କରାଯାଇ କ୍ରୀଡ଼ାବିତ୍, ସ୍ଥାନୀୟ କ୍ରୀଡ଼ା ସଂଘ, ସ୍କୁଲ ଖେଳ ଶିକ୍ଷକଙ୍କୁ କମିଟିରେ ସାମିଲ କରିବାକୁ ସେମାନେ ଦାବି କରିଛନ୍ତି। କ୍ରିକେଟ ଖେଳାଳି ସୁଧୀର କୁମାର ବ୍ରହ୍ମା, ସୁବାସ କୁମାର ପୁଷ୍ଟି, କିରନ ନାଏକ, ପ୍ରକାଶ ସାହୁ, ସୁଶାନ୍ତ ନନ୍ଦ, ଅନିଲ ମିଶ୍ର, ସୁବ୍ରତ ସାହୁ, ସନ୍ତୋଷ ସାହୁ, କାର୍ତ୍ତିକ ମହାକୁଳ, ପ୍ରତାପ କୁମାର ଦେବ, ପଞ୍ଚାନନ ଆଚାର୍ଯ୍ୟ ତଥା ଅନ୍ୟାନ୍ୟ ସଙ୍ଗଠନର କର୍ମକର୍ତ୍ତା ଜିଲାପାଳଙ୍କୁ ସାକ୍ଷାତ କରି ଏହାର ତୁରନ୍ତ ସମାଧାନ କରିବା ପାଇଁ ଦାବିପତ୍ର ପ୍ରଦାନ କରିଛନ୍ତି। ଏ ନେଇ ଜିଲା କ୍ରିକେଟ ସଂଘର ସମ୍ପାଦକ ଇଂ.ସୁଜିତ କୁମାର ପ୍ରଧାନଙ୍କୁ ପଚାରିବାରୁ ଅଭିଯୋଗକୁ ଭିତ୍ତିହୀନ ବୋଲି କହିଛନ୍ତି। ଆଗାମୀ ପୌର ନିର୍ବାଚନକୁ ଆଖି ଆଗରେ ରଖି ଉଦ୍ଦେଶ୍ୟମୂଳକଭାବେ ଏପରି ଅଭିଯୋଗ କରାଯାଉଛି ବୋଲି ସେ କହିଛନ୍ତି ।

## ମ୍ୟାଲେରିଆ ନିରାକରଣ ପାଇଁ ସହଯୋଗ ଆବଶ୍ୟକ

**ଦେବଗଡ଼,୪।୬(ସ୍ୱ.ପ୍ର)**

ଜାତୀୟ ଭେକ୍ଟର ବାହିତ ରୋଗ ନିୟନ୍ତ୍ରଣ କାର୍ଯ୍ୟକ୍ରମ ଅଧୀନ ମ୍ୟାଲେରିଆ ନିରାକରଣ ମାସ ପାଳନ ପାଇଁ ଜିଲା ସ୍ୱାସ୍ଥ୍ୟ ସମିତି ଆନୁକୂଲ୍ୟରେ ଏକ ବୈଠକ ଜିଲା ମୁଖ୍ୟ ଚିକିତ୍ସାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ. ଜଗଦୀଶ ବାରିକ ବୈଠକରେ ଅଧ୍ୟକ୍ଷତା କରି ଦେବଗଡ ଜିଲାରୁ ସମ୍ପୂର୍ଣ୍ଣ ମ୍ୟାଲେରିଆ ନିରାକରଣ ନିମନ୍ତେ ସମସ୍ତଙ୍କର ସହଯୋଗ କାମନା କରିଥିଲେ । ଜିଲା ମ୍ୟାଲେରିଆ ଅଧିକାରୀ ଡ. ସୁବାସ ଚନ୍ଦ୍ର ମଣ୍ଡଳ ମ୍ୟାଲେରିଆର ଲକ୍ଷଣ ଏବଂ ଏହାର ଚିକିତ୍ସା ନିମନ୍ତେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ନିଆଯାଉଥିବା ବିଭିନ୍ନ କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ । ସେ ସୂଚନା ଦେଇ କହିଥିଲେ ଯେ, ୨୦୧୮ ଏପ୍ରିଲ ତୁଳନାରେ ୨୦୧୯ ଏପ୍ରିଲ ସୁଦ୍ଧା ଜିଲାରେ ମ୍ୟାଲେରିଆ ଆକ୍ରାନ୍ତଙ୍କ ହାର ୭୮ ପ୍ରତିଶତ କମିଛି । ୨୦୧୮ ଏପ୍ରିଲ ସୁଦ୍ଧା ରକ୍ତ ପରୀକ୍ଷା କରାଯାଇଥିବା ୧୬୯୨୮ ଜଣଙ୍କ ମଧ୍ୟରୁ ୪୬ଜଣ ମ୍ୟାଲେରିଆ ରୋଗୀ ଚିହ୍ନଟ ହୋଇଛନ୍ତି। ୨୦୧୯ ସେହି ସମୟ ସୁଦ୍ଧା ପରୀକ୍ଷା କରାଯାଇଥିବା ୨୧୨୬୪ ଜଣଙ୍କ ରକ୍ତ ନମୁନାରେ କେବଳ ୧୦ଜଣ ମ୍ୟାଲେରିଆ ରୋଗୀ ଚିହ୍ନଟ ହୋଇଛନ୍ତି। ମ୍ୟାଲେରିଆରେ କାହାରି ମୃତ୍ୟୁ ହୋଇ ନ ଥିବା ସେ ପ୍ରକାଶ କରିଥିଲେ । ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ. ମନୋଜ କୁମାର ଉପାଧ୍ୟାୟ ମ୍ୟାଲେରିଆ ସମ୍ପୂର୍ଣ୍ଣ ନିରାକରଣ ନିମନ୍ତେ ବିଭିନ୍ନ ଲାଇନ୍ ଡିପାର୍ଟମେଣ୍ଟର ସହଯୋଗ ଉପରେ ଗୁରୁତ୍ୱାରୋପ କରିଥିଲେ । ଭିବିଡି କନସଲଟେଣ୍ଟ ଦିଲୀପ କୁମାର ବହିଦାର ପାୱାର ପଏଣ୍ଟ ପ୍ରେଜେଣ୍ଟେସନ ମାଧ୍ୟମରେ ଜିଲାରେ ମ୍ୟାଲେରିଆ ଷ୍ଟାଟସ ଉପରେ ସୂଚନା ଦେଇଥିଲେ । ସୂଚନାଥାଉକି ଦୁର୍ଗମ ଅଞ୍ଚଳରେ ମ୍ୟାଲେରିଆ ନିରାକରଣ କାର୍ଯ୍ୟକ୍ରମ 'ଦମନ' ଅନ୍ତର୍ଗତ ପ୍ରଥମ ପର୍ଯ୍ୟାୟ ଜୁନ ମାସରୁ ଆରମ୍ଭ କରାଯିବ। ପ୍ରଥମ ପର୍ଯ୍ୟାୟରେ ବମପରଡା, ଛତାବର ଓ ତିଲେଇବଣି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅନ୍ତର୍ଗତ ଦୁର୍ଗମ ଅଞ୍ଚଳରେ ଅବସ୍ଥିତ ୫୦ଟି ଗ୍ରାମରେ ଏଥିପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଗ୍ରହଣ କରାଯିବ। ବୈଠକରେ ଡ.ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ଡ. ପ୍ରବୀଣ କୁମାର ଓଝାଙ୍କ ସମେତ ଲାଇନ୍ ଡିପାର୍ଟମେଣ୍ଟର ଅଧିକାରୀ ଏବଂ ଏଏନଏମ. ଟିଁସିର ଅଧ୍ୟକ୍ଷା ଏବଂ ଛାତ୍ରୀମାନେ ଯୋଗଦେଇଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ପରେଶ କୁମାର ସାହୁ ଏବଂ ସତ୍ୟ ରାୟ ସହଯୋଗ କରିଥିଲେ।

## ଫଟୋରେ ଖବର



ଶୀତଳଷଷ୍ଠୀ ଯାତ୍ରା ଲାଗି ମଙ୍ଗଳବାର ସମ୍ବଲପୁରରେ ଖାଦ୍ୟର ମାନ ଯାଞ୍ଚ କରାଯାଉଛି ।





ମଙ୍ଗଳବାର ସମ୍ବଲପୁରରେ ସମ୍ବଲର 'ସ୍ୱର୍ଗରଥ' ତଥା ଶବବାହକ ଗାଡିକୁ ଅତିଥିମାନେ ଶୁଭାରମ୍ଭ କରୁଛନ୍ତି ।



ସୋମବାର ରାତିରେ ଗୁଡେଶ୍ୱର ବାବାଙ୍କ ପତରପେଡ଼ିଁ କାର୍ଯ୍ୟକ୍ରମ ଚାଲିଛି।



"ଯୱାନ ଓ କିଷାନର ଜୟ୍ ହିଁ ଦେଶ ଓ ଜାତିର ଜୟ୍।
- ଲାଲବାହାଦୁର ଶାସ୍ତ୍ରୀ



**ସଂକ୍ଷେପରେ**

## ଯୁବକଙ୍କ ଆତ୍ମହତ୍ୟା

**ଧର୍ମଗଡ,୪।୬(ଡି.ଏନ.ଏ.):** କଳାହାଣ୍ଡି ଜିଲା ଧର୍ମଗଡ ସହରସ୍ଥିତ ଜଣେ ଯୁବକ ନିଜ ଘରେ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ଯୁବକଙ୍କ ନାମ ପ୍ରେମାନନ୍ଦ ନାଏକ (୧୮)। ତାଙ୍କ ବାପା ଶ୍ରୀକାନ୍ତ ନାଏକ ମଧ୍ୟ ଆଗରୁ ମୃତ୍ୟୁବରଣ କରିଛନ୍ତି। ଗତ କିଛିଦିନ ହେଲା ଯୁବକ ଜଣକ ଅତ୍ୟଧିକ ମଦ୍ୟପାନ କରି ଘରେ ରହୁଥିଲେ। ମଙ୍ଗଳବାର ଅପରାହ୍ନରେ ନିଜ ଘରେ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିଲେ। ଖବର ପାଇ ପୋଲିସ ମୃତଦେହ ଉଦ୍ଧାର କରି ଶବ ବ୍ୟବଚ୍ଛେକକଦ ପାଇଁ ପଠାଇଥିବା ଜଣାଯାଇଛି। ଯୁବକ ଜଣକ ପୂର୍ବରୁ ଦୋକାନରୁ ମୋବାଇଲ ଚୋରି କେସରେ ସମ୍ପୃକ୍ତ ଥିବା ବେଳେ କାହିଁକି ଆତ୍ମହତ୍ୟା କଲେ ତାହା ସ୍ପଷ୍ଟ ହୋଇ ନ ଥିବା ପୋଲିସ ପ୍ରକାଶ କରିଛି।

# ତାଳଚେର-ବିମଳାଗଡ଼ ରେଳପଥ ପାଇଁ ଅଧିକ ଅର୍ଥ ଦାବି

**ରାଉରକେଲା ଅଫିସ,୪।୬**

୨୦୧୯ ସାଧାରଣ ନିର୍ବାଚନ ପୂର୍ବରୁ ତାଳଚେର-ବିମଳାଗଡ଼ ରେଳପଥ ନିର୍ମାଣ ନେଇ ଲାଗି ରହିଥିବା ମନ୍ଥରତା ବାବଦରେ ସଂଗ୍ରାମ ସମିତି ଚିନ୍ତା ବ୍ୟକ୍ତ କରିଥିଲା। ଏ ଦିଗରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଏହାକୁ ମୁଖ୍ୟମନ୍ତ୍ରୀ ଗୁରୁତ୍ୱର ସହ ନେଇଥିଲେ। ଯଥାଶୀଘ୍ର ଆବଶ୍ୟକ ଜମି ଅଧିଗ୍ରହଣ ସହ ପରିବେଶ ମଞ୍ଜୁରି ଦେବାକୁ ପଦକ୍ଷେପ ନେଇଥିଲେ। ଏ ନେଇ ସୁନ୍ଦରଗଡ଼, ଅନୁଗୋଳ ଓ ଦେବଗଡ଼ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ ମୁଖ୍ୟମନ୍ତ୍ରୀ। ଏବେ ଅନୁଗୋଳ ଜିଲା ଅନ୍ତର୍ଗତ କିଛି ଜମି ଅଧିଗ୍ରହଣ ହୋଇ ପରିବେଶ ମଞ୍ଜୁରି ମିଳି ସାରିଥିବା ସଂଗ୍ରାମ ସମିତି ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। କିଛିକାଂଶରେ ପଦକ୍ଷେପ ଫଳପ୍ରଦ ହୋଇଥିବାରୁ ସଂଗଠନ ପକ୍ଷରୁ ସନ୍ତୋଷ ବ୍ୟକ୍ତ କରାଯାଇଛି। ଏ ନେଇ ପୂର୍ବତଟ ରେଳପଥ ପକ୍ଷରୁ ଗତ ମେ' ୨୧ରେ ପ୍ରାୟ ୧୯୦ କୋଟି ଟଙ୍କାର ଟେଣ୍ଡର ଆହ୍ୱାନ କରାଯାଇଛି। ଏହି ଟେଣ୍ଡର ଆସନ୍ତା ୬ ତାରିଖରେ ଖୋଲାଯିବ। ନିର୍ଦ୍ଦେଶମତେ ସମସ୍ତ କାର୍ଯ୍ୟ ୬ ମାସ ମଧ୍ୟରେ ଶେଷ କରାଯିବାକୁ ଏଥିରେ କୁହାଯାଇଛି। ଯଦି ଠିକ୍ ଭାବେ ଓ ସମୟାନୁସାରେ କାର୍ଯ୍ୟ ଶେଷ ହୁଏ ତେବେ ବୁଢ଼ାପଙ୍କ ଷ୍ଟେଶନ ପର୍ଯ୍ୟନ୍ତ ରେଳ ଚଳାଚଳ କରିପାରିବ। ପୂର୍ବତଟ ରେଳପଥର ଜଣେ କର୍ମକର୍ତ୍ତାଙ୍କ ସୂଚନାନୁସାରେ ଗତବର୍ଷ ଏହି ରେଳପଥ ପାଇଁ କେନ୍ଦ୍ର ସରକାର ମାତ୍ର ୧୫୦ କୋଟି ଟଙ୍କା ଦେଇଥିଲେ। ଯାହା ଆବଶ୍ୟକତା ପୂରଣ କରିପାରିବ ନାହିଁ। ଆସନ୍ତା ବଜେଟରେ ଏହି ରେଳପଥ ପାଇଁ ଯେଉଁ ପରିମାଣର ବ୍ୟୟବରାଦ କରାଯିବ ସେହି ଅନୁସାରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ। ଅଧିକାରୀଙ୍କ କହିବାନୁସାରେ ସୁନ୍ଦରଗଡ଼ ଜିଲାରେ ଜମି ଉପଲବ୍ଧ ହେଲେ ବିମଳାଗଡ଼ଠାରେ ଏକ ନିର୍ମାଣ ଅଫିସ ଖୋଲାଯାଇପାରିବ। ଏହାଦ୍ୱାରା ଉଭୟ ପଟୁ ନିର୍ମାଣ କାର୍ଯ୍ୟ ସହଜ ହେବ ଓ ଶୀଘ୍ର କାମ ଶେଷ ହେବ। ଏଣୁ ବିମଳାଗଡ଼ ନିକଟ ଜମି ତୁରନ୍ତ ଅଧିଗ୍ରହଣ କରାଯାଇ ଏହାକୁ ବିଭାଗକୁ ହସ୍ତାନ୍ତର କରାଗଲେ ନିର୍ମାଣ ଅଫିସ ଖୋଲାଯାଇ କାର୍ଯ୍ୟାରମ୍ଭ କରାଯାଇପାରିବ ବୋଲି ସଂଗ୍ରାମ ସମିତି ପକ୍ଷରୁ ଏକ ବିବୃତିରେ ଦାବି କରାଯାଇଛି। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ସତ୍ତ୍ୱେ ଦେବଗଡ଼ ଅଞ୍ଚଳରେ ଏ ନେଇ ଆବଶ୍ୟକ ଜମି ଅଧିଗ୍ରହଣ ନ ହେବା ସମିତି କର୍ମକର୍ତ୍ତାଙ୍କୁ ନିରାଶ କରିଛି। ଖୁବ୍‌ଶୀଘ୍ର ସଂଗଠନ କର୍ମକର୍ତ୍ତା ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଏ ଦିଗରେ ତ୍ୱରିତ ପଦକ୍ଷେପ ନେବାକୁ ଅନୁରୋଧ କରିବେ ବୋଲି କହିଛନ୍ତି। ଏହାବ୍ୟତୀତ କେନ୍ଦ୍ର ସରକାର ଆଗାମୀ ବଜେଟରେ ଏହି ରେଳ ପ୍ରକଳ୍ପ ନିମନ୍ତେ ଅଧିକ ବ୍ୟୟବରାଦ କରିବା ଆବଶ୍ୟକ ବୋଲି ସମିତି ପକ୍ଷରୁ କୁହାଯାଇଛି। ଏ ନେଇ ପୂର୍ବତଟ ରେଳପଥ, ରାଜ୍ୟ ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ର ସରକାର ସମୁଚିତ ଦୃଷ୍ଟି ଦେବାକୁ ସଂଗ୍ରାମ ସମିତି କର୍ମକର୍ତ୍ତା ଅଦ୍ୱୈତ ବିଶ୍ୱାଳ, ହରି ରାଉତରାୟ, ବିଷ୍ଣୁ ମହାନ୍ତି, ବିମଳ ବିଶି, ଗୋପୀନାଥ ପଟ୍ଟନାୟକ, ବିମାନ ମାଇତି, ମିହିର ରାୟ, ଶଶଧର ନନ୍ଦ, ପ୍ରଭାତ ମିଶ୍ର, ରମେଶ ବଳ, ପୀତବାସ ମିଶ୍ର, ଜଟାଧାରୀ ମାଝି, ଭବାନୀ କବି, ଜାହାଙ୍ଗୀର ଅଲ୍ଲି, ବିଧାୟକ ଲକ୍ଷ୍ମଣ ମୁଣ୍ଡା ଓ ପ୍ରମୋଦ ମହାନ୍ତି ପ୍ରମୁଖ ଦାବି କରିଛନ୍ତି।

## ବେକରେ ଗାମୁଛା ବାନ୍ଧି ବୃଦ୍ଧଙ୍କ ଆତ୍ମହତ୍ୟା

**ଲହୁଣୀପଡ଼ା,୪।୬(ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ଥାନା ରାଜାମୁଣ୍ଡା ଗ୍ରାମର ଦୁର୍ଯ୍ୟୋଧନ ସାହୁ (୬୦) ମଙ୍ଗଳବାର ନିଜ ଘରେ ବେକରେ ଗାମୁଛା ବାନ୍ଧି ଆତ୍ମହତ୍ୟା କରିଛନ୍ତି। ଦୁର୍ଯ୍ୟୋଧନ ମଧ୍ୟାହ୍ନରେ ଭିତର ପଟୁ କବାଟ ବନ୍ଦ କରିଦେଇଥିଲେ। ଦୀର୍ଘ ସମୟ ପର୍ଯ୍ୟନ୍ତ ନ ଖୋଲିବାରୁ ପରିବାର ଲୋକେ କବାଟ ଖୋଲିବା ପାଇଁ ଚେଷ୍ଟା କରିଥିଲେ ମଧ୍ୟ ତାହା ଖୋଲି ନ ଥିଲା। ସେ ବେକରେ ଗାମୁଛା ବାନ୍ଧି ଘର ଭିତରେ ଝୁଲୁଥିବା ପରିବାର ଲୋକେ ଝରକା ପଟୁ ଦେଖି ପୋଲିସକୁ ଖବର ଦେଇଥିଲେ। ସନ୍ଧ୍ୟାରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ବୁଧବାର ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ମୃତଦେହ ଉଦ୍ଧାର କରାଯାଇ ବ୍ୟବଚ୍ଛେଦ ହେବ ବୋଲି ସୂଚନା ମିଳିଛି।

# ଶୀତଳଷଷ୍ଠୀ ଯାତ୍ରା ପ୍ରସ୍ତୁତି ବୈଠକ

**କୁଆଁରମୁଣ୍ଡା,୪।୬(ଡି.ଏନ୍.ଏ.)**

ଆସନ୍ତା ଶୁକ୍ରବାର ପବିତ୍ର ଶିବବିବାହ ଓ ଶୀତଳଷଷ୍ଠୀ ଯାତ୍ରା ଉପଲକ୍ଷେ କୁଆଁରମୁଣ୍ଡା ଶୀତଳଯାତ୍ରା କମିଟି ପକ୍ଷରୁ ମଙ୍ଗଳବାର ବ୍ଲକ ସଭାଗୃହରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ବିଡିଓ ପୀୟୂଷ ଲୋହାର ପୌରୋହିତ୍ୟ କରି ଯାତ୍ରା ପାଇଁ ଚନ୍ଦ୍ରଚୂଡ଼ ମନ୍ଦିରରେ ସମସ୍ତ ବ୍ୟବସ୍ଥାର ତଦାରଖ କରିଛନ୍ତି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଏବିଡିଓ ଭବାନୀଶଙ୍କର ପାଢ଼ୀ, ଜିପିଇଓ ନିରଞ୍ଜନ ନାଏକ, ପିଇଓ ଦେବବ୍ରତ ଦାସ ପ୍ରମୁଖଙ୍କ ସମେତ ଲୋକନାଥ ମନ୍ଦିର କମିଟି ପକ୍ଷରୁ ଶୈଳେଶ୍ ତିୱାରୀ, ଘନଶ୍ୟାମ ଦେବତା, ମହେନ୍ଦ୍ର ସାହୁ, ସରୋଜ ମହାନ୍ତି ଓ ପୂଜକ ବାବୁଲା ମିଶ୍ର ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।



ଶୀତଳଷଷ୍ଠୀ ଯାତ୍ରା ପାଇଁ କୁଆଁରମୁଣ୍ଡା ବ୍ଲକ ସଭାଗୃହରେ ଆୟୋଜିତ ପ୍ରସ୍ତୁତି ବୈଠକ।



## ପ୍ରତିଭା ଅନ୍ୱେଷଣର କ୍ରୀଡ଼ା ପ୍ରଶିକ୍ଷଣ

**ରାଉରକେଲା ଅଫିସ,୪।୬**

ବିର୍ସା ଷ୍ଟାଡିୟମରେ କଳିଙ୍ଗ ସ୍ପୋର୍ଟ୍ସ ଫେଡେରେଶନ ଦ୍ୱାରା ମଙ୍ଗଳବାର ସକାଳୁ ସମର କ୍ୟାମ୍ପ ଶିବିରାର୍ଥୀଙ୍କୁ ବିଭିନ୍ନ କ୍ରୀଡ଼ା କୌଶଳ ଶିକ୍ଷା ପ୍ରଦାନ କରାଯାଇଛି। ଏହି କ୍ୟାମ୍ପ ଗତ ମେ' ୨୯ରୁ ଆରମ୍ଭ ହୋଇଥିବା ବେଳେ ଏହା ଜୁନ ୯ ପର୍ଯ୍ୟନ୍ତ ଜାରି ରହିବ। ଏଥିରେ ଫୁଟବଲ, ଭଲିବଲ ଓ କବାଡ଼ି ପ୍ରଶିକ୍ଷଣ ପ୍ରଦାନ କରାଯାଉଛି। ଅଭିଜ୍ଞ ଖେଳାଳିଙ୍କ ଦ୍ୱାରା କ୍ରୀଡ଼ାବିତ୍‌ଙ୍କୁ ନୂତନ କୌଶଳ ଶିକ୍ଷା ପ୍ରଦାନ ସହ ବିଭିନ୍ନ ଖେଳ ନେଇ ରହିଥିବା ନିୟମ ସମ୍ପର୍କରେ ପରାମର୍ଶ ଦିଆଯାଉଛି। ଏହି ପ୍ରଶିକ୍ଷଣ ଦ୍ୱାରା ଅନେକ ନୂତନ ପ୍ରତିଭା ଲୋକଲୋଚନକୁ ଆସିପାରିବେ ବୋଲି ପ୍ରଶିକ୍ଷକ ଆଶା ବ୍ୟକ୍ତ କରିଛନ୍ତି।

# କଳିଙ୍ଗ ଟାଏକୋଣ୍ଡୋ ଆସୋସିଏଶନର ସଫଳତା



ନୂଆଦିଲ୍ଲୀଠାରେ ଆୟୋଜିତ ଟାଏକୋଣ୍ଡୋ ପ୍ରତିଯୋଗିତାରେ ସଫଳତା ହାସଲ କରିଥିବା କଳିଙ୍ଗ ଟାଏକୋଣ୍ଡୋ ଆସୋସିଏଶନର ପ୍ରତିଯୋଗୀ।

**ରାଉରକେଲା ଅଫିସ,୪।୬**

ଦିଲ୍ଲୀର ତାଲକୋଟରା ଇନ୍‌ଡୋର ଷ୍ଟାଡିୟମରେ ମେ' ୩୦ରୁ ଜୁନ ୧ ପର୍ଯ୍ୟନ୍ତ ୩ୟ ଟାଏକୋଣ୍ଡୋ ଚାମ୍ପିୟନଶିପ ଅନୁଷ୍ଠିତ ହୋଇଛି। ଏଥିରେ ୮ ଦେଶର ୭୭୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଏମାନଙ୍କ ମଧ୍ୟରେ ଓଡ଼ିଶା କଳିଙ୍ଗ ଟାଏକୋଣ୍ଡୋ ଆସୋସିଏଶନ ପକ୍ଷରୁ ୨୨ ପ୍ରତିଯୋଗୀ ଭାଗ ନେଇଥିଲେ। ଅନୁଷ୍ଠାନ କର୍ମକର୍ତ୍ତା ସଚ୍ଚିଦାନନ୍ଦ ବିଶ୍ୱାଳ, ସ୍ମୃତିରଞ୍ଜନ ଲେଙ୍କା, ଦେବେନ୍ଦ୍ର ପ୍ରଧାନ ଓ ଦିବ୍ୟା ଛଞ୍ଚାଣ ପ୍ରମୁଖ ଏହି ଟିମ୍‌ର ନେତୃତ୍ୱ ନେଇଥିଲେ। ଏହି ପ୍ରତିଯୋଗୀଙ୍କ ମଧ୍ୟରୁ ୧୨ଜଣ ବିଭିନ୍ନ ବିଭାଗରେ ପଦକ ହାସଲ କରିଛନ୍ତି। ଶିଶୁ ବିଭାଗରେ ୬ରୁ ୧୧ବର୍ଷ ମଧ୍ୟରେ ଶୁଭମ ନାୟକ, ଜ୍ୟୋତିପ୍ରକାଶ ଦାସ ସ୍ୱର୍ଣ୍ଣ ପଦକ ହାସଲ କରିଥିବା ବେଳେ ଅର୍ଚ୍ଚନା ମିଶ୍ର ଓ ପ୍ରିୟାଂଶୁ ସାହୁ ବ୍ରୋଞ୍ଜ ପଦକ ପାଇଛନ୍ତି। ସେହିଭଳି ୧୨ରୁ ୧୪ ବର୍ଷ ବ୍ଲାକବେଲ୍ଟ ବିଭାଗରେ ସମ୍ରାଟ ସାହିଲ ବିଶ୍ୱାଳ, ଆରୋଶ ପ୍ରଧାନ, ଭୂବେଶ ପ୍ରସାଦ ସ୍ୱର୍ଣ୍ଣ ପଦକ ହାସଲ କରିଥିବା ବେଳେ ସମୀର ବିଶ୍ୱାଳ ରୌପ୍ୟ ପଦକ ପାଇଛନ୍ତି। ବାଳିକା ବିଭାଗରେ ଦୃଷ୍ଟି ମୁଖି, ଜ୍ୟୋତିର୍ମୟୀ ଦାସ ରୌପ୍ୟ ଓ ବ୍ରୋଞ୍ଜ ପଦକ ହାସଲ କରିଥିବା ବେଳେ ସୂର୍ଯ୍ୟାଂଶୁ ସାମାନ୍ତରାୟ ବ୍ରୋଞ୍ଜ ପଦକ ପାଇଛନ୍ତି। ୧୫ରୁ ୧୭ବର୍ଷ ବ୍ଲାକ ବେଲ୍ଟ ବର୍ଗରେ ଫାଇଟ୍ସ କରି ସତ୍ୟସ୍ୱରୂପ ସାହୁ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଏମାନଙ୍କୁ କଳିଙ୍ଗ ଟାଏକୋଣ୍ଡୋ ଆସୋସିଏଶନ ସଭାପତି ପ୍ରମୋଦ କୁମାର, କ୍ରୀଡ଼ା ଶିକ୍ଷକ ବିଜୟ ରଥ, ସାମାଜିକ କର୍ମୀ ସନ୍ତୋଷ ବିଶ୍ୱାଳ ଓ ଅରୁଣ ଦାସ ପ୍ରମୁଖ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ।

# ବାତ୍ୟା ବିପନ୍ନଙ୍କୁ ଆର୍ଥିକ ସହାୟତା

**ରାଉରକେଲା ଅଫିସ,୪।୬**

ଇଣ୍ଡିଆନ ମେଡିକାଲ ଆସୋସିଏଶନ ରାଉରକେଲା ସିଟି ଶାଖା ପକ୍ଷରୁ ମଙ୍ଗଳବାର ବାତ୍ୟା ଫନୀ ବିପନ୍ନଙ୍କ ଉଦ୍ଦେଶ୍ୟରେ ରାଉରକେଲା ଅତିରିକ୍ତ ଜିଲାପାଳ ୟେଦୁଲ୍ଲା ବିଜୟଙ୍କ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ୧ଲକ୍ଷ ୨୨ ହଜାର ୭ଶହ ଟଙ୍କା ପ୍ରଦାନ କରାଯାଇଛି। ପ୍ରଭାବିତ ଅଞ୍ଚଳବାସୀଙ୍କ ପୁନଃ ଥଇଥାନ ତଥା ଆବଶ୍ୟକତା ନେଇ ସଂଘ ପକ୍ଷରୁ ଏହି ସହାୟତା ପ୍ରଦାନ କରାଯାଇଥିବା କୁହାଯାଇଛି। ଏନେଇ ଆସୋସିଏଶନର ଏକ ପ୍ରତିନିଧି ମଣ୍ଡଳୀ ଏଡିଏମ୍‌ଙ୍କୁ ଭେଟି ଏହି ସହାୟତା ରାଶି ପ୍ରଦାନ କରିଛନ୍ତି।



ଫନୀ ପୀଡ଼ିତଙ୍କୁ ଏଡିଏମ୍‌ଙ୍କ ଜରିଆରେ ସହାୟତା ରାଶି ପ୍ରଦାନ କରାଯାଉଛି।

ଜମି ବିବାଦରୁ ଗଣ୍ଡଗୋଳ

## ଭାଇ ମାଡ଼ରେ ଭଉଣୀଙ୍କ ମୃତ୍ୟୁ

**ବେଦବ୍ୟାସ,୪।୬(ଡି.ଏନ୍.ଏ.)**

ବ୍ରାହ୍ମଣୀତରଙ୍ଗ ଥାନା କଳୁଙ୍ଗା ଫାଣ୍ଡି ଅନ୍ତର୍ଗତ ପତୁଆ ଗ୍ରାମରେ ଜମି ବିବାଦକୁ କେନ୍ଦ୍ରକରି ଗଣ୍ଡଗୋଳ ହୋଇଛି। ଭାଇ ମାଡ଼ରେ ଗୁରୁତର ଆହତ ହୋଇ ଚିକିତ୍ସାଧୀନ ଥିବା ଭଉଣୀଙ୍କ ସୋମବାର ମୃତ୍ୟୁ ହୋଇଛି। ପୋଲିସ ସୂଚନା ଅନୁଯାୟୀ, ଗତ ମେ ୧୧ରେ ପତୁଆ ଗ୍ରାମର ଶିଲି ଓରାମଙ୍କର ଜମିଜମା ବିବାଦକୁ ନେଇ ତାଙ୍କ ଭଉଣୀ ଶୁକ ଓରାମ (୫୫)ଙ୍କ ସହ ଗଣ୍ଡଗୋଳ ହୋଇଥିଲା। ଶିଲି ଉତ୍ତକ୍ଷିପ୍ତ ହୋଇ ଶୁକଙ୍କୁ ନିଘୁକ ମାଡ଼ ମାରିଥିଲେ। ଗୁରୁତର ଅବସ୍ଥାରେ ପ୍ରଥମେ ତାଙ୍କୁ ଆର୍‌ଜିଏଚ୍ ଓ ପରବର୍ତ୍ତୀ ସମୟରେ ବୁର୍ଲା ସ୍ଥାନାନ୍ତର କରାଯାଇଥିଲା। ସୋମବାର ତାଙ୍କ ମୃତ୍ୟୁ ହୋଇଛି। ମଙ୍ଗଳବାର ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଶିଲିଙ୍କୁ ପୋଲିସ ଥାନାରେ ଅଟକ ରଖି ତଦନ୍ତ କରୁଛି। ଏନେଇ ଏକ ମାମଲା (ନଂ. ୧୩୯/୧୯) କରାଯାଇଛି।

# ଡୁଡ଼ାଲଗା ଗ୍ରାମରେ ଇଫ୍‌ତାର ପାର୍ଟି

**ବଡ଼ଗାଁ,୪।୬(ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଡୁଡ଼ାଲଗା ଗ୍ରାମରେ ସୋମବାର ଇଫ୍‌ତାର ପାର୍ଟି ଆୟୋଜିତ ହୋଇଥିଲା। ବଡ଼ଗାଁ ଆଇଟିସିର ପ୍ରତିଷ୍ଠାତା ସମ୍ପାଦକ ରାମଚନ୍ଦ୍ର ନାୟକଙ୍କ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲାର ରାଉରକେଲା, ବୀରମିତ୍ରପୁର, ରାଜଗାଙ୍ଗପୁର, ସୁନ୍ଦରଗଡ଼ ଓ ବଡ଼ଗାଁର ମୁସଲିମ ସମୁଦାୟର ଲୋକେ ଯୋଗଦେଇଥିଲେ। ଅପରାହ୍ନରେ ରୋଜା ଭଙ୍ଗ ପରେ ଅହମ୍ମଦ ମୁକ୍ତାର, ମହମ୍ମଦ ହଫିଜ, ଏମ୍‌ଡି ମଜିଦ ନମାଜ ପାଠ କରାଇଥିଲେ। ରାଉରକେଲାର ମେହେମୁଦ ଅହମ୍ମଦ, ସବିର ହୁସେନ, କାଂଶବାହାଲର ଇକବାଲ ମଲ୍ଲିକ, ବିଲେଇଗଡ଼ର ମହମ୍ମଦ କଲିମ, ରାଜଗାଙ୍ଗପୁରର ଏମ୍‌ଡି ୱାହାବ, ଏମ୍‌ଡି ମୋବିନ, ଖଡକୁରବାହାଲର ଇମତିଆଜ ଅଲ୍ଲି, ବଡ଼ଗାଁର ଏମ୍‌ଡି ନିସାର, ଜ୍ୟାରଲ ହକ, ଏମ୍‌ଡି ହମିଦ, ଆବୁ ମହମ୍ମଦ, ଏମ୍‌ଡି ଫାରୁକ, ଏମ୍‌ଡି ସମସେର, ସୁନ୍ଦରଗଡ଼ର ଏମ୍‌ଡି ସଭାର, ରାସପାତ୍ରା ଗ୍ରାମର ଏମ୍‌ଡି ନାଜିର ପ୍ରମୁଖ ଯୋଗଦେଇଥିଲେ।



ଇଫ୍‌ତାର ପାର୍ଟିରେ ଯୋଗଦେଇଥିବା ବ୍ୟକ୍ତି ନମାଜ ପାଠ କରୁଛନ୍ତି।

ପୂର୍ତ୍ତବିଭାଗ ରାସ୍ତା କାମ ନିମ୍ନମାନର

# ଯନ୍ତ୍ରୀ, ଠିକାଦାରଙ୍କୁ ଘେରିଲେ ଗ୍ରାମବାସୀ

**ବଡ଼ଗାଁ,୪।୬(ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲା ବଡ଼ଗାଁରୁ ସାହାଜବାହାଲ ଗ୍ରାମ ପର୍ଯ୍ୟନ୍ତ ପୂର୍ତ୍ତ ବିଭାଗ ଅଧୀନରେ ଥିବା ପ୍ରାୟ ୯ କିଲୋମିଟର ରାସ୍ତା ନିର୍ମାଣ କାର୍ଯ୍ୟ ଜାରି ରହିଛି। ଗତବର୍ଷ ସେପ୍ଟେମ୍ବରରୁ ରାସ୍ତା କାମ ଆରମ୍ଭ ହୋଇ ମନ୍ଥର ଗତିରେ ଚାଲିଥିବାବେଳେ ଅତି ନିମ୍ନମାନର କାମ ହେଉଥିବା ଅଭିଯୋଗ ହୋଇଛି। ସୋମବାର ପୂର୍ବାହ୍ନରେ ରାସ୍ତାରେ ପିଚୁ ପକାଯାଉଥିବା ସମୟରେ ସେଠାରେ ବିଭାଗୀୟ ବରିଷ୍ଠ ଓ କନିଷ୍ଠ ଯନ୍ତ୍ରୀଙ୍କ ସହ ଠିକାଦାର ଉପସ୍ଥିତ ଥିଲେ। ଏହି ସମୟରେ ସାହାଜବାହାଲ ଗ୍ରାମର ରୋହିତ ସାହୁ, ରାଜକିଶୋର ସାହୁ, ପରେଶ କୁମାର ଦାସ, ସୁରେଶ ସାହୁ ପ୍ରମୁଖ କେତେଜଣ ଯୁବକ ସେଠାରେ ପହଞ୍ଚି ନିମ୍ନମାନର କାମ ହେଉଥିବା ସମ୍ପର୍କରେ ପ୍ରମାଣ ଦେବା ସହ ଯନ୍ତ୍ରୀ ଓ ଠିକାଦାରଙ୍କୁ ଘେରିଥିଲେ। ଯନ୍ତ୍ରୀ ଦ୍ୱୟ ଅଭିଯୋଗକୁ ସ୍ୱୀକାର କରିବା ସହ ଏହି ପିଚୁ ପକାଇବାକୁ ଠିକାଦାରଙ୍କୁ ପୂର୍ବରୁ ବାରଣ କରାଯାଇଥିଲା ବୋଲି କନିଷ୍ଠ ଯନ୍ତ୍ରୀ କହିଥିଲେ। ତେବେ ଯଦି ଯନ୍ତ୍ରୀ ସେଭଳି ପିଚୁ ରାସ୍ତାରେ ବ୍ୟବହାର କରିବାକୁ ମନା କରିଥିଲେ, ଯନ୍ତ୍ରୀମାନଙ୍କ ଉପସ୍ଥିତିରେ ଠିକାଦାର କିପରି ସେହି ପିଚୁ ପକାଇଲେ ତାହା ସନ୍ଦେହ ସୃଷ୍ଟି କରିଛି। ଯନ୍ତ୍ରୀ ଏବଂ ଠିକାଦାରଙ୍କ ସଲାସୁତ୍ରରେ ନିମ୍ନମାନର କାମ ଚାଲିଥିବା ଯୁବକମାନେ ଧରିବାରୁ ଯନ୍ତ୍ରୀ ଠିକାଦାରଙ୍କ ମୁଣ୍ଡରେ ଅଠା ବୋଲିଥିଲେ ବୋଲି ଯୁବକମାନେ କହିଛନ୍ତି। ଅନ୍ୟପକ୍ଷରେ ଠିକାଦାର ୨ରୁ ୩ ଦିନ କାମ କରିବା ପରେ ଦୀର୍ଘଦିନ ବନ୍ଦ କରି ରଖିଥିବାରୁ ଯାତାୟାତରେ ଅସୁବିଧା ହେଉଥିବା, ରାସ୍ତାରେ ଧୂଳି ଉଡୁଥିଲେ ମଧ୍ୟ ପାଣି ସିଞ୍ଚନ କରୁ ନ ଥିବା, କମ୍ ପରିମାଣର ପିଚୁ ଦେଇ କାମ କରୁଥିବାରୁ ପିଚୁ ଢାଳିବା ପରେ ତାହା ଉଠିଯାଉଥିବା ନେଇ ଯୁବକମାନେ ଯନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରିଥିଲେ। ସେମାନେ ଯନ୍ତ୍ରୀ ଓ ଠିକାଦାରଙ୍କୁ ଘେରି ପାଟିତୁଣ୍ଡ କରିବା ସହ କାମ ଠିକ୍ ଭାବେ ନ କଲେ ବିକଳ୍ପ ପନ୍ଥା ଅବଲମ୍ବନ କରିବାକୁ ଚେତାବନୀ ଦେଇଥିଲେ। ସୂଚନାଯୋଗ୍ୟ, ପ୍ରାୟ ୬ ବର୍ଷ ପୂର୍ବେ ଏହି ରାସ୍ତା ସମ୍ପ୍ରସାରିତ ହୋଇଥିଲା। ନିର୍ମାଣର ୪ଦିନ ପରେ ବଡ଼ଗାଁ-କିଞ୍ଜିରକେଲା ମଝିରେ ଥିବା ପୋଲ ସ୍ଥାନରେ ରାସ୍ତା ଦବିଯାଇ ଖାଲ ହୋଇଥିଲା। ଏଠାରେ ଟ୍ରକ ଓଲଟିବା ସହ ବାଇକ୍ ଆରୋହୀ ଦୁର୍ଘଟଣାଗ୍ରସ୍ତ ହୋଇଥିଲେ। ଏହାକୁ ପୁଣିଥରେ ନିର୍ମାଣ ପାଇଁ ସେ ସମୟର ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ ହୋମ ସିଂ ମାଝିଙ୍କୁ ବହୁବାର ଅନୁରୋଧ ସତ୍ତ୍ୱେ ତାହା କରାଯାଇ ନ ଥିଲା। ଦୁର୍ଘଟଣା ଘଟୁଥିବାରୁ ବଡ଼ଗାଁର ଠିକାଦାର କରୁଣାମୟ ପାଣିଗ୍ରାହୀ ସେହି ସ୍ଥାନରେ ନିଜ ପକ୍ଷରୁ ମାଟି ପକାଇଥିଲେ। ନିର୍ମାଣର ୪ ଦିନ ମଧ୍ୟରେ ରାସ୍ତା ଦବି ଖାଲ ହୋଇଥିଲେ ମଧ୍ୟ ଆଜିପର୍ଯ୍ୟନ୍ତ ସେହି ଅବସ୍ଥାରେ ରହିଛି। ଏଥିପ୍ରତି ଉଚ୍ଚ ଅଧିକାରୀ ଦୃଷ୍ଟି ଦେବାକୁ ଦାବି ହେଉଛି।

# ଗୋରୁ ଚାଲାଣକୁ ଭିଏଚ୍‌ପିର ବିରୋଧ

**ରାଉରକେଲା ଅଫିସ,୪।୬**

ସୁନ୍ଦରଗଡ଼ ଜିଲାରେ ବେଧଡ଼କ ଚାଲିଛି ଗୋରୁ ଚାଲାଣ। ପ୍ରଶାସନର ଅଣଦେଖା ଯୋଗୁ ଏଥିରେ ରୋକ୍ ଲଗାଯାଇ ପାରୁନି ବୋଲି ବିଶ୍ୱ ହିନ୍ଦୁ ପରିଷଦ ପଶ୍ଚିମ ଓଡ଼ିଶା ଧର୍ମ ପ୍ରଚାର ସମ୍ପାଦକ ଶାନ୍ତନୁ କୁସୁମ ଅଭିଯୋଗ କରିଛନ୍ତି। ସେ ଏକ ବିବୃତିରେ କହିଛନ୍ତି ଯେ ଜିଲାର ସର୍ଗିପାଲି ଓ ଶିକାଯୋରରେ ଗୋରୁ ବଜାର ଚାଲିଥିବାବେଳେ ବଣାଇଁ ଉପଖଣ୍ଡ ଗମଲେଇରେ ମଧ୍ୟ ଏକ ବଜାର ରହିଛି। କୃଷକଙ୍କ ଚାଷ ଉଦ୍ଦେଶ୍ୟରେ ବଳଦ କିଣାବିକା ପାଇଁ ଏମିତି କେତେକ ହାଟକୁ ସ୍ୱୀକୃତି ପ୍ରଦାନ କରାଯାଇଛି। ଯାହା ଆଜିକାଲି ଗୋ ଚାଲାଣରେ ସମ୍ପୃକ୍ତ ଦଲାଲଙ୍କ ଆଡ୍ଡାରେ ପରିଣତ ହୋଇଛି। ଚାଷ ଉଦ୍ଦେଶ୍ୟରେ ଗୋରୁ କିଣାବିକା ପରିବର୍ତ୍ତେ ଏଠାରୁ ରାଜ୍ୟ ବହାରକୁ ଗୋସମ୍ପଦ ଚାଲାଣ ହିଁ ମୁଖ୍ୟ ଉଦ୍ଦେଶ୍ୟ ପାଲଟିଛି। ରାଜ୍ୟ ବହାର କଂସେଇଖାନାକୁ ଏଠାରୁ ଗୋଚାଲାଣ କରାଯାଉଛି ବୋଲି କୁସୁମ ଅଭିଯୋଗ କରିଛନ୍ତି। ସର୍ଗିପାଲି ଗୋରୁ ହାଟରୁ ଲିପସପାଲି ଅଞ୍ଚଳ ସମେତ ହେମଗିର, ଡୁଡୁକା ଓ ଅଁଳାବାହାଲ ଦେଇ ଗୋଚାଲାଣ କରାଯାଉଛି। ଝାରସୁଗୁଡ଼ା ଜିଲା ଲଖନପୁର ଥାନା ଅନ୍ତର୍ଗତ କଦମଡିହିରୁ ଅଙ୍କେଲବିରା କନିକା, ଟାମ୍ପରଡିହି ଓ କନକତୋରା ଦେଇ ଗୋରୁ ଏଠାକୁ ଅଣାଯାଉଛି। ପରେ ଗୋରୁଙ୍କୁ ସର୍ଗିପାଲି ହାଟରୁ ଉଜ୍ଜ୍ୱଳପୁର, ମେଗଡେଗା କିଞ୍ଜିରକେଲା, ବାଲିଶଙ୍କରା, ବନଡେଗା ଦେଇ ଝାଡ଼ଖଣ୍ଡ ସୀମାନ୍ତକୁ ନିଆଯିବା ପରେ ସେଠାରୁ ଟ୍ରକ୍ ଯୋଗେ କୋଲକାତା କଂସେଇଖାନା ଚାଲାଣ କରାଯାଉଥିବା କୁସୁମ ଅଭିଯୋଗ କରିଛନ୍ତି। ଦୀର୍ଘବର୍ଷ ଧରି ସୁଚିନ୍ତିତ ଉପାୟରେ ଜିଲାରୁ ଗୋଚାଲାଣ କରାଯାଉଛି। ଏ ନେଇ ପ୍ରଶାସନ ପାଖରେ ଖବର ଅଛି କି ନାହିଁ ତାହା ସନ୍ଦେହ ସୃଷ୍ଟି କରିଛି। ସମାନ ଉପାୟରେ ଶିକାଯୋର ଅଞ୍ଚଳକୁ ଗୋରୁ ଆଣାଯାଉଛି। ଏହାକୁ ବନ୍ଧବାହାଲ ବାଲିଶଙ୍କରା, କିରାଲଗା, ଖଡକୁରବାହାଲ, ରାଏବଗା ଦେଇ ଝାଡ଼ଖଣ୍ଡ ସୀମାନ୍ତରେ ପହଞ୍ଚାଯିବା ପରେ ଏହି ଗାଡ଼ି କୋଲକାତା ପଠାଯାଉଛି। ଅନୁରୂପ ଭାବେ ଗମଲେଇ ହାଟରୁ ରାଜାମୁଣ୍ଡା, ଚାନ୍ଦିପୋଷ, ଲାଠିକଟା, ବିଶ୍ରା ରାସ୍ତା ଦେଇ ଗୋରୁ କୋଲକାତା ଚାଲାଣ କରାଯାଉଛି। ଏତିକି ନୁହେଁ, କୁଚିଣ୍ଡାରୁ ଜର୍ଡା, କଂସର, କୁଣ୍ଢେଇଡିହା, ଗୁରୁଣ୍ଡିଆ, ନରେନ୍ଦ୍ର ଦେଇ ଗୋରୁ ଅଣାଯିବା ପରେ ଦେବଗଡ଼ ରାସ୍ତାରେ ବାରକୋଟ, ଟିକାୟତପାଲି, କେନାଭେଟା ଓ ନରେନ୍ଦ୍ର ଦେଇ ଚାଲାଣ କରାଯାଉଛି। ଗୋଚାଲାଣ ନେଇ ଏଭଳି ଏକ ଦୀର୍ଘ ମାନଚିତ୍ର ପ୍ରସ୍ତୁତ କରାଯାଇଥିବା ବେଳେ ବିଭାଗୀୟ ଅଧିକାରୀ କିପରି ସୂଚନା ପାଉନାହାନ୍ତି ତାହା ବିଭିନ୍ନ ମହଲରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହି କାରଣରୁ ଜିଲାରେ ଦିନକୁ ଦିନ ଗୋସମ୍ପଦ କମିବାରେ ଲାଗିଛି। ଚାଷ ପାଇଁ ଆବଶ୍ୟକ ସଂଖ୍ୟକ ଗୋରୁ ଅଭାବ ଦେଖାଦେଲାଣି। ଆଦିବାସୀବହୁଳ ସୁନ୍ଦରଗଡ଼ ଜିଲାର ନିରୀହ ଚାଷୀ ଏଭଳି ଷଡ଼ଯନ୍ତ୍ର ସମ୍ପର୍କରେ ସମ୍ପୂର୍ଣ୍ଣ ଅଜ୍ଞ ଥିବାବେଳେ ଏ ନେଇ ସଚେତନତା ସୃଷ୍ଟି କରାଯାଉନି। ପଶୁ କ୍ରୁରତା ନେଇ ସ୍ୱତନ୍ତ୍ର ଆଇନ ରହିଛି। ଏହାକୁ ଖୋଲାଖୋଲି ଉଲ୍ଲଂଘନ କରାଯାଇ ଗୋରୁ ଖୁରାରେ ଅତି ନିଷ୍ଠୁର ଭାବେ ଲୁହା ଢାଲ ପିଟାଯାଉଛି। ଏମାନେ ଯେଭଳି ଚାଲି ଚାଲି ଦୀର୍ଘ ପଥ ଅତିକ୍ରମ କରିପାରିବେ ସେ ନେଇ ଏହି ପଦକ୍ଷେପ ନିଆଯାଉଛି। ଗୋରୁ ହାଟଗୁଡ଼ିକରେ ଡାକ୍ତରୀ ପରୀକ୍ଷା କରାଯାଉନି। ହାଟ ବଜାରରେ ଗୋରୁଙ୍କ ମାନ ପରୀକ୍ଷା ନେଇ ଚାବୁକ ଓ ବାଡ଼ିରେ ପ୍ରହାର କରାଯାଉଛି। ଯାହା ଅତ୍ୟନ୍ତ ଅମାନବୀୟ। ଆବଶ୍ୟକ ଚିକିତ୍ସା ଅଭାବରୁ ସଂଖ୍ୟାବହୁଳ ଗୋରୁ ରୋଗାକ୍ରାନ୍ତ ବୋଲି କୁସୁମ ଅଭିଯୋଗ କରିଛନ୍ତି। ପ୍ରବଳ ଖରା ତାତିରେ ଗୋରୁଙ୍କୁ ଦିନତମାମ ଅଖିଆ ଅପିଆ ବିକ୍ରି ଉଦ୍ଦେଶ୍ୟରେ ନିଷ୍ଠୁରତା ପ୍ରଦର୍ଶନ କରାଯାଉଛି। ଅନେକ ବୁଲା ଗାଈ ପାଣି ଅଭାବରୁ ତହଳବିକଳ ହେଉଛନ୍ତି। ଏ ଦିଗରେ ପ୍ରଶାସନ ଦୃଢ଼ ପଦକ୍ଷେପ ନେବାକୁ କୁସୁମ ଦାବି କରିଛନ୍ତି।



ଚାଲାଣ ଉଦ୍ଦେଶ୍ୟରେ ତାଠିକଟା ଅଞ୍ଚଳରୁ ଗୋରୁପଲଙ୍କୁ ଅଣାଯାଉଛି।



ଯଓ୍ବାନ ଓ କିଷାନର ଜୟ୍ ହିଁ ଦେଶ ଓ ଜାତିର ଜୟ୍।
- ଲାଲବାହାଦୁର ଶାସ୍ତ୍ରୀ



## ସଂକ୍ଷେପରେ

### ଶ୍ରବଣବାଧିତଙ୍କୁ ଶ୍ରବଣଯନ୍ତ୍ର ପ୍ରଦାନ

ଅତାବିରା, ୪।୬ (ଡି.ଏନ.ଏ): ବରଗଡ ଜିଲା ଭେଡେନ ଅଞ୍ଚଳର ଶ୍ରବଣବାଧିତମାନଙ୍କୁ ଶ୍ରବଣଯନ୍ତ୍ର ପ୍ରଦାନ କରାଯାଉଛି। ଗ୍ରାମାଞ୍ଚଳର ଗରୀବ ପରିବାର ସଦସ୍ୟମାନେ ଶ୍ରବଣଶକ୍ତି ହରାଇଥିଲେ ସେମାନଙ୍କୁ ଶ୍ରବଣଯନ୍ତ୍ର ପ୍ରଦାନ ଆରମ୍ଭ ହୋଇଛି । ଏହି ଅବସରରେ ଆଖିଫୁଟା ଗ୍ରାମର ଚନ୍ଦ୍ରମଣି କୁମାରଙ୍କୁ ଶ୍ରବଣ ଯନ୍ତ୍ର ପ୍ରଦାନ କରାଯାଇଥିଲା। ଏହି ସମୟରେ ବିଡିଓ ମୁରଲିଧର ନାୟକ, ମୀନକେତନ ମେହେର ଓ ପଶ୍ଚିମ ଓଡିଶା ଟ୍ରାଫିକ ସଚେତନା ସଂଯୋଜକ ପଦ୍ମଲୋଚନ ଭୋଗାସାଗର ଉପସ୍ଥିତ ଥିଲେ ।

### ପରିତ୍ୟକ୍ତ ପଞ୍ଚାୟତ କୂଅ ମରାମତି ଦାବି

ଅତାବିରା, ୪।୬ (ଡି.ଏନ.ଏ): ବରଗଡ଼ ଜିଲା ଭେଡେନ ବ୍ଲକ ଦେଶଭଟିଲି ପଞ୍ଚାୟତର ଉଦେପୁର ଛକ ରାସ୍ତା କଡରେ ଦୀର୍ଘ ବର୍ଷହେଲା ପଞ୍ଚାୟତର ଏକ କୂଅ ପରିତ୍ୟକ୍ତ ଅବସ୍ଥାରେ ପଡିଥିଲେ ମଧ କାହାରି ଦୃଷ୍ଟିକୁ ଆସୁନି । ରାସ୍ତାକଡରେ କୂଅ ଥିବାରୁ ସ୍କୁଲ, କଲେଜ ଛାତ୍ରୀଛାତ୍ର, ବାଟୋଇ, ଛେଳି, ମେଣ୍ଢା, ଗାଈଗୋରୁ କୂଅରେ ପଡିଯିବା ଆଶଙ୍କା ରହିଛି । ଏଣୁ କୂଅର ଚାନ୍ଦିନୀ କରିବା ସହିତ ପଙ୍କୋଉଦ୍ଧାର କରିବାକୁ ପିଣ୍ଟୁ ପଶାୟତ, ସାନନ୍ଦ ସେଣ, ହରିହର ଦନ୍ତା ଦାବି କରିଛନ୍ତି ।





ଅତାବିରା ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ ଧାରଣାରତ ଚାଷୀଙ୍କ ସହିତ ଆଲୋଚନା କରୁଛନ୍ତି (ବାମ)। ବରଗଡ଼ ଲୋକସଭା ସଦସ୍ୟ ସୁରେଶ ପୂଜାରୀ ଚାଷୀଙ୍କ ସହିତ ଧାରଣାରେ ସାମିଲ ହୋଇଛନ୍ତି ।

■ ମଣ୍ଡିରୁ ଉଠୁନି ଧାନ, ତେଜିଲା ଆନ୍ଦୋଳନ

# ଧାରଣାରେ ବସିଲେ ଚାଷୀ

■ ଖୋଲା ଆକାଶତଳେ ଧାନ
■ ଚାଷୀଙ୍କୁ କାଳବୈଶାଖୀ ଚିନ୍ତା
■ ମିଲର୍ସ, ବେପାରୀଙ୍କ ଫାଇଦା
■ ଚଳଚଞ୍ଚଳ ହେଲେ ନେତା

ବରଗଡ଼ ଅଫିସ୍/ସରଣ୍ଡା,୪।୬

ବରଗଡ଼ ଜିଲାରେ ରବିରବୁ ଧାନ ସଂଗ୍ରହ ପ୍ରକ୍ରିୟାକୁ ଆଉ ସପ୍ତାହକ ପରେ ମାସେ ପୂରିବ । ହେଲେ ଧାନ କିଣାବିକାରେ ଏଯାଏ ସୁଧାର ଆସିନାହିଁ। ମଣ୍ଡିକୁ ଧାନ ଆସୁଛି, ମାତ୍ର ଠିକ୍ ଭାବେ ତାହା ଉଠୁନାହିଁ । ଫଳରେ ମଣ୍ଡି ଗୁଡ଼ିକରେ ବହୁ ପରିମାଣରେ ଧାନ ଖୋଲା ଆକାଶତଳେ ପଡ଼ି ରହିଛି । ଏଥିପାଇଁ ଖରାତାତିରେ ଚାଷୀଙ୍କୁ ଧାନ ଜଗିବାକୁ ପଡୁଥିବାବେଳେ ଅମଳ କାର୍ଯ୍ୟରେ ନିୟୋଜିତ ଶ୍ରମିକଙ୍କ ପ୍ରାପ୍ୟ ଦେବା ପାଇଁ ମଧ୍ୟ ଚାଷୀମାନଙ୍କୁ ହଟହଟା ହେବାକୁ ପଡୁଛି । ସେହିପରି ଚାଷୀଙ୍କୁ କାଳବୈଶାଖୀ ଚିନ୍ତା ଘାରିଛି। କାଳବୈଶାଖୀ ପ୍ରଭାବରେ କେତେକ ସ୍ଥାନରେ ଧାନ ଭିଜି ଯାଇଥିବାବେଳେ ତାହା ଶୁଖାଇବା ପାଇଁ ଚାଷୀଙ୍କୁ ପୁଣି ପରିଶ୍ରମ କରିବାକୁ ପଡୁଛି । ଅପରପକ୍ଷେ ସାମାନ୍ୟ ବର୍ଷା ହେଲେ ମଧ୍ୟ ମିଲର୍ସ, ବେପାରୀଙ୍କ କଟନୀ ଛଟନୀ ପ୍ରକ୍ରିୟା ଆରମ୍ଭ ହୋଇ ଯାଉଛି। ଏଥିପାଇଁ ଚାଷୀଙ୍କୁ ବହୁ କ୍ଷତି ସହିବାକୁ ପଡୁଛି। ଏହାକୁ ନେଇ ଚାଷୀ ଅସନ୍ତୋଷ ବଢ଼ିବାରେ ଲାଗିଛି ଏବଂ ଏହି ଅସନ୍ତୋଷ ଆନ୍ଦୋଳନ ରୂପ ନେଇଛି ।

ଏହି କ୍ରମରେ ମଙ୍ଗଳବାର ରାଜ୍ୟ କୃଷକ ସଙ୍ଗଠନ ଆନ୍ଦୋଳନକୁ ଓହ୍ଲାଇଛି । ମଣ୍ଡିରୁ ଧାନ ଉଠା ନ ଯିବା ପ୍ରତିବାଦରେ ସଙ୍ଗଠନର କର୍ମକର୍ତ୍ତାଙ୍କ ନେତୃତ୍ୱରେ ବହୁ ଚାଷୀ ଅତାବିରା ନିୟନ୍ତ୍ରିତ ବଜାର କମିଟି (ଆରଏମସି) କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଛନ୍ତି । ଅତାବିରା ତହସିଲଦାର ହୃଦାନନ୍ଦ ଅଡ଼ା ଧାରଣାସ୍ଥଳକୁ ପହଞ୍ଚି ଚାଷୀଙ୍କ ସହିତ ଆଲୋଚନା କରିଥିଲେ। ମାତ୍ର ଧାରଣା ଦେଇଥିବା ଚାଷୀମାନେ ସେଥିରେ ସନ୍ତୁଷ୍ଟ ହୋଇ ନ ଥିଲେ ଏବଂ ଧାନ ନ ଉଠିବା ପର୍ଯ୍ୟନ୍ତ ସେମାନେ ଧାରଣାରୁ ଉଠିବେ ନାହିଁ ବୋଲି ଚେତାବନୀ ଦେଇଥିଲେ । ବରଗଡ଼ର ଅତିରିକ୍ତ ସହକାରୀ ସମବାୟ ନିବନ୍ଧକ ଶରତ ଚନ୍ଦ୍ର ପାଣିଗ୍ରାହୀ ଧାରଣାସ୍ଥଳକୁ ପହଞ୍ଚି ଚାଷୀମାନଙ୍କ ସହିତ ଆଲୋଚନା କରିଥିଲେ । ଆସନ୍ତା ୨ଦିନ ମଧ୍ୟରେ ସବୁଧାନ ଉଠାଯିବ ବୋଲି ସେ କହିଥିଲେ । ଏହାପରେ ଚାଷୀମାନେ ଧାରଣାରୁ ଓହରିଥିଲେ ।

ଅନ୍ୟପକ୍ଷେ ଧାନ ଉଠା ନ ଯିବା ଘଟଣାକୁ ନେଇ ରାଜନେତାମାନେ ମଧ୍ୟ ଚଳଚଞ୍ଚଳ ହୋଇପଡିଛନ୍ତି । ବରଗଡ଼ ଏମ୍‌ପି ସୁରେଶ ପୂଜାରୀ ଧାରଣାରେ ସାମିଲ ହୋଇଥିଲେ। ମଣ୍ଡିରୁ ଧାନ ଉଠା ନ ଯିବା ଏବଂ ଦୀର୍ଘଦିନ ଧରି ତାହା ଖୋଲା ଆକାଶତଳେ ପଡ଼ି ରହିବା ଘଟଣାରୁ ଧାନ କିଣାବିକାରେ ରାଜ୍ୟ ସରକାରଙ୍କ ଅପାରଗତା ପଦାରେ ପଡ଼ି ଯାଇଛି ବୋଲି ପୂଜାରୀ କହିଥିଲେ । ସେହିପରି ଅତାବିରା ବିଧାୟିକା ତଥା ପୂର୍ବତନ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ ମଧ୍ୟ ଧାରଣାସ୍ଥଳକୁ ପହଞ୍ଚି ଚାଷୀଙ୍କ ସହିତ ଆଲୋଚନା କରିଥିଲେ । ଧାରଣାରେ ରାଜ୍ୟ କୃଷକ ସଙ୍ଗଠନ ଅତାବିରା ଶାଖାର କୌସ୍ତୁଭ ପ୍ରଧାନ, ରବିନ୍ଦ୍ର ବିଶି, ଖମଣି ମହାକୁର, ଦୟାସାଗର ମେଣ୍ଡଲୀ, ଭୀଷ୍ମଦେବ ପଣ୍ଡା, ବୁଦ୍ଧଦେବ ନନ୍ଦ ପ୍ରମୁଖ ସାମିଲ ହୋଇଥିଲେ । ସେହିପରି ଭାଜପା ନେତା ଅଶ୍ୱିନୀ ଷଡ଼ଙ୍ଗୀ, ଡା. ଅରୂପାନନ୍ଦ ସାହୁ, ଉର୍କୁଲୁ ତାଣ୍ଡି, ସୁଶାନ୍ତ ମିଶ୍ର, ବିଜେଡ଼ି ନେତା ମଣ୍ଟୁ ପଣ୍ଡା, ଜିତେନ୍ଦ୍ର ଦାଶ ପ୍ରମୁଖ ଉପସ୍ଥିତ ଥିଲେ ।

### ଚାଷୀଙ୍କ ଧାରଣା ପ୍ରତ୍ୟାହୃତ

ପାଇକମାଳ, ୪।୬ (ଡି.ଏନ.ଏ)

ବରଗଡ ଜିଲା ପାଇକମାଳ ବ୍ଲକ ଜାମସେଠ ସେବା ସମବାୟ ପରିସରରେ ୪ଦିନ ଧରି ଚାଲିଥିବା ଚାଷୀମାନଙ୍କ ଧାରଣା ମଙ୍ଗଳବାର ପ୍ରତ୍ୟାହୃତ ହୋଇଯାଇଛି। ପ୍ରକାଶଥାଉକି, ମାଣ୍ଡୋସିଲ ଆଞ୍ଚଳିକ କୃଷକ ମହାସଂଘ ତରଫରୁ ୧୦ଟି ପଞ୍ଚାୟତର ଚାଷୀମାନେ ତିନି ଦଫା ଦାବି ପୂରଣ ନେଇ ଧାରଣାରେ ବସିଥିଲେ। ଋଣ କରିବା ସମୟରେ ଚାଷୀମାନେ ଅରିଜିନାଲ ପଟ୍ଟା ନ ଦେଇ ନେଟ୍ ପଟ୍ଟା ଦେବା, ଏକ ଲକ୍ଷରୁ ଉର୍ଦ୍ଧ୍ୱ ଋଣ କରୁଥିବା ଚାଷୀ ଉପଯୁକ୍ତ ସିଡ୍ୟୁଲ ସି ଫର୍ମ ପୂରଣ କରି ଦେଉଥିଲେ ମଧ ସେମାନଙ୍କୁ ବାରମ୍ବାର ତହସିଲ ଅଫିସକୁ ପଠାଇ ହଇରାଣ ନ କରିବା ଓ ଜଳ ସେଚିତ ତଥା ଅଣଜଳସେଚିତ ଅଞ୍ଚଳର ସମସ୍ତ କିସମ ଚାଷ ଜମି ଉପରେ ଋଣ ଦିଆଯିବା ଓ ଆଟ କିସମର ଜମି ଉପରେ ଋଣ ନେଲେ ସେଥିରେ ମଧ ବୀମା ପ୍ରଦାନ କରାଯିବା ପାଇଁ ଚାଷୀମାନେ ଦାବି କରିଥିଲେ । ପଦ୍ମପୁର ଏସଆରସିଏସ ବିଭୂତି ଭୂଷଣ ପାଣିଗ୍ରାହୀ ଓ ଜାମସେଠ ସେବା ସମବାୟ ସମିତିର ସମ୍ପାଦକ ଦାମୋଦର ରଣା ଘଟଣାସ୍ଥଳକୁ ପହଞ୍ଚି ଚାଷୀମାନଙ୍କ ସହ ଆଲୋଚନା କରଥିଲେ। ଅଧିକାରୀମାନେ ସମସ୍ତ ଦାବି ପୂରଣ କରାଯିବା ପାଇଁ ପ୍ରତିଶ୍ରୁତି ଦେବା ପରେ ଚାଷୀମାନେ ଧାରଣାରୁ ଉଠିଥିଲେ ।

■ ନିଖୋଜ ଯୁବକଙ୍କ ଗଳିତ ମୃତଦେହ ଚିହ୍ନଟ

## ଅଭିଯୁକ୍ତଙ୍କୁ ଗିରଫ ଦାବିରେ ବିକ୍ଷୋଭ ପ୍ରଦର୍ଶନ

ବିଜେପୁର, ୪।୬ (ଡି.ଏନ.ଏ)

ବରଗଡ ଜିଲା ବିଜେପୁର ଥାନା ଅନ୍ତର୍ଗତ ଲାଉମୁଣ୍ଡା ଗ୍ରାମରେ ଦୀର୍ଘଦିନରୁ ନିଖୋଜ ଥିବା ଜଣେ ଯୁବକଙ୍କ ଗଳିତ ଶବ ସାତବନ୍ଧ ନିକଟସ୍ଥ ଏକ ନାଳ ପାର୍ଶ୍ୱ ଗଛରେ ଝୁଲୁଛି । ଉକ୍ତ ଯୁବକ ଜଣକ ହେଲେ ସୁପାଲ ଭୋଇ (୩୮) । ଏହି ଘଟଣା ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଛି । ଉକ୍ତ ଯୁବକଙ୍କୁ ହତ୍ୟା କରି ଗଛରେ ଝୁଲାଇ ଦିଆଯାଇଥିବା ମୃତକଙ୍କ ପରିବାର ଲୋକ ଅଭିଯୋଗ କରିଛନ୍ତି । ତେଣୁ ଅଭିଯୁକ୍ତମାନଙ୍କୁ ଗିରଫ ନ କରିବା ପର୍ଯ୍ୟନ୍ତ ମୃତଦେହକୁ ଗଛରୁ ତଳକୁ ନ ଆଣିବାକୁ ପରିବାର ତଥା ସ୍ଥାନୀୟ ଲୋକେ ଅଡିବସିଛନ୍ତି । ଖବର ପାଇ ପଦ୍ମପୁର ଏସଡିପିଓ ପି.କେ. ସାହୁ, ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ତହସିଲଦାର ପଦ୍ମନାଭ ସାମନ୍ତରାୟ, ଥାନା ଆଇଆଇସି ରାଜେନ୍ଦ୍ର ସିଆଲ ପ୍ରମୁଖ ଘଟଣାସ୍ଥଳକୁ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଛନ୍ତି । ଖବର ଲେଖାହେବା ସୁଦ୍ଧା (ସାଢ଼େ ୭ଟା) କୌଣସି ସମାଧାନ ହୋଇପାରି ନ ଥିଲା । ଶାନ୍ତିଶୃଙ୍ଖଳା ଦୃଷ୍ଟିରୁ ଉକ୍ତ ଗ୍ରାମରେ ଏକ ପ୍ଲାଟୁନ ଫୋର୍ସ ନିୟୋଜିତ ହୋଇଛନ୍ତି । ମିଳିଥିବା ସୂଚନା ମୁତାବକ, ଗତ ଏପ୍ରିଲ ୨୧ତାରିଖରେ ସୁପାଲ ଗ୍ରାମରେ ବିଦ୍ୟୁତ ମରାମତି କାମ କରୁଥିଲେ । ଏହି ସମୟରେ ଦୁଇଜଣ ଯୁବକ ସୁପାଲଙ୍କୁ ଏକ ଘର ଭିତରକୁ ଡାକି ନେଇ ପ୍ରବଳ ମାଡ ମାରିଥିଲେ । ତେଣୁ ତାଙ୍କ ମାନସିକ ସ୍ଥିତି ଠିକ୍ ନ ଥିଲା । ଏପ୍ରିଲ ୨୯ରେ ସେ ଘରୁ କାମ କରିବାକୁ ଯାଇ ଫେରି ନ ଥିଲେ । ବହୁ ଖୋଜାଖୋଜି କଲା ପରେ ମଧ ତାଙ୍କ ସନ୍ଧାନ ମିଳିପାରି ନ ଥିଲା । ଫଳରେ ମେ ୭ରେ ସୁପାଲଙ୍କ ସ୍ତ୍ରୀ ବାସନ୍ତୀ ଭୋଇ ବିଜେପୁର ଥାନାରେ ଏତଲା ଦେଇଥିଲେ । ତେବେ ପୋଲିସ ଘଟଣାକୁ ଗୁରୁତ୍ୱ ନ ଦେବାରୁ ଏଭଳି ଅଘଟଣ ଘଟିଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି ।

## ଟାର୍ଗେଟ ଆସିଲା, ମଣ୍ଡିରୁ ଧାନ ଉଠିଲା

ଅତାବିରା, ୪।୬ (ଡି.ଏନ.ଏ)



ଅତାବିରା ଆର୍‌ଏମ୍‌ସି ଅଧୀନ ମଣ୍ଡିରୁ ମଙ୍ଗଳବାର ଧାନ ଉଠାଯାଉଛି।

ବର୍ଷାରେ ଭିଜିଲା ଧାନ, ବିକ୍ରି ହୋଇ ନ ପାରି ମଣ୍ଡିରେ ପଡିଛି ଧାନ ବସ୍ତା ଶୀର୍ଷକ ଖବର ପ୍ରକାଶ ପାଇବା ପରେ ବରଗଡ ଜିଲା ଅତାବିରା ଆରଏମସି କର୍ମଚାରୀମାନେ ତତ୍ପର ହୋଇପଡିଛନ୍ତି। ମଙ୍ଗଳବାର ଏହି ଆରଏମସି ଅଧୀନ ବିଭିନ୍ନ ମଣ୍ଡିରୁ ଧାନ ଉଠାଣ ତ୍ୱରାନ୍ୱିତ ହୋଇଛି । ପ୍ରକାଶ ଯେ, ମିଲର୍ସମାନଙ୍କ ପାଇଁ ଟାର୍ଗେଟ ଆସୁ ନ ଥିବାରୁ ଦୁଇ ଲକ୍ଷରୁ ଉର୍ଦ୍ଧ୍ୱ ଧାନବସ୍ତା ମଣ୍ଡି ଗୁଡିକରେ ବିକ୍ରି ହୋଇ ନ ପାରି ଖୋଲା ଆକାଶ ତଳେ ପଡି ରହିଥିଲା । କେତେକ ମଣ୍ଡିରେ ଧାନକୁ ତାରପୋଲିନ ଘୋଡାଇ ରଖାଯାଇଥିଲା । ଅତାବିରା ଆରଏମସିର ବିଭିନ୍ନ ମାର୍କେଟ ୟାର୍ଡ ଗୁଡିକରୁ ପ୍ୟାକ୍ସ ୧୮ ଲକ୍ଷ କୁଇଣ୍ଟାଲ ଧାନ କିଣିଛି । ତଥାପି ମଣ୍ଡି ଗୁଡିକରେ ଦେଢ଼ଲକ୍ଷ କୁଇଣ୍ଟାଲ ଧାନ ବିକ୍ରି ନ ହୋଇ ପଡିରହିଛି । କାଳ ବୈଶାଖୀ ଯୋଗୁ ଚାଷୀମାନେ ଆତଙ୍କିତ ହୋଇ ପଡିଛନ୍ତି । ସେପଟେ ଧାନ କିଣାବିକା ସମ୍ପର୍କିତ ଖବର ପ୍ରକାଶ ପାଇବା ପରେ ସ୍ଥାନୀୟ ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ, ଏମ୍‌ପି ସୁରେଶ ପୂଜାରୀ ଓ ଚାଷୀନେତା ଟିକିଲାଲ ମିଶ୍ର ମଙ୍ଗଳବାର ଅତାବିରା, ଗୋଡଭଗା, ଲରମ୍ବା, କାଦୋବାହାଲ ଆଦି ମଣ୍ଡିକୁ ଯାଇ ଚାଷୀମାନଙ୍କ ସୁବିଧା ଅସୁବିଧା ପଚାରି ବୁଝିଛନ୍ତି । ଏମ୍‌ପି ପୂଜାରୀ ଅତାବିରା ଆରଏମସି ସମ୍ପାଦକ ବିଶ୍ୱଜିତ ବାରିକଙ୍କୁ ଭେଟି ଧାନ ଉଠାଣ ତ୍ୱରାନ୍ୱିତ କରିବାକୁ ପରାମର୍ଶ ଦେଇଥିଲେ ଏବଂ ଫୋନ ଯୋଗେ ଜିଲାପାଳଙ୍କ ସହ ଧାନ ଉଠାଣ ବିଷୟରେ କଥା ହୋଇଥିଲେ ।

## ଶ୍ରୀଲଙ୍କା ବିଜୟୀ

**କାର୍ଡିଫ,୪।୬(ଏଏଫପି):** ଚଳିତ ଆଇସିସି ବିଶ୍ୱକପ୍ ଦ୍ୱାଦଶ ସଂସ୍କରଣର ବର୍ଷା ବାଧାପ୍ରାପ୍ତ ସପ୍ତମ ମ୍ୟାଚ୍‌ରେ ଶ୍ରୀଲଙ୍କା ଡକ୍‌ୱର୍ଥ/ ଲୁଇସ୍ ନିୟମରେ ୩୪ ରନରେ ଆଫଗାନିସ୍ତାନକୁ ପରାସ୍ତ କରିଛି। ସ୍ଥାନୀୟ ସୋଫିଆ ଗାର୍ଡେନ୍ସରେ ମଙ୍ଗଳବାର ଖେଳାଯାଇଥିବା ଲୋ- ସ୍କୋରିଂ ମ୍ୟାଚ୍‌ରେ ଟସ୍ ଜିତି ଆଫଗାନିସ୍ତାନ ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଥିଲା। ପ୍ରଥମ ବ୍ୟାଟିଂ କରି ଶ୍ରୀଲଙ୍କା ୩୬.୫ ଓଭରରେ ୨୦୧ ରନ କରି ଅଲଆଉଟ ହୋଇଥିଲା। ବର୍ଷା ଯୋଗୁ ମ୍ୟାଚ୍ ବାଧାପ୍ରାପ୍ତ ହେବା ଫଳରେ ଆଫଗାନିସ୍ତାନ ସମ୍ମୁଖରେ ୪୧ ଓଭରରେ ପୁନଃନିର୍ଦ୍ଧାରିତ ୧୮୭ ରନର ଟାର୍ଗେଟ ଧାର୍ଯ୍ୟ କରାଯାଇଥିଲା। ଜବାବରେ ଆଫଗାନିସ୍ତାନ ୩୨.୪ ଓଭରରେ ମାତ୍ର ୧୫୨ ରନକରି ଅଲଆଉଟ ହୋଇଯାଇଥିଲା। ଆଫଗାନିସ୍ତାନ ତରଫରୁ ନାଜିବୁଲ୍ଲା ଜଦ୍ରାନ ସର୍ବାଧିକ ୪୩, ହଜରତୁଲ୍ଲା ଜାଜାଇ ୩୦, ଅଧିନାୟକ ଗୁଲବଦିନ ନାଇବ ୨୩ ରନ କରି ଆଉଟ ହୋଇଥିବା ବେଳେ ଅନ୍ୟମାନେ ଦୁଇଅଙ୍କ ଛୁଇଁ ପାରି ନ ଥିଲେ। ବୋଲିଂରେ ଶ୍ରୀଲଙ୍କାର ନୁଆନ ପ୍ରଦୀପ ସର୍ବାଧିକ ୪, ଲସିଥ୍ ମାଲିଙ୍ଗା ୩, ଇସୁରୁ ଉଡାନା ଓ ଥିସାରା ପେରେରା ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ଟୁର୍ନାମେଣ୍ଟରେ ଶ୍ରୀଲଙ୍କା ପ୍ରଥମ ବିଜୟ ହାସଲ କରିଥିବାବେଳେ ଆଫଗାନିସ୍ତାନ କ୍ରମାଗତ ଦ୍ୱିତୀୟ ପରାଜୟ ବରଣ କରିଛି। ଶ୍ରୀଲଙ୍କା ଏକଦା ବିନାକ୍ଷତିରେ ୯୨ ରନ ସଂଗ୍ରହ କରି ଭଲ ଆରମ୍ଭ କରିଥିଲେ ମଧ ମିଡଲ ଅର୍ଡର ବ୍ୟାଟ୍ସମ୍ୟାନ ଓ ଟେଲ ଏଣ୍ଡରଙ୍କ ବିଫଳତା ଯୋଗୁ ବଡ଼ ସ୍କୋର କରିପାରି ନ ଥିଲା। ଓପନର କୁଶଲ ପେରେରା ସର୍ବାଧିକ ୭୮, ଅଧିନାୟକ ଦିମୁଥ କରୁଣାରତ୍ନେ ୩୦ ରନ କରି ଦଳକୁ ଭଲ ଆରମ୍ଭ ପ୍ରଦାନ କରିଥିଲେ। ପ୍ରଥମ ଉଇକେଟ ଯୋଡିରେ ଏହି ଦୁଇ ବ୍ୟାଟ୍ସମ୍ୟାନ ୯୨ ରନ ସଂଗ୍ରହ କରିଥିଲେ। ୬ ବ୍ୟାଟ୍ସମ୍ୟାନ ଦୁଇ ଅଙ୍କ ଛୁଇଁ ପାରି ନ ଥିଲେ। ବୋଲିଂରେ ଆଫଗାନିସ୍ତାନ ତରଫରୁ ଅଫ୍‌ସ୍ପିନର ମହମ୍ମଦ ନବୀ ସର୍ବାଧିକ ୪, ଦଲତ ଜଦ୍ରାନ ଓ ରସିଦ୍ ଖାଁ ଦୁଇଟି ଲେଖାଏ, ହମିଦ ହାସନ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ।

**ସଂକ୍ଷିପ୍ତ ସ୍କୋର**

ଶ୍ରୀଲଙ୍କା ୩୬.୫ ଓଭରରେ ୨୦୧ ଅଲଆଉଟ (କୁଶଲ ପେରେରା- ୭୮, କରୁଣାରତ୍ନେ- ୩୦, ଥିରିମାନେ- ୨୫, ନବି- ୪/୩୦, ଜଦ୍ରାନ- ୨/୩୪, ରସିଦ- ୨/୧୭)।

ଆଫଗାନିସ୍ତାନ ୩୨.୪ ଓଭରରେ ୧୫୨ ଅଲଆଉଟ୍ (ଜଦ୍ରାନ- ୪୩, ଜାଜାଇ- ୩୦, ଗୁଲବଦିନ- ୨୩, ପ୍ରଦୀପ- ୪/୩୧, ମାଲିଙ୍ଗା- ୩/୩୯)।

■ ବରପାଲି ଶୀତଳଷଷ୍ଠୀ ଯାତ୍ରାର ଦ୍ୱିତୀୟ ଦିବସ

## କପିଳେଶ୍ୱର ବାବାଙ୍କ ପତରପେଁଡି ସମ୍ପନ୍ନ

ବରପାଲି, ୪।୬ (ଡି.ଏନ.ଏ)

ଦେବାଧି ଦେବ ବାବା କପିଳେଶ୍ୱର ଓ ଗିରିରାଜ ନନ୍ଦିନୀ ପାର୍ବତୀଙ୍କୁ ନେଇ ଲୋକାଚାର ନୀତିରେ ପତରପେଡିଁ (ନିର୍ବନ୍ଧ) ମଙ୍ଗଳବାର ସନ୍ଧ୍ୟାରେ ସମ୍ପନ୍ନ ହୋଇଛି । ସକାଳେ ଶିବପାର୍ବତୀ ଓ ନଟରାଜଙ୍କ ସ୍ନାନ ପରେ ଶତଆରତୀ ଅର୍ପଣ କରି ମଧାହ୍ନରେ ଅମୃତ ମଣୋହୀ ଭୋଗ ଅର୍ପଣ କରାଯାଇଥିଲା । ପରେ ବାବା କପିଳେଶ୍ୱରଙ୍କ ପାଇଁ କନ୍ୟା ମନୋନୟନ ଶୋଭାଯାତ୍ରା ଭଣ୍ଡାରଗୃହରୁ ବାହାରି ସହର ପରିକ୍ରମା କରିଥିଲା । ବାବାଙ୍କ ପକ୍ଷରୁ ଶୋଭାଯାତ୍ରାକାରୀ ଦଳ ଏକ ଭବ୍ୟ ପରିବେଶ ମଧରେ ଘଣ୍ଟ, ଶଙ୍ଖ, ବାଦ୍ୟ ସହ ଫଳମୂଳ ଧରି କନ୍ୟା ଅନ୍ୱେଷଣରେ ଯାଇ କୁଷ୍ଠାପଡା ସ୍ଥିତ ହିମାଦ୍ରିନଗରକୁ ପହଞ୍ଚିଥିଲେ । ସେଠାରେ ବରପକ୍ଷ ଓ କନ୍ୟାପକ୍ଷ ମଧରେ ବେଶ୍ କୌତୁକିଆ କଥୋପକଥନ ଚାଲିଥିଲା । ସେଥିରେ କନ୍ୟା ପକ୍ଷ ରାଜି ହୋଇ ବିବାହ ପାଇଁ ପ୍ରସ୍ତାବ ଦେବା ପରେ ନିର୍ବନ୍ଧ କାର୍ଯ୍ୟ ସମାପନ ହୋଇଥିଲା । ଏହି ଅବସରରେ ହିମାଦ୍ରିନଗରବାସୀ ମହିଳାମାନଙ୍କ ମଧରେ ବେଶ୍ ଉତ୍ସାହ ଦେଖାଯାଇଥିଲ।। ଏଥିରେ କନ୍ୟା ମାତାପିତା ଭାବେ ରେଖା ମେହେର ଓ ବନମାଳି ମେହେର ରହିଥିଲେ । ସେହିପରି ରୁଦ୍ରଯଜ୍ଞର ଦ୍ୱିତୀୟ ଦିନରେ ଯଜ୍ଞ ମଣ୍ଡପରେ ବେଦମନ୍ତ୍ର ଦ୍ୱାରା ସହର ଉତ୍ସବମୁଖର ହୋଇଉଠିଛି। ମଙ୍ଗଳବାର ରାତିରେ ତାରକାସୁରର ଦିଗ୍‌ବିଜୟ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା । ଏହା ଦେଖିବାକୁ ପ୍ରବଳ ଜନସମାଗମ ହୋଇଥିଲା। ବୁଧବାର ତୃତୀୟ ଦିବସରେ ଦେବ ନିମନ୍ତ୍ରଣ ପାଇଁ ଭୈରବ ବାବାଙ୍କ ଦ୍ୱାରା ସହର ପରିକ୍ରମା କରିବାର କାର୍ଯ୍ୟକ୍ରମ ରହିଛି । ଏହି ଅବସରରେ ରାତିରେ ସହରର ବିଭିନ୍ନ ପ୍ରମୁଖ ଛକସ୍ଥାନ ମାନଙ୍କରେ ମନୋରଞ୍ଜନ ପାଇଁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ ବୋଲି କମିଟି ପକ୍ଷରୁ କୁହାଯାଇଛି ।

■ ଟ୍ରକ୍ ଭଙ୍ଗାରୁଜା, ଚାଳକଙ୍କଠାରୁ ଟଙ୍କା ଲୁଟ୍

## ଟ୍ରକ୍ ଧକ୍କାରେ ଜଣେ ଅଭିଯୁକ୍ତ ମୃତ, ୪ ଗୁରୁତର

ବେଦବ୍ୟାସ,୪।୬(ଡି.ଏନ୍.ଏ.)

କଳୁଙ୍ଗା-ଗୁରୁଣ୍ଡିଆ ରାସ୍ତାର ବ୍ରାହ୍ମଣୀତରଙ୍ଗ ଥାନା କଳୁଙ୍ଗା ଫାଣ୍ଡି ଅନ୍ତର୍ଗତ ବାଗଡେଗା ଘାଟଠାରେ ସୋମବାର ବିଳମ୍ବିତ ରାତିରେ ୬ ଦୁର୍ବୃତ୍ତ ଏକ ଟ୍ରକ୍ ଭଙ୍ଗାରୁଜା କରିବା ସହ ଚାଳକଙ୍କଠାରୁ ୨୦ ହଜାର ଟଙ୍କା ଲୁଟି ନେଇଥିବା ଅଭିଯୋଗ ହୋଇଛି। ଦୁର୍ବୃତ୍ତଙ୍କୁ ପିଛା କରି ଟ୍ରକ୍ ଚାଳକ ଦ୍ରୁତଗତିରେ ଗାଡ଼ି ଚଳାଉଥିବାବେଳେ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲେ। ଟ୍ରକ୍‌ଟି ଦୁର୍ବୃତ୍ତଙ୍କ ବାଇକ୍‌କୁ ପଛରୁ ଧକ୍କା ଦେବାରୁ ଘଟଣାସ୍ଥଳରେ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ୪ ଜଣ ଗୁରୁତର ଆହତ ହୋଇଛନ୍ତି। ଅନ୍ୟ ଜଣେ ଫେରାର ହୋଇଯାଇଛନ୍ତି।

ପୋଲିସ ସୂଚନାନୁଯାୟୀ, ୬ ଦୁର୍ବୃତ୍ତ ୨ ବାଇକ୍‌ରେ ଆସି ଏଚ୍‌ଆର୍‌୩୮-ଏକ୍ସ୫୨୨୬ନଂ ୧୨ ଚକିଆ ଟ୍ରକ୍‌କୁ ବାଗଡେଗା ଘାଟଠାରେ ଅଟକାଇଥିଲେ। ଚାଳକ ସନ୍ଦିପ କୁମାରଙ୍କୁ ମାରପିଟ କରିବା ସହ ଟ୍ରକ୍‌ର ସମ୍ମୁଖ କାଚ ଭଙ୍ଗାରୁଜା କରିଥିଲେ। ସନ୍ଦିପଙ୍କଠାରୁ ସେମାନେ ୨୦ ହଜାର ଟଙ୍କା ଲୁଟି ପଳାଉଥିଲେ। ସନ୍ଦିପ ସେମାନଙ୍କ ପଛରେ ଦ୍ରୁତଗତିରେ ଟ୍ରକ୍ ନେଇ ଯାଉଥିବାବେଳେ ଭାରସାମ୍ୟ ହରାଇ ଟ୍ରକ୍‌ଟି ଅଭିଯୁକ୍ତମାନଙ୍କ ବାଇକ୍‌କୁ ପଛରୁ ଧକ୍କା ହୋଇଥିଲା। ଫଳରେ ଅଭିଯୁକ୍ତ କଳୁଙ୍ଗା ଫାଣ୍ଡି ଅଞ୍ଚଳର ସୋମା କୁଜୁରଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ଅନ୍ୟ ୪ ଅଭିଯୁକ୍ତ କଳୁଙ୍ଗା ଅଞ୍ଚଳର ସନ୍ତୋଷ କୁଜୁର, ରାଜେଶ କୁଜୁର, ଆକାଶ କୁଜୁର ଓ ଡଲାକୁଦର ଅଞ୍ଚଳର ମନୋଜ କୁଜୁର ଗୁରୁତର ଆହତ ହୋଇଥିଲେ। ପୋଲିସ ସେମାନଙ୍କୁ ଉଦ୍ଧାର କରି ଆର୍‌ଜିଏଚ୍‌ରେ ଭର୍ତ୍ତି କରିଛି। ଅନ୍ୟ ଜଣେ ଅଭିଯୁକ୍ତ ଡଲାକୁଦର ଅଞ୍ଚଳର ଥୋମାସ କୁଜୁର ଫେରାର ହୋଇଯାଇଛନ୍ତି। ଥାନା ଅଧିକାରୀ ସନ୍ତୋଷ କୁମାର ଜେନା, ଫାଣ୍ଡି ଅଧିକାରୀ ଦୁର୍ଗାଚନ୍ଦ୍ର ଜେନା ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ମଙ୍ଗଳବାର ସୋମାଙ୍କ ମୃତଦେହ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଅଭିଯୁକ୍ତମାନେ ବ୍ୟବହାର କରିଥିବା ଓଆର୍୧୪-କେ୩୨୧୧ ଏବଂ ଓଆର୍୧୬-ସି୮୧୯୪ନଂ ବାଇକ୍ ଓ ଟ୍ରକ୍‌କୁ ପୋଲିସ ଜବତ କରିଛି। ଅଭିଯୁକ୍ତମାନଙ୍କଠାରୁ ୪୭୦୦ ଟଙ୍କା ଉଦ୍ଧାର କରାଯାଇଛି। ଟ୍ରକ ଚାଳକ ସନ୍ଦିପଙ୍କ ଲିଖିତ ଅଭିଯୋଗ ଆଧାରରେ ଏକ ମାମଲା (ନଂ. ୧୪୭/୧୯) ରୁଜୁ କରି ପୋଲିସ ଅଧିକ ତଦନ୍ତ ଚଳାଇଥିବା ଥାନାଧିକାରୀ ଜେନା ସୂଚନା ଦେଇଛନ୍ତି।

■ ହରଭଙ୍ଗା ବ୍ଲକରେ ବଢୁଛି କ୍ରଶର ସଂଖ୍ୟା

## ପରିବେଶ ନଷ୍ଟ କରୁଛି ପଥର ବ୍ଲାଷ୍ଟିଂ

ବୌଦ୍ଧ,୪।୬(ସ୍ୱ.ପ୍ର)



ଜଙ୍ଗଲରେ ବ୍ଲାଷ୍ଟିଂ ଯୋଗୁ ଖାଇ ସୃଷ୍ଟି ହୋଇଛି ।

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକରେ ଦିନକୁ ଦିନ ପ୍ରାକୃତିକ ପରିବେଶ ଧ୍ୱଂସ ହେବାରେ ଲାଗିଛି । ଏହି ବ୍ଲକ ୨୨ଟି ଗ୍ରାମପଞ୍ଚାୟତକୁ ନେଇ ଗଠିତ ହୋଇଥିବା ବେଳେ ଏହା ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୁର ଅଟେ। ବ୍ଲକଟି ଆଦିବାସୀ ଅଧୁଷିତ ବହୁଳ । ଏଠାକାର ବହୁ ଅଧିବାସୀ ଜଙ୍ଗଲଜାତ ଦ୍ରବ୍ୟ ଉପରେ ନିର୍ଭର କରିନିଜର ପରିବାର ପୋଷଣ କରିଥାନ୍ତି । କିନ୍ତୁ ଦୀର୍ଘଦିନ ହେଲା ଏହି ବ୍ଲକ ଅଞ୍ଚଳରେ କ୍ରଶର ଗଢି ଉଠିଥିବାରୁ ଦିନକୁ ଦିନ ପ୍ରାକୃତିକ ପରିବେଶ ଧ୍ୱଂସ ପାଇବାରେ ଲାଗିଛି । ବିଶେଷତଃ ବ୍ଲକର ଛତରଙ୍ଗ ପଞ୍ଚାୟତରେ ବିଭିନ୍ନ ଠିକା ସଂସ୍ଥାର କ୍ରଶର ରହିଛି । ଫଳରେ ନିୟମିତ ବିଭିନ୍ନ ଜଙ୍ଗଲରେ ଅବାଧ ପଥର ବ୍ଲାଷ୍ଟିଙ୍ଗ ହେଉଥିବାରୁ ବ୍ୟାପକ ଜଙ୍ଗଲ ଧ୍ୱଂସ ପାଇବାରେ ଲାଗିଛି । ଖାଲି ଯେ ପ୍ରାକୃତିକ ପରିବେଶ ନଷ୍ଟ ହେଉଛି ତାହା ନୁହେଁ, ଅଞ୍ଚଳରେ ତାପମାତ୍ରା ମଧ୍ୟ ବୃଦ୍ଧି ଘଟୁଛି । ବ୍ଲକର ଖରଭୁଇଁ, ସରାଡୁଖୋଲ, ବାଇସିପଡା, ତିଲଛାପଦର, ଲଖାନପୁର, ହରିତାବାଡି, ଭଉଁରିପଥର, ଗୋଧିପଡା, ଆଡେଣୀଗଡ, ପାଣିଘରା, ବାରପାବୁଲି ଆଦି ଜଙ୍ଗଲ ଏବେ ମରୁଭୂମି ପାଲଟିବାକୁ ବସିଲାଣି । ଗୋଟିଏ ପଟେ ପ୍ରଶାସନ ବୃକ୍ଷରୋପଣକୁ ଗୁରୁତ୍ୱ ଦେଉଥିବା ବେଳେ ଅନ୍ୟପଟେ ପ୍ରାକୃତିକ ଜଙ୍ଗଲକୁ ବିଭିନ୍ନ ସଂସ୍ଥା ମାନଙ୍କ ହାତରେ ଟେକି ଦେଇ ଧ୍ୱଂସ କରିବାରେ ଲାଗିଛି । ଜଙ୍ଗଲ ମଧ୍ୟରେ ବ୍ଲାଷ୍ଟିଂ କରି ପଥା କାଢି ନେବାରୁ ଜଙ୍ଗଲ ମଧ୍ୟରେ କୃତ୍ରିମ ହ୍ରଦ ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଛି । କ୍ରଶରର ଧୂଳି ଯୋଗୁ ବାୟୁ ମଣ୍ଡଳ ଦୂଷିତ ହେଉଛି । ସ୍ଥାନୀୟ ଲୋକମାନେ ବିଭିନ୍ନ ରୋଗର ଶୀକାର ମଧ ହେଉଛନ୍ତି । ଏଣୁ ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି ।

## ଆଜି କ’ଣ କେଉଁଠି

**ସମ୍ବଲପୁର**
- ସାକ୍ଷୀଗୋପିନାଥଙ୍କ ଶୋଭାଯାତ୍ରା, ସାକ୍ଷୀଗୋପିନାଥ ପଡା, ଅପରାହ୍ନ ୫ଟା।
- ସୋମନାଥ ବାବାଙ୍କ ପତରପେଡିଁ, ବାଲିବନ୍ଧା ଛକ,ସନ୍ଧ୍ୟା ୬ଟା।
- ଝାଡୁଆପଡା ଲୋକନାଥ ବାବାଙ୍କ ପତରପେଡିଁ, ପାଟଣେଶ୍ୱରୀ ମଣ୍ଡପ, ରାତି ସାଢ଼େ ୭ଟା।
- ମୁଦିପଡା ଜାଗେଶ୍ୱର ବାବାଙ୍କ ପତରପେଡିଁ, ମହାନ୍ତିପଡା, ରାତି ୮ଟା।
- ବଡବଜାର ଶୀତଳେଶ୍ୱର ବାବାଙ୍କ ପତରପେଡିଁ, ପଧାନପଡା ମାଁ ଶକ୍ତିନଗର, ରାତି ସାଢ଼େ ୮ଟା।
- ଠାକୁରପଡା ଗୁପ୍ତେଶ୍ୱର ବାବାଙ୍କ ପତରପେଡିଁ, ଦାନୀପାଲି, ରାତି ୯ଟା।
- ବୁଢ଼ାରଜା ମହାଦେବଙ୍କ ପତରପେଡିଁ, ପଣ୍ଡିତ ଲକ୍ଷ୍ମୀନାରାୟଣ ଲେନ୍, ରାତି ୯ଟା।
- ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ବିଶ୍ୱ ପରିବେଶ ଦିବସ ରାଲି, କଚେରୀ ଛକ, ସକାଳ ସାଢ଼େ ୭ଟା।
- ବିଶ୍ୱ ପରିବେଶ ଦିବସ ସଭା, ଡିୟର ପାର୍କ, ପୂର୍ବାହ୍ନ ୯ଟା।
- ହସ୍ତଶିଳ୍ପ ପ୍ରଦର୍ଶନ, ପିଏଚଡି ପଡିଆ, ରାତି ୭ଟା।

**ଚିପିଲିମା**
- ଅଷ୍ଟପ୍ରହର ନାମଯଜ୍ଞ ଶୁଭାରମ୍ଭ, ଚିପିଲିମା, ଚାରପାଲି, ମଧ୍ୟାହ୍ନ ୧୨ଟା।
- ଷୋହଳ ପ୍ରହର ନାମଯଜ୍ଞ ଶୁଭାରମ୍ଭ, ଚିପିଲିମା ଗାଁ, ମଧ୍ୟାହ୍ନ ୧୨ଟା।

**ରେଢାଖୋଲ**
- ତାଲୁକ ଆଇନ ସେବା ପ୍ରାଧିକରଣ ସମିତି ପକ୍ଷରୁ ବିଶ୍ୱ ପରିବେଶ ଦିବସ ପାଳନ, ସିଭିଲ କୋର୍ଟ ପରିସର, ପୂର୍ବାହ୍ନ ୯ଟା।

**ବୌଦ୍ଧ**
- ବୌଦ୍ଧ ବନଖଣ୍ଡ ପକ୍ଷରୁ ବିଶ୍ୱ ପରିବେଶ ଦିବସ ପାଳନ, ଟାଉନ ହଲ, ସକାଳ ୮ଟା।

ଲୋଇସିଂହା
- ବିଶ୍ୱ ପର୍ଯ୍ୟାବରଣ ଦିବସ ପାଳନ, ଲୋଇସିଂହା କଲେଜ, ପୂର୍ବାହ୍ନ ୯ଟା।

**କୁଆଁରମୁଣ୍ଡା**
- ଚକ୍ଷୁ ଚିକିତ୍ସା ଶିବିର, ମାରୱାଡି ପଞ୍ଚାୟତି ଧର୍ମଶାଳା, ବୀରମିତ୍ରପୁର, ସକାଳ ୭ରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ।

**ରାଉରକେଲା**
- ବିଶ୍ୱ ପରିବେଶ ଦିବସ କାର୍ଯ୍ୟକ୍ରମ, ସିଭିକ ସେଣ୍ଟର, ସେକ୍ଟର-୧୯, ସନ୍ଧ୍ୟା ୫ଟା।

**ସୁନ୍ଦରଗଡ**
- ବିଶ୍ୱ ପରିବେଶ ଦିବସ ପାଳନ ସମାରୋହ, ବିକାଶ ଭବନ, ସକାଳ ୮ଟା।

**ଖପ୍ରାଖୋଲ**
- ଜଙ୍ଗଲ ବିଭାଗ ପକ୍ଷରୁ ବ୍ଲକସ୍ତରୀୟ ବିଶ୍ୱ ପରିବେଶ ଦିବସ ପାଳନ ସମାରୋହ, ବଡ ଗୁର୍ଜିଭଟା, ସକାଳ ୮ଟା।

**ସୁବର୍ଣ୍ଣପୁର**
- ଜିଲାସ୍ତରୀୟ ବିଶ୍ୱ ପରିବେଶ ଦିବସ ପାଳନ, ଡିଏଫଓଙ୍କ ସମ୍ମିଳନୀ କକ୍ଷ, ପୂର୍ବାହ୍ନ ୧୦ଟା ।

**ତରଭା**
- ନୀଳକଣ୍ଠେଶ୍ୱର ମନ୍ଦିରରେ ତାରକାସୁର ନାଟ୍ୟ ଅଭିନୟ, ସନ୍ଧ୍ୟା ୬ଟା ।

# ଅଣନିଃଶ୍ୱାସୀ କରୁଛି ଆବର୍ଜନା ବୋଝ

**ପୁରୀ ଅଫିସ, ୪।୬**


ମଙ୍ଗଳା ନଦୀ ଘାଟ ନିକଟରେ ଗଦା ହୋଇଥିବା ଆବର୍ଜନା।

- ଦୈନିକ ବାହାରୁଛି ୧୦ ଗୁଣ ଅଧିକ ଅଳିଆ
- ଜମା କରିବାକୁ ଜାଗା ଅଭାବ, ବିଗୁଡୁଛି ପରିବେଶ
- ଜଳ ପ୍ରଦୂଷଣ ଯୋଗୁ ବ୍ୟାପିଲାଣି ଝାଡ଼ାବାନ୍ତି, ଚର୍ମରୋଗ

ବାତ୍ୟା ‘ଫନୀ’ ପରେ ବିଗିଡ଼ିଛି ପୁରୀ ଜିଲାର ପରିମଳ ବ୍ୟବସ୍ଥା। ଜଳ, ବାୟୁ ପ୍ରଦୂଷଣ ମାତ୍ରା ବୃଦ୍ଧି ପାଇଛି। ଆବର୍ଜନା ବୋଝରେ ଅଣନିଃଶ୍ୱାସୀ ହୋଇପଡ଼ିଛି ପୁରୀ ସହର। ଏବେ ସହରରୁ ପୂର୍ବାପେକ୍ଷା ଦୈନିକ ୧୦ଗୁଣ ଅଧିକ ଆବର୍ଜନା ବାହାରୁଛି। ସେହିପରି ଜଳ ପ୍ରଦୂଷଣ ଯୋଗୁ ବିଭିନ୍ନ ସଂକ୍ରାମକ ରୋଗ ବ୍ୟାପିଲାଣି। କିଛିଦିନ ତଳେ ବଳିଆପଣ୍ଡା ଅଞ୍ଚଳରେ ଝାଡ଼ାବାନ୍ତିରେ ଜଣେ ନାବାଳକଙ୍କ ମୃତ୍ୟୁ ଘଟିଥିବାବେଳେ ଏବେ ବସ୍ତିଅଞ୍ଚଳରେ ଚର୍ମରୋଗ ବ୍ୟାପିଛି। ଫଳରେ ପ୍ରଦୂଷଣକୁ ନେଇ ସହରବାସୀ ଛାନିଆ ହୋଇପଡ଼ିଛନ୍ତି। ଇତିମଧ୍ୟରେ ଫନୀକୁ ମାସେ ପୂରିଯାଇଛି। ବାତ୍ୟାରେ ପୁରୀ ଜିଲାରେ ଲକ୍ଷ ଲକ୍ଷ ଗଛ ଏବଂ ଘର ଧରାଶାୟୀ ହୋଇଥିଲା। ଏଥିପାଇଁ ଆବର୍ଜନାର ପରିମାଣ ବୃଦ୍ଧି ପାଇଥିବାବେଳେ ପରିବେଶ ସନ୍ତୁଳନ ହରାଇଛି। ବାଲୁଖଣ୍ଡ ଅଭୟାରଣ୍ୟ ହେଉ କି ଜିଲାର ବିଭିନ୍ନ ସଂରକ୍ଷିତ ଜଙ୍ଗଲ ଯୋଗୁ ଲୋକେ ମୁକ୍ତ ବାୟୁ ଓ ଶୀତଳତା ପାଇ ପାରୁଥିଲେ। ମାତ୍ର ବାତ୍ୟାରେ ବାଲୁଖଣ୍ଡ ଅଭୟାରଣ୍ୟ ଧ୍ୱସ୍ତବିଧ୍ୱସ୍ତ ହୋଇଯାଇଥିବା ବେଳେ ଜିଲାର ପ୍ରାୟ ସବୁ ଅଞ୍ଚଳରେ ଗଛ ଭାଙ୍ଗିପଡ଼ିଛି। ଏଥିଯୋଗୁ ପୂର୍ବାପେକ୍ଷା ତାପମାତ୍ରା ଓ ଗୁଳୁଗୁଳି ଅସହ୍ୟ ହେଉଛି। ସେହିପରି ପରିବେଶକୁ ଅଧିକ ବିଗାଡୁଛି କୁଢ କୁଢ ଆବର୍ଜନା। ପୁରୀ ସହର କଥା ବିଚାର କଲେ ଆବର୍ଜନା ଏବେ ପୌରସଂସ୍ଥା ପାଇଁ ବୋଝ ପାଲଟିଛି। ଗୋଟିଏ ପଟେ ବାତ୍ୟାରେ କଠିନ ବର୍ଜ୍ୟବସ୍ତୁ ପରିଚାଳନା ପ୍ରକଳ୍ପ

**ଫନୀ ପରେ ପୁରୀ ଜିଲା**

ଭାଙ୍ଗି ପଡ଼ିଥିବାବେଳେ ଏପଟେ ସହରରୁ ଦୈନିକ ଶହ ଶହ ଟ୍ରିପ୍ ଅଳିଆ ଆବର୍ଜନା ବାହାରୁଛି। ଏହା କେଉଁଠାରେ ଜମା କରାଯିବ ତାହା ଚିନ୍ତାର ବିଷୟ ହୋଇଛି। ବର୍ଜ୍ୟବସ୍ତୁ ପରିଚାଳନା ପ୍ରକଳ୍ପରେ ପାହାଡ଼ ଉଚ୍ଚର ଆବର୍ଜନା ଜମିଗଲାଣି। ସହରର ଆହୁରି ୩/୪ଟି ଖୋଲା ଜାଗାରେ ଆବର୍ଜନା ଗଦା କରୁଛି ପୌରସଂସ୍ଥା। ଏଗୁଡ଼ିକ ବି ପୂରିଗଲାଣି। ଆଗକୁ ଆହୁରି ଅଧିକ ଅଳିଆ ଆବର୍ଜନା ବାହାରିବାକୁ ଥିବାରୁ ତାହାକୁ ଗଦା କରିବା ଲାଗି ସ୍ଥାନାଭାବ ଦେଖାଦେଇଛି। ଏତେ ପରିମାଣର ଆବର୍ଜନା ପରିବେଶ ପାଇଁ ମାରାତ୍ମକ ହେବ ବୋଲି କୁହାଯାଉଛି। ପୁରୀ ପୌରସଂସ୍ଥା କାର୍ଯ୍ୟନିର୍ବାହୀ ଅଧିକାରୀ ବିଜୟ କୁମାର ଦାଶଙ୍କ ସୂଚନା ମୁତାବକ, ବାତ୍ୟା ପରେ ସହରରୁ ବହୁ ପରିମାଣରେ ଆବର୍ଜନା ବାହାରୁଛି। ଏହି ମାସକ ମଧ୍ୟରେ ୮,୭୨୮ ଟ୍ରିପ୍ ଅର୍ଥାତ୍ ୧୭,୪୫୬ ଟନ୍ ଅଳିଆ ବାହାରିଛି। ବାତ୍ୟା ପୂର୍ବରୁ ଦୈନିକ ପୁରୀ ସହରରୁ ପ୍ରାୟ ୬୦ ଟନ୍ ଆବର୍ଜନା ବାହାରୁଥିବାବେଳେ ବର୍ତ୍ତମାନ ଦୈନିକ ୧୦ଗୁଣ ଅଧିକ ବାହାରୁଛି। ଏହାକୁ ଜମା କରିବା ବଡ଼ ସମସ୍ୟା ହୋଇଛି। କଠିନ ବର୍ଜ୍ୟବସ୍ତୁ ପରିଚାଳନା ପ୍ରକଳ୍ପ ବାତ୍ୟାରେ ଭାଙ୍ଗିରୁଜି ଯାଇଛି। ସେଠାରେ ପାହାଡ଼ ଭଳି ଆବର୍ଜନା ଜମିଲାଣି। ସହରର ପ୍ରାୟ ୩/୪ଟି ଜାଗାରେ ଅଳିଆ ଜମା ହେଉଥିଲା। ତାହା ମଧ୍ୟ ପୂର୍ଣ୍ଣ ହୋଇଗଲାଣି। ଦୁଇ ପର୍ଯ୍ୟାୟରେ ସହରର ପ୍ରତ୍ୟେକ ୱାର୍ଡ ଏବଂ ବସ୍ତି ଅଞ୍ଚଳରୁ ଅଳିଆ ବୁହା ସରିଲାଣି। ତଥାପି ଆହୁରି ବାହାରୁଛି। କ୍ଷୟକ୍ଷତି ଆକଳନ ପରେ ଲୋକେ ଘର ସଜାଡ଼ିବାରେ ବ୍ୟସ୍ତ। ତେଣୁ ଆହୁରି ଆବର୍ଜନା ବାହାରିବ। ତାହାକୁ କେଉଁଠାରେ ଜମା କରାଯିବ ସେନେଇ ଚିନ୍ତା ବଢ଼ିଲାଣି ବୋଲି ଦାଶ ପ୍ରକାଶ କରିଛନ୍ତି। ପୁରୀର ବିଭିନ୍ନ ଅଞ୍ଚଳରେ ଜଳ ଓ ବାୟୁ ପ୍ରଦୂଷିତ ହେବାରେ ଲାଗିଛି। ବିଭିନ୍ନ ସ୍ଥାନରେ ଜମା ଥିବା ଆବର୍ଜନାକୁ ଲୋକେ ପୋଡ଼ି ଦେଉଛନ୍ତି। ଫଳରେ ପ୍ରବଳ ମାତ୍ରାରେ ନିଆଁ ଓ ଧୂଆଁ ଯୋଗୁ ପରିବେଶ ପ୍ରଦୂଷିତ ହେଉଛି। ସହରରୁ ଟ୍ରାକ୍ଟରରେ ବୁହାହେଉଥିବା ଅଳିଆରେ ବିଭିନ୍ନ ପ୍ରକାର ଲୁହା ସାମଗ୍ରୀ ରହୁଛି। ସେଗୁଡ଼ିକୁ ଉଦ୍ଧାର କରି ବିକିବା ପାଇଁ କେତେଜଣ ବ୍ୟକ୍ତି ଆବର୍ଜନାରେ ନିଆଁ ଲଗାଉଥିବା ପୌରସଂସ୍ଥା ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷେ ଜଳ ପ୍ରଦୂଷଣ ଯୋଗୁ ବଳିଆପଣ୍ଡା ଅଞ୍ଚଳରେ ଚର୍ମରୋଗ ଓ ଝାଡ଼ାବାନ୍ତି ବ୍ୟାପିବାରେ ଲାଗିଛି। ତେଣୁ ଏବେଠୁ ପରିବେଶ ପ୍ରଦୂଷଣ ପ୍ରତି ସତର୍କ ନ ହେଲେ ଆଗକୁ ଜଳ ପ୍ରଦୂଷଣଜନିତ ରୋଗ ଭୟାବହ ପରିସ୍ଥିତି ସୃଷ୍ଟି କରିପାରେ ବୋଲି ଆଶଙ୍କା ପ୍ରକାଶ ପାଇଛି।

# ଛାତ୍ରୀଙ୍କ ଫଟୋ ଭାଇରାଲ କରି ପୋଲିସ କର୍ମଚାରୀ ଗିରଫ

**ସମ୍ବଲପୁର, ୪।୬ (ବ୍ୟୁରୋ)**

ସମ୍ବଲପୁର ଧନୁପାଲି ଥାନା ପୋଲିସ ସୁରେଶ ବିଭାର ନାମକ ଜଣେ ପୋଲିସ କର୍ମଚାରୀଙ୍କୁ ଗିରଫ କରିଛି । ସେ ଜଣେ ଛାତ୍ରୀଙ୍କ ଫଟୋ ସୋସିଆଲ ମିଡିଆରେ ଭାଇରାଲ କରିଥିବା ଅଭିଯୋଗରେ ଗିରଫ ହୋଇଛନ୍ତି। ଧନୁପାଲି ଥାନା ଅଞ୍ଚଳର ଉକ୍ତ ଛାତ୍ରୀ ଜଣଙ୍କ ଯୁଯୁମୁରା ବ୍ଲକ ଅଞ୍ଚଳରେ ପଢୁଥିଲେ । ସେହି ସମୟରେ ଛାତ୍ରୀଙ୍କ ପରିବାରଙ୍କ ସହିତ ସୁରେଶଙ୍କ ସମ୍ପର୍କ ଗଢ଼ି ଉଠିଥିଲା । ସୁରେଶ ତାଙ୍କୁ ଏକତରଫା ପ୍ରେମ କରୁଥିଲେ । ହେଲେ ଏହି ପ୍ରେମକୁ ଛାତ୍ରୀ ଜଣକ ଅସ୍ୱୀକାର କରିବାରୁ ସୁରେଶ ତାଙ୍କୁ ଧମକଚମକ ଦେଉଥିଲେ । ଏପରିକି ଫୋନ୍ କରି ମଧ୍ୟ ଗାଳିଗୁଲଜ କରୁଥିଲେ । ଶେଷରେ ତାଙ୍କର କିଛି ଫୋଟକୁ ସୋସିଆଲ ମିଡିଆରେ ଭାଇରାଲ କରିଥିଲେ । ଏହାକୁ ନେଇ ଛାତ୍ରୀଙ୍କ ମା’ ଧନୁପାଲି ଥାନାରେ ଅଭିଯୋଗ କରିଥିଲେ।

ରାଜ୍ୟ କ୍ୟାବିନେଟ୍‌ରେ ଏସ୍‌ସି, ଏସ୍‌ଟି, ଓବିସି କଲ୍ୟାଣ ମନ୍ତ୍ରୀ ରହିବା ପ୍ରସଙ୍ଗ

## ରାଜ୍ୟପାଳଙ୍କ ଦୃଷ୍ଟି ଆକର୍ଷଣ କଲେ ଶ୍ରୀକାନ୍ତ



**ଭୁବନେଶ୍ୱର,୪।୬(ବ୍ୟୁରୋ)**

**ରାଜଭବନରେ ଭେଟି ଆଲୋଚନା**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନବଗଠିତ କ୍ୟାବିନେଟ୍ ଅସାମ୍ବିଧାନିକ। ମନ୍ତ୍ରିମଣ୍ଡଳ ଚୟନ ପୂର୍ବରୁ ଏକ ଗୁରୁତର ତ୍ରୁଟି କରାଯାଇଛି ବୋଲି କିଛିଦିନ ତଳେ ଅଭିଯୋଗ କରିଥିଲେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା। ଏ ସମ୍ପର୍କରେ ଶ୍ରୀକାନ୍ତ ମଙ୍ଗଳବାର ରାଜ୍ୟପାଳ ଗଣେଶୀ ଲାଲଙ୍କୁ ଭେଟି ଦୃଷ୍ଟି ଆକର୍ଷଣ କରିଛନ୍ତି। ଶ୍ରୀକାନ୍ତ କହିଛନ୍ତି, ସମ୍ବିଧାନର ଧାରା ୧୬୪ ଅନୁଯାୟୀ ରାଜ୍ୟପାଳଙ୍କ ସହ ପରାମର୍ଶ କରି ମୁଖ୍ୟମନ୍ତ୍ରୀ ମନ୍ତ୍ରୀମାନଙ୍କୁ ନିଯୁକ୍ତି କରିପାରିବେ। ବିଶେଷ ନିୟମାନୁଯାୟୀ ଓଡ଼ିଶା, ବିହାର, ଝାଡ଼ଖଣ୍ଡ ଏବଂ ମଧ୍ୟପ୍ରଦେଶ କ୍ଷେତ୍ରରେ ରାଜ୍ୟ କ୍ୟାବିନେଟ୍‌ରେ ଅନୁସୂଚିତ ଜାତି(ଏସ୍‌ସି), ଅନୁସୂଚିତ ଜନଜାତି(ଏସ୍‌ଟି) ଓ ଅନ୍ୟାନ୍ୟ ପଛୁଆ ବର୍ଗ(ଓବିସି) କଲ୍ୟାଣ ଦାୟିତ୍ୱ ଦିଆଯିବା କଥା। ଏମିତି କି ଜଣେ କ୍ୟାବିନେଟ୍ ମନ୍ତ୍ରୀ ମଧ୍ୟ ଏହାର ଅତିରିକ୍ତ ଦାୟିତ୍ୱରେ ରହିପାରିବେ। ହେଲେ ନବୀନଙ୍କ ନେତୃତ୍ୱାଧୀନ ସରକାର ଏସ୍‌ସି, ଏସ୍‌ଟି, ଓବିସି କଲ୍ୟାଣ ଭଳି ବିଭାଗକୁ ରାଷ୍ଟ୍ରମନ୍ତ୍ରୀ(ସ୍ୱାଧୀନ) ଦାୟିତ୍ୱ ପ୍ରଦାନ କରିଛି। ତେଣୁ ଏହି ତ୍ରୁଟିକୁ ସଜାଡିବା ପାଇଁ କ୍ୟାବିନେଟ୍ ଦାୟିତ୍ୱରେ ଥିବା ଜଣେ ମନ୍ତ୍ରୀଙ୍କୁ ଏହି ବିଭାଗ ଦାୟିତ୍ୱ ପ୍ରଦାନ କରାଯାଉ। ନଚେତ ବିଭାଗ ଦିଆଯାଇଥିବା ମନ୍ତ୍ରୀଙ୍କୁ କ୍ୟାବିନେଟ୍ ପାହ୍ୟାକୁ ପଦୋନ୍ନତି କରାଯାଉ ବୋଲି ଶ୍ରୀକାନ୍ତ କହିଛନ୍ତି।

ସେହିପରି ରାଜ୍ୟପାଳଙ୍କ ସହ ସାମ୍ବିଧାନିକ ତ୍ରୁଟି ସମ୍ପର୍କରେ ବିଶଦ୍‌ଭାବେ ଆଲୋଚନା କରିବା ସହ ସମସ୍ତ ଦିଗକୁ ତର୍ଜମା କରି ପଦକ୍ଷେପ ନେବାକୁ ଶ୍ରୀକାନ୍ତ ଅନୁରୋଧ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସାମାଜିକ ନ୍ୟାୟ ଅଭିଯାନର ଆବାହକ ଅକ୍ଷୟ ମଲ୍ଲିକ ମଧ୍ୟ ଶ୍ରୀକାନ୍ତଙ୍କ ସହ ରାଜ୍ୟପାଳଙ୍କୁ ଭେଟିଥିଲେ।

# ମୃତ୍ୟୁ ପରେ ଅବସରପ୍ରାପ୍ତ ଅଧିକାରୀଙ୍କ ଶରୀର ଦାନକଲେ ପରିବାର ସଦସ୍ୟ

**ବ୍ରହ୍ମପୁର ଅଫିସ୍,୪।୬**


ରାଧାବଲ୍ଲଭ ପଟ୍ଟନାୟକ

ଚିକିତ୍ସା ବିଜ୍ଞାନରେ ଗବେଷଣା ପାଇଁ ଅବସରପ୍ରାପ୍ତ ଓଡ଼ିଶା ପ୍ରଶାସନିକ ସେବା(ଓଏଏସ୍)ଅଧିକାରୀ ରାଧା ବଲ୍ଲଭ ପଟ୍ଟନାୟକ(୬୭)ଙ୍କ ମୃତଦେହକୁ ବ୍ରହ୍ମପୁର ମହାରାଜା କୃଷ୍ଣଚନ୍ଦ୍ର ଗଜପତି(ଏମ୍‌କେସିଜି) ଭେଷଜ ମହାବିଦ୍ୟାଳୟ ଏବଂ ଚିକିତ୍ସାଳୟକୁ ପରିବାର ବର୍ଗ ଦାନ କରିଛନ୍ତି। ସ୍ୱର୍ଗତ ରାଧାବଲ୍ଲଭ ରାଜ୍ୟର ବିଭିନ୍ନ ସ୍ଥାନରେ ବିଡିଓ ଏବଂ ତହସିଲଦାର ଭାବେ କାର୍ଯ୍ୟ କରିଛନ୍ତି। ଅବସର ବେଳକୁ ସେ ବ୍ରହ୍ମପୁର ମହାନଗର ନିଗମର ଡେପୁଟି କମିଶନର ଥିଲେ। ଅବସର ପରଠୁ ସ୍ଥାନୀୟ ଚନ୍ଦ୍ରପ୍ରଭା ସାହି ଦ୍ୱିତୀୟ ଲେନ୍‌ରେ ସ୍ତ୍ରୀ ମନୋମିତାଙ୍କ ସହ ରହୁଥିଲେ। ବୟସାଧିକ ଯୋଗୁ ସେ ବିଭିନ୍ନ ରୋଗରେ ଆକ୍ରାନ୍ତ ହୋଇଥିଲେ। ତଥାପି ବିଭିନ୍ନ ସାମାଜିକ କାର୍ଯ୍ୟରେ ନିଜକୁ ସାମିଲ କରିଥିଲେ। ୨୦୧୮ ମେ’ରେ ସିପିଆଇ(ଏମ୍) ରାଜ୍ୟ ସାଧାରଣ ସମ୍ପାଦକ ଅଳିକିଶୋର ପଟ୍ଟନାୟକଙ୍କ ସ୍ତ୍ରୀ ତଥା ଅଧ୍ୟାପିକା କୁସୁମ ଦାସଙ୍କ ପରଲୋକ ହୋଇଥିଲା। ମୃତ୍ୟୁ ପରେ କୁସୁମଙ୍କ ଶରୀରକୁ ଏମ୍‌କେସିଜି ଭେଷଜ ମହାବିଦ୍ୟାଳୟ ଏବଂ ଚିକିତ୍ସାଳୟକୁ ଦାନ କରାଯାଇଥିଲା। ଚିକିତ୍ସା ବିଜ୍ଞାନର ଗବେଷଣା ପାଇଁ କୁସୁମଙ୍କ ଶରୀରକୁ ଦାନ କରାଯାଇଥିବା ଯୋଗୁ ସାଧାରଣରେ ପ୍ରଶଂସା କରାଯାଇଥିଲା। ଏହା ଅନେକଙ୍କ ମଧ୍ୟରେ ଶରୀର ଦାନ ପାଇଁ ଆଗ୍ରହ ସୃଷ୍ଟି କରିଥିଲା। କୁସୁମଙ୍କ ଶ୍ରଦ୍ଧାଞ୍ଜଳି ସଭାରେ ୩୨ଜଣ ବ୍ୟକ୍ତିବିଶେଷ ମୃତ୍ୟୁ ପରେ ଶରୀର ଦାନ ପାଇଁ ଇଚ୍ଛାପ୍ରକାଶ କରିବା ସହ ଲିଖିତ ଭାବେ ରାଜି ହୋଇଥିଲେ। ଗତ ଦୁଇ ତାରିଖ ସନ୍ଧ୍ୟାରେ ରାଧା ବଲ୍ଲଭଙ୍କ ମୃତ୍ୟୁ ହୋଇଥିଲା। ତେବେ ତାଙ୍କର ଦୁଇ ଝିଅ ଅଛନ୍ତି। ନବନୀତା ଆମେରିକାରେ ଏବଂ ମହୁମିତା ବାଙ୍ଗାଲୋରରେ ରହୁଥିବା ଯୋଗୁ ସେମାନେ ସୋମବାର ବ୍ରହ୍ମପୁରରେ ପହଞ୍ଚିଥିଲେ। ଉଭୟ ପହଞ୍ଚିବା ପରେ ମଙ୍ଗଳବାର ପୂର୍ବାହ୍ନରେ ପରିବାର ବର୍ଗ ରାଧା ବଲ୍ଲଭଙ୍କ ମୃତଦେହକୁ ଏମ୍‌କେସିଜି ଭେଷଜ ମହାବିଦ୍ୟାଳୟ ଏବଂ ଚିକିତ୍ସାଳୟକୁ ନେଇଥିଲେ। ଆନାଟୋମି(ଶରୀରଗଠନ ବିଜ୍ଞାନ) ବିଭାଗକୁ ହସ୍ତାନ୍ତର କରିଥିଲେ। ବିଭାଗୀୟ ମୁଖ୍ୟ ଡା. ସଦାଶିବ ରଥ ଆବଶ୍ୟକ ପ୍ରକ୍ରିୟା ସମ୍ପାଦନ କରିଥିଲେ। ସିପିଆଇ(ଏମ୍) ରାଜ୍ୟ ସାଧାରଣ ସମ୍ପାଦକ ଅଳି କିଶୋର ପଟ୍ଟନାୟକ, ଯୁଧିଷ୍ଠିର ବେହେରାଙ୍କ ସମେତ ସ୍ୱର୍ଗତ ରାଧାବଲ୍ଲଭଙ୍କ ପରିବାର ବର୍ଗ ଏବଂ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଉପସ୍ଥିତ ଥିଲେ। ଏମ୍‌କେସିଜି ଭେଷଜ ମହାବିଦ୍ୟାଳୟ ଏବଂ ଚିକିତ୍ସାଳୟର ୫୬ବର୍ଷ ଇତିହାସରେ ଏହା ହେଉଛି ଚତୁର୍ଥ ଶରୀର ଦାନ। ପ୍ରଥମେ ବିଶିଷ୍ଟ ଶ୍ରମିକ ନେତା ରାମଚନ୍ଦ୍ର ନାୟକ ଶରୀର ଦାନ କରିଥିଲେ। ଏହା ପରେ ଗତ ବର୍ଷ ମେ’ରେ ବ୍ରହ୍ମପୁରର କୁସୁମ ଦାସ ଏବଂ ଚିକିଟିର ଅପର୍ଣ୍ଣା ସାହୁଙ୍କ ମୃତ୍ୟୁ ପରେ ପରିବାର ବର୍ଗ ଶରୀର ଦାନ କରିଥିଲେ।



ସମ୍ବଲପୁର ଏସ୍‌ପି ଅଫିସରେ ପୋଲିସ କଣ୍ଟ୍ରୋଲ ରୁମ୍ ଖୋଲିବା ଅବସରରେ ମଞ୍ଚାସୀନ ଅତିଥି ଓ ହିଣ୍ଡାଲକୋ କମ୍ପାନୀର ଅଧିକାରୀ

## ସମ୍ବଲପୁରରେ ଖୋଲିଲା ପୋଲିସ କଣ୍ଟ୍ରୋଲ ରୁମ୍

ସମ୍ବଲପୁର ୪ ।୬(ବ୍ୟୁରୋ)

ସମ୍ବଲପୁର ଜିଲାରେ ଅପରାଧିକ କାର୍ଯ୍ୟକଳାପ ରୋକିବା ପାଇଁ ଜିଲା ପୋଲିସ ଆଉ ଏକ ପଦକ୍ଷେପ ଗ୍ରହଣ କରିଛି । ମଙ୍ଗଳବାର ଏସ୍‌ପି ଅଫିସ ପରିସରରେ ଏକ କଣ୍ଟ୍ରୋଲ ରୁମ୍ ଉଦ୍‌ଘାଟନ କରାଯାଇଛି। ଏହା ସହ ହିଣ୍ଡାଲ୍‌କୋ ଦେଇଥିବା ୪ଟି ପିସିଆର ଭ୍ୟାନ ଶୁଭାରମ୍ଭ କରାଯାଇଛି। ରେଢାଖୋଲ, କୁଚିଣ୍ଡା, ଯୁଯୁମୁରା, ଧମା ଥାନାରେ ଏହି ପିସିଆର ଭ୍ୟାନ ବ୍ୟବହାର କରାଯିବ । ଏସପି ସଞ୍ଜୀବ ଅରୋରା ଅଧକ୍ଷତା କରିଥିଲେ। ଏହି କାର୍ଯ୍ୟକ୍ରମରେ ଉତ୍ତରାଞ୍ଚଳ ପୋଲିସ ଡିଆଇଜି ସତ୍ୟବ୍ରତ ଭୋଇ ଯୋଗଦେଇ ସବୁଜ ପତାକା ଦେଖାଇ ପିସିଆର ଭ୍ୟାନର ଶୁଭାରମ୍ଭ କରିଥିଲେ । ଡିଆଇଜି ଭୋଇ କହିଥିଲେ ଯେ, କଣ୍ଟ୍ରୋଲ ରୁମ୍‌ରୁ ୨୪ ଘଣ୍ଟିଆ ସେବା ଯୋଗାଇ ଦିଆଯିବ । ଜଣେ ଅସୁବିଧାରେ ଥିବା ସମୟରେ ୧୦୦ ଡାଏଲ କରିବା ପରେ ସିଧା ସଳଖ କଣ୍ଟ୍ରୋଲ ରୁମ୍ ସହିତ ଯୋଡି ହୋଇଯିବେ। ଅଭିଯୋଗକାରୀଙ୍କ ସ୍ଥାନ ଆପେ ଆପେ ଜଣା ପଡିଯିବ ଓ ପୋଲିସ ସେବା ଯୋଗାଇ ଦିଆଯିବ। ସେହିପରି ଏସପି ଅରୋରା କହିଥିଲେ ଯେ, କଣ୍ଟ୍ରୋଲ ରୁମଥ ହେବା ଫଳରେ ଅପରାଧ କମିଯିବ । ସହରର ବିଭିନ୍ନ ସ୍ଥାନରେ ଲାଗିଥିବା ସିସି ଟିଭିରେ ସିଧା ସଳଖ ନଜର ରଖାଯିବ । କୌଣସି ଅପରାଧିକ ଗତିବିଧି ଦେଖିଲେ ପିସିଆରକୁ ସଙ୍ଗେ ସଙ୍ଗେ ସୂଚନା ପହଞ୍ଚିଯିବ । ଏହା ସହ ନମ୍ବର ପ୍ଲେଟ, ବାଇକରେ ୩ ଜଣ ବସିବା, ଦ୍ରୁତ ଗତିରେ ବାଇକ ଚଳାଇବା, ହେଲମେଟ ପିନ୍ଧିବା ଉପରେ ମଧ ନଜର ରଖାଯିବ। ଏହି ଅବସରରେ ହିଣ୍ଡାଲକୋ ମାନବ ସମ୍ବଳ ବିଭାଗ ମୁଖ୍ୟ ଯଶବୀର ସିଂ ମଲହୋତ୍ରା, ଆଦିତ୍ୟ ଆଲୁମିନିୟମର ସୁଧୀର କୁମାର ଗୁପ୍ତା, ଏସ. ସତ୍ୟନାରାୟଣଙ୍କ ସମେତ ପୋଲିସ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।

**ବିଜେପୁର ଉପନିର୍ବାଚନ**

# ପ୍ରାର୍ଥୀ ଚୟନକୁ ନେଇ ବଢ଼ୁଛି ଚିନ୍ତା

**ଭୁବନେଶ୍ୱର, ୪।୬(ବ୍ୟୁରୋ)**

ରାଜ୍ୟ ରାଜନୀତିରେ ପୁଣିଥରେ ବିଜେପୁର ଆସନକୁ ନେଇ ଚର୍ଚ୍ଚା ବଢ଼ିବାରେ ଲାଗିଛି। ଦ୍ୱିତୀୟ ଥର ଲାଗି ପଶ୍ଚିମ ଓଡ଼ିଶା ରାଜନୀତିରେ ବିଜେଡି ଓ ଭାଜପା ମଧ୍ୟରେ ଜୋର୍‌ଦାର ପ୍ରତିଦ୍ୱନ୍ଦ୍ୱିତା ଦେଖିବାକୁ ମିଳିବ। ଗତ ପଞ୍ଚାୟତ ନିର୍ବାଚନରେ ଭାଜପା ଏହି ଅଞ୍ଚଳଗୁଡିକରେ ଭଲ ପ୍ରଦର୍ଶନ କରିବା ପରେ ଏଥର ନିର୍ବାଚନରେ ଦୁଇ ପାଦ ଆଗକୁ ବଢିଛି। ତଥାପି ବିଜେଡି ସହ ମୁକାବିଲା କରିବାରେ ଭାଜପା ଶତପ୍ରତିଶତ ସଫଳ ହୋଇପାରି ନାହିଁ। ଗତ ସାଧାରଣ ନିର୍ବାଚନରେ ଭାଜପା ପଶ୍ଚିମ ଓଡ଼ିଶାର ୫ଟି ଯାକ ଲୋକ ସଭା ଆସନ ନିଜ ଅକ୍ତିଆରକୁ ନେଇପାରିଛି, ବିଧାନସଭା କ୍ଷେତ୍ରରେ ଦେଖିଲେ ବିଜେଡିକୁ ଅଧିକ ସଫଳତା ମିଳିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗତ ନିର୍ବାଚନରେ ରାଜ୍ୟର ଦୁଇଟି ଆସନରୁ ଏକକାଳୀନ ଲଢିଥିଲେ। ହିଞ୍ଜିଳି ଓ ବିଜେପୁର ଆସନରୁ ଲଢି ମୁଖ୍ୟମନ୍ତ୍ରୀ ଉଭୟରେ ବାଜିମାରି ନେଇଥିଲେ। ଇତି ମଧ୍ୟରେ ମୁଖ୍ୟମନ୍ତ୍ରୀ ବିଜେପୁର ଆସନ ଛାଡ଼ିବା ପାଇଁ ଘୋଷଣା କରିଛନ୍ତି। ଏ ସମ୍ପର୍କିତ ଇସ୍ତଫା ପତ୍ର ରବିବାର ବାଚସ୍ପତିଙ୍କ ନିକଟରେ ସେ ଦାଖଲ ମଧ୍ୟ କରିସାରିଛନ୍ତି। ବର୍ତ୍ତମାନ ଏହି ଆସନରେ ଉପନିର୍ବାଚନ ହେବ। ତେଣୁ ପୁନର୍ବାର ବିଜେଡି ଓ ଭାଜପା ମଧ୍ୟରେ ଏହି ଆସନରେ କଡ଼ା ମୁକାବିଲା ଦେଖିବାକୁ ମିଳିବ। ହେଲେ ବିଜେଡି ପାଇଁ ଏଥର ବିଜେପୁର ଦଖଲ କରିବା କଷ୍ଟକର ହୋଇପାରେ ବୋଲି ଚର୍ଚ୍ଚା ଜୋର୍ ଧରିଛି।

ବିଗତଦିନରେ ବିଜେପୁରରେ ୨ଥର ଉପନିର୍ବାଚନ ଦେଖିବାକୁ ମିଳିଥିଲା। ବର୍ତ୍ତମାନ ତୃତୀୟ ଥରଲାଗି ଏହି ଆସନରେ ଉପନିର୍ବାଚନ ହେବାକୁ ଯାଉଛି। ବିଧାୟକ ନିକୁଞ୍ଜ ବିହାରୀ ସିଂଙ୍କ ଦେହାନ୍ତ ପରେ ଏହି ଆସନରେ ପ୍ରଥମଥର ଲାଗି ୧୯୯୨ରେ ଉପନିର୍ବାଚନ ଅନୁଷ୍ଠିତ ହୋଇଥିଲା। ୧୯୯୦ରେ ଜନତା ଦଳରୁ ଲଢି ବିଜୟୀ ହୋଇଥିଲେ ନିକୁଞ୍ଜ। କିନ୍ତୁ ୧୯୯୧ରେ ତାଙ୍କର ଦେହାନ୍ତ ହୋଇଥିଲା। ଏହାପରେ ଦ୍ୱିତୀୟ ଥର ଲାଗି ୨୦୧୮ରେ ଏହି ଆସନରେ ଉପନିର୍ବାଚନ ହେଲା। କଂଗ୍ରେସ ବିଧାୟକ ସୁବଳ ସାହୁଙ୍କ ଦେହାନ୍ତ ପରେ ଏହି ଆସନରେ ଉପନିର୍ବାଚନ ହୋଇଥିଲା। ସୁବଳଙ୍କ ସ୍ତ୍ରୀ ବିଜେଡିରେ ଯୋଗଦେଇ ପ୍ରାର୍ଥୀ ହେଲେ। ଫଳରେ ବିଜେଡି ସହଜରେ ଏହି ଆସନରେ ବିଜୟ ଲାଭ କରିଥିଲା। ରୀତା ସାହୁ ୪୦ହଜାର ଭୋଟରେ ବିଜୟୀ ହୋଇଥିଲେ। ବର୍ତ୍ତମାନ ପୁନର୍ବାର ବିଜେପୁର ଆସନରେ ଉପନିର୍ବାଚନ ହେବାକୁ ଯାଉଛି। ଏଥର ବିଜେଡି ପାଇଁ ବିଜେପୁର ଆସନ ଦଖଲ କରିବା ଯେତିକି କଷ୍ଟ ନୁହେଁ ପ୍ରାର୍ଥୀ ଚୟନ ଦଳ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିପାରେ ବୋଲି କୁହାଯାଉଛି।

ମୁଖ୍ୟମନ୍ତ୍ରୀ ଗତ ନିର୍ବାଚନ ପୂର୍ବରୁ ମହିଳା ପ୍ରାର୍ଥୀଙ୍କୁ ବିଶେଷ ଗୁରୁତ୍ୱ ଦେଉଥିବା ଯୋଗୁ ରୀତା ସାହୁଙ୍କୁ ବିଜେଡି ପୁଣିଥରେ ପ୍ରାର୍ଥୀ କରିବାର ଯଥେଷ୍ଟ ସମ୍ଭାବନା ରହିଛି। ପଶ୍ଚିମ ଓଡ଼ିଶାରେ ଭାଜପାର ଗତିକୁ ରୋକିବା ପାଇଁ ମୁଖ୍ୟମନ୍ତ୍ରୀ ନିଜେ ବିଜେପୁର ଆସନରୁ ଲଢିଥିଲେ ବୋଲି ସେତେବେଳେ ଚର୍ଚ୍ଚା ହେଉଥିଲା। ହେଲେ ତାଙ୍କ ପ୍ରତିଦ୍ୱନ୍ଦ୍ୱିତା ସତ୍ତ୍ୱେ ଭାଜପାକୁ ଭଲ ଫଳ ମିଳିଲା। ଗୋଟିଏ ଲୋକ ସଭା ଆସନ ଅନ୍ତର୍ଗତ ୭ଟି ବିଧାନସଭା କ୍ଷେତ୍ରରେ ବିଜେଡି ବିଜୟୀ ହେବାପରେ ମଧ୍ୟ ଏମ୍‌ପି ଭାଜପା ପ୍ରାର୍ଥୀ ହେଲେ। ତେଣୁ ନବୀନ ପଟ୍ଟନାୟକଙ୍କ ମ୍ୟାଜିକ୍ ଯେ ପୂରା କାମ କରିଛି ତାହା କହିବା ଠିକ୍ ହେବନାହିଁ। ଏଭଳି ସ୍ଥିତିରେ ବିଜେଡିରୁ ପ୍ରାର୍ଥୀ ହେବାକୁ ଅନେକ ଆଶାୟୀ ଚାହିଁ ବସିଛନ୍ତି। ଗତ ଉପନିର୍ବାଚନ ବେଳେ ରୀତା କଂଗ୍ରେସରୁ ଆସି ପ୍ରାର୍ଥୀ ହେବାପରେ ଦଳରେ ଦୀର୍ଘଦିନ ଧରି ପଡି ରହିଥିବା ଆଗ ଧାଡିର ନେତାମାନେ ଅସନ୍ତୋଷ ବ୍ୟକ୍ତ କରିଥିଲେ। ହେଲେ ସେମାନଙ୍କୁ ଦଳ ପକ୍ଷରୁ ବୁଝାଇ ସୁଝାଇ ରଖିବାରେ ଏକ ପ୍ରକାର ସମର୍ଥ ହୋଇଥିଲା। ହେଲେ ଏଥର ସେମାନେ ଆଉ ଚୁପ୍ ବସିବା ସ୍ଥିତିରେ ନାହାନ୍ତି ବୋଲି ଶୁଣିବାକୁ ମିଳୁଛି। ଅନ୍ୟପଟେ ଗତ ନିର୍ବାଚନରେ ଭାଜପା ଓ କଂଗ୍ରେସ ଉପରେ ଅସନ୍ତୋଷ ହୋଇ ବିଜେଡିରେ ଯୋଗ ଦେଇଥିବା ନେତାମାନେ ମଧ୍ୟ ପ୍ରାର୍ଥୀ ହେବାକୁ ଚାହିଁ ବସିଛନ୍ତି।

୨୦୦୯ରେ ବିଜେଡି ପ୍ରାର୍ଥୀ ହୋଇଥିବା ପ୍ରଭାତ ଆଦିତ୍ୟ ମିଶ୍ର ୨୦୧୮ ଉପନିର୍ବାଚନ ଠାରୁ ପ୍ରାର୍ଥୀ ହେବାକୁ ଚାହିଁ ବସିଛନ୍ତି ବୋଲି ମଧ୍ୟ ଶୁଣିବାକୁ ମିଳୁଛି। ଗତ ୧୦ବର୍ଷ ହେଲା ତାଙ୍କୁ ଦଳ ପ୍ରାର୍ଥୀ କରିନାହିଁ। ସେହିପରି ଭାଜପାରୁ ଆସି ବିଜେଡିରେ ମିଶିଥିବା ସୁବାସ ଚୌହ୍ୱାନଙ୍କୁ ଦଳ ପ୍ରାର୍ଥୀ କରିବାର ସମ୍ଭାବନା ଥିବା କେତେଜଣ କହୁଛନ୍ତି। ଅନ୍ୟପଟେ ଗତ ଉପନିର୍ବାଚନରେ ପ୍ରାର୍ଥୀ ନ ହେବାରୁ ଭାଜପା ଉପରେ ଅସନ୍ତୁଷ୍ଟ ହୋଇ ବିଜେଡିକୁ ଆସିଥିବା ନାରାୟଣ ସାହୁ ମଧ୍ୟ ଗୋଟିଏ ମାଧ୍ୟମ ଦେଇ ପ୍ରାର୍ଥୀ ହେବା ଲାଗି ଲବି ଚଳାଇଥିବା କୁହାଯାଉଛି। ସେହିପରି କଂଗ୍ରେସରୁ ଗତଥର ପ୍ରାର୍ଥୀ ହୋଇଥିବା ପ୍ରଣୟ ସାହୁଙ୍କ ନାମ ମଧ୍ୟ ଚର୍ଚ୍ଚା ତାଲିକାରେ ରହିଛି। ତେବେ ଏମାନଙ୍କ ମଧ୍ୟରୁ ରୀତାଙ୍କ ନାମ ଆଗରେ ଥିବାବେଳେ ରାଜଧାନୀରେ ବସିଥିବା ଦଳର କିଛି ଆଗ ଧାଡିର ନେତା କିନ୍ତୁ ରୀତାଙ୍କ ପ୍ରାର୍ଥୀତ୍ୱ ସେତେଟା ନିଶ୍ଚିତ ନୁହେଁ ବୋଲି କହୁଛନ୍ତି।

ସେହିପରି ଭାଜପା ମଧ୍ୟ ଏହି ଉପନିର୍ବାଚନ ପୂରା ଦମ୍‌ରେ ଲଢିବ ବୋଲି କହିଚାଲିଛି। ଦଳ ପଶ୍ଚିମ ଓଡ଼ିଶାରେ ସମସ୍ତ ୫ଟି ଲୋକ ସଭା ଆସନ ସମ୍ପୂର୍ଣ୍ଣ ପୋଛିନେବା ସହ ବହୁ ଟାଣୁଆ ନେତା ବିଧାୟକ ଭାବେ ନିର୍ବାଚିତ ହୋଇଛନ୍ତି। ତେଣୁ ମୁଖ୍ୟମନ୍ତ୍ରୀ ବିଜେପୁର ଛାଡିବାପରେ ତାହା ଭାଜପାକୁ ଅଧିକ ସୁହାଇବ ବୋଲି ଭାଜପା ଯୁକ୍ତି ବାଢୁଛି। ଗତ ସାଧାରଣ ନିର୍ବାଚନରେ ମୁଖ୍ୟମନ୍ତ୍ରୀଙ୍କ ବିରୋଧରେ ପ୍ରାର୍ଥୀ ହୋଇ ସନତ ଗଡତିଆ ୫୦ହଜାରରୁ ଅଧିକ ଭୋଟ ପାଇଥିଲେ। ଏବେ ଦଳ ତାଙ୍କୁ ପ୍ରାର୍ଥୀ କରିବାର ସମ୍ଭାବନା ରହିଛି। ସେହିପରି ଭାଜପାର ପୂର୍ବତନ ବିଧାୟକ ପ୍ରଦୀପ ପୁରୋହିତ ମଧ୍ୟ ଏହି ତାଲିକାରେ ଥିବା ଚର୍ଚ୍ଚା ହେଉଛି। ଗତ ନିର୍ବାଚନରେ ପଦ୍ମପୁର ଆସନରୁ ହାରିବା ପରେ ପ୍ରଦୀପଙ୍କୁ ଦଳ ସୁଯୋଗ ଦେଇପାରେ ବୋଲି କୁହାଯାଉଛି। ପଶ୍ଚିମ ଓଡ଼ିଶାରେ ପ୍ରଦୀପଙ୍କ ଦବ୍‌ଦବା ରହିଛି। ଅନ୍ୟପଟେ ଅଶୋକ ପାଣିଗ୍ରାହୀଙ୍କୁ ମଧ୍ୟ ଦଳ ପ୍ରାର୍ଥୀ କରିବା ଦିଗରେ ଚିନ୍ତା କରୁଥିବା କୁହାଯାଉଛି। ଏଥର ବିଜେପୁର ଆସନ ଦଖଲ ଲାଗି ବିଜେଡି ଓ ଭାଜପା ମଧ୍ୟରେ ଜୋର୍‌ଦାର ଲଢେଇ ଦେଖିବାକୁ ମିଳିବ ବୋଲି ରାଜନୈତିକ ସମୀକ୍ଷକମାନେ ମତ ରଖିଛନ୍ତି।


**ପୂର୍ବ ତଟ ରେଳପଥ**

**ଇଂଜିନିୟରିଂ କାର୍ଯ୍ୟ**

ଟେଣ୍ଡର ବିଜ୍ଞପ୍ତି ସଂ. 03/ET/SBP/ENGG/ 2019-20, ତାରିଖ. 28.05.2019

(1)ଇ-ଟେଣ୍ଡର ବିଜ୍ଞପ୍ତି ସଂ.08-eT-DENC-SBP-19
କାର୍ଯ୍ୟର ନାମ: 24 ମାସ ଅବଧି ନିମନ୍ତେ ସମ୍ବଲପୁର ସ୍ଥିତ ରେଳ ନଗରରେ ଅଧିକାରୀ ଏବଂ କର୍ମଚାରୀ ପ୍ରତ୍ୟେକଙ୍କ ନିମନ୍ତେ 2 ଗୋଟି ସୁଇମିଙ୍ଗ୍ ପୁଲ (Swimming Pool)ର ରକ୍ଷଣାବେକ୍ଷଣ ।
କାର୍ଯ୍ୟର ଆନୁମାନିକ ମୂଲ୍ୟ : 15,99,897.82, EMD: 32,000/-, ଟେଣ୍ଡର ନଥିପତ୍ରର ମୂଲ୍ୟ: 2,000/- + 18% GST, କାର୍ଯ୍ୟ ଶେଷ ହେବା ଅବଧି: 24 ମାସ ।

(2)ଇ-ଟେଣ୍ଡର ବିଜ୍ଞପ୍ତି ସଂ.09-eT-DENC-SBP-19
କାର୍ଯ୍ୟର ନାମ: ସମ୍ବଲପୁର ଠାରେ ଆବାସିକ ବିଲ୍ଡିଂଗୁଡ଼ିକରେ ଡିସ୍‌ଟେମ୍ପରିଙ୍ଗ୍, ଜଳ ନିରୋଧୀ ସିମେଣ୍ଟ ଆଧାରିତ ପେଣ୍ଟିଙ୍ଗ୍ ଏବଂ କବାଟ ଏବଂ ଝରକାଗୁଡ଼ିକର ପେଣ୍ଟିଙ୍ଗ୍ ଭଳି ସମୟାନୁକ୍ରମିକ ଫିନିସିଙ୍ଗ୍ କାର୍ଯ୍ୟଗୁଡ଼ିକର ସମ୍ପାଦନ ।
କାର୍ଯ୍ୟର ଆନୁମାନିକ ମୂଲ୍ୟ : 93,09,570.80, EMD: 1,86,200/-, ଟେଣ୍ଡର ନଥିପତ୍ରର ମୂଲ୍ୟ: 5,000/- + 18% GST, କାର୍ଯ୍ୟ ଶେଷ ହେବା ଅବଧି: 06 ମାସ ।

(3)ଇ-ଟେଣ୍ଡର ବିଜ୍ଞପ୍ତି ସଂ.10-eT-DENC-SBP-19
କାର୍ଯ୍ୟର ନାମ: ସମ୍ବଲପୁର ମଣ୍ଡଳର ସମ୍ବଲପୁର ଏବଂ ସମ୍ବଲପୁର ରୋଡ୍ ଷ୍ଟେସନ ଠାରେ ଥିବା ସର୍ଭିସ୍ ବିଲ୍ଡିଂଗୁଡ଼ିକରେ ଡିସ୍‌ଟେମ୍ପରିଙ୍ଗ୍, ଜଳ ନିରୋଧୀ ସିମେଣ୍ଟ ଆଧାରିତ ପେଣ୍ଟିଙ୍ଗ୍ ଏବଂ କବାଟ ଏବଂ ଝରକାଗୁଡ଼ିକର ପେଣ୍ଟିଙ୍ଗ୍ ଭଳି ସମୟାନୁକ୍ରମିକ ଫିନିସିଙ୍ଗ୍ କାର୍ଯ୍ୟଗୁଡ଼ିକର ସମ୍ପାଦନ ।
କାର୍ଯ୍ୟର ଆନୁମାନିକ ମୂଲ୍ୟ : 1,11,51,346.01, EMD : 2,05,800/-, ଟେଣ୍ଡର ନଥିପତ୍ରର ମୂଲ୍ୟ: 5,000/- + 18% GST, କାର୍ଯ୍ୟ ଶେଷ ହେବା ଅବଧି : 06 ମାସ ।

(4)ଇ-ଟେଣ୍ଡର ବିଜ୍ଞପ୍ତି ସଂ.10-eT-SDENW-SBP-19
କାର୍ଯ୍ୟର ନାମ : ଦୁଇ ବର୍ଷ ନିମନ୍ତେ ସହାୟକ ମଣ୍ଡଳ ଯନ୍ତ୍ରୀ/ଟ୍ରାକ୍ ମେସିନ/ସମ୍ବଲପୁର ଅଧୀନସ୍ଥ ସମ୍ବଲପୁର ମଣ୍ଡଳରେ କାର୍ଯ୍ୟରତ BCM ର ବିଭିନ୍ନ କମ୍ପୋନେଣ୍ଟଗୁଡ଼ିକର ସ୍ପେୟାର ପାର୍ଟସ୍ ଏବଂ ଅନ୍ୟ ଟ୍ରାକ୍ ମେସିନ୍‌ଗୁଡ଼ିକର ମରାମତି ଏବଂ ରିକଣ୍ଡିସନିଙ୍ଗ୍ ।
କାର୍ଯ୍ୟର ଆନୁମାନିକ ମୂଲ୍ୟ : 30,77,607.06, EMD : 61,600/-, ଟେଣ୍ଡର ନଥିପତ୍ରର ମୂଲ୍ୟ: 3,000/- + 18% GST, କାର୍ଯ୍ୟ ଶେଷ ହେବା ଅବଧି : 24 ମାସ ।

(5)ଇ-ଟେଣ୍ଡର ବିଜ୍ଞପ୍ତି ସଂ.11-eT-SDENW-SBP-19
କାର୍ଯ୍ୟର ନାମ: ରେଳବାଇ ବିନିର୍ଦ୍ଦେଶନ (Specification) ଅନୁଯାୟୀ ରେଳବାଇ ଜମି/ଖାଦାନ ବାହାରୁ ଦୋଇକାଲୁ ଡିପୋ ଠାରେ ମେସିନ୍ ଦ୍ୱାରା ଭଙ୍ଗା ଯାଇ ମହଜୁଦ୍ ଥିବା 50,000 ଘନ ମିଟରର ଟ୍ରାକ୍ ବାଲାଷ୍ଟର ଯୋଗାଣ ଏବଂ ଗଦା ମାରିବା ତଥା ତାହାକୁ ସମ୍ବଲପୁର ମଣ୍ଡଳର ସହାୟକ ମଣ୍ଡଳ ଯନ୍ତ୍ରୀ/ଟିଟିଲାଗଡ଼ ପରିସୀମା ଅଧୀନସ୍ଥ ରେଳବାଇ ୱାଗନଗୁଡ଼ିକରେ ବୋଝେଇ କରିବା କାର୍ଯ୍ୟ ।
କାର୍ଯ୍ୟର ଆନୁମାନିକ ମୂଲ୍ୟ : 5,64,86,000/-, EMD : 4,32,500/-, ଟେଣ୍ଡର ନଥିପତ୍ରର ମୂଲ୍ୟ: 10,000/- + 18% GST, କାର୍ଯ୍ୟ ଶେଷ ହେବା ଅବଧି : 18 ମାସ ।

(6)ଇ-ଟେଣ୍ଡର ବିଜ୍ଞପ୍ତି ସଂ.07-eT-SDENE-SBP-19
କାର୍ଯ୍ୟର ନାମ: 02(ଦୁଇ) ବର୍ଷ ଅବଧି ନିମନ୍ତେ ବହିଃସ୍ରୋତ ଜରିଆରେ ଡିଜିଟାଲ ଅଲ୍‌ଟ୍ରାସୋନିକ୍ ଫ୍ଲ ଡିଟେକ୍ଟର(USFD) ଦ୍ୱାରା ରେଲ୍ ଏବଂ ୱେଲ୍ଡଗୁଡ଼ିକର ଅଲ୍‌ଟ୍ରାସୋନିକ୍ ପରୀକ୍ଷଣ ତଥା ସମ୍ବଲପୁର ମଣ୍ଡଳର ବିଭିନ୍ନ ଚିହ୍ନିତ ପ୍ୟାଚ୍‌ଗୁଡ଼ିକରେ ଅଲ୍‌ଟ୍ରାସୋନିକ୍ ପରୀକ୍ଷଣର ଇଣ୍ଡିଆନ୍ ରେଲୱେ ଷ୍ଟାଣ୍ଡାର୍ଡ ଏବଂ ସ୍ପେସିଫିକେସନ ରେଲ୍ ଏବଂ ୱେଲ୍ଡ (ସଂଶୋଧିତ ସଂସ୍କରଣ 2012) ଅନୁଯାୟୀ ସେଗୁଡ଼ିକୁ ରିପୋର୍ଟ କରିବା କାର୍ଯ୍ୟ ।
କାର୍ଯ୍ୟର ଆନୁମାନିକ ମୂଲ୍ୟ : 7,09,26,173.76, EMD : 5,04,600/-, ଟେଣ୍ଡର ନଥିପତ୍ରର ମୂଲ୍ୟ: 10,000/- + 18% GST, କାର୍ଯ୍ୟ ଶେଷ ହେବା ଅବଧି : 24 ମାସ ।

(7)ଇ-ଟେଣ୍ଡର ବିଜ୍ଞପ୍ତି ସଂ.08-eT-SDENE-SBP-19
କାର୍ଯ୍ୟର ନାମ: ସମ୍ବଲପୁର ମଣ୍ଡଳର ସମ୍ବଲପୁର-ଅନୁଗୁଳ ସେକ୍ସନରେ କି.ମି.22 ଠାରୁ କି.ମି. 23, କି.ମି. 33 ଠାରୁ କି.ମି. 34, କି.ମି.70 ଠାରୁ କି.ମି. 72, କି.ମି. 85 ଠାରୁ କି.ମି.90 ଏବଂ କି.ମି.115 ଠାରୁ କି.ମି. 144 ପର୍ଯ୍ୟନ୍ତ 38 କି.ମି. ନିମନ୍ତେ କଳଙ୍କି ନିରୋଧୀ (Anticorrosive) ପେଣ୍ଟ୍ ଦ୍ୱାରା ରେଲ୍‌ଗୁଡ଼ିକର ପେଣ୍ଟିଙ୍ଗ୍ ।
କାର୍ଯ୍ୟର ଆନୁମାନିକ ମୂଲ୍ୟ: 19,09,739.40, EMD: 38,200/-, ଟେଣ୍ଡର ନଥିପତ୍ରର ମୂଲ୍ୟ: 2,000/- + 18% GST, କାର୍ଯ୍ୟ ଶେଷ ହେବା ଅବଧି : 06 ମାସ ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ (ସମସ୍ତ ଟେଣ୍ଡର ନିମନ୍ତେ): ତା.20.06.2019ରିଖ 1500 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ମଣ୍ଡଳ ରେଳ ପ୍ରବନ୍ଧକ(ଇଂଜିନିୟରିଙ୍ଗ)/ ସମ୍ବଲପୁର
PR-127/K/19-20

## ସଂକ୍ଷେପରେ

### ବିସ୍ଫୋରକ ଜବତ, ମାଓବାଦୀ ଗିରଫ

ଠିକାସଂସ୍ଥା ଗାଡ଼ି ପୋଡ଼ିଲେ ମାଓବାଦୀ



**ମାଲକାନଗିରି, ୪।୬(ଡି.ଏନ୍.ଏ.):** ମାଓବାଦୀ ନିରୋଧ ଅଭିଯାନରେ ଛତିଶଗଡ଼ ପୋଲିସ ମଙ୍ଗଳବାର ଉଲ୍ଲେଖନୀୟ ସଫଳତା ପାଇଛି। ବିଭିନ୍ନ ସ୍ଥାନରେ କୋମ୍ବିଂ କରି ବିପୁଳ ପରିମାଣର ବିସ୍ଫୋରକ ଜବତ କରିବା ସହ ଜଣେ ମାଓବାଦୀଙ୍କୁ ଗିରଫ କରିବାରେ ପୋଲିସ ସଫଳ ହୋଇଛି। ସୂଚନା ଅନୁଯାୟୀ, ଛତିଶଗଡ଼ର କାଙ୍କେର ଜିଲା ଆମ୍ବାବେଡା ଅଞ୍ଚଳରେ ସ୍ଥାନୀୟ ପୋଲିସ କୋମ୍ବିଂ ଅପରେଶନ ଚଳାଇଥିବା ବେଳେ ଏକ ମାଓବାଦୀ କ୍ୟାମ୍ପ ଠାବ କରିଥିଲା। ସେଠାରୁ ବିପୁଳ ପରିମାଣର ବିସ୍ଫୋରକ, ଟ୍ରାନ୍ସମିଟର, ବୋମା, ମାଓବାଦୀଙ୍କ ଦ୍ୱାରା ବ୍ୟବହୃତ ପୋଷାକ ଆଦି ଜବତ କରାଯାଇଛି। ସେହିପରି ଦାନ୍ତେୱାଡା ଓ ବିଜାପୁର ପୋଲିସର ଯୁଗ୍ମ ଅପରେଶନ ସମୟରେ ଗାଙ୍ଗୁଲୁର ଅଞ୍ଚଳରୁ ବିସ୍ଫୋରକ ସାମଗ୍ରୀ, ଅଫୁଟା ବୋମା, ୱାକିଟକି ସହିତ ମାଓବାଦୀ ବ୍ୟବହାର କରୁଥିବା ବିଭିନ୍ନ ସାମଗ୍ରୀ ଜବତ ହୋଇଛି। ସେଠାରୁ ପୋଲିସ ମାଓବାଦୀ ବାମନ ବେକାଙ୍କୁ ଗିରଫ କରିଛି। ବାମନ ବହୁ ମାଓବାଦୀ ହିଂସାକାଣ୍ଡରେ ଜଡିତ ଥିଲେ। ତାଙ୍କ ନାଁରେ ଏକ ଲକ୍ଷ ଟଙ୍କାର ପୁରସ୍କାର ରାଶି ଥିଲା। ଅନ୍ୟପକ୍ଷରେ ମାଓବାଦୀମାନେ ମଧ୍ୟ ସେମାନଙ୍କ ଉପସ୍ଥିତି ଜାହିର କରିଛନ୍ତି। ବିଜାପୁର ଜିଲାରେ ଠିକା କାର୍ଯ୍ୟରେ ନିୟୋଜିତ ତିନୋଟି ଗାଡିକୁ ସେମାନେ ପୋଡି ଦେଇଛନ୍ତି।

## ଉତ୍ତାପ କମାଇବାକୁ କାର୍ଯ୍ୟକାରୀ ହେବ ପାଇଲଟ୍ ପ୍ରକଳ୍ପ

# କୁମୁଡ଼ା ପାହାଡ଼ ଉନ୍ନତି ଲାଗି ଖର୍ଚ୍ଚ ହେବ ୪.୭୪ କୋଟି ଟଙ୍କା

**ବଲାଙ୍ଗୀର ଅଫିସ,୪।୬**

ଉତ୍ତପ୍ତ ଅଞ୍ଚଳ ଭାବେ ପରିଚିତ ଟିଟିଲାଗଡ଼ ଏବଂ ଆଖପାଖ ଅଞ୍ଚଳରେ ତାପମାତ୍ରା ବୃଦ୍ଧି ରୋକିବାଦିଗରେ ବନ ବିଭାଗ ପକ୍ଷରୁ ଏକ ପାଇଲଟ ପ୍ରକଳ୍ପ କାର୍ଯ୍ୟକାରୀ କରିବାକୁ ଯୋଜନା କରାଯାଇଛି। ବଲାଙ୍ଗୀର ବନବିଭାଗ ପକ୍ଷରୁ ଏନେଇ ୪ କୋଟି ୭୪ ଲକ୍ଷ ଟଙ୍କାର ଏକ ପାଇଲଟ୍ ପ୍ରକଳ୍ପ ପ୍ରସ୍ତୁତ କରାଯାଇ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ(ପିସିସିଏଫ୍)ଙ୍କ ଅନୁମୋଦନ ପାଇଁ ପଠାଯାଇଥିଲା। ପିସିସିଏଫ୍ ଏହାକୁ ଅନୁମୋଦନ କରି ରାଜ୍ୟ ସରକାରଙ୍କ ପାଖକୁ ପଠାଇଥିବା ଜଣାପଡିଛି। ପ୍ରକଳ୍ପ କାର୍ଯ୍ୟକାରୀ ହେଲେ କୁମୁଡ଼ା ପାହାଡ଼ ଓ ଆଖପାଖ ଅଞ୍ଚଳରେ ବ୍ୟାପକ ବନୀକରଣ କରାଯିବା ସହ ପାହାଡ ଭିତରେ ପାଣିଟାଙ୍କି ନିର୍ମାଣ, ରାସ୍ତାକଡ଼ରେ ବନୀକରଣ ଓ ଅନ୍ୟାନ୍ୟ ଆନୁଷଙ୍ଗିକ କାର୍ଯ୍ୟକ୍ରମ କରାଯିବ। ଫଳରେ ଅଞ୍ଚଳରେ ତାପମାତ୍ରା କମିବା ସହ ପାହାଡ଼ ଓ ଆଖପାଖ ଅଞ୍ଚଳର ସୌନ୍ଦର୍ଯ୍ୟ ବୃଦ୍ଧି ହେବ।

ଟିଟିଲାଗଡ଼ ସହର ସଂଲଗ୍ନ ପ୍ରସିଦ୍ଧ କୁମୁଡ଼ା ପାହାଡରେ ଗଛ ନାହିଁ ଏଠାକାର ପଥର ଚଟାଣରୁ ତାପ ବିକିରଣ ଯୋଗୁ ଖରାଦିନେ ଏଠାରେ ପ୍ରଚଣ୍ଡ ତାପମାତ୍ରା ବୃଦ୍ଧି ଅନ୍ୟତମ କାରଣ ବୋଲି କୁହାଯାଇଛି। ୨୦୦୪ରୁ ୨୦୦୭ ମଧ୍ୟରେ ଟିଟିଲାଗଡ଼ ଶୀତଳୀକରଣ ଯୋଜନା କାର୍ଯ୍ୟକାରୀ କରାଯାଇଥିଲା। ସେତିକିବେଳେ ପ୍ରାୟ ୧ କୋଟି ୩୦ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇ ଏକ ପ୍ରକଳ୍ପ ପ୍ରସ୍ତୁତ ହୋଇଥିଲା। ଏହି ଶୀତଳୀକରଣ ଯୋଜନାରେ କୁମୁଡ଼ା ପାହାଡ ଉପରେ ମାଟି ଫିଲିଂ କରାଯାଇ ବୃକ୍ଷରୋପଣ କରାଯାଇଥିଲା। ହେଲେ ତାହା ବିଶେଷ ଫଳପ୍ରଦ ହେଲାନାହିଁ। ବର୍ଷାଦିନେ ପଥର ଚଟାଣରୁ ମାଟି ଖସିଯିବାରୁ ଏହି ଯୋଜନା ଫେଲ୍ ମାରିଥିଲା। ବର୍ତ୍ତମାନ ଏକ ନୂଆ ଟେକ୍ନିକ୍‌ରେ ପାହାଡ଼ରେ ବୃକ୍ଷରୋପଣ କରିବାକୁ ଯୋଜନା କରାଯାଇଛି।

ବନ ବିଭାଗ ସୂତ୍ରରୁ ମିଳିଥିବା ତଥ୍ୟ ଅନୁଯାୟୀ, ସରକାରଙ୍କ ଅନୁମୋଦନ ପାଇଁ ପଠାଯାଇଥିବା ପାଇଲଟ୍ ପ୍ରକଳ୍ପରେ କୁମୁଡ଼ା ପାହାଡ଼ ଉପରେ ମାଟି ଫିଲିଂ କରାଯିବ ନାହିଁ । ପାହାଡ଼ ପଥର ଚଟାଣରେ ଡ୍ରିଲିଂ କରାଯାଇ ମାଟି ଭର୍ତ୍ତି କରାଯିବ ଓ ସେଠାରେ ବୃକ୍ଷରୋପଣ କରାଯିବ। ଏହାସହିତ ସ୍ୱତନ୍ତ୍ର କିସମର ଗଛ ଲଗାଯିବ। ବର, ଅଶ୍ୱତ୍ଥ, ଡିମିରି ଭଳି କମ୍ ମାଟିରେ ବଞ୍ଚିପାରୁଥିବା ଗଛ ଲଗାଇବା ପାଇଁ ଯୋଜନା କରାଯାଇଛି। ୩୪ ଏକର ପରିମିତ ପାହାଡକୁ ସବୁଜ ସୁନ୍ଦର କରାଯିବା ସହ ଆଖପାଖ ଅଞ୍ଚଳରେ ଥିବା ଖାଲି ସ୍ଥାନ ଓ ରାସ୍ତାକଡରେ ଗଛ ଲଗାଯିବ। ଗତ ଜାନୁୟାରୀ ମାସରେ ବଲାଙ୍ଗୀର ବନ ବିଭାଗ ପକ୍ଷରୁ ଏହି ପାଇଲଟ ପ୍ରକଳ୍ପ ପ୍ରସ୍ତୁତ କରାଯାଇ ଅନୁମୋଦନ ପାଇଁ ପଠାଯାଇଛି। ପ୍ରକଳ୍ପ ତଦାରଖ ପରେ ପିସିସିଏଫ୍ ଗତ ଫେବୃୟାରୀ ପ୍ରଥମ ସପ୍ତାହରେ ରାଜ୍ୟ ସରକାରଙ୍କ ଅନୁମୋଦନ ପାଇଁ ପଠାଇଥିବା ବଲାଙ୍ଗୀର ଡିଏଫ୍‌ଓ ସମୀର ଶତପଥୀ ସୂଚନା ଦେଇଛନ୍ତି। ଓଡ଼ିଶା ପରିବେଶ ପରିଚାଳନା ପାଣ୍ଠି(ଓଇଏମ୍‌ଏଫ୍)ରେ ଏହି ପାଇଲଟ୍ ପ୍ରକଳ୍ପ ଉପସ୍ଥାନ କରାଯାଇଛି। ଏହାର ଅର୍ଥ ଅନୁମୋଦନ ହେଲେ ଖୁବ୍ ଶୀଘ୍ର କୁମୁଡ଼ା ପାହାଡ ବନୀକରଣ ଉନ୍ନୟନ କାମ ଆରମ୍ଭ କରାଯିବ ବୋଲି ଡିଏଫ୍‌ଓ ଶତପଥୀ କହିଛନ୍ତି। ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ଟିଟିଲାଗଡ ଅଞ୍ଚଳର ତାପମାତ୍ରା ବୃଦ୍ଧିକୁ ନିଶ୍ଚିତ ରୋକାଯାଇ ପାରିବ ବୋଲି ସେ କହିଛନ୍ତି।



ଟିଟିଲାଗଡ଼ର ପ୍ରସିଦ୍ଧ କୁମୁଡ଼ା ପାହାଡ଼।

- ପ୍ରକଳ୍ପ ଅନୁମୋଦନ ପାଇଁ ପଠାଯାଇଛି
- ସରକାରଙ୍କ ଅନୁମତିକୁ ଅପେକ୍ଷା
- ପରିବେଶ ଦିବସରେ ପରିବେଶ ଚିନ୍ତା

## ଦିନ ଦ୍ୱିପହରେ ଝାମ୍ପିନେଲ ୭୧ ହଜାର ଟଙ୍କା

**ସମ୍ବଲପୁର, ୪।୬ (ବ୍ୟୁରୋ)**

ସମ୍ବଲପୁର ଟାଉନ ଥାନା ଅଧୀନ ଫାର୍ମ ରୋଡରେ ମଙ୍ଗଳବାର ଦିନ ଦ୍ୱିପହରେ ଟଙ୍କା ଲୁଟ୍ ହୋଇଛି । ବାଇକ୍‌ରେ ଆସି ୨ ଜଣ ଦୁର୍ବୃତ୍ତ ମୁଦିପଡାର ଜି ତୁଲସୀ ରେଡ୍ଡିଙ୍କଠାରୁ ୭୧ ହାଜର ଟଙ୍କା ଝାମ୍ପି ନେଇ ଫେରାର ହୋଇ ଯାଇଛନ୍ତି । ବାଇକ ଟାଙ୍କି ଉପରେ ସେ ଟଙ୍କା ଭର୍ତ୍ତି ବ୍ୟାଗକୁ ନେଇ ଫାର୍ମରୋଡସ୍ଥିତ କାନାଡା ବ୍ୟାଙ୍କକୁ ଜମା କରିବାକୁ ଯାଉଥିଲେ । ପଛପଟୁ ଏକ ବାଇକରେ ୨ଜଣ ଆସି ବ୍ୟାଗ ନେଇଯାଇଥିଲେ । ଘଟଣା ସ୍ଥଳରେ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ନିକଟସ୍ଥ ସିସି ଟିଭି ଫୁଟେଜକୁ ଆଧାର କରି ପୋଲିସ ତଦନ୍ତ କରୁଛି । ଅଭିଯୁକ୍ତଙ୍କ ଚେହେରା ଜଣା ପଡୁଥିଲେ ମଧ୍ୟ ପରିଚୟ ମିଳି ପାରିନାହିଁ । ହେଲେ ବାହ୍ୟ ଜିଲାର ଅଭିଯୁକ୍ତ ବୋଲି ପୋଲିସ ସନ୍ଦେହ କରୁଛି ।

## ଦୁର୍ଗାପାଲି ଗୁଡେଶ୍ୱର ବାବାଙ୍କ ପତରପେଡ଼ିଁ

**ସମ୍ବଲପୁର, ୪।୬ (ବ୍ୟୁରୋ):** ଜୁନ୍ ୭ରୁ ୩ ଦିନ ଧରି ପ୍ରସିଦ୍ଧ ସମ୍ବଲପୁର ଶୀତଳଷଷ୍ଠୀ ଯାତ୍ରା ଆୟୋଜିତ ହେବ। ଦେବ ଦେବ ମହାଦେବ ଜଗତଜନନୀ ମା' ପାର୍ବତୀଙ୍କ ହାତ ଧରିବେ। ଏଥିପାଇଁ ସୋମବାର ନନ୍ଦପଡାର ବମ୍ବରାଡ ବାବା ବାଲୁଙ୍କେଶ୍ୱର ଦେବଙ୍କ ପତରପେଡିଁ ବା ନିର୍ବନ୍ଧ ସରିଛି। ସେହିଭଳି ମଙ୍ଗଳବାର ରାତିରେ ଦୁର୍ଗାପାଲିର ଶ୍ରୀ ଶ୍ରୀ ଗୁଡେଶ୍ୱରୀ ବାବାଙ୍କ ପତରପେଡିଁ କାର୍ଯ୍ୟକ୍ରମ ସମ୍ପନ୍ନ କରାଯାଇଛି। ପଣ୍ଡିତ କାମଦେବ ରଥ ଶର୍ମା ସ୍ୱତନ୍ତ୍ର ଭାବେ ପୂଜାର୍ଚ୍ଚନା କରିଥିଲେ। ବରପିତା ହେମନ୍ତ କୁମାର ମହାପାତ୍ର ସପ୍ତଋଷିଙ୍କ ଗହଣରେ ଘଣ୍ଟ ଶଙ୍ଖ ସହ କନ୍ୟା ସନ୍ଧାନରେ ବାହାରି ମହାନ୍ତିପଡ଼ାସ୍ଥିତ ସୁରେନ୍ଦ୍ର ବହିଦାରଙ୍କ ବାସଭବନରେ ପହଞ୍ଚିଥିଲେ । ବରପକ୍ଷଙ୍କୁ ସ୍ୱାଗତ ଜଣାଇ ଚିତ୍ରଗୁପ୍ତ ମନ୍ଦିରକୁ କନ୍ୟାପକ୍ଷ ପାଛୋଟି ନେଇଥିଲେ। ସତ୍ୟେନ୍ଦ୍ର ନାରାୟଣ ବହିଦାର ବରପକ୍ଷଙ୍କୁ ବିଭିନ୍ନ ପ୍ରଶ୍ନ ପଚାରିଥିଲେ। ବରପକ୍ଷ ଆଗମନର ଉଦ୍ଦେଶ୍ୟ ମନ୍ତ୍ର ମାଧ୍ୟମରେ କହିଥିଲେ । ଏହାପରେ ବରପିତା ଓ କନ୍ୟାପିତା ପରସ୍ପରକୁ ଶାଳପତ୍ର ବିଡ଼ା ଦିଆନିଆ ହୋଇ ବିବାହ କରିବାକୁ ସ୍ଥିର କରିଥିଲେ। ସ୍ୱାମୀ ସତ୍ୟଧର୍ମାନନ୍ଦ ସରସ୍ୱତୀ, ଗୌରୀଶଙ୍କର ଦାଶ, ଦୀନଦୟାଲ ଅଗ୍ରୱାଲ, ହରିଶ ଅଗ୍ରୱାଲ, ଲଳିତ ଅଗ୍ରୱାଲ, ରାଜକୁମାର ହୋଣ୍ଡା, ନନ୍ଦ କିଶୋର ଅଗ୍ରୱାଲ, ଶଙ୍କର ଅଗ୍ରୱାଲ, ପି.କେ. କନ୍ନପନ ସପ୍ତଋଷି ଭାବେ ସାମିଲ ଥିଲେ । ଗୁଡେଶ୍ୱର ମନ୍ଦିର ପୂଜକ ରାଜ କୁମାର ମହାପାତ୍ର, ରାଜେନ୍ଦ୍ର ହୋତା ଓ ସତ୍ୟ ମେହେର ପୂଜାର୍ଚ୍ଚନାରେ ସହଯୋଗ କରିଥିଲେ। ଦୁର୍ଗାପାଲି ଓ କାନିଜୁରୀର ବହୁ ବିଶିଷ୍ଟ ବ୍ୟକ୍ତି ପତରପେଡିଁରେ ସାମିଲ ଥିଲେ ।


ଡ୍ରାଇଭର ଆବଶ୍ୟକ
ଭୁବନେଶ୍ୱରରେ ଘରୋଇ କାର ଚଳାଇବା ପାଇଁ ଡ୍ରାଇଭର ଆବଶ୍ୟକ। Permanent Licence ଥିବା ଦରକାର।
Cont: 9337731351, 7077061630

URGENT REQUIRED
Sales Executive having Sales experience in Agarbatti / Engine oil.
Contact No.
9861357758, 9938854494

OMI କମ୍ପାନୀରେ ମ୍ୟାନେଜର, ଅଫିସ ଷ୍ଟାଫ ପୋଷ୍ଟ ପାଇଁ ୩୯ ପୁଅ / ଝିଅ ଆବଶ୍ୟକତା
ଦରମା 10000/- ରୁ 15000/-
ସାମନ୍ତରାପୁର, ଭୁବନେଶ୍ୱର
799284861, 9078415615

REQUIRED
Required Experienced MANAGER (Production) B.Sc., MANAGER (Liaison) BA or B.Com. for a Chemical Industry at Bhubaneswar.
Contact: 9437468880

OFFICE STAFF ଆବଶ୍ୟକ
Bhubaneswar ଅଫିସ୍‌ରେ କାମ କରିବା ପାଇଁ 10th/ above ଯୁବକଯୁବତୀ ଆବଶ୍ୟକ। ବୟସ: (18-30) yrs. ରହିବାର ସୁବିଧା ଦିଆଯିବ। Monthly Salary upto Rs. 24000/-.
Contact: 9938414918

ITPS ACADEMY, BBSR requires
• Marketing Executive (Fresher Male), • Tele Caller, • Back Office Executive (Male/Female), • DTP cum Computer Operator (Male), • Office Boy (Male).
Walk in or send Biodata to:
Email: utilityservices60@gmail.com
Call: 8984063445, 8984063447

URGENTLY REQUIRED
• PRINCIPAL (Female): B.Ed. with 5 to 7 years Experience, Salary: 15,000 to 25,000.
• TEACHER (Math & Science) Female: B.Ed. with 3 years Exp., Salary: 7,000 to 15,000.
• TEACHER (English) Female: B.Ed with 3 years Exp., Salary: 7,000 to 15,000.
• TEACHER (Kindergarten) Female: NTT/ B.Ed. with 3 years Exp., Salary: 5,000 to 15,000.
LUCKY PUBLIC SCHOOL
Charichhak, Nimapara, Puri
7894447001/ 7894447111/ 06758-237776
luckypublicschool2015@gmail.com

ଧରିତ୍ରୀ DHARITRI CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385, 7894447169
Email : advt@dharitri.com

WANTED
Experienced Drivers for 4-wheelers, Lathe & Milling Machine Operators, Welders, Gas-cutters, Fitters, Erector Gangs for erection of all types of mechanical irrigation shutters for enlistment.
Contact: 9937513322

ଚେନ୍ନାଇରେ ଚାକିରି। ହିନ୍ଦୀ କହିପାରୁଥିବେ। କେବଳ ଅଭିଜ୍ଞ ପ୍ରାର୍ଥୀ। ଚାକର। ଘର ସଫେଇବାଲା। ଅଫିସ୍ ଆସିଷ୍ଟାଣ୍ଟ । ଜୁନିୟର କୁକ୍। ହେଲ୍‌ପର/ପିଅନ । ଭଲ ଦରମା।
ଯୋଗାଯୋଗ:
ଅଗରୱାଲ, ଏଫ୍‌ଏଫ୍‌ଏଫ୍ ଲିଃ:
9884761210

WANTED
LADY OFFICE ASSISTANT
Cuttack. Free Accommodation with 7500/-.
Contact: 8249851363

OFFICIALLY JOB
ଯୋଗ୍ୟତା: ଦଶମ ପାସ୍/ଫେଲ୍, ବୟସ: (18-35) yrs., Monthly Salary pto Rs.25000/-.
Contact Immediately
Mob: 8763257042

ଆବଶ୍ୟକ
ଭୁବନେଶ୍ୱର, କଟକ, ବ୍ରହ୍ମପୁର ଏବଂ ରାଉରକେଲା ପାଇଁ Office Staff ଆବଶ୍ୟକ। ଯୋଗ୍ୟତା: 10th/ above. Monthly Salary upto Rs.27000/-. (Part Time/Full Time)
Mob: 9938676412

URGENTLY REQUIRED
●Counsellor/Telecaller Salary: Rs. 6000/- to 12000/-P.M
●Smart Lady Receptionist Salary: Rs. 8000/- to 10000/-P.M
● OFFICE ASSISTANCE
•DTP • House Keeping
• Hostel Warden (For an Institute)
BHUBANESWAR / BALANGIR
7735387851/ 9438256276

Jr. Clerk cum Computer Asst. For NGO at Bhubaneswar. Full Time, Salary Negotiable, Accommodation Free.
Contact: 9437976979, 9437392145

ସତ୍ୟ ମାଇକ୍ରୋ କ୍ୟାପିଟାଲ ଲିମିଟେଡ
(ଆର.ବି.ଆଇ. ରେଜିଷ୍ଟରଡ ନ.ବି.ଫଁ.ସି - ମ.ଫଁ.ଆଇ)
ସୁବର୍ଣ୍ଣ ନିଯୁକ୍ତି ସୁଯୋଗ - ବ୍ୟାଙ୍କିଙ୍ଗ / ଫାଇନାନ୍ସ କ୍ଷେତ୍ରରେ କ୍ୟାରିୟର ବନେଇବା ପାଇଁ ସୁବର୍ଣ୍ଣ ସୁଯୋଗ
ଇଡିଓ (ଫିଲଡ ଅଫିସର) - 100 ପଦବୀ
ଯୋଗ୍ୟତା: +2/ଗ୍ରାଜୁଏଟ, ଅନୁଭବ: 0ରୁ 1ବର୍ଷ ଅନୁଭବ (ଭଲକୁଶଳ ବକ୍ତା)
ଦରମା - 10,000 - 15,000 ପ୍ରତି ମାସ (ବୟସ : 18-30 ବର୍ଷ)
ସୁବିଧା - ରହିବା ପାଇଁ ରୁମ, ପ୍ରୋଭିଡେଣ୍ଟ ଫଣ୍ଡ, ଗ୍ରାଚୁଇଟି, ବୋନସ, ଭତ୍ତା, ଇନ୍‌ସୁରାନ୍ସ
ଇଣ୍ଟରଭିୟୁ ତାରିଖ - ୮ ଏବଂ ୯ ଜୁନ ୨୦୧୯ । ସକାଳ- ୧୦.୦୦ ରୁ ସନ୍ଧ୍ୟା ୪.୦୦ ଯାଏଁ
ସ୍ଥାନ- ହୋଟେଲ ପାର୍କ ରିସୋର୍ଟସ
ପ୍ଲଟ୍ ନଂ. ୨୨୭୧, ଅପୋଜିଟ୍ ଅଫ୍ ସିଣ୍ଡିକେଟ୍ ବ୍ୟାଙ୍କ, କଟକରୋଡ଼, ଭୁବନେଶ୍ୱର-୭୫୧୦୦୬
ଯୋଗାଯୋଗ- 8448092877 / 9937046818 / 7978799274
ଏହି ଚାକିରି ପାଇଁ ବାଇକ୍ ଆବଶ୍ୟକ।

URGENT REQUIRED
▶ Personal Assistant : 10 plus year Experience in a NGO or Marketing; MBA, MA or Law Degree. Must be good at letter writing.
▶ Women Welfare Aassistance : Min 7 years Experience in NGO or Social service; Graduate Degree
▶ Social Media Assistant : Min 3 years Experience in Facebook and Twitter or worked in public relations. Must be good at video and photo editing. Graduate in journalism and good writing
Contact No.- 9438072829, 9861901749
Send me Bio data at :- cdheart@gmail.com

भारतीय प्रौद्योगिकी संस्थान भुवनेश्वर
INDIAN INSTITUTE OF TECHNOLOGY BHUBANESWAR
Argul, Khordha - 752050
ADVERTISEMENT No. Rectt.-OS/ 01/ Non – Teaching / 2019
Walk-in Interview/Skill Test
IIT Bhubaneswar invites the interested candidates for walk-in-interview/Skill Test on -07.06.2019 at 9:00 AM for the following positions to be engaged on outsourced basis.
1. Junior Engineer (Civil) – 3 Nos
2. Supervisor (Electrical) – 1 No.
3. Technician (Mech.) – 2 Nos
4. Helper – 2 Nos
Candidates should bring their original certificates along with their Bio-data and photocopies of testimonials. They are requested to report at SIF Building, IIT Bhubaneswar, Argul Campus, Jatni, Khordha – 752 050.
For details, please visit Institute's website at http://www.iitbbs.ac.in.
Sd/-
REGISTRAR

WANTED
SALESMAN & PEON BOY
for Electronics Showroom in Bhubaneswar
Contact No:- 9861122226, 9090555447

URGENT REQUIRED
ନିଜ ବ୍ଲକ ଓ ପଞ୍ଚାୟତ ସ୍ତରରେ କାମ କରିବା ପାଇଁ ପ୍ରତ୍ୟେକ ଜିଲ୍ଲାରେ Candidate ଆବଶ୍ୟକ। ଦରମା: 27,000/-, ଶିକ୍ଷାଗତ ଯୋଗ୍ୟତା: 8th to 10th & above.
Contact: 8339922964

PLANT JOB
JAJPUR, PARADEEP, ANGUL ଓ KHURDHAରେ ଥିବା Steel ଓ Power-plantପାଇଁ ITI Candidate ଆବଶ୍ୟକ ।
Fresher or Experienced
Qual : ITI (Fitter/Electrician/Welder)
Sal : Rs.13000/- (ରହିବା ଖାଇବା ସହ)
Ph : 9439246122

REQUIRED
A reputed business house requires
ׁPrivate Car Driver (One) with DL(3W/4W)
TATA Ace Driver (Two) with DL(Transport)
Please Contact: 9938303321

ଜିଲ୍ଲା ସ୍ତରୀୟ ନିଯୁକ୍ତି
ନିଜ ନିଜ ଜିଲ୍ଲାରେଥିବା Govt. ଓ Non-Govt. ଅଫିସରେ COMPUTER OPERATOR, DATA ENTRY OPERATOR ଓ CLERK ଆବଶ୍ୟକ
Qual.- 10th, +2, +3 with Computer
Salary : Rs. 8,000 To Rs.16,000
M : 8895725158, 6370827728

REQUIRED
"SANJOG" an NGO in Bolangir district requires following personnel for its tribal Livelihood Project.
• Horticulturist (One)- Must be a Diploma/Degree holder in horticulture with 1 year field experience.
• Project Manager (One)- Post Graduate with adequate work experience.
• Accountant (Part Time)- Graduate in Commerce with experience in Tally etc. Salary negotiable.
Send CV to snj_kbj@rediffmail.com or Sanjog, Kantabanji, Dist.- Bolangir-767039

OrissaPOST English daily
WANTED
SENIOR SUB-EDITORS:-
• Applicants must have atleast 5 years of editorial experience and proficiency in QuarkXPress. Responsibilities will include copy editing and rewriting articles, fact-checking and writing engaging headlines.
SENIOR REPORTERS:-
• Minimum 5 years of reporting experience in English media.
TRANSLATORS:-
• Well Versed in English and Oriya (Full Time).
Apply within 7 days to : recruitment@orissapost.com
Pay & perks will be the best in the industry for deserving candidates.

ଧରିତ୍ରୀ DHARITRI
ଆବଶ୍ୟକ କରୁଛି
ସହସମ୍ପାଦକ
• ପ୍ରାର୍ଥୀଙ୍କର ଡେସ୍କ କାର୍ଯ୍ୟରେ ଅନ୍ୟୂନ ୩ ବର୍ଷର ଅଭିଜ୍ଞତା ରହିଥିବା ଆବଶ୍ୟକ।
• ସାମ୍ବାଦିକତାରେ ଡିଗ୍ରୀ ରହିଥିବା ଆବଶ୍ୟକ।
• ଖବରକୁ ବୁଝିବା, ଅନୁବାଦ, ସମ୍ପାଦନା ଏବଂ ଆକର୍ଷଣୀୟ ଶିରୋନାମା ଦେବାରେ ପ୍ରାର୍ଥୀଙ୍କର ବିଶେଷଜ୍ଞତା ରହିବା ଆବଶ୍ୟକ।
• ଖବରଗୁଡ଼ିକୁ ୱେବ୍‌ସାଇଟ୍ ଏବଂ ସୋସିଆଲ ମିଡ଼ିଆରେ ଅପ୍‌ଲୋଡ୍ କରିବାରେ ଅଭିଜ୍ଞ ପ୍ରାର୍ଥୀମାନଙ୍କୁ ପ୍ରାଧାନ୍ୟ ଦିଆଯିବ।
ଖବରଦାତା
• ପ୍ରାର୍ଥୀଙ୍କର ସମ୍ପୃକ୍ତ କ୍ଷେତ୍ରରେ ଅତିକମ୍‌ରେ ୩ ବର୍ଷର ଅଭିଜ୍ଞତା ରହିବା ଆବଶ୍ୟକ।
• ପ୍ରାର୍ଥୀ ରାଜ୍ୟର ଯେକୌଣସି ଜିଲାରେ କାର୍ଯ୍ୟ କରିବା ପାଇଁ ଇଚ୍ଛୁକ ଥିବା ଆବଶ୍ୟକ।
ଆବେଦନ କରନ୍ତୁ:-
recruitment@dharitri.com
ଅଭିଜ୍ଞତା ଆଧାରରେ ପାରିଶ୍ରମିକ ଦିଆଯିବ ।

ନୋଟିସ୍: ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।

ସୂର୍ଯ୍ୟୋଦୟ ସ୍ମଲ ଫାଇନାନ୍ସ ବ୍ୟାଙ୍କ ସହ ମିଶି ଅଶୋକ ଲେଲାଣ୍ଡ ଆଗ୍ରହୀ ଗାଡ଼ି କ୍ରେତାଙ୍କୁ ସହଜରେ ଋଣ ଉପଲବ୍ଧ କରିବ। ଏହାଦ୍ୱାରା କମ୍ପାନୀର ଅଭିବୃଦ୍ଧି ବଢ଼ିବ ବୋଲି ଆଶା।

– ଗୋପାଳ ମହାଦେବନ, ସିଏଫ୍‌ଓ, ଅଶୋକ ଲେଲାଣ୍ଡ



ଟାଟା ସ୍କାଏର ଗ୍ରାହକଙ୍କୁ ଭିଡ଼ିଓ ଷ୍ଟ୍ରିମିଂ ପାଇଁ କମ୍ପାନୀ ଆମାଜନ ସହ ଚୁକ୍ତିବଦ୍ଧ ହୋଇଛି। ଏହାଦ୍ୱାରା ଲକ୍ଷ ଲକ୍ଷ ଗ୍ରାହକଙ୍କୁ ଏଣ୍ଟରଟେନ୍‌ମେଣ୍ଟର ଏକ ନୂଆ ଆନନ୍ଦ ଅନୁଭବ ହେବ।

–ପଲ୍ଲଭି ପୁରୀ, ଚିଫ୍ କମର୍ସିଆଲ ଅଫିସର, ଟାଟା ସ୍କାଏ



## ସଂକ୍ଷେପରେ

### ରାଷ୍ଟ୍ରାୟତ୍ତ ବ୍ୟାଙ୍କକୁ ମିଳିବ ୪୦ହଜାର କୋଟି

ନୂଆଦିଲ୍ଲୀ,୪-୬: କେନ୍ଦ୍ର ସରକାର ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକୁ ଚଳିତ ଆର୍ଥିକ ବର୍ଷରେ ପ୍ରାୟ ୪୦ ହଜାର କୋଟି ଟଙ୍କା ପୁନଃ ପୁଞ୍ଜିକରଣ ବାବଦରେ ଦେଇପାରେ। ଋଣ ବିତରଣକୁ ଅଧିକ ସୁଦୃଢ଼ କରିବା ଲାଗି ସରକାର ଏହି ପଦକ୍ଷେପ ଗ୍ରହଣ କରିବାକୁ ଯାଉଛନ୍ତି। ଜୁଲାଇ ୫ରେ ଉପସ୍ଥାପିତ ହେବାକୁ ଥିବା ପୂର୍ଣ୍ଣାଙ୍ଗ ବଜେଟରେ ଏ ସମ୍ପର୍କରେ ଘୋଷଣା କରାଯାଇପାରେ ବୋଲି ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ଋଣ ଅଭିବୃଦ୍ଧିକୁ ପ୍ରୋତ୍ସାହନ ଦେବା ଲାଗି ସରକାର ଏଭଳି ଏକ ଯୋଜନା ସମ୍ପର୍କରେ ବିଚାର କରୁଛନ୍ତି। ସେ କହିଛନ୍ତି ଯେ, ଏହି ପୁଞ୍ଜି ଯୋଗୁ ଋଣ ପ୍ରଦାନ ସହଜ ହେବ ଏବଂ କେତେକ ଦୁର୍ବଳ ବ୍ୟାଙ୍କ ନିୟାମକୀୟ ନିୟମ ପାଳନ କରିପାରିବେ। ପ୍ରାୟ ୫ ବ୍ୟାଙ୍କ ଅଦ୍ୟାବଧି ପ୍ରମ୍ପଟ କରେକ୍ଟିଭ ଆକ୍ସନ(ପିସିଏ) ଅଧୀନରେ ରହିଛି। ସରକାର ଗତ ଆର୍ଥିକ ବର୍ଷରେ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକୁ ରେକର୍ଡ ୧.୬ ଲକ୍ଷ କୋଟି ଟଙ୍କା ପ୍ରଦାନ କରିଥିଲେ।

### ଜେଟ୍ ବନ୍ଦ ହେବା ଲାଗି ସରକାର ଦାୟୀ : ସ୍ପାଇସ୍‌ଜେଟ ଅଧ୍ୟକ୍ଷ




ନୂଆଦିଲ୍ଲୀ,୪-୬: ଘରୋଇ ଏୟାରଲାଇନ୍ସ କମ୍ପାନୀ ଜେଟ୍ ଏୟାରୱେଜ୍ ଅଚାନକ ବନ୍ଦ ହୋଇଯିବାକୁ ନେଇ ସ୍ପାଇସ୍‌ଜେଟ୍ ଅଧ୍ୟକ୍ଷ ଅଜୟ ସିଂ ମୁହଁ ଖୋଲିଛନ୍ତି। ଜେଟ୍ ବନ୍ଦ ହୋଇଯିବା ସମସ୍ତଙ୍କ ପାଇଁ ନିଦରୁ ଜାଗି ଉଠିବାର ବେଳ ବୋଲି ସେ ଉଲ୍ଲେଖ କରିଛନ୍ତି। ଏଥିପାଇଁ କେନ୍ଦ୍ର ସରକାର ଓ ସମ୍ପୃକ୍ତ ମନ୍ତ୍ରଣାଳୟ ଦାୟୀ ବୋଲି ସେ କହିଛନ୍ତି। ତାଙ୍କର କହିବାନୁଯାୟୀ, ଭାରତରେ ବିମାନ କମ୍ପାନୀ ଚଳାଇବା ମହଙ୍ଗା, କାରଣ ଏଠାରେ ଅତ୍ୟଧିକ ବ୍ୟୟ କରିବାକୁ ପଡୁଛି। ସୂଚନାଯୋଗ୍ୟ ଯେ, ନଗଦ ସଙ୍କଟ କାରଣରୁ ଏପ୍ରିଲରେ ଜେଟ୍ ଏୟାରୱେଜ୍ ସାମୟିକ ବନ୍ଦ ହୋଇଯାଇଛି। ଏହା ୩୦ ବିମାନକୁ ଲିଜ୍‌ରେ ନେବାକୁ ସ୍ପାଇସ୍‌ଜେଟ୍ ବିଚାର କରୁଛି। ଜେଟ୍ ଏୟାରୱେଜ୍‌ର ଉଡ଼ାଣ ବନ୍ଦ ହୋଇଯିବାକୁ ଦୁର୍ଭାଗ୍ୟପୂର୍ଣ୍ଣ ଉଲ୍ଲେଖ କରି ସିଂ କହିଛନ୍ତି ଯେ, ଆଭ୍ୟନ୍ତରୀଣ କାରଣ ଓ ଉଚ୍ଚ ବ୍ୟୟ ଯୋଗୁ କମ୍ପାନୀ ଅଦିନରେ ବନ୍ଦ ହୋଇଗଲା। ଏଥିଯୋଗୁ ଆମ ସମସ୍ତଙ୍କୁ ଏବଂ ନୀତି ନିର୍ଦ୍ଧାରକଙ୍କୁ ଜାଗି ଉଠିବାର ବେଳ ଆସିଛି। ସେ କହିଛନ୍ତି ଯେ, ବିମାନ କ୍ଷେତ୍ରରେ ନିବେଶ ଅତ୍ୟନ୍ତ ବ୍ୟୟସାପେକ୍ଷ ହେଲାଣି। ସିଂ କହିଛନ୍ତି ଯେ, ଜେଟ୍‌ର ଲଗାଣ ଢାଞ୍ଚା ବ୍ୟୟ ଅତ୍ୟଧିକ ହେବା କାରଣରୁ ଏହା ଅନ୍ୟ ବିମାନ କମ୍ପାନୀଙ୍କ ସହ ପ୍ରତିଯୋଗିତା କରିପାରିଲା ନାହିଁ ବୋଲି ମନେ କରାଯାଇପାରେ।

**ଆଇଏଲ୍‌ଆଣ୍ଡଏଫ୍‌ଏସ୍ ମାମଲା**

### ଅଡିଟରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସୁପାରିସ୍



ନୂଆଦିଲ୍ଲୀ,୪-୬: କର୍ପୋରେଟ ବ୍ୟାପାର ଯାଞ୍ଚ କରୁଥିବା ସିରିୟସ୍ ଫ୍ରଡ୍ ଇନ୍‌ଭେଷ୍ଟିଗେଶନ ଅଫିସ୍(ଏସ୍‌ଏଫ୍‌ଆଇଓ) ଆଇଏଲ୍‌ଆଣ୍ଡଏଫ୍‌ଏସ୍ ମାମଲାରେ ଜାଲିଆତିରେ ସାମିଲ ଥିବା ଅଡିଟରମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଲାଗି ସୁପାରିସ କରିଛି। ଏଥିସହ ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ଦ୍ୱାରା ତ୍ରୁଟି ଧରିବାରେ ବିଳମ୍ବର କାରଣ ଖୋଜିବା ପାଇଁ ଆଭ୍ୟନ୍ତରୀଣ ଯାଞ୍ଚ ଲାଗି କୁହାଯାଇଛି। ନିଜର ପ୍ରଥମ ଚାର୍ଜଶିଟ୍‌ରେ ଏସ୍‌ଏଫ୍‌ଆଇଓ ଦର୍ଶାଇଥିଲା ଯେ, ଆଇଏଲ୍‌ଆଣ୍ଡଏଫ୍‌ଏସ୍ ଫାଇନାନ୍ସିଆଲ ସର୍ଭିସେସ୍‌ର ଟପ୍ ମ୍ୟାନେଜମେଣ୍ଟ, ଅଡିଟର ଓ ସ୍ୱାଧୀନ ନିର୍ଦ୍ଦେଶକମାନେ ମିଳିମିଶି କମ୍ପାନୀକୁ ଦେବାଳିଆ କରିଦେଇଥିଲେ। ଏମାନେ ଏକ ଗୋଷ୍ଠୀ ଗଠନ କରିଥିଲେ ବୋଲି ଏସ୍‌ଏଫ୍‌ଆଇଓ ଚାର୍ଜଶିଟ୍‌ରେ ଦର୍ଶାଯାଇଥିଲା। ୨୦୧୫ ପରେ ଆଇଏଫ୍‌ଆଇଏନ୍‌ରେ ଋଣପ୍ରଦାନ ନିୟମ ଉଲ୍ଲଂଘନ ହୋଇଥିବା ନେଇ ଆର୍‌ବିଆଇ ବାରମ୍ବାର ରେଖାଙ୍କିତ କରିଥିଲା ବୋଲି ଯାଞ୍ଚରୁ ଜଣାପଡିଛି।

**ବଜେଟ ପ୍ରସ୍ତୁତି କାମ ଆରମ୍ଭ**

# ୧୦ରୁ ଅର୍ଥମନ୍ତ୍ରଣାଳୟରେ ବାହ୍ୟ ପ୍ରବେଶ ବନ୍ଦ

ନୂଆଦିଲ୍ଲୀ,୪-୬




ମୋଦି ସରକାରଙ୍କ ଦ୍ୱିତୀୟ କାର୍ଯ୍ୟକାଳର ପ୍ରଥମ ପୂର୍ଣ୍ଣାଙ୍ଗ ବଜେଟ ଜୁଲାଇ ୫ରେ ଉପସ୍ଥାପିତ ହେବାକୁ ଯାଉଛି। ଏଭଳି ସ୍ଥିତିରେ ବଜେଟ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ସୋମବାରଠାରୁ ଅର୍ଥ ମନ୍ତ୍ରଣାଳୟରେ 'କ୍ୱାରେଣ୍ଟାଇନ'ଲାଗୁ ହୋଇଯିବ। ଅର୍ଥାତ୍ ଅର୍ଥ ମନ୍ତ୍ରଣାଳୟ ମଧ୍ୟକୁ ବାହ୍ୟ ବ୍ୟକ୍ତିଙ୍କ ପ୍ରବେଶ ଉପରେ ଲାଗିବ କଟକଣା। ଏହା ଜୁଲାଇ ୫ ପର୍ଯ୍ୟନ୍ତ ଜାରି ରହିବ। ଏହି ଅବଧିରେ ଅର୍ଥ ମନ୍ତ୍ରଣାଳୟର ଅଧିକାରୀ ଓ କର୍ମଚାରୀଙ୍କ ସହ ବାହ୍ୟ ସମ୍ପର୍କ ଛିନ୍ନ ହୋଇଯିବ।

ପ୍ରାପ୍ତ ସୂଚନାରୁ ଜଣାପଡିଛି ଯେ, ଜୁନ ୧୦ରୁ ଅର୍ଥ ମନ୍ତ୍ରଣାଳୟ ମଧ୍ୟକୁ ମିଡିଆ ଏବଂ ଅନ୍ୟ ବାହ୍ୟ ଲୋକଙ୍କ ପ୍ରବେଶକୁ ସମ୍ପୂର୍ଣ୍ଣ ରୂପେ ବନ୍ଦ କରାଯିବ। ଏଥିସହିତ ନର୍ଥ ବ୍ଲକ୍‌ର ଅଧିକାରୀ,କର୍ମଚାରୀ ବ୍ୟକ୍ତିଗତ ଇ-ମେଲ୍,ଫୋନ ଆଦି ବ୍ୟବହାର କରିପାରିବେ ନାହିଁ। ସେହିପରି ଅର୍ଥ ମନ୍ତ୍ରଣାଳୟର ପ୍ରବେଶ ଓ ପ୍ରସ୍ଥାନ ଦ୍ୱାରକୁ ସିଆଇଏସ୍‌ଏଫ୍, ଦିଲ୍ଲୀ ପୋଲିସ ଏବଂ ଗୋଇନ୍ଦା ବାହିନୀ ଜଗିବେ। ବଜେଟ ପ୍ରସ୍ତୁତିରେ ନିୟୋଜିତ ଅଧିକାରୀ,କର୍ମଚାରୀଙ୍କୁ ଭେଟୁଥିବା ବ୍ୟକ୍ତିବିଶେଷଙ୍କ ଉପରେ ସେମାନଙ୍କ ନଜର ରହିବ।

### ୧୦ ଦିନ ପୂର୍ବରୁ ହୁଏ ହାଲୁଆ ସେରିମନି

ବଜେଟ ଉପସ୍ଥାପନ ହେବାର ୧୦ ଦିନ ପୂର୍ବରୁ ଅର୍ଥ ମନ୍ତ୍ରଣାଳୟର ବେସ୍‌ମେଣ୍ଟରେ ଥିବା ପ୍ରିଣ୍ଟିଂ ପ୍ରେସ୍‌ରେ ବଜେଟ ପୁସ୍ତିକା ଛାପା କାର୍ଯ୍ୟ ଆରମ୍ଭ ହୋଇଥାଏ। ଛପା ଆରମ୍ଭ ହେବା ପୂର୍ବରୁ ଅର୍ଥ ମନ୍ତ୍ରଣାଳୟରେ ହାଲୁଆ ସେରିମନି ପାଳନ କରାଯାଇଥାଏ। ଏଥିରେ ଅର୍ଥ ମନ୍ତ୍ରୀ ପ୍ରଥମେ ହାଲୁଆ ଗ୍ରହଣ କରିଥାନ୍ତି। ସୂଚନାଥାଉ କି, ବଜେଟ ପୁସ୍ତିକା ଛାପିବା କାର୍ଯ୍ୟ ସମ୍ପୂର୍ଣ୍ଣ ଗୋପନୀୟ ହୋଇଥାଏ। ଏଥିସହିତ ଜଡ଼ିତ ଜଟିଳ ପ୍ରକ୍ରିୟାକୁ ହାଲ୍‌କା କରିବା ଲାଗି ଏହି ସେରିମନିର ଆୟୋଜନ କରାଯାଇଥାଏ। ବଜେଟ ଛାପା ସହିତ ଜଡ଼ିତ ୧୦୦ ଅଧିକାରୀ ଓ କର୍ମଚାରୀ ୧୦ ଦିନ ପର୍ଯ୍ୟନ୍ତ ସାରା ଦୁନିଆରୁ ବିଚ୍ଛିନ୍ନ ହୋଇଯାଆନ୍ତି। ଏପରିକି ସେମାନଙ୍କୁ ଘରକୁ ଯିବାର ଅନୁମତି ନ ଥାଏ।

### ଡାକ୍ତରୀ ଦଳ ଉପସ୍ଥିତ ରହିବେ

ଅର୍ଥ ମନ୍ତ୍ରଣାଳୟରେ ୧୦ ଦିନ ଲାଗି ଏକ ଡାକ୍ତରୀ ଦଳ ଦିନ ରାତି ଉପସ୍ଥିତ ରହିବେ। ଯେକୌଣସି କର୍ମଚାରୀ ଅସୁସ୍ଥ ହେବା କ୍ଷେତ୍ରରେ ସେମାନଙ୍କୁ ଚିକିତ୍ସା ସୁବିଧା ଯୋଗାଇ ଦେବା ଏହାର ଉଦ୍ଦେଶ୍ୟ। ଅସୁସ୍ଥ କର୍ମଚାରୀ ଏହି ୧୦ ଦିନ ଭିତରେ ହସ୍ପିଟାଲକୁ ଚିକିତ୍ସା ପାଇଁ ଯାଇପାରିବେ ନାହିଁ।

### ଇଣ୍ଟରନେଟ୍ ସଂଯୋଗ କାଟି ଦିଆଯାଏ

ସୁରକ୍ଷା ଦୃଷ୍ଟିକୋଣରୁ ଯେଉଁ କମ୍ପ୍ୟୁଟରଗୁଡ଼ିକରେ ବଜେଟ ଡକ୍ୟୁମେଣ୍ଟ ରହିଥାଏ, ସେଗୁଡ଼ିକର ଇଣ୍ଟରନେଟ୍ ଓ ଏନ୍‌ଆଇସିର ସର୍ଭରକୁ ଡିଲିଙ୍କ କରିଦିଆଯାଏ। ଫଳରେ କୌଣସି ପ୍ରକାର ହ୍ୟାକିଂର ଭୟ ନ ଥାଏ। ଏହି କମ୍ପ୍ୟୁଟରଗୁଡ଼ିକୁ କେବଳ ପ୍ରିଣ୍ଟିଂ ମେଶିନ ସହ ସଂଯୋଗ ରହିଥାଏ। ପ୍ରିଣ୍ଟିଂ ପ୍ରେସ୍ ନିକଟରେ କେବଳ ବଛା ବଛା କେତେଜଣ ଅଧିକାରୀ ହିଁ ଯାଇପାରନ୍ତି।

### ବଜେଟ ଟିମ୍‌ର ସଦସ୍ୟ

ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍‌ଙ୍କୁ ଛାଡ଼ିଦେଲେ ବଜେଟ ଟିମ୍‌ରେ ଅର୍ଥ ରାଷ୍ଟ୍ରମନ୍ତ୍ରୀ ଅନୁରାଗ ସିଂ ଠାକୁର, ମୁଖ୍ୟ ଆର୍ଥିକ ପରାମର୍ଶଦାତା କୃଷ୍ଣମୂର୍ତ୍ତି ସୁବ୍ରମଣ୍ୟନ, ଅର୍ଥ ସଚିବ ସୁଭାଷ ଚନ୍ଦ୍ର ଗର୍ଗ, ବ୍ୟୟ ସଚିବ ଗିରୀଶ ଚନ୍ଦ୍ର ମୁର୍ମୁ, ରାଜସ୍ୱ ସଚିବ ଅଜୟ ଭୂଷଣ ପାଣ୍ଡେ, ଦୀପିମ ସଚିବ ଅତନୁ ଚକ୍ରବର୍ତ୍ତୀ ଏବଂ ଆର୍ଥିକ ସେବା ସଚିବ ରାଜୀବ କୁମାର ରହିଛନ୍ତି।

# ଅଡିଜୋନ ସିମେନ୍ସର ନୂଆ ସ୍ପିଚ୍ ଆଣ୍ଡ ହିଅରିଂ କ୍ଲିନିକ




ଭୁବନେଶ୍ୱର,୪-୬(ବ୍ୟୁରୋ)

ଅଡିଜୋନ ସ୍ପିଚ୍ ଆଣ୍ଡ ହିଅରିଂର ନୂଆ କ୍ଲିନିକ ସ୍ଥାନୀୟ ଜୟଦେବ ବିହାର ଛକଠାରେ ମଙ୍ଗଳାବାର ଖୋଲିଛି। କହିବା ଏବଂ ଶୁଣିବାରେ ଅସୁବିଧା ସାମ୍ନା କରୁଥିବା ଲୋକଙ୍କ ଲାଗି ଏଠାରେ ଚିକିତ୍ସା ସୁବିଧା ଉପଲବ୍ଧ ହେବ। ବିଶେଷକରି ଶିଶୁଙ୍କ କ୍ଷେତ୍ରରେ ଆଗୁଆ ଏଭଳି ସମସ୍ୟାକୁ ଚିହ୍ନଟ କରି ତାର ଚିକିତ୍ସା ଦିଗରେ ପଦକ୍ଷେପ ନିଆଯାଉଛି। କୌଣସି ଶିଶୁ ପ୍ରାରମ୍ଭ ଅବସ୍ଥାରେ ଶୁଣିବାରେ ଅସୁବିଧା ସାମ୍ନା କରୁଛନ୍ତି ସେମାନଙ୍କ ଲାଗି ଶ୍ରବଣ ଯନ୍ତ୍ର ଏଠାରେ ଉପଲବ୍ଧ। ସେହିଭଳି ଶ୍ରବଣ ସମସ୍ୟା ଭୋଗୁଥିବା ଲୋକଙ୍କ ଲାଗି ବିଭିନ୍ନ ବର୍ଗରେ ଶ୍ରବଣ ଯନ୍ତ୍ର ଉପଲବ୍ଧ ହେଉଛି। ଶ୍ରବଣ ସମସ୍ୟା ସମ୍ପର୍କରେ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯାଉଛି। ଶୁଣିବାରେ ଅସୁବିଧା ରହୁଥିଲେ ତାକୁ ହେଳା ନ କରି ତୁରନ୍ତ ଅଡିଓଲୋଜିଷ୍ଟଙ୍କ ନିକଟରେ ପରୀକ୍ଷା କରିବା ସହ ଚିକିତ୍ସା କରାଇବାର ଆବଶ୍ୟକତା ରହିଛି ବୋଲି ଅଡିଜୋନର ନିର୍ଦ୍ଦେଶକ ତ୍ରିଲୋଚନ ପ୍ରଧାନ କହିଛନ୍ତି। ଏହା ସ୍ପିଚ୍ ଆଣ୍ଡ ହିଅରିଂରେ ଭୁବନେଶ୍ୱରରେ ୩ ନମ୍ବର ଶାଖା। ସିମେନ୍ସର ଏହା ରାଜ୍ୟରେ ଦ୍ୱିତୀୟ ସେଣ୍ଟର। କମ୍ପାନୀର ପ୍ରଡକ୍ଟଗୁଡିକ ୧୦-୧୨ ହଜାର ଟଙ୍କାରୁ ଆରମ୍ଭ ହେଉଛି। ନୂଆ ସେଣ୍ଟର ଆରମ୍ଭ ଅବସରରେ ଲୋକଙ୍କ ପାଇଁ ମାଗଣାରେ ପରୀକ୍ଷଣ ସୁବିଧା ଦିଆଯାଉଛି। କାର୍ଯ୍ୟକ୍ରମରେ ଏଚ୍‌ଆର ଡାଇରେକ୍ଟର ଉତ୍ପଳ ପ୍ରଧାନ, ଅପରେଶନ ଡାଇରେକ୍ଟର ଦୀପକ ମିଶ୍ର, ସିଭାନଟୋଷ ଇଣ୍ଡିଆ ପ୍ରାଇଭେଟ ଲିମିଟେଡ ଆଞ୍ଚଳିକ ସେଲ୍‌ସ ମ୍ୟାନେଜର ସୌରଭ ବାନାର୍ଜୀ, ବିଜନେସ ଡେଭଲପମେଣ୍ଟ ମ୍ୟାନେଜର ରାକେଶ ଦେ ପ୍ରମୁଖ ଉପସ୍ଥିତ ଥିଲେ।

# ଇଣ୍ଡିଆନ ଅଏଲର କ୍ରିକେଟ କାର୍-ନିଭାଲ ୨୦୧୯




ଭୁବନେଶ୍ୱର,୪-୬

ରାଷ୍ଟ୍ରାୟତ୍ତ ଇଣ୍ଡିଆନ ଅଏଲ ପକ୍ଷରୁ ମେଗା ସେଲସ୍ ପ୍ରମୋଶନ କ୍ୟାମ୍ପେନ କ୍ରିକେଟ କାର୍-ନିଭାଲ ଆରମ୍ଭ ହୋଇଛି। ସାରା ଦେଶରେ ରହିଥିବା କମ୍ପାନୀର ୨୭,୦୦୦ ରିଟେଲ ଷ୍ଟେଶନରେ ଇନ୍ଧନ କ୍ରୟରେ ଗ୍ରାହକ ଏଥିରେ ଅଂଶ ଗ୍ରହଣ କରିବେ। ଇଣ୍ଡିଆନ ଅଏଲର ଓଡିଶା ରାଜ୍ୟ ଅଫିସର ରିଟେଲ ସେଲ୍‌ସ ଜିଏମ୍ କୁମାରଜ୍ୟୋତି ରାଏଚୌଧୁରୀ ନୟାପଲ୍ଲୀସ୍ଥିତ ଭାମରା ସର୍ଭିସ ଷ୍ଟେଶନରେ ଏହାର ଉନ୍ମୋଚନ କରିଥିଲେ। ୨ ଚକିଆ ଯାନରେ ୩୦୦ ଏବଂ ୪ ଚକିଆ ଯାନ ଲାଗି ୧୦୦୦ ଟଙ୍କାର ଇନ୍ଧନ କ୍ରୟ ଉପରେ ଏହି କ୍ୟାମ୍ପେନରେ ଭାଗ ନେବାକୁ ସୁଯୋଗ ମିଳିବ। ଏହି ମେଗା ସ୍କିମ ସାରା ଦେଶରେ ୧ ଜୁନଠାରୁ ୧୫ ଜୁଲାଇ ଯାଏ ଚାଲିବ। ଏଥିରେ ପ୍ରତି ୧୫ ଦିନରେ ଆକର୍ଷଣୀୟ ଉପହାର ଜିତିବାର ସୁଯୋଗ ରହିଛି। ୧୫ ଜୁଲାଇରେ ଆୟୋଜିତ ମେଗା ଲକି ଡ୍ରରେ ଭାଗ୍ୟଶାଳୀ ବିଜେତା ପ୍ରଥମ ପୁରସ୍କାର ଭାବେ ପ୍ରିମିୟମ ଏସ୍‌ୟୁଭି, ଦ୍ୱିତୀୟ ପୁରସ୍କାରରେ ୪ କାର, ତୃତୀୟ ପୁରସ୍କାର ଭାବେ ୧୬ ବାଇକ୍, ୪ର୍ଥ ପୁରସ୍କାର ୨୦୦ ସ୍ମାର୍ଟଫୋନ ଏବଂ ୫ମ ପୁରସ୍କାର ଭାବେ ୧୦୦ ଅଟୋଗ୍ରାଫ ହୋଇଥିବା ବ୍ୟାଟ ପ୍ରଦାନ କରାଯିବ ବୋଲି କମ୍ପାନୀ ପକ୍ଷରୁ ସୂଚନା ରହିଛି।

**ଇନ୍ଧନ କିଣି ଜିତିପାରିବେ କାର୍ ସମେତ ଆକର୍ଷଣୀୟ ପୁରସ୍କାର**

### ଆଜି ବନ୍ଦ ରହିବ ବ୍ୟାଙ୍କ

ଭୁବନେଶ୍ୱର,୪-୬

ବୁଧବାର ଇଦଉଲଫିତର ପଡୁଥିବାରୁ ଓଡ଼ିଶା ସମେତ ଆନ୍ଧ୍ର ପ୍ରଦେଶ, ଚଣ୍ଡୀଗଡ, ଦିଲ୍ଲୀ, ହରିୟାଣା, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ପୁଡୁଚେରୀ, ରାଜସ୍ଥାନ, ତାମିଲନାଡୁ, ତେଲେଙ୍ଗାନା,ଉତ୍ତରପ୍ରଦେଶ ଏବଂ ପଶ୍ଚିମବଙ୍ଗ ଭଳି ରାଜ୍ୟରେ ବ୍ୟାଙ୍କ ବନ୍ଦ ରହିବ। ସେହିଭଳି ଜୁନ ୧୫ରେ ଓଡ଼ିଶାରେ ରଜ ପଡୁଥିବାରୁ ବ୍ୟାଙ୍କ ବନ୍ଦ ରହିବ ବୋଲି ଇଣ୍ଡିଆନ ବ୍ୟାଙ୍କ ଆସୋସିଏଶନ ପକ୍ଷରୁ ସୂଚନା ରହିଛି। ସେହିଭଳି ୬ ତାରିଖ ଦିନ ଇଦ୍ ଲାଗି ଗୁଜରାଟରେ ବ୍ୟାଙ୍କ ବନ୍ଦ ରହିବ। ଏହା ବାଦ ୬ ତାରିଖରେ ହରିୟାଣାରେ ମହାରାଣାପ୍ରତାପ ଜୟନ୍ତୀ ରହିବା ଯୋଗୁ ସେଠାରେ ମଧ୍ୟ ବ୍ୟାଙ୍କ ସେବା ବନ୍ଦ ରହିବ। ଜୁନ ୧୭ରେ ବିହାର ଏବଂ ହରିୟାଣାରେ କବିର ଜୟନ୍ତୀ ଯୋଗୁ ସେବା ବନ୍ଦ ରହୁଥିବା ସୂଚନା ରହିଛି।

### ପିଜିସିଆଇଏଲକୁ ବିଲେଟ ପଠାଇବ ନୀଳାଚଳ ଇସ୍ପାତ

ଭୁବନେଶ୍ୱର,୪-୬

କଳିଙ୍ଗ ନଗରସ୍ଥିତ ନୀଳାଚଳ ଇସ୍ପାତ ନିଗମ ଲିମିଟେଡ (ଏନ୍‌ଆଇଏନ୍‌ଏଲ୍) ରାଷ୍ଟ୍ରାୟତ୍ତ ପାୱାର ଗ୍ରୀଡ କର୍ପୋରେଶନ ଅଫ୍ ଇଣ୍ଡିଆ ଲିମିଟେଡ(ପିଜିସିଆଇଏଲ୍)କୁ ବିଲେଟ ପଠାଇବ। ପ୍ରାଥମିକ ପର୍ଯ୍ୟାୟରେ ଗୋଟିଏ ବର୍ଷ ପାଇଁ ଷ୍ଟିଲ ବିଟେଲ ପ୍ରେରଣ ଲାଗି ଯୋଜନା ରହିଥିବା କମ୍ପାନୀ ପକ୍ଷରୁ ସୂଚନା ରହିଛି। ପିଜିସିଆଇଏଲ୍ ଏନଆଇଏନ୍‌ଏଲର ବିଲେଟକୁ ଏମ୍‌ଏସ୍ ଚ୍ୟାନେଲ ଏବଂ ଏଙ୍ଗଲ ତିଆରି କରିବା କୁ ଲକ୍ଷ୍ୟ ରଖିଛି।

### ସାମ୍‌ସଙ୍ଗର ନୂଆ ପ୍ରଡକ୍ଟ

ଭୁବନେଶ୍ୱର,୪-୬

ସାମସଙ୍ଗ ଇଣ୍ଡିଆ ପକ୍ଷରୁ ୱେରଲେସ ପାୱାର ବ୍ୟାଙ୍କ ଏବଂ ୱେରଲେସ ଚାର୍ଜିଂ ଡୁ ପ୍ୟାଡ ବଜାରକୁ ଆସିଛି। ଏହି ପ୍ରଡକ୍ଟଗୁଡିକୁ କମ୍ପାନୀ ୱେରଲେସ ଇକୋସିଷ୍ଟମରେ ନିଜର ପୋର୍ଟଫୋଲିଓକୁ ବୃଦ୍ଧି କରିଛି। ଗ୍ରାହକଙ୍କୁ ସର୍ବୋତ୍ତମ ୱେରଲେସ ସେବା ପ୍ରଦାନ ଲକ୍ଷ୍ୟ ନେଇ କାର୍ଯ୍ୟ କରୁଥିବା କମ୍ପାନୀ ପ୍ରକାଶ କରିଛି। ପ୍ରଡକ୍ଟଗୁଡିକ ଗ୍ରାହକଙ୍କୁ ଖୁସି ପ୍ରଦାନ କରିବା ଦିଗରେ ସକ୍ଷମ ହେବେ ବୋଲି କମ୍ପାନୀର ମୋବାଇଲ ବିଜନେସ ଡାଇରେକ୍ଟର ଆଦିତ୍ୟ ବବର କହିଛନ୍ତି।

# ପାରାଦୀପ ପୋର୍ଟର ୫ କୋଟି ବାତ୍ୟା ସହାୟତା

ଭୁବନେଶ୍ୱର,୪-୬



ପାରାଦୀପ ପୋର୍ଟ ଟ୍ରଷ୍ଟ ପକ୍ଷରୁ ଫନୀ ପ୍ରଭାବିତଙ୍କ ସହାୟତା ଲାଗି ୫ କୋଟି ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଛି। ଟ୍ରଷ୍ଟର ଅଧ୍ୟକ୍ଷ ରିଙ୍କେଶ ରଏ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟି ଏହି ଚେକ୍ ପ୍ରଦାନ କରିଛନ୍ତି। ଫନୀ ପ୍ରଭାବିତ ଅଞ୍ଚଳଗୁଡିକରେ ବଡ ବଡ ଗଛଗୁଡିକର ସଫେଇ, ଆଶ୍ରୟସ୍ଥଳୀ ନିର୍ମାଣ, ଓଭରହେଡ ଟାଙ୍କ ନିର୍ମାଣ, ଜେନେରେଟର ବ୍ୟବସ୍ଥା ଏବଂ ପାନୀୟ ଜଳ ଯୋଗାଣ ଭଳି ବିଭିନ୍ନ ବ୍ୟବସ୍ଥା ହାତକୁ ନେଇଛି। ବାତ୍ୟା ସମୟରେ ପ୍ରାୟ ୮ ହଜାର ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ନେବାରେ ଏହା ନିଜର ସହଯୋଗ ରଖିଛି। ଟ୍ରଷ୍ଟ ପକ୍ଷରୁ ଏହାର ତଦାରଖ ଲାଗି ଏକ କଣ୍ଟ୍ରୋଲ ରୁମ୍ ସ୍ଥାପନ କରାଯାଇଥିଲା। ପିପିଟି ହସ୍ପିଟାଲରେ ଲୋକଙ୍କ ଚିକିତ୍ସା ଲାଗି ଡାକ୍ତରୀ ଟିମ୍ ପ୍ରସ୍ତୁତ ହୋଇ ରହିଥିଲେ। ଅସ୍ଥାୟୀ ଶିବିର ଗୁଡିକରେ ରହିଥିବା ଲୋକଙ୍କ ଖାଦ୍ୟ ପାନୀୟ ବ୍ୟବସ୍ଥା କରାଯାଇଥିଲା। ପାରାଦୀପରେ ୩ରେ ବିଦ୍ୟୁତ, ରାସ୍ତା ଏବଂ ଜଳ ଯୋଗାଣ ସ୍ୱାଭାବିକ ହୋଇଥିବା ବେଳେ ରେଳ ଏବଂ ଶିପିଂ ଅପରେଶନ ୪ ତାରିଖରେ ସ୍ୱାଭାବିକ ହୋଇଥିଲା।

# ରିଲିଫ ପାଣ୍ଠିକୁ ଆର୍‌ଆଇଏନ୍‌ଏଲ୍ ଦେଲା ୧.୪ କୋଟି

ଭୁବନେଶ୍ୱର,୪-୬




ରାଷ୍ଟ୍ରୀୟ ଇସ୍ପାତ ନିଗମ ଲିମିଟେଡ୍(ଆର୍‌ଆଇଏନ୍‌ଏଲ୍) ପକ୍ଷରୁ ଫନୀ ପ୍ରଭାବିତଙ୍କ ଲାଗି ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ୧.୪ କୋଟି ଟଙ୍କା ସହାୟତା ରାଶି ପ୍ରଦାନ କରାଯାଇଛି। ସିଏସ୍‌ଆର୍ ଅନ୍ତର୍ଗତ ୫୦ ଲକ୍ଷ ଏବଂ ଭାଇଜାଗ ଷ୍ଟିଲ କର୍ମଚାରୀଙ୍କ ପକ୍ଷରୁ ୯୦ ଲକ୍ଷ ସହାୟତା ବାବଦ ଚେକ୍ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ପ୍ରଦାନ କରାଯାଇଛି। ଆର୍‌ଆଇଏନ୍‌ଏଲ୍ ଭିଏସ୍‌ପିର ସିଏମ୍‌ଡି ପି.କେ. ରଥ, କାର୍ମିକ ନିର୍ଦ୍ଦେଶକ କେ.ସି. ଦାସଙ୍କ ସମେତ କମ୍ପାନୀର ବରିଷ୍ଠ ଅଧିକାରୀମାନେ ଏହି ଅବସରରେ ଉପସ୍ଥିତ ଥିଲେ।

# ୧୫ରେ ନୀତି ଆୟୋଗ ଗଭର୍ନିଂ କାଉନସିଲ୍ ବୈଠକ

ନୂଆଦିଲ୍ଲୀ,୪-୬




ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଆସନ୍ତା ୧୫ରେ ନୀତି ଆୟୋଗର ଗଭର୍ନିଂ କାଉନସିଲ୍‌ର ବୈଠକ ଅନୁଷ୍ଠିତ ହେବ। ଜଣେ ବରିଷ୍ଠ ଅଧିକାରୀ ମଙ୍ଗଳବାର କହିଛନ୍ତି ଯେ, ଏହି ବୈଠକରେ ଜଳ ପରିଚାଳନା, କୃଷି ଓ ସୁରକ୍ଷା ସହ ଜଡ଼ିତ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରାଯିବ। କାଉନସିଲ୍ ନୀତି ଆୟୋଗର ଶୀର୍ଷ ଏଜେନ୍ସି। ଏଥିରେ ସମସ୍ତ ରାଜ୍ୟର ମୁଖ୍ୟମନ୍ତ୍ରୀ, କେନ୍ଦ୍ର ଶାସିତ ଅଞ୍ଚଳର ଲ୍ୟୁଟ୍‌ନାଣ୍ଟ ଗଭର୍ନର, ଏକାଧିକ କେନ୍ଦ୍ରମନ୍ତ୍ରୀ ତଥା ବରିଷ୍ଠ ଅଧିକାରୀ ସାମିଲ ହେବେ। ମୋଦି ସରକାର ଦ୍ୱିତୀୟଥର କ୍ଷମତାକୁ ଫେରିବା ପରେ ପ୍ରଥମଥର ଏହି ବୈଠକ ବସିବାକୁ ଯାଉଛି। ଉକ୍ତ ବୈଠକରେ ଯୋଗଦେବା ଲାଗି ସମସ୍ତଙ୍କୁ ନିମନ୍ତ୍ରଣ ଦିଆସରିଛି। ସୂଚନାଥାଉ କି, ନୀତି ଆୟୋଗର ପ୍ରଥମ ବୈଠକ ଫେବୃୟାରୀ ୮, ୨୦୧୫ରେ ହୋଇଥିଲା। ଏହାପରେ ସେହିବର୍ଷ ଜୁଲାଇ ୧୫ରେ ଦ୍ୱିତୀୟ, ତୃତୀୟ ୨୦୧୭ ଏପ୍ରିଲ ୨୩ ଓ ଚତୁର୍ଥ ୨୦୧୮ ଜୁନ୍ ୧୭ରେ ନୀତି ଆୟୋଗର ବୈଠକ ଅନୁଷ୍ଠିତ ହୋଇଥିଲା।

# ଡେଲ୍,ଜିପ୍,ଏଲ୍‌ଆଇସି ଦେଶର ଭରସାଯୋଗ୍ୟ ବ୍ରାଣ୍ଡ

ନୂଆଦିଲ୍ଲୀ,୪-୬

ଲାପ୍‌ଟପ୍ କମ୍ପାନୀ ଡେଲ୍ ଭାରତର ସବୁଠାରୁ ଭରସାଯୋଗ୍ୟ ବ୍ରାଣ୍ଡ। ଏହାପରେ ଗାଡ଼ି କମ୍ପାନୀ ଜିପ୍ ଓ ବୀମା କ୍ଷେତ୍ରର ଶୀର୍ଷ କମ୍ପାନୀ ଏଲ୍‌ଆଇସି ରହିଛି। ଟିଆର୍‌ଏର ବ୍ରାଣ୍ଡ ବିଶ୍ୱାସ ରିପୋର୍ଟ ୨୦୧୯ ଅନୁସାରେ ଶୀର୍ଷ ୭ ବ୍ରାଣ୍ଡ ମଧ୍ୟରେ ଏଲ୍‌ଆଇସି ଏକମାତ୍ର ଭାରତୀୟ କମ୍ପାନୀ ରହିଛି। ଆମାଜନ ଚତୁର୍ଥ ଭରସାଯୋଗ୍ୟ ବ୍ରାଣ୍ଡ। ଏହାପରେ ଆପଲ୍ ଆଇଫୋନ ୫ମ ସ୍ଥାନରେ ଯିଏ କି ୨୦୧୮ପରେ ୧୧୬ ସ୍ଥାନ ଉପରକୁ ଉଠିଆସିଛି। ଏଥିସହିତ ଆପଲ୍ ଆଇଫୋନ ମୋବାଇଲ ଫୋନ ସିରିଜରେ ମଧ୍ୟ ଶୀର୍ଷରେ ରହିଛି। ସାମସଙ୍ଗ ମୋବାଇଲ ଫୋନ ବ୍ରାଣ୍ଡ ୬ଷ୍ଠ ସ୍ଥାନରେ ରହି ଅଗ୍ରଣୀ ମୋବାଇଲ ଫୋନ କମ୍ପାନୀ ହୋଇପାରିଛି। ଏହାପରେ ଏଲ୍‌ଜି ଟିଭି ୭ମ ସ୍ଥାନରେ ରହିଥିଲେ ହେଁ ଉପଭୋକ୍ତା ଇଲେକ୍ଟ୍ରୋନିକ୍ସ ସୁପର ଶ୍ରେଣୀରେ ଅଗ୍ରଣୀ ରହିଛି। ଆଭିଭା ଲାଇଫ ଇନସ୍ୟୁରାନ୍ସ ୮ମ, ମାରୁତି ସୁଜୁକି ୯ମ ଏବଂ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ୧୦ମ ସ୍ଥାନରେ ରହିଛି। ବ୍ରାଣ୍ଡର ବଡ଼ ସମୂହ ମଧ୍ୟରେ ଟାଟା ଗ୍ରୁପ୍ ରହିଛି ଏବଂ ଏହା ୨୩ ବ୍ରାଣ୍ଡ ଉପରେ ଲୋକଙ୍କ ଅଧିକ ବିଶ୍ୱାସ ରହିଛି। ଗୋଦରେଜରେ ୧୫ ବ୍ରାଣ୍ଡ, ଅମୂଲର ୧୧ ସାମସଙ୍ଗର ୮ ଶ୍ରେଣୀରେ ପ୍ରତିନିଧିତ୍ୱ ରହିଛି। ଏଲ୍‌ଜି,ହୋଣ୍ଡା, କ୍ୟାଡବରୀ, ନେସ୍‌ଲେ, ପାର୍ଲେ ଏବଂ ଡାବର ୭ ଲେଖାଏ ବ୍ରାଣ୍ଡର ପ୍ରତିନିଧିତ୍ୱ କରୁଛି। ଟିଆର୍‌ଏ ରିସର୍ଚ୍ଚ ୧୬ ସହରରେ ୨୩୧୫ ଲୋକଙ୍କ ରାୟ ଆଧାରରେ ଏହି ୯ମ ସଂସ୍କରଣ ରିପୋର୍ଟ ପ୍ରସ୍ତୁତ କରିଛି।





# ବିଶ୍ୱକପ୍‌ରେ ଭାରତ-ଦକ୍ଷିଣ ଆଫ୍ରିକା



ଆଇସିସି ବିଶ୍ୱକପ୍‌ର ଦ୍ୱାଦଶ ସଂସ୍କରଣରେ ବିରାଟ କୋହଲିଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ବୁଧବାର ଶକ୍ତିଶାଳୀ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଖେଳି ଏହାର ଅଭିଯାନ ଆରମ୍ଭ କରିବ। ବିଶ୍ୱକପ୍ ଆରମ୍ଭ ହେବାର ପାଖାପାଖି ଗୋଟିଏ ସପ୍ତାହ ବିତିଯାଇଥିବାବେଳେ କେବଳ ଭାରତକୁ ଛାଡ଼ି ପ୍ରତ୍ୟେକ ଦଳ ମ୍ୟାଚ୍ ଖେଳି ସାରିଛନ୍ତି। ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ସାଉଥାମ୍ପଟନର ଦି ରୋଜ୍ ବାଉଲ୍ ଷ୍ଟାଡିୟମରେ ଖେଳାଯିବାକୁ ଥିବା ଏହି ହାଇଭୋଲ୍‌ଟେଜ ମ୍ୟାଚ୍ ଉପରେ ଏବେ ସମସ୍ତଙ୍କ ନଜର। ଯଦି ବିଶ୍ୱକପ୍‌ର ଇତିହାସକୁ ନଜର ପକାଯାଏ ତେବେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଭାରତ ୪ ମ୍ୟାଚ୍ ଖେଳି କେବଳ ଗୋଟିଏ ବିଜୟ ଲାଭ କରିଛି। ତିନୋଟି ମ୍ୟାଚ୍‌ରେ ଦଳକୁ ପରାଜୟର ସାମ୍ନା କରିବାକୁ ପଡ଼ିଛି। ଦୁଇ ଦେଶ ମଧ୍ୟରେ ଖେଳାଯାଇଥିବା ଏହି ୪ଟି ମ୍ୟାଚ୍ ଉପରେ ସଂକ୍ଷିପ୍ତ ନଜର...

## ୩

### ୨୯ ମାର୍ଚ୍ଚ ୨୦୧୧(ନାଗପୁର)

## ଦକ୍ଷିଣ ଆଫ୍ରିକା ୩ ଉଇକେଟରେ ବିଜୟୀ

ଭାରତରେ ଅନୁଷ୍ଠିତ ୨୦୧୧ ବିଶ୍ୱକପ୍‌ରେ ଉଭୟ ଦଳ ୩ୟଥର ପାଇଁ ପରସ୍ପରକୁ ଭେଟିଥିଲେ। ଏହି ମ୍ୟାଚ୍‌ରେ ମଧ୍ୟ ଦକ୍ଷିଣ ଆଫ୍ରିକା ବାଜିମାତ୍ କରିଥିଲା। ଗ୍ରୁପ୍-ବି'ର ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ମହେନ୍ଦ୍ର ସିଂ ଧୋନୀଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ୪୮.୪ ଓଭରରେ ୨୯୬ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଭାରତ ଏକଦା ଦୁଇ ଓପନର ବୀରେନ୍ଦ୍ର ସେହ୍ୱାଗ (୭୩) ଓ ସଚିନ ତେନ୍ଦୁଲକର (୧୧୧)ଙ୍କ ଉଇକେଟ୍ ହରାଇ ୪୦ ଓଭରରେ ୨୬୮ ରନ କରିଥିଲା। କିନ୍ତୁ ଗୌତମ ଗମ୍ଭୀର (୬୯) ୪୧ତମ ଓଭରର ପ୍ରଥମ ବଲରେ ଆଉଟ୍ ହେବାପରେ ଦଳର ବ୍ୟାଟିଂ ଲାଇନ୍‌ଅପ୍ ପୂରା ଭୁଶୁଡି ପଡ଼ିଥିଲା। ୟୁସୁଫ୍ ପଠାନ (୦), ଯୁବରାଜ ସିଂ (୧୨), ଧୋନୀ (୧୨) ଓ ବିରାଟ କୋହଲି (୧) ପ୍ରମୁଖ ବିଫଳ ହୋଇଥିଲେ। ଡେଲ୍ ଷ୍ଟେଇନଙ୍କୁ ସର୍ବାଧିକ ୫ଟି ଉଇକେଟ୍ ମିଳିଥିଲା। ଜବାବରେ ଦକ୍ଷିଣ ଆଫ୍ରିକା ୪୯.୪ ଓଭରରେ ୭ ଉଇକେଟ୍ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା। ହାସିମ ଅମ୍‌ଲା (୬୧), ଜ୍ୟାକ୍ କାଲିସ (୬୯), ଏବି ଡି ଭିଲର୍ସ (୫୨) ଅର୍ଦ୍ଧଶତକ ହାସଲ କରିଥିଲେ। ହରଭଜନ ସିଂ ୩ ଓ ମୁନାଫ ପଟେଲ ୨ଟି ଉଇକେଟ୍ ଅକ୍ତିଆର କରିଥିଲେ। ଦମ୍‌ଦାର ବୋଲିଂ ପାଇଁ ଷ୍ଟେଇନ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ହୋଇଥିଲେ।



ଡେଲ୍ ଷ୍ଟେଇନ

## ୪



ଶିଖର ଧାୱନ

### ୨୨ ଫେବୃୟାରୀ ୨୦୧୫

## ଭାରତ ୧୩୦ ରନରେ ବିଜୟୀ

ଶେଷଥରପାଇଁ ଉଭୟ ଭାରତ ଓ ଦକ୍ଷିଣ ଆଫ୍ରିକା ୨୦୧୫ ବିଶ୍ୱକପ୍‌ରେ ପରସ୍ପରକୁ ଭେଟିଥିଲେ। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଭାରତ ପ୍ରାରମ୍ଭରୁ ରୋହିତ୍ ଶର୍ମା (୦)ଙ୍କ ଉଇକେଟ୍ ହରାଇଥିଲା। ତେବେ ଅନ୍ୟତମ ଓପନର୍ ଶିଖର ଧାୱନ (୧୩୭ ରନ) ଶତକ ସାଙ୍ଗକୁ ବିରାଟ କୋହଲି (୪୬) ଓ ଅଜିଙ୍କ୍ୟ ରାହାଣେ (୭୯)ଙ୍କ ଉପଯୋଗୀ ବ୍ୟାଟିଂ ସହାୟତାରେ ୫୦ ଓଭରରେ ୭ ଉଇକେଟ୍ ହରାଇ ୩୦୭ ରନ କରିଥିଲା। ଦକ୍ଷିଣ ଆଫ୍ରିକା ପକ୍ଷରୁ ମର୍ନେ ମୋର୍କେଲ ୨ଟି ଉଇକେଟ୍ ନେଇଥିଲେ। ଜବାବରେ ଦକ୍ଷିଣ ଆଫ୍ରିକା ନିୟମିତ ବ୍ୟବଧାନରେ ଉଇକେଟ୍ ହରାଇ ୪୦.୨ ଓଭରରେ ୧୭୭ ରନରେ ସୀମିତ ରହିଥିଲା। ଫାଫ୍ ଡୁ ପ୍ଲେସି (୫୫) ଓ ଏବି ଡି ଭିଲର୍ସ (୩୦)ଙ୍କ ଛାଡ଼ି ଦେଲେ ଅନ୍ୟକୌଣସି ବ୍ୟାଟ୍ସମ୍ୟାନ ପ୍ରଭାବୀ ପ୍ରଦର୍ଶନ କରି ପାରି ନ ଥିଲେ। ବିଜୟୀ ଦଳ ପକ୍ଷରୁ ରବିଚନ୍ଦ୍ରନ ଅଶ୍ୱିନ ୩ ଏବଂ ମୋହିତ୍ ଶର୍ମା ଓ ମହମ୍ମଦ ସାମି ୨ଟି ଲେଖାଏ ଉଇକେଟ୍ ନେଇଥିଲେ।

## ୧

### ୧୫ ମାର୍ଚ୍ଚ ୧୯୯୨ (ଆଡିଲେଡ୍)

## ଦକ୍ଷିଣ ଆଫ୍ରିକା ୬ ଉଇକେଟରେ ବିଜୟୀ

ଆଇସିସି ବିଶ୍ୱକପ୍‌ର ୧୯୯୨ ସଂସ୍କରଣ ଭିନ୍ନ କାରଣରୁ ସ୍ୱତନ୍ତ୍ର ରହିଥିଲା। ପ୍ରଥମଥର ଲାଗି ରଙ୍ଗିନ ଡ୍ରେସ, ଧଳା ବଲ୍ ବିଶ୍ୱକପ୍‌ରେ ବ୍ୟବହାର ହୋଇଥିଲା। ସେହିଭଳି ଦକ୍ଷିଣ ଆଫ୍ରିକା ଓ ଭାରତ କ୍ରିକେଟର ମହାକୁମ୍ଭରେ ପରସ୍ପରକୁ ପ୍ରଥମ ଥର ଲାଗି ଭେଟିଥିଲେ। ରାଉଣ୍ଡ-ରବିନ ପର୍ଯ୍ୟାୟର ଏହି ଅନ୍ତିମ ମ୍ୟାଚ୍ ବର୍ଷା ଲାଗି ପ୍ରାରମ୍ଭରୁ ବାଧାପ୍ରାପ୍ତ ହୋଇଥିଲା। ଫଳରେ ମ୍ୟାଚ୍‌କୁ ୩୦ ଓଭର ବିଶିଷ୍ଟ କରାଯାଇଥିଲା। ବ୍ୟାଟିଂ ଆମନ୍ତ୍ରଣ ପାଇ ମହମ୍ମଦ ଆଝାରୁଦ୍ଦିନଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ପ୍ରାରମ୍ଭରୁ କ୍ରିଷ୍ଣାମାଚାରୀ ଶ୍ରୀକାନ୍ତ (୦)ଙ୍କ ଉଇକେଟ୍ ହରାଇଥିଲା। ତେବେ ସଞ୍ଜୟ ମଞ୍ଜରେକର (୨୮), ଆଝାରୁଦ୍ଦିନ (୭୯) ଓ କପିଳ ଦେବ (୪୨)ଙ୍କ ଉପଯୋଗୀ ବ୍ୟାଟିଂ ବଳରେ ଦଳ ୬ ଉଇକେଟ୍ ହରାଇ ୧୮୦ ରନ୍ ସଂଗ୍ରହ କରିଥିଲା। ସଚିନ ତେନ୍ଦୁଲକର ୧୪ ରନ କରିଥିଲେ। ଜବାବରେ ଦକ୍ଷିଣ ଆଫ୍ରିକା ଦୁଇ ଓପନର୍ ଆଣ୍ଡ୍ର୍ୟୁ ହଡ୍‌ସନ (୫୩) ଓ ପିଟର କର୍ଷ୍ଟେନ (୮୪)ଙ୍କ ଅର୍ଦ୍ଧଶତକୀୟ ଇନିଂସ ବଳରେ ୪ଟି ଉଇକେଟ୍ ହରାଇ ୫ ବଲ୍ ପୂର୍ବରୁ ମ୍ୟାଚ୍‌କୁ କବ୍‌ଜା କରିନେଇଥିଲା। କର୍ଷ୍ଟେନଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା।

## ୨

### ୧୫ ମେ ୧୯୯୯ (ହୋଭ୍)

## ଦକ୍ଷିଣ ଆଫ୍ରିକା ୪ ଉଇକେଟରେ ବିଜୟୀ

ସାତ ବର୍ଷର ବ୍ୟବଧାନ ପରେ ଦୁଇ ଦଳ ଇଂଲଣ୍ଡରେ ଅନୁଷ୍ଠିତ ୧୯୯୯ ବିଶ୍ୱକପ୍‌ରେ ପରସ୍ପରକୁ ୨ୟ ଥର ପାଇଁ ଭେଟିଥିଲେ। ଏହି ମ୍ୟାଚ୍‌ରେ ଟସ୍ ଜିତି ଭାରତୀୟ ଅଧିନାୟକ ମହମ୍ମଦ ଆଝାରୁଦ୍ଦିନ ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ। ପ୍ରାରମ୍ଭିକ ବ୍ୟାଟ୍ସମ୍ୟାନଙ୍କ ମିଳିତ ସଫଳତା ବଳରେ ଭାରତ ନିର୍ଦ୍ଧାରିତ ଓଭରରେ ୫ ଉଇକେଟ୍ ହରାଇ ୨୫୩ ରନ କରିଥିଲା। ଓପନିଂ କରିବାକୁ ଆସିଥିବା ସୌରଭ ଗାଙ୍ଗୁଲି ୯୭ ରନରେ ରନ୍‌ଆଉଟ୍ ହୋଇ ଶତକରୁ ବଞ୍ଚିତ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଚିନ ତେନ୍ଦୁଲକର ୨୮, ରାହୁଲ ଦ୍ରାଭିଡ୍ ୫୪, ଆଝାରୁଦ୍ଦିନ ୨୪, ଅଜୟ ଜାଡେଜା ୧୬ ରନ କରିଥିଲେ। ଲାନ୍ସ କ୍ଲୁଜନରଙ୍କୁ ୩ଟି ଉଇକେଟ୍ ମିଳିଥିଲା। ଜବାବରେ ଦକ୍ଷିଣ ଆଫ୍ରିକା ପ୍ରାରମ୍ଭରୁ ହର୍ଶେଲ ଗିବ୍ସ (୭) ଓ ଗ୍ୟାରି କ୍ରିଷ୍ଟେନ (୩)ଙ୍କ ଉଇକେଟ୍ ହରାଇଥିଲେ ମଧ୍ୟ ଜ୍ୟାକ୍ କାଲିସଙ୍କ ୯୬ ରନ ବଳରେ ୪୭.୨ ଓଭରରେ ୬ ଉଇକେଟ୍ ହରାଇ ଲକ୍ଷ୍ୟ ହାସଲ କରିଥିଲା। ଜଣ୍ଟି ରୋଡ୍ସ (୩୯*), ମାର୍କ ବାଉଚର (୩୪) ଓ ଅଧିନାୟକ ହାନ୍ସି କ୍ରୋନ (୨୭)ଉପଯୋଗୀ ବ୍ୟାଟିଂ କରିଥିଲେ। ଜାଭାଗଲ ଶ୍ରୀନାଥଙ୍କୁ ୨ଟି ଉଇକେଟ୍ ମିଳିଥିଲା। କାଲିସଙ୍କୁ ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରାଯାଇଥିଲା। ଦ୍ରାଭିଡ୍ ଏହି ଟୁର୍ନାମେଣ୍ଟର ସର୍ବାଧିକ ରନ୍ ସଂଗ୍ରହକାରୀ ବ୍ୟାଟ୍ସମ୍ୟାନ ରହିଥିଲେ।



ସୌରଭ ଗାଙ୍ଗୁଲି



ପିଟର କର୍ଷ୍ଟେନ

# ବିଶ୍ୱକପ୍‌ରୁ ଷ୍ଟେଇନ୍ ଆଉଟ୍

ସାଉଥାମ୍ପଟନ୍, ୪ା୬(ପି.ଟି.)

ଆଇସିସି ବିଶ୍ୱକପ୍‌ରେ ଭାରତ ବିପକ୍ଷ ମ୍ୟାଚ୍ ପୂର୍ବରୁ ଦକ୍ଷିଣ ଆଫ୍ରିକା କ୍ରିକେଟ୍ ଦଳକୁ ମଙ୍ଗଳବାର ଶକ୍ତ ଧକ୍କା ଲାଗିଛି। ଦଳର ପ୍ରମୁଖ ତଥା ଅଭିଜ୍ଞ ଦ୍ରୁତ ବୋଲର ଡେଲ୍ ଷ୍ଟେଇନ୍ ଆଘାତଜନିତ ସମସ୍ୟା ଲାଗି ପୂରା ବିଶ୍ୱକପ୍‌ରୁ ବାଦ୍ ପଡ଼ିଛନ୍ତି। ପୂର୍ବରୁ କହୁଣିରେ ଆଘାତ ଲାଗିଥିବାରୁ ଷ୍ଟେଇନ ଦକ୍ଷିଣ ଆଫ୍ରିକାର ପ୍ରଥମ ଦୁଇ ବିଶ୍ୱକପ ମ୍ୟାଚ ଖେଳି ପାରି ନ ଥିଲେ। ଭାରତ ବିପକ୍ଷରେ ବୁଧବାର ଖେଳାଯିବାକୁ ଥିବା ମ୍ୟାଚ୍ ବେଳକୁ ସେ ସୁସ୍ଥ ହୋଇଯାଇଥିବେ ବୋଲି ଟିମ୍ ମ୍ୟାନେଜମେଣ୍ଟ ଆଶା ରଖିଥିଲା। କିନ୍ତୁ ସେ ସୁସ୍ଥ ହୋଇପାରି ନାହାନ୍ତି। ଫଳରେ ତାଙ୍କ ବଦଳ ଖେଳାଳି ଭାବେ ବାମହାତୀ ଦ୍ରୁତ ବୋଲର ବେଉରାନ ହେଣ୍ଡ୍ରିକ୍ସଙ୍କୁ ବିଶ୍ୱକପ୍‌ର ବଳକା ମ୍ୟାଚ୍ ଲାଗି ଦକ୍ଷିଣ ଆଫ୍ରିକା ଦଳରେ ସାମିଲ କରାଯାଇଛି। 'ଆଇସିସି ପୁରୁଷ ବିଶ୍ୱକପ୍‌ର ଇଭେଣ୍ଟ ଟେକ୍‌ନିକାଲ କମିଟି ଷ୍ଟେଇନ୍‌ଙ୍କ ବଦଳ ଖେଳାଳିଭାବେ ହେଣ୍ଡ୍ରିକ୍ସଙ୍କୁ ଦଳରେ ସାମିଲ କରିବାକୁ ଅନୁମତି ଦେଇଛି ବୋଲି ଦକ୍ଷିଣ ଆଫ୍ରିକା ପକ୍ଷରୁ ଏକ ମିଡିଆ ରିଲିଜରେ କୁହାଯାଇଛି। ୩୫ ବର୍ଷୀୟ ଷ୍ଟେଇନ ଆଇପିଏଲ୍‌ର ଗତ ସଂସ୍କରଣରେ ଖେଳୁଥିବାବେଳେ କହୁଣିରେ ଆଘାତ ପାଇଥିଲେ। ସେ ବାଙ୍ଗାଲୋର ପାଇଁ କେବଳ ୨ଟି ମ୍ୟାଚ୍ ଖେଳିପାରିଥିଲେ। ଆଘାତ ସତ୍ତ୍ୱେ ତାଙ୍କୁ ଦକ୍ଷିଣ ଆଫ୍ରିକା ବିଶ୍ୱକପ୍ ଦଳରେ ସାମିଲ କରାଯାଇଥିଲା। କିନ୍ତୁ ସେ ସୁସ୍ଥ ନ ହେବାରୁ ତାଙ୍କୁ ଶେଷରେ ଦଳରୁ ବାଦ୍ ଦିଆଯାଇଛି। ଫଳରେ ଏହି ମହାନ ବୋଲରଙ୍କ ଅବସର ନେଇ ଏବେ ଆଲୋଚନା ହେଉଛି।

**ହେଣ୍ଡ୍ରିକ୍ସଙ୍କୁ ଡାକରା**

# ପ୍ରକୃତ ଲଢ଼େଇ ଆରମ୍ଭ

ସୌରଭ ଗାଙ୍ଗୁଲି

ଚଳିତ ବିଶ୍ୱକପରେ ଭାରତ ଏହାର ଅଭିଯାନ ଆରମ୍ଭ କରିବାକୁ ଯାଉଛି। ଅନ୍ୟ ଦଳ ଗୁଡ଼ିକ ଗୋଟିଏ କିମ୍ବା ଏକାଧିକ ମ୍ୟାଚ ଖେଳି ସାରିଲେଣି। ଭାରତର ପ୍ରଥମ ପ୍ରତିଦ୍ୱନ୍ଦ୍ୱୀ ଦକ୍ଷିଣ ଆଫ୍ରିକାର ଏହା ହେବ ତୃତୀୟ ମ୍ୟାଚ। ଲୋକମାନେ ଦକ୍ଷିଣ ଆଫ୍ରିକାର ଦୁର୍ବଳ ବ୍ୟାଟିଂକୁ ନେଇ ଚର୍ଚ୍ଚା କରୁଛନ୍ତି, ମାତ୍ର ମୁଁ ଭାବୁଛି ଏହି ଦଳର ବୋଲିଂ ମଧ୍ୟ ପ୍ରଭାବହୀନ ରହିଛି। ଏନଗିଡି ଆହତ ହେବା ଏବଂ ଡେଲ୍ ଷ୍ଟେଇନ ବାହାରେ ରହିବାଦ୍ୱାରା ଏହାର ବୋଲିଂ ବିଭାଗ ବିଶେଷ କିଛି କରି ପାରୁନାହିଁ।

୧୯୯୯ରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ମୁଁ ମୋର ପ୍ରଥମ ବିଶ୍ୱକପ ମ୍ୟାଚ ଖେଳିବାକଥା ଏବେ ମଧ୍ୟ ମନେ ଅଛି। ସେତେବେଳେ ଟିମ୍ ବହୁତ ଶକ୍ତିଶାଳୀ ଥିଲା। ଆମେ ସେହି ମ୍ୟାଚରେ ୨୬୦ ରନ କରି ଚ୍ୟାଲେଞ୍ଜ ଦେଇଥିଲୁ। ମାତ୍ର ଲୋୟର ଅର୍ଡର ପର୍ଯ୍ୟନ୍ତ ଖେଳାଳିଙ୍କର ବ୍ୟାଟିଂ ଦକ୍ଷତା ଯୋଗୁ ଦକ୍ଷିଣ ଆଫ୍ରିକା ସେହି ମ୍ୟାଚ ଜିତି ଯାଇଥିଲା। ପୋଲକ ଓ କ୍ଲୁଜନରଙ୍କ ପରି ଖେଳାଳି କେବଳ ଘାତକ ଫାଷ୍ଟ ବୋଲର ନ ଥିଲେ, ଲୋୟର ଅର୍ଡରରେ ବ୍ୟାଟିଂ କରି ଚାପ ପରିସ୍ଥିତିରେ ଶତକ ହାସଲ କରିବାର ଦକ୍ଷତା ମଧ୍ୟ ରଖିଥିଲେ। ସେଭଳି ଖେଳାଳି ଗୋଟିଏ ଦଳରେ ସବୁ ଜେନେରେଶନରେ ରହିବା ସମ୍ଭବ ବୋଲି ଭାବିବା ଠିକ୍ ନୁହେଁ।

ୱାର୍ମଅପ୍ ମ୍ୟାଚ ଖେଳିବାର ଦୀର୍ଘ ବ୍ୟବଧାନପରେ ଭାରତ ଏହି ଗେମ୍ ଖେଳିବାକୁ ଯାଉଛି। ପ୍ରଥମ ମ୍ୟାଚ ସବୁବେଳେ ଗୁରୁତ୍ୱପୂର୍ଣ୍ଣ। ଜୁନ୍‌ରେ ଇଂଲଣ୍ଡରେ ଥଣ୍ଡା ପଡ଼ିଥାଏ ଏବଂ ଅଳ୍ପମାତ୍ରାରେ ବର୍ଷା ମଧ୍ୟ ହୋଇଥାଏ। ଏଣୁ ଅଧିକାଂଶ ଅଧିନାୟକ ଟସ୍ ଜିତିଲେ ପ୍ରଥମେ ବୋଲିଂ କରିବାକୁ ପସନ୍ଦ କରିଥାନ୍ତି, ମାତ୍ର ସବୁ କ୍ଷେତ୍ରରେ ଏହା କାମ ଦେଇ ନ ଥାଏ। ଉଭୟ ଦଳରେ ଅନେକ ଦୁର୍ବଳତା ରହିଛି। ଭାରତର ମିଡଲ ଅର୍ଡର ଏପର୍ଯ୍ୟନ୍ତ ପରୀକ୍ଷା ହୋଇନାହିଁ। ଲୋକେଶ ରାହୁଲ ଓ ମହେନ୍ଦ୍ର ସିଂ ଧୋନୀ ୱାର୍ମଅପ୍‌ରେ ଚମତ୍କାର ପ୍ରଦର୍ଶନ କରିଥିଲେ। ତେବେ ଦକ୍ଷିଣ ଆଫ୍ରିକା ପେସ୍ ଆକ୍ରମଣ ବିପକ୍ଷରେ ଏହା ଅଧିକ ପରୀକ୍ଷା ହୋଇପାରିବ। ଲୋକେଶ ଜଣେ ଚମତ୍କାର ଖେଳାଳି। ତେଣୁ ସେ ହିଁ ଭାରତର ୪ ନମ୍ବର ପାଇଁ ଉପଯୁକ୍ତ ବ୍ୟକ୍ତି ବୋଲି ମୋର ବ୍ୟକ୍ତିଗତ ମତ। ଏହି ଟୁର୍ନାମେଣ୍ଟ ତାଙ୍କ କ୍ୟାରିୟରରେ ଭିନ୍ନ ମୋଡ଼ ଆଣିପାରେ। ଭାରତ ଟପ୍-୩ ବ୍ୟାଟ୍ସମ୍ୟାନଙ୍କ ଉପରେ ଅନେକ ନିର୍ଭର କରିବ, ମାତ୍ର ସେମାନେ ୱାର୍ମଅପ୍‌ରେ ବିଫଳ ହୋଇଥିଲେ। ଆଇପିଏଲ ଖେଳିବାଦ୍ୱାରା ବୋଧହୁଏ ସେମାନେ କ୍ଳାନ୍ତ ହୋଇ ପଡ଼ିଥିଲେ। ମାତ୍ର ଏବେ ଦୀର୍ଘ ସମୟ ପାଇଥିବାରୁ ସେମାନେ ଟଚ୍‌କୁ ଫେରିବା ଆଶା। ୫୦ ଓଭର ଫର୍ମାଟରେ ଭାରତର ରେକର୍ଡ ଭଲ। ୨୦୧୩ ଓ ୨୦୧୫ ଚାମ୍ପିୟନ୍ସ ଟ୍ରଫିରେ ଭାରତର ସଫଳତା ଏହାର ଉଦାହରଣ।

ଭାରତର ବ୍ୟାଟିଂ ବିଭାଗକୁ ନେଇ ବିଶ୍ୱବ୍ୟାପୀ ଚର୍ଚ୍ଚା ହେଉଛି। ମାତ୍ର ମୋ ମତରେ ବୋଲିଂ ବିଭାଗ ମୁଖ୍ୟ ଭୂମିକା ଗ୍ରହଣ କରିବ। ମହମ୍ମଦ ସାମି ଏବେ ଚମତ୍କାର ବୋଲିଂ କରୁଛନ୍ତି, କୁଲଦୀପ ଯାଦବ ଓ ଯୁଜବେନ୍ଦ୍ର ଚହଲ ଭଲ ଫର୍ମରେ ଅଛନ୍ତି। ସେମାନେ ଭାରତକୁ ବିଶ୍ୱକପ ଜିତାଇବାର ଦକ୍ଷତା ରଖିଛନ୍ତି। ମୁଁ ନିଶ୍ଚିତ ଯେ ଅନ୍ୟ ଦଳ ଗୁଡ଼ିକ ଅପେକ୍ଷା ବିରାଟ କୋହଲ ନିଜ ସ୍ପିନରଙ୍କୁ ଅଧିକ ବ୍ୟବହାର କରିବେ। ବିଶ୍ୱକପ ମେ ୩୦ରୁ ଆରମ୍ଭ ହୋଇଥିଲେ ହେଁ ସମ୍ଭବତଃ ଭାରତ ପଡ଼ିଆକୁ ଓହ୍ଲାଇବାଠାରୁ ହିଁ ପ୍ରକୃତ ଲଢ଼େଇ ଆରମ୍ଭ ହେବ। ଏବେ ଇଂଲଣ୍ଡରେ ଥିବା ଭାରତୀୟ ପ୍ରଶଂସକମାନେ ଉତ୍କଣ୍ଠାର ସହ ଭାରତର ଅଭିଯାନକୁ ଅପେକ୍ଷା କରି ରହିଛନ୍ତି।

-(ଗେମ୍ ପ୍ଲାନ୍)

SEAGRAM'S
ROYAL STAG
MEGA MUSIC CDs

## ସେଲ୍ଫି କର୍ଣ୍ଣର



@ ଖଗେଶ



@ ସୁଜାତା



@ ଏସ୍



@ ଦୀକ୍ଷା

ସେଲ୍ଫି ଉଠାନ୍ତୁ ଆମକୁ ପଠାନ୍ତୁ
smbselfie@gmail.com
(ମନୋନୀତ ସେଲ୍ଫି ପ୍ରକାଶ ପାଇବ)

### ଭତା, ଆବାସ ଯୋଜନାରୁ ବଁଚିତ୍ ବୁରୁଧ୍

# ଭିଖ୍ ମାଗି ପେଟ୍ ପାଲୁଛନ୍ କିର୍ତ୍ତନ

ଲାଠୋର,୪।୬(ଡି.ଏନ.ଏ.)

ସରକାର ଗରିବ ଦୁଖି, ଅସାହା ବୁଢ଼ାବୁଢ଼ି, ଭିନ୍ନକ୍ଷମ, ବିଧବାମାନକୁ ଚାଉଲ, ଭତା, ଆବାସ ଯୋଜନାରେ ଘର ଆଦି ଯୁଗେଇ ଦେଉଛନ୍। ହେଲେ ଅନେକ ଜାଗାରେ ପରଶାସନିକ ଅବହେଲାର ଲାଗି ସରକାରକଁର ଇ ମହତ୍ ଯୋଜନା ବାଟବନା ହେଉଛେ। ଏନ୍ତା ଗୁଟେ ଉଦାହରନ୍ ଦେଖିବାକେ ମିଲିଛେ ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଅଧୀନ ଲାଠୋର ଗୁଦାମପଡ଼ାରେ।

ସୂଚନା ଅନ୍‌ସାରେ ଲାଠୋର ଗୁଦାମପଡ଼ାର କିର୍ତ୍ତନ ସୁନା(୬୫)। ସେ ନିହାତି ଗରିବ୍ ଆର ତାକର ସଁପତି କହେଲେ ୨ ଡିସିମିଲ ଘର ଡିହକେ ଛାଡ଼ି କିଛି ନାଁଇଁନ। ସେ ବିହାଟୁରା ହେଇଥିଲେ, ହେଲେ ବହୁତ୍ ଦିନ୍ ଆଗରୁ କେହେନ୍‌ସି କାରନ୍‌ରୁ ମାଏକିନା ତାହାକୁ ଛାଡ଼ି ପଲେଇଗଲେ। ହେଲେ କିର୍ତ୍ତନ ଆର ବିହାଟୁରା ନାଇଁ ହେଲେ, ନିଜେ ବାହା ଜାଂଗଲ ମାଜି ଏଭ୍‌ତକ କମେଇ ଖାଉଥିଲେ। ଏହେଦେ ଅଧାରର ହେଲାରୁ ସେ କାମ୍‌ବୁତା କରି ନାଇଁ ପାରବାର। ଏନ୍ତାଥି ସେ ନିଜର ପୁତରା ଘରେ ଆଶ୍‌ରେ ନେଇଛନ୍। ହେଲେ ପୁତରା ଏନ୍‌ଥେଇ ବସେଇ କରି କେତେଦିନ୍ ଖାଏବାକେ ଦେବା ଭାବି କିର୍ତ୍ତନ କାହାକେ କିଛି ନାଇଁକହି କରି ଗାଁ ଗାଁ ବୁଲି ଭିଖ୍ ମାଗୁଛନ୍। ଭିଖ୍‌ରେ ଯାହା ପାଉଛନ୍ ସେଥିରେ ସେ ଚଲୁଛନ୍। ଇଆଡ଼େ ସରକାରୀ ସୁବିଧା କହେଲେ ମାସିକ ପାଉଥିବାର ୫ କେ.ଜି. ଚାଉଲ। କିର୍ତ୍ତନ ବୁଢ଼ାବୁଢ଼ି ଭତା ପାଏବାର ଲାଗି ଅନେକ ଥର ପଁଚେତ୍‌ରେ କାଗଜପତର ଦାଖଲ କରି ନିରାଶ ହେଇଛନ୍। ସେନ୍ତା କେନ୍ଦ୍ର ଆର ରାଏଜ୍ ସରକାର ଅନେକ ପରକାର ଆବାସ ଯୋଜନାରେ ଗରିବ୍‌ଦୁଖି, ନିଆଁସିମାନକୁ ସାମିଲ କରି ପକାଘର ଯୁଗେଇ ଦେଉଛନ୍। ହେଲେ କିର୍ତ୍ତନ ନିହାତି ଗରିବ୍ ଆର ନିଆଁସି ହେଇଥିଲେ ବି ସରକାରକଁର ଆବାସ ଯୋଜନାରୁ ବଁଚିତ୍ ହେଇ ରହିଛନ୍। ପୁତରା ଦୟା ଦେଖେଇ ଦେଇଥିବାର ଘର ବଖ୍‌ରେରେ ସେ ମୁଡ଼ ଗୁଁଜିଛନ୍। ଇ ବାବ୍‌ଦେ ଲାଠୋର ସରପଁଚ୍‌କୁଁ ପଚରାଲାରୁ ତାକର କାଗଜପତର ଯାଁଚ୍ କରି ଭତା ଆର ସରକାରୀ ନିୟମ ହିସାବେ ପକାଘର ଯୁଗେଇ ଦେବାର ବେବସ୍ତା କରାଯିବା ବଲି ସେ କହିଥିଲେ।



ଅସାହା ବୁରୁଧ୍ କିର୍ତ୍ତନ।

## ନିଆଁ ଲାଗି ଚୂନ୍, ବ୍ଲିଚିଂ ଗୋଦାମରେ ବିସ୍ଫୋରଣ

**ଭଦ୍ରକ ଅଫିସ, ୪।୬:** ଭଦ୍ରକ ସହର ବାଇପାସ୍ ରାସ୍ତା ଗ୍ରାମାଞ୍ଚଳ ଥାନା ସମ୍ମୁଖରେ ଥିବା ଆର୍‌ଏମ୍‌ସି ମାର୍କେଟ୍ କମ୍ପ୍ଲେକ୍ସର ୩ଟି ଚୂନ ଓ ବ୍ଲିଚିଂ ଗୋଦାମରେ ମଙ୍ଗଳବାର ପୂର୍ବାହ୍ନରେ ଭୟାବହ ଅଗ୍ନିକାଣ୍ଡ ଘଟିଛି। ନିଆଁ ଲାଗିବା ପରେ ଗୋଦାମରେ ବିସ୍ଫୋରଣ ଘଟିବାରୁ ସ୍ଥାନୀୟ ବସ୍ତି ବାସିନ୍ଦା ଓ ଦୋକାନୀମାନେ ଆତଙ୍କିତ ହୋଇପଡିଥିଲେ। ଭଦ୍ରକ ଅଗ୍ନିଶମ କର୍ମଚାରୀ ପହଞ୍ଚି ଦୀର୍ଘ ଦେଢଘଣ୍ଟା ପରିଶ୍ରମ କରି ନିଆଁକୁ ଆୟତ୍ତ କରିଥିଲେ। ଚୂନ ଓ ବ୍ଲିଚିଂରେ ଲାଗିଥିବା ନିଆଁକୁ ପାଣିରେ ଲିଭାଇବା ସମ୍ଭବ ନ ଥିବାରୁ ଅଗ୍ନିଶମ କର୍ମଚାରୀ ପ୍ରଥମେ ଫୋମ୍ ବ୍ୟବହାର କରିଥିଲେ। ପରେ ପାଣି ସିଞ୍ଚନ କରି ଅନ୍ୟତ୍ର ବ୍ୟାପିଥିବା ନିଆଁକୁ ଆୟତ୍ତ କରିଥଲେ। ଅଗ୍ନିକାଣ୍ଡ କିପରି ଘଟିଲା, ତାହା ସ୍ପଷ୍ଟ ହୋଇ ନାହିଁ। ଚୂନ ଓ ବ୍ଲିଚିଂ ରହୁଥିବା ସ୍ଥାନ ଅତ୍ୟଧିକ ଗରମ ହେଲେ ସେଥିରେ ନିଆଁ ଲାଗିବା ଆଶଙ୍କା ରହିଛି ବୋଲି ଅଗ୍ନିଶମ ବିଭାଗର ବରିଷ୍ଠ ଆଗ୍ନିକ ହରେକୃଷ୍ଣ ମହାପାତ୍ର କହିଛନ୍ତି।

ଭଦ୍ରକ ଆର୍‌ଏମ୍‌ସି ମାର୍କେଟ୍ କମ୍ପ୍ଲେକ୍ସରେ ଥିବା ବିଭିନ୍ନ ଗୋଦାମକୁ ଭଡାରେ ଦିଆଯାଇଥାଏ। ଭଡ଼ା ନେଇଥିବା ସଂସ୍ଥା ପକ୍ଷରୁ ସେଠାରେ ୩ଟି ଗୋଦାମରେ ବହୁ ପରିମାଣ ଚୂନ ଓ ବ୍ଲିଚିଂ ରଖାଯାଇଥିଲା। ଗତ କିଛି ଦିନ ଧରି ଗୋଦାମର ଝରକା, କବାଟ ବନ୍ଦ ଥିବାରୁ ନିଆଁ ଲାଗି ବିସ୍ଫୋରଣ ଘଟିଥିବା ଅଗ୍ନିଶମ ବିଭାଗ ଆଶଙ୍କା ପ୍ରକାଶ କରିଛି। ଏ ନେଇ ତଦନ୍ତ ଜାରି ରହିଛି। ଅଗ୍ନିକାଣ୍ଡ ଯୋଗୁ କେତେକଣ କ୍ଷୟକ୍ଷତି ଘଟିଛି ତାହାର ଆକଳନ କରାଯାଉଛି। ଗତ ୨ ବର୍ଷ ଧରି ଖରାଦିନେ ଏହି କମ୍ପ୍ଲେକ୍ସରେ ଥିବା ଚୂନ ଓ ବ୍ଲିଚିଂ ଗୋଦାମରେ ଏଭଳି ନିଆଁ ଲାଗିଥିବାର ନଜିର ରହିଛି ।

## ଉପରିସ୍ଥ ଅଧିକାରୀଙ୍କୁ ଗାଳିକରି କନଷ୍ଟେବଲ ଗିରଫ

ବାରଙ୍ଗ,୪।୬(ଡି.ଏନ୍.ଏ.)

ଉପରିସ୍ଥ ଅଫିସରଙ୍କୁ ଗାଳିଗୁଲଜ ଓ ଖରାପ ବ୍ୟବହାର ପ୍ରଦର୍ଶନ କରବା ଅଭିଯୋଗରେ ଚନ୍ଦକା ଥାନା ପୋଲିସ ଜଣେ କନଷ୍ଟେବଲକୁ ଗିରଫ କରି ମଙ୍ଗଳବାର କୋର୍ଟଚାଲଣ କରିଛି। ସେ ହେଲେ ୭ ବାଟାଲିୟନର ବ୍ୟାଚ ନମ୍ବର ୨୧୮ କନଷ୍ଟେବଲ ଆନନ୍ଦ ପୃଷ୍ଟି। ଏହି ଥାନା ଅନ୍ତର୍ଗତ ଜାମୁଝରିସ୍ଥିତ କ୍ୟାମ୍ପରେ ଆନନ୍ଦ କାର୍ଯ୍ୟ କରୁଥିବାବେଳେ କୌଣସି କାରଣକୁ ନେଇ ତାଙ୍କର ସହଯୋଗୀଙ୍କ ସହ ଝଗଡା ହୋଇଥିଲା। ଏହି ଝଗଡାକୁ ନେଇ ଉଭୟ ଉପରିସ୍ଥ ଅଧିକାରୀଙ୍କ ପାଖକୁ ଯାଇଥିଲେ। ଏହି ସମୟରେ ଆନନ୍ଦ ଉପରିସ୍ଥ ଅଧିକାରୀଙ୍କ କଥାକୁ ନ ମାନିବା ସହ ତାଙ୍କୁ ଗାଳିଗୁଲଜ ଓ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିବାର ଆସିଷ୍ଟାଣ୍ଡ କମାଣ୍ଡାର୍ଡ ମାନସ ରଞ୍ଜନ ରାଉତ ମଙ୍ଗଳବାର ଥାନାରେ କରିଥିବା ଅଭିଯୋଗରେ ଦର୍ଶାଇଛନ୍ତି ।

### କୋଟସମଲାଇ ପ୍ରିମିୟର ଲିଗ୍ କ୍ରିକେଟ

# ହରିଣାପାଲିକୁ ହରାଇ ପାତ୍ରପାଲି ଫାଇନାଲରେ

ଅମରପାଲି, ୪।୬ (ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ଅନ୍ତର୍ଗତ କୋଟସମଲାଇଠାରେ ଚାଲିଥିବା ଅଷ୍ଟମ କୋଟସମଲାଇ ପ୍ରିମିୟର ଲିଗ୍ କ୍ରିକେଟର ନବମ ଦିବସ ମଙ୍ଗଳବାରର ପ୍ରଥମ ମ୍ୟାଚରେ ହରିଣାପାଲିକୁ ହରାଇ ପାତ୍ରପାଲି ଫାଇନାଲରେ ପ୍ରବେଶ କରିଛି। ହରିଣାପାଲି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ଓଭରରେ ସମସ୍ତ ଉଇକେଟ ହରାଇ ୫୪ ରନ ସଂଗ୍ରହ କରିଥିଲା । ଦଳ ପକ୍ଷରୁ ରଞ୍ଜନ ସର୍ବାଧିକ ୨୧ ରନ ଏବଂ ରାଜୁ ୧୧ ରନ କରିଥିଲେ। ବିପକ୍ଷଦଳର ବିଷ୍ଣୁ ଓ ତାପସ ପ୍ରତ୍ୟେକ ୨ଟି ଲେଖାଏଁ ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ପାତ୍ରପାଲି ଦଳ ୭ ଓଭରରେ ୩ଟି ବଲରେ ୪ ଉଇକେଟ ହରାଇ ଆବଶ୍ୟକ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ଦଳ ପକ୍ଷରୁ ତାପସ ୨୪ ରନ ଓ ରାଜେଶ ୧୬ ରନ ସଂଗ୍ରହ କରିଥିଲେ। ବିପକ୍ଷ ଦଳର ରଞ୍ଜନ ୨ଟି ଉଇକେଟ ନେଇଥିଲେ। ପାତ୍ରପାଲି ଦଳର ତାପସଙ୍କୁ ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ କରାଯାଇଥିଲା। ଦ୍ୱିତୀୟ ମ୍ୟାଚରେ କୋଟସମଲାଇ ପ୍ରଥମେ ବ୍ୟାଟିଂ କରି ୯ ଓଭରରେ ସମସ୍ତ ଉଇକେଟ ହରାଇ ମାତ୍ର ୩୯ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଭୀମ ସର୍ବାଧିକ ୧୭ ରନ ସଂଗ୍ରହ କରିଥିଲେ। ବିପକ୍ଷ ଦଳର ପାର୍ଥ ୪ଟି ଓ ବିକାଶ ୩ଟି ଉଇକେଟ ନେଇଥିଲେ। ଜବାବରେ ଉଲୁଣ୍ଡା ଦଳ ୬ ଓଭରରେ ୬ ଉଇକେଟ ହରାଇ ଆବଶ୍ୟକ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ଦଳ ପକ୍ଷରୁ ବଣ୍ଟି ସର୍ବାଧିକ ୧୮ ଓ ବିକାଶ ୧୧ ରନ କରିଥିଲେ। ଉଲୁଣ୍ଡା ଦଳର ବିକାଶଙ୍କୁ ମ୍ୟାଚର ଶ୍ରେଷ୍ଠ ଖେଳାଳିଭାବେ ପୁରସ୍କୃତ କରାଯାଇଥିଲା। ଖେଳଗୁଡିକୁ ବିଶ୍ୱନାଥ ବାରିକ ଓ ନିତ୍ୟାନନ୍ଦ ମନ୍ତ୍ରୀ ପରିଚାଳନା କରିଥିବା ବେଳେ ଗୋକୁଳାନନ୍ଦ ପଧାନ ସ୍କୋରିଂ ଏବଂ ସୋମନାଥ ପୁରୋହିତ ଓ ବିଦ୍ୟାଧର ସେଠୀ ଧାରା ବିବରଣୀ ପ୍ରଦାନ କରିଥିଲେ ।



ଫାଇନାଲରେ ପହଞ୍ଚିଥିବା ପତ୍ରାପାଲି ଦଳର ଖେଳାଳିମାନେ।

**କୋଟସମଲାଇକୁ ହରାଇ ଉଲୁଣ୍ଡା ସେମିରେ**

## ଦୟାନଦୀକୁ ଗାଧୋଇବାକୁ ଯାଇ ମହିଳା ନିଖୋଜ

କଣାସ, ୪।୬(ଡି.ଏନ୍.ଏ.)

କଣାସଥାନା ଅନ୍ତର୍ଗତ ତ୍ରିଲୋଚନପୁର ପଞ୍ଚାୟତର କାତପଡା ଗ୍ରାମର ଚିନୁ ସାହୁ(୭୫) ଦୟାନଦୀରେ ଗଧୋଇବାକୁ ଯାଇ ନିଖୋଜ ହୋଇଯାଇଛନ୍ତି। ସେ ନଦୀକୁ ସକାଳ ୮ଟାରେ ଗାଧୋଇବା ପାଇଁ ଯାଇ ୧୨ଟା ପର୍ଯ୍ୟନ୍ତ ନ ଫେରିବାରୁ ପରିବାରଲୋକେ ଖୋଜା ଖୋଜି କରିଥିଲେ। ମାତ୍ର ସେ ନ ମଳିବାରୁ ପୁଅ ନକୁଳ ସାହୁ କଣାସ ଥାନାରେ ଅଭିଯୋଗ କରିଥିବା ଜଣାପଡିଛି। ଯଦି କୌଣସି ବ୍ୟକ୍ତି ଚିନୁଙ୍କ ସନ୍ଧାନ ପାଆନ୍ତି ତେବେ ନିକଟସ୍ଥ ଥାନାରେ ଜଣାଇବାକୁ ପୁତ୍ର ନକୁଳ ଅନୁରୋଧ କରିଛନ୍ତି।

## ମଙ୍ଗଳବାର ବଜାରରୁ ବାଇକ୍ ଚୋରି

ସୋନପୁର,୪।୬(ନି.ପ୍ର.)

ସୁବର୍ଣ୍ଣପୁର ସହରରେ ବାଇକ୍ ଚୋରି ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି । ମାତ୍ର ପୋଲିସ ଅଭିଯୁକ୍ତଙ୍କ ଟେର ପାଉନି। ମଙ୍ଗଳବାର ପୂର୍ବାହ୍ନରେ ମଙ୍ଗଳବାର ବଜାର(ହାଟ)ରୁ ଏକ ହୁଣ୍ଡା ସାଇନ୍ ବାଇକ୍ ନଂ ଓଡି୩୧-୦୬୮୧ ଚୋରି ହୋଇଛି। ଉଲୁଣ୍ଡା ଥାନା ଦଶରାଜପୁରର ଧ୍ରୁବଚରଣ ପ୍ରଧାନ ବାଇକ୍ ରଖି ମାର୍କେଟିଂ କରିବା ପାଇଁ ଯାଇଥିଲେ। ଫେରିବା ପରେ ବାଇକ୍ ନଥିଲା। ଏ ସମ୍ପର୍କରେ ସୋନପୁର ଥାନାରେ ଧ୍ରୁବଚରଣ ଲିଖିତ ଅଭିଯୋଗ କରିବା ପରେ ଏକ ମାମଲା ରୁଜୁ ହୋଇଛି ।

# ଏଟିଏମ୍ ଲୁଟ୍ ଉଦ୍ୟମ ପଣ୍ଡ କଲା ପୋଲିସ

ଜୟପୁର,୪।୫(ଡି.ଏନ୍.ଏ./ନି.ପ୍ର.)

ଏଟିଏମ୍ ଲୁଟ୍ ପାଇଁ ସୋମବାର ଦୁର୍ବୃତ୍ତମାନେ ରଚିଥିବା ଯୋଜନାକୁ ପଣ୍ଡ କରିଛି କୋରାପୁଟ ଜିଲା ଜୟପୁର ଟାଉନଥାନା ପୋଲିସ। ଏହି ଘଟଣାରେ ୪ ଜଣଙ୍କୁ ପୋଲିସ ଗିରଫ କରିବା ସହ ଗୁଳି ଜବତ କରିଛି। ତେବେ ଅନ୍ୟ ଜଣେ ଦୁର୍ବୃତ୍ତ ପୋଲିସ ଉପରକୁ ଗୁଳି ଚଳାଇ ସେଠାରୁ ଚମ୍ପଟ ମାରିଛି।

ଜୟପୁର ଏସ୍‌ଡିପିଓ ସାଗରିକା ନାଥ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇ କହିଛନ୍ତି, ସୋମବାର ରାତି ସାଢ଼େ ୨ଟାରେ ଜୟପୁର ସହରର ଜୟନଗର ଶିଶୁପାର୍କ ସମ୍ମୁଖରେ ଥିବା ଏସ୍‌ବିଆଇ ଏଟିଏମ୍ ଲୁଟ୍ ପାଇଁ ଯୋଜନା ସହ ସେଠାରୁ ଉପସ୍ଥିତ ଥିଲେ କେତେଜଣ ଦୁର୍ବୃତ୍ତ। ସେହି ସମୟରେ ଏସ୍‌ଆଇ ଜିତେନ୍ଦ୍ର ନାୟକ, ଏଏସ୍‌ଆଇ କୃପାଦାନ ଖୋସ୍‌ଲା ଓ ଅନ୍ୟ ପୋଲିସ କର୍ମଚାରୀ ରାତ୍ରିକାଳୀନ ପାଟ୍ରୋଲିଂ କରୁଥିଲେ। ପୋଲିସକୁ ଦେଖି ଦୁର୍ବୃତ୍ତମାନେ ସେଠାରୁ ଖସିବାକୁ ଚେଷ୍ଟା କରୁଥିବା ବେଳେ ସେମାନଙ୍କୁ କାବୁ କରିବା ପାଇଁ ପୋଲିସ ସେମାନଙ୍କ ପଛରେ ଗୋଡ଼ାଇଥିଲା। ଫଳରେ ଦୁର୍ବୃତ୍ତମାନେ ପୋଲିସ ଉପରକୁ ୨ ରାଉଣ୍ଡ ଗୁଳି ଚଳାଇଥିଲେ। ଶେଷରେ ୪ ଜଣ ଦୁର୍ବୃତ୍ତଙ୍କୁ କାବୁ କରିବାରେ ସଫଳ ହୋଇଥିଲା ପୋଲିସ। ଗିରଫ ୪ଜଣ ଲୁଟେରା ହେଲେ ଜୟପୁର ଅଞ୍ଚଳର ଗଣେଶ ପୂଜାରୀ (୨୧), କେ. ନାଗାର୍ଜୁନ (୨୬), ଅଜୟ ନାଗ (୨୧), ଦୈତାରୀ ସାଗର (୨୪)। ସେମାନଙ୍କଠାରୁ ଶାଳବ, ସ୍କ୍ରୁ ଡାଇଭର, ୭ ଏମ୍‌ଏମ୍‌ର ଗୋଟିଏ ଜୀବନ୍ତ ଗୁଳି ଜବତ କରାଯାଇଛି। ଅନ୍ୟ ଜଣେ ଲୁଟେରା ସେଠାରୁ ଖସିବାରେ ସକ୍ଷମ ହୋଇଛନ୍ତି।

## Birthday Wish



R.KAJOL
Age-22
DOB: 05.06.1997
HAPPY BIRTHDAY to KAJOL
D-12809

### ସୁବର୍ଣ୍ଣପୁର ଶୀତଳଷଷ୍ଠୀ ଯାତ୍ରା

# ଟ୍ରେଜେରିରୁ ବାହାରିଲେ ନାଗପ୍ରତିମା, ରୁପା ବିମାନ

ସୋନପୁର,୪।୬(ନି.ପ୍ର.)

ସୁବର୍ଣ୍ଣପୁରର ପ୍ରସିଦ୍ଧ ଶୀତଳଷଷ୍ଠୀ ଯାତ୍ରା ଆସନ୍ତା ୫ତାରିଖ ବୁଧବାରଠାରୁ ଆରମ୍ଭ ହେବ। ଏଥିସକାଶେ ସହର ବେଶ ଚଳଚଞ୍ଚଳ ହୋଇଉଠିଛି। ମଙ୍ଗଳବାର ପୂର୍ବାହ୍ନରେ ପୂଜାର୍ଚ୍ଚନା ପରେ ସୁବର୍ଣ୍ଣ ନାଗ ପ୍ରତିମା, ରୁପା ବିମାନ ଓ ଅଳଙ୍କାର ସୁବର୍ଣ୍ଣପୁର ଟ୍ରେଜେରି (ଜିଲା କୋଷାଗାର)ରୁ ବାହାର କରାଯାଇଛି। ଜିଲାପାଳ ମଧୁସୂଦନ ମିଶ୍ର, ଏସ୍‌ପି ଦେବୀପ୍ରସାଦ ଦାଶ, ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡା, ସୋନପୁର ଉପଜିଲାପାଳ ତଥା ଦେବୋତ୍ତର ଅଧିକାରୀ ବଳରାମ ମଲ୍ଲିକ, ସାମାଜିକକର୍ମୀ ଶ୍ରୀବସ୍ତ ମଲ୍ଲିକ, ଶୀତଳଷଷ୍ଠୀ ଯାତ୍ରା କମିଟିର ସଭାପତି କିଷାନ୍ ଲାଲ ଅଗ୍ରୱାଲା, ସମ୍ପାଦକ ଗିରି ଗୋବର୍ଦ୍ଧନ ଥନାପତି, କୋଷାଧ୍ୟକ୍ଷ ଜୟନାରାୟଣ ସାହୁ, କନ୍ୟାପିତା ଘୋଡାଘାଟପଡାର ଶୁକ୍ଲାମ୍ବର ପାଣିଗ୍ରାହୀ ଓ ବରପିତା ଶାନ୍ତିନଗର ପଡାର ଅର୍ଜୁନ ରଥ ପ୍ରମୁଖ ଏଥି ସକାଶେ ଟ୍ରେଜେରୀରେ ଉପସ୍ଥିତ ଥିଲେ। ପୂଜାର୍ଚ୍ଚନା ପରେ ପ୍ରତିମା ଓ ଅଳଙ୍କାରକୁ ଚନ୍ଦ୍ରଶେଖର ମନ୍ଦିରରେ କଡା ସୁରକ୍ଷା ମଧ୍ୟରେ ରଖାଯାଇଛି। ସଶସ୍ତ୍ର ପୋଲିସ୍ ଟିମ୍ ନାଗ ପ୍ରତିମା, ଅଳଙ୍କାରକୁ ଜଗି ରହିଛନ୍ତି। ଅନ୍ୟପକ୍ଷେ ଚଳିତ ବର୍ଷ ଜିଲାର ଇଷ୍ଟ ଦେବତା ସୁବର୍ଣ୍ଣମେରୁଙ୍କ ବିମାନକୁ ୨୦କିଲୋ ରୂପାରେ ନୂତନ ଭାବେ ନିର୍ମାଣ କରାଯାଇଛି। ମାଟିପକା ପରେ ବୁଧବାର ସନ୍ଧ୍ୟାରେ ଦେବ ନିମନ୍ତ୍ରଣ କାର୍ଯ୍ୟକ୍ରମ ରହିଛି। ସୋନପୁରର ଅଷ୍ଟଶମ୍ଭୁ ଓ ଅଷ୍ଟବିଷ୍ଣୁଙ୍କୁ ଭୈରବବାଙ୍କ ସହିତ ବର ପିତା ଗୌରିଶଙ୍କର ନିମନ୍ତ୍ରଣ ପାଇଁ ଯିବେ। ଯାତ୍ରା ଅବସରରେ ୧୦୮ ଭରି ବିଶିଷ୍ଟ ସୁବର୍ଣ୍ଣ ନାଗ ପ୍ରତିମା ଶୁକ୍ରବାର ରାତିରେ ବର ବେଶରେ ରୂପା ବିମାନରେ ବିଜେ ହେବେ। ଅଷ୍ଟ ବିଷ୍ଣୁ ଓ ଅଷ୍ଟଶମ୍ଭୁ ବରାତି ଶୋଭାଯାତ୍ରାରେ ଯିବେ। ଏଠାକାର ଶୀତଳଷଷ୍ଠୀ ଯାତ୍ରାର ଏହା ହିଁ ମୁଖ୍ୟ ଆକର୍ଷଣ। ରାଜାରାଜୁଡା ଅମଳରୁ ଶତାଧିକ ବର୍ଷ ଧରି ଏହି ପରମ୍ପରା ଚାଲିଆସିଛି। ଲୋକ ସଂସ୍କୃତି ଓ ଆଧ୍ୟାତ୍ମିକ ପର୍ବ ଶୀତଳଷଷ୍ଠୀ ପାରମ୍ପରିକ ରୀତି ନୀତି ଅନୁଯାୟୀ ଆସନ୍ତା ୯ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ଯାତ୍ରା ଅବସରରେ ହଜାର ହଜାର ଭକ୍ତଙ୍କ ସମାଗମ ହୁଏ ।



ଟ୍ରେଜେରିରୁ ରୂପା ବିମାନ ଓ ସୁବର୍ଣ୍ଣ ନାଗ ପ୍ରତିମାଙ୍କୁ ବାହାର କରାଯାଇଛି ।

## ପ୍ରଥମ ଜନ୍ମଦିନ ଶୁଭେଚ୍ଛା



ଶ୍ରେୟାଲିନ୍ (ମାମା)
ଇମାମ ନଗର, ଜଗତ୍‌ପୁର, କଟକ
ତୋର ପ୍ରଥମ ଜନ୍ମଦିନ ଅବସରରେ ପ୍ରଭୁ ଶ୍ରୀଜଗନ୍ନାଥ ତୋତେ ଭଲରେ ରଖନ୍ତୁ।
ଶୁଭେଚ୍ଛା ସହ:
ଅଜା, ଆଈ, ମାମୁ (ନହରକଣ୍ଟା), କେକେ, ମା, ମମି, ପାପା, ଦାଦା ଓ ପରିବାର ବର୍ଗ।
ଧ-୧୨୮୦୧

## ଜନ୍ମଦିନ ଶୁଭେଚ୍ଛା



ଆଶୁତୋଷ ପାଲଟାସିଂ (ଅଭି)
ଝାରପଡ଼ା, ଭୁବନେଶ୍ୱର
ତୋର ଜନ୍ମଦିନ ଅବସରରେ ପ୍ରଭୁ ଶ୍ରୀଜଗନ୍ନାଥ ତୋତେ ଭଲରେ ରଖନ୍ତୁ।
ଶୁଭେଚ୍ଛା ସହ: ମା, ପୂଜା, ଚନ୍ଦନ, କୁଇନ୍, ମାମୁନି, ବନ୍ଧୁ ଓ ପରିବାରବର୍ଗ।
ଧ-୧୨୮୩୬

ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା:୨୦ Press Regd. No.ORIORI/2005/14845 Postal Regd. No. BN/42/18-20. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ବୁଧବାର, ଜୁନ୍ ୫/୨୦୧୯ Sambalpur, Wednesday, June 5 / 2019

### ଏଫ୍‌ଆଇଏଚ୍ ସିରିଜ ଫାଇନାଲ୍ସ

# ‘ରିଡ୍‌ଙ୍କ ଆଚରଣ ବନ୍ଧୁତ୍ୱପୂର୍ଣ୍ଣ’

**ଭୁବନେଶ୍ୱର,୪।୬(ସ୍ପୋର୍ଟ୍ସ ବ୍ୟୁରୋ)**

ଆଉ ମାତ୍ର ଗୋଟିଏ ଦିନ ପରେ ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ ହକି କମ୍ପ୍ଲେକ୍ସରେ ଆରମ୍ଭ ହେବାକୁ ଯାଉଛି ଆନ୍ତର୍ଜାତିକ ହକି ଫେଡେରେଶନ (ଏଫ୍‌ଆଇଏଚ୍) ସିରିଜ ଫାଇନାଲ୍ସ। ୨୦୨୦ ଟୋକିଓ ଅଲିମ୍ପିକ୍ସର ଯୋଗ୍ୟତା ହାସଲ କରିବାକୁ ଏହି ଟୁର୍ନାମେଣ୍ଟ ଭାରତ ପାଇଁ ପ୍ରଥମ ପାହାଚ ବିବେଚିତ ହେଉଛି। ଭାରତ ଏହି ଟୁର୍ନାମେଣ୍ଟରେ ଦମ୍‌ଦାର ପ୍ରଦର୍ଶନ କରି ଚାମ୍ପିୟନ ହେବ ବୋଲି ଅଧିନାୟକ ମନପ୍ରୀତ ସିଂ କହିଛନ୍ତି। ମଙ୍ଗଳବାର ଖବରଦାତା ସମ୍ମିଳନୀରେ ଯୋଗ ଦେଇ ମନପ୍ରୀତ୍‌ଙ୍କ ସମେତ ଅନ୍ୟ ୭


ମନ୍‌ପ୍ରିତ୍ ସିଂ।

ଦଳର ଅଧିନାୟକ ତଥା ଖେଳାଳିମାନେ ନିଜନିଜ ଦଳର ପ୍ରଦର୍ଶନ ଓ ଯୋଜନା ନେଇ ମତ ରଖିଥିଲେ। ନୂଆ କୋଚ୍ ଗ୍ରାହାମ ରିଡଙ୍କ ସହ ଦଳର ସବୁ ଖେଳାଳି ବେଶ୍ ସହଜ ମନେ କରୁଛନ୍ତି। ରିଡ୍‌ଙ୍କ ବନ୍ଧୁତ୍ୱପୂର୍ଣ୍ଣ ଆଚରଣ ସବୁ ଖେଳାଳିଙ୍କ ପାଇଁ ଏକ ଅନୁକୂଳ ବାତାବରଣ ସୃଷ୍ଟି କରିଛି। ଟୋକିଓ ଅଲିମ୍ପିକ୍ସ ଯୋଗ୍ୟତା ହାସଲ ପାଇଁ ଏହି ଟୁର୍ନାମେଣ୍ଟ ଆମ ପାଇଁ ବେଶ୍ ଗୁରୁତ୍ୱ ବହନ କରୁଛି ବୋଲି ସେ କହିଛନ୍ତି। ୬ ତାରିଖ ଅର୍ଥାତ୍ ଗରୁବାର ରୁଷିଆ ବିପକ୍ଷରୁ ଭାରତ ଅଭିଯାନ ଆରମ୍ଭ କରିବ। ନୂଆ କୋଚ୍ ରିଡ୍‌ଙ୍କ ତତ୍ତ୍ୱାବଧାନରେ ଭାରତ ପ୍ରଥମଥର ପାଇଁ କୌଣସି ବଡ଼ ଟୁର୍ନାମେଣ୍ଟ ଖେଳିବାକୁ ଯାଉଛି। ରିଡ୍ ଖେଳାଳିଙ୍କ ସହ ବନ୍ଧୁଭଳି ବ୍ୟବହାର କରିଥାନ୍ତି ଓ ତାଙ୍କ ମୁହଁରେ ସବୁବେଳେ ହସ ଥାଏ। ସବୁ ଖେଳାଳିଙ୍କ ସହ ସେ ଖୋଲାଖୋଲି ଭାବେ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥାନ୍ତି। ଗ୍ରାଉଣ୍ଡରେ ଅଧିନାୟକଙ୍କ ସମେତ ସବୁ ଖେଳାଳି ସମାନ ଭାବେ ଗୁରୁତ୍ୱପୂର୍ଣ୍ଣ ବୋଲି ରିଡ ବିଚାର କରିଥାନ୍ତି। ଯଦି କୌଣସି ଖେଳାଳି ଭଲ ପ୍ରଦର୍ଶନ କରି ନ ଥାନ୍ତି ତାହାଲେ ତାଙ୍କୁ ସେ ମୋଟିଭେଟ୍ କରିଥାନ୍ତି ଓ ଲୟକୁ ଫେରାଇ ଆଣିବା ପାଇଁ ପ୍ରୟାସ କରିଥାନ୍ତି ବୋଲି ମନପ୍ରୀତ ଖବରଦାତାଙ୍କ ପ୍ରଶ୍ନର ଉତ୍ତର ଦେଇ କହିଛନ୍ତି।

ଭିନ୍ନ ଭିନ୍ନ କୋଚ୍‌ଙ୍କ ଶୈଳୀ ଅଲଗା ହୋଇଥାଏ। ତେଣୁ ପୂର୍ବ କୋଚ୍ ହରେନ୍ଦ୍ର ସିଂଙ୍କଠାରୁ ରିଡ ଶୈଳୀ ଅଲଗା ବୋଲି ମନପ୍ରୀତ କହିଛନ୍ତି। ମ୍ୟାଚ୍‌କୁ ପଢ଼ିବା ଓ ହୃଦୟଙ୍ଗମ କରିବା ଓ ସେହି ଅନୁଯାୟୀ ରଣନୀତି ପ୍ରସ୍ତୁତ କରିବାର ଶୈଳୀ ସବୁ କୋଚ୍‌ମାନଙ୍କର ଅଲଗା ଅଲଗା ରହିଥାଏ। ସେହିପରି ହରେନ୍ଦ୍ରଙ୍କଠାରୁ ରିଡ୍ ଶୈଳୀ ଭିନ୍ନ। ରିଡ୍‌ଙ୍କ ସହ ସବୁ ଖେଳାଳି ବେଶ୍ ସହଜ ମନେ କରୁଛନ୍ତି। ତେଣୁ ଏହାର ସକରାତ୍ମକ ପ୍ରଭାବ ଦଳର ପ୍ରଦର୍ଶନ ଉପରେ ପଡିବ ବୋଲି ମନପ୍ରୀତ କହିଛନ୍ତି।

ପ୍ରଥମ ମ୍ୟାଚ୍‌ରେ ଭାରତ ରୁଷିଆକୁ ଭେଟିବାପରେ ପୋଲାଣ୍ଡ ଓ ଉଜ୍‌ବେକିସ୍ତାନକୁ ଭେଟିବ। ଏହି ଟୁର୍ନାମେଣ୍ଟ ସବୁ ଦଳ ପାଇଁ ସମାନ ଭାବେ ଗୁରୁତ୍ୱପୂର୍ଣ୍ଣ। ଭାରତ ଘରୋଇ ପରିବେଶରୁ ଫାଇଦା ଉଠାଇବା ଓ ଅନ୍ୟଦଳଗୁଡିକଠାରୁ ପାଦେ ଆଗରେ ରହିବ। ଏହି ଟୁର୍ନାମେଣ୍ଟ ନେଇ ଆମେ ବେଶ୍ ଉତ୍ସାହିତ ଅଛୁ। ସବୁ ଦଳ ଅଲିମ୍ପିକ୍ସ ଖେଳିବାକୁ ଚାହୁଁଛନ୍ତି। ତେଣୁ କୌଣସି ଦଳକୁ ହେୟ ମନେ କରିହେବ ନାହିଁ। ଯେକୌଣସି ଦଳ ସେମି ଫାଇନାଲରେ ପ୍ରବେଶ କରିପାରିବ।

ଭୁବନେଶ୍ୱରର ଦର୍ଶକ କେବଳ ଭାରତ ନୁହଁ ବାକି ସବୁ ଦଳକୁ ସମର୍ଥନ କରିବେ ବୋଲି ମନପ୍ରୀତ କହିଛନ୍ତି। ଓଡ଼ିଶାରେ ଖେଳିବା ସବୁବେଳେ ଆନନ୍ଦ ଦାୟକ ହୋଇଥାଏ। ଶ୍ରେଷ୍ଠ ପ୍ରଦର୍ଶନ କରି ଆମେ ଫାଇନାଲରେ ପ୍ରବେଶ କରିବୁ। ଗତ ଏସିଆନ ଗେମ୍ସରେ ଭାରତ ସେମଫାଇନାଲରେ ମାଲେସିଆଠାରୁ ହାରି ବିଦାୟ ନେଇଥିଲା। ଏହା ନିଶ୍ଚିତ ଭାବେ କଷ୍ଟ ଦେଇଛି। ତେବେ ଏହାକୁ ପଛରେ ପକାଇ ଆମକୁ ଆଗକୁ ଯିବାକୁ ହେବ।

ହେଡ୍ କୋଚ୍ ରିଡ୍‌ଙ୍କୁ ବାଦଦେଲେ ଭାରତ ପାଇଁ ଅନାଲିଟିକାଲ କୋଚ୍ କ୍ରିସ୍ ସିରିଏଲୋ, ସପୋର୍ଟ ଷ୍ଟାଫ୍ ହିସାବରେ ପୀୟୁଷ ଦୁବେ ଓ ପୂର୍ବତନ ଷ୍ଟ୍ରାଇକର ଶିବେନ୍ଦ୍ର ସିଂ କାର୍ଯ୍ୟ କରୁଛନ୍ତି। ପେନାଲ୍ଟି କନଭର୍ସନ ଓ ଅନ୍ତିମ ମୁହୂର୍ତ୍ତହର ଗୋଲ ବରଣ କରିବାର ଭାରତର ପୁରୁଣା ସମସ୍ୟା ରହିଛି। ଏଥିରେ ସୁଧାର ଆଣିବାକୁ ପ୍ରୟାସ କରିବୁ ବୋଲି ମନପ୍ରୀତ କହିଛନ୍ତି।

ମନପ୍ରୀତଙ୍କ ସମେତ ଜାପାନ ଅଧିନାୟକ ମନାବୁ ୟାମାସିଟା, ପୋଲାଣ୍ଡ ଟିମ୍ ଗୋଲକିପର ମାଟେଉଜ୍ ପୋପିଓଲକୋୱ୍‌ସ୍କି, ଦକ୍ଷିଣ ଆଫ୍ରିକା ଟିମ୍ ଗୋଲକିପର ରାସି ପିଟର୍ସ, ରୁଷିଆର ପାଭେଲ ଗୋଲୁବେଭ, ଆମେରିକା ଅଧିନାୟକ ଅଜଇ ଧାଡୱାଲ, ଉଜ୍‌ବେକିସ୍ତାନ ଅଧିନାୟକ ଗୋଲିବ କାଲାଣ୍ଡାରୋଭ ଓ ମେକ୍ସିକୋ ଅଧିନାୟକ ମିଗୁଏଲ ଲେଅନ ନିଜ ରଣନୀତି ଓ ପ୍ରସ୍ତୁତି ସମ୍ପର୍କରେ ସୂଚନା ଦେଇଥିଲେ। ଟୁର୍ନାମେଣ୍ଟରେ ଭାରତ ଫେଭରାଇଟ୍ ମନେହେଉଥିଲେ ମଧ୍ୟ ଆମେ ଫାଇନାଲରେ ପ୍ରବେଶ କରିବାକୁ ସବୁ ମତେ ପ୍ରୟାସ କରିବୁ ବୋଲି ଏମାନେ କହିଥିଲେ।

## ଟିମ ଇଣ୍ଡିଆର ନୂଆ ଜର୍ସି

ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଆସନ୍ତା ୬ ତାରିଖରୁ ଆରମ୍ଭ ହେବାକୁ ଯାଉଥିବା ଆନ୍ତର୍ଜାତିକ ହକି ଫେଡେରେଶନ (ଏଫ୍‌ଆଇଏଚ୍) ସିରିଜ ଫାଇନାଲ୍ସରେ ଭାଗ ନେବାକୁ ଯାଉଥିବା ଘରୋଇ ଭାରତୀୟ ଦଳର ନୂଆ ଜର୍ସି ଉନ୍ମୋଚତ ହୋଇଛି। ହକି ଇଣ୍ଡିଆ ମୁଖ୍ୟ କାର୍ଯ୍ୟନିର୍ବାହୀ ଏଲିନା ନର୍ମାନ କ୍ରୀଡ଼ା ସଚିବ ବିଶାଲ ଦେବଙ୍କୁ ପ୍ରଦାନ କରିଛନ୍ତି। ଏହି ଜର୍ସି ବେଶ୍ ସୁନ୍ଦର ଓ ଆକର୍ଷଣୀୟ ହୋଇଛି। ଟିମ୍ ଇଣ୍ଡିଆର ଅଫିସିଆଲ କିଟିଂ ପାର୍ଟନର ଶିବ ନରେଶ ଏହି ଜର୍ସି ପ୍ରସ୍ତୁତ କରିଛନ୍ତି। ଜର୍ସିର ରଙ୍ଗ ଗାଢ ନୀଳ ରହିଛି। ଏହା ଭାରତୀୟ ଦଳର ଆକ୍ରମଣାତ୍ମକ ଆଭିମୁଖ୍ୟକୁ ସୂଚାଉଛି। ଏହା ବେଶ ହାଲକା ମନେହେଉଛି। ମିଡ୍‌ଫିଲ୍ଡର ମନପ୍ରୀତ ସିଂଙ୍କ ନେତୃତ୍ୱରେ ଭାରତୀୟ ଖେଳାଳିମାନେ ଏହି ନୂଆ ଜର୍ସି ପରିଧାନ କରି ପଡିଆକୁ ଓହ୍ଲାଇବେ। ଏହି ଟୁର୍ନାମେଣ୍ଟ ୧୫ ତାରିଖ ଶେଷ ହେବ। ଟୋକିଓରେ ଆୟୋଜନ ହେବାକୁ ଯାଉଥିବା ୨୦୨୦ ଅଲିମ୍ପିକ୍ସ ଲାଗି ଏହି ଟୁର୍ନାମେଣ୍ଟ ଭାରତ ପାଇଁ ଯୋଗ୍ୟତା ହାସଲ କରିବାର ପ୍ରଥମ ପାହାଚ ସଦୃଶ ହେବ। ପୁଲ୍ ଏ’ରେ ଭାରତ ସମେତ ପୋଲାଣ୍ଡ, ରୁଷିଆ ଓ ଉଜ୍‌ବେକିସ୍ତାନ ସ୍ଥାନ ପାଇଛନ୍ତି। ସେହିପରି ପୁଲ୍ ବି’ରେ ଦକ୍ଷିଣ ଆଫ୍ରିକା, ଜାପାନ, ଆମେରିକା ଓ ମେକ୍ସିକୋ ସ୍ଥାନ ପାଇଛନ୍ତି।



ହକି ଇଣ୍ଡିଆ ମୁଖ୍ୟ କାର୍ଯ୍ୟନିର୍ବାହୀ ଏଲିନା ନର୍ମାନ ଓ କ୍ରୀଡ଼ା ସଚିବ ବିଶାଲ ଦେବ ଭାରତର ଜର୍ସି ଉନ୍ମୋଚନ କରୁଛନ୍ତି।




# ବାଂଲାଦେଶ ସାମ୍ନାରେ ନ୍ୟୁଜିଲାଣ୍ଡ ପରୀକ୍ଷା

**ଲଣ୍ଡନ, ୪।୬(ଏଏଫ୍‌ପି)**

ଚଳିତ ଆଇସିସି ବିଶ୍ୱକପ୍‌ର ୯ମ ମୁକାବିଲାରେ ବୁଧବାର ନ୍ୟୁଜିଲାଣ୍ଡ ଓ ବାଂଲାଦେଶ ପରସ୍ପରକୁ ଭେଟିବାକୁ ଯାଉଛନ୍ତି। ସ୍ଥାନୀୟ କେନିଂଟନ ଓଭାଲ ଗ୍ରାଉଣ୍ଡରେ ଏହି ମ୍ୟାଚ୍ ଖେଳାଯିବ। ନ୍ୟୁଜିଲାଣ୍ଡ ଏହାର ପ୍ରଥମ ମୁକାବିଲାରେ ଶ୍ରୀଲଙ୍କାକୁ ୧୦ ଉଇକେଟ୍‌ର ବୃହତ୍ ବ୍ୟବଧାନରେ ପରାସ୍ତ କରି ଅଭିଯାନ ଆରମ୍ଭ କରିଥିଲା। ସେହିଭଳି ଶକ୍ତିଶାଳୀ ଦକ୍ଷିଣ ଆଫ୍ରିକାକୁ ୨୧ ରନରେ ପରାସ୍ତ କରି ବାଂଲାଦେଶ ବିଶ୍ୱକପ୍ ଆରମ୍ଭରୁ ବିପର୍ଯ୍ୟୟ ସୃଷ୍ଟି କରିସାରିଛି। ତେଣୁ ଉଭୟ ଦଳ ଏହି ମ୍ୟାଚ୍‌ରେ ପ୍ରଭାବୀ ପ୍ରଦର୍ଶନ କରି ବିଜୟ ଅଭିଯାନ ଜାରି ରଖିବା ଲକ୍ଷ୍ୟରେ ରହିଛନ୍ତି। ବାଂଲାଦେଶ ଅଲ୍‌ରାଉଣ୍ଡର ଶାକିବ ଅଲ୍ ହାସାନଙ୍କ ଏହା ୨୦୦ତମ ଅନ୍ତର୍ଜାତୀୟ ଦିନିକିଆ ମ୍ୟାଚ୍ ହେବ। ଅଧିନାୟକ ମାଶ୍ରାଫି ମୋର୍ତାଜା (୨୧୦) ଓ ମୁଶଫିକର ରହିମ୍ (୨୦୬)ଙ୍କ ପରେ ୩ୟ ବାଂଲାଦେଶ କ୍ରିକେଟର ଭାବେ ଶାକିବ ୨୦୦ ଅନ୍ତର୍ଜାତୀୟ ଦିନିକିଆ ମ୍ୟାଚ୍ ଖେଳିବାର ସୌଭାଗ୍ୟ ଲାଭ କରିବେ। ଦକ୍ଷିଣ ଆଫ୍ରିକାକୁ ପ୍ରଥମ ମ୍ୟାଚ୍‌ରେ ହରାଇବାରେ ଶାକିବ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ସେ ୭୫ ରନ କରିବା ସହିତ ବୋଲିଂରେ ଗୋଟିଏ ଉଇକେଟ୍ ଦଖଲ କରିଥିଲେ। ଏହି ଉଇକେଟ୍ ସହ ୫ମ କ୍ରିକେଟର ଭାବେ ସେ ଦିନିକିଆ କ୍ରିକେଟରେ ୨୫୦ ଉଇକେଟ୍ ଓ ୫୦୦୦ ରନ ସଂଗ୍ରହ କରିବାର କୃତୀତ୍ୱ ହାସଲ କରିଛନ୍ତି। ପୂର୍ବରୁ ସନଥ୍ ଜୟସୂରିୟା, ଜ୍ୟାକ୍ କାଲିସ, ଶାହିଦ ଆଫ୍ରିଦୀ ଓ ଅବଦୁଲ ରଜାକ ଏହି କ୍ଲବରେ ସାମିଲ ହୋଇସାରିଛନ୍ତି। ନିକଟ ଅତୀତକୁ ନଜର ପକାଇଲେ ଚଳିତ ବର୍ଷ ପ୍ରାରମ୍ଭରେ ନ୍ୟୁଜିଲାଣ୍ଡ ଗସ୍ତରେ ଯାଇ ବାଂଲାଦେଶ ଦିନିକିଆ ସିରିଜକୁ ୩-୦ରେ ହାରିଥିଲା। ଏଥିପୂର୍ବରୁ ୨୦୧୭ ଚାମ୍ପିୟନ୍ସ ଟ୍ରଫିରେ ଅନୁଷ୍ଠିତ ଏକ ମ୍ୟାଚ୍‌ରେ ଶାକିବଙ୍କ ଶତକ ବଳରେ ବାଂଲାଦେଶ ୫ ଉଇକେଟ୍‌ରେ ନ୍ୟୁଜିଲାଣ୍ଡକୁ ପରାସ୍ତ କରିଥିଲା। କିନ୍ତୁ ଉଭୟ ଦଳରେ ବର୍ତ୍ତମାନ କିଛି ଅଭିଜ୍ଞ ଓ ଦକ୍ଷ ଖେଳାଳି ରହିଥିବାରୁ ବୁଧବାର ଖେଳାଯିବାକୁ ଥିବା ଏହି ମ୍ୟାଚ୍ ବେଶ୍ ରୋମାଞ୍ଚକ ହେବ ବୋଲି ଆଶା କରାଯାଉଛି।

# ଭାରତର ଅଭିଯାନ ଆଜିଠାରୁ

**ସାଉଥାମ୍ପଟନ,୪।୬ (ପି.ଟି.)**

ଆଇସିସି ବିଶ୍ୱକପ୍‌ର ଦ୍ୱାଦଶ ସଂସ୍କରଣରେ ଭାରତର ଅଭିଯାନ ବୁଧବାରଠାରୁ ଆରମ୍ଭ ହେବ। ଭାରତର ପ୍ରଥମ ପ୍ରତିଦ୍ୱନ୍ଦ୍ୱୀ ଦକ୍ଷିଣ ଆଫ୍ରିକା। ସାଉଥାମ୍ପଟନର ରୋଜ ବଲ ଗ୍ରାଉଣ୍ଡରେ ଖେଳାଯିବାକୁ ଥିବା ଏହି ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକା ଖେଳାଳିଙ୍କ ଆଘାତ ଜନିତ ସମସ୍ୟାରେ ଥିଲେ ହେଁ ଭାରତକୁ କଡ଼ା ଚ୍ୟାଲେଞ୍ଜ ଦେବ ବୋଲି ଆଶା କରାଯାଉଛି। ଭାରତୀୟ ଅଧିନାୟକ ବିରାଟ କୋହଲି ତାଙ୍କ ଆନ୍ତର୍ଜାତିକ କ୍ୟାରିୟରର ନୂଆ ସୋପାନରେ ପାଦ ଦେବାକୁ ଯାଉଛନ୍ତି। ସେ ଚଳିତ ପିଢିର ସବୁଠାରୁ ଶ୍ରେଷ୍ଠ ଦିନିକିଆ ବ୍ୟାଟ୍ସମ୍ୟାନ ବିବେଚିତ ହେଉଛନ୍ତି। ତେବେ ଏହି ମେଗା ଇଭେଣ୍ଟରେ ସେ କେବଳ ବ୍ୟାଟ୍ସମ୍ୟାନ ନୁହଁନ୍ତି ଜଣେ ଅଧିନାୟକ ହିସାବରେ ପରୀକ୍ଷାର ସମ୍ମୁଖୀନ ହେବେ। ଭାରତୀୟ ଦଳରେ କୋହଲିଙ୍କ ସମେତ ଏକାଧିକ ମ୍ୟାଚ୍ ୱିନର ରହିଛନ୍ତି। ତାଙ୍କ ନେତୃତ୍ୱ, ଧୋନୀଙ୍କ ଦିଶାନିର୍ଦ୍ଦେଶ ଓ କୋଚ ରବି ଶାସ୍ତ୍ରୀଙ୍କ ତତ୍ତ୍ୱାବଧାନରେ ଭାରତ ଗ୍ରୁପ୍ ପର୍ଯ୍ୟାୟରେ ୯ଟି ମ୍ୟାଚ୍‌ରୁ ୬ଟିରେ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିବ ବୋଲି ଆଶା କରାଯାଉଛି। ଗ୍ରୁପ୍ ପର୍ଯ୍ୟାୟରେ ବାକି ସବୁ ଦଳ ଦୁଇଟି ମ୍ୟାଚ୍ ଖେଳିସାରିଥିବା ବେଳେ ଭାରତ ତା’ର ପ୍ରଥମ ମ୍ୟାଚ୍ ଖେଳିବାକୁ ଯାଉଛି। ତେଣୁ ଭାରତୀୟ ଖେଳାଳିମାନେ ଆବଶ୍ୟକ ବିଶ୍ରାମ ନେଇଛନ୍ତି।

ଗ୍ରୁପ୍ ପର୍ଯ୍ୟାୟରେ ଦକ୍ଷିଣ ଆଫ୍ରିକା କ୍ରମାଗତ ଦୁଇଟି ମ୍ୟାଚ୍‌ରେ ପରାଜୟ ବରଣ କରିଛି। ପ୍ରଥମେ ଇଂଲଣ୍ଡ ଓ ପରେ ବାଂଲାଦେଶଠାରୁ ପରାସ୍ତ ହେବା ପରେ ଦଳର ଆତ୍ମବିଶ୍ୱାସରେ ଅବନତି ହୋଇଥିବ। ପୁଣି ଅଭିଜ୍ଞ ଦ୍ରୁତ ବୋଲର ଡେଲ ଷ୍ଟେଇନ୍ କାନ୍ଧରେ ଆଘାତ ସମସ୍ୟା କାରଣରୁ ବିଶ୍ୱକପ୍‌ରୁ ବାଦ ପଡିଛନ୍ତି। ଫଳରେ ଦକ୍ଷିଣ ଆଫ୍ରିକାର ସମସ୍ୟା ଦ୍ୱିଗୁଣିତ ହୋଇଛି। ତାଙ୍କ ବଦଳରେ ବାମହାତୀ ଦ୍ରୁତ ବୋଲର ବେଉରାନ ହେଣ୍ଡ୍ରିକ୍ସଙ୍କୁ ଦଳରେ ସାମିଲ କରାଯାଇଛି। ଦ୍ରୁତ ବୋଲର ଲୁନ୍‌ଗି ଏନ୍‌ଗିଡି ହାମଷ୍ଟ୍ରିଙ୍ଗ୍ ଇଞ୍ଜୁରି କାରଣରୁ ଭାରତ ବିପକ୍ଷ ମ୍ୟାଚ୍‌ରେ ନ ଖେଳିବା ସ୍ପଷ୍ଟ ହୋଇଛି। ଉଦ୍‌ଘାଟନୀ ମ୍ୟାଚ୍‌ରେ ଇଂଲଣ୍ଡ ଦ୍ରୁତ ବୋଲର ଜୋଫ୍ରା ଆର୍ଚରଙ୍କ ବଲ ହାସିମ ଆମଲାଙ୍କ ହେଲମେଟ୍‌ରେ ବାଜିଥିଲା। ସେଥିପାଇଁ ଆମଲା ସମ୍ପୂର୍ଣ୍ଣ ଫିଟ୍ ନାହାନ୍ତି। ତେଣୁ ଦକ୍ଷିଣ ଆଫ୍ରିକା ସାମାନ୍ୟ ଦୁର୍ବଳ ହୋଇଛି ବୋଲି କହିଲେ ଭୁଲ ହେବନାହିଁ। ତେବେ କୌଣସି ପ୍ରକାର ପରିସ୍ଥିତିରେ ଦକ୍ଷିଣ ଆଫ୍ରିକାକୁ ଆଦୌ ହେୟ ମନେ କରିହେବ ନାହିଁ ବୋଲି ଭାରତୀୟ କୋଚ୍ ରବି ଶାସ୍ତ୍ରୀ ସତର୍କ କରାଇଦେଇଛନ୍ତି।

**ଆଜିର ମ୍ୟାଚ୍**

ଭାରତ
ବନାମ
ଦକ୍ଷିଣ ଆଫ୍ରିକା
ସ୍ଥାନ: ସାଉଥାମ୍ପଟନ
ସମୟ: ଅପରାହ୍ନ ୩ଟା
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

ନ୍ୟୁଜିଲାଣ୍ଡ
ବନାମ
ବାଂଲାଦେଶ
ସ୍ଥାନ: ଲଣ୍ଡନ
ସମୟ: ସନ୍ଧ୍ୟା ୬ଟା




# କୋଣ୍ଟାଙ୍କ ପ୍ରଭାବୀ ପ୍ରଦର୍ଶନ ଜାରି

**ପ୍ୟାରିସ, ୪।୬**

ଫ୍ରେଞ୍ଚ ଓପନ୍ ଗ୍ରାଣ୍ଡସ୍ଲାମ ଟେନିସ ପ୍ରତିଯୋଗିତାରେ ଜୋହାନା କୋଣ୍ଟା ତାଙ୍କ ଅସାଧାରଣ ପ୍ରଦର୍ଶନ ଜାରି ରଖିଛନ୍ତି। ୧୯୮୩ ପରେ ଜଣେ ବ୍ରିଟିଶ ମହିଳା ଖେଳାଳି ହିସାବରେ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଏଠାରେ ୨୬ତମ ସିଡ୍‌ପ୍ରାପ୍ତ ବ୍ରିଟେନର ଏହି ନମ୍ବର ୱାନ ଖେଳାଳି ଆମେରିକାର ୭ମ ସିଡ୍ ସ୍ଲୋଏନ୍ ଷ୍ଟିଫେନ୍ସଙ୍କୁ ୬-୧, ୬-୪ ସେଟ୍‌ରେ ହରାଇ ଦେଇଛନ୍ତି। ୨୮ ବର୍ଷୀୟା କୋଣ୍ଟା ତିନୋଟି ସର୍ଭିସ ବ୍ରେକ୍ କରିଥିବାବେଳେ ତାଙ୍କ ସର୍ଭିସ ବେଳେ ମାତ୍ର ୧୩ ପଏଣ୍ଟ ବ୍ରେକ୍ କରିଥିଲେ। ସେମିଫାଇନାଲରେ ସେ ୩୧ତମ ସିଡ୍ କ୍ରୋଏସିଆର ପେଟ୍ରା ମାର୍ଟିକ କିମ୍ବା ଚେକ୍ ସ୍ୱଳ୍ପ ବୟସ୍କା ମାର୍କେଟା ଭନ୍‌ଡ୍ରୋସୋଭାଙ୍କୁ ଭେଟିବେ। ବ୍ରିଟିଶ ମହିଳା ଟେନିସ ଖେଳାଳି ତାଙ୍କ ତୃତୀୟ ଗ୍ରାଣ୍ଡସ୍ଲାମ ସେମିଫାଇନାଲ ଖେଳିବେ। ପୂର୍ବରୁ ସେ ୨୦୧୬ ଅଷ୍ଟ୍ରେଲିଆନ ଓପନ ଏବଂ ୨୦୧୭ ୱିମ୍ବେଲଡନ ସେମିଫାଇନାଲରେ ପ୍ରବେଶ କରିପାରିଥିଲେ। ୩୬ ବର୍ଷ ପୂର୍ବେ ଜୋ ଡୁରି ଶେଷ ବ୍ରିଟେନ ଖେଳାଳି ହିସାବରେ ମହିଳା ସେମିଫାଇନାଲରେ ପ୍ରବେଶ କରିଥିଲେ। କୋଣ୍ଟା ଶିବାର ଫାଇନାଲରେ ପ୍ରବେଶ ସହ ତାଙ୍କଠାରୁ ଗୋଟିଏ ପାଦ ଆଗକୁ ଯିବାକୁ ଚାହିଁବେ ନିଶ୍ଚୟ। ସୂଚନାଯୋଗ୍ୟ, କୋଣ୍ଟା ଏହା ପୂର୍ବରୁ ରୋଲାଣ୍ଡ ଗ୍ୟାରୋସଠାରେ ଗୋଟିଏ ହେଲେ ମ୍ୟାଚ ଜିତିବାରେ ସମର୍ଥ ହୋଇ ନ ଥିଲେ।









Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ



ଯଓ୍ବାନ ଓ କିଷାନର ଜୟ୍ ହିଁ ଦେଶ ଓ ଜାତିର ଜୟ୍।
- ଲାଲବାହାଦୁର ଶାସ୍ତ୍ରୀ



## ସଂକ୍ଷେପରେ

### ଶ୍ରବଣବାଧିତଙ୍କୁ ଶ୍ରବଣଯନ୍ତ୍ର ପ୍ରଦାନ

ଅତାବିରା, ୪।୬ (ଡି.ଏନ.ଏ): ବରଗଡ ଜିଲା ଭେଡେନ ଅଞ୍ଚଳର ଶ୍ରବଣବାଧିତମାନଙ୍କୁ ଶ୍ରବଣଯନ୍ତ୍ର ପ୍ରଦାନ କରାଯାଉଛି। ଗ୍ରାମାଞ୍ଚଳର ଗରୀବ ପରିବାର ସଦସ୍ୟମାନେ ଶ୍ରବଣଶକ୍ତି ହରାଇଥିଲେ ସେମାନଙ୍କୁ ଶ୍ରବଣଯନ୍ତ୍ର ପ୍ରଦାନ ଆରମ୍ଭ ହୋଇଛି । ଏହି ଅବସରରେ ଆଖିଫୁଟା ଗ୍ରାମର ଚନ୍ଦ୍ରମଣି କୁମାରଙ୍କୁ ଶ୍ରବଣ ଯନ୍ତ୍ର ପ୍ରଦାନ କରାଯାଇଥିଲା। ଏହି ସମୟରେ ବିଡିଓ ମୁରଲିଧର ନାୟକ, ମୀନକେତନ ମେହେର ଓ ପଶ୍ଚିମ ଓଡିଶା ଟ୍ରାଫିକ ସଚେତନା ସଂଯୋଜକ ପଦ୍ମଲୋଚନ ଭୋରାସାଗର ଉପସ୍ଥିତ ଥିଲେ ।

### ପରିତ୍ୟକ୍ତ ପଞ୍ଚାୟତ କୂଅ ମରାମତି ଦାବି

ଅତାବିରା, ୪।୬ (ଡି.ଏନ.ଏ): ବରଗଡ଼ ଜିଲା ଭେଡେନ ବ୍ଲକ ଦେଶଭଟିଲି ପଞ୍ଚାୟତର ଉଦେପୁର ଛକ ରାସ୍ତା କଡରେ ଦୀର୍ଘ ବର୍ଷହେଲା ପଞ୍ଚାୟତର ଏକ କୂଅ ପରିତ୍ୟକ୍ତ ଅବସ୍ଥାରେ ପଡିଥିଲେ ମଧ କାହାରି ଦୃଷ୍ଟିକୁ ଆସୁନି । ରାସ୍ତାକଡରେ କୂଅ ଥିବାରୁ ସ୍କୁଲ, କଲେଜ ଛାତ୍ରୀଛାତ୍ର, ବାଟୋଇ, ଛେଳି, ମେଣ୍ଢା, ଗାଈଗୋରୁ କୂଅରେ ପଡିଯିବା ଆଶଙ୍କା ରହିଛି । ଏଣୁ କୂଅର ଚାନ୍ଦିନୀ କରିବା ସହିତ ପଙ୍କୋଦ୍ଧାର କରିବାକୁ ପିଣ୍ଟୁ ପଣାୟତ, ସାନନ୍ଦ ସେଣ, ହରିହର ଦନ୍ତା ଦାବି କରିଛନ୍ତି ।




ଅତାବିରା ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ ଧାରଣାରତ ଚାଷୀଙ୍କ ସହିତ ଆଲୋଚନା କରୁଛନ୍ତି (ବାମ)। ବରଗଡ଼ ଲୋକସଭା ଏମପି ସୁରେଶ ପୂଜାରୀ ଚାଷୀଙ୍କ ସହିତ ଧାରଣାରେ ସାମିଲ ହୋଇଛନ୍ତି ।

■ ମଣ୍ଡିରୁ ଉଠୁନି ଧାନ, ତେଜିଲା ଆନ୍ଦୋଳନ

# ଧାରଣାରେ ବସିଲେ ଚାଷୀ

ବରଗଡ଼ ଅଫିସ୍/ସରଣ୍ଡା,୪।୬

- ଖୋଲା ଆକାଶତଳେ ଧାନ
- ଚାଷୀଙ୍କୁ କାଳବୈଶାଖୀ ଚିନ୍ତା
- ମିଲର୍ସ, ବେପାରୀଙ୍କ ଫାଇଦା
- ଚଳଚଞ୍ଚଳ ହେଲେ ନେତା

ବରଗଡ଼ ଜିଲାରେ ରବିଋତୁ ଧାନ ସଂଗ୍ରହ ପ୍ରକ୍ରିୟାକୁ ଆଉ ସପ୍ତାହକ ପରେ ମାସେ ପୂରିବ । ହେଲେ ଧାନ କିଣାବିକାରେ ଏଯାଏ ସୁଧାର ଆସିନାହିଁ। ମଣ୍ଡିକୁ ଧାନ ଆସୁଛି, ମାତ୍ର ଠିକ୍ ଭାବେ ତାହା ଉଠୁନାହିଁ । ଫଳରେ ମଣ୍ଡି ଗୁଡ଼ିକରେ ବହୁ ପରିମାଣରେ ଧାନ ଖୋଲା ଆକାଶତଳେ ପଡ଼ି ରହିଛି । ଏଥିପାଇଁ ଖରାତାତିରେ ଚାଷୀଙ୍କୁ ଧାନ ଜଗିବାକୁ ପଡୁଥିବାବେଳେ ଅମଳ କାର୍ଯ୍ୟରେ ନିୟୋଜିତ ଶ୍ରମିକଙ୍କ ପ୍ରାପ୍ୟ ଦେବା ପାଇଁ ମଧ୍ୟ ଚାଷୀମାନଙ୍କୁ ହଟହଟା ହେବାକୁ ପଡୁଛି । ସେହିପରି ଚାଷୀଙ୍କୁ କାଳବୈଶାଖୀ ଚିନ୍ତା ଘାରିଛି। କାଳବୈଶାଖୀ ପ୍ରଭାବରେ କେତେକ ସ୍ଥାନରେ ଧାନ ଭିଜି ଯାଇଥିବାବେଳେ ତାହା ଶୁଖାଇବା ପାଇଁ ଚାଷୀଙ୍କୁ ପୁଣି ପରିଶ୍ରମ କରିବାକୁ ପଡୁଛି । ଅପରପକ୍ଷେ ସାମାନ୍ୟ ବର୍ଷା ହେଲେ ମଧ୍ୟ ମିଲର୍ସ, ବେପାରୀଙ୍କ କଟନୀ ଛଟନୀ ପ୍ରକ୍ରିୟା ଆରମ୍ଭ ହୋଇ ଯାଉଛି। ଏଥିପାଇଁ ଚାଷୀଙ୍କୁ ବହୁ କ୍ଷତି ସହିବାକୁ ପଡୁଛି। ଏହାକୁ ନେଇ ଚାଷୀ ଅସନ୍ତୋଷ ବଢ଼ିବାରେ ଲାଗିଛି ଏବଂ ଏହି ଅସନ୍ତୋଷ ଆନ୍ଦୋଳନ ରୂପ ନେଇଛି ।

ଏହି କ୍ରମରେ ମଙ୍ଗଳବାର ରାଜ୍ୟ କୃଷକ ସଙ୍ଗଠନ ଆନ୍ଦୋଳନକୁ ଓହ୍ଲାଇଛି । ମଣ୍ଡିରୁ ଧାନ ଉଠା ନ ଯିବା ପ୍ରତିବାଦରେ ସଙ୍ଗଠନର କର୍ମକର୍ତ୍ତାଙ୍କ ନେତୃତ୍ୱରେ ବହୁ ଚାଷୀ ଅତାବିରା ନିୟନ୍ତ୍ରିତ ବଜାର କମିଟି (ଆରଏମସି) କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଛନ୍ତି । ଅତାବିରା ତହସିଲଦାର ହୃଦାନନ୍ଦ ଅଡ଼ା ଧାରଣାସ୍ଥଳକୁ ପହଞ୍ଚି ଚାଷୀଙ୍କ ସହିତ ଆଲୋଚନା କରିଥିଲେ। ମାତ୍ର ଧାରଣା ଦେଇଥିବା ଚାଷୀମାନେ ସେଥିରେ ସନ୍ତୁଷ୍ଟ ହୋଇ ନ ଥିଲେ ଏବଂ ଧାନ ନ ଉଠିବା ପର୍ଯ୍ୟନ୍ତ ସେମାନେ ଧାରଣାରୁ ଉଠିବେ ନାହିଁ ବୋଲି ଚେତାବନୀ ଦେଇଥିଲେ । ବରଗଡ଼ର ଅତିରିକ୍ତ ସହକାରୀ ସମବାୟ ନିବନ୍ଧକ ଶରତ ଚନ୍ଦ୍ର ପାଣିଗ୍ରାହୀ ଧାରଣାସ୍ଥଳକୁ ପହଞ୍ଚି ଚାଷୀମାନଙ୍କ ସହିତ ଆଲୋଚନା କରିଥିଲେ । ଆସନ୍ତା ୨ଦିନ ମଧ୍ୟରେ ସବୁଧାନ ଉଠାଯିବ ବୋଲି ସେ କହିଥିଲେ । ଏହାପରେ ଚାଷୀମାନେ ଧାରଣାରୁ ଓହରିଥିଲେ ।

ଅନ୍ୟପକ୍ଷେ ଧାନ ଉଠା ନ ଯିବା ଘଟଣାକୁ ନେଇ ରାଜନେତାମାନେ ମଧ୍ୟ ଚଳଚଞ୍ଚଳ ହୋଇପଡିଛନ୍ତି । ବରଗଡ଼ ଏମ୍‌ପି ସୁରେଶ ପୂଜାରୀ ଧାରଣାରେ ସାମିଲ ହୋଇଥିଲେ। ମଣ୍ଡିରୁ ଧାନ ଉଠା ନ ଯିବା ଏବଂ ଦୀର୍ଘଦିନ ଧରି ତାହା ଖୋଲା ଆକାଶତଳେ ପଡ଼ି ରହିବା ଘଟଣାରୁ ଧାନ କିଣାବିକାରେ ରାଜ୍ୟ ସରକାରଙ୍କ ଅପାରଗତା ପଦାରେ ପଡ଼ି ଯାଇଛି ବୋଲି ପୂଜାରୀ କହିଥିଲେ । ସେହିପରି ଅତାବିରା ବିଧାୟିକା ତଥା ପୂର୍ବତନ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ ମଧ୍ୟ ଧାରଣାସ୍ଥଳକୁ ପହଞ୍ଚି ଚାଷୀଙ୍କ ସହିତ ଆଲୋଚନା କରିଥିଲେ । ଧାରଣାରେ ରାଜ୍ୟ କୃଷକ ସଙ୍ଗଠନ ଅତାବିରା ଶାଖାର କୌସ୍ତୁଭ ପ୍ରଧାନ, ରବିନ୍ଦ୍ର ବିଶି, ଖମଣି ମହାକୁର, ଦୟାସାଗର ମେଣ୍ଡଲୀ, ଭୀଷ୍ମଦେବ ପଣ୍ଡା, ବୁଦ୍ଧଦେବ ନନ୍ଦ ପ୍ରମୁଖ ସାମିଲ ହୋଇଥିଲେ । ସେହିପରି ଭାଜପା ନେତା ଅଶ୍ୱିନୀ ଷଡ଼ଙ୍ଗୀ, ଡା. ଅରୂପାନନ୍ଦ ସାହୁ, ଉର୍ଦ୍ଧ୍ଲୁ ତାଣ୍ଡି, ସୁଶାନ୍ତ ମିଶ୍ର, ବିଜେଡ଼ି ନେତା ମଣ୍ଟୁ ପଣ୍ଡା, ଜିତେନ୍ଦ୍ର ଦାଶ ପ୍ରମୁଖ ଉପସ୍ଥିତ ଥିଲେ ।

## ଚାଷୀଙ୍କ ଧାରଣା ପ୍ରତ୍ୟାହୃତ

ପାଇକମାଲ, ୪।୬ (ଡି.ଏନ.ଏ)

ବରଗଡ ଜିଲା ପାଇକମାଲ ବ୍ଲକ ଜାମସେଠ ସେବା ସମବାୟ ପରିସରରେ ୪ଦିନ ଧରି ଚାଲିଥିବା ଚାଷୀମାନଙ୍କ ଧାରଣା ମଙ୍ଗଳବାର ପ୍ରତ୍ୟାହୃତ ହୋଇଯାଇଛି। ପ୍ରକାଶଥାଉକି, ମାଣ୍ଡୋସିଲ ଆଞ୍ଚଳିକ କୃଷକ ମହାସଂଘ ତରଫରୁ ୧୦ଟି ପଞ୍ଚାୟତର ଚାଷୀମାନେ ତିନି ଦଫା ଦାବି ପୂରଣ ନେଇ ଧାରଣାରେ ବସିଥିଲେ। ଋଣ କରିବା ସମୟରେ ଚାଷୀମାନେ ଅରିଜିନାଲ ପଟ୍ଟା ନ ଦେଇ ନେଟ୍ ପଟ୍ଟା ଦେବା, ଏକ ଲକ୍ଷରୁ ଊର୍ଦ୍ଧ୍ୱ ଋଣ କରୁଥିବା ଚାଷୀ ଉପଯୁକ୍ତ ସିଡ୍ୟୁଲ ସି ଫର୍ମ ପୂରଣ କରି ଦେଉଥିଲେ ମଧ ସେମାନଙ୍କୁ ବାରମ୍ବାର ତହସିଲ ଅଫିସକୁ ପଠାଇ ହଇରାଣ ନ କରିବା ଓ ଜଳ ସେଚିତ ତଥା ଅଣଜଳସେଚିତ ଅଞ୍ଚଳର ସମସ୍ତ କିସମ ଚାଷ ଜମି ଉପରେ ଋଣ ଦିଆଯିବା ଓ ଆଟ କିସମର ଜମି ଉପରେ ଋଣ ନେଲେ ସେଥିରେ ମଧ ବୀମା ପ୍ରଦାନ କରାଯିବା ପାଇଁ ଚାଷୀମାନେ ଦାବି କରିଥିଲେ । ପଦ୍ମପୁର ଏସଆରସିଏସ ବିଭୂତି ଭୂଷଣ ପାଣିଗ୍ରାହୀ ଓ ଜାମସେଠ ସେବା ସମବାୟ ସମିତିର ସମ୍ପାଦକ ଦାମୋଦର ରଣା ଘଟଣାସ୍ଥଳକୁ ପହଞ୍ଚି ଚାଷୀମାନଙ୍କ ସହ ଆଲୋଚନା କରଥିଲେ। ଅଧିକାରୀମାନେ ସମସ୍ତ ଦାବି ପୂରଣ କରାଯିବା ପାଇଁ ପ୍ରତିଶ୍ରୁତି ଦେବା ପରେ ଚାଷୀମାନେ ଧାରଣାରୁ ଉଠିଥିଲେ ।

■ ନିଖୋଜ ଯୁବକଙ୍କ ଗଳିତ ଶବ ଚିହ୍ନଟ

## ଅଭିଯୁକ୍ତଙ୍କୁ ଗିରଫ ଦାବିରେ ବିକ୍ଷୋଭ ପ୍ରଦର୍ଶନ

ବିଜେପୁର, ୪।୬ (ଡି.ଏନ.ଏ)

ବରଗଡ ଜିଲା ବିଜେପୁର ଥାନା ଅନ୍ତର୍ଗତ ଲାଉମୁଣ୍ଡା ଗ୍ରାମରେ ଦୀର୍ଘଦିନରୁ ନିଖୋଜ ଥିବା ଜଣେ ଯୁବକଙ୍କ ଗଳିତ ଶବ ସାତବନ୍ଧ ନିକଟସ୍ଥ ଏକ ନାଳ ପାର୍ଶ୍ୱ ଗଛରେ ଝୁଲୁଛି । ଉକ୍ତ ଯୁବକ ଜଣକ ହେଲେ ସୁପାଲ ଭୋଇ (୩୮) । ଏହି ଘଟଣା ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଛି । ଉକ୍ତ ଯୁବକଙ୍କୁ ହତ୍ୟା କରି ଗଛରେ ଝୁଲାଇ ଦିଆଯାଇଥିବା ମୃତକଙ୍କ ପରିବାର ଲୋକ ଅଭିଯୋଗ କରିଛନ୍ତି । ତେଣୁ ଅଭିଯୁକ୍ତମାନଙ୍କୁ ଗିରଫ ନ କରିବା ପର୍ଯ୍ୟନ୍ତ ମୃତଦେହକୁ ଗଛରୁ ତଳକୁ ନ ଆଣିବାକୁ ପରିବାର ତଥା ସ୍ଥାନୀୟ ଲୋକେ ଅଡିବସିଛନ୍ତି । ଖବର ପାଇ ପଦ୍ମପୁର ଏସଡିପିଓ ପି.କେ. ସାହୁ, ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ତହସିଲଦାର ପଦ୍ମନାଭ ସାମନ୍ତରାୟ, ଥାନା ଆଇଆଇସି ରାଜେନ୍ଦ୍ର ସିଆଲ ପ୍ରମୁଖ ଘଟଣାସ୍ଥଳକୁ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଛନ୍ତି । ଖବର ଲେଖାହେବା ସୁଦ୍ଧା (ସାଢ଼େ ୭ଟା) କୌଣସି ସମାଧାନ ହୋଇପାରି ନ ଥିଲା । ଶାନ୍ତିଶୃଙ୍ଖଳା ଦୃଷ୍ଟିରୁ ଉକ୍ତ ଗ୍ରାମରେ ଏକ ପ୍ଲାଟୁନ ଫୋର୍ସ ନିୟୋଜିତ ହୋଇଛନ୍ତି ।

ମିଳିଥିବା ସୂଚନା ମୁତାବକ, ଗତ ଏପ୍ରିଲ ୨୧ତାରିଖରେ ସୁପାଲ ଗ୍ରାମରେ ବିଦ୍ୟୁତ ମରାମତି କାମ କରୁଥିଲେ । ଏହି ସମୟରେ ଦୁଇଜଣ ଯୁବକ ସୁପାଲଙ୍କୁ ଏକ ଘର ଭିତରକୁ ଡାକି ନେଇ ପ୍ରବଳ ମାଡ ମାରିଥିଲେ । ତେଣୁ ତାଙ୍କ ମାନସିକ ସ୍ଥିତି ଠିକ୍ ନ ଥିଲା । ଏପ୍ରିଲ ୨୯ରେ ସେ ଘରୁ କାମ କରିବାକୁ ଯାଇ ଫେରି ନ ଥିଲେ । ବହୁ ଖୋଜାଖୋଜି କଲା ପରେ ମଧ ତାଙ୍କ ସନ୍ଧାନ ମିଳିପାରି ନ ଥିଲା । ଫଳରେ ମେ ୭ରେ ସୁପାଲଙ୍କ ସ୍ତ୍ରୀ ବାସନ୍ତୀ ଭୋଇ ବିଜେପୁର ଥାନାରେ ଏତଲା ଦେଇଥିଲେ । ତେବେ ପୋଲିସ ଘଟଣାକୁ ଗୁରତ୍ୱ ନ ଦେବାରୁ ଏଭଳି ଅଘଟଣ ଘଟିଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି ।

## ଟାର୍ଗେଟ ଆସିଲା, ମଣ୍ଡିରୁ ଧାନ ଉଠିଲା

ଅତାବିରା, ୪।୬ (ଡି.ଏନ.ଏ)



ଅତାବିରା ଆର୍‌ଏମ୍‌ସି ଅଧୀନ ମଣ୍ଡିରୁ ମଙ୍ଗଳବାର ଧାନ ଉଠାଯାଉଛି।

ବର୍ଷାରେ ଭିଜିଲା ଧାନ, ବିକ୍ରି ହୋଇ ନ ପାରି ମଣ୍ଡିରେ ପଡିଛି ଧାନ ବସ୍ତା ଶୀର୍ଷକ ଖବର ପ୍ରକାଶ ପାଇବା ପରେ ବରଗଡ ଜିଲା ଅତାବିରା ଆରଏମସି କର୍ମଚାରୀମାନେ ତତ୍ପର ହୋଇପଡିଛନ୍ତି। ମଙ୍ଗଳବାର ଏହି ଆରଏମସି ଅଧୀନ ବିଭିନ୍ନ ମଣ୍ଡିରୁ ଧାନ ଉଠାଣ ତ୍ୱରାନ୍ୱିତ ହୋଇଛି । ପ୍ରକାଶ ଯେ, ମିଲର୍ସମାନଙ୍କ ପାଇଁ ଟାର୍ଗେଟ ଆସୁ ନ ଥିବାରୁ ଦୁଇ ଲକ୍ଷରୁ ଊର୍ଦ୍ଧ୍ୱ ଧାନବସ୍ତା ମଣ୍ଡି ଗୁଡିକରେ ବିକ୍ରି ହୋଇ ନ ପାରି ଖୋଲା ଆକାଶ ତଳେ ପଡି ରହିଥିଲା । କେତେକ ମଣ୍ଡିରେ ଧାନକୁ ତାରପୋଲିନ ଘୋଡାଇ ରଖାଯାଇଥିଲା । ଅତାବିରା ଆରଏମସିର ବିଭିନ୍ନ ମାର୍କେଟ ୟାର୍ଡ ଗୁଡିକରୁ ପ୍ୟାକ୍ସ ୧୮ ଲକ୍ଷ କୁଇଣ୍ଟାଲ ଧାନ କିଣିଛି । ତଥାପି ମଣ୍ଡି ଗୁଡିକରେ ଦେଢ଼ଲକ୍ଷ କୁଇଣ୍ଟାଲ ଧାନ ବିକ୍ରି ନ ହୋଇ ପଡିରହିଛି । କାଳ ବୈଶାଖୀ ଯୋଗୁ ଚାଷୀମାନେ ଆତଙ୍କିତ ହୋଇ ପଡିଛନ୍ତି । ସେପଟେ ଧାନ କିଣାବିକା ସମ୍ପର୍କିତ ଖବର ପ୍ରକାଶ ପାଇବା ପରେ ସ୍ଥାନୀୟ ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ, ଏମ୍‌ପି ସୁରେଶ ପୂଜାରୀ ଓ ଚାଷୀନେତା ଟିଙ୍କିଲାଲ ମିଶ୍ର ମଙ୍ଗଳବାର ଅତାବିରା, ଗୋଡଭଗା, ଲରମ୍ବା, କାଦୋବାହାଲ ଆଦି ମଣ୍ଡିକୁ ଯାଇ ଚାଷୀମାନଙ୍କ ସୁବିଧା ଅସୁବିଧା ପଚାରି ବୁଝିଛନ୍ତି । ଏମ୍‌ପି ପୂଜାରୀ ଅତାବିରା ଆରଏମସି ସମ୍ପାଦକ ବିଶ୍ୱଜିତ ବାରିକଙ୍କୁ ଭେଟି ଧାନ ଉଠାଣ ତ୍ୱରାନ୍ୱିତ କରିବାକୁ ପରାମର୍ଶ ଦେଇଥିଲେ ଏବଂ ଫୋନ ଯୋଗେ ଜିଲାପାଳଙ୍କ ସହ ଧାନ ଉଠାଣ ବିଷୟରେ କଥା ହୋଇଥିଲେ ।

## ମନ୍ତ୍ରୀ ପଦ୍ମନାଭ ବେହେରାଙ୍କୁ ସମ୍ବର୍ଦ୍ଧନା

ବୌଦ୍ଧ/ଜହ୍ନାପଙ୍କ/ପୁରୁଣାକଟକ, ୪।୬ (ଡି.ଏନ.ଏ)

ବୌଦ୍ଧ ଜିଲା ଶୌଣ୍ଡିକ ସମାଜ ପକ୍ଷରୁ ତେଲିବନ୍ଧଠାରେ ବୀରମହାରାଜପୁର ବିଧାୟକ ତଥା ବାଣିଜ୍ୟ, ପରିବହନ ଏବଂ ଯୋଜନା ଓ ସମନ୍ୱୟ ମନ୍ତ୍ରୀ ପଦ୍ମନାଭ ବେହେରାଙ୍କୁ ମଙ୍ଗଳବାର ସମ୍ବର୍ଦ୍ଧନା ଦିଆଯାଇଛି । ଏହି ଉପଲକ୍ଷେ ଭୋଳାଗିରି ସାହୁଙ୍କ ଅଧ୍ୟକ୍ଷତାରେ ସମାଜର ଏକ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ନିତ୍ୟାନନ୍ଦ ସାହୁ, ଶାନ୍ତନୁ ବେହେରା, ମୋହନ ସାହୁ, ପ୍ରତାପ ବେହେରା, ହିମାଂଶୁ ଶେଖର ସାହୁ, ସୁମନ୍ତ ସାହୁ, ପ୍ରକାଶ ଚନ୍ଦ୍ର ସାହୁ, ରବିନାରାୟଣ ବେହେରା, ଆନନ୍ଦ ବେହେରା, ଅଶୋକ ବେହେରା,



ମନ୍ତ୍ରୀ ପଦ୍ମନାଭ ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।

ଉତ୍ତମ ସାହୁ, ପଞ୍ଚାନନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ସେହିପରି ମନ୍ତ୍ରୀ ପଦ୍ମନାଭ ବେହେରା ପୁରୁଣାକଟକରେ ପହଞ୍ଚିବା ପରେ ସକାଳ ୯ଟାରେ ଦେବୀ ଭୈରବୀଙ୍କୁ ଦର୍ଶନ କରିଥିଲେ । ସେଠାରେ ହରଭଙ୍ଗା ବ୍ଲକ ନାଗରିକ କମିଟି ତରଫରୁ ତାଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଥିଲା । ଭୈରବୀ ମନ୍ଦିର ପରିଚାଳନା କମିଟି ସଭାପତି ସଲିଳ କୁମାର ଭୋକ୍ତା, ଉନ୍ନୟନ କମିଟି କୋଷାଧ୍ୟକ୍ଷ ସୁକାନ୍ତ ଦାସ, ବ୍ଲକ ନାଗରିକ କମିଟିର ଉଦିତ ପ୍ରତାପ ଦେହୁରୀ, ଅକ୍ଷୟ କୁମାର ସାହୁ, ସୀତାରାମ ଅଗ୍ରଓାଲା, ସୁରେନ ପ୍ରଧାନ, ରବିଚନ୍ଦ୍ର ପ୍ରଧାନ, ବନମାଳି ପ୍ରଧାନଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ ।

■ ବରପାଲି ଶୀତଳଷଷ୍ଠୀ ଯାତ୍ରାର ଦ୍ୱିତୀୟ ଦିବସ

## କପିଳେଶ୍ୱର ବାବାଙ୍କ ପତରପେଡ଼ିଁ ସମ୍ପନ୍ନ

ବରପାଲି, ୪।୬ (ଡି.ଏନ.ଏ)

ଦେବାଧି ଦେବ ବାବା କପିଳେଶ୍ୱର ଓ ଗିରିରାଜ ନନ୍ଦିନୀ ପାର୍ବତୀଙ୍କୁ ନେଇ ଲୋକାଚାର ନୀତିରେ ପତରପେଡ଼ିଁ (ନିର୍ବନ୍ଧ) ମଙ୍ଗଳବାର ସନ୍ଧ୍ୟାରେ ସମ୍ପନ୍ନ ହୋଇଛି । ସକାଳେ ଶିବପାର୍ବତୀ ଓ ନଟରାଜଙ୍କ ସ୍ନାନ ପରେ ଶତଆରତୀ ଅର୍ପଣ କରି ମଧାହ୍ନରେ ଅମୃତ ମଣୋହୀ ଭୋଗ ଅର୍ପଣ କରାଯାଇଥିଲା । ପରେ ବାବା କପିଳେଶ୍ୱରଙ୍କ ପାଇଁ କନ୍ୟା ମନୋନୟନ ଶୋଭାଯାତ୍ରା ଭଣ୍ଡାରଗୃହରୁ ବାହାରି ସହର ପରିକ୍ରମା କରିଥିଲା । ବାବାଙ୍କ ପକ୍ଷରୁ ଶୋଭାଯାତ୍ରାକାରୀ ଦଳ ଏକ ଭବ୍ୟ ପରିବେଶ ମଧରେ ଘଣ୍ଟ, ଶଙ୍ଖ, ବାଦ୍ୟ ସହ ଫଳମୂଳ ଧରି କନ୍ୟା ଅନ୍ୱେଷଣରେ ଯାଇ କୁଷ୍ଠାପଡା ସ୍ଥିତ ହିମାଦ୍ରିନଗରକୁ ପହଞ୍ଚିଥିଲେ । ସେଠାରେ ବରପକ୍ଷ ଓ କନ୍ୟାପକ୍ଷ ମଧରେ ବେଶ୍ କୌତୁକିଆ କଥୋପକଥନ ଚାଲିଥିଲା । ସେଥିରେ କନ୍ୟା ପକ୍ଷ ରାଜି ହୋଇ ବିବାହ ପାଇଁ ପ୍ରସ୍ତାବ ଦେବା ପରେ ନିର୍ବନ୍ଧ କାର୍ଯ୍ୟ ସମାପନ ହୋଇଥିଲା । ଏହି ଅବସରରେ ହିମାଦ୍ରିନଗରବାସୀ ମହିଳାମାନଙ୍କ ମଧରେ ବେଶ୍ ଉତ୍ସାହ ଦେଖାଯାଇଥିଲା।। ଏଥିରେ କନ୍ୟା ମାତାପିତା ଭାବେ ରେଖା ମେହେର ଓ ବନମାଳି ମେହେର ରହିଥିଲେ । ସେହିପରି ରୁଦ୍ରଯଜ୍ଞର ଦ୍ୱିତୀୟ ଦିନରେ ଯଜ୍ଞ ମଣ୍ଡପରେ ବେଦମନ୍ତ୍ର ଦ୍ୱାରା ସହର ଉତ୍ସବମୁଖର ହୋଇଉଠିଛି। ମଙ୍ଗଳବାର ରାତିରେ ତାରକାସୁରର ଦିଗ୍‌ବିଜୟ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା । ଏହା ଦେଖିବାକୁ ପ୍ରବଳ ଜନସମାଗମ ହୋଇଥିଲା। ବୁଧବାର ତୃତୀୟ ଦିବସରେ ଦେବ ନିମନ୍ତ୍ରଣ ପାଇଁ ଭୈରବ ବାବାଙ୍କ ଦ୍ୱାରା ସହର ପରିକ୍ରମା କରିବାର କାର୍ଯ୍ୟକ୍ରମ ରହିଛି । ଏହି ଅବସରରେ ରାତିରେ ସହରର ବିଭିନ୍ନ ପ୍ରମୁଖ ଛକସ୍ଥାନ ମାନଙ୍କରେ ମନୋରଞ୍ଜନ ପାଇଁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ ବୋଲି କମିଟି ପକ୍ଷରୁ କୁହାଯାଇଛି ।

## ଅଲଣିଆ ଗାଁରେ ସଫେଇ କାର୍ଯ୍ୟକ୍ରମ

ବୌଦ୍ଧ,୪।୬(ସ୍ୱ.ପ୍ର)

ବୌଦ୍ଧ ବଲାସିଙ୍ଗା ସ୍ଥିତ ଭାରତୀୟ ପଞ୍ଚମ ଆରକ୍ଷୀ ବାହିନୀ ପକ୍ଷରୁ ଦୁର୍ଗ ନିକଟବର୍ତ୍ତୀ ଅଲଣିଆ ଗ୍ରାମରେ ମଙ୍ଗଳବାର ଏକ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ବାଟାଲିୟନର ଦୁର୍ଗପତି ଲକ୍ଷ୍ମୀଧର ମହାରଣା, ସହକାରୀ ଦୁର୍ଗପତି ଦିଲୀପ କୁମାର ପ୍ରଧାନ, ମକରଧ୍ୱଜ ନାଏକ, ଲଳିତ କୁମାର ବାଘ, ସୁବେଦାର କିଶୋର ଚନ୍ଦ୍ର ବଳବନ୍ତରାୟ, ଶଙ୍କରଲାଲ ପ୍ରଧାନ, ପ୍ରାଣକୃଷ୍ଣ ବାସ୍କେ, ଜିତିଆ କୁଜୁର, ନରେନ୍ଦ୍ର ଦାସ, ସୁବ୍ରତ କୁମାର ଗୌଡ, ଏସ୍‌ଆଇ ପ୍ରଫୁଲ୍ଲ ସାହୁ ଏବଂ ବାଟାଲିୟନର ଅନ୍ୟ କର୍ମଚାରୀମାନେ ଏହି ସଫେଇ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ଏହି ଅବସରରରେ ଗ୍ରାମବାସୀଙ୍କ ମଧ୍ୟରେ ପରିବେଶ ସଚେତନତା ସୃଷ୍ଟିକରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅଲଣିଆ ଗ୍ରାମର ସଞ୍ଜୀବ ପାଣିଗ୍ରାହୀ, ହିମାଂଶୁ ମହାକୁଡ, ନାରାୟଣ ମହାକୁଡ, ଆନନ୍ଦ ମହାକୁଡ, ନରେନ୍ଦ୍ର ମହାକୁଡ, ସନ୍ତୋଷ ମହାକୁଡ, ସୁନୀଲ ମହାକୁଡ ଓ ଘନଶ୍ୟାମ ଅବର ପ୍ରମୁଖ ସହଯୋଗ କରିଥିଲେ ।



ସଫେଇ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଆଇଆର୍‌ବି ଯବାନ ଓ ଗ୍ରାମବାସୀ ।

■ ହରଭଙ୍ଗା ବ୍ଲକରେ ବଢୁଛି କ୍ରଶର ସଂଖ୍ୟା

## ପରିବେଶ ନଷ୍ଟ କରୁଛି ପଥର ବ୍ଲାଷ୍ଟିଂ

ବୌଦ୍ଧ,୪।୬(ସ୍ୱ.ପ୍ର)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକରେ ଦିନକୁ ଦିନ ପ୍ରାକୃତିକ ପରିବେଶ ଧ୍ୱଂସ ହେବାରେ ଲାଗିଛି । ଏହି ବ୍ଲକ ୨୨ଟି ଗ୍ରାମପଞ୍ଚାୟତକୁ ନେଇ ଗଠିତ ହୋଇଥିବା ବେଳେ ଏହା ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୁର ଅଟେ। ବ୍ଲକଟି ଆଦିବାସୀ ଅଧୁଷିତ ବହୁଳ । ଏଠାକାର ବହୁ ଅଧିବାସୀ ଜଙ୍ଗଲଜାତ ଦ୍ରବ୍ୟ ଉପରେ ନିର୍ଭର କରିନିଜର ପରିବାର ପୋଷଣ କରିଥାନ୍ତି । କିନ୍ତୁ ଦୀର୍ଘଦିନ ହେଲା ଏହି ବ୍ଲକ ଅଞ୍ଚଳରେ କ୍ରଶର ଗଢି ଉଠିଥିବାରୁ ଦିନକୁ ଦିନ ପ୍ରାକୃତିକ ପରିବେଶ ଧ୍ୱଂସ ପାଇବାରେ ଲାଗିଛି । ବିଶେଷତଃ ବ୍ଲକର ଛତରଙ୍ଗ ପଞ୍ଚାୟତରେ ବିଭିନ୍ନ ଠିକା ସଂସ୍ଥାର କ୍ରଶର ରହିଛି । ଫଳରେ ନିୟମିତ ବିଭିନ୍ନ ଜଙ୍ଗଲରେ ଅବାଧ ପଥର ବ୍ଲାଷ୍ଟିଙ୍ଗ ହେଉଥିବାରୁ ବ୍ୟାପକ ଜଙ୍ଗଲ ଧ୍ୱଂସ ପାଇବାରେ ଲାଗିଛି । ଖାଲି ଯେ ପ୍ରାକୃତିକ ପରିବେଶ ନଷ୍ଟ ହେଉଛି ତାହା ନୁହେଁ, ଅଞ୍ଚଳରେ ତାପମାତ୍ରା ମଧ୍ୟ ବୃଦ୍ଧି ଘଟୁଛି । ବ୍ଲକର ଖରଭୁଇଁ, ସରାଡୁଖୋଲ, ବାଇସିପଡା, ତିଲଛାପଦର, ଲଖନପୁର, ହରିଡାବାଡି, ଭଉଁରିପଥର, ଗୋଧିପଡା, ଆଡେଣୀଗଡ, ପାଣିଘରା, ବାରେପାଲୁଲି ଆଦି ଜଙ୍ଗଲ ଏବେ ମରୁଭୂମି ପାଲଟିବାକୁ ବସିଲାଣି । ଗୋଟିଏ ପଟେ ପ୍ରଶାସନ ବୃକ୍ଷରୋପଣକୁ ଗୁରତ୍ୱ ଦେଉଥିବା ବେଳେ ଅନ୍ୟପଟେ ପ୍ରାକୃତିକ ଜଙ୍ଗଲକୁ ବିଭିନ୍ନ ସଂସ୍ଥା ମାନଙ୍କ ହାତରେ ଟେକି ଦେଇ ଧ୍ୱଂସ କରିବାରେ ଲାଗିଛି । ଜଙ୍ଗଲ ମଧ୍ୟରେ ବ୍ଲାଷ୍ଟିଂ କରି ପଥା କାଢି ନେବାରୁ ଜଙ୍ଗଲ ମଧ୍ୟରେ କୃତ୍ରିମ ହ୍ରଦ ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଛି । କ୍ରଶରର ଧୂଳି ଯୋଗୁ ବାୟୁ ମଣ୍ଡଳ ଦୂଷିତ ହେଉଛି । ସ୍ଥାନୀୟ ଲୋକମାନେ ବିଭିନ୍ନ ରୋଗର ଶୀକାର ମଧ ହେଉଛନ୍ତି । ଏଣୁ ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି ।



ଜଙ୍ଗଲରେ ବ୍ଲାଷ୍ଟିଂ ଯୋଗୁ ଖାଇ ସୃଷ୍ଟି ହୋଇଛି ।



ସବୁ ସମସ୍ୟାର ମୂଳ କାରଣ ହେଉଛି, ଆମେ ଧର୍ମ ଓ ଧାର୍ମିକ ବିଶ୍ୱାସଠାରୁ ଦୂରେଇ ଯାଉଛୁ।
- ପୁରୀ ଗଜପତି ମହାରାଜା ଦିବ୍ୟସିଂହ ଦେବ

## ସଂକ୍ଷେପରେ

### ଖତ ଖାଉଛି ମାଗଣା ଏଲ୍ଇଡି ବଲ୍ବ

ଅତାବିରା, ୪।୬ (ଡି.ଏନ.ଏ)
ଗ୍ରାମାଞ୍ଚଳ ଓ ସହରାଞ୍ଚଳ ବିଦ୍ୟୁତ ଉପଭୋକ୍ତା ରାଶନ କାର୍ଡଧାରୀଙ୍କୁ ମାଗଣାରେ ଏଲଇଡି ବଲ୍ବ ଦେବା ପାଇଁ ସରକାର ବ୍ୟବସ୍ଥା କରିଥିଲେ। ଗୋଟିଏ ରାଶନକାର୍ଡଧାରୀ ପରିବାରକୁ ୪ଟି ଲେଖାଏଁ ଏଲଇଡି ବଲ୍ବ ଦେବା ପାଇଁ ରାଜ୍ୟ ସରକାର ଘୋଷଣା କରିଥିଲେ। ଘୋଷଣା ଅନୁଯାୟୀ ବଲ୍ବ ବଣ୍ଟନ କାର୍ଯ୍ୟକ୍ରମ ନିର୍ବାଚନ ପୂର୍ବରୁ କରାଯାଇଥିଲା। ତେବେ ନିର୍ବାଚନ ଆଚରଣବିଧି ଲାଗୁ ହୋଇଯିବା ପରେ ଆଉ ଏଲଇଡି ବଲ୍ବ ବଣ୍ଟନ କରାଗଲା ନାହିଁ । ଫଳରେ ବରଗଡ ଜିଲା ଅତାବିରା ବ୍ଲକ, ଏନଏସି ଓ ଭେଡେନ ବ୍ଲକ ଅଞ୍ଚଳରେ ଅଧିକାଂଶ ରାଶନ କାର୍ଡଧାରୀ ଏଲଇଡି ବଲ୍ବ ପାଇବାରୁ ବଞ୍ଚିତ ହୋଇଛନ୍ତି । କେତେକ ପଞ୍ଚାୟତରେ ସମସ୍ତ ହିତାଧିକାରୀ ବଲ୍ବ ପାଇଥିବା ବେଳେ ଅଧିକାଂଶ ପଞ୍ଚାୟତରେ ଏହା ବଣ୍ଟନ କରି ପଞ୍ଚାୟତରେ ପଡି ଖତ ଖାଉଛି । ଏ ନେଇ ଯୋଗାଣ ନିରୀକ୍ଷକ ବିଶ୍ୱରଞ୍ଜନ ସାହୁଙ୍କୁ ପଚରାଯିବାରୁ ଯେଉଁ ପଞ୍ଚାୟତ ଗୁଡିକରେ ଏ ପର୍ଯ୍ୟନ୍ତ ବଲ୍ବ ବଣ୍ଟନ କରାଯାଇନାହିଁ, ସେଠାରେ ତୁରନ୍ତ ବଣ୍ଟନ କରିବା ବ୍ୟବସ୍ଥା କରାଯିବ ବୋଲି କହିଥିଲେ ।

### ପୂର୍ବତନ ସଂସ୍କୃତ ଶିକ୍ଷକଙ୍କ ପରଲୋକ

ବରଗଡ଼ ଅଫିସ୍,୪।୬
ବରଗଡ଼ ଜର୍ଜ ହାଇସ୍କୁଲର ପୂର୍ବତନ ସଂସ୍କୃତ ଶିକ୍ଷକ ପଣ୍ଡିତ ପର୍ଶୁରାମ ପାଣିଗ୍ରାହୀଙ୍କ ସୋମବାର ରାତ୍ରିରେ ପରଲୋକ ଘଟିଛି। ତାଙ୍କୁ ୮୪ବର୍ଷ ହୋଇଥିଲା । ତାଙ୍କ ପରଲୋକରେ ବରଗଡ଼ ସହରରେ ଗଭୀର ଶୋକ ପ୍ରକାଶ ପାଇଛି । ବରଗଡ଼ ସରକାରୀ ବାଳିକା ବିଦ୍ୟାଳୟରୁ ଶିକ୍ଷକତା ଆରମ୍ଭ କରିଥିବା ସ୍ୱର୍ଗତ ପାଣିଗ୍ରାହୀ ୧୯୯୬ ମସିହାରେ ଜର୍ଜ ହାଇସ୍କୁଲରୁ ଅବସର ଗ୍ରହଣ କରିଥିଲେ । ଏହାପରେ ସେ ବିଭିନ୍ନ ସଙ୍ଗଠନ ସହିତ ଜଡ଼ିତ ରହି ସମାଜସେବାରେ ନିଜକୁ ନିୟୋଜିତ କରିଥିଲେ।

# ଡାକ୍ତର ପଦବୀ ଖାଲି, ଅନଶନ ଚେତାବନୀ

**ବିଜେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର**

ବରଗଡ଼ ଅଫିସ୍,୪।୬

ବରଗଡ଼ ଜିଲା ବିଜେପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ବିଶେଷଜ୍ଞ ଡାକ୍ତର ଏବଂ ସ୍ୱାସ୍ଥ୍ୟ କର୍ମଚାରୀ ପଦବୀ ଖାଲି ପଡ଼ିଛି । ଏହାକୁ ନେଇ ଅଞ୍ଚଳରେ ଉଦବେଗ ପ୍ରକାଶ ପାଇଛି । ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ଅଞ୍ଚଳବାସୀ ବରଗଡ଼ ଜିଲା ମୁଖ୍ୟ ଚିକିତ୍ସାଧିକାରୀ (ସିଡ଼ିଏମଓ) ଡା. ଏନ. କେ ପାଢ଼ୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି । ଆସନ୍ତା ୧୫ଦିନ ମଧ୍ୟରେ ଖାଲି ପଡ଼ିଥିବା ଡାକ୍ତର ଏବଂ ସ୍ୱାସ୍ଥ୍ୟ କର୍ମଚାରୀ ପୂରଣ କରାଯିବାକୁ ସ୍ମାରକପତ୍ରରେ ଦାବି କରାଯାଇଛି । ଦାବି ପୂରଣ କରା ନ ଗଲେ ଆସନ୍ତା ୧୯ତାରିଖ ବିଜେପୁର ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ସେମାନେ ଅନଶନରେ ବସିବେ ବୋଲି ସ୍ମାରକପତ୍ରରେ ଚେତାବନୀ ଦେଇଛନ୍ତି।

ପ୍ରକାଶ ଯେ, ବିଜେପୁରକୁ ନେଇ ସବୁବେଳେ ରାଜନୀତି ଚଳଚଞ୍ଚଳ ହୋଇ ପଡୁଛି । କେତେବେଳେ ସାଧାରଣ ନିର୍ବାଚନ ତ ଆଉ କେବେ ଉପନିର୍ବାଚନକୁ ନେଇ ଉଭୟ ଶାସକ ଏବଂ ବିରୋଧୀ ଦଳର ନେତାମାନେ ତତ୍ପର ହୋଇ ପଡୁଛନ୍ତି । ମାତ୍ର ବିଜେପୁର ଅଞ୍ଚଳର ସମସ୍ୟା ଗୁଡ଼ିକ ଅସମାହିତ ରହି ଯାଉଛି । ସ୍ୱାସ୍ଥ୍ୟସେବା ଭଳି ମୌଳିକ ସୁବିଧା ସୁଯୋଗ ମଧ୍ୟ ବିଜେପୁରରେ ଠିକ୍ ଭାବେ ମିଳୁ ନ ଥିବା ଅଭିଯୋଗ ହୋଇଛି । ଏହାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ କୁହୁଳୁଛି ଏବଂ ଆଗାମୀ ଦିନରେ ଏହା ଆନ୍ଦୋଳନ ପାଇଁ ମୁଣ୍ଡ ଟେକିଛି ।


ବରଗଡ଼ ସିଡ଼ିଏମଙ୍କୁ ସ୍ମାରକପତ୍ର ପ୍ରଦାନ କରୁଛନ୍ତି ।

ମଙ୍ଗଳବାର ବିଜେପୁର ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର, ସ୍ୱାସ୍ଥ୍ୟ କର୍ମଚାରୀ ପଦବୀ ଖାଲି ପଡ଼ିଥିବା ସମସ୍ୟାକୁ ନେଇ ସୂଚନା ଅଧିକାର କର୍ମୀ ସୁଶାନ୍ତ କୁମାର ଗଡ଼ତିୟାଙ୍କ ନେତୃତ୍ୱରେ ଅଞ୍ଚଳର ଏକ ପ୍ରତିନିଧି ଦଳ ସିଡ଼ିଏମଓଙ୍କୁ ଭେଟିଥିଲେ। ସେମାନେ ସିଡ଼ିଏମଓ ପାଢ଼ୀଙ୍କୁ ସମସ୍ୟା ଉପରେ ଅବଗତ କରିଥିଲେ । ବିଜେପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ଓ ସ୍ୱାସ୍ଥ୍ୟ କର୍ମଚାରୀ ପଦବୀ ଖାଲି ପଡ଼ିଥିବା ଯୋଗୁ ଅଞ୍ଚଳବାସୀ ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ହେଉଥିବା ସେମାନେ ଅଭିଯୋଗ କରିଥିଲେ ଏବଂ ତୁରନ୍ତ ଖାଲି ପଡ଼ିଥିବା ପଦବୀ ଗୁଡ଼ିକ ପୂରଣ କରିବା ପାଇଁ ଦାବି ଉପସ୍ଥାପନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଚ୍ଚିଦାନନ୍ଦ ପାତ୍ର, ମାନସ ରଞ୍ଜନ ମେହେର, ଦୀପକ ସାହୁ ପ୍ରମୁଖ ସ୍ମାରକପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ ।

### ଗାନ୍ଧୀଛକଠାରେ ଦଳିତ ସଭାସ୍ଥଳ ଉଦ୍‌ଘାଟିତ

ଭବାନୀପାଟଣା,୪।୬(ଡି.ଏନ.ଏ.)
ଭବାନୀପାଟଣାସ୍ଥିତ ଗାନ୍ଧୀଛକଠାରେ ଅନୁସୂଚିତ ଜାତି ସମାଜ ଦ୍ୱାରା ନିର୍ମିତ ଦଳିତ ସଭାସ୍ଥଳ ସୋମବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଛି। ଯାହାକି ୧୯୬୪ରେ ସରକାରୀ ରେକର୍ଡରେ ହରିଜନମାନଙ୍କ ସଭା ସ୍ଥଳି ନାମରେ ଥିଲା ଏବଂ ପରେ ୨୦୦୫ରେ ଉଚ୍ଚତମ ନ୍ୟାୟାଳୟଙ୍କ ଦ୍ୱାରା ହରିଜନ ଶବ୍ଦଟିକୁ ଅସାମ୍ବିଧାନିକ ବା ଅପମାନ ସୂଚକ ବୋଲି ବିବେଚିତ କରାଯିବାରୁ ତାହାକୁ ଦଳିତ ସଭାସ୍ଥଳ ନାମରେ ନାମିତ କରାଯାଇଥିଲା। ଉକ୍ତ ସଭାସ୍ଥଳ ପୂର୍ବତନ ବିଧାୟକ ଦୁଷ୍ମନ୍ତ ନାଏକ ଏବଂ ପୂର୍ବତନ ବିଧାୟକ ଅନାମ ନାଏକଙ୍କ ବିଧାୟକ ପାଣ୍ଠିରୁ ୨ ଲକ୍ଷ ଟଙ୍କା ଲେଖାଏଁ ଅନୁଦାନରେ ନିର୍ମିତ ହୋଇଥିଲା । ସୋମବାର ତାହାର ଔପଚାରିକ ଭାବରେ ଦଳିତ ସଭାସ୍ଥଳ କମିଟି ଅଧକ୍ଷ ନାଦରାଜ ନାଏକଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିଲା। କାର୍ଯ୍ୟକ୍ରମକୁ କମିଟି ସାଧାରଣ ସମ୍ପାଦକ ଅଶ୍ୱିନ ଚନ୍ଦନ ପରିଚାଳନା କରିଥିଲେ ।

## ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନାର ଭିତ୍ତି ପ୍ରସ୍ତର ସ୍ଥାପନ

ଜୁନାଗଡ,୪।୬(ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଛୋରିଆଗଡ ପଞ୍ଚାୟତ ସାନଫୁର୍ଲାଠାରେ ମଙ୍ଗଳବାର ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନା ରାସ୍ତାର ଭିତ୍ତି ପ୍ରସ୍ତର ସ୍ଥାପନ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେଶକ୍ତି, ଗୃହ, ଶିଳ୍ପ, ଏମଏସ୍ଏମଇ ମନ୍ତ୍ରୀ କ୍ୟାପ୍‌ଟେନ ଦିବ୍ୟ ଶଙ୍କର ମିଶ୍ର ଯୋଗଦେଇ ଏହାର ଭିତ୍ତି ପ୍ରସ୍ତର ସ୍ଥାପନ କରିଥିଲେ। ଏହି ରାସ୍ତା ଦ୍ୱାରା ଛୋରିଆଗଡ ଓ ସାନଫୁର୍ଲା ମଧ୍ୟରେ ଗମନାଗମନର ସୁବିଧା ହେବା ସହ ସ୍ଥାନୀୟ ଲୋକେ ଏହାଦ୍ୱାରା ଉପକୃତ ହେବେ ବୋଲି ମନ୍ତ୍ରୀ ମିଶ୍ର କହିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବିଜେଡି ଜିଲା ସଭାନେତ୍ରୀ କଲ୍ୟାଣୀ ନାଏକ, ମହିଚଲା ସରପଞ୍ଚ ଅଜୟ କୁମାର ବେହେରା, ପୂର୍ବତନ ସରପଞ୍ଚ ବିରେନ୍ଦ୍ର ବେହେରୁକ, ବିଜେଡି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଦିଗାମ୍ବର ନାଏକ, ସ୍ଥାନୀୟ ସମିତି ସଭ୍ୟ ପ୍ରେମଲାଲ ନାଏକ, ବୃଷଭ ଧଙ୍ଗଡାମାଝିଙ୍କ ସମେତ ଗ୍ରାମ୍ୟ ଉନ୍ନୟନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ଦୀର୍ଘ ବର୍ଷ ପରେ ସାନଫୁର୍ଲା-ଛୋରିଆଗଡକୁ ପ୍ରଧାନମନ୍ତ୍ରୀ ସଡକ ଯୋଜନାରେ ସାମିଲ କରାଯାଇଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଥିଲା।

■ ଆନନ୍ଦ ଆଚାର୍ଯ୍ୟ ପ୍ରିମିୟର ଲିଗ୍

## ସୁରେନ୍ଦ୍ର ବୀର୍, ବରଗଡ଼ ରୟାଲ ଟାଇଗର୍ ବିଜୟୀ

ବରଗଡ଼ ଅଫିସ୍,୪।୬

ବରଗଡ଼ ଲେଙ୍ଗୁ ମିଶ୍ର ଷ୍ଟାଡ଼ିୟମରେ ଚାଲିଥିବା ଆନନ୍ଦ ଆଚାର୍ଯ୍ୟ ପ୍ରିମିୟର ଲିଗ୍ (ଦିବାରାତ୍ର)ରେ ମଙ୍ଗଳବାର ଅନୁଷ୍ଠିତ ପ୍ରଥମ ମ୍ୟାଚରେ ସୁରେନ୍ଦ୍ର ବୀର୍ ପ୍ରତିପକ୍ଷ ପପଙ୍ଗା ବୀର୍‌କୁ ୭୧ ରନ୍‌ରେ ହରାଇ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇଛି । ପପଙ୍ଗା ବୀର୍ ଟସ୍ ଜିଣି ବ୍ୟାଟିଂ କରିବା ପାଇଁ ପ୍ରତିପକ୍ଷକୁ ଆମନ୍ତ୍ରଣ କରିଥିଲା । ସୁରେନ୍ଦ୍ର ବୀର୍ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୭ ଉଇକେଟ୍ ହରାଇ ୨୪୪ ରନ ସଂଗ୍ରହ କରିଥିଲା । ଦଳର ଲୋକନାଥ ମହାପାତ୍ର ୭୫ରନ୍(୧୦ଚୌକା, ୪ଛକ୍କା), ଧରଣୀଧର ବାରିକ ୫୨ରନ୍(୩ଚୌକା, ୬ଛକ୍କା) ଏବଂ ଶ୍ରୀକାନ୍ତ ପ୍ରଧାନ ୩୯ରନ୍(୧ଚୌକା, ୫ଛକ୍କ) ସଂଗ୍ରହ କରିଥିଲେ । ପ୍ରତିପକ୍ଷ ପପଙ୍ଗା ବୀର୍‌ର ସୁରେନ୍ଦ୍ର ଭୋଇ ୪୦ରନ ବିନିମୟରେ ୩ଟି ଉଇକେଟ୍ ନେଇଥିଲେ । ଜବାବରେ ପପଙ୍ଗା ବୀର୍ ୧୯.୧ ଓଭରରେ ମାତ୍ର ୧୭୩ରନ୍ ସଂଗ୍ରହ କରି ସମସ୍ତ ଉଇକେଟ୍ ହରାଇଥିଲା । ଦଳର ପ୍ରଭଞ୍ଜନ ସାହୁ ୫୪ରନ୍ (୬ଚୌକା, ୪ଛକ୍କା) ସଂଗ୍ରହ କରିଥିଲେ । ପ୍ରତିପକ୍ଷ ସୁରେନ୍ଦ୍ର ବୀର୍‌ର ଶ୍ରୀକାନ୍ତ ପ୍ରଧାନ ୫ଟି ଏବଂ ସଂକଳ୍ପ ରାଉତ୍ ୨ଟି ଉଇକେଟ୍ ନେଇଥିଲେ । ଶ୍ରୀକାନ୍ତ ପ୍ରଧାନ ମ୍ୟାନ ଅଫ ଦି ମ୍ୟାଚ ଘୋଷିତ ହୋଇଥିଲେ । ଅମୀୟ ସାହୁ, ପୃଥ୍ୱୀରାଜ ମିଶ୍ର ଏବଂ ସୁରେଶ ଦାଶ ମ୍ୟାଚ୍ ପରିଚାଳନା କରିଥିଲେ । ରଜତ ଦାଶ ସ୍କୋରର ଏବଂ ୱିଲସନ ସିଂ ମ୍ୟାଚ ରେଫରୀ ଦାୟିତ୍ୱ ନିର୍ବାହ କରିଥିଲେ ।

ସେହିପରି ସୋମବାର ମ୍ୟାଚରେ ବରଗଡ଼ ରୟାଲ ଟାଇଗର ପ୍ରତିପକ୍ଷ ବରଗଡ଼ ସ୍ମାର୍ଟନ୍ସକୁ ୧୯ରନ୍‌ରେ ହରାଇ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇଛି । ବରଗଡ଼ ସ୍ମାର୍ଟନ୍ସ ଟସ୍ ଜିଣି ପ୍ରତିପକ୍ଷକୁ ବ୍ୟାଟିଂ କରିବାକୁ ଆମନ୍ତ୍ରଣ କରିଥିଲା । ବ୍ୟାଟିଂ କରି ବରଗଡ଼ ରୟାଲ ଟାଇଗର ନିର୍ଦ୍ଧାରିତ ୨୦ ଓଭରରେ ୯ଉଇକେଟ୍ ହରାଇ ୧୪୫ରନ୍ ସଂଗ୍ରହ କରିଥିଲା । ଦଳର ଡେଭିଡ୍ ଚୌହାନ ୬୨ରନ୍(୭ଚୌକା, ୩ଛକ୍କା), ଦେବବ୍ରତ ପ୍ରଧାନ ୨୩ରନ୍(୧ଚୌକା, ୨ଛକ୍କା) ଏବଂ ଆଜାଦ ପ୍ରଧାନ ୨୦ରନ୍(୧ଚୌକା, ୨ଛକ୍କା) ସଂଗ୍ରହ କରିଥିଲେ । ପ୍ରତିପକ୍ଷ ବରଗଡ଼ ସ୍ମାର୍ଟନ୍ସର ଅଜୟ କର ୩ଟି ଏବଂ ପ୍ରକାଶ ମାହାଣା ୨ଟି ଉଇକେଟ୍ ନେଇଥିଲେ । ଜବାବରେ ବରଗଡ଼ ସ୍ମାର୍ଟନ୍ସ ୧୯.୧ ଓଭରରେ ସମସ୍ତ ଉଇକେଟ୍ ହରାଇ ୧୨୬ରନ୍ ସଂଗ୍ରହ କରିଥିଲା । ଦଳର ହରଜୀତ୍ ଏସ୍.୩୫ରନ୍(୫ଚୌକା) ଏବଂ ଏମ ଇଫତିକାର୍ ୨୬ରନ୍(୪ଛକ୍କା) ସଂଗ୍ରହ କରିଥିଲେ । ପ୍ରତିପକ୍ଷ ବରଗଡ଼ ରୟାଲ ଟାଇଗରର ଅତୁଲ୍ୟ କର୍ଣ୍ଣ ୧୯ରନ୍ ବିନିମୟରେ ୪ ଓ ରାହୁଲ ଚୌଧୁରୀ ୧୭ରନ୍ ବିନିମୟରେ ୨ଟି ଉଇକେଟ୍ ନେଇଥିଲେ । ଅତୁଲ୍ୟ କର୍ଣ୍ଣ ମ୍ୟାନ ଅଫ ଦି ମ୍ୟାଚ୍ ଘୋଷିତ ହୋଇଥିଲେ ।

## ମନ୍ତ୍ରୀଙ୍କୁ ଭେଟିଲେ ଛାତ୍ରନେତା

ବରଗଡ଼ ଅଫିସ୍,୪।୬

ବରଗଡ଼ ଜିଲା ବିଜୁ ଛାତ୍ର ଜନତାର ଏକ ପ୍ରତିନିଧି ଦଳ ମଙ୍ଗଳବାର ଗ୍ରାମ୍ୟ ଉନ୍ନୟନ ତଥା ଶ୍ରମମନ୍ତ୍ରୀ ସୁଶାନ୍ତ ସିଂଙ୍କୁ ଭେଟିଥିଲେ। ସେମାନେ ମନ୍ତ୍ରୀ ସିଂଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ ସହିତ ତାଙ୍କ ପାଖରେ ବିଭିନ୍ନ ଦାବି ଉପସ୍ଥାପନ କରିଥିଲେ । ବରଗଡ଼ ପଞ୍ଚାୟତ କଲେଜକୁ ରୁରାଲ୍ ୟୁନିଭର୍ସିଟି ମାନ୍ୟତା ପ୍ରଦାନ ଦିଗରେ ବିହିତ ପଦକ୍ଷେପ ନେବା ପାଇଁ ସେମାନେ ଦାବି କରିଥିଲେ । ସେହି ଦାବିକୁ ଅନୁଧ୍ୟାନ କରି ଉଚିତ ପଦକ୍ଷେପ ନିଆଯିବ ବୋଲି ମନ୍ତ୍ରୀ ସିଂ ପ୍ରତିଶ୍ରୁତି ଦେଇଥିଲେ । ଜିଲା ବିଜୁ ଛାତ୍ର ଜନତା ସଭାପତି କରନ ସିକନ୍ଦରଙ୍କ ନେତୃତ୍ୱରେ ବରବଗଡ଼ ପଞ୍ଚାୟତ କଲେଜ ଛାତ୍ର ସଂସଦର ପୂର୍ବତନ ସଭାପତି କାହ୍ନା ବାଗ, ଅବିନାଶ ବାଗ, ସଞ୍ଜୟ କୁମ୍ଭାର, ବାବୁ ସାଗର, ସୁରେନ୍ଦ୍ର ତାଣ୍ଡି ପ୍ରମୁଖ ଏହି ପ୍ରତିନିଧି ଦଳରେ ରହିଥିଲେ ।


ଛାତ୍ରନେତାମାନେ ଗ୍ରାମ୍ୟ ଉନ୍ନୟନ ଓ ଶ୍ରମମନ୍ତ୍ରୀଙ୍କୁ ଭେଟୁଛନ୍ତି ।

### ନଳକୂପରେ ଗାଧୋଇବାକୁ ନେଇ ଗଣ୍ଡଗୋଳ, ଜଣେ ଗିରଫ

ବିନିକା,୪।୬(ଡି.ଏନ୍.ଏ.)

ସୁବର୍ଣ୍ଣପୁର ଜିଲା ବିନିକା ଥାନା ଗନିଆଁ ଫାଣ୍ଡି ଅଧୀନ ସାହାଜବାହାଲ ଗ୍ରାମରେ ସୋମବାର ନଳକୂପରେ ଗାଧୋଇବାକୁ କେନ୍ଦ୍ରକରି ଗଣ୍ଡଗୋଳ ଘଟି ମାରପିଟ୍ ହୋଇଥିଲା। ପୋଲିସ ଏହି ଘଟଣାରେ ଜଣେ ଯୁବକଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ସେ ହେଲେ କିଶୋର ପୁଟା। ଏନେଇ ବିନିକା ଥାନରେ ପୋଲିସ ଏକ ମାମଲା (ନଂ. ୯୯/୧୯)ରୁଜୁ କରିଛି।


ବିନିକା ଏନ୍ଏସି ସଭାକୁଠିରେ ରଥଯାତ୍ରାର ସଜବାଜ ବଇଠକ୍ ଚାଲିଛେ।

## ରଥଯାତ୍ରା ଉଧେ ସଜବାଜ ବଇଠକ

ବିନିକା,୪।୬(ଡି.ଏନ୍.ଏ)

ଫିବଛର ଲେଖେଁ ଚଲତି ବଛର ବି ବିନିକା ଏନ୍ଏସି ଅଂଚଲରେ ଆଏବାର ଜୁଲାଇ ୪ ତାରିଖ ଗୁରୁବାର ରଥଯାତ୍ରା ପାଲନ ହେବା। ଇଥର ପରଭୁ ଜଗନ୍ନାଥ, ବଳଭଦ୍ର ଆର ମାତା ସୁଭଦ୍ରା ନୂତନ ରଥରେ ବସି ଯାତ୍ରା ସମିଆରେ ଅଂଚଲବାସୀକୁ ଦରଶନ ଦେବେ। ଇ ବାବ୍‌ଦେ ମଙ୍ଗଳବାର ବିନିକା ଏନ୍ଏସି ସଭାକୁଠିରେ ଚଲତି ବଛର ରଥଯାତ୍ରାର ସଜବାଜ ବଇଠକ୍ ଅନୁଷ୍ଠିତ ହେଇଯାଇଛେ। ବୀରମହାରାଜପୁର ଉପ-ଜିଲାପାଳ ତଥା ବିନିକା ଏନ୍ଏସି ପରଶାସକ ସୁବ୍ରତ କୁମାର ବେହେରା ବଇଠକ୍‌ରେ ଅଧକ୍ଷତା କରିଥିଲେ। ବଇଠକ୍‌ରେ ବିନିକା ତହସିଲଦାର ଅଲେଖ ଘୁଟା, ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଦୁଃଖିରାମ ନାଏକ, ବିନିକା ଏନ୍ଏସିର କାଉନ୍‌ସିଲ ସଭ୍ୟା/ସଭ୍ୟ ଆର ପୁରନା ରଥଯାତ୍ରା କମିଟିର ସଭ୍ୟମାନେ ଯୋଗଦେଇଥିଲେ। ପୁରାତନ ଲୁକ୍‌କର କହେବାର ହିସାବେ ବିନିକା ଅଂଚଲରେ ୧୨୩୦ ମସିହାନୁ ରଥଯାତ୍ରା ପାଲିତ ହେଇ ଅସୁଛେ। ହେଲେ ଇଥର ରଥଯାତ୍ରାଟା କେନ୍‌ଥେଇ ଜାକ୍‌ଜମକରେ ହେବା ସେ ଦିଗେ ବଇଠକ୍‌ରେ କଥାପଡ଼ିଥିଲା।

## ଜଗନ୍ନାଥ ମନ୍ଦିରର ରତ୍ନକଳସ ପ୍ରତିଷ୍ଠା ପାଇଁ କଳସ ଶୋଭାଯାତ୍ରା

ସୋହେଲା, ୪।୬ (ଡି.ଏନ.ଏ)

ବରଗଡ ଜିଲା ସୋହେଲାରେ ଥିବା ଜଗନ୍ନାଥ (ଗୌରାଙ୍ଗ) ମନ୍ଦିରର ରତ୍ନକଳସ ପ୍ରତିଷ୍ଠା ଓ ସ୍ଥାପନ ଉତ୍ସବ ମଙ୍ଗଳବାର ସନ୍ଧ୍ୟାରେ କଳସ ଶୋଭାଯାତ୍ରା ସହିତ ଶୁଭାରମ୍ଭ ହୋଇଛି। ଏହି ଅବସରରେ ଶତାଧିକ ମହିଳା ଏକ ଶୋଭାଯାତ୍ରାରେ ବାହାରି ପୂର୍ଣ୍ଣୀବନ୍ଧକୁ ଯାଇଥିଲେ। ସେଠାରେ ପୂଜାର୍ଚ୍ଚନା ପରେ ପାଣି କଳସ ଆଣି ମନ୍ଦିରରେ ସ୍ଥାପନ କରାଯାଇଥିଲା । ଅବିନାଶ ନାୟକ ସସ୍ତ୍ରୀକ କର୍ତ୍ତା ଦାୟିତ୍ୱ ତୁଲାଉଛନ୍ତି। ପୂଜକ ରବି ନାରାୟଣ ଦେବତା, ସରୋଜ ଦେବତା, ସୁମନ୍ତ ପାଣିଗ୍ରାହୀ, ପ୍ରୀୟକାନ୍ତ ଦେବତା, କାହ୍ନୁଚରଣ ପାଣିଗ୍ରାହୀ, ଦୁଃଖିଶ୍ୟାମ ପାଣିଗ୍ରାହୀ ପୂଜାକାର୍ଯ୍ୟ କରୁଥିବା ବେଳେ ମନୋରଞ୍ଜନ ମହାପାତ୍ର ଓ ଡମ୍ବରୁଧର ପଶାୟତ ସହଯୋଗ କରୁଛନ୍ତି । ବୁଧବାର ରତ୍ନକଳସ ପ୍ରତିଷ୍ଠା ହେବାକୁ ଥିବା ବେଳେ ଗୁରୁବାର ଦୈନିକ ପୂଜା ସହିତ କଳସ ସ୍ଥାପନ ପରେ ପୂର୍ଣ୍ଣାହୁତି ହେବ ବୋଲି ଜାପଡିଛି । ସୋହେଲାରେ ଥିବା ଏହି ଜଗନ୍ନାଥ ମନ୍ଦିରରେ କେଉଁ କାଳରୁ ପ୍ରାଚୀନ ବିରଳ ଓ ଐତିହାସିକ ଷଡ଼ଭୂଜା ଗୌରାଙ୍ଗ ମହାପ୍ରଭୁଙ୍କ ଦାରୁ ସହିତ ନିତ୍ୟାନନ୍ଦ ମହାପ୍ରଭୁ ଓ ବିଷ୍ଣୁପ୍ରିୟା ଦେବୀଙ୍କ କାଠ ପ୍ରତିମା ପୂଜା ପାଇ ଆସୁଛନ୍ତି ।


କର୍ତ୍ତାଙ୍କ ସମେତ ମହିଳାମାନେ କଳସ ଶୋଭାଯାତ୍ରାରେ ଯାଉଛନ୍ତି ।

■ ଡୁଙ୍ଗୁରିପାଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର

## ଏକ୍ସ-ରେ ମେଶିନ୍ ଅଚଲ, ରୁଗୀ ବାରଦୁଆର

ଡୁଙ୍ଗୁରିପାଲି, ୪।୬(ଡି.ଏନ୍.ଏ)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଗଲା ୨ ମାସ ହେଲା ଏକ୍ସ-ରେ ମେଶିନ ଅଚଲ ହେଇ ପଡ଼ିରହିଛେ। ଇଥିରଲାଗି ଥାନୀୟ ରୁଗୀ ବଡ଼ଭାରି ଅସ୍‌ବିଧାର ସାମ୍‌ନା କରୁଥିବାର ଅଭିଯୋଗ ହେଉଛେ। ଲୋକ୍ ଏକ୍ସ-ରେ ଲାଗି ବରପାଲି, ବରଗଡ଼, ବୁର୍ଲା, ସମ୍ବଲପୁର, ବଲାଙ୍ଗୀର ଯାଇ ହଇରାନ୍ ହରକତ୍ ହେବାର ସଂଗେ ଅଧିକା ଟଁକା ଖରଚ୍ କରୁଛନ୍।

ସୂଚନା ହିସାବେ ରୁଗୀ ସେବା ଉଦେଶ୍‌ରେ ଗଲା ୧.୬.୨୦୧୬ ମସିହାରେ ୧୪ ଲାଖ୍ ଟଁକାରେ ଫ୍ୟୁଯନ କମ୍ପାନୀରୁ ଡୁଙ୍ଗୁରିପାଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଲାଗି ଗୁଟେ ଏକ୍ସ-ରେ ମେସିନ ଘିନିଯାଇଥିଲା। ହେଲେ ମେଶିନଟା ଗଲା ୨୯.୩.୨୦୧୮ ତାରିଖିରୁ ଅଚଲ ହେଇ ପଡ଼ିରହିଛେ। ଯେନ୍‌ଥିରଲାଗି ଥାନୀୟ ରୁଗୀ ଏକ୍ସ-ରେ ଲାଗି ବରପାଲି, ବରଗଡ଼, ବୁର୍ଲା, ସମ୍ବଲପୁର, ବଲାଙ୍ଗୀର ଯାଇ ହଇରାନ୍ ହରକତ୍ ହେଉଛନ୍ ଆର ଅଧିକା ଟଁକା ପଏସା ସାରୁଛନ୍। ଏକ୍ସ-ରେ ମେଶିନ ଅଚଲ ବାବ୍‌ଦେ ଡୁଙ୍ଗୁରିପାଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ତରଫୁ ସୁବର୍ଣ୍ଣପୁର ଜିଲା ମୁଖିଆ ଚିକିସ୍ସା ଅଧିକାରୀଙ୍କୁ ପତ୍ର ସଂଖ୍ୟା-୧୪୪, ତା.୩.୪.୨୦୧୯ରେ ଅବଗତ କରାଯାଇଛେ। ସେନ୍‌ତା ପତ୍ର ସଂଖ୍ୟା-୫୧୮୪, ତା.୧୫.୫.୨୦୧୯ରେ ସ୍ୱାସ୍ଥ୍ୟ କେନ୍ଦ୍ର ତରଫୁ ମେଶିନ ସଜାବାର ଲାଗି ଫ୍ୟୁଯନ କମ୍ପାନୀକେ ଚିଠି କରାଯାଇଛେ। ଇଆଡ଼େ ଗଲା ୨ ମାସ୍‌ରୁ ଅଧିକା ହେବା ଏକ୍ସ-ରେ ମେଶିନଟା ଅଚଲ ହେଇ ପଡ଼ିଥିଲେ ବି ଜିଲା ସୁଆସ୍‌ତିଅ ବିଭାଗର ଚେତା ନାଇଁ ପସବାର। ଜିଲା ସୁଆସ୍‌ତିଅ ବିଭାଗ ଇ ଦିଗେ ହେନ୍‌ତା କିଛି ଆଏଁଖ୍ ଦୁର୍‌ଶିଆ ପଦକ୍ଷେପ ନେଲା ଲେଖେଁ ବି ନାଇଁ ଦିଶବାର। ଯେନ୍‌ଥିରଲାଗି ଅଂଚଲର ରୁଗୀ ଏକ୍ସ-ରେ ଲାଗି ଦୂରିଆ ଜାଗାମାନକୁ ଯାଇ ଅଯଥାରେ ଅଧିକା ଟଁକା ପଏସା ସାରୁଛନ୍। ମଙ୍ଗଳବାର ସହଲା ଗାଁର ଝନେ ମହିଲା ସାନ ନାଏକ(୬୩) ଭୁଜନି ଗୋଡ଼ ଆଁଠୁ ଅଚଲ ହେବାର ଆଶଁକା କରି ବାହାରେ ୨ଶହ ଟଁକା ଦେଇ ଏକ୍ସ-ରେ କରିଥିବାର କହିଛନ୍। ଇ ଅଚଲ ଏକ୍ସ-ରେ ମେଶିନ ବାବ୍‌ଦେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଚିକିସ୍ସା ଅଧିକାରୀ ଡା.ଆଶିଷ କୁମାର ବିଶ୍ୱାଲଙ୍କୁ ପଚରାଲାରୁ ମେଶିନ ସଜାବାର ଲାଗି କମ୍ପାନୀକେ ଚିଠି କରିଛୁଁ। ବହୁତ୍ ଜଲ୍‌ଦି କମ୍ପାନୀ ତରଫୁ ମେଶିନ ଠିକ୍‌କରାଯିବା ବଲି ସେ କହିଥିଲେ। ସେନ୍‌ତା ଇ ବାବ୍‌ଦେ ଜିଲା ମୁଖିଆ ଚିକିସ୍ସା ଅଧିକାରୀଙ୍କୁ ପଚରାଲାରୁ ଆମରନେ ଲୋକ୍ ଅଭାବ୍ ସଂଗେ ପରଶିକ୍ଷିତ କରମଚାରୀକର ଘୋର ଅଭାବ ରହିଛେ। ଶୁନ୍‌ବାକେ ମିଲୁଛେ ସରକାର ସବୁ ବ୍ଲକରେ ଏକ୍ସ-ରେ ମେଶିନ ଲଗାବାର ଯୋଜନା କରୁଛନ୍। ଇ ବେବସ୍‌ତା ହେଲେ ରୁଗୀମାନେ ବହୁତ୍ ଲାଭ ପାଏବେ। ଜିଲା ମୁଖିଆ ଡାକ୍‌ତରଖାନାରେ ୩ ଝନ୍ ନ ରେଡିଓଗ୍ରାଫର ଅଛନ୍, କରମଚାରୀ ଅଭାବୁ ଭିନେ ଭିନେ ସମିଆରେ ନାନା ସମସିଆ ଦେଖା ଦେଉଛେ ବଲି ସେ କହିଥିଲେ।



ଝନେ ଥାନୀୟ ରୁଗୀ ବାହାରେ କରିଥିବାର ଏକ୍ସ-ରେ ଫଟୋ ଦେଖଉଛନ୍।



ଯାହାର କୌଣସି ମୂଲ୍ୟ ନାହିଁ, ତାକୁ ହିଁ ପାଇବା ପାଇଁ ସମୟେ ସମୟେ ଯେଉଁ ଶକ୍ତି ବ୍ୟୟ ହୁଏ ତାହା ମହାଦୁଃଖଦାୟକ।

- ଆଇନଷ୍ଟାଇନ୍

## ସଂକ୍ଷେପରେ




### ନୂତନ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ

**ଜୁନାଗଡ,୪।୬(ଡି.ଏନ.ଏ.):** କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଛୋରିଆଗଡ ପଞ୍ଚାୟତରେ ମଙ୍ଗଳବାର ନୂତନ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପଞ୍ଚାୟତର ୨୮ଜଣ ବୃଦ୍ଧାବୃଦ୍ଧ, ବିଧବା ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରାଯାଇଥିଲା। ଏହି ଅବସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ ଜୁନାଗଡ ବିଡିଓ ଦୁଲାରାମ ମାରାଣ୍ଡି, ବ୍ଲକ ଅଧକ୍ଷା ନୂର୍ଯ୍ୟ ମାଝି, ଉପାଧକ୍ଷ ଟଙ୍କଧର ନାଏକ, ଭାରପ୍ରାପ୍ତ ବିଏସ୍ଏସଓ ସୁମନ୍ତ କୁମାର ମାଝି, ଛୋରିଆଗଡ ସରପଞ୍ଚ ବବିତା ଗୁରୁ, ସମିତିସଭ୍ୟ ପ୍ରେମଲାଲ ନାଏକ, ପିଇଓ ଜିତେନ୍ଦ୍ର କୁମାର ଯୋଷୀ, ଜିଆରଏସ୍ କେଶବ ନାଏକ ପ୍ରମୁଖ ଉପସ୍ଥିତ ରହିଥିଲେ।

### ଫିଙ୍ଗାଯାଇଥିବା କୀଟନାଶକ ଖାଇ ୩ ଛେଳି ମୃତ

**ଭବାନୀପାଟଣା,୪।୬(ଡି.ଏନ.ଏ.):** କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ ଅନ୍ତର୍ଗତ ଅଡ୍ରି ଗ୍ରାମରେ କୀଟନାଶକ ଖାଇ ୩ଟି ଛେଳିର ମୃତ୍ୟୁ ହୋଇଥିବା ବେଳେ ଆଉ ୭ଟି ଗୁରୁତର ହୋଇଛନ୍ତି । ଅଡ୍ରି ଗ୍ରାମର କଲୋନିପଡା ନିକଟ ଡୁମୁଣି ଡଙ୍ଗର ତଳେ ଛେଳି ଚରୁଥିବା ସମୟରେ ଫିଙ୍ଗା ଯାଇଥିବା କୀଟନାଶକ ଔଷଧ ଓ ୟୁରିଆ ଖାଇ ଦେଇଥିଲେ। ଫଳରେ ୩ଟି ଛେଳିର ମୃତ୍ୟୁ ହୋଇଥିବା ବେଳେ ଆଉ ୭ଟି ଛେଳି ଗୁରୁତର ହୋଇଥିଲେ । ପ୍ରାଣୀ ଚିକିତ୍ସା କେନ୍ଦ୍ରରେ କେହି ରହୁ ନ ଥିବାରୁ ସେମାନେ ଚେରିମୂଳି ଔଷଧ ଦେଇ ଲୋକେ ଛେଳି ବଞ୍ଚାଇବାକୁ ଚେଷ୍ଟା କରିଥିଲେ । ଏଥିରେ ଗ୍ରାମର ମୁକ୍ତା ମୁଦୁଲିଙ୍କ ଗୋଟିଏ, ପାଇକୁ ମାଝିଙ୍କ ୨ଟି ଓ ବାଲ ସାହୁଙ୍କ ୫ଟି ଛେଳି ଗୁରୁତର ହୋଇଛନ୍ତି । ସେଠାରେ କିଏ କୀଟନାଶକ ଓ ୟୁରିଆ ଫୋପାଡିଛି ତା'ର ତଦନ୍ତ କରିବାକୁ ଦାବି ହେଉଛି ।

### ଯୁବକଙ୍କ ଆତ୍ମହତ୍ୟା ଅଭିଯୋଗ

**ଧର୍ମଗଡ,୪।୬(ଡି.ଏନ.ଏ.):** କଳାହାଣ୍ଡି ଜିଲା ଧର୍ମଗଡ ସହରସ୍ଥିତ ଜଣେ ଯୁବକ ନିଜ ଘରେ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ଯୁବକଙ୍କ ନାମ ପ୍ରେମାନନ୍ଦ ନାଏକ (୧୮)। ତାଙ୍କ ବାପା ଶ୍ରୀକାନ୍ତ ନାଏକ ମଧ୍ୟ ଆଗରୁ ମୃତ୍ୟୁବରଣ କରିଛନ୍ତି। ଗତ କିଛିଦିନ ହେଲା ଯୁବକ ଜଣକ ଅତ୍ୟଧିକ ମଦ୍ୟପାନ କରି ଘରେ ରହୁଥିଲେ। ମଙ୍ଗଳବାର ଅପରାହ୍ଣରେ ନିଜ ଘରେ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିଲେ। ଖବର ପାଇ ପୋଲିସ ମୃତଦେହ ଉଦ୍ଧାର କରି ଶବ ବ୍ୟବଚ୍ଛେଦ ପାଇଁ ପଠାଇଥିବା ଜଣାଯାଇଛି। ଯୁବକ ଜଣକ ପୂର୍ବରୁ ଦୋକାନରୁ ମୋବାଇଲ ଚୋରି କେସରେ ସମ୍ପୃକ୍ତ ଥିବା ବେଳେ କାହିଁକି ଆତ୍ମହତ୍ୟା କଲେ ତାହା ସ୍ପଷ୍ଟ ହୋଇ ନ ଥିବା ପୋଲିସ ପ୍ରକାଶ କରିଛି।

■ ପ୍ରାକୃତିକ ବିପର୍ଯ୍ୟୟ ପ୍ରସ୍ତୁତି ବୈଠକ

# ଦୁର୍ବିପାକରୁ ରକ୍ଷା ପାଇଁ ବ୍ୟାପକ ପ୍ରସ୍ତୁତି ଆବଶ୍ୟକ

**ନୂଆପଡା ଅଫିସ,୪।୬**

ନୂଆପଡା ଭଳି ଏକ ଉପାନ୍ତ ଜିଲାରେ ମରୁଡି ଏବଂ ବନ୍ୟାଭଳି ପ୍ରାକୃତିକ ଦୁର୍ବିପାକ ଚିରସହଚର ହୋଇରହିଛି। ଏହା ରାଜ୍ୟ ରାଜଧାନୀଠାରୁ ବହୁ ଦୂରରେ ରହିଥିବା ଯୋଗୁ ବିଭିନ୍ନ ସମୟରେ ଏସବୁର ସହଜେ ମୁକାବିଲା ହୋଇ ନ ଥାଏ । ଦିନକୁ ଦିନ ଏସବୁ ପ୍ରାକୃତିକ ଦୁର୍ବିପାକ ସାଧାରଣ ଲୋକଙ୍କ ମେରୁଦଣ୍ଡକୁ ଦୋହଲାଇ ଦେଉଛି । ତେଣୁ କରି ବେଳହୁଁ ଠିକ ଭାବରେ ପ୍ରସ୍ତୁତି କରି ମୁକାବିଲା କରିବାକୁ ସଜାଗ ରହିବାକୁ ଜନପ୍ରତିନିଧିମାନେ ଦାବି କରିଛନ୍ତି। ମଙ୍ଗଳବାର ସ୍ଥାନୀୟ ଜିଲାପାଳଙ୍କ ସଦଭାବନା ସଭାଗୃହରେ ଅନୁଷ୍ଠିତ ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନ ପ୍ରସ୍ତୁତି ବୈଠକରେ ଯୋଗଦେଇ ନବନିର୍ବାଚିତ ଜନପ୍ରତିନିଧିମାନେ ଏହି ଦାବି ରଖିଥିଲେ।

ପୂର୍ବାହ୍ନ ୯ଟାରେ ଅତିରିକ୍ତ ଜିଲାପାଳ ସୀତାରାମ ପଟେଲଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ଜିଲା ପରିଷଦ ଅଧ୍ୟକ୍ଷା ନମିତା ପ୍ରଧାନ, କଳାହାଣ୍ଡି ଏମପି ବସନ୍ତ କୁମାର ପଣ୍ଡା, ନୂଆପଡା ବିଧାୟକ ରାଜେନ୍ଦ୍ର ପ୍ରସାଦ ଢୋଲକିଆ, ଖଡିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ, ଡିଆରଡିଏ ପିଡି ବୃଷଭ ଚନ୍ଦ୍ର ନାଏକ, ଉପଜିଲାପାଳ ତରଣୀସେନ ନାଏକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ବୈଠକରେ ଜିଲା ଜରୁରୀକାଳୀନ ଅଧିକାରୀ ସୁରେନ୍ଦ୍ର ନାଥ ସାହୁ ଗୋଟି ଗୋଟି କରି ସମସ୍ତ ବିଷୟ ଉପରେ ଉପସ୍ଥାପନ କରିଥିବାବେଳେ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ସମ୍ପୃକ୍ତ ବିଭାଗର ଅସୁବିଧା ସହ କିପରି ବିପର୍ଯ୍ୟୟ ସକାଶେ ପ୍ରସ୍ତୁତି କରିଛନ୍ତି ସେ ଉପରେ ଉପସ୍ଥାପନା କରିଥିଲେ। ଜିଲାର ବିଭିନ୍ନ ସମୟରେ ବିଗତ ଦିନରେ ଘଟିଥିବା ପ୍ରାକୃତିକ ବିପର୍ଯ୍ୟୟର ତାଲିକା ପ୍ରସ୍ତୁତି କରିବା, ଆଗକୁ ବର୍ଷାଦିନ ବୋଲି ଆଗରୁ ବିଭିନ୍ନ ଜାଗାକୁ ଉପଯୁକ୍ତ ଖାଦ୍ୟ ସାମଗ୍ରୀ ପହଞ୍ଚାଇବା, ଲୋକଙ୍କ ସକାଶେ ସମସ୍ତ ସରକାରୀ ଡାକ୍ତରଖାନାରେ ଆବଶ୍ୟକ ଔଷଧ ସାମଗ୍ରୀ ମହଜୁଦ କରି ରଖିବା, ଚାଷୀଙ୍କ ପାଇଁ ବିହନ, ଔଷଧ ଠିକ ସମୟରେ ଯୋଗାଇବା ଆଦି ଉପରେ ବିଷଦ ଭାବରେ ଆଲୋଚନା ହୋଇଥିଲା । ଜିଲାରେ ଗତ ଦିନରେ ବିଭିନ୍ନ ସମସ୍ୟା ଉପୁଜିଛି ହେଲେ ଠିକ ସମୟରେ ପ୍ରଶାସନିକ କଳ ପହଞ୍ଚି ସେବା କରିବାରେ ବିଫଳ ହୋଇଥିବା ନେଇ ଜନପ୍ରତିନିଧିମାନେ ଉଦ୍‌ବେଗ ପ୍ରକାଶ କରିଥିଲେ । ଜିଲାରେ ବିଶେଷ କରି ଚାଷୀମାନେ ଧାନକିଣା ସମୟରେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ମଣ୍ଡିରେ ସପ୍ତାହବ୍ୟାପି ଧାନ ଆଣି ଚାଷୀମାନେ ରଖୁଛନ୍ତି। ବହୁ ସମୟରେ ବର୍ଷା ଯୋଗୁ କଷ୍ଟୋପାର୍ଜିତ ଧାନ ସବୁ ଗଜା ହୋଇ ନଷ୍ଟ ହେଉଛି। ଏହାର କ୍ଷତିପୂରଣ ଦେବାକୁ ଦାବି କରିଥିଲେ। ଏହିଭଳି ଜିଲାରୁ ରୋଗୀମାନଙ୍କୁ ଜରୁରୀକାଳୀନ ଭିତିରେ ନିକଟସ୍ଥ ରାୟପୁରର ହସ୍ପିଟାଲକୁ ସ୍ଥାନାନ୍ତର କରିବାକୁ ବ୍ୟବସ୍ଥା କରିବାକୁ ଦାବି କରିଥିଲେ। ଏସବୁ ଉପରେ ଜିଲା ପ୍ରଶାସନ ରାଜ୍ୟ ସରକାରଙ୍କ ପରାମର୍ଶ ନେଇ ନିଷ୍ପତ୍ତି ଗ୍ରହଣ କରିବ ବୋଲି ଅତିରିକ୍ତ ଜିଲାପାଳ ପଟେଲ କହିଥିଲେ। ବୈଠକରେ ଜିଲାର ସମସ୍ତ ୫ଟି ଯାକ ବ୍ଲକର ବିଡିଓ, ତହସିଲଦାରଙ୍କ ସମେତ ଅନ୍ୟାନ୍ୟ ଅଧିକାରୀମାନେ ଯୋଗଦେଇଥିଲେ ।



ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନ ବୈଠକରେ ଯୋଗଦେଇଥିବା ଅତିଥିଗଣ।

**ଯୋଗଦେଲେ ନୂତନ ଜନପ୍ରତିନିଧି**

■ ଏମ୍‌ପିଙ୍କୁ ସମ୍ବର୍ଦ୍ଧନା ଦେଲା କ୍ରିକେଟ ଆସୋସିଏଶନ

# କଠିନ ପରିଶ୍ରମ, ଆତ୍ମ ବିଶ୍ୱାସ ସଫଳତା ଆଣିଦିଏ

**ନୂଆପଡା ଅଫିସ,୪।୬**

ଯେ କୌଣସି କ୍ଷେତ୍ରରେ କଠିନ ପରିଶ୍ରମ, ଅଧ୍ୟବସାୟ ସାଙ୍ଗକୁ ନିଜ ଉପରେ ଗଭୀର ଆତ୍ମବିଶ୍ୱାସ ରହିବା ଜରୁରୀ ବୋଲି ମତ ପ୍ରକାଶ ପାଇଛି । ମଙ୍ଗଳବାର ସନ୍ଧ୍ୟାରେ ସ୍ଥାନୀୟ ମିନିଷ୍ଟାଡିୟମରେ ଜିଲା କ୍ରିକେଟ ଆସୋସିଏଶନ ତରଫରୁ ଜିଲାର ପ୍ରଥମ ଏମପି (ମେମ୍ବର ଅଫ ପାର୍ଲାମେଣ୍ଟ) ବସନ୍ତ କୁମାର ପଣ୍ଡାଙ୍କୁ ସମ୍ବର୍ଦ୍ଧନା ଦେବା ଅବସରରେ ଅତିଥିମାନେ ଏହା କହିଛନ୍ତି । ଜିଲା କ୍ରିକେଟ ଆସୋସିଏଶନ ସଭାପତି ପ୍ରକାଶ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ନବନିର୍ବାଚିତ ଏମପି ପଣ୍ଡା ମୁଖ୍ୟଅତିଥି, ଅବସରପ୍ରାପ୍ତ ନିର୍ବାହୀ ଯନ୍ତ୍ରୀ ହୋମସିଂ ମାଝି, ରାଜ୍ୟ କ୍ରିକେଟ ଆସୋସିଏଶନ ଉପସଭାପତି ସରୋଜ କୁମାର ସାହୁ, ସୁରେଶ ସାହୁ, କାଳିଆ ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଏମପି ପଣ୍ଡାଙ୍କୁ ସମସ୍ତ କ୍ରିକେଟ ଆସୋସିଏଶନ କର୍ମକର୍ତ୍ତାଙ୍କ ତରଫରୁ ଫୁଲତୋଡା ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ପରିପ୍ରେକ୍ଷୀରେ ପଣ୍ଡା କଠିନ ପରିଶ୍ରମ କରିବା ସହ ନିଜ ଲକ୍ଷ୍ୟରେ ନିଶ୍ଚଳ ରହି ଆଗକୁ ବଢିବାକୁ ପରାମର୍ଶ ଦେଇଥିଲେ । ଆଗକୁ ଏଠିକାର କ୍ରିଡାର ଉନ୍ନତି ସକାଶେ ଯାହା ସମ୍ଭବ କରିବେ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ୱାଇଏମସି କ୍ଲବ ସଭାପତି ବାପି ଦାସ, ଧନୀ ନାଗ, ଗଜେନ୍ଦ୍ର ନିଆଲ, ସୀମାଞ୍ଚଳ ମହାପାତ୍ର, ଜାନୁମିଶ୍ର, ଅନୀଲ ଦାସ, ପ୍ରଶାନ୍ତ ସେଠୀ ପ୍ରମୁଖ ଯୋଗଦେଇଥିଲେ ।



କ୍ରିକେଟ ଆସୋସିଏଶନର କର୍ମକର୍ତ୍ତାଙ୍କ ସହ ଏମପି ବସନ୍ତ ପଣ୍ଡା।

# ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନାର ଭିତ୍ତି ପ୍ରସ୍ତର ସ୍ଥାପନ

**ଜୁନାଗଡ,୪।୬(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଛୋରିଆଗଡ ପଞ୍ଚାୟତ ସାନଫୁର୍ଲାଠାରେ ମଙ୍ଗଳବାର ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନା ରାସ୍ତାର ଭିତ୍ତି ପ୍ରସ୍ତର ସ୍ଥାପନ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଶକ୍ତି, ଗୃହ, ଶିଳ୍ପ, ଏମଏସ୍ଏମଇ ମନ୍ତ୍ରୀ କ୍ୟାପ୍ଟେନ ଦିବ୍ୟ ଶଙ୍କର ମିଶ୍ର ଯୋଗଦେଇ ଏହାର ଭିତ୍ତି ପ୍ରସ୍ତର ସ୍ଥାପନ କରିଥିଲେ। ଏହି ରାସ୍ତା ଦ୍ୱାରା ଛୋରିଆଗଡ ଓ ସାନଫୁର୍ଲା ମଧ୍ୟରେ ଗମନାଗମନର ସୁବିଧା ହେବା ସହ ସ୍ଥାନୀୟ ଲୋକେ ଏହାଦ୍ୱାରା ଉପକୃତ ହେବେ ବୋଲି ମନ୍ତ୍ରୀ ମିଶ୍ର କହିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବିଜେଡି ଜିଲା ସଭାନେତ୍ରୀ କଲ୍ୟାଣୀ ନାଏକ, ମହିଚଲା ସରପଞ୍ଚ ଅଜୟ କୁମାର ବେହେରା, ପୂର୍ବତନ ସରପଞ୍ଚ ବିରେନ୍ଦ୍ର ବେହେରୁକ, ବିଜେଡି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଦିଗାମ୍ବର ନାଏକ, ସ୍ଥାନୀୟ ସମିତି ସଭ୍ୟ ପ୍ରେମଲାଲ ନାଏକ, ବୃଷଭ ଧଙ୍ଗଡାମାଝିଙ୍କ ସମେତ ଗ୍ରାମ୍ୟ ଉନ୍ନୟନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ଦୀର୍ଘ ବର୍ଷ ପରେ ସାନଫୁର୍ଲା–ଛୋରିଆଗଡକୁ ପ୍ରଧାନମନ୍ତ୍ରୀ ସଡକ ଯୋଜନାରେ ସାମିଲ କରାଯାଇଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଥିଲା।



ମନ୍ତ୍ରୀ କ୍ୟାପଟେନ ଦିବ୍ୟ ଶଙ୍କର ମିଶ୍ର ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ କରୁଛନ୍ତି।

■ ଧାନ ବିକ୍ରି ପାଇଁ ଚାଷୀ ଜିଲାପାଳଙ୍କ ଅଫିସର ଦ୍ୱାରସ୍ଥ

# ମଣ୍ଡିରେ ପଡ଼ିଛି ୪ ହଜାର ବସ୍ତା ଧାନ

**ନୂଆପଡା ଅଫିସ,୪।୬**

ନୂଆପଡା ଜିଲାରେ ରବି ଧାନ କିଣାବେଳେ ବ୍ୟାପକ ଅବସ୍ଥା ଯୋଗୁ ଚାଷୀମାନେ ବେସହାରା ହୋଇ ଶେଷରେ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଦୌଡୁଛନ୍ତି । ନୂଆପଡ଼ା ଜିଲା କୋମନା ବ୍ଲକ ଜଡାମୁଣ୍ଡା ଗାଁର ଚାଷୀମାନଙ୍କ ଆଜକୁ ୫ ଦିନ ହେବ ମଣ୍ଡିରୁ ଧାନ ଉଠୁ ନ ଥିବାବେଳେ ମିଲର୍ସଙ୍କ କଟନୀ ଦାବିରେ ବ୍ୟତିବ୍ୟସ୍ତ ହୋଇ ମଙ୍ଗଳବାର ନୂଆପଡା ଆସି ଅତିରିକ୍ତ ଜିଲାପାଳଙ୍କୁ ଭେଟି ଦାବି ଜଣାଇଛନ୍ତି । ମଣ୍ଡିରୁ ନ ଉଠିଲେ ଧାନ ବସ୍ତା ଆଣି ଜାତୀୟ ରାଜପଥ ଅବରୋଧ କରିବେ ବୋଲି ଚାଷୀମାନେ ଚେତାବନୀ ଦେଇଛନ୍ତି। ପ୍ରକାଶ ଯେ, ଗତ ୨୭ ତାରିଖଠାରୁ ଜଡାମୁଣ୍ଡାରେ ରବି ଧାନକିଣା ସକାଶେ ମଣ୍ଡିର ଆରମ୍ଭ ହୋଇଥିଲା । ସେହି ଦିନଠାରୁ ପ୍ରତ୍ୟହ ୨ ଶହ/୨୫୦ କୁଇଣ୍ଟାଲ ଧାନ ଉଠିଲା । ଏହି ଟାର୍ଗେଟକୁ ବୃଦ୍ଧି କରିବାକୁ ବାରମ୍ବାର ଦାବି ହୋଇଥିଲେ ମଧ୍ୟ ତାହା ହେଲାନାହିଁ। ଶେଷରେ ସେହି ଦିନଠାରୁ ଆଉ ମଣ୍ଡକୁ ମିଲର୍ସ ଗଲେନାହିଁ । ଗତ ୩୧ତାରିଖଠାରୁ ହଜାର ହଜାର ବସ୍ତା ଧାନ ପଡିରହିଲା। ଶେଷରେ ସମୁଚିତ ବ୍ୟବସ୍ଥା ନ ଥିବାରୁ ସୋମବାର ପ୍ରବଳ ବର୍ଷାରେ ଧାନସବୁ ଭିଜିଗଲା । ପୁଣି ଏହାକୁ ବାହାନା କରି ମିଲର୍ସମାନେ ଆଉ ମଣ୍ଡିକୁ ଗଲେ ନାହିଁ। ଯଦିବା ଗଲେ ସେଠାରେ କୁଇଣ୍ଟାଲ ପ୍ରତି ୫/୬ କିଗ୍ରା ଧାନ କଟନୀ କରିବାକୁ ମୂଲଚାଲ କଲେ । ଏଥିରେ ଚାଷୀମାନେ ମନା କରିବାକୁ ଧାନ ଉଠିଲା ନାହିଁ । ଅନ୍ୟନ୍ୟୋପାୟ ହୋଇ ଚାଷୀମାନେ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସିଥିଲେ। ମଙ୍ଗଳବାର ଅପରାହ୍ନ ଗୋଟାଏରେ ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ସୀତାରାମ ପଟେଲଙ୍କୁ ଭେଟି ଗୁହାରୀ କରିଥିଲେ। ଚାଷୀମାନଙ୍କ ତରଫରୁ ଭାଜପା ନେତା ପ୍ରସନ୍ନ କୁମାର ପାଢ଼ୀ, ମୂରଲୀଧର ସୁନା, ଚତୁର୍ଭୁଜ ଶର୍ମା ପ୍ରମୁଖ ମଧ୍ୟ ଅତିରିକ୍ତ ଜିଲାପାଳଙ୍କ ନିକଟରେ ଦାବି କରିଥିଲେ। ଅତିରିକ୍ତ ଜିଲାପାଳ ପଟେଲ ଅତିରିକ୍ତ ଜିଲା ଖାଉଟି ବିଭାଗ ଅଧିକାରୀଙ୍କୁ ଡାକି ଆଲୋଚନା କରିଥିଲେ। ଏହା ଉପରେ ତୁରନ୍ତ ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ଉଲ୍ଲେଖ ଯୋଗ୍ୟ ଯେ, ଜଡାମୁଣ୍ଡାମଣ୍ଡିରେ ମୋଟ ୪୦ଜଣ ଚାଷୀଙ୍କ ୪୧ ଶହ କୁଇଣ୍ଟାଲ ଧାନ ପଡିରହିଥିବାବେଳେ ଚାଷୀମାନେ ଦିନବେଳା ଖରା ଏବଂ ରାତିର ଅନ୍ଧକାରରେ ଧାନକୁ ଜଗି ରହିଛନ୍ତି । ଏଭଳି ସ୍ଥିତିରେ ସମସ୍ୟା ପ୍ରତି ଜିଲା ପ୍ରଶାସନ ଦୃଷ୍ଟି ଦେବା ଜରୁରୀ ବୋଲି ମତ ପ୍ରକାଶ ପାଇଛି ।



ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଜଡାମୁଣ୍ଡ ଗାଁର ଚାଷୀମାନେ ଛିଡା ହୋଇ ପ୍ରତିବାଦ କରୁଛନ୍ତି ।

**କୋମନା ବ୍ଲକ**

- ମଣ୍ଡିରୁ ଧାନ ନ ଉଠିଲେ ଜାତୀୟ ରାଜପଥ ଅବରୋଧ ଚେତାବନୀ
- ମିଲର୍ସଙ୍କ କଟନୀ ପାଇଁ ମସୁଧା
- ୫ ଦିନ ହେବ ମଣ୍ଡିରୁ ଉଠୁନି ଧାନ

■ କାଳିଆ ଯୋଜନା ତାଲିକା ପ୍ରସ୍ତୁତିରେ ଅନିୟମିତତା

# ବଞ୍ଚିତ ଚାଷୀ ଜିଲାପାଳଙ୍କୁ ଫେରାଦ

**ନୂଆପଡା ଅଫିସ, ୪।୬**

ରାଜ୍ୟ ସରକାର ସମସ୍ତ ଚାଷୀ ତଥା ଜମିହୀନଙ୍କୁ କାଳିଆ ଯୋଜନାରେ ସାମିଲ କରି ପ୍ରୋତ୍ସାହନ ରାଶି ଦେବାର ବ୍ୟବସ୍ଥା କରିଛନ୍ତି । ହେଲେ ତୃଣମୂଳସ୍ତରରେ କାର୍ଯ୍ୟକାରୀ କରିବାର ବ୍ଲକ ତଥା ପଞ୍ଚାୟତସ୍ତର ଅଧିକାରୀମାନେ ବେପରୁଆ ମନୋଭାବ ରଖି କାମ କରୁଥିବା ଯୋଗୁ ତେଲିଆମୁଣ୍ଡରେ ତେଲ କରିବା ନ୍ୟାୟରେ ବହୁ ଥିଲାବାଲା ଉପକୃତ ହୋଇଥିବାବେଳେ ନିରୀହ ଲୋକମାନେ ବଞ୍ଚିତ ରହିଥିବା ଅଭିଯୋଗ ହୋଇଛି । ନୂଆପଡ଼ା ଜିଲା କୋମନା ବ୍ଲକ ନୂଆଗାଁର ବଞ୍ଚିତ ଅନେକ ଚାଷୀ ନୂଆପଡା ଆସି ଜିଲାପାଳଙ୍କୁ ଫେରାଦ ହୋଇ ଦାବିପତ୍ର ପ୍ରଦାନ କରିଛନ୍ତି । ଜିଲାପାଳଙ୍କ ଅନୁପସ୍ଥିତିକ୍ରମେ ଅତିରିକ୍ତ ଜିଲାପାଳଙ୍କୁ ଦାବିପତ୍ର ଦେଇ ଦୃଷ୍ଟି ଆକର୍ଷଣ କରିଛନ୍ତି । ପ୍ରକାଶ ଯେ, କୋମନା ବ୍ଲକ ନୂଆଗାଁ ଭଳି ଗ୍ରାମପଞ୍ଚାୟତରେ ଅର୍ଦ୍ଧାଧିକ ଚାଷୀ ମାତ୍ର ଚାରିମାସ ଚାଷ କାର୍ଯ୍ୟରେ ନିୟୋଜିତ ହୋଇ ବାକି ସମୟରେ ରାଜ୍ୟ ବାହାରକୁ ଦାଦନ ଖଟିବାକୁ ଯାଇଥାନ୍ତି। ଏଭଳି ପଞ୍ଚାୟତର ସର୍ବାଙ୍ଗୀନ ଉନ୍ନତି ସକାଶେ ସରକାର ବହୁ ଯୋଜନା କାର୍ଯ୍ୟକାରୀ କରିବା କଥା । ହେଲେ ତାହା ହେଉ ନ ଥିବା ଅଭିଯୋଗ ହେଉଛି। କାଳିଆ ଭଳି ଗୁରୁତ୍ୱପୂର୍ଣ୍ଣ ଯୋଜନାରୁ ବହୁ ଚାଷୀଙ୍କୁ ସାମିଲ କରାଯାଇ ନ ଥିବା ଅଭିଯୋଗ ଆସିଛି । ପଞ୍ଚାୟତର ଚାଷୀ କୁନୁରଣା, ସୋମନାଥ ରଣା, ଗଜେନ୍ଦ୍ର ତାଣ୍ଡି, ଆଶାରାମ ଖର୍ସେଲ, ରାମପ୍ରସାଦ ଦାସ, ନେପାଲ ଭୈଁସାଲ, ଝିଙ୍କଟ ଭୈଁସାଲ, କାଲେଶ୍ୱର ବାଗ, ଭୁଖେ ରଣା, ଦେବାନନ୍ଦ ରଣା, ପୂର୍ଣ୍ଣାନନ୍ଦ ତାଣ୍ଡି, ବିନୋଦିନି ତାଣ୍ଡି,ବେଣୁଧର ଖର୍ସେଲ, ଲମ୍ବୋଦର ରଣା, ରାମଚନ୍ଦ୍ର ବାଗ, ଲଳିତା ରଣା, ଶାନ୍ତି ତାଣ୍ଡି, ମଧୁ ଖର୍ସେଲ ପ୍ରମୁଖ ଚାଷୀଙ୍କ ନାମା କାଳିଆ ଯୋଜନାରୁ ବାଦ ପଡିଛି । ଏହାକୁ ନେଇ ଅତିରିକ୍ତ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ବିଭିନ୍ନ ସମୟରେ ବିଭାଗୀୟ ଅଧିକାରୀମାନେ ପଞ୍ଚାୟତକୁ ଯାଇ କିଛି ଥିଲାବାଲାଙ୍କୁ ଏଥିରେ ସାମିଲ କରିଥିବାବେଳେ ନିରୀହ କ୍ଷୁଦ୍ର ନାମମାତ୍ର ଚାଷୀଙ୍କୁ ଏଥିରୁ ବାଦ ଦେଇଥିବା ଚାଷୀମାନେ କହିଥିଲେ। ଏହା ଉପରେ ସବିଶେଷ ତଦନ୍ତ କରି ସମସ୍ତଙ୍କୁ ଏଥିରେ ସାମିଲ କରିବାକୁ ଜିଲା ଯୁବ କଂଗ୍ରେସ ସାଧାରଣ ସମ୍ପାଦକ ରବୀନ୍ଦ୍ର ମଙ୍ଗରାଜ ମଧ୍ୟ ଅତିରିକ୍ତ ଜିଲାପାଳଙ୍କୁ ଭେଟି ଦାବି ଜଣାଇଛନ୍ତି । ପ୍ରଶାସନ ତରଫରୁ ତୁରନ୍ତ ପଦକ୍ଷେପ ନିଆଯିବ ବୋଲି ଅତିରିକ୍ତ ଜିଲାପାଳ ପଟେଲ ପ୍ରତିଶ୍ରୁତି ଦେଇଥିଲେ ।



ଚାଷୀମାନେ ଅତିରିକ୍ତ ଜଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରୁଛନ୍ତି ।

**ନୂଆଗାଁ ଗ୍ରାମପଞ୍ଚାୟତ**

■ ଯୁକ୍ତ ୨ ବିଜ୍ଞାନ ବାର୍ଷିକ ପରୀକ୍ଷା

# କଳାହାଣ୍ଡିର ସ୍ୱସ୍ତିକ୍ ରଞ୍ଜନ ପଣ୍ଡା ପଶ୍ଚିମ ଓଡ଼ିଶାରେ ପ୍ରଥମ

**ଭବାନୀପାଟଣା,୪।୬(ଡି.ଏନ.ଏ.)**

ଭବାନୀପାଟଣା ସହରସ୍ଥିତ ପ୍ରଗତି ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଚଳିତ ଶିକ୍ଷା ବର୍ଷର ଦ୍ୱାଦଶ ପରୀକ୍ଷାରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି। ଚଳିତ ବର୍ଷ ଯୁକ୍ତ ୨ ବିଜ୍ଞାନ ବାର୍ଷିକ ପରୀକ୍ଷାରେ ସ୍ୱସ୍ତିକ ପଣ୍ଡା ୬୦୦ ନମ୍ବରରୁ ୫୫୧ ନମ୍ବର ରଖି ପଶ୍ଚିମ ଓଡିଶାରେ ଏକ ନମ୍ବର ସ୍ଥାନରେ ଥିବା ବେଳେ ସମଗ୍ର ରାଜ୍ୟରେ ସପ୍ତମ ସ୍ଥାନ ଅଧିକାର କରିଛନ୍ତି। ସେହିଭଳି ସ୍ୱୟଂ ଜ୍ୟୋତି ବେହେରା (୫୩୯) ଓ ଇମାନ ପଣ୍ଡା (୫୩୮) ନମ୍ବର ରଖି ଜିଲାରେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ଥିବା ବେଳେ ରାଜ୍ୟର ଶ୍ରେଷ୍ଠ ଶତକରେ ନିଜର ସ୍ଥାନ ଅଧିକାର କରିଛନ୍ତି। ୮୦% ରୁ ଅଧିକ ନମ୍ବର ରଖି ସମୁଦାୟ ୩୦ ଜଣ ଛାତ୍ରୀଛାତ୍ର କୃତକାର୍ଯ୍ୟ ହୋଇଥିବା ବେଳେ ୨୦୬ ଜଣ ଛାତ୍ରଛାତ୍ରୀ ପ୍ରଥମ ଶ୍ରେଣୀରେ ପାସ କରିଛନ୍ତି। ଉକ୍ତ ଫଳାଫଳକୁ ନେଇ ପ୍ରଗତି ଶିକ୍ଷା ଅନୁଷ୍ଠାନ ପ୍ରତିଷ୍ଠାତା ଇଂ ଅଜୟ କୁମାର ପଣ୍ଡା, ସମ୍ପାଦିକା ସୁଶ୍ରୀ ସଙ୍ଗୀତା ପଣ୍ଡା ଓ ଅଧକ୍ଷ ବିଶ୍ୱଜିତ ବି. ମହାନ୍ତି କହିଛନ୍ତି ଯେ, ସମସ୍ତ ଅଧାପକ ଓ ଅଧାପିକାମାନଙ୍କ ପ୍ରୋରଣା, ଛାତ୍ରୀଛାତ୍ରମାନଙ୍କ ଚେଷ୍ଟା ଓ ପରିଶ୍ରମ ଦ୍ୱାରା ପ୍ରଗତି କଲେଜର ଫଳାଫଳ କଳାହାଣ୍ଡି ଜିଲାର ଶିକ୍ଷା କ୍ଷେତ୍ରରେ ଏକ ଆଲୋଡନ ସୃଷ୍ଟି କରିପାରିଛି। ଏହି ଭଳି ଭାବେ ସମସ୍ତଙ୍କ ଉଦ୍ୟମ ଜାରି ରହିଲେ ଏହି ଅନୁଷ୍ଠାନ ସମଗ୍ର ଭାରତ ବର୍ଷରେ ଏକ ସ୍ୱତନ୍ତ୍ର ସ୍ଥାନ ଗ୍ରହଣ କରିବ ବୋଲି ଆଶା କରାଯାଉଛି। ଏହି ସଫଳତା ପାଇଁ ସ୍ୱସ୍ତିକ୍ ନିଜ ବାପା ମା', ସ୍କୁଲର ଶିକ୍ଷୟିତ୍ରୀଶିକ୍ଷକଙ୍କୁ ସମସ୍ତ ଶ୍ରେୟ ଦେଇଛନ୍ତି। ଭବିଷ୍ୟତରେ ଜଣେ ଡାକ୍ତର ହେବା ପାଇଁ ଲକ୍ଷ ରଖିଛନ୍ତି। ଏଥିପାଇଁ ଭୁବନେଶ୍ୱରଠାରେ ମେଡିକାଲ ଏଣ୍ଟ୍ରାନ୍ସ ପାଇଁ ପ୍ରସ୍ତୁତି ଆରମ୍ଭ କରିଥିବା କହିଛନ୍ତି। କଳାହାଣ୍ଡି ଜିଲା ଅରବେଡା ଗ୍ରାମର ସଞ୍ଜିତ୍ ପଣ୍ଡା ଓ ତିଳୋତମା ପଣ୍ଡାଙ୍କର ଜ୍ୟେଷ୍ଠ ପୁତ୍ର। ସ୍ୱସ୍ତିକ୍ ବିଶ୍ୱନାଥ ବିଦ୍ୟାପିଠ ମଣ୍ଡଳଠାରେ ଦଶମ ଶ୍ରେଣୀ ପାଠ ପଡିଥିଲେ। ଦଶମ ଶ୍ରେଣୀରେ ମଧ ୯୦.୫% ମାର୍କ ରଖିଥିଲେ। ନିଷ୍ଠାର ସହିତ ପରିଶ୍ରମ କଲେ ନିଶ୍ଚୟ ସଫଳତା ମିଳିବ ବୋଲି ସ୍ୱସ୍ତିକ କହିଛନ୍ତି।



ସ୍ୱସ୍ତିକ ପଣ୍ଡା

**ରାଜ୍ୟରେ ସପ୍ତମ ସ୍ଥାନ ଅଧିକାର**



ଅନ୍ୟର ଅନିଷ୍ଟ ଚିନ୍ତା କଲେ ନିଜର କ୍ଷତି ହୁଏ,
ସମୟ ସମୟରେ ପ୍ରାଣ ବି ଯାଇପାରେ।
- ବିନୋବା ଭାବେ



## ସଂକ୍ଷେପରେ



### ଆଇଆଇରବି ବାଟାଲିୟନ୍ ପକ୍ଷରୁ ଜଳଛତ୍ର

ଜୁନାଗଡ,୪।୬(ଡି.ଏନ.ଏ.): କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଜାରିଙ୍ଗ ମେଡିକାଲ ଛକ ୨୬ ନଂ. ଜାତୀୟ ରାଜପଥ ପାର୍ଶ୍ୱରେ ୯ମ ଆଇଆରବି ବାଟାଲିୟନ ପକ୍ଷରୁ ଏକ ଜଳଛତ୍ର ଖୋଲଯାଇଛି। ଏହି ଜଳଛତ୍ରରେ ସକାଳୁ ସନ୍ଧ୍ୟା ଯାଏଁ ଆଇଆରବି ଜବାନମାନେ ଉପସ୍ଥିତ ରହି ରାସ୍ତାରେ ଯାତାୟାତ କରୁଥିବା ଲୋକଙ୍କୁ ଜଳ ସହ ଦହି ପାଣି ଦେଉଛନ୍ତି। ଏଭଳି ଜନହିତକର କାର୍ଯ୍ୟ ପାଇଁ ଆଇଆରବି ଜବାନଙ୍କୁ ପଥଚାରୀମାନେ ପ୍ରଶଂସା କରୁଛନ୍ତି। ସ୍ଥାନୀୟ ଆଇଆରବି କମାଣ୍ଡାଣ୍ଟ ଦେବେନ୍ଦ୍ର ନାଥ ବେହେରାଙ୍କ ନେତୃତ୍ୱରେ ଏହା ପରିଚାଳିତ ହେଉଛି।



### ଗାନ୍ଧୀଛକଠାରେ ଦଳିତ ସଭାସ୍ଥଳ ଉଦ୍‌ଘାଟିତ

ଭବାନୀପାଟଣା,୪।୬(ଡି.ଏନ.ଏ.): ଭବାନୀପାଟଣାସ୍ଥିତ ଗାନ୍ଧୀଛକଠାରେ ଅନୁସୂଚିତ ଜାତି ସମାଜ ଦ୍ୱାରା ନିର୍ମିତ ଦଳିତ ସଭାସ୍ଥଳ ସୋମବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଛି। ଯାହାକି ୧୯୬୪ରେ ସରକାରୀ ରେକର୍ଡରେ ହରିଜନମାନଙ୍କ ସଭା ସ୍ଥଳି ନାମରେ ଥିଲା ଏବଂ ପରେ ୨୦୦୫ରେ ଉଚ୍ଚତମ ନ୍ୟାୟାଳୟଙ୍କ ଦ୍ୱାରା ହରିଜନ ଶବ୍ଦଟିକୁ ଅସାମ୍ବିଧାନିକ ବା ଅପମାନ ସୂଚକ ବୋଲି ବିବେଚିତ କରାଯିବାରୁ ତାହାକୁ ଦଳିତ ସଭାସ୍ଥଳ ନାମରେ ନାମିତ କରାଯାଇଥିଲା। ଉକ୍ତ ସଭାସ୍ଥଳ ପୂର୍ବତନ ବିଧାୟକ ଦୁଷ୍ମନ୍ତ ନାଏକ ଏବଂ ପୂର୍ବତନ ବିଧାୟକ ଅନାମ ନାଏକଙ୍କ ବିଧାୟକ ପାଣ୍ଠିରୁ ୨ ଲକ୍ଷ ଟଙ୍କା ଲେଖାଏଁ ଅନୁଦାନରେ ନିର୍ମିତ ହୋଇଥିଲା । ସୋମବାର ତାହାର ଔପଚାରିକ ଭାବରେ ଦଳିତ ସଭାସ୍ଥଳ କମିଟି ଅଧକ୍ଷ ନାଦରାଜ ନାଏକଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିଲା। ଉଦ୍‌ଘାଟନୀ କାର୍ଯ୍ୟକ୍ରମକୁ କମିଟି ସାଧାରଣ ସମ୍ପାଦକ ଅଶ୍ୱିନ ଚନ୍ଦନ ପରିଚାଳନା କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ରାକେଶ ବାଗ, ବୈକୁଣ୍ଠ ଶିଖା, ପ୍ରଭାକର କନ୍ଦପାନ, ଜୟନ୍ତ ନାଏକ, ସୁନୀଲ ନାଏକ, ଜିତେନ ନାଏକ, ୟୋଗେଶ ନାଏକ, ସୁରେନ୍ଦ୍ର ନାଏକ, ହେମନ୍ତ ନାଏକ, ସୁକାନ୍ତ ନାଏକ, ଜୁଲେ ନାଏକ ପ୍ରମୁଖ ଅନୁସୂଚିତ ଜାତି ସମାଜର ଅନେକ ସାମାଜିକ କର୍ମୀ, ବୁଦ୍ଧିଜୀବୀ ତଥା ସ୍ଥାନୀୟ ଜନସାଧାରଣ ଉପସ୍ଥିତ ଥିଲେ।

# ପାଣି ପାଇଁ ଜାତୀୟ ରାଜପଥ ଅବରୋଧ

କୋକସରା,୪।୬(ଡି.ଏନ.ଏ.)

କଳାହାଣ୍ଡି ଜିଲା କୋକସରା ବ୍ଲକ୍ ସଦର ମହକୁମା ବଡ଼ପଡ଼ାଠାରେ ପାନୀୟ ଜଳର ଉତ୍କଟ ଅଭାବ ଦେଖାଦେଇଥିବା ବେଳେ ମହିଳାମାନେ ରାସ୍ତାକୁ ଓହ୍ଲାଇଛନ୍ତି। ମଙ୍ଗଳବାର ସ୍ଥାନୀୟ ବଡ଼ପଡ଼ା ମହିଳାମାନେ ଗରା, ମାଠିଆ, ବାଲଟି ଧରି ଦୀର୍ଘ ୧ ଘଣ୍ଟା ୨୬ ନଂ. ଜାତୀୟ ରାଜପଥ ଅବରୋଧ କରି ରଖିଥିଲେ। ଜାତୀୟ ରାଜପଥ ଅବରୋଧ ଯୋଗୁ ଭବାନୀପାଟଣା-ଜୟପୁର ମଧ୍ୟରେ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା । ସୂଚନା ଅନୁସାରେ କୋକସରା ବ୍ଲକ ସଦର ମହକୁମା ବଡ଼ପଡ଼ାରେ ପାନୀୟ ଜଳର ଉତ୍କଟ ଅଭାବ ନେଇ ପୂର୍ବରୁ ପଡ଼ାବାସୀ ବ୍ଲକ୍ ପ୍ରଶାସନ ପାଖରେ ଲିଖିତ ଅଭିଯୋଗ କରିଥିଲେ। କିନ୍ତୁ କୌଣସି ସମାଧାନ ନ ହେବାରୁ ଓ ଗତ ୮ ଦିନ ଧରି ପାନୀୟ ଜଳର ଯୋଗାଣରେ ଅନିୟମିତିତା ଯୋଗୁ ଅତିଷ୍ଠ ହୋଇ ପଡ଼ାର ମହିଳାମାନେ ଜାତୀୟ ରାଜପଥ ଅବରୋଧ କରିଥିଲେ। ନାରୀ ନେତ୍ରୀ ଫୁଲତୋଳା ଖମାରୀଙ୍କ ନେତୃତ୍ୱରେ ସରସ୍ୱତୀ ବାଗ, ରେଖା ନାଏକ, ପ୍ରମିଳା ବାଗ, ରେବତୀ ଖମାରୀ, ରଶ୍ମିତା ଶଗଡ଼ିଆ, ଗିତାଲି ଶଗଡ଼ିଆ, ସରୋଜିନି ସାଗର, ଲକ୍ଷ୍ମୀ କର, ସରସ୍ୱତୀ ସାଗରଙ୍କ ସମେତ ରାମଚନ୍ଦ୍ର ପାଣିଗ୍ରାହୀ, ଗୌତମ ବାଗ, ଟୁନା ବାଗ, ନବଘନ ବାଗ, ପରମାନନ୍ଦ ଶଗଡ଼ିଆ ପ୍ରମୁଖ ସମେତ ଶତାଧିକ ପଡ଼ାବାସୀ ୧୨ଟାରୁ ୧ ଘଣ୍ଟ ଧରି ଜାତୀୟ ରାଜପଥ ଅବରୋଧ କରିଥିଲେ। କୋକସରା ଥାନା ଅଧିକାରୀ ଉତ୍ତମ କୁମାର ସାହୁ ସଦଳବଳ ପହଞ୍ଚି ଉତ୍ତ୍ୟକ୍ତ ମହିଳା ଓ ପଡ଼ାବାସୀମାନଙ୍କ ସହ ଆଲୋଚନା କରି ଆନ୍ଦୋଳନରୁ ଓହରିବା ପାଇଁ ଅନୁରୋଧ କରିଥିଲେ। କିନ୍ତୁ ମହିଳାମାନେ ପ୍ରଶାସନର ଦୃଢ ପ୍ରତିଶ୍ରୁତି ସହ ନିଜର ମୌଳିକ ଦାବି ସମାଧାନ ଉପରେ ଅଡ଼ି ବସିଥିଲେ। ଖବର ପାଇ କୋକସରା ବିଡିଓ ବସନ୍ତ କୁମାର ସେଠୀ ପହଞ୍ଚି ଆନ୍ଦୋଳନରତ ମହିଳାମାନଙ୍କ ସହ ଆଲୋଚନା କରିଥିଲେ। ଟ୍ୟାଙ୍କରେ ଯୋଗେ ପାଣି ଯୋଗାଣ କରିବା ସହ ଆଗାମୀ ଦିନରେ ପାଇପ ଲାଇନ ନବିକରଣ କରି ପାନୀୟ ଜଳ ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ମହିଳାମାନେ ରାସ୍ତା ଅବରୋଧରୁ ହଟିଥିଲେ। ଅନ୍ୟପଟେ ସ୍ଥାନୀୟ ସରପଞ୍ଚଙ୍କୁ ବାରମ୍ବାର ଫୋନ କରି ଡ଼ାକିଥିଲେ ମଧ୍ୟ ସେ ଆସି ନ ଥିବାରୁ ଆଗାମୀ ଦିନରେ ସରପଞ୍ଚଙ୍କ ମନମୁଖି କାର୍ଯ୍ୟକଳାପକୁ ନେଇ ପଞ୍ଚାୟତ ଅଫିସ ଘେରାଉ କରିବା ପାଇଁ ଆନ୍ଦୋଳନକାରୀ ଚେତାବନୀ ଦେଇଛନ୍ତି। ଦୀର୍ଘ ୨ ଘଣ୍ଟା ଧରି ରାସ୍ତା ଅବରୋଧ ଯୋଗୁ ଭବାନୀପାଟଣା ଜୟପୁର ମଧ୍ୟରେ ଯାତାୟାତ କରୁଥିବା ସମସ୍ତ ଯାନବାହନ ଅଟକି ରହିଥିଲା। ଫଳରେ ଯାତ୍ରୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ସୂଚନାଯୋଗ୍ୟ ଯେ, ଗତ ୨୧ ତାରିଖରେ ପାଣି ପାଇଁ କୋକସରା ବ୍ଲକ୍ ରେଙ୍ଗାଲପାଲି ପଞ୍ଚାୟତ ଅନ୍ତର୍ଗତ ଡ଼ୋଙ୍ଗରିଗୁଡ଼ାର ଶତାଧିକ ମହିଳାଙ୍କ ସମେତ ଗ୍ରାମବାସୀ ୨୬ ନଂ. ଜାତୀୟ ରାଜପଥ ଅବରୋଧ କରିଥିଲେ।



ପାଣି ପାଇଁ ମହିଳାମାନେ ଜାତୀୟ ରାଜପଥ ଅବରୋଧ କରିଛନ୍ତି ।

**ଘଣ୍ଟାଏ ଧରି ଯାତାୟାତ ବାଧାପ୍ରାପ୍ତ**

# ଧର୍ମଗଡ଼ ବିଧାୟକଙ୍କ ଅଚାନକ କଲମପୁର ଗସ୍ତ

ମଣ୍ଡଳ/କଲମପୁର,୪।୬(ଡି.ଏନ.ଏ.)

କଳାହାଣ୍ଡି ଜିଲା ଧର୍ମଗଡ ନିର୍ବାଚନ ମଣ୍ଡଳୀର ନବନିର୍ବାଚିତ ବିଧାୟକ ମୌଷଧି ବାଗ ମଙ୍ଗଳବାର ଅଚାନକ କଲମପୁର ଗସ୍ତ କରିଛନ୍ତି। ଏପରିସ୍ଥଳେ ବିଧାୟକ ବାଗ କଲମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିଥିଲେ। ସେଠାରେ ଚିକିତ୍ସିତ ହେଉଥିବା ରୋଗୀଙ୍କୁ ସେବା ବିଷୟରେ ପଚାରି ବୁଝିବା ସହ ଫଳ ବଣ୍ଟନ କରିଥିଲେ। ଭାରପ୍ରାପ୍ତ ଚିକିତ୍ସାଧିକାରୀ ଶିବାଶିସ୍ ସ୍ୱାଇଁଙ୍କ ସହ ଆଲୋଚନା କରି ଫେରି ଆସିଥିଲେ। ଏହା ପରେ କଲମପୁର, ଦେପୁର ଓ ମଣ୍ଡଳ ଧାନମଣ୍ଡି ପରିଦର୍ଶନ କରିଥିଲେ। ନବନିର୍ବାଚିତ ବିଧାୟକଙ୍କ ଧାନମଣ୍ଡି ପରିଦର୍ଶନ ଖବର ପ୍ରଚାରିତି ହେବା ପରେ ଚାଷୀଙ୍କ ମହଲରେ ବିଭିନ୍ନ ଅଭିଯୋଗ କରିବାକୁ ସଜବାଜ ହୋଇଥିବା ବେଳେ ବିଧାୟକ ସ୍ଥାନ ଛାଡି ଚାଲିଯାଇଥିଲେ। କଲମପୁର ଅଞ୍ଚଳର ବନ୍ଦକନା, ହାରାମାଲ, ପଣ୍ଡିଗାଁ, କଲମପୁର, ଇଚ୍ଛାପୁର, ଦେପୁର, ବିଜମରା, ଦୁଲକିବନ୍ଧ, ବଡକୁଟ୍ରୁ, ଖଙ୍ଗାରଗୁଡା, ମିନଗୁର, ମଣ୍ଡଳ ମାନଙ୍କରେ ଧାନ ମଣ୍ଡି ଚାଲୁ ରହିଛି। ଅନେକ ମଣ୍ଡିରେ ଅବ୍ୟବସ୍ଥା ବାରିହୋଇ ପଡୁଥିବାରୁ ଚାଷୀଙ୍କ ମହଲରେ କ୍ଷୋଭ ପ୍ରକାଶ ପାଇଛି। ଅନ୍ୟପକ୍ଷେ ବିଭାଗୀୟ ଅଧିକାରୀମାନଙ୍କ ପରିଦର୍ଶନ ଶୂନ୍ୟହୋଇ ପଡିଥିବାରୁ ଚାଷୀମାନେ ନିଜ କଷ୍ଟ ଉପାର୍ଜିତ ପରିଶ୍ରମ ଫଳକୁ କମ୍ ମୂଲ୍ୟରେ ଟେକି ଦେବାକୁ ବାଧ ହେଉଛନ୍ତି। ଏପରି ସମୟରେ ନବନିର୍ବାଚିତ ବିଧାୟକ ଚାଷୀମାନଙ୍କ ସହ ଆଲୋଚନା ନ କରିବା ପରିତାପର ବିଷୟ ବୋଲି ଚାଷୀ ମହଲରେ ଚର୍ଚ୍ଚା ହେଉଛି ।



କଲମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ ବେଳେ ବିଧାୟକ ଜଣେ ରୋଗୀଙ୍କ ସହ ଆଲୋଚନା କରୁଛନ୍ତି ।



ମିଲକି ଅଞ୍ଚଳ (ବୋର୍ଡା)ରେ ସଦର ବିଧାୟକଙ୍କ କୃତଜ୍ଞତା ଯାତ୍ରା ।

## ସଦର ବିଧାୟକଙ୍କ କୃତଜ୍ଞତା ଯାତ୍ରା

ଭବାନୀପାଟଣା,୪।୬(ଡି.ଏନ.ଏ.)

ଭବାନୀପାଟଣା ସଦର ନିର୍ବାଚନମଣ୍ଡଳୀର ନବନିର୍ବାଚିତ ବିଧାୟକ ପ୍ରଦୀପ୍ତ କୁମାର ନାଏକ ବ୍ଲକର ମିଲକି ଅଞ୍ଚଳ (ବୋର୍ଡା)ରେ କୃତଜ୍ଞତା ଯାତ୍ରା ଅବସରରେ ମଙ୍ଗଳବାର ବିଭିନ୍ନ ଗାଁ ପରିଦର୍ଶନ କରିଛନ୍ତି। ଏହି ଅବସରରେ ବିଭିନ୍ନ ଅନୁଷ୍ଠାନ ଓ ଗ୍ରାମବାସୀଙ୍କ ପକ୍ଷରୁ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ତାଙ୍କ ପ୍ରତି ଆସ୍ଥା ପ୍ରକଟ କରି ବିଜୟୀ କରିଥିବାରୁ ବିଧାୟକ ନାଏକ ଅଞ୍ଚଳବାସୀଙ୍କୁ କୃତଜ୍ଞତା ଜଣାଇଛନ୍ତି। ମିଲକି ଅଞ୍ଚଳର ପବିତ୍ର ଶୈବ ପୀଠ ସାପସିଲେଟ ଶିବ ମନ୍ଦିରରେ ପୂଜାର୍ଚ୍ଚନା କରିଥିଲେ । ଏହା ପରେ ବିଧାୟକ ଅଞ୍ଚଳର ସେପୁର, ଚପରଖଣ୍ଡା, ସାପସିଲେଟ, ବୋରଭଟ୍ଟା, କେନ୍ଦୁପାଟି, ବରଗାଁ, ନୂଆପଡା, ଅଜରାଇ, ଅରଉଲ, ବାଲିପଟି, କୁଲେରଗୁଡା, କନ୍ଦଲଝର, ଦୂଧେଲ, ଡୁମୁରିଆ, ବରଫା, ମସିଗାଁ, ଶାଲେଗାଁ, ବୋର୍ଡା ଗୁରୁଜୁଙ୍ଗ ଆଦି ଗାଁ ପରିଦର୍ଶନ କରିଥିଲେ। କାର୍ଯ୍ୟକ୍ରମରେ ମଣ୍ଡଳ ସଭାପତି ଜୟରାମ ଗହୀର, ଡୁମୁରିଆ ସରପଞ୍ଚ ସଂଜୀବ କୁମାର ମିଶ୍ର, ଯୁବମୋର୍ଚ୍ଚା ଉପସଭାପତି ବିଭୀଷଣ ସାହୁ, ବିଟୁ ପଧାନ, ଦଳିତ ନେତା ବଡମଣ୍ଟୁ ନାଏକ, ସରପଞ୍ଚ ସଂଘ ସଭାପତି ରବୀନ୍ଦ୍ର ସାହୁ, ସ୍ୱଚ୍ଛ ଭାରତ ଜିଲା ସଂଯୋଜକ ଲୋକନାଥ ଦୁର୍ଗା, ନରେଶ ସାହୁ, ବୋର୍ଡା ସରପଞ୍ଚ ଯୁଧିଷ୍ଠିର ଜାଲ, ଏସି ମୋର୍ଚ୍ଚା ଜିଲା ସମ୍ପାଦକ କୋଦଣ୍ଡ ମହାନନ୍ଦ, ଲିଙ୍ଗରାଜ ନାଏକ, ପ୍ରଭାରୀ ମନୋଜ ସାହୁ, ନୀଳାଞ୍ଚଳ ସାହୁ, କୁନୁ ସାହୁ, ପୂର୍ବ ସରପଞ୍ଚ ସଙ୍ଗୀତା ନାଏକ, ଭୋଳସ୍ୱର ସାହୁ, ଅଗସ୍ତି ସାହୁ, ପ୍ରସନ୍ନ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।

## ପେନସନ୍ ଗ୍ରାହୀ ସଂଘ ତରଫରୁ ବିଧାୟକଙ୍କୁ ସ୍ୱାଗତ, ସମ୍ବର୍ଦ୍ଧନା

କୋକସରା,୪।୬(ଡି.ଏନ.ଏ.):

କଳାହାଣ୍ଡି ଜିଲା ଧର୍ମଗଡ଼ ନିର୍ବାଚନ ମଣ୍ଡିଳୀର ନବନିର୍ବାଚିତ ବିଧାୟକ ମୌଷଧି ବାଗଙ୍କୁ କୋକସରା ବ୍ଲକ୍ ପେନସନ୍ ଗ୍ରାହୀ ସଂଘ ତରଫରୁ ମଙ୍ଗଳବାର ସ୍ଥାନୀୟ ସରସ୍ୱତୀ ଶିଶୁ ମନ୍ଦିର ପ୍ରାଙ୍ଗଣରେ ସ୍ୱାଗତ ଓ ସମ୍ବର୍ଦ୍ଧନା କରାଯାଇଛି । ପ୍ରଥମେ ନବନିର୍ବାଚିତ ବିଧାୟକଙ୍କୁ ପେନସନ ଗ୍ରାହୀ ସଂଘ ତରଫରୁ ଫୁଲତୋଡ଼ା ସହ ସମ୍ବର୍ଦ୍ଧନା ଦିଆଯିବା ପରେ ଏକ ବୈଠକ ଆୟୋଜନ କରାଯାଇଥିଲା। ମୌଷଧି ଶିକ୍ଷକରୁ ରାଜନିତିକୁ ଓହ୍ଲାଇଥିବା ବେଳେ ପେନସନ ଗ୍ରାହୀ ସଂଘ ସମସ୍ତ ସଦସ୍ୟ ତାଙ୍କ ଏହି ସଫଳତାକୁ ନେଇ ଖୁସି ବ୍ୟକ୍ତ କରିଥିଲେ। ଆଗାମୀ ଦିନରେ ପେନସନ ଗ୍ରାହୀ ସଂଘରେ ଥିବା ସମସ୍ୟାକୁ ଦୂରିଭୁତ କରିବା ସହ ସଂଘ କାର୍ଯ୍ୟକଳାପ ଦିଗରେ ତାଙ୍କର ସହାୟତା ଲୋଡ଼ିଥିଲେ। ବୈଠକରେ ସଂଘ ସମ୍ପାଦକ ମିନିକେତନ ପ୍ରଧାନି ସଭାପତିତ୍ୱ କରିଥିଲେ। ଏଥିରେ ସଂଘ ସଭାପତି ତ୍ରିନାଥ ଠାକୁର, କେଶବ ଚନ୍ଦ୍ର ବାଗ, ଚଣ୍ଡି ପ୍ରସାଦ ପ୍ରଧାନୀ, କେଶବ ଚନ୍ଦ୍ର ନାଏକ, ଭଜମନ ବେମାଲ, ଘାସିରାମ ପାଇଯୋଷୀ, କୁରୁକ୍ଷେତ୍ର ବେହେରା, ମନିଜର ପୋଡ଼, ଗରୁଡ଼ଧ୍ୱଜ ମାଝି, ଜୟଲାଲ ନାଏକ, ଚଉବନ ରଣା, ଗବନ୍ଧୁ ମାଝି, ଉମେଶ ପ୍ରଧାନି, ସତ୍ୟାନନ୍ଦ ବାଗ ପ୍ରମୁଖ ପେନସନଗ୍ରାହୀ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ଲାଞ୍ଜିଗଡ଼ରେ ତମାଖୁ ବିସର୍ଜନ ଅଭିଯାନ

ଭବାନୀପାଟଣା,୪।୬(ଡି.ଏନ.ଏ.)

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବେଦାନ୍ତ ଲିମିଟେଡ ଏବଂ ଗ୍ରାମବାସୀଙ୍କ ମିଳିତ ସହଯୋଗରେ ବିଶ୍ୱ ତମାଖୁ ବର୍ଜନ ଦିବସ ଅବସରରେ ତମାଖୁ ବିସର୍ଜନ ଅଭିଯାନ କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି ସଚେତନତା କାର୍ଯ୍ୟକ୍ରମରେ ୧୦୦ରୁ ଅଧିକ ସହଯୋଗୀ ଅଂଶୀଦାର ଯୋଗଦେଇଥିଲେ। ତମାଖୁଠାରୁ ଦୂରେଇ ରହିବାକୁ ପରାମର୍ଶ ଦେଇ ସଚେତନତା ସୃଷ୍ଟି କରୁଥିବା ସଂସ୍ଥା ତଥା ବ୍ୟକ୍ତି ବିଶେଷଙ୍କୁ ଏହି ଅବସରରେ ପୁରସ୍କାର ବିତରଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବାନିଗାଁଠାରେ ତମାଖୁ ବିସର୍ଜନ ଅଭିଯାନରେ ୧୦୦ରୁ ଅଧିକ ଗ୍ରାମବାସୀ ସାମିଲ୍ ହୋଇଥିଲେ। ଏହି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ତମାଖୁ ଦ୍ୱାରା ସ୍ୱାସ୍ଥ୍ୟ ଉପରେ ପଡୁଥିବା ନକାରାତ୍ମକ ପ୍ରଭାବ ସମ୍ପର୍କରେ ଅବଗତ କରାଯାଇଥିଲା। ଏହାଠାରୁ କିଭଳି ଦୂରେଇ ରହିହେବ ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା। ତମାଖୁ ସଚେତନତା କାର୍ଯ୍ୟକ୍ରମରେ ଉଲ୍ଲେଖନୀୟ ସଫଳତା ପାଇଁ ବେଦାନ୍ତ ଆଲୁମିନିୟମ୍ ଲାଞ୍ଜିଗଡ଼ ୟୁନିଟ୍ ସହଯୋଗୀ ଅଂଶୀଦାର ରାୟସିଂ ମାଝି, ଅମିୟଲାଲ ମଣ୍ଡଳ ଏବଂ ପରିମଳ ଦାସଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ବେଦାନ୍ତ ଲାଞ୍ଜିଗଡ଼ର ପ୍ରାଦ୍ୟୋଗିକ ନିର୍ଦ୍ଦେଶକ ଫିଲୀପ୍ କ୍ୟାମ୍ପବେଲ୍ କହିଲେ, ଧୂମପାନ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ। ଆମେ ଏ ନେଇ ସଚେତନ ହେବାର ଆବଶ୍ୟକତା ରହିଛି। ଧୂମପାନରୁ ଦୂରେଇ ରହିଲେ ଆମର ଉପକାର ହେବ। ବେଦାନ୍ତ ପକ୍ଷରୁ ବାନିଗାଁଠାରେ ଆୟୋଜିତ ତମାଖୁ ବିସର୍ଜନ ଅଭିଯାନରେ ଲାଞ୍ଜିଗଡ଼ ପଞ୍ଚାୟତ ସରପଞ୍ଚ ସୁଶ୍ରୀ ମଣି ମାଝି ମୁଖ୍ୟଅତିଥି ଭାବେ ଯୋଗଦେଇ ତମାଖୁର ଖରାପ ପ୍ରଭାବ ସମ୍ପର୍କରେ ବୁଝାଇଥିଲେ। ଚଳିତବର୍ଷ ତମାଖୁ ଏବଂ ଫୁସଫୁସ କର୍କଟ ଶିର୍ଷକକୁ ନେଇ ଡାକ୍ତରମାନଙ୍କ ଦ୍ୱାରା ଏହାର ଖରାପ ପ୍ରଭାବ ସମ୍ପର୍କରେ ଅବଗତ କରାଯାଉଥିବା ତଥ୍ୟକୁ ଉପସ୍ଥିତ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା। ଏହି ଅବସରରେ ବେଦାନ୍ତ ଲାଞ୍ଜିଗଡ଼ ୟୁନିଟ୍ ପ୍ରାଦ୍ୟୋଗିକ ନିର୍ଦ୍ଦେଶକ ଫିଲିପ୍ କ୍ୟାମ୍ପବେଲ୍, କମର୍ସିଆଲ ମୁଖ୍ୟ ଅନୀଲ ରାୟ, ଏକ୍ସପାନସନ୍ ପ୍ରୋଜେକ୍ଟ ଜେନେରାଲ ମ୍ୟାନେଜର ସୁନୀଲ କୁମାର ସିଂ, ମୁଖ୍ୟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ହରମିତ୍ ସେହରା, ବେଦାନ୍ତ ହସ୍ପିଟାଲ ମେଡିକାଲ ଅଫିସର ଡାକ୍ତର ସୁନୀଲ ତରାଇ ଏବଂ ବେଦାନ୍ତ କର୍ମଚାରୀମାନେ ଉପସ୍ଥିତ ଥିଲେ।



ଲାଞ୍ଜିଗଡ଼ରେ ତମାଖୁ ବିସର୍ଜନ ଅଭିଯାନ ଅବସରରେ ଶପଥପାଠ କରାଯାଉଛି।



୨୦୧୭ରେ ବୀମା ପ୍ରିମିୟମ ଜମା କରି କୃଷି ବୀମା ଅପେକ୍ଷାରେ ଥିବା ଚାଷୀମାନେ।

**୨୦୧୭-୧୮ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା**

# ହିତାଧିକାରୀଙ୍କୁ ମିଳିନି ବୀମାରାଶି

କର୍ଲାମୁଣ୍ଡା,୪।୬(ଡି.ଏନ.ଏ.)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକରେ ୨୦୧୭-୧୮ରେ ଖରିଫ ଚାଷ ପାଇଁ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ଚାଷୀମାନେ ପ୍ରିମିୟମ ଜମା କରିଥିଲେ ହେଁ ବର୍ତ୍ତମାନ ସୁଦ୍ଧା ଅନେକ ଚାଷୀ ବୀମାରାଶି ପାଇବାରୁ ବଞ୍ଚିତ ଥିବା ଅଭିଯୋଗ ହେଉଛି। ଏହି ବ୍ଲକର ଗଜବାହାଲ ପଞ୍ଚାୟତ କଅଁସିଲ ଗାଁର ଚାଷୀ ଭୋଜରାଜ ରାଉତ, ଭଗତରାମ ଭୋଇ, ଗଣେଷ ପୁଟା, ଉମେଶ ପୁଟା, କୁଳମଣି ମାଝି, ସାରଦା ଭୋଇ, ଜତି ଭୋଇ, ହାଡିବନ୍ଧୁ ଗହୀର, ପିୟୁଷ ପୁଟେଲ, ହସ୍ତଶିରା ମାଝି, ଲକ୍ଷ୍ମଣ ଛତ୍ରିଆ, ଧଅଁରାଖମନ ଗାଁର ଲାଲମନ ଭୋଇ, ହେମସାଗର ପୁଟେଲ, ଯୋରାଡବ୍ରା ପଞ୍ଚାୟତର ସିଲେଟପଡା ଜମୁନା ଜାନୀ, ରିଞ୍ଚା ପଞ୍ଚାୟତର ଭାଗବତ ସାହୁ ପ୍ରମୁଖ ଗତ ୩୧।୦୭।୨୦୧୭ର ଖରିଫ ଚାଷ ପାଇଁ ଟାଟାଏ.ଆଇ.ଜି ଜେନେରାଲ ଇନସ୍ୟୁରାନସ କମ୍ପାନୀରେ ପ୍ରିମିୟମ ଦାଖଲ କରିଥିଲେ। ତେବେ ବ୍ଲକର ଅନ୍ୟାନ୍ୟ ପଞ୍ଚାୟତର ଚାଷୀମାନେ ବୀମାରାଶି ପାଇ ସାରିଥିବା ବେଳେ ଏହି ଚାଷୀମାନେ ବୀମାରାଶି ବର୍ତ୍ତମାନ ସୁଦ୍ଧା ପାଇ ନ ଥିବା ଜଣାପଡିଛି। ଏ ନେଇ ସ୍ଥାନୀୟ କୃଷି ବିଭାଗ ଭାରପ୍ରାପ୍ତ ସହକାରୀ କୃଷି ଅଧିକାରୀ ଅରୁଣ ପାଢୀଙ୍କୁ ପଚାରିବାରୁ କାହିଁକି ଏମାନଙ୍କୁ ବୀମାରାଶି ମିଳି ନାହିଁ ଆମ ପାଖରେ ସୂଚନା ନାହିଁ ବୋଲି କହିଥିଲେ। ଏଥିପ୍ରତି ଜିଲାପାଳ ଦୃଷ୍ଟି ଦେବାକୁ ଦାବି ହେଉଛି।

# କମୁଛେ ପାରମ୍ପରିକ ଥଁଡା ପାନୀୟର ଚାହିଦା

ଭବାନୀପାଟଣା, ୪।୬ (ଡି.ଏନ୍.ଏ)

କଳାହାଣ୍ଡି ଜିଲାର ଭବାନୀପାଟଣା ସହର ସମେତ ଆସର ପାସର ଅଂଚଲରେ ଖରା ଝାଉର ପରକୋପ ଜାରି ରହିଛେ। ଏନ୍‌ତାଥି ଦୁକାନ ବଜାରରେ ପାରମ୍ପାରିକ ଦେଶୀ ଥଁଡା ପାନୀୟର ଠାନ୍ ଭିନେ ଭିନେ କମ୍ପାନୀର ପାନୀୟ ନେଇଛେ। ଆଏଜକାଲି ଯୁବଗୋଷ୍ଠୀନୁ ଆରମ୍ କରି ସବୁ ବରଗର ଲୁକ୍‌କର ଭିତରେ ବୋଟଲ ଥଁଡା ପାନୀୟର ଚାହିଦା ବଢ଼ତେଲ ଯାଉଛେ। ଇତାକେ ଦେଖି କେତେ ନକଲି କମ୍ପାନୀ ବଜାରକେ ସେମାନକର ଥଁଡା ପାନୀୟ ଛାଡ଼ି ଭଲ ଦୁଇ ପଏସା ରୁଜଗାର କରୁଛନ୍। ବଡ଼ଭାରି ହିସାବେ ଗାଁଗଁଲିରେ ଇ ନକଲି ଥଁଡ଼ା ପାନୀୟର କାରବାର ହେଉଛେ। ନାଁକରା କମ୍ପାନୀର ଥଁଡା ପାନୀୟ ତୁଲନାରେ ନକଲି ପାନୀୟରେ ଅଧିକା ଲାଭ ମିଳୁଛେ। ଯେନ୍‌ଥିରଲାଗି ବେଉସାୟୀମାନେ ଲୁକ୍‌କୁ ବୁଝାସୁଝା କରି ଇ ନକଲି ଥଁଡା ପାନୀୟ ବିକୁଛନ୍। ଇଆଡ଼େ ନକଲି ପାନୀୟର ବିକ୍‌ରି ଉପରେ ରୋକ୍ ଲାଗି ସୁଆସ୍‌ତିଅ ବିଭାଗ ତରଫୁ କେହେନ୍‌ସି ପରକାର ପଦକ୍ଷେପ ନାଇଁ ନିଆଯିବାର। ଯେନ୍‌ଥିରଲାଗି ଗାଁଗଁଲିନୁ ସହରତକ୍ ନକଲି ଥଁଡା ପାନୀୟର ବିକ୍‌ରିବଟା ବଢ଼ତେଲ ଯାଉଛେ। କଳାହାଣ୍ଡି ଜିଲାର ବଡ଼ଭାଗି ଗାଁମାନକେ ନୀରିହ ଆଦିବାସୀମାନେ ବାସ କରୁଥିଲାବେଳେ ତାକର ସରଳତାର ସୁଯୋଗ ନେଇ ବେଉସାୟୀମାନେ ମାଲେମାଲ ହେଉଛନ୍। ଆଘ ଘରକେ କିଏ କୁନୁଆଁ ଆଏଲେ ଦହି ସରବତ୍, ଲେଁଭଉ ସରବତ, ବେଲପନା, ଗୁରପନା, କୁସେର ପନା ଲେଖେଁ ଅନେକ ପାରମ୍ପରିକ ସରବତ୍, ପନା ଦିଆଯାଉଥିଲା। ହେଲେ ଆଏଜ୍‌କାଲି ସସ୍‌ତା ଆର ସୁବିଧା ଦୁରୁଷ୍‌ଟିରୁ ଭିନେ ଭିନେ କମ୍ପାନୀର ଥଁଡା ପାନୀୟ କୁନୁଆଁମାନକୁ ଦେବାର ଗୁଟେ ରିକ୍‌ମା ହେଲାନ। ହେଲେ ଗାଁଗଁଲିରେ ଦୁକାନୀମାନେ ବ୍ରାଣ୍ଡେଡ୍ କମ୍ପାନୀର ପାନୀୟ ଜାଗାରେ ନକଲି କମ୍ପାନୀର ସସ୍‌ତା ପାନୀୟ ବିକି ଭଲ ଦୁଇପଏସା କମଉଛନ୍। ଯେନ୍‌ଥିରଲାଗି ପାରମ୍ପରିକ ସରବତ୍, ପନାର ଚାହିଦା କମ୍‌ବାର ସଂଗେ ବିକ୍‌ରିବଟା ବି ହେବାର ନାଇଁ ଦିଶବାର। ହେଲେ ସସ୍‌ତାରେ ମିଳୁଥିବାର ଇ ପାନୀୟ ଦିହିକେ କେତ୍‌କର ହିତ୍‌କର ଯେ କେହି ତାର ଗୁନ୍ ଧରମ୍ ପରୀକ୍ଷା ଦିଗେ ଧିଆନ୍ ନାଇଁ ଦେବାର। ଏନ୍‌ତା ପ୍ୟାକେଟ ଖାଏଦ୍ ସାମାନ ଉପରେ ଏଫ୍‌ଏସ୍‌ଏସ୍‌ଆଇ ପରମାନପତର ନମ୍ବର ଲଗାବାର ନିହାତି ଜରୁରି ଥିଲାବେଳେ ନକଲି ପାନୀୟରେ ଇ ସବୁ ଦେଖିବାକେ ନାଇଁ ମିଲବାର। ଲୋକ୍ ଇ ସବୁ ପିଇ ନାନା ପରକାର ପେଟ ବେମାରୀର ଶିକାର ହେଉଛନ୍। ଭବାନୀପାଟଣା ଷ୍ଟେଚ୍ୟୁ ଛକ୍‌ରେ ଥିବାର ଜୁସ୍ ଦୁକାନର ମାଲିକ ମାନସ କୁମାର ସାହୁ ଆଘର ଲେଖେଁ ଆମ୍‌ରସ୍, ଲେଁଭଉପାନି, ବେଲପନା, ଲସି, ଦହିପାନିର ବେପାର ନାଇଁ ହେବାର ବଲି କହିଛନ୍। ଇଆଡ଼େ ଇ ନକଲି ପାନୀୟ ବାବ୍‌ଦେ ଫୁଡଇନ୍ସପେକ୍ଟର ଏ.କେ.ଚାନ୍ଦଙ୍କୁ ପଚରାଲାରୁ ଇ ଦିଗେ ଧିଆନ୍ ଦେଇ ପଦକ୍ଷେପ ନିଆଯିବା ବଲି ସେ କହିଥିଲେ।





ପାରମ୍ପରିକ ଆମ୍ ସରବତ୍।



ବିଧାତାଙ୍କର ଶୃଙ୍ଖଳା ଭାଙ୍ଗିଲେ ଜ୍ୱାଳା ବଢ଼ିବ ସିନା କମିବ ନାହିଁ। କାରଣ ଯେପରି କଏଦୀ ଜେଲ୍ ଭାଙ୍ଗି ବାହାରିଗଲେ ନିସ୍ତାର ପାଏନି ବରଂ ଦଣ୍ଡ ବୃଦ୍ଧି ହୋଇଥାଏ।
- ସ୍ୱାମୀ ନିଗମାନନ୍ଦ



# ପୋତି ହେଲାଣି ମହାରାଣୀସାଗର କେନାଲ

**ବଲାଙ୍ଗୀର ଅଫିସ,୪।୬**

ବଲାଙ୍ଗୀର ସହର ମହାରାଣୀସାଗରରୁ ବଳକା ପାଣି ଯିବା ପାଇଁ ମହାରାଣୀସାଗର କେନାଲ ରହିଛି। ହେଲେ ଜବରଦଖଲ ସମସ୍ୟା ଏବଂ ମ୍ୟୁନିସିପାଲିଟିର ଅବହେଳା ଯୋଗୁ କେନାଲ ସତ୍ତା ହଜାଇବାକୁ ବସିଛି। ବଲାଙ୍ଗୀର ରେଲୱେ ଷ୍ଟେଶନ୍ ରାସ୍ତା ପୋଲ ପାର ହେବା ପରେ ଏହି କେନାଲଟି ମ୍ୟୁନିସିପାଲିଟିର ୧୪ ନମ୍ବର ୱାର୍ଡର ଏଫସିଆଇ ଗୋଦାମ ପାଖ ଦେଇଯାଇଛି। ଏହାର କିଛି ଦୂର ପରେ କେନାଲଟି ଜବରଦଖଲ ଏବଂ ଆବର୍ଜନାରେ ପୋତି ହୋଇପଡିଛି। ଫଳରେ କେନାଲଟି ଏକ ଛୋଟିଆ ଡ୍ରେନ୍‌ରେ ପରିଣତ ହୋଇ ପାଣି ନିଷ୍କାସନ ହୋଇପାରୁ ନାହିଁ। ଫଳରେ ଡ୍ରେନ ପାଣି ଜମା ରହି ଦୁର୍ଗନ୍ଧ ସୃଷ୍ଟି ହେଉଥିବା ବେଳେ ପରିବେଶ ଅସ୍ୱାସ୍ଥ୍ୟକର ହୋଇପଡୁଛି।

ଡ୍ରେନ୍ ପାଖ ଅଞ୍ଚଳରେ ରହୁଥିବା ଲୋକଙ୍କ ଜୀବନ ଏକ ପ୍ରକାର ଦୁର୍ବିସହ ହୋଇପଡିଛି। ଆବର୍ଜନାରେ ଡ୍ରେନ୍‌ଟି ଭର୍ତ୍ତି ହୋଇଥିବାରୁ ମଶା, ମାଛି ସଂଖ୍ୟା ଆଶାତୀତ ବୃଦ୍ଧି ପାଇ ବିଭିନ୍ନ ରୋଗର କାରଣ ପାଲଟିଛି। ଏପରି କି ଅଞ୍ଚଳରେ ମ୍ୟାଲେରିଆ, ଡାଇରିଆ ଭଳି ରୋଗ ଦେଖାଦେଉଛି। ଏହାସହ ଚର୍ମଜନିତ ରୋଗ ହେଉଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। କେନାଲ ସଫା କରିବା ପାଇଁ ପଡ଼ାବାସୀ ୱାର୍ଡ କାଉନସିଲର, ମ୍ୟୁନିସିପାଲିଟି ଅଫିସ, ଜିଲାପାଳଙ୍କ କାର୍ଯ୍ୟାଳୟକୁ ବାରମ୍ବାର ଯାଇ ଫେରିଛନ୍ତି। ହେଲେ କେହି କୌଣସି ପଦକ୍ଷେପ ନେଉନାହାନ୍ତି। ରେଲୱେ ଷ୍ଟେଶନ୍ ପୋଲ ପାଖରୁ ମାତ୍ର କେଇ ମିଟର ଯାଏଁ କେନାଲର ଉଭୟ ପାର୍ଶ୍ୱରେ କଂକ୍ରିଟ୍ କାନ୍ଥ ନିର୍ମାଣ କରାଯାଇ ଆଗକୁ ଛାଡି ଦିଆଯାଇଛି। କେନାଲଟି ଆଗକୁ ଏକପ୍ରକାର ସଂକୀର୍ଣ୍ଣ ଓ ଆବର୍ଜନାପୂର୍ଣ୍ଣ ହୋଇଥିବାରୁ ବର୍ଷାଦିନରେ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସାମାନ୍ୟ ବର୍ଷା ହେଲେ ବର୍ଷାପାଣି ଆଗକୁ ଯାଇ ନ ପାରି ଲୋକଙ୍କ ଘର ଭିତରକୁ ପଶୁଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଆଗକୁ ବର୍ଷା ଆସୁଥିବା ବେଳେ ମ୍ୟୁନିସିପାଲିଟି ପକ୍ଷରୁ କେନାଲ ସଫେଇ ନ କଲେ ରହିବା କଷ୍ଟକର ହୋଇପଡିବ ବୋଲି ସ୍ଥାନୀୟ ପଡ଼ାବାସୀ କହିଛନ୍ତି। ଏନେଇ ତୁରନ୍ତ ଆବଶ୍ୟକ ପଦକ୍ଷେପ ନେବାକୁ ପଡ଼ାବାସୀ ଦାବି କରିଛନ୍ତି।



ମାଳପଡ଼ା ଏଫ୍‌ସିଆଇ ଗୋଦାମ ପାଖରେ ଆବର୍ଜନାରେ ପୋତି ହୋଇଥିବା କେନାଲ।

- ରୋଗଣା ହେଲେଣି ଲୋକ, ମ୍ୟୁନିସିପାଲିଟି ଚୁପ୍
- ଜିଲାପାଳଙ୍କୁ ଅଭିଯୋଗ ପରେ ବି କାର୍ଯ୍ୟାନୁଷ୍ଠାନ ଶୂନ୍
- ଅଡୁଆରେ ମାଳପଡ଼ା, ଏଫ୍‌ସିଆଇ ଗୋଦାମପଡାବାସୀ

**ଏମାନେ ଯାହା କୁହନ୍ତି...**



"ଡ୍ରେନ୍ ଅବ୍ୟବସ୍ଥା ପାଇଁ ବାରମ୍ବାର ଅଭିଯୋଗ ସତ୍ତ୍ୱେ ମ୍ୟୁନିସିପାଲିଟି କୌଣସି ପଦକ୍ଷେପ ନେଉନାହିଁ। ଏନେଇ ଜିଲାପାଳଙ୍କୁ ବି ଅବଗତ କରିଛୁଁ। ବର୍ଷା ହେଲେ ଡ୍ରେନ୍ ପାଣି ଘର ଭିତରକୁ ପଶି ଆସୁଛି।
**- ସୁରେଶ ମହାନ୍ତି, ମାଳପଡ଼ା**



"ଡ୍ରେନ୍‌ଟି ପୋତି ହୋଇଯାଇଥିବାରୁ ସେଠାରେ ମଇଳା ପାଣି ଜମି ରହୁଛି। ସଫେଇ କରାଯାଉ ନ ଥିବାରୁ ସହରର ଉପରମୁଣ୍ଡରୁ ଆସୁଥିବା ସମସ୍ତ ଆବର୍ଜନ ଘର ସମ୍ମୁଖରେ ଗଦା ହୋଇରହୁଛି। ଏହା ଅସ୍ୱାସ୍ଥ୍ୟକର ହୋଇପଡିଛି।
**-କବିତା ନନ୍ଦ, ମାଳପଡ଼ା**



"ଡ୍ରେନ୍ ତିଆରି ଶୀଘ୍ର ହେଲେ ଏଠାରୁ ମଇଳା ପାଣି ଆଗକୁ ମାଡିଯାଆନ୍ତା। ଏହି ସାମାନ୍ୟ କାମ ମ୍ୟୁନିସିପାଲିଟି କରିପାରୁନାହିଁ। କୌଣସି ନେତା ମଧ ଏଦିଗରେ ଦୃଷ୍ଟି ଦେଉନାହାନ୍ତି।
**-ମକ୍‌ସୁଦ୍ ଖାନ୍, ମାଳପଡ଼ା**



"ଆବର୍ଜନା, ଦୂଷିତ ପାଣି ଯୋଗୁ ଅଞ୍ଚଳରେ ମଶା, ମାଛି ବୃଦ୍ଧି ହେଉଛି। ଏହା ବିଭିନ୍ନ ପ୍ରକାର ରୋଗର କାରଣ ପାଲଟିଛି।
**-ସ୍ୱାଇଦେଇ ପଧାନ, ମାଳପଡ଼ା**

**ସଂକ୍ଷେପରେ**

## ବେଆଇନ ବାଲି, ପଥର ଚୋରା ଚାଲାଣ: ରାଜସ୍ୱ ବିଭାଗର ଚଡ଼ାଉ

**ଦେଓଗାଁ,୪।୬(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଦେଓଗାଁ ତହସିଲ ଅଧୀନ ୭ଟି ରାଜସ୍ୱ ନିରୀକ୍ଷକଙ୍କ ଅଞ୍ଚଳରେ ପ୍ରତେକ ଦିନ ଶତାଧିକ ଟ୍ରକ୍ ଏବଂ ଟ୍ରାକ୍ଟର ଯୋଗେ ବେଆଇନ ବାଲି, ପଥର ଚୋରା ଚାଲାଣ ହେଉଥିବା ଅଭିଯୋଗ ହେଉଛି। ତେବେ ଧର୍ମକୁ ଆଖିଠାର ପରି ଚଢ଼ାଉ ହେଉଥିବା ବେଳେ ରାଜସ୍ୱ ଆଦାୟରେ ଅଧିକାରୀମାନେ ଟାଳଟୁଳ ନୀତି ଅବଲମ୍ବନ କରୁଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି।
ସୂଚନା ମୁତାବକ, ମଙ୍ଗଳବାର ଅପରାହ୍ନରେ ଅତିରିକ୍ତ ତହସିଲଦାର ରାଜେନ୍ଦ୍ର ଚୌଧୁରୀ ଦେଓଗାଁ ସୋନଗଡ଼ ନଦୀରୁ ବାଲି ଚୋରାଚାଲାଣ ହେଉଥିବା ଏକ ଟ୍ରାକ୍ଟରକୁ ଜବତ କରି ଦେଓଗାଁ ଫାଣ୍ଡି ପୋଲିସ ଜିମା ଦେଇଥିଲେ। ଅପରପକ୍ଷେ ଦେଓଗାଁ ବସ୍ତି ରାସ୍ତାଦେଇ ୩ଟି ହାଇୱାରେ ଚିପ୍ସ ଓ ମେଟାଲ ବୋଝେଇ ହୋଇ ଯାଉଥିବା ବେଳେ ସମସ୍ତ ଗାଡିକୁ ଫାଣ୍ଡି ନିକଟରେ ଅଟକ ରଖି ତଦନ୍ତ କରାଯାଇଥିଲା। ପରେ ଟ୍ରାକ୍ଟରକୁ ବ୍ୟକ୍ତିଗତ ମୂଚାଲିକାରେ ଛାଡିଦେଇଥିବା ବେଳେ ୩ଟି ହାଇୱାରୁ ୩୦ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିବା ଅତିରିକ୍ତ ତହସିଲଦାର ଚୌଧୁରୀ ସୂଚନା ଦେଇଛନ୍ତି। ଅନ୍ୟପକ୍ଷେ ପୂର୍ବରୁ ଅଧିକାରୀମାନେ ମେଟାଲ ବୋଝେଇ ଟ୍ରାକ୍ଟରକୁ ଜବତ କରି ପ୍ରତିଟ୍ରାକ୍ଟର ପିଛା ୨୫ ହଜାର ଟଙ୍କା ଲେଖାଏଁ ଜରିମାନା ଆଦାୟ କରିଥିଲେ। ବେଳେ ମଙ୍ଗଳବାର ଜବତ ହୋଇଥିବା ୩ଟି ହାଇୱାରୁ ମାତ୍ର ୩୦ ହଜାର ଟଙ୍କା ଜରିମାନା ଆଦାୟ ହେବା ଘଟଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ଅନ୍ୟପକ୍ଷେ ବିଭାଗୀୟ ଅଧିକାରୀଙ୍କ ଟାଳଟୁଳ ନୀତି ପ୍ରତି ସାଧାରଣରେ ସନ୍ଦେହ ପ୍ରକାଶ ପାଉଛି। ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟିଦେବାକୁ ସାଧାରଣରେ ଦାବି ହେଉଛି। ଏ ନେଇ ଅତିରିକ୍ତ ତହସିଲଦାର ଚୌଧୁରୀଙ୍କୁ ପଚାରିବାରୁ ଚଳିତ ସିଜିନରେ ବିଭାଗର ପ୍ରଥମ ଚଢ଼ାଉ ହୋଇଥିବା ବେଳେ କମ୍ ଜରିମାନା ଆଦାୟ କରିବାକୁ ବିଭାଗୀୟ ଅଧିକାରୀଙ୍କ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଏନେଇ ୩୦ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିବା ସେ କହିଥିଲେ।

## ସଇଁତଲାରେ ମନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା

**ସଇଁତଲା,୪।୬(ଡି.ଏନ୍.ଏ.):** ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ବିଭାଗ ମନ୍ତ୍ରୀ ତଥା ଟିଟିଲାଗଡ଼ ବିଧାୟିକା ଟୁକୁନି ସାହୁଙ୍କୁ ମଙ୍ଗଳବାର ସନ୍ଧ୍ୟାରେ ସଇଁତଲା ବିଜେଡି କର୍ମକର୍ତ୍ତା ପୁଷ୍ପଗୁଚ୍ଛ ନେଇ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ଏଥିରେ ଚନ୍ଦ୍ରବଦନ ପୁରୋହିତ, ରାଜକିଶୋର ଡ଼ାଙ୍ଗ, ରାଜକିଶୋର ବୁଡେକ, ପରମେଶ୍ୱର କର୍ମୀ, ଗୌତମ କ୍ଷେତୀ, ନାରୀ ନେତ୍ରୀ ଦ୍ରୋପଦୀ ପାତ୍ର, ସତ୍ୟନାରାୟଣ ସାହୁ, ଗୌର ସାହୁ, ମାନଭଞ୍ଜନ ପାଣିଗ୍ରାହୀ, ଅମିତ ରଥ, ଆଲୋକ ବୁଡେକଙ୍କ ସହ ଶତାଧିକ ବିଜେଡି କର୍ମୀ ଉପସ୍ଥିତ ଥିଲେ। ସେହିପରି ବିଜେଡି କର୍ମକର୍ତ୍ତା ବରଗାଁଛକ ଏବଂ ଫପସାଠାରେ ମନ୍ତ୍ରୀ ସାହୁଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ।

## ରଥଯାତ୍ରା ଉଧେ ସଜବାଜ ବଇଠକ

**ବିନିକା,୪।୬(ଡି.ଏନ୍.ଏ)**

ଫିବଛର ଲେଖେଁ ଚଲତି ବଛର ବି ବିନିକା ଏନ୍‌ଏସି ଅଂଚଲରେ ଆଏବାର ଜୁଲାଇ ୪ ତାରିଖ ଗୁରୁବାର ରଥଯାତ୍ରା ପାଲନ ହେବା। ଇଥର ପରଭୁ ଜଗନ୍ନାଥ, ବଳଭଦ୍ର ଆର ମାତା ସୁଭଦ୍ରା ନୂତନ ରଥରେ ବସି ଯାତ୍ରା ସମିଆରେ ଅଂଚଲବାସୀକୁ ଦରଶନ ଦେବେ। ଇ ବାବ୍‌ଦେ ମଙ୍ଗଲବାର ବିନିକା ଏନ୍‌ଏସି ସଭାକୁଠି ଚଲତି ବଛର ରଥଯାତ୍ରାର ସଜବାଜ ବଇଠକ୍ ଅନୁଷ୍ଠିତ ହେଇଯାଇଛେ। ବୀରମହାରାଜପୁର ଉପ-ଜିଲାପାଳ ତଥା ବିନିକା ଏନ୍‌ଏସି ପରଶାସକ ସୁବ୍ରତ କୁମାର ବେହେରା ବଇଠକ୍‌ରେ ଅଧକ୍ଷତା କରିଥିଲେ। ବଇଠକ୍‌ରେ ବିନିକା ତହସିଲଦାର ଅଲେଖ ଘୁଟା, ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଦୁଃଖିରାମ ନାଏକ, ବିନିକା ଏନ୍‌ଏସିର କାଉନ୍‌ସିଲ ସଭ୍ୟା/ସଭ୍ୟ ଆର ପୁରନା ରଥଯାତ୍ରା କମିଟିର ସଭ୍ୟମାନେ ଯୋଗଦେଇଥିଲେ। ପୁରାତନ ଲୁକ୍‌କର କହେବାର ହିସାବେ ବିନିକା ଅଂଚଲରେ ୧୨୩୦ ମସିହାନୁ ରଥଯାତ୍ରା ପାଲିତ ହେଇ ଅସୁଛେ। ହେଲେ ଇଥର ରଥଯାତ୍ରାଟା କେନ୍‌ଥେଇ ଜାକ୍‌ଜମକରେ ହେବା ସେ ଦିଗେ ବଇଠକ୍‌ରେ କଥାପଡ଼ିଥିଲା।

**ଆଜି କ'ଣ କେଉଁଠି** ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

ଗାଁ ଦାଣ୍ଡ ସଫେଇକୁ ୪ମାସ ବିତିଲା

## ପ୍ରାପ୍ୟ ପାଇଲେନି ଯୁବ ସ୍ୱେଚ୍ଛାସେବୀ

**ଲୋଇସିଂହା,୪।୬(ଡି.ଏନ.ଏ.)**

ଲୋଇସିଂହା ବ୍ଲକ ଯୋଗୀସର୍ଡା ଗ୍ରାମର ବସ୍ତି ରାସ୍ତା ସଫେଇକୁ ୪ ମାସ ବିତିଯାଇଛି। ହେଲେ ପଞ୍ଚାୟତ ପକ୍ଷରୁ ସଫେଇ କରିଥିବା ସ୍ୱେଚ୍ଛାସେବୀମାନଙ୍କୁ ପ୍ରାପ୍ୟ ଦେଇ ନ ଥିବା ଜଣାପଡିଛି। ଏନେଇ ସ୍ୱେଚ୍ଛାସେବୀମାନେ ପଞ୍ଚାୟତକୁ ଯାଇ ପ୍ରାପ୍ୟ ପ୍ରଦାନ ନେଇ ଅବଗତ କରିଥିବା ବେଳେ ପଞ୍ଚାୟତ ପକ୍ଷରୁ ଦିନକୁ ଦିନ ସମୟ ଗଡାଇ ଚାଲିଛନ୍ତି। ଏନେଇ ସ୍ୱେଚ୍ଛାସେବୀଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଉଛି। ସୂଚନାଯୋଗ୍ୟ, ଲୋଇସିଂହା ବ୍ଲକ ଅଧୀନ ଯୋଗୀସର୍ଡା ଗ୍ରାମରେ ପ୍ରସିଦ୍ଧ ଶୈବପୀଠ ଯୋଗେଶ୍ୱର ଧାମ ରହିଛି। ଶୈବପୀଠ ରାଜ୍ୟ ପର୍ଯ୍ୟଟନ କ୍ଷେତ୍ରରେ ମାନ୍ୟତା ଲାଭ କରିଛି। ମହାଶିବ ରାତ୍ରି ସମୟରେ ଶୈବପୀଠ ଚଳଞ୍ଚଳ ହୋଇ ଉଠେ। ଗାଁରେ ଘରେ ଘରେ କୁଣିଆ ଦେଖିବାକୁ ମିଳିଥାଏ। ଏହି ଦୃଷ୍ଟିରୁ ସନ୍ତସନ୍ତିଆ ହୋଇ ପଡିଥିବା ଗାଁ ଦାଣ୍ଡକୁ ସରପଞ୍ଚଙ୍କ ପରାମର୍ଶ କ୍ରମେ ଗ୍ରାମର ସ୍ୱେଚ୍ଛାସେବୀ ରଶ୍ମି ପଧାନ, ବୀର ବାରିକ, ଦୁର୍ଯ୍ୟୋଧନ ମହାକୁର, ମନୋଜ ମନହୀରା ପ୍ରମୁଖଙ୍କ ନେତୃତ୍ୱରେ ସଫେଇ କାର୍ଯ୍ୟ ହୋଇଥିଲା। ସଫେଇ ବେଳେ ୬ଟି ଟ୍ରାକ୍ଟର ଓ ଗୋଟିଏ ଜେସିବି ମେଶିନ ନିୟୋଜିତ ହୋଇଥିଲା। ପ୍ରାୟ ୨୪ ଟ୍ରିପ ଅଳିଆ ଆବର୍ଜନା ନିଷ୍କାସନ କରାଯାଇ ଫିଙ୍ଗା ଯାଇଥିଲା। ସଫେଇ ବାବଦକୁ ପ୍ରାୟ ୧୫ ହଜାର ଟଙ୍କା ଖର୍ଚ୍ଚ ହୋଇଥିବା ସ୍ୱେଚ୍ଛାସେବୀ ରଶ୍ମି ପଧାନ କହିଛନ୍ତି। ହେଲେ ପ୍ରାପ୍ୟ ପାଇଁ ସରପଞ୍ଚଙ୍କ ଅବଗତ କରାଯାଇଛି। ବିଲ୍ ହେଲେ ଟଙ୍କା ପ୍ରଦାନ କରାଯିବ ବୋଲି ସରପଞ୍ଚ କହୁଥିବା ରଶ୍ମି ପ୍ରକାଶ କରିଛନ୍ତି। ଅନ୍ୟପକ୍ଷେ ଘଟଣାର ୪ ମାସ ବିତି ଯାଇଥିଲେ ସୁଦ୍ଧା ପ୍ରାପ୍ୟ ମିଳି ନ ଥିବାରୁ ସ୍ୱେଚ୍ଛାସେବୀମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଆଗକୁ ରଥଯାତ୍ରା ଥିବା ବେଳେ ଏହି ଦିଗରେ ପଞ୍ଚାୟତ ଓ ବ୍ଲକ ପ୍ରଶାସନ ତୁରନ୍ତ ପ୍ରାପ୍ୟ ପ୍ରଦାନ ଦିଗରେ ଆବଶ୍ୟକ ପଦକ୍ଷେପ ନେବାକୁ ଦାବି ହୋଇଛି।

**କାଳବୈଶାଖୀ ତାଣ୍ଡବ**

## ବିପନ୍ନ ପରିବାରଙ୍କୁ ଭେଟିଲେ ଭାଜପା କର୍ମକର୍ତ୍ତା

**ଲୋଇସିଂହା,୪।୬(ଡି.ଏନ.ଏ.)**

ଲୋଇସିଂହା ବ୍ଲକ ଅଧୀନ ବାଦିମୁଣ୍ଡା ଗାଁରେ ରବିବାର ରାତିରେ କାଳବୈଶାଖୀ ତାଣ୍ଡବ ଦେଖିବାକୁ ମିଳିଥିଲା। ଏହାର ପ୍ରଭାବରେ ବଡବଡ ଗଛ ଭାଙ୍ଗି ଲୋକଙ୍କ ଘର ଉପରେ ପଡିଥିଲା। ଫଳରେ ଗ୍ରାମର ମନ୍ଦୋଦରୀ ପଧାନ ଏବଂ ଜୋସେଫ୍ ସୋଫିଆଙ୍କ ଘର ଭାଙ୍ଗି ପଡିଥିଲା। ବର୍ତ୍ତମାନ ୨ ପରିବାର ଲୋକେ ଖୋଲା ଅକାଶ ତଳେ ବହୁ କଷ୍ଟରେ ରହୁଛନ୍ତି। ଏନେଇ ଲୋଇସିଂହା ନିର୍ବାଚନମଣ୍ଡଳୀ ଭାଜପା ମିଡିଆସେଲ୍ ପ୍ରଭାରୀ ଭୂତନାଥ ନାଏକ, ରାଜୁ ସାହୁ, ସ୍ଥାନୀୟ ମଣ୍ଡଳ ଉପସଭାପତି ବାହାଦୁର ନନ୍ଦ, ମୁକେଶ ପଧାନ, ମୁକେଶ ତ୍ରିପାଠୀ, ଭୁବନେଶ୍ୱର ଧରୁଆ ପ୍ରମୁଖ ବିପନ୍ନ ପରିବାର ଲୋକଙ୍କୁ ଭେଟି ସମବେଦନା ଜଣାଇଥିଲେ। ବ୍ଲକ ପ୍ରଶାସନ ପକ୍ଷରୁ ତୁରନ୍ତ ସହାୟତା ଯୋଗାଇଦେବାକୁ ପ୍ରତିଶ୍ରୁତି ଦେଇଥିଲେ।

## ନରସିଂହଙ୍କ ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲ ପରିଦର୍ଶନ

### ରୋଗୀସେବା ଓ ହସ୍ପିଟାଲର ସୁରକ୍ଷା ଉପରେ ଆଲୋଚନା

**ବଲାଙ୍ଗୀର ଅଫିସ,୪।୬**

ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର ମଙ୍ଗଳବାର ପୂର୍ବାହ୍ନରେ ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲ ପରିଦର୍ଶନ କରିଥିଲେ। ବିଧାୟକ ନରସିଂହ ହସ୍ପିଟାଲର ସର୍ଜରୀ ଓ ମେଡିସିନ ୱାର୍ଡ ବୁଲି ଦେଖିଥିଲେ। ସେଠାରେ ଅଳିଆ ଆବର୍ଜନା ପଡିଥିବା ସେ ଦେଖିବାକୁ ପାଇଥିଲେ। ଏପରି କି ଆଇସିୟୁରେ ଏସି ଠିକ୍ ଭାବେ ଚାଲୁ ନ ଥିବା ଜାଣିବାକୁ ପାଇଥିଲେ। ସେହିପରି ବିଭିନ୍ନ ୱାର୍ଡରେ ଥିବା ଶୌଚାଳୟର ଅବ୍ୟବସ୍ଥା ଦେଖି ସେ ଉଦ୍‌ବେଗ ପ୍ରକାଶ କରିଥିଲେ। ପରେ ଆଶୁ ଚିକିତ୍ସା ବିଭାଗ ସମ୍ମିଳନୀ କକ୍ଷରେ ବିଧାୟକ ନରସିଂହଙ୍କ ସମୀକ୍ଷା ବୈଠକରେ ମେଡିକାଲ କଲେଜର ରୋଗୀସେବା, ଆମ୍ବୁଲାନ୍ସ ସେବା, ସୁରକ୍ଷା ପ୍ରସଙ୍ଗ ଓ ଆଇସିୟୁ ଅବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରିଥିଲେ। ଏଥିରେ ଜିଲା ଚିକିତ୍ସା ଅଧିକାରୀ ଡା.ସଞ୍ଜୁକ୍ତା ସାହୁ, ଇନ୍‌ଚାର୍ଜ ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ଡ. ମହେନ୍ଦ୍ର ନାଏକ, ଏଡିଏମ୍‌ଓ(ମେଡିକାଲ) ଡା.ଦୈତାରୀ ସାହୁ, ହସ୍ପିଟାଲ ମ୍ୟାନେଜର ସୁଦୀପ ଦତ୍ତ, ସଦର ଏସ୍‌ଡିପିଓ ଶ୍ରୀମନ୍ତ ବାରିକ, ଟାଉନ୍ ଥାନା ଆଇଆଇସି ତୁଫାନ ବାଗ ଏବଂ ସୁଲଭ ସଂସ୍ଥା ସୁପରଭାଇଜର ନିରଞ୍ଜନ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଅଚଳ ଆମ୍ବୁଲାନ୍ସର ମରାମତି ଏବଂ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ପାଣ୍ଠିରୁ ପ୍ରଦତ୍ତ ଆମ୍ବୁଲାନ୍ସର ସମସ୍ତ କାଗଜପତ୍ର ପ୍ରସ୍ତୁତ କରି ଏହା ଯେପରି ରୋଗୀଙ୍କ ସେବାରେ ଲାଗିବ ସେଦିଗରେ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସ୍ତ୍ରୀ ଓ ପ୍ରସୂତି ବିଭାଗରେ ହେଉଥିବା ଲାଞ୍ଚ କାରବାର ଉପରେ ଦୃଷ୍ଟି ଦେବାକୁ ଅଧିକାରୀମାନଙ୍କୁ କହିଥିଲେ। ଏପରି କି ହସ୍ପିଟାଲରେ ସୁରକ୍ଷା ଦିଗରେ ଦୃଷ୍ଟି ଦେବାକୁ ଏସ୍‌ଡିପିଓ ଓ ଟାଉନ୍ ଥାନା ଆଇଆଇସିଙ୍କୁ କହିଥିଲେ। ସେହିପରି ଅନ୍ୟାନ୍ୟ ବିଷୟରେ ମଧ୍ୟ ଆଲୋଚନା ହୋଇଥିଲା।



ବିଧାୟକ ନରସିଂହ ମିଶ୍ର ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲ ପରିଦର୍ଶନ କରୁଛନ୍ତି।

ଯୁକ୍ତ୨ ବିଜ୍ଞାନରେ ଯୁବୋଦୟ କଲେଜର ସଫଳତା

## ୨୦୦ ଛାତ୍ରୀଛାତ୍ର ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ

**ବଲାଙ୍ଗୀର ଅଫିସ, ୪।୬**



ମନ୍‌ଜିତ୍ ଦାଶ



ପ୍ରଭାସ ପ୍ରଧାନ

ଯୁକ୍ତଦୁଇ ବିଜ୍ଞାନ ପରୀକ୍ଷାରେ ଯୁବୋଦୟ ସେକେଣ୍ଡାରୀ ସ୍କୁଲ ଛାତ୍ରୀଛାତ୍ରମାନେ କୃତିତ୍ୱ ଅର୍ଜନ କରିଛନ୍ତି। କଲେଜର ୨୮୨ ଜଣ ଛାତ୍ରୀଛାତ୍ର ଯୁକ୍ତଦୁଇ ପରୀକ୍ଷା ଦେଇଥିଲେ। ସେଥିମଧ୍ୟରୁ ୨୮୧ଜଣ ଛାତ୍ରୀଛାତ୍ର ପରୀକ୍ଷାରେ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଛନ୍ତି। ଉତ୍ତୀର୍ଣ୍ଣ ହୋଇଥିବା ୨୮୧ ଜଣ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୨୦୦ ଜଣ ଛାତ୍ରୀଛାତ୍ର ପ୍ରଥମ ଶ୍ରେଣୀରେ ପାସ୍ କରିଥିବା ଜଣାପଡିଛି। କଲେଜ ଛାତ୍ର ମନ୍‌ଜିତ୍ ଦାଶ ୫୫୧ ମାର୍କ ରଖି ରାଜ୍ୟର ପ୍ରଥମ ୧୦ଜଣ ଛାତ୍ରଙ୍କ ମଧ୍ୟରୁ ସପ୍ତମ ସ୍ଥାନରେ ରହିଥିବା ବେଳେ ପଶ୍ଚିମ ଓଡ଼ିଶାରେ ଟପ୍ପର ହୋଇଛନ୍ତି। ଏହାସହିତ କଲେଜ ଛାତ୍ର ପ୍ରଭାସ ପ୍ରଧାନ ୫୪୧ ମାର୍କ ରଖି ରାଜ୍ୟସ୍ତରରେ ୧୬ତମ ସ୍ଥାନରେ ରହିଥିବାବେଳେ ପଶ୍ଚିମ ଓଡ଼ିଶାରେ ତୃତୀୟ ସ୍ଥାନରେ ରହିଛନ୍ତି। ଅନ୍ୟତମ ଛାତ୍ର ଚିନ୍ତାମଣି ୫୩୭ ମାର୍କ ରଖି ରାଜ୍ୟସ୍ତରରେ ୨୦ତମ ସ୍ଥାନରେ ରହିଥିବାବେଳେ ପଶ୍ଚିମ ଓଡ଼ିଶାରେ ୬ ନମ୍ବର ସ୍ଥାନରେ ରହିଥିବା କଲେଜ ପକ୍ଷରୁ ସୂଚନା ଦିଆଯାଇଛି। ଗତବର୍ଷ କଲେଜର ଛାତ୍ର ଶିବାନନ୍ଦ କର୍ମୀ ଓ ଆଶୁତୋଷ ପଣ୍ଡା ୯୦ ପ୍ରତିଶତରୁ ଅଧିକ ମାର୍କ ରଖି ପରୀକ୍ଷାରେ ଉର୍ତ୍ତୀର୍ଣ୍ଣ ହୋଇ ଗୌରବ ଆଣି ଦେଇଥିଲେ। ୨୦୧୨ରୁ ଯୁବୋଦୟର ଛାତ୍ରୀଛାତ୍ରମାନେ ପ୍ରତିବର୍ଷ ପ୍ରଥମ ୧୦ ଜଣଙ୍କ ମଧ୍ୟରେ ସ୍ଥାନ ଅଧିକାର କରି ଅଞ୍ଚଳ ପାଇଁ ଗୌରବ ଆଣି ଦେଉଛନ୍ତି। ଏହି ଅବସରରେ ଯୁବୋଦୟ କଲେଜ ନିର୍ଦ୍ଦେଶକ ଅମ୍ବରୀଶ ଦାଶ ସମସ୍ତ କୃତୀ ଛାତ୍ରୀଛାତ୍ରଙ୍କୁ ଅଭିନନ୍ଦନ ଜଣାଇ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

ମହିଳା, ଶିଶୁବିକାଶ ମନ୍ତ୍ରୀଙ୍କୁ ନାଗରିକ ସମ୍ବର୍ଦ୍ଧନା

## 'ମହିଳା, ଶିଶୁଙ୍କ ଉନ୍ନତି ଦିଗରେ ଦୃଷ୍ଟିଦେବି'

**ବଲାଙ୍ଗୀର ଅଫିସ, ୪।୬**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପଞ୍ଚମ ପାଳିରେ ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ବିଭାଗ ମନ୍ତ୍ରୀ ଦାୟିତ୍ୱ ଗ୍ରହଣ କରିଥିବା ଟିଟିଲାଗଡ଼ ବିଧାୟିକା ଟୁକୁନି ସାହୁଙ୍କୁ ମଙ୍ଗଳବାର ସ୍ଥାନୀୟ ସାମ୍ବାଦିକ ଭବନରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ନାଗରିକ ସମ୍ବର୍ଦ୍ଧନା ଦିଆଯାଇଛି। ସମ୍ବର୍ଦ୍ଧନାର ଉତ୍ତରରେ ମନ୍ତ୍ରୀ ସାହୁ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଦେଇ ବଲାଙ୍ଗୀର ଜିଲା ସମେତ ଓଡ଼ିଶାର ସମସ୍ତ ମହିଳା ଓ ଶିଶୁଙ୍କ ଉନ୍ନତି ପାଇଁ କାର୍ଯ୍ୟ କରିବେ ବୋଲି କହିଥିଲେ। ବଲାଙ୍ଗୀର ଜିଲାର ମହିଳାମାନେ ଯେଭଳି ସବୁ କ୍ଷେତ୍ରରେ ଆଗେଇ ପାରିବେ ସେଦିଗରେ ସେ ପ୍ରୟାସ କରିବେ ବୋଲି କହିଥିଲେ।

ଜିଲା ସାମ୍ବାଦିକ ସଂଘ ସଭାପତି ହରିନାରାୟଣ ପୂଜାରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବଲାଙ୍ଗୀର ନାଗରିକ କମିଟି, ଜିଲା କ୍ରୀଡା ସଂସଦ, ମହିଳା କ୍ରିକେଟ ଦଳ, ବରିଷ୍ଠ ନାଗରିକ ସଂଘ, ରାମଜୀ ଯୁବକ ସଂଘ, ସାଇଟ୍ ସ୍ପୋର୍ଟ୍ସ ସୋସାଇଟି, ସାଇଟ ନର୍ସିଂ କଲେଜ, ସିଭିଲ ସୋସାଇଟି ସଂଘ, ମାରୱାଡି ସମାଜ, ବିଙ୍ଗ ହ୍ୟୁମାନ ଫାଉଣ୍ଡେସନ, ଶ୍ରମିକ କର୍ମଚାରୀ ମହାସଂଘ, ଅବସରପ୍ରାପ୍ତ ସୈନିକ କର୍ମଚାରୀ ସଂଘ, ଜିଲା ବଣିକ ସଂଘ, ଘରୋଇ ବସ ମାଲିକ ସଂଘ, ଗୁଜରାତି ସମାଜ, ଗୁଗୁଡିପଡା ଦୁର୍ଗାପୂଜା କମିଟି, ପିକେ ଆସୋସିଏଟ୍‌ସ, ରାଧାରାଣୀ ସାଂସ୍କୃତିକ ଅନୁଷ୍ଠାନ, ରୋଟାରି କ୍ଲବ, ଭୂମିକା ପରିବାର, ରଚନା ଅନୁଷ୍ଠାନ, ବଲାଙ୍ଗୀର ହକି ଆସୋସିଏଶନ, ଓୟୁଜେ ବଲାଙ୍ଗୀର ଶାଖା, ବଲାଙ୍ଗୀର କରାଟେ ସ୍କୁଲ, ବୁଡି ଅଞ୍ଚଳ ଅଗ୍ରଗାମୀ ସଂଘ, ଜିଲା ସାଂସ୍କୃତିକ ପରିଷଦ, କୁବେର ସମାଜ, ରାଜେନ୍ଦ୍ର ଯୁବକ ସଂଘ, ପିଇଟି ସଂଘ, ଦୁଲଦୁଲି କଳାପରିଷଦ, କରଗାଁ କଟା ବଂଚାଓ ଅଭିଯାନ, ଯାଦବ ସମାଜ, ତାରୁଣ୍ୟ ଅନୁଷ୍ଠାନ, ବାପିଷ୍ଟ ଚର୍ଚ୍ଚ, ଅବସରପ୍ରାପ୍ତ କର୍ମଚାରୀ ସଂଘ, ସୁପ୍ରିମଟାକ୍ସ ହସପିଟାଲ, ସିନ୍ଧି ସମାଜ, ନଟରାଜ କଳା ପରିଷଦ, ଆଇସିଡିଏସ ସୁପର ଭାଇଜର ସଂଘ, ପଞ୍ଚମ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି ସମ୍ବର୍ଦ୍ଧନା ସଭାରେ ପ୍ରତିଷ୍ଠାତା ସଦସ୍ୟ ସତ୍ୟନାରାୟଣ ବେହେରା, ବଲାଙ୍ଗୀର ପୌରାଧକ୍ଷା ସନ୍ତୋଷିନୀ ବେହେରା, ଶ୍ରମିକ ନେତା ଲଳିତ କୁମାର ନାୟକ, ସାଇଟ ପ୍ରତିଷ୍ଠାତା ଡ. ଶ୍ରୀକର ମିଶ୍ର, ନାଗରିକ କମିଟି ସମ୍ପାଦକ ବିଷ୍ଣୁ ପ୍ରସାଦ କେଡିଆ, ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ, ଗୁରୁଶ୍ରୀ ଡ. ଘାସିରାମ ମିଶ୍ର,ଡ. ଲଳିତ ସାହୁ ଓ କବି ମୋହନଲାଲ ଅଗ୍ରୱାଲ ବକ୍ତବ୍ୟ ରଖିଥିଲେ। ସଭାକୁ ସତ୍ୟସୁନ୍ଦର ଭଞ୍ଜ ସଂଯୋଜନା କରିଥିଲେ। ମନୋରଞ୍ଜନ ଯୋଷୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସାଧାରଣ ସମ୍ପାଦକ ଶିଶିରକାନ୍ତ ଶତପଥୀ ମଞ୍ଚାସୀନ ଥିଲେ ଓ ଉପସଭାପତି ବଳରାମ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।



ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଟୁକୁନୀ ସାହୁଙ୍କୁ ସାମ୍ବାଦିକ ଭବନ ଠାରେ ସମ୍ବର୍ଦ୍ଧିତ କରାଯାଉଛି।

## ମନ୍ତ୍ରୀ ଟୁକୁନୀଙ୍କୁ ଟିଟିଲାଗଡ଼ରେ ସମ୍ବର୍ଦ୍ଧନା

**ଟିଟିଲାଗଡ଼,୪।୬(ଡି.ଏନ.ଏ)**

ରାଜ୍ୟ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଟୁକୁନୀ ସାହୁଙ୍କୁ ମଙ୍ଗଳବାର ଟିଟିଲାଗଡ଼ରେ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଆତସବାଜି, ଫଗୁ ଖେଳ ସହ ଶତାଧିକ ମହିଳା ଓ ପୁରୁଷ ସହରର ବିଭିନ୍ନ ଛକରେ ଉପସ୍ଥିତ ରହି ମନ୍ତ୍ରୀ ଟୁକୁନୀଙ୍କୁ ସ୍ୱାଗତ ଜଣାଇଥିଲେ। ସହର ଉପକଣ୍ଠ ପିପଲପଦର ଗ୍ରାମରେ ମନ୍ତ୍ରୀ ଟୁକୁନୀ ପହଞ୍ଚିବା ପରେ ଏକ ସୁସଜ୍ଜିତ ଖୋଲା ଜିପରେ ତାଙ୍କ ସହ ପୌରାଧକ୍ଷା ଗୋବର୍ଦ୍ଧନ ନାଗ, ବ୍ଲକ ଅଧକ୍ଷା ରମାକାନ୍ତି ପଟେଲ ପ୍ରମୁଖଙ୍କ ସହ ଶତାଧିକ ଦଳୀୟ କର୍ମକର୍ତ୍ତା ସହର ପରିକ୍ରମା କରିଥିଲେ। ସ୍ୱାଧୀନପଡ଼ାସ୍ଥିତ ଗୋପବନ୍ଧୁ ପାର୍କଠାରେ ମନ୍ତ୍ରୀ ଟୁକୁନୀ ଉତ୍କଳମଣୀ ଗୋପବନ୍ଧୁ ଦାସ ଏବଂ ଦିବଂଗତ ରାଜ୍ୟ ଯୁବ ବିଜେଡି ସମ୍ପାଦକ ଅଭିମନ୍ୟୁ ସାହୁଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପରେ ହନୁମାନ ବ୍ୟାୟମ ଶାଳା ପରିସରରେ ଥିବା ଅଭିମନ୍ୟୁଙ୍କ ପ୍ରତିମୂର୍ତ୍ତିରେ ମନ୍ତ୍ରୀ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ମନ୍ତ୍ରୀଙ୍କ ଏହି ପଟୁଆରରେ ରାଜ୍ୟ ପରିଷଦ ସଦସ୍ୟ ପ୍ରମୋଦ ପ୍ରଧାନ, ବରିଷ୍ଠ ନେତା ପ୍ରେମ ଜୈନ, ଉପଖଣ୍ଡ ଯାଦବ ମହାସଭା ସଭାପତି ଘିନୁ ଆଡ଼ୟୁଆଡ, ବ୍ୟବସାୟୀ ସଂଘ ସଭାପତି ତ୍ରିନାଥ ସରାଫ, ଦିଲୀପ ବାଗ, ବୁଲୁ ସେଠ, ଗୁଟୁ ବାଗ, କାଉନସିଲର ସୁନିଲ ସାହୁଙ୍କ ସହ ବହୁ ନେତା ଉପସ୍ଥିତ ଥିଲେ।

